ଡିସେମ୍ବର ୨୦୨୩ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in





★★HIGHLAND★★
A Highland Group Entity
A state of the art shrimp processing plant
Our Certifications :
SGS
FSSC 22000
BRCGS Food Safety
Best Aquaculture Practices
Follow us on :
/ highlandagro
Product Profile
Headless (HL)
PUD
PD
Karikadi
Easy Peel
PDTO
/highlandagro
HIGHLAND AGRO FOOD PVT. LTD.
Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com
Website : www.highlandgroups.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଷଷ୍ଠ ବର୍ଷ : ୨ୟ ସଂଖ୍ୟା, ଡିସେମ୍ବର ୨୦୨୩ ■ Vol-6, Issue : 02, December 2023



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ

**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ଣ୍ଣ
- ଚିତ୍ରକଳା : ସୁସ୍ମିତା ମିଶ୍ର, ସଞ୍ଜୟ ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**

Rebatee Media House Pvt. Ltd.
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**

Editor : Rebati Ama Matira Swara
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/-**

■ ବାର୍ଷିକ : ୭୯୦ ଟଙ୍କା ମାତ୍ର ■ Annual : **INR 790/-**

ସୂ ଚୀ ପ ତ୍ର

। ଷଷ୍ଠ ବର୍ଷ । ୨ୟ ସଂଖ୍ୟା । ଡିସେମ୍ବର ୨୦୨୩ ।

# ରେବତୀ
ଆମ ମାଟିର ସ୍ୱର

୪
ସମ୍ପାଦକୀୟ : ପାରିବାରିକ ଦାୟିତ୍ୱବୋଧ : ସୁବାସିନୀ ଜେନା

୯ ଭ୍ରମଣକାହାଣୀ : ମନୋରମ ....: କିରଣ ମିଶ୍ର
୧୮ ମାନନୀୟେଷୁ : ବିବିଧତାର ନାଁ...: ରବି ପଣ୍ଡା
୨୮ ସଂସ୍ମରଣ : ଆବେଗମୟ ...: ପ୍ରଫେସର ମଣୀନ୍ଦ୍ର କୁମାର ମେହେର
୩୧ ଖାଦ୍ୟ-ସଂସ୍କୃତି : କଥା କହେ କେକ୍ : ଦେବଯାନୀ ରାୟ
୩୬ ପର୍ଯ୍ୟଟନ : ମେଘବର୍ଣ୍ଣା ମାଲ୍ୟବନ୍ତ: ବଳରାମ ପୂଜାରୀ
୪୩ ଭଲ ବହି : ଜୀବନାଦର୍ଶନର ...: ଅଭୟ ଦ୍ୱିବେଦୀ




୫୨ ଆଇନକାନୁନ୍ : ସ୍ନିଗ୍ଧା ତ୍ରିପାଠୀ
୫୪ ଦ୍ୱି-ପ୍ରଚ୍ଛଦ : ଖୁସୀ ନନ୍ଦ

**ଧାରାବାହିକ କାବ୍ୟ**

୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

**ସମକାଳ କବିତା**

୫୭ : ଗୋଦାବରୀଶ ମିଶ୍ର
: ବଂଶୀଧର ଚୌଧୁରୀ
୫୮ : ଚକ୍ରପାଣି ପରିଚ୍ଛା
: ଡକ୍ଟର ଶ୍ରୀହରି ଧଳ
୫୯ : ଗଂଗାଧର ବିଶ୍ୱାଳ
୬୦ : ନର୍ମଦା ନୀଳୋତ୍ପଳା
୬୧ : ମୁକୁଳ ମିଶ୍ର



## ସମ୍ପାଦକୀୟାଂଶ...

xxx ଆଜିକାଲିର ବ୍ୟସ୍ତବହୁଳ ସମାଜରେ ସମସ୍ତେ ଯେ'ଝା କାର୍ଯ୍ୟରେ ବ୍ୟସ୍ତ ଥାଇ ପରିବାରର ଏ ଦାୟିତ୍ୱବୋଧ ଠାରୁ କ୍ରମଶଃ ଦୂରକୁ ଦୂରକୁ ଚାଲି ଯାଉଥିବାରୁ, ଆମେ ଦେଖୁଛୁ ହରେକ୍ ପରିବାରରେ ଅଶାନ୍ତି ଓ ବିଶୃଙ୍ଖଳା । ଏହାର ମୂଳକୁ ଆମେ ନଯାଇ ଅନେକ ସମୟରେ ପୂଜାପାଠ, ଗୁଣିଗାରେଡ଼ି ବା ବାସ୍ତୁଶାସ୍ତ୍ରର ସାହାଯ୍ୟ ନେଉ । କିନ୍ତୁ ଯେତେ ଯାହା କଲେ, ଆପଣ ଯଦି ନିଜ ପରିବାରର ସଦସ୍ୟସଦସ୍ୟାଙ୍କ ସହିତ ସମୟ ବିତାଉ ନାହାନ୍ତି, ତେବେ ପାରିବାରିକ ସୁଖଶାନ୍ତି କଥା ଭୁଲିଯିବା ଭଲ । କାରଣ ପରିବାର ଏମିତି ଏକ ସ୍ଥାନ, ଯାହା ଈଶ୍ୱରଙ୍କ ନିର୍ବାଚିତ ଏକ ଦାୟିତ୍ୱ । ଆପଣଙ୍କୁ ଈଶ୍ୱର ଏହି ଦାୟିତ୍ୱ ସମର୍ପିତ କରିଛନ୍ତି କି, ଆପଣ ଶୃଙ୍ଖଳିତ ଧାରାରେ ପରିବାର ଗଠନ କରି ସମାଜର ମଙ୍ଗଳ ଦିଗରେ ଆଗେଇ ଯିବେ । ମାତ୍ର ଆମେ ଅନେକ ସମୟରେ ସ୍ୱାର୍ଥାନ୍ଧ ହୋଇ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱକୁ ପାଶୋରି ଯାଉ ।

ସୁବାସିନୀ ଜେନା













**ନିୟମିତ ବିଭାଗ**

ରୋଷେଇଶାଳ:
୧୦୩ : ସୁସ୍ମିତା ମିଶ୍ର
୧୦୪ : ରିଷିକା ରୁଚିରମ୍ୟା



୧୦୬ : ଶେଷପୃଷ୍ଠା : ସୃଜନଶୀଳତାର ଉତ୍ତରଦାୟିତ୍ୱ
କୃଷ୍ଣ କୁମାର ମହାନ୍ତି

୬୨ : ସୁଶୀଲ କୁମାର ପାଣିଗ୍ରାହୀ
: ଡକ୍ଟର ଦେବାଶିଷ ପାତ୍ର
୬୩ : ତପନ ମାଝୀ
୬୪ : ବିଜୟ ମହାପାତ୍ର
: ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ
୬୫ : ବିଜୟ କୁମାର ଜେନା
୬୬ : ଐଶ୍ୱର୍ଯ୍ୟା ପ୍ରଧାନ
୬୭ : ପତିତପାବନ ପାଣି
: ବୈକୁଣ୍ଠନାଥ ସାହୁ
୬୮ : ବିଚିତ୍ରା ଦାଶ
୬୯ କଥା-କାହାଣୀ-୧ : ପ୍ରଶାନ୍ତ ନନ୍ଦ
୮୦ କଥା-କାହାଣୀ-୨ : ଚିରଶ୍ରୀ ଇନ୍ଦ୍ରସିଂ
୮୬ କଥା-କାହାଣୀ-୩ : ଚନ୍ଦନ କୁମାର ଷଡ଼ଙ୍ଗୀ
୮୯ ପୁଷ୍ପବିତାନ : ଶ୍ୱେତା ରାଉତ
୯୪ ଧାରାବାହିକ ଆତ୍ମଜୀବନୀ : ଜୟନ୍ତୀ ରଥ
୯୮ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ
୧୦୧ ସୌନ୍ଦର୍ଯ୍ୟ-ଚର୍ଚ୍ଚା : ଡକ୍ଟର ପ୍ରୀତିପଦ୍ମା ପଣ୍ଡା




ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ଶଶ୍ମିତା ନାୟକ**, ମଡ଼େଲ
ଉଚ୍ଚତା : **୫ ଫୁଟ୍ ୪ ଇଞ୍ଚ୍**
ବୃତ୍ତି : **ଉଦ୍ୟୋଗୀତା**
ରୁଚି : **ନାଚ, ଅଭିନୟ ଓ ବକ୍ତୃତା**
ଶିକ୍ଷା : **ଶିକ୍ଷାରେ ସ୍ନାତକୋତ୍ତର**
ପ୍ରଚ୍ଛଦ ଫଟୋଗ୍ରାଫି : **ଅନନ୍ୟା ମିଶ୍ର**, ସୋସିଓଫ୍ରିକ୍ସ, ଭୁବନେଶ୍ୱର
ମେକ୍‌ଅପ୍ : **ସୋନୁ ମେକ୍‌ଅପ୍**, ଭୁବନେଶ୍ୱର
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କମ୍ପ**, ସୋନପୁର
ଫଟୋଶୁଟ୍ ସ୍ଥାନ : **ଖଣ୍ଡଗିରି, ଭୁବନେଶ୍ୱର**

**ମଲାଟ କଥା :** ମାଣବସା ଗୁରୁବାର ଓଷା ଓଡ଼ିଶାର ଏକ କୃଷିଭିତ୍ତିକ ପର୍ବ । ଏହି ପର୍ବରେ ମହାଲକ୍ଷ୍ମୀଙ୍କୁ ଗୃହରେ ଧନଧାନ୍ୟ ବୃଦ୍ଧି ନିମନ୍ତେ ପୂଜା କରାଯାଏ । ମାର୍ଗଶିର ମାସରେ ଓଡ଼ିଆ ନାରୀମାନେ ଏହି ଓଷା ପାଳନ କରିଥାନ୍ତି । ମାଣବସା ଓଷାକୁ ଲକ୍ଷ୍ମୀପୂଜା ମଧ୍ୟ କୁହାଯାଏ । ଏହି ସମୟରେ ଧନଧାନ୍ୟ, ବାତ୍ସଲ୍ୟ ଓ ଦୟାକ୍ଷମାର ପ୍ରତିମୂର୍ତ୍ତି ରୂପେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇ ଘରର ଶ୍ରୀ, ସମୃଦ୍ଧି, ପରିଷ୍କାର-ପରିଚ୍ଛନ୍ନତା ଆଦି ପ୍ରତି ଦୃଷ୍ଟି ଦିଆଯାଇଥାଏ । ମାର୍ଗଶିର ମାସରେ ପୂଜାଘରେ ଧାନ ମେଣ୍ଢା ବା 'ଧାନବେଣୀ'ରେ ସଜା ଯାଇଥାଏ । ଧାନକେଣ୍ଡାକୁ ଗୁନ୍ଥି ଏହି ମେଣ୍ଢା ବା ବେଣୀ ତିଆରି ହୁଏ । ମାଣବସାର ସେଇ ପାରମ୍ପରିକ ପ୍ରତୀକ ହିଁ ଏ ମାସର ପ୍ରଚ୍ଛଦ ।

# ପାରିବାରିକ ଦାୟିତ୍ୱବୋଧ

ଆମେ ସମସ୍ତେ ପ୍ରାୟ ଏକାନ୍ତ ଭାବେ ଚାହୁଁ ଯେ, ଆମ ପରିବାରରେ ସୁଖ ଶାନ୍ତି ବିରାଜମାନ କରୁ । ପରିବାରର ସମସ୍ତେ ଆନନ୍ଦ ଓ ଖୁସିରେ କାଳାତିପାତ କରନ୍ତୁ । ଏଭଳି ଇଚ୍ଛା କେଉଁ ଜଣେ ବି ପାରିବାରିକ ବ୍ୟକ୍ତି ଇଚ୍ଛା କରେନାହିଁ- ଏପରି ଦେଖା ଯାଏନା । ସଭିଙ୍କ ଭିତରେ ପ୍ରାର୍ଥନା ଥାଏ: ମୋ ପରିବାରରେ ସୁଖ-ସମୃଦ୍ଧି ବଜାୟ ରହୁ ।

ତେବେ ପରିବାର ପରିଚାଳନା ହେଉଛି ଗୋଟିଏ ଜଟିଳ ଗଣିତ । ଏହାର ସଠିକ୍ ସମୀକରଣ କରି ନପାରିଲେ, ଫଳାଫଳ ଜଣକୁ ନିରାଶାର ଚରମ ସ୍ତରକୁ ନେଇଯିବା ବିଚିତ୍ର ନୁହେଁ । ଆମେ ସମସ୍ତେ କହୁ ଆମେ ଈଶ୍ୱରଙ୍କ ସନ୍ତାନ । ସତ କଥା । ତାଙ୍କରି ସର୍ଜନା ଆମେ । ସୁତରାଂ ଆମେ ଯେଉଁ ସାମାଜିକ ସହବନ୍ଧନରେ ଭାଗୀଦାର ହୋଇ ପାରିବାରିକ ଉତ୍ତରଦାୟିତ୍ୱଟିକୁ ବହନ କରୁ ତାକୁ ସୁଚାରୁରୂପେ ପାଳନ କରିବା ଏକାନ୍ତ ଅପରିହାର୍ଯ୍ୟ । ଆମେ ଯେହେତୁ ଈଶ୍ୱରଙ୍କ ସନ୍ତାନ, ତେଣୁ ଆମର ହରେକ୍ ଇଚ୍ଛାରେ ମଧ୍ୟ ଈଶ୍ୱରଙ୍କ ସହମତି ଥାଏ । ଯେଉଁଠାରେ ନଥାଏ, ତାହା ଫଳେ ନାହିଁ । ଆମେ ଯଦି ଆମ ପରିବାରର ସୁଖ ସମୃଦ୍ଧି ପାଇଁ ଅଭିଳାଷୀ, ତେବେ ଜାଣିଯିବା ଦରକାର ଯେ, ଈଶ୍ୱର ମଧ୍ୟ ଚାହାନ୍ତି ଆମ ପରିବାରରେ ସୁଖଶାନ୍ତି ରହୁ ।

ଏମିତିରେ ପତିପତ୍ନୀ ଏବଂ ସେମାନଙ୍କ ସନ୍ତାନସନ୍ତତିଙ୍କୁ ନେଇ ଗୋଟିଏ ପରିବାର ଗଢ଼ା ହୁଏ । ଏଇ ପରିବାରର ମୁଖ୍ୟ ହୋଇଥାନ୍ତି ପତି । ତେଣୁ ପତି ବା ଗୃହସ୍ୱାମୀଙ୍କ ଉପରେ ସମଗ୍ର ପରିବାରର ଦାୟ-ଦାୟିତ୍ୱ ଥାଏ ସତ୍ୟ, କିନ୍ତୁ ସମସ୍ତ ସଦସ୍ୟସଦସ୍ୟାଙ୍କ ଏକାନ୍ନବର୍ତ୍ତିତା ହିଁ ମୂଳ ଆଧାର- ଏକ ହସଖୁସି ପରିବାରର । ଗୃହସ୍ୱାମୀ ନିଜ ପତ୍ନୀ ଓ ପିଲାମାନଙ୍କ କଥା ବୁଝିବା ସହିତ ସେମାନଙ୍କ ପାଇଁ ଯତ୍ନଶୀଳ ହେବା ଓ ସମୟ ଦେବା ଅତ୍ୟନ୍ତ ଜରୁରୀ । ଗୃହସ୍ୱାମୀ କଦାଚିତ ମନେ ମନେ ଅଧୀଶ୍ୱର ଭାବିନେବା ଭୁଲ ଯେ, ସେ ଯାହା ଇଚ୍ଛା କରିବ, ତାହା କରିବ ! ନିଜ ପତ୍ନୀଙ୍କୁ ଅଧୀନ କରି ରଖିବ । ତାକୁ ଖରାପ ବ୍ୟବହାର କରିବ । ଶୋଷଣ କରିବ । ଅମର୍ଯ୍ୟାଦା କରିବ । ଏପରିକି ପ୍ରତ୍ୟେକଟି ମାମଲାରେ ଗୃହସ୍ୱାମୀ ଅଧିକାର ସାବ୍ୟସ୍ତ କରିବ । ସବୁଥିରେ ସ୍ୱାମୀତ୍ୱର ଦ୍ୱାହି ଦେବା ପାରିବାରିକ ଅଙ୍କ-କଷାରେ ଭୁଲ୍ ପ୍ରମାଣିତ ହୁଏ, ଏହା ମନେ ରଖିବା ଉଚିତ ।

ବରଂ ସେ ନିଜ ପତ୍ନୀଙ୍କୁ, ଯାହାଙ୍କୁ ଆମେ ଗୃହଲକ୍ଷ୍ମୀ ମଧ୍ୟ କହିଥାଉଁ, ଆଦର ଯତ୍ନ କରିବା ସହିତ ତାଙ୍କର ସମସ୍ତ ସୁବିଧା ଅସୁବିଧାରେ ସହଯୋଗ କରିବା ଆବଶ୍ୟକ । ଯଦି ପତ୍ନୀ କୌଣସି କାରଣରୁ ଦୁଃଖୀ ଥାଏ, ତେବେ ତାର ଅନ୍ତରର କଥା ବୁଝିବାକୁ ଚେଷ୍ଟା କରିବା ସହିତ ତାକୁ ଯଥାଶୀଘ୍ର ଖୁସି ପ୍ରଦାନ କରିବା ଗୃହସ୍ୱାମୀର କର୍ତ୍ତବ୍ୟ ହେବା ଉଚିତ । ପତ୍ନୀଙ୍କୁ ସବୁକଥା କହିବା ସହିତ ପତ୍ନୀଙ୍କ ଠାରୁ କୌଣସି କଥା ଲୁଚାଇ ରଖିବା ଅନୁଚିତ । ପତ୍ନୀଙ୍କର ସବୁକଥା ଧ୍ୟାନର ସହ ଶୁଣିବା ଏବଂ ତଦନୁସାରେ କାର୍ଯ୍ୟ କରିବା ଉଚିତ । କାରଣ ପରିବାରର ଦୁଇ ଅବିଚ୍ଛେଦ ଅଙ୍ଗ ହେଉଛନ୍ତି ପିତାମାତା ବା ସ୍ୱାମୀସ୍ତ୍ରୀ । ଏମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ଓ ଭଲପାଇବା ସବୁବେଳେ ସଠିକ୍ ଭାଗମାପରେ ରହିବା ଏକାନ୍ତ ଆବଶ୍ୟକ ।

ତା'ପରକୁ ଆସିବ, ପିଲାମାନଙ୍କ କଥା । ସେମାନଙ୍କୁ ମଧ୍ୟ ପିତାମାତା ଯଥେଷ୍ଟ ସମୟ ଦେବାର ଆବଶ୍ୟକତା ରହିଛି । ନିଜର ଯେତେ ବି କର୍ମବ୍ୟସ୍ତତା ଥାଉ ନା କାହିଁକି, ସେମାନଙ୍କ ପାଇଁ ସମୟ ବାହାର କରିବା ଏବଂ ସେମାନଙ୍କ ଯଥାସମ୍ଭବ ସମୟ ଦେବା ପ୍ରତ୍ୟେକ ବାପାମାଆଙ୍କର ପ୍ରଥମ ଦାୟିତ୍ୱ । ଏହା ନକଲେ ସେମାନେ ଏକ ପ୍ରକାର ବିଷାଦରେ ଘାଣ୍ଟିହେବା ସହ, ନିଜକୁ ଉପେକ୍ଷିତ ବା ଆପାଙ୍କ୍ତେୟ ମନେ କରିବେ । ଏପରି ଭାବନା ସେମାନଙ୍କ ମନକୁ ଆସିବା ପୂର୍ବରୁ ବାପାମାଆ ସେମାନଙ୍କର ଦାୟିତ୍ୱ ପ୍ରତି ସଚେତନ ରହିବା ଜରୁରୀ ।

ଆଜିକାଲିର ବ୍ୟସ୍ତବହୁଳ ସମାଜରେ ସମସ୍ତେ ଯେ'ଝା କାର୍ଯ୍ୟରେ ବ୍ୟସ୍ତ ଥାଇ ପରିବାରର ଏ ଦାୟିତ୍ୱବୋଧ ଠାରୁ କ୍ରମଶଃ ଦୂରକୁ ଦୂରକୁ ଚାଲି ଯାଉଥିବାରୁ, ଆମେ ଦେଖୁଛୁ ହରେକ୍ ପରିବାରରେ ଅଶାନ୍ତି ଓ ବିଶୃଙ୍ଖଳା । ଏହାର ମୂଳକୁ ଆମେ ନଯାଇ ଅନେକ ସମୟରେ ପୂଜାପାଠ, ଗୁଣିଗାରେଡ଼ି ବା ବାସ୍ତୁଶାସ୍ତ୍ରର ସାହାଯ୍ୟ ନେଉ । କିନ୍ତୁ ଯେତେ ଯାହା କଲେ, ଆପଣ ଯଦି ନିଜ ପରିବାରର ସଦସ୍ୟସଦସ୍ୟାଙ୍କ ସହିତ ସମୟ ବିତାଉ ନାହାନ୍ତି, ତେବେ ପାରିବାରିକ ସୁଖଶାନ୍ତି କଥା ଭୁଲିଯିବା ଭଲ । କାରଣ  ପରିବାର ଏମିତି ଏକ ସ୍ଥାନ, ଯାହା  ଈଶ୍ୱରଙ୍କ ନିର୍ବାଚିତ ଏକ ଦାୟିତ୍ୱ । ଆପଣଙ୍କୁ ଈଶ୍ୱର ଏହି ଦାୟିତ୍ୱ ସମର୍ପିତ କରିଛନ୍ତି କି, ଆପଣ ଶୃଙ୍ଖଳିତ ଧାରାରେ ପରିବାର ଗଠନ କରି ସମାଜର ମଙ୍ଗଳ ଦିଗରେ ଆଗେଇ ଯିବେ । ମାତ୍ର ଆମେ ଅନେକ ସମୟରେ ସ୍ୱାର୍ଥାନ୍ଧ ହୋଇ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱକୁ ପାଶୋରି ଯାଉ ।

କୁହାଯାଏ, ଘରେ ଲକ୍ଷ୍ମୀ ମାତାଙ୍କର ପୂଜାପାଠ କଲେ ପରିବାର ସୁଖସମୃଦ୍ଧି ଓ ଧନଧାନ୍ୟରେ ପରିପୂର୍ଣ୍ଣ ରହେ ।  ହୁଏତ ଏହା ଆମର ଏକ ବିଶ୍ୱାସ । କିନ୍ତୁ ଏଥି ସହିତ ପାରିବାରିକ ଦାୟିତ୍ୱବୋଧଟିକୁ ମଧ୍ୟ ଯଥାରୀତି ମାନିବାକୁ ପଡ଼ିବ । ଆପଣ କେବଳ ଘରେ ଲକ୍ଷ୍ମୀମାତାଙ୍କୁ ଆଣି ପୂଜା କରିବେ ଆଉ ପାରିବାରିକ ନୀତିନିୟମ କିଛି ମାନିବେ ନାହିଁ- ଏପରି କଲେ କେବେହେଲେ ସୁଖସମୃଦ୍ଧି ଦୂରର କଥା, ଆପଣ ଶାନ୍ତିରେ ସୁଦ୍ଧା ରହି ପାରିବେ ନାହିଁ ।

ସୁତରାଂ ପରିବାରର ଦାୟିତ୍ୱବୋଧ ଆମ ପାଇଁ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ମୀପୁରାଣ । ଏହାକୁ ଅନବରତ ଜପିବା ସହିତ ପରିବାରର ସମସ୍ତଙ୍କୁ ଭଲ ପାଇ, ଆଦର କରି, ସମୟ ଦେଇ ଚଳିବାକୁ ଚେଷ୍ଟା କଲେ ଆପଣ ଜଣେ ସୁଖୀ ପରିବାରର ଅଧିକାରୀ ହେବେ- ଏଥିରେ ଅତ୍ୟୁକ୍ତି ନାହିଁ ।

ସମସ୍ତଙ୍କୁ ମାଣବସା ଗୁରୁବାରର ଶୁଭକାମନା ଜଣାଇବା ସହିତ ପାରିବାରିକ ସୁଖସମୃଦ୍ଧି ଆଶା କରୁଛି ।

**ସମ୍ପାଦିକା**






## ସୁନ୍ଦର ପାରିବାରିକ ପତ୍ରିକା:ସବୁ ଗୁଣରେ ଭରା

● ଅକ୍ଟୋବର ମାସର 'ରେବତୀ' ଆମ ମାଟିର ସ୍ୱର ଛୁଇଁଗଲା ଓ ଛାଇଗଲା । ଏଥର ମୁଖ୍ୟ ପ୍ରସଙ୍ଗ ଥିଲା ମାତୃଶକ୍ତି । ଓଡ଼ିଶାର ଭିନ୍ନ ଭିନ୍ନ ଜିଲ୍ଲାର ମାତୃପୀଠ ବିଷୟରେ ବହୁତ କଥା ଜାଣିହେଲା । ତରୁଣକାନ୍ତି ମିଶ୍ରଙ୍କ ଗଳ୍ପ 'ନଦେଖିଥିବା ଦିନ' ବିହ୍ୱଳ କଲା । ବିଜୟ ନାୟକଙ୍କ ଗଳ୍ପ 'ମନ୍ତ୍ରଣା' ସାଂପ୍ରତିକ ରାଜନୀତି ଓ ଜଣେ କିଶୋରୀର ମାନସିକତାକୁ ଉଜାଗର କରିବା ସହିତ, ଶେଷ ଧାଡ଼ିରେ ଚମକେଇ ଦେବା ଭଳି ଶକ୍ତି ରଖିଛି । ପ୍ରଜ୍ଞାଶ୍ରୀ ରଥଙ୍କ ଗଳ୍ପ 'ପେରିୟାର୍' ବି ବେଶ୍ ଛୁଇଁଲା । ଏତଦ୍ ବ୍ୟତୀତ କବିତା, ଚଳଚ୍ଚିତ୍ର ସମୀକ୍ଷା ଆଦି ସବୁ ବିଭାଗକୁ ନେଇ ଏକ ସୁନ୍ଦର ପାରିବାରିକ ପତ୍ରିକାର ସବୁ ଗୁଣ ଖୁବ୍ ଦୃଢ଼ତାର ସହିତ ବହନ କରୁଛି 'ରେବତୀ' । ମୋ ପାଇଁ 'ରେବତୀ'ରେ ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କର 'ଶେଷପୃଷ୍ଠା' । ଏଥର ସେ ଦେଖେଇଛନ୍ତି ସୃଜନଶୀଳତାର ଶକ୍ତି । 'ରେବତୀ' ଏହିପରି ସୃଜନଶୀଳତା ବଢ଼େଇ ଚାଲିଥାଉ ।

**ବିଚିତ୍ର ବିଶ୍ୱାଳ,**
ଭୁବନେଶ୍ୱର

## 'ଚାଷବାସ'ର ଆଲୋଚନା ଅଭୂତପୂର୍ବ

● ଆଜ୍ଞା ନମସ୍କାର । 'ରେବତୀ' ଅଗଷ୍ଟ ସଂଖ୍ୟାଟି ଆଜି ପାଇଲି । ବ୍ୟସ୍ତତା ହେତୁ ପରେ ପଢ଼ିବି ବୋଲି କେବଳ ପୃଷ୍ଠାଗୁଡ଼ିକ ଓଲଟେଇ ଚାଲୁଥିବା ବେଳେ ନଜର ପଡ଼ିଲା 'ସ୍ୱାଧୀନତା ପରର ଅର୍ଦ୍ଧିତ ଭାରତ: ଚାଷବାସ' ଶୀର୍ଷକ ଆଲେଖ୍ୟ ଉପରେ । ସତରେ, କ'ଣ ନହେଇଛି ଏ ଲେଖା !! ମୁଁ ଏକା ନିଃଶ୍ୱାସକେ ପଢ଼ିଗଲି ଓ ପଢ଼ି ସାରିବା ପରେ ବସି ଅଧଘଣ୍ଟାଏ ହେଲା ଭାବୁଛି ଯେ ଗୋଟେ କବିତା ବହି ଉପରେ ଆଲୋଚନା ବି ଜାତିର ଐତିହାସିକ ଦଲିଲ୍ ହୋଇପାରେ !!

କୃଷି ସଂସ୍କୃତିର ଅଭ୍ୟୁଦୟ, ଆମ ଶାସନବ୍ୟବସ୍ଥା, ଅର୍ଥନୀତି, ପୁଞ୍ଜିବାଦ, ରାଜନୀତି, ସାଧାରଣ ମଣିଷର ଯାତନାପୂର୍ଣ୍ଣ ଜୀବନଗାଥା ଇତ୍ୟାଦିର ଅବତାରଣା ଏତେ ପ୍ରାଞ୍ଜଳ ଓ ନିଚ୍ଛକ ଭାବେ କରାଯାଇପାରେ ଭାବିନଥିଲି । ଧନ୍ୟ 'ଚାଷବାସ'ର କବି ଶ୍ରୀଦେବ, ଧନ୍ୟ ଆଲୋଚକ ପ୍ରଫେସର ନଟବର ଶତପଥୀ ଓ ଧନ୍ୟ ଆମ ମାଟିର ସ୍ୱର 'ରେବତୀ' ପରିବାର । ସତରେ, କୃତକୃତ୍ୟ ହେଲି । ଏବେ ପରବର୍ତ୍ତୀ ପୃଷ୍ଠା ଆଡ଼କୁ ଯିବାର ବେଳ... ।

**ଡକ୍ଟର ବିଶ୍ୱରଂଜନ ଦାସ,**
ଭଦ୍ରକ

## 'ରେବତୀ'ର ମୁଖ୍ୟ ଉପାଦାନ ହେଉଛି ଗୁଣବତ୍ତା

● **ରେବତୀ:** ପ୍ରତ୍ୟେକଟି ଓଡ଼ିଆ ଏ ଶବ୍ଦ ସହ ପରିଚିତ, ହୁଏତ ସୁବାସିନୀ ମାଡ଼ାମ୍ ବାଲେଶ୍ୱର ମାଟିରୁ ପତ୍ରିକାଟିକୁ ପ୍ରକାଶ କରୁଥିବାରୁ ଫକୀରମୋହନଙ୍କ 'ରେବତୀ' ଗଳ୍ପ ଅନୁସାରେ ପତ୍ରିକାର ନାମକରଣ କରିଛନ୍ତି । ଆଉ ବିଡ଼ମ୍ବନାର କଥା ହେଲା ମୁଁ ବହୁତ ପରେ ଜାଣିଲି କୃଷ୍ଣ କୁମାର ମହାନ୍ତି ସାର୍ ଏହାର ସମ୍ପାଦନା ଭାର ତୁଲାଉଛନ୍ତି । ମଜାର କଥା କୃଷ୍ଣ ସାର୍‌ଙ୍କୁ ପରେ ଚିହ୍ନିଲି କିନ୍ତୁ 'ରେବତୀ' ପତ୍ରିକାକୁ ଆଗରୁ ଜାଣିଥିଲି । ଏ ବିଡ଼ମ୍ବନା ହୁଏତ ଏଇଥିପାଇଁ ଯେ କୃଷ୍ଣ ସାର୍ ରେବତୀ ପତ୍ରିକାର ଗୁଣବତ୍ତାକୁ ସବୁବେଳେ ପ୍ରାଧାନ୍ୟ ଦେଇ ଆସିଛନ୍ତି । ଅନେକ ଥର ଭାବିଚି 'ରେବତୀ' ପାଇଁ ମତାମତ ଦେବି କିନ୍ତୁ ଦେଇ ପାରିନି । ଏଥର ନିଜକୁ ଆଉ ଅଟକେଇ ପାରିଲିନି । କାରଣ ଏଥର 'ରେବତୀ'ରେ ପ୍ରଚ୍ଛଦପଟରେ ସ୍ଥାନ ପାଇଥିବା ଆୟେଶା ହେଉଛନ୍ତି ମୋର ଏକ କାହାଣୀ ଉପରେ ହେଇଥିବା କ୍ଷୁଦ୍ର ସିନେମା 'ଶେଫାଳୀ'ର ନାୟିକା । ଏବେ ଭିତରକୁ ଯିବା । କବି ସ୍ୱାଗତିକା ମିଶ୍ରଙ୍କ 'ଡ଼ର' କବିତା ଖୁବ୍ ଛୁଇଁଲା ମୋତେ । ଚିତ୍ତ ରଞ୍ଜନ ନାୟକ ସାର୍‌ଙ୍କ କବିତାକୁ କେବେ ଆଡେଇ ଦେଇ ଆଗକୁ ଯାଇ ହୁଏନି, 'ଗାଁ ତୋଳା' କବିତାରେ ପୁରା ଗାଁକୁ ଆଖି ଆଗରେ ଆଣି ଗୋଟାପଣେ ଥୋଇ ଦେଇଛନ୍ତି ସାର୍ । ରବି ଶତପଥୀ ସାର୍‌ଙ୍କ 'ଫେରିଗଲା ବେଳେ' କବିତା ପଢ଼ି ଜୀବନକୁ ଓଦା ସର ସର ଲୁହରେ ବଞ୍ଚିବାର କୌଶଳ ବି ଶିଖିଲି । ଅରୁଣ କୁମାର ତ୍ରିପାଠୀଙ୍କ 'ରାୟଗଡ଼ାର ରାହା'ରୁ ମାଆ ମଝିଘରିଆଣିଙ୍କ ବିଷୟରେ ପଢ଼ିଲା ବେଳେ ମୋ ଆଖି ଆଗରେ ନାଚି ଯାଉଥିଲା ମୋର ଶୈଶବ ଯାହା ମୁଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଛାଡ଼ି ଆସିଛି ଗୋଟାଏ ଯୁଗ ତଳୁ । 'ରେବତୀ' ଏମିତି ଆମ ସାହିତ୍ୟକୁ, ଆମ ପରମ୍ପରାକୁ ଯାବୁଡ଼ି ଧରିଥାଉ । ଆମ ପର ପିଢ଼ିକୁ 'ରେବତୀ' ଏକ ନୂତନ ଗାଥା ଦେଉ । ପାଠକ ହିସାବରେ ମୁଁ କୃଷ୍ଣ ସାର୍‌ଙ୍କ ଆଉ 'ରେବତୀ'ର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

**ପତିତପାବନ ପାଣି**
ପ୍ରାଚୀନଗର ,ଭଦ୍ରକ

## ଲେଖିକା ଲକ୍ଷ୍ମୀପ୍ରିୟା ଓଝାଙ୍କ ପ୍ରତ୍ୟେକଟି ଫିଚର୍ ବେଶ୍ ପ୍ରଭାବୀ ଓ ତଥ୍ୟପୂର୍ଣ୍ଣ

● ସଂପାଦିକା ମହୋଦୟା, ସାରସ୍ୱତ ଶୁଭେଚ୍ଛା । 'ମାତା ତନୋଟ୍' ପ୍ରସଂଗଟି ପଢ଼ି ସାରିବା ପରେ ଲେଖିକା ଲକ୍ଷ୍ମୀପ୍ରିୟା ଓଝାଙ୍କୁ ମୋର ସାରସ୍ୱତ ଅଭିନନ୍ଦନ ନଜଣାଇ ରହି ପାରୁ ନାହିଁ ! ବୋଧହୁଏ 'ବର୍ଡର' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା ଏହି ଧବଳ କଳେବର ଶୋଭିତ ମନ୍ଦିରଟି ! କିନ୍ତୁ ଏହାର ଅଧିଷ୍ଠାତ୍ରୀ ଦେବୀ ତନୋଟ୍ ମାତା ବୋଲି ଜଣା ନଥିଲା ମୋତେ ! ଲକ୍ଷ୍ମୀପ୍ରିୟାଙ୍କୁ ବିଶେଷ ଧନ୍ୟବାଦ ଦେବି ତନୋଟ୍ ମାତାଙ୍କ ବିଷୟରେ ଲେଖାଟିକୁ ମନୋରଞ୍ଜକ କରି ଉପସ୍ଥାପନ କରିଥିବାରୁ ! ନିଜର ଅନୁଭୂତି ସହ ସେଠାକାର ମରୁଭୂମିର ବିଶଦ୍ ବର୍ଣ୍ଣନା ତଥା ମରୁଭୂମିବାସୀଙ୍କ କ୍ଳେଶମୟ ଜୀବନ ସଂଘର୍ଷକୁ କଥା ଛଳରେ ସୁଖପାଠ୍ୟ କରି ପରିବେଷଣ କରିଥିବାରୁ ତନୋଟ୍ ମାତାଙ୍କ ସହ ଜଡ଼ିତ ପ୍ରାଚୀନ କାହାଣୀ, ଐତିହାସିକ ତଥ୍ୟ ଓ ଭାରତ ପାକିସ୍ଥାନ ଯୁଦ୍ଧ କାଳରେ ଏହି ମାତାଙ୍କ ଚମତ୍କାରୀ ପ୍ରଭାବକୁ ଖୁବ୍ ସୁନ୍ଦର ରୂପେ ବର୍ଣ୍ଣନା କରିଛନ୍ତି ଲେଖିକା ! ପଢ଼ି ବହୁତ ଖୁସି ଲାଗିଲା । କହିବାକୁ ଚାହିଁବି ଏବେ ଅକ୍ଟୋବର ୧ ତାରିଖରେ ଦେଖା ହୋଇଥିଲା ଓ ବାର୍ତ୍ତାଳାପ ହୋଇଥିଲା ଲକ୍ଷ୍ମୀପ୍ରିୟାଙ୍କ ସହ ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ୍ ତରଫରୁ ଆୟୋଜିତ ଦ୍ୱିତୀୟ ସଭାରେ ! ଖୁବ୍ ଅମାୟିକ ଓ ମିଷ୍ଟଭାଷୀ ମହିଳା ! ପୂର୍ବରୁ ତାଙ୍କ ଅନେକ ପ୍ରକାଶିତ ଲେଖା ପଢ଼ିଛି ! ଭଲ ଲାଗେ ତାଙ୍କର ଲିଖନ ଶୈଳୀ ! ଶାରଦୀୟ ପୂଜା ଅବସରରେ ତାଙ୍କୁ ମୋର ବହୁତ ଶୁଭେଚ୍ଛା ! ଲେଖି ଚାଲନ୍ତୁ, ଉତ୍କଳ ଭାରତୀର ସେବାରେ ବ୍ରତୀ ରହନ୍ତୁ ! ଶିକ୍ଷକୀୟ ମନୋବୃତ୍ତି ଥିବାରୁ କହିବାକୁ ବାଧ୍ୟ ହେଉଛି ଯେ 'ଧୂଆଁ' ନୁହେଁ 'ଧୂଆଁ' ହେବ ! ସଂପାଦନା ଟିମ୍‌କୁ ଅନୁରୋଧ, ଦୟାକରି ଲାଇନ୍ ଭିତର ସ୍ପେସ୍ ବଢ଼ାନ୍ତୁ ! ବୟସ୍କ ପାଠକ ଆମେମାନେ ! ପଢ଼ିବାକୁ କଷ୍ଟ ହେଉଛି !

**ଡକ୍ଟର ସୁମିତ୍ରା ମିଶ୍ର,**
କୋଲଥିଆ, ଭୁବନେଶ୍ୱର

**ଆମ ଉତ୍ତର :** ଆପଣଙ୍କ ମତାମତ ପାଇଁ ଆମେ ଆପଣଙ୍କୁ ସାଧୁବାଦ ଜଣାଉଛୁ । ମତାମତ ଦେବାରେ ଆପଣ ବେଶ୍ ନିୟମିତ ଓ ସମୟାନୁବର୍ତ୍ତୀ । ବହୁ ଚେଷ୍ଟା ସତ୍ତ୍ୱେ ମୁଦ୍ରଣ ପ୍ରମାଦ ସ୍ଥାନେ ସ୍ଥାନେ ରହିଯାଉଛି । ସେଥିପାଇଁ ଆମେ ଦୁଃଖିତ । ଏହା ଅବଶ୍ୟ ଅନିଚ୍ଛାକୃତ । ବୋଧହୁଏ ସବୁଠୁ ଜଟିଳ କାମ ହେଉଛି ପ୍ରୁଫ୍ ରିଡ଼ିଂ । ଓଡ଼ିଶାରେ ପ୍ରଫେସନାଲ୍ ପ୍ରୁଫ୍ ରିଡ଼ର୍ ନାହାନ୍ତି । ଲାଇନ୍ ଲାଇନ୍ ଭିତରେ ବ୍ୟବଧାନ ବଢ଼ାଇବାକୁ ଆପଣ କହିଛନ୍ତି । ଏ ପର୍ଯ୍ୟନ୍ତ ଅନ୍ୟ କେହି ବୟସ୍କ ପାଠକ ଏହା କହିନାହାନ୍ତି । ଏପରିକି ନବେ ବର୍ଷରୁ ଅଧିକ ବୟସ୍କ ଗାଳ୍ପିକ ଅଚ୍ୟୁତାନନ୍ଦ ପତି ପଢ଼ୁଛନ୍ତି । କବି ଜୟନ୍ତ ମହାପାତ୍ର ବି ପଢ଼ୁଥିଲେ ଠିକ୍ ଠାକ୍ । ତେବେ ଏ ବିଷୟରେ ଭବିଷ୍ୟତରେ ବିଚାର କରିବୁ ।

Ohm
PVC HDPE Pipes & Fittings

OHM PIPES PVT. LTD.




"An ISO 9001-2015 Certified Company"

**OHM PIPES, Symbol of Trust**

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

## ସମ୍ପାଦକ ଓ ଲେଖକର ସମ୍ପର୍କ: କୃତଜ୍ଞତା କଣ

● ସଦ୍ୟ ପ୍ରକାଶିତ 'ରେବତୀ'ର ନଭେମ୍ବର ସଂଖ୍ୟା ମୋର ହସ୍ତଗତ ହୋଇଛି । ସେଥିପାଇଁ ଆନ୍ତରିକ ଧନ୍ୟବାଦ । 'ରେବତୀ' ମୁଁ ନିୟମିତ ପଢୁଛି । ଏହି ପତ୍ରିକାଟି ବେଶ୍ ସୁପାଠ୍ୟ, ସୂଚନାତ୍ମକ ଓ ସୁସମ୍ପାଦିତ । କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷ ପୃଷ୍ଠା' ଏଥର ଖୁବ୍ ସମୟୋପଯୋଗୀ ହୋଇଛି । ସମ୍ପାଦକ କିମ୍ବା ଲେଖକ କାହାରିକୁ କୃତଜ୍ଞତା ବ୍ୟକ୍ତ କରିବାର ଆବଶ୍ୟକତା ନାହିଁ । ଭଲ ସମ୍ପର୍କ ଭିତରେ 'କୃତଜ୍ଞତା' ଭଳି ଶବ୍ଦର ବ୍ୟବହାର ଅନାବଶ୍ୟକ ମନେହୁଏ । ଶୁଭେଚ୍ଛା ଜାଣିବ ।

**ଜଗନ୍ନାଥ ପ୍ରସାଦ ଦାସ,**
ଭୁବନେଶ୍ୱର

## ଦାଶରଥି ଭୂୟାଁଙ୍କ ଲେଖା ଅକର୍ଷିତ କଲା

● ଆଜି ସକାଳେ 'ରେବତୀ' ପହଞ୍ଚିଲା । ପ୍ରଥମେ ଏହାର କବିତା ବିଭାଗ ଉପରେ ନଜର ପକାଇଆଣି ପଢ଼ିଲି ପ୍ରଫେସର ଦାଶରଥି ଭୂୟାଁଙ୍କ 'ବିସ୍ମୃତିର ବର୍ମା' । ଏହା ମୋତେ ଖୁବ୍ ଆକର୍ଷିତ କଲା ।

**ମୋହିତ ଚକ୍ରବର୍ତ୍ତୀ,** କଟକ

## 'ରେବତୀ'ର କବିତା ବିଭାଗ ବେଶ୍ ମନଛୁଆଁ

● 'ରେବତୀ'ରେ ପ୍ରକାଶିତ କବିତା ସରଳ ଓ ସାବଲୀଳ । କବି ଓ କବୟିତ୍ରୀଙ୍କୁ ମୋର ପ୍ରଣାମ ଓ ଶୁଭେଚ୍ଛା । ଉଚ୍ଚକୋଟୀର କବିତା ଚୟନ କରିଛନ୍ତି ଆପଣ । ଖୁବ୍ ମନଛୁଆଁ । ଏକରୁ ଆରେକ ବଳି । ଧନ୍ୟବାଦ୍ ସାର୍ । ମୁଁ 'ରେବତୀ'ର ପାଠିକା ଭାବେ ନିଜକୁ ଗର୍ବିତ ଅନୁଭବ କରୁଛି । ଖାଲି କବିତା ପଢ଼ି ସାରିଲି । ଅନ୍ୟ ସବୁ ପଢ଼ି କରି କହିବି ସାର୍ କେମିତି ହେଇଛି ।

**ଚନ୍ଦନା ବାଗ୍‌ଦେବୀ ରଥ,** ଭୁବନେଶ୍ୱର

## କୃତଜ୍ଞତାବୋଧ ଏକ ସାମାଜିକ ଗୁଣ

● 'ରେବତୀ'ର ନଭେମ୍ବର ସଂଖ୍ୟା ପାଇଲି । ମୋର ପ୍ରଥମ ପସନ୍ଦ 'ଶେଷପୃଷ୍ଠା' ସଂପାଦକୀୟ । ଏଥରକ କୃଷ୍ଣ କୁମାର ମହାନ୍ତି ଖୁବ୍ ସୁନ୍ଦର ତାତ୍ପର୍ଯ୍ୟପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି, ଯାହାକି କେବଳ ଲେଖକ ସଂପାଦକ ବ୍ୟତୀତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ । ସାମାଜିକତା ଏକ ବିଶେଷ ଗୁଣ । କୃତଜ୍ଞତାବୋଧ ତାର ଏକ ବିଶିଷ୍ଟ ଅଙ୍ଗ । ଅଶେଷ ଧନ୍ୟବାଦ କୃଷ୍ଣ କୁମାର ସାରଙ୍କୁ ।

**ମିରିନା ମହାନ୍ତି,** ଯାଜପୁର

## ଦାଶରଥି ଭୂୟାଁଙ୍କ ଲେଖା ଭଲ ଲାଗିଲା

● 'ରେବତୀ'ର ନଭେମ୍ବର ସଂଖ୍ୟା ପାଇଛି । 'ବିସ୍ମୃତିର ବର୍ମା' ଖୁବ୍ ଆଗ୍ରହର ସହ ପଢିଲି । ପ୍ରଫେସର ଦାଶରଥି ଭୂୟାଁଙ୍କ ଏ ଆଲେଖ୍ୟ ଭଲ ଲାଗିଲା । ପ୍ରଫେସର ମଣୀନ୍ଦ୍ର ମେହେରଙ୍କର ନବନୀତା ଦେବସେନ୍‌ଙ୍କ ସଂପର୍କରେ ଲିଖିତ ଲଳିତ ନିବନ୍ଧଟି ଏ ସଂଖ୍ୟାର ସବୁଠୁ ଆକର୍ଷଣୀୟ ଲେଖା । ଉଭୟ ଲେଖକଙ୍କୁ ମୋର ପ୍ରଣାମ ଓ ଅଭିନନ୍ଦନ ।

**ହିରଣ୍ମୟୀ ମିଶ୍ର,** ଭୁବନେଶ୍ୱର

# ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

●ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

●'ରେବତୀ' ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ 'ରେବତୀ' ସେଇମାନଙ୍କର ହେବ, ସବୁବେଳେ ।

●ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।

●କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଦ୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

●ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

●ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା । ଏଥଇପାଇଁ ଅନୁରୋଧ ନ କରିବାକୁ ଅନୁରୋଧ ।

●'ରେବତୀ' ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

●ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ୍ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ ।e-mail: rebati.rebati2018@gmail.com

●ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।

●'ରୋଷେଇ' ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।

●ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା/ଫଟୋ ପାଇଁ କୌଣସି ପାରିତୋଷିକ ଦିଆଯାଏ ନାହିଁ ।

●ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : 'ରେବତୀ', ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧, ଫୋନ: ୭୦୦୮୪୫୯୨୦
ଇ-ମେଲ୍:rebati.rebati2018@gmail.com



# ମନୋରମ ମହାବଳେଶ୍ୱର

# ମନମୁଗ୍ଧକର ମହାବଳେଶ୍ୱର

**କିରଣ ମିଶ୍ର**
ଏଲ୍ଆଇଜି-୮୯୨, କେ-୪, କଳିଙ୍ଗ ବିହାର,
ଭୁବନେଶ୍ୱର-୭୫୧୦୧୯
ଫୋନ: ୭୯୭୮୯୪୫୩୧୮

ଫଟୋ ସୌଜନ୍ୟ : ଲେଖିକା

ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବାହାର କରି ବୁଲିବା ସମସ୍ତଙ୍କର ପ୍ରିୟ ଅଟେ । ମୁଁ ବା ସେଥିରୁ ବାଦ୍ ଯା'ନ୍ତି କେମିତି !

ଏ ବର୍ଷ ମୁଁ କିନ୍ତୁ ସର୍ତ୍ତ ରଖିଲି, "ଯଦି ବୁଲି ଯିବା କିଛି ଠାକୁରଙ୍କ ସ୍ଥାନ ମତେ ନେବ । ବୟସ ହେଲାଣି ଠାକୁରଙ୍କ ସ୍ଥାନ ଭଲ ଲାଗିବ ।"

ମିଷ୍ଟର୍ କହିଲେ, "ମହାବଳେଶ୍ୱର ଶୈଳନିବାସ ଯିବା । ସେଠି ଗୋଟିଏ ପ୍ରସିଦ୍ଧ ଶିବଲିଙ୍ଗ ଅଛି, ତାଙ୍କୁ ବି ଦର୍ଶନ କରିବା ।"

ଶିବଲିଙ୍ଗ ବିଷୟ ଶୁଣି ମନ ଖୁସି ହୋଇଗଲା । ଯିବା ଦିନ ଆସିଗଲା । ସକାଳ ସାଢେ ଆଠଟାରେ ଫ୍ଲାଇଟ୍ । ପୁଅ ଏୟାର୍ ପୋର୍ଟରେ ଛଅଟାରେ ନେଇ ଛାଡି ଦେଲା । ସ୍ୱାମୀ ମହାଶୟ ଯେ କୌଣସି କାମ ହେଉ ଦୁଇଘଣ୍ଟା ଆଗରୁ ଯାଇ ବସନ୍ତି । ଏୟାରପୋର୍ଟରେ ସେ ଫ୍ଲାଇଟ୍ ପାଇଁ ବୋଧେ ଆମେ ପ୍ରଥମ ଯାତ୍ରୀ ପହଞ୍ଚିଥିଲୁ ।

ସାଢେ ଆଠଟାରେ ଫ୍ଲାଇଟ୍ ଛାଡ଼ିଲା । ପ୍ଲେନ୍‌ର ସାଇଡ୍ ସିଟ୍ ହୋଇଥିଲେ ହେଁ, ଜୁନ ମାସର ପ୍ରଚଣ୍ଡ ରୌଦ୍ରତାପରେ ବାହାରକୁ ଚାହିଁ ହେଉନଥାଏ । ଧବଳ ମେଘ ଉପରେ ସୂର୍ଯ୍ୟ କିରଣ ପଡି ତୁଳା ସଦୃଶ୍ୟ ଦୃଶ୍ୟମାନ ହେଉଥିଲେ ହେଁ ଉପଭୋଗ କରି ପାରିନଥିଲେ । ଚାହିଁଲା ବେଳକୁ ଆଖି କ'ଣ ହୋଇ ଯାଉଥାଏ । ସୂର୍ଯ୍ୟ ରଶ୍ମି ଭେଦ କରି ସୁନୀଳ ଆକାଶକୁ ବି ଦେଖି ହେଉନଥାଏ । ଉଡାଜାହାଜ ଭିତରଟା ଶୀତତାପ ନିୟନ୍ତ୍ରିତ ହୋଇଥିଲେ ବି ଏତେ ଥଣ୍ଡା ଅନୁଭୂତ ହେଉନଥିଲା ।

ଭୁବନେଶ୍ୱରରୁ ପୁନା ଦୁଇଘଣ୍ଟା ଲାଗିଥିଲା । ପୁନାରେ ପହଞ୍ଚିଲା ବେଳକୁ ପ୍ରାୟ ଏଗାରଟା ହୋଇ ଯାଇଥିଲା । ଭୁବନେଶ୍ୱରର ତାପମାତ୍ରା ତେୟାଳିଶ ଚଉରାଳିଶ ଥିବା ବେଳକୁ ପୁନାର ତାପମାତ୍ରା ସମ୍ଭବତଃ ତେତିଶ୍ କି ଚଉତିରିଶ୍ ଥିବ । କିନ୍ତୁ ସେଠାରେ ଥଣ୍ଡା ପବନ ତାପମାତ୍ରାକୁ ନିୟନ୍ତ୍ରିତ କଲା ଭଳି ଲାଗୁଥିଲା । ଖରାରେ ତେଜ ପବନ ଯୋଗୁଁ ବାଧୁ ନଥିଲା । ଭୁବନେଶ୍ୱରର ପ୍ରବଳ ଗରମରୁ ନିଶ୍ଚିତ ଭାବେ ଟିକେ ଆଶ୍ୱସ୍ତି ମିଳିଥିଲା । ବହୁ ଦିନ ପରେ ପବନ ଟିକେ ଦେହରେ ବାଜି ଶାନ୍ତି ଲାଗିଲା ।

ଆଗରୁ ପୁଅ ବସ୍ ଟିକେଟ କରି ଦେଇଥିଲା । ଏୟାରପୋର୍ଟରୁ ବସ୍ ଷ୍ଟପ୍ ପ୍ରାୟ ବାର କିଲୋମିଟର । ଏ.ସି ବସ୍, ବେଶି ଗହଳି ନଥିଲା । ମହାରାଷ୍ଟ୍ର ସରକାରଙ୍କର ଗୋଟିଏ ନିୟମ ମତେ ଭଲ ଲାଗିଥିଲା, ମହିଳାଙ୍କ ପାଇଁ ଟିକେଟ ମୂଲ୍ୟ ପଚାଶ ପ୍ରତିଶତ ଛାଡ । ଦିନ ତିନିଟାରେ ପୁନାରୁ ଆମ ବସ୍ ମହାବଳେଶ୍ୱର ଅଭିମୁଖେ ଯାତ୍ରା କଲା । ଯଦିଓ ପୁନାରୁ ମହାବଳେଶ୍ୱର ଶହେ କୋଡିଏ କିଲୋମିଟର ରାସ୍ତା, ପାହାଡିଆ ରାସ୍ତା ହେତୁ ପ୍ରାୟ ସାଢେ ଚାରିଘଣ୍ଟା ଉପରେ ଲାଗିବ ବୋଲି କଣ୍ଡକ୍ଟର କହୁଥିଲା । କାରଣ ଘାଟି ରାସ୍ତା ହେତୁ ବସ୍ ଜୋର୍‌ରେ ଯାଇ ପାରୁନଥିଲା । ଆମେ ବ୍ୟସ୍ତ ହୋଇ ଯାଉଥିଲୁ ରାତି ହୋଇଗଲେ କେମିତି ହୋଟେଲ୍‌କୁ ଯିବୁ । କିନ୍ତୁ କଣ୍ଡକ୍ଟର ବୁଝାଇ ଦେଲା ଆମ ହୋଟେଲ 'ହିଲ୍ ଟପ୍'ଟା ରାସ୍ତା କଡ଼ରେ ପଡ଼ିବ । ଠିକ୍ ସନ୍ଧ୍ୟା ସାତଟାରେ ହୋଟେଲ ପାଖରେ ବସ୍ ଆମକୁ ଓହ୍ଲାଇ ଦେଲା । ସେ ପର୍ଯ୍ୟନ୍ତ ଅନ୍ଧାର ହୋଇ ନଥାଏ ।

ପ୍ରାୟ ଦୁଇ ଏକର ଜାଗା ଭିତରେ ହୋଟେଲ୍‌ଟି ରହିଥିଲା । ହୋଟେଲର ପ୍ରତ୍ୟେକ ଅଂଶ ଛୋଟିଆ ଛୋଟିଆ ପାହାଡ଼ ଉପରେ, ଅର୍ଥାତ୍ ରୁମ୍‌ରୁ ଡାଇନିଙ୍ଗ୍ ଯିବ ତ ଗୋଟିଏ ପାହାଡ଼ରୁ ଓହ୍ଲାଇ ଆଉ ଗୋଟିଏ ପାହାଡ଼ ଚଢ଼ିବ । ଅବଶ୍ୟ ପାହାଡ଼ଗୁଡ଼ିକ ଆକାର କୁଦ ଭଳି । ସମତଳ ଅଞ୍ଚଳରେ କେବଳ ଗାଡ଼ିସବୁ ରହୁଥିଲା । ବେଶି ଦିନ ରହିଲେ ଆଣ୍ଠୁଗଣ୍ଠି ବାତ ବାହାରିବା ଥୟ । କିନ୍ତୁ ଚାରିଆଡେ ଗଛପତ୍ର ଭର୍ତ୍ତି ଏବଂ ପରିଷ୍କାର ପରିଚ୍ଛନ୍ନ ବି । କେବଳ ଚଢ଼ିବା ଓହ୍ଲାଇବା କଷ୍ଟ ଥିଲା, ନହେଲେ ଶାନ୍ତ ବାତାବରଣ ଖୁବ୍ ଭଲ ଲାଗୁଥିଲା । ସେଦିନ ରାତିରେ ପାଲଙ୍ଗ୍ ପନିର୍ ଆଉ ରୁଟି ଖାଇଥିଲୁ । ହୋଟେଲଟି ଭଳି ଖାଦ୍ୟ ବି ବେଶ୍ ସୁସ୍ୱାଦୁ ଥିଲା । ଯେହେତୁ ଗହଳି ନଥିଲା ତେଣୁ ରାତି ନ'ଅଟା ବି ବହୁତ ରାତି ଭଳି ଲାଗୁଥିଲା । ପରଦିନ ଭ୍ରମଣ ପାଇଁ ଆମେ ଖାଇ ପିଇ ଶୀଘ୍ର ଶୋଇ ଯାଇଥିଲୁ ।

ପରଦିନ ସକାଳୁ ସକାଳୁ ଆମେ ନିତ୍ୟକର୍ମ ସାରି ପୋଷାକ ପିନ୍ଧି ରୁମ୍‌ରୁ ବାହାରିଗଲୁ । ପ୍ରଥମେ ଡାଇନିଂ ଗଲୁ କିଛି ଜଳଖିଆ ଖାଇ ବାହାରକୁ ବାହାରିବୁ ବୋଲି । ହୋଟେଲ୍‌ର ଇଡିଲି ସମ୍ବର ଖୁବ୍ ସୁସ୍ୱାଦୁ ଥିଲା । ତା'ପରେ ବୁଲିବା ଚିନ୍ତା ଆସିଲା । ହୋଟେଲବାଲାଙ୍କ କେତେଗୁଡ଼ିଏ ଗାଡ଼ି ସହିତ ସଂପର୍କ ଥାଏ । ତା' ଭିତରୁ ଗୋଟିଏ ଗାଡ଼ିକୁ ସେମାନେ ଠିକ୍ କରିଦେଲେ, କଥା ହେଲା ସେ ଗାଡ଼ିଟି ତିନିଦିନ ଭିତରେ ଆମକୁ ମହାବଳେଶ୍ୱର ବୁଲାଇ ଦେଖାଇବ ।


ପ୍ରାୟ ନ'ଟା ବେଳକୁ ହୋଟେଲ୍‌ରୁ ଆମ ଗାଡ଼ି ବାହାରିଲା । ପ୍ରାକୃତିକ ସୌନ୍ଦର୍ଯ୍ୟ ମଣିଷକୁ ଖାଲି ଆନନ୍ଦ ଦେଇ ନଥାଏ, ମଣିଷକୁ ଏକ ଐଶ୍ୱରିକ ସତ୍ତାର ସ୍ଥିତିକୁ ମଧ୍ୟ ଉପଲବ୍ଧି କରାଇ ଥାଏ । ମଣିଷ ତା' ଭିତରେ ହଜିଯାଏ, ମଜି ଯାଏ, ଭିଜି ଯାଏ । ସଂସାରର ସବୁ କଳୁଷତା ଠାରୁ ଦୂରେଇ ଯାଇ ବିଭୁ


▶ଲେଖିକା କିରଣ ମିଶ୍ର

ଚେତନାକୁ ଅନୁଭବ କରେ । ଏକ ନୈସର୍ଗିକ ଆନନ୍ଦରେ ତଲ୍ଲୀନ ହୋଇଯାଏ । ବୋଧହୁଏ ସେଇଠି ସେ କଳ୍ପିତ ସ୍ୱର୍ଗକୁ ଉପଲବ୍ଧି କରି ସ୍ୱର୍ଗୀୟ ଆନନ୍ଦ ଅନୁଭବ କରିଥାଏ ।

ଏମିତି ଏକ ଅପରୂପ ପ୍ରକୃତି ଘେରା ପରିବେଶ ଭିତରେ ମହାରାଷ୍ଟ୍ରର ରାଜ୍ୟର ମହାବଳେଶ୍ୱର ଶୈଳନିବାସଟି ଅବସ୍ଥିତ । ପ୍ରକୃତିର ଗନ୍ତାଘର ମହାବଳେଶ୍ୱର କହିଲେ ଅତ୍ୟୁକ୍ତି ହେବନି । ପୁନା ସହର ଠାରୁ ଶହେ କୋଡିଏ କିଲୋମିଟର ଦୂରରେ, ସମୁଦ୍ର ପତ୍ତନ ଠାରୁ ଚାରି ହଜାର ପାଞ୍ଚଶହ ଫୁଟ୍ ଉଚ୍ଚରେ, ମହାରାଷ୍ଟ୍ରର ସତ୍ତାର୍ ଜିଲ୍ଲାରେ ଏହି ଶୈଳନିବାସଟି ଅବସ୍ଥିତ । ସହରଟିର ନାମକରଣ ସେଠାକାର ଆରାଧ୍ୟ ଦେବତା ମହାବଳେଶ୍ୱରଙ୍କ ନାମ ଅନୁଯାୟୀ ହୋଇଛି । ହୋଟେଲ୍‌ରୁ ବାହାରି ପ୍ରଥମେ ଆମ ଗାଡି ମହାବଳେଶ୍ୱରଙ୍କ ଦର୍ଶନ ଅଭିମୁଖେ ଯାତ୍ରା କଲା । ପ୍ରତ୍ୟେକ ହିନ୍ଦୁ ବୋଧେ ମନ୍ଦିରଟିଏ ଦେଖିଦେଲେ ବୁଲିଯିବାଟା ସାର୍ଥକ ହେଲା ବୋଲି ମନେ କରେ । ମୁଁ ବି ସେଥିରୁ ବାଦ୍ ଯାନ୍ତି କେମିତି । ସେଇଟା ମୋର ବି ଏକ ଦୁର୍ବଳତା । ମହାବଳେଶ୍ୱର ବୁଲିବାର ଆରମ୍ଭ ସେଇ ମନ୍ଦିରରୁ ହିଁ ହୋଇଥିଲା । ଆମେ ରହୁଥିବା ହୋଟେଲ୍‌ଟି ମହାବଳେଶ୍ୱର ସହର ଠାରୁ ଛଅ କିଲୋମିଟର ଦୂରରେ ଅବସ୍ଥିତ ଥିଲା । ମନ୍ଦିରଟି ଆଉ ଦୁଇ କିଲୋମିଟର ହେବ । ଏମିତି ହୋଟେଲରୁ ମନ୍ଦିର ଆଠ କିଲୋମିଟର ବାଟ ହେବ । ମୋର ସ୍ୱଭାବ ସୁଲଭ ଗୁଣ ଅନୁଯାୟୀ ପ୍ରଥମେ ଡ୍ରାଇଭର ସହ ବନ୍ଧୁତା ଆରମ୍ଭ କରିଥିଲି । ଲୋକଟିର ନାମ ବିଜୟ ବୋଲି ଜାଣିଲି । ରାସ୍ତା ସାରା ଗପ କରି କରି ମନ୍ଦିରରେ କେତେବେଳେ ପହଞ୍ଚି ଗଲୁ ଜାଣି ପାରିଲୁନି ।

ତାଙ୍କ ଠାରୁ ଜାଣିଲି ମହାବଳେଶ୍ୱରର ଶିବ ଲିଙ୍ଗଟି ସ୍ୱୟମ୍ଭୁ ଅଟନ୍ତି । ଏହାର ଅନ୍ୟ ଏକ ବିଶେଷତ୍ୱ ଏହି ଶିବ ଲିଙ୍ଗ ଆକୃତିରେ ରୁଦ୍ରାକ୍ଷ ସଦୃଶ୍ୟ । ଏକ ଭିନ୍ନ ଆକୃତିର ଶିବଲିଙ୍ଗ ଦେଖିବାକୁ ମନରେ ଉତ୍କଣ୍ଠା ସୃଷ୍ଟି ହୋଇଥିଲା । ମହାବଳେଶ୍ୱରଙ୍କ ସଂପର୍କରେ ଚମତ୍କାର ଗପଟିଏ ମଧ୍ୟ ସେ ଶୁଣାଇଲେ ।



ପୌରାଣିକ କଥା ଅନୁଯାୟୀ ମହାଦେବଙ୍କ ପରମ ଭକ୍ତ ରାବଣ ଘଞ୍ଚ ଜଙ୍ଗଲରେ କଠୋର ତପସ୍ୟା ଆଚରଣ କରି ଭୋଳାନାଥଙ୍କୁ ସନ୍ତୁଷ୍ଟ କରିଥିଲା । ସେ ଜଟାଧାରୀଙ୍କୁ ଲିଙ୍ଗ ଆକାରରେ ଲଙ୍କା ନେଇ ଯାଉଥିଲା । ବାଟରେ ସାୟାଦ୍ରି ପର୍ବତ ଉପରେ ସେଇ ଲିଙ୍ଗରୁ ଦୁଇବୁନ୍ଦା ପାଣି ପଡ଼ି ଯାଇଥିଲା । ସେଇ ଦୁଇବୁନ୍ଦା ଜଳରୁ ଅତିବଳ ଓ ମହାବଳ ନାମକ ଦୁଇ ଜଣ ରାକ୍ଷାସ ଜନ୍ମ ନେଲେ । ସେଇ ଦୁର୍ଦ୍ଧାନ୍ତ ରାକ୍ଷସ ଦ୍ୱୟ ପ୍ରବଳ ପରାକ୍ରମରେ ଚାରିଆଡେ ଆତଙ୍କ ସୃଷ୍ଟି କଲେ । ତାଙ୍କ ପ୍ରତାପରେ ଋଷି ମୁନିମାନେ ଆତଙ୍କରେ ତ୍ରାହି ତ୍ରାହି ଡାକ ଛାଡ଼ିଲେ । ଭୟଭୀତ ମୁନିଋଷି ବିଷ୍ଣୁଙ୍କ ଶରଣ ନେଲେ । ଭଗବାନ ବିଷ୍ଣୁ ତ ଅତିବଳ ରାକ୍ଷସକୁ ବିନାଶ କରି ଦେଲେ, କିନ୍ତୁ ମହାବଳ ବଧ କରିବାରେ ଅସଫଳ ହେଲେ ।

ସମସ୍ୟାର ସମାଧାନ ପାଇଁ ସବୁ ଦେବତାମାନେ ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ । ଦେବତାମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ ପୂର୍ବକ ବ୍ରହ୍ମା-ବିଷ୍ଣୁ-ମହେଶ୍ୱର ତ୍ରୟ ଦେବତା ମହାବଳ ସହିତ ଯୁଦ୍ଧ କରିଥିଲେ ।

ଯୁଦ୍ଧରେ ପରାସ୍ତ କରି ତାକୁ ନିହତ ମଧ୍ୟ କରିଥିଲେ । ତେଣୁ କ୍ଷେତ୍ରଟିର ନାମ ମହାବଳେଶ୍ୱର ହେଲା ।

କୁହାଯାଏ ମନ୍ଦିରଟି ତେରଶହ ଶତାବ୍ଦୀର, କିନ୍ତୁ ଷୋଡ଼ଶ ଶତାବ୍ଦୀରେ ଛତ୍ରପତି ଶିବାଜୀ ଏହାର ପୁନରୁଦ୍ଧାର କରିଥିଲେ । କଳା ପଥରରେ ନିର୍ମିତ ପ୍ରାଚୀନ ମନ୍ଦିରଟିର ସ୍ଥାପତ୍ୟ ଯେ କୌଣସି ଦର୍ଶକଙ୍କୁ ନିଶ୍ଚୟ ଆକୃଷ୍ଟ କରିବ । ପ୍ରାୟ ପାଞ୍ଚଶହ ବର୍ଷ ତଳର ହୋଇଥିଲେ ବି ମନ୍ଦିର ଟି ଏପର୍ଯ୍ୟନ୍ତ ନିଖୁଣ ଭାବେ ରହିଛି । ଅନୁଭବ କଲି ଜୁନ୍ ମାସ ହୋଇଥିଲେ ବି ମନ୍ଦିରଟିର ଭିତର ଖୁବ୍ ଥଣ୍ଡା ଲାଗୁଥିଲା ।

ମହାବଳେଶ୍ୱରଙ୍କୁ ଦର୍ଶନ କରିବା ପୂର୍ବରୁ ବେଢ଼ା ଭିତରେ ଶିବଲିଙ୍ଗ ଥିବା ଆଉ ଏକ ଛୋଟ ମନ୍ଦିର ଦର୍ଶନ କରିଥିଲୁ । ତା'ପରେ ମୁଖ୍ୟ ମନ୍ଦିର ଭିତରକୁ ଦର୍ଶନ ପାଇଁ ଯାଇଥିଲୁ ।

ବେଶି ଗହଳି ନଥିଲା, ଯେତିକି ବି ଲୋକ ଥିଲେ ବେଶ୍ ଶୃଙ୍ଖଳିତ ଭାବେ ଦର୍ଶନ ପାଇଁ ଧାଡ଼ି କରିଥିଲା । ମହାବଳେଶ୍ୱରଙ୍କ ଉଭୟ ପାର୍ଶ୍ୱରେ ଗଣପତି, ପାର୍ବତୀ ଆଦି ଦେବା ଦେବୀ ରହିଛନ୍ତି । ଅନ୍ୟ ଲିଙ୍ଗ ତୁଲ୍ୟ ମହାବଳେଶ୍ୱର ଲିଙ୍ଗ ସମତଳ ନଥିଲା । ସତରେ ରୁଦ୍ରାକ୍ଷର ଉପରି ଭାଗ ପରି ଲାଗୁଥିଲା ।ପ୍ରଭୁ ମହାବଳେଶ୍ୱର ଙ୍କୁ ମୁଣ୍ଡିଆ ମାରି, ସେଠି ବଣ୍ଟା ହେଉଥିବା ପେଡା ପ୍ରସାଦ ଟିକେ ପାଇ ବାହାରକୁ ବାହାରିଥିଲୁ ।

ଭୋଳାନାଥଙ୍କ ଦର୍ଶନ ପରେ ଆମେ ମହାବଳେଶ୍ୱର ମନ୍ଦିରରୁ ବାହାରିଲୁ । ମନ୍ଦିର ପରିସରରେ ଅନ୍ୟ ଏକ ମନ୍ଦିର ପଞ୍ଚଗଙ୍ଗା ମନ୍ଦିର । ଏହା ମହାବଳେଶ୍ୱରର ଅନ୍ୟଏକ ପ୍ରାଚୀନ କଳାକୃତି ଓ ଧାର୍ମିକ ପୀଠସ୍ଥଳୀ ।

ଏ ମନ୍ଦିରଟି ବି ତ୍ରୟୋଦଶ ଶତାବ୍ଦୀରେ ନିର୍ମାଣ ହୋଇଥିଲା ଓ ଷୋଡ଼ଶ ଶତାବ୍ଦୀର ମହାରାଜା ଛତ୍ରପତି ଶିବାଜୀଙ୍କ ଦ୍ୱାରା ପୁନରୁଦ୍ଧାର ହୋଇଥିଲା । କଳା ମାର୍ବଲ ପଥରରେ ମନ୍ଦିରଟି ନିର୍ମିତ। କ୍ରୀଷ୍ଣା, ବୀଣା, ଅଞ୍ଜନା, ସାବିତ୍ରୀ ଓ ଗାୟତ୍ରୀ ଏହି ପାଞ୍ଚୋଟି ନଦୀର ଉତ୍ପତ୍ତି ଏହି ସ୍ଥାନରୁ ହୋଇଥିବାରୁ, ଏହାକୁ ପଞ୍ଚଗଙ୍ଗା ମନ୍ଦିର କୁହାଯାଉଛି । କୁହାଯାଏ ମହାକୁମ୍ଭ ସମୟରେ ଭାଗିରଥି ଓ ସରସ୍ୱତୀ ନଦୀ ଏମାନଙ୍କ ସହ ମିଶେ । ସେମାନେ ପଞ୍ଚନଦୀର ପାଣିକୁ ଗଙ୍ଗା ପାଣି ଭଳି ଖୁବ୍ ପବିତ୍ର ମନେ କରନ୍ତି । ମନ୍ଦିର ଭିତରେ ଜଳାଶୟ ତୁଲ୍ୟ ଦୁଇଟି ବିଶାଳକାୟ କୁଣ୍ଡ ରହିଛି । କୁଣ୍ଡ ଦୁଇଟି ବି କଳା ମାର୍ବଲରେ ତିଆରି ବେଶ୍ ସ୍ୱଚ୍ଛ ଦେଖା ଯାଉଛି । ଜଳାଶୟ ଭିତରକୁ ଓହ୍ଲାଇବା ପାଇଁ ପାହାଚ ସବୁ ରହିଛି । କୁଣ୍ଡ ଦୁଇଟିର ଚାରି ପାର୍ଶ୍ୱରେ ପ୍ରଶସ୍ତ ବାରଣ୍ଡା, ବାରଣ୍ଡା ଉପର ଛାତକୁ ଧରି ରଖିବାକୁ କଳା ମାର୍ବଲ ଖମ୍ବସବୁ ରହି ପ୍ରାଚୀନ କଳାର ଗାରିମା ପ୍ରଦର୍ଶନ କରୁଛି ।

ଦୁଇଟି କୁଣ୍ଡ ଭିତରୁ ପ୍ରଥମ କୁଣ୍ଡର ଉପରି ଭାଗରେ ପଥରର ଗୋଟିଏ ଗୋମୁଖ, ସେଇ ଗୋମୁଖରୁ ପଞ୍ଚ ନଦୀର ପାଣି ନିର୍ଗତ ହେଉଛି ।

ସେଇ ପାଣି ପ୍ରଥମ କୁଣ୍ଡରେ ପଡି ଅଧିକ ହୋଇଗଲେ ଦ୍ୱିତୀୟ କୁଣ୍ଡକୁ ଚାଲିଯାଏ । ବୋଧହୁଏ ଖରାଦିନ ହୋଇଥିବାରୁ ପାଣିର ପରିମାଣ ଅଧିକ ନଥିଲା । ପଞ୍ଚଗଙ୍ଗା ପାଣିର ପବିତ୍ରତା ସଂପର୍କରେ ଶୁଣାଯାଏ, ଭକ୍ତିର ସହ ସେହି ଜଳକୁ ସ୍ପର୍ଶ କଲେ ଭକ୍ତର ସମସ୍ତ କଷ୍ଟ ଲାଘବ ହେବ । ଗଙ୍ଗା ନଦୀର ଜଳସଂଗ୍ରହ କଲା ଭଳି, ଭକ୍ତମାନେ ସେଇ ପବିତ୍ର ଜଳକୁ ବୋତଲରେ ସଂଗ୍ରହ କରି ଘରକୁ ନେଉଥିଲେ । ହିନ୍ଦୁତ୍ୱର ବିଶ୍ୱାସ ନେଇ ଆମେ ବି ସେଇ ପବିତ୍ର ଜଳରୁ କିଛି ଉଦରସ୍ତ କଲୁ । ବୋଧହୁଏ ସେଇ ଟିକକ ବିଶ୍ୱାସ ପାଇଁ କିଛି ଆତ୍ମଶାନ୍ତି ମିଳିଥିଲା । ଶାନ୍ତି ଆଉ କ'ଣ କି ! ! ବିଶ୍ୱାସର ଆଧାରରେ ମନରେ ଶାନ୍ତି ଭାବ ଉଦ୍ରେକ ହୋଇଥାଏ ! !

ସେଇ ସୂକ୍ଷ୍ମ ଭାବକୁ ଟିକେ ତଳେଇ ଦେଖି ପାରିଲେ ହେଲା ।

ପ୍ରଥମ କୁଣ୍ଡଟିର ଉପରର ଗୋଟିଏ ପାର୍ଶ୍ୱରେ ଶ୍ରୀକୃଷ୍ଣ ଓ ରାଧାଙ୍କ ମନ୍ଦିରଟିଏ ଥିଲା । ରାଧା କୃଷ୍ଣଙ୍କ ଦର୍ଶନ ସାରି ଆମେ ବାହାରକୁ ବାହାରିଥିଲୁ । ଦୁଇଟି ଯାକ ମନ୍ଦିରର ଦର୍ଶନ ଖୁବ୍ ସନ୍ତୁଷ୍ଟି ଦେଇଥିଲା ।

ମନ୍ଦିରରୁ ଆମେ ଫେରିଥିଲୁ ଗାଡିକୁ । ଡ୍ରାଇଭର ଆମ ଅପେକ୍ଷାରେ ଥିଲା । ସେଠାରୁ ଆମର ଷ୍ଟ୍ରବେରୀ ଗାର୍ଡେନ ବୁଲି ଦେଖ ଯିବାର ଥିଲା । ଏହା ସେଠାକାର ଏକମାତ୍ର ଉତ୍ପାଦିତ ଫସଲ । ସେଠାକାର ଜଳବାୟୁ ଷ୍ଟ୍ରବେରୀ ଚାଷ ପାଇଁ ଅନୁକୂଳ । ନଭେମ୍ବରରୁ ମେ ମାସ ଭିତରେ ଏହା ଉତ୍ପାଦିତ ହୋଇଥାଏ । ବର୍ଷା ହୋଇଗଲେ ଗଛ ଓ ଫଳ ଉଭୟ ନଷ୍ଟ ହୋଇଯାଏ ।

ସବୁଠୁ ଦୁଃଖର କଥା ଏହି ଫଳ ଗୋଟିଏ ଦିନ ପରେ ନଷ୍ଟ ହୋଇଯାଏ । ଆମେ ଯେଉଁ ଗାର୍ଡେନକୁ ଯାଇଥିଲୁ ସେଠି ଗଛରେ ଫଳ ଅଳ୍ପ ଥିଲା । ଛୋଟ ଛୋଟ ଲଟା ଗଛରେ ଲାଲ୍ ଲାଲ୍ ଫଳଗୁଡ଼ିକ ବହୁତ ସୁନ୍ଦର ଦେଖା ଯାଉଥିଲା । କିଛି ଷ୍ଟ୍ରବେରୀ ଜୁସ୍ ପିଇଲୁ ଓ ଗୋଟିଏ ପ୍ୟାକେଟ୍ ଷ୍ଟ୍ରବେରୀ ହୋଟେଲ୍‌କୁ ଆଣିଥିଲି କିଛି ଖାଇଥିଲୁ, କିଛି ରହିଯାଇଥିଲା, ତା'ପର ଦିନ ଦେଖିଲା ବେଳକୁ ସେଗୁଡିକ ଖରାପ ହୋଇ ଯାଇଥିଲା ।



ମହାବଳେଶ୍ୱର ପାଖରେ ଅନେକଗୁଡ଼ିଏ ଗ୍ରାମ ଅଛି । ଡ୍ରାଇଭର ବିଜୟ ଠାରୁ ଜାଣିଲି, ସେଠାକାର ଲୋକଙ୍କ ଜୀବିକା ଟୁରିଷ୍ଟମାନଙ୍କ ଉପରେ ନିର୍ଭର କରେ ଏବଂ ଅନ୍ୟ ଏକ ଆୟର ପନ୍ଥା ଷ୍ଟ୍ରବେରୀ ଚାଷ । ଆଉ ବାକି ସମସ୍ତ ଜିନିଷ ପାଇଁ ବାହାର ଉପରେ ନିର୍ଭର କରିବାକୁ ପଡେ । ସେଥିପାଇଁ ସେଠାକାର ସବୁ ଜିନିଷର ଦାମ ଅଧିକ । ତଥାପି ଅନୁଭବ କଲି ସ୍ୱଳ୍ପ ରୋଜଗାରରେ ବି ଶାନ୍ତ ଜାଗାଟିରେ ଲୋକମାନେ ଖୁବ୍ ଶାନ୍ତିରେ ରହୁଛନ୍ତି ।

ନା ବାହାର ଦୁନିଆଁ ସହିତ ପ୍ରତିଯୋଗିତା, ନା ଅଶାନ୍ତିର ଜ୍ୱାଳା ।

ସେଦିନ ଷ୍ଟ୍ରବେରୀ ଗାର୍ଡେନରୁ ଯାତ୍ରା ସମାପ୍ତ କରି ଅନ୍ୟ ସ୍ଥାନକୁ ଯାଇଥିଲୁ ।

ଷ୍ଟ୍ରବେରୀ ଗାର୍ଡେନରୁ ଆମେ ମହାବଳେଶ୍ୱରରେ ଥିବା କୋଏନା ଅଭୟାରଣ୍ୟ ଅଭିମୁଖେ ଯାତ୍ରା କଲୁ । ଯଦିଓ ବନ୍ୟଜନ୍ତୁ ଦେଖିବାର ସୁଯୋଗ ପାଇ ନଥିଲୁ, ସେଠାକାର ସବୁଜିମା ଭରା ଘଞ୍ଚ ଅରଣ୍ୟ ଆମକୁ ମୁଗ୍ଧ କରିଥିଲା । ସ୍ଥାନେ ସ୍ଥାନେ ଜଙ୍ଗଲର ଘଞ୍ଚତା ଭିତରେ ଆକାଶ ବି ଦୃଶ୍ୟମାନ ହେଉନଥିଲା । ଦର୍ଶକମାନଙ୍କ ଯାତାୟାତ ସୁବିଧା ପାଇଁ ସରକାର ନାଲି ପ୍ରସ୍ତର ନିର୍ମିତ ରାସ୍ତା ଓ ପାହାଚ କରି ଦେଇଥିବାରୁ, ଭିତରକୁ ଯିବା ସୁଗମ ହୋଇଥିଲା । ଆମେ ଯାଇଥିବା ଦିନ ଅସରାଏ ଅସରାଏ ବର୍ଷା ହେଉଥିଲା ଓ ଛାଡି ଯାଉଥିଲା ।

ପୂର୍ବରୁ ଶୁଣିଥିଲି ବର୍ଷା ସମୟରେ ସେଠାକାର ଦୃଶ୍ୟ ମନୋରମ ବୋଲି । ସତରେ ଅନୁଭବ କଲି ବି । ସେଇଟା ବୋଧେ ଆମ ସୌଭାଗ୍ୟ ଥିଲା । ବର୍ଷା ଛାଡି ଯାଉଥିଲେ ବି ମେଘର ଓଢ଼ଣୀ ଅରଣ୍ୟଟିକୁ ଢାଙ୍କି ରଖୁଥିଲା । ମନେ ହେଉଥିଲା ମେଘ କନ୍ୟା ଆକାଶରେ ନ ରହି ତଳକୁ ଓହ୍ଲାଇ ଆସୁଥିଲା ସମସ୍ତଙ୍କୁ ଟିକେ ଛୁଇଁ ଯିବାପାଇଁ । ଚାରିଆଡେ ଧୂମମୟ । ହାତ ପାଆନ୍ତାରେ ମେଞ୍ଚା ମେଞ୍ଚା ମେଘକୁ ପାଇ ଆମେ ବି ବିଭୋର ହୋଇଯାଉଥିଲୁ । ଭୁଲି ଯାଉଥିଲା ବୟସର ସୀମାରେଖା, ଆମେ ବି ମତୁଆଲା ହୋଇ ଯାଉଥିଲୁ । ଆଉ ସେଇ ଚମତ୍କାର ଦୃଶ୍ୟକୁ ଫଟୋରେ ବାନ୍ଧି ରଖିବା ପାଇଁ ପିଲାଙ୍କ ପରି ପ୍ରୟାସ କରୁଥିଲୁ ।

ସତରେ ମହାବଳେଶ୍ୱରର ପ୍ରାକୃତିକ ସୌନ୍ଦର୍ଯ୍ୟର ଅସରନ୍ତି ଭଣ୍ଡାର । ଚାରି ପାଖରେ ସବୁଜିମା ଭରା ବୃକ୍ଷରାଜି ପରିପୂର୍ଣ୍ଣ ପର୍ବତ ମାଳା, ଅନେକ ପର୍ବତ ଉପରୁ ଝରଣାର ଲମ୍ଫ ପ୍ରଦାନ ଦୃଶ୍ୟ, କେଉଁଠି ପର୍ବତ ଶୀର୍ଷରୁ ହାତୀ ମୁଣ୍ଡାକୃତି ଏକ ପ୍ରସ୍ତର ଖଣ୍ଡ ବାହାରିଥିବା ଦୃଶ୍ୟ ପ୍ରକୃତିକୁ ଖୁବ୍ ମନୋରମ କରିଛି ।

ସହର ମଝିରେ ଭିଏନା ହ୍ରଦ, ଯାହାର ଗୋଟିଏ ପାର୍ଶ୍ୱରେ ବନ୍ଧ ସଦୃଶ୍ୟ ଦଣ୍ଡାୟମାନ ସାୟାଦ୍ରୀ ପର୍ବତମାଳା । ପର୍ଯ୍ୟଟକଟିଏ ହ୍ରଦ ଭିତରେ ନୌକା ବିହାର କରି ଶାନ୍ତ ସ୍ନିଗ୍ଧ ପ୍ରକୃତିର ଅପରୂପ ସୁଷମାରେ ସ୍ନାତ ହୋଇଯିବ । ଉପରେ ସୁନୀଳ ଆକାଶ,ତଳେ ଭିଏନା ହ୍ରଦର ନୀଳ ଜଳରାଶି, ପାର୍ଶ୍ୱ ରେ ସବୁଜ ବର୍ଣ୍ଣର ବୃକ୍ଷ ବିମଣ୍ଡିତ ସାୟାଦ୍ରି ପର୍ବତମାଳା, ଆକାଶରେ ଉଡି ଯାଉଥିବା ପକ୍ଷୀମାଳା ସବୁର ମିଶ୍ରଣ ସୃଷ୍ଟି କରିଥିଲା ଗୋଟିଏ ସୁନ୍ଦର ଚିତ୍ରପଟ୍ଟ । ଲାଗୁଥିଲା ସେଇ ଚିତ୍ରପଟଟିକୁ ଖୁବ୍ ନିଖୁଣ ଭାବେ ଭଗବାନ ଅଙ୍କନ କରି ଥୋଇଦେଇଛନ୍ତି ପର୍ଯ୍ୟଟକଙ୍କୁ ଉପଭୋଗ କରିବା ପାଇଁ ।

ଏହା ବ୍ୟତୀତ ପାର୍ସି ପଏଣ୍ଟ, ଇକୋ ପଏଣ୍ଟ, ସିଡନୀ ପଏଣ୍ଟ ଏମିତି ଅନେକ ଜାଗା ଅଛି ଯାହା ନିଶ୍ଚୟ ଦର୍ଶକଙ୍କୁ ବିମୋହିତ କରିଦେବ । ସେଦିନ ଅନେକ ପ୍ରାକୃତିକ ସ୍ଥାନ ପରିଭ୍ରମଣ କରି ବିମୁଗ୍ଧ ହୋଇ ଆମେ ହୋଟେଲକୁ ଫେରିଲୁ ।

ଭ୍ରମଣର ତୃତୀୟ ଦିନରେ ଆମର ପର୍ଯ୍ୟଟନସ୍ଥଳୀ ଥିଲା ପଞ୍ଚଗନି ଓ ପ୍ରତାପଗଡ ଦୁର୍ଗ । ପଞ୍ଚଗନିର ସୌନ୍ଦର୍ଯ୍ୟ ବିଷୟରେ ଆଗରୁ ଶୁଣିଥିଲି; ତେଣୁ ଦେଖିବାକୁ ମନରେ ଉତ୍ସୁକତା ଥାଏ ।

ପଞ୍ଚଗନି ମହାବଳେଶ୍ୱର ଠାରୁ ପ୍ରାୟ କୋଡିଏ କିଲୋମିଟର ଦୂର । ବାଟ ସାରିବା ପାଇଁ ବିଜୟ ସହିତ ଦୁଃଖସୁଖ ହୋଇ ଯାଉଥାଉ । ବିଜୟର ଗାଁ ମହାବଳେଶ୍ୱରରୁ ଦୁଇ କିଲୋମିଟର ପୂର୍ବରୁ, ଗାଁଟିରେ ପ୍ରାୟ ଏକ ହଜାର ଲୋକ ବାସ କରନ୍ତି । ସେମାନଙ୍କର ରୋଜଗାର ମୁଖ୍ୟତଃ ଟୁରିଷ୍ଟମାନଙ୍କ ଉପରେ ନିର୍ଭର କରେ । ବଡ଼ବଡ଼ ହୋଟେଲଗୁଡିକ ତ ପ୍ରାୟ ବାହାରର ଧନୀକ ସଂପ୍ରଦାୟର ଲୋକଙ୍କର; ସେଠାକାର ବାସିନ୍ଦା କିନ୍ତୁ ଏତେ ଧନୀ ନୁହନ୍ତି । ସେମାନଙ୍କ ଜୀବିକା ସେଇ ହୋଟେଲ୍ ଗୁଡିକରେ ଛୋଟମୋଟ କାମ କରି ଚଳେ । ଆଉ ଷ୍ଟ୍ରବେରୀ ଚାଷ ସେମାନଙ୍କ ରୋଜଗାରର ଅନ୍ୟ ଏକ ପନ୍ଥା । ସରକାରଙ୍କ ଠାରୁ କିଛି ଚାଉଳ ଓ ଗହମ ମିଳେ, ସେଥିରେ ସେମାନଙ୍କ ଗୁଜୁରାଣ ବେଶ୍ ମେଣ୍ଟିଯାଏ ।

କଥା ଭିତରେ ଆମେ ପଞ୍ଚଗନିରେ ପହଞ୍ଚିଗଲୁ । ଛୋଟିଆ ସହର । ଗାଡି ପାର୍କିଂ କରିବା ସମୟରେ ବିଜୟ ଆମକୁ କେମିତି ଆଉ କୋଉଠିକୁ ଯିବାକୁ ହେବ ସବୁ ବୁଝାଇ ଦେଇଥିଲା । ତାକୁ ହଁ ହଁ କହି ଆମେ ଆଗକୁ ବଢ଼ିଥିଲୁ ।

ପଞ୍ଚଗନିରେ ପହଞ୍ଚିଲା ପରେ ଆମକୁ ଘୋଡାଗାଡି ବାଲା ଘେରି ଯାଇଥିଲେ । ବୁଝି ଜାଣିଲୁ ପାହାଡ଼ ଉପରକୁ ଯିବାକୁ ପଡ଼ିବ ତେଣୁ ଘୋଡାଗାଡିରେ ଆବଶ୍ୟକତା ରହିଛି । ଆମେ ଗୋଟିଏ ଘୋଡାଗାଡିରେ ବସିଲୁ । ଘୋଡାବାଲାଟି ଗୋଟିଏ ଗାଇଡ୍ ଠୁ କମ୍ ନଥିଲା । ସେ ସ୍ଥାନ ସଂପର୍କରେ ଜ୍ଞାନ


HIGHLAND
A Highland Group Entity
HIGHLAND
Highland Ajisen
FARM FRESH VANNAMEI SHRIMPS
Highland Ajisen
Highland Oishii
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in



ଦେବାରେ ନିଜର ଦକ୍ଷତା ଯଥାସାଧ୍ୟ ପ୍ରତିପାଦନ କରୁଥିଲା । ରାସ୍ତାରେ ଘୋଡାବାଲା ପଞ୍ଚଗନିର ବିଶେଷତ୍ୱ କହୁଥିଲା, ଏହାର ବଡ଼ ବିଶେଷତ୍ୱ ପାଞ୍ଚୋଟି ପାହାଡ଼ର ଉପରି ଭାଗର ପ୍ରଶସ୍ତ ସମତଳ ଭୂମି ଯାହାକୁ ଟେବୁଲ୍ ଲ୍ୟାଣ୍ଡ୍ କୁହାଯାଏ ।

ଗୋଟିଏ ଟେବୁଲ ଲ୍ୟାଣ୍ଡ୍ ଉପରୁ ବାକି ଚାରୋଟି ଟେବୁଲ୍ ଲ୍ୟାଣ୍ଡ୍ ଦେଖା ଯାଉଥିଲା । ପାହାଡ଼ର ଉପରି ଭାଗରେ ସେଇ ପାଞ୍ଚୋଟି ଟେବୁଲ୍ ଥିଲା । ତା ଚାରିପାଖରେ ଛୋଟ ଛୋଟ ଗାଁ । ଟେବୁଲ୍ ଲ୍ୟାଣ୍ଡ୍ ଗୁଡିକ ଧୂସର ବର୍ଣ୍ଣର ବିସ୍ତିର୍ଣ୍ଣ ସମତଳ ଭୂମି । ସେଇ ଧୂସର ଭୂମି ଉପରେ ଘୋଡ଼ା ଗାଡ଼ିରେ ଗଲାବେଳେ ଖୁବ୍ ରୋମାଞ୍ଚକର ମନେ ହେଉଥାଏ । ବାସ୍ତବ ଜଗତ ଠାରୁ ଭିନ୍ନ ହୋଇ ଏକ କଳ୍ପୋଲୋକରେ ବିଚରଣ କଲା ଭଳି ଲାଗୁଥିଲା । ତୀବ୍ର ପବନର ଗତି ପରିବେଶରେ ଅଧିକ ମାଦକତା ଭରି ଦେଉଥିଲା । ବିସ୍ତିର୍ଣ୍ଣ ଧୂସର ରଙ୍ଗର ଭୂମିର ଚତୁଃର୍ପାଶ୍ୱରେ ସବୁଜ ବୃକ୍ଷମୟ ପର୍ବତମାଳା, ଉପରେ ଥିଲା ଦିଗନ୍ତ ବିସ୍ତାରି ସୁନୀଳ ଆକାଶ, ଗୋଟିଏ ପାର୍ଶ୍ୱରେ ସାୟାଦ୍ରି ପର୍ବତର ପାଦଦେଶରେ କ୍ରିଷ୍ଣା ନଦୀ ପ୍ରବାହିତ ହୋଇ, ଠିକ୍ ପର୍ବତର ହାର ସଦୃଶ୍ୟ ଶୋଭା ପାଉଥିଲା । କ୍ରିଷ୍ଣା ନଦୀର ଅବବାହିକାରେ ଜନବସତି । ଟେବୁଲ୍ ଲ୍ୟାଣ୍ଡ୍ ଉପରୁ ତଳ ଦୃଶ୍ୟ ଥିଲା ଖୁବ୍ ଚିତ୍ତାକର୍ଷକ । ପର୍ଯ୍ୟଟକକୁ ସ୍ୱର୍ଗଲୋକରେ ବିଚରଣ କଲା ପରି ନିଶ୍ଚୟ ଲାଗିବ ।

ଘୋଡ଼ା ଚାଳକଟି ଖୁବ୍ ସୁନ୍ଦର ଭାବେ ତା'ଙ୍କ ଅଞ୍ଚଳର ଗାରିମା ବର୍ଣ୍ଣନା କରୁଥାଏ । ଇଂରେଜ ସମୟରେ ସେଇ ଶୈଳନିବାସଟିର ଉନ୍ନତୀକରଣ ହୋଇଥିବା କହୁଥିଲା । ଗର୍ବର ସହ କହୁଥାଏ ଅନେକ ଚଳଚ୍ଚିତ୍ରର ନାମ, ଯାହା ତାଙ୍କ ଅଞ୍ଚଳରେ ସୁଟିଙ୍ଗ୍ ହୋଇଛି ।ଅନେକ ଚଳଚ୍ଚିତ୍ର ନାୟକ ତଥା ରାଜନେତାଙ୍କ ଗ୍ରୀଷ୍ମ ନିବାସ ଦେଖାଉଥାଏ । ଆଉ ଦେଖାଉଥାଏ ଇଂରେଜ ଅମଳରୁ ସୃଷ୍ଟି ହୋଇଥିବା ନାମୀ ଦାମୀ ସ୍କୁଲ ସବୁକୁ । ଯେଉଁଠି ଏବେବି ଦେଶର ଧନୀକ ଶ୍ରେଣୀର ଲୋକ ତାଙ୍କ ପିଲାଙ୍କୁ ଅଜସ୍ର ଅର୍ଥ ଖର୍ଚ୍ଚକରି ପାଠ ପଢ଼ଉଛନ୍ତି । ଦିନ ଶେଷରେ ମାଲିକ ଠାରୁ ମାତ୍ର କେତୋଟି ଟଙ୍କା ଧରି ଫେରୁଥିବା ଲୋକଟି କିନ୍ତୁ ତା' ଅଞ୍ଚଳର ଗୌରବ କଥା କହିଲା ବେଳେ ବିଭୋର ହୋଇ ଯାଉଥିଲା । ମୁଁ ନିରେଖି ଦେଖୁଥାଏ ତା' ଭିତରର ନିଚ୍ଛକ ମଣିଷଟିକୁ, ଆଉ ତା'ର ସରଳ ପଣିଆକୁ ।



ଟେବୁଲ୍ ଲ୍ୟାଣ୍ଡ୍ ଉପରେ ଗୋଟିଏ ଗୁମ୍ଫା ଦେଖାଇ ଲୋକଟି କହୁଥିଲା, ପାଣ୍ଡବମାନେ ବନବାସ ସମୟରେ କିଛିଦିନ ସେଇଠି କୁଆଡେ ଅବସ୍ଥାନ କରିଥିଲେ, ଆଉ ସେଇ ଗୁମ୍ଫାଟି ଥିଲା ତାଙ୍କର ରୋଷଶାଳାର ପ୍ରମାଣ । ପଥର ଉପରେ ଦୁଇଟି ପାଦ ଚିହ୍ନ ଦେଖାଇ କହିଥିଲା, ସେ ପାଦ ଚିହ୍ନ ଦୁଇଟି ଭୀମର ପାଦ ।

ପ୍ରାୟ ଚାଳିଶ ପଇଁଚାଳିଶ ମିନିଟ୍ ବୁଲିଲା ପରେ ସେ ଆମକୁ ନେଇଥିବା ସ୍ଥାନକୁ ଫେରାଇ ଆଣିଥିଲା । ବୁଲିବା ଭିତରେ କେତେବେଳେ ସମୟ କଟିଗଲା ଜଣା ପଡୁନଥିଲା । ଆମଠୁ ସେ ବିଦାୟ ନେଲା ପରେ ଆମେ ଟେବୁଲ୍ ଲ୍ୟାଣ୍ଡ୍ର ଅପର ପାର୍ଶ୍ୱକୁ ଆସିଲୁ ।

ଅପର ପାର୍ଶ୍ୱ ରେ ଟାଇଗର୍ କେଭ୍ ଥିଲା । ଗୁମ୍ଫାର ଉପରୁ ନିମ୍ନକୁ ଓହ୍ଲାଇବା ପାଇଁ ଅନେକଗୁଡ଼ିଏ ଅଣଓସାରିଆ ପାହାଚ ଥିଲା । ଓହ୍ଲାଇବା ନିଶ୍ଚୟ ବଡ଼ କଷ୍ଟସାଧ୍ୟ । ପାହାଚ ଓହ୍ଲାଇବା ସହଜ କରିବା ପାଇଁ କଡ଼ରେ ଗୋଟିଏ ଦଉଡ଼ି ବନ୍ଧା ଯାଇଛି । ସେଇ ଦଉଡ଼ି ଧରି ଓହ୍ଲାଇବାକୁ ପଡ଼ିଥିଲା । ପ୍ରଥମ ଦଫା ପାହାଚ ଓହ୍ଲାଇଲା ପରେ ଏକ ସମତଳ ଭୂମି ଦେଖିଲି, ଯାହାର ଉପରେ ଛାତ ପରି ପାହାଡ଼ ଥିଲା, କିନ୍ତୁ ଗୋଟିଏ ପାର୍ଶ୍ୱ ଟିକେ ଖୋଲା ଥିବାରୁ କିଛି ଆଲୋକ ଆସୁଥିଲା । ସେଠି ଗୋଟିଏ ସ୍ନାକ୍ସ ଦୋକାନ ଥିଲା । ସେଇ ସମତଳ ଭୂମିରୁ ପୁଣି ଗୋଟାଏ ରାସ୍ତା ଗୁମ୍ଫା ଭିତରକୁ ଯାଇଥିଲା । ଭିତର ଗୁମ୍ଫା କିନ୍ତୁ ଗାଢ଼ ଅନ୍ଧକାରରେ ବୁଡି ରହିଥିଲା । ଫୋନ୍ର ଟର୍ଚ୍ଚ ଲାଇଟ୍ରେ ଭିତରକୁ ଯିବାକୁ ପଡିଲା । ସେଇ ଗୁମ୍ଫା ଭିତରେ ଗୋଟିଏ ପାର୍ଶ୍ୱରେ ଯୋଗମୁଦ୍ରାସ୍ଥ ପ୍ରାୟ ପାଞ୍ଚଫୁଟ ଉଚ୍ଚତା ବିଶିଷ୍ଟ ଶିବଙ୍କର ଗୋଟିଏ ମୂର୍ତ୍ତି ଓ ଅପର ପାର୍ଶ୍ୱ ମହାବଳ ବାଘ (ବୋଧହୁଏ ମାଟିନିର୍ମିତ) ଟିଏ ଥିଲା । ସେଇ ଅନ୍ଧକାର ଗୁମ୍ଫାଟିଏ ଲମ୍ବ ପ୍ରାୟ ଶହେ ଫୁଟ୍ ହେବ । ଅନ୍ଧାର ଭିତରେ ଯିବାକୁ ମତେ ଟିକେ ଡର ଅବଶ୍ୟ ଲାଗୁଥିଲା । କାରଣ ଅଣଓସାରିଆ ପାହାଚ ଯୋଗୁଁ ମୋ ସ୍ୱାମୀ ଓହ୍ଲାଇ ପାରି ନଥିଲେ, ତେଣୁ ମତେ ଏକୁଟିଆ ଯିବାକୁ ପଡ଼ିଥିଲା । ଅବଶ୍ୟ ଅନେକ ସହଯାତ୍ରୀ ଥିଲେ । ମୁଁ ଶୀଘ୍ର ଶୀଘ୍ର ଗୁମ୍ଫା ବୁଲି ବାହାରକୁ ଚାଲି ଆସିଥିଲି । ତା' ପରେ ଆମେ ଗାଡ଼ି ପାଖକୁ ଫେରି, ପ୍ରତାପ ଗଡ଼ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲୁ ।

ପଞ୍ଚଗନିରୁ ଆମର ଯାତ୍ରା ପ୍ରତାପଗଡ ଦୁର୍ଗ ଥିଲା । ସେତେବେଳେ ଦିନ

ପ୍ରାୟ ସାଢ଼େ ଗୋଟେ ହେବ । ବୁଲାବୁଲି କରିବା ପରେ କ୍ଷୁଧା ବି ଲାଗୁଥିଲା । ବିଜୟ ଗୋଟିଏ ହୋଟେଲ୍ ପାଖରେ ଗାଡ଼ି ଅଟକାଇଲା । ସେଠାର ଭାତ, ଡାଲି, ପନିର୍ ତରକାରୀ ଓ ଭଜାର ସ୍ୱାଦ ଠିକ୍ ଦେଶୀ ଓଡ଼ିଆ ରାନ୍ଧଣା ଭଳି ଲାଗୁଥିଲା । ଖାଇବା ପରେ ହୋଟେଲ୍‌କୁ ଲାଗି ଗୋଟିଏ ବଡ଼ ଚକୋଲେଟ୍ ଦୋକାନ ଦେଖିଲି । ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗର ଚକୋଲେଟ୍ ମିଳୁଥିଲା । ବିଶେଷ କରି ଷ୍ଟ୍ରବେରୀ ଚକୋଲେଟ୍ ବହୁତ ମିଳୁଥିଲା । ଆମେ କଫି ଓ ଷ୍ଟ୍ରବେରୀ ଚକୋଲେଟ୍‌ରୁ କିଛି ସଂଗ୍ରହ କଲୁ ।

ତା'ପରେ ଗାଡି ପ୍ରତାପଗଡ ଅଭିମୁଖେ ଯାତ୍ରା କଲା । ଗାଡି ପାର୍କିଂ କରିବା ପରେ ପ୍ରାୟ ଗୁଡାଏ ବାଟ ଚାଲିବାକୁ ପଡ଼ିଥିଲା । ରାସ୍ତାର ପାର୍ଶ୍ୱରେ ଅନେକ ପ୍ରକାର ଜଙ୍ଗଲି ଜାତ ଦ୍ରବ୍ୟ ବିକ୍ରି ହେଉଥିଲା । ତା'ଭିତରେ ଏକ ପ୍ରକାରର ଲୋଭନୀୟ କୋଳି ମତେ ଆକର୍ଷିତ କରିଥିଲା । ଯାହା ଆମର ଏପଟେ ଦେଖିବାକୁ ମିଳେ ନାହିଁ । ବଡ଼ବଡ଼ ଖଜା ପଣସ କଟା ହୋଇ ଦନାମାନଙ୍କରେ ବି ବିକ୍ରି ହେଉଥିଲା । ପାହାଡିଆ ଅଞ୍ଚଳ ଭ୍ରମଣ କଲାବେଳେ ମୋ ଆଖି ଖୋଜୁଥାଏ ପାହାଡି ଜିନିଷ ସବୁକୁ । ମୁଁ ଭାବେ ଆମେ ଯେତେ ଆଧୁନିକ ବୋଲି ଡିଣ୍ଡିମ ପିଟିଲେ ବି ଆମ ଚେତନାରେ ସେଇ ଜଙ୍ଗଲି ସଭ୍ୟତା ଏବେ ବି ସୁପ୍ତ ଭାବେ ରହିଛି । କିଛି କୋଳି ଓ ଖଜା ପଣସ କିଣିଲି । ସେ ଦୁଇଟିର ବ୍ୟବହାରରେ ରାସ୍ତା ସହଜରେ କଟି ଯାଉଥିଲା । ରାସ୍ତା ଟିକେ ଉଠାଣିଆ ଥିଲା ଓ ଦୁର୍ଗ ଉପରକୁ ଯିବାକୁ ଅନେକ ପାହାଚ ଥିଲା ।

ପ୍ରତାପଗଡ ପାହାଡ଼ ଉପରେ ଏକ ଭବ୍ୟ ଦୁର୍ଗ । ସ୍ଥାପତ୍ୟ ଦୃଷ୍ଟିରୁ ଅତି ଉତ୍କୃଷ୍ଟ । ଦୁଇ ପଟେ ବିଶାଳକାୟ ପ୍ରାଚୀର ମୁଖ୍ୟ ଦ୍ୱାରଟି କିନ୍ତୁ ଟିକେ ଅଣ ଓସାରିଆ । ବୋଧହୁଏ ଏକାଧିକ ସୈନ୍ୟଙ୍କୁ ଏକତ୍ର ପ୍ରବେଶକୁ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ମୁଖ୍ୟ ଦ୍ୱାର ବେଶି ପ୍ରଶସ୍ତ ନଥିଲା । ମୁଖ୍ୟ ପ୍ରବେଶ ଦ୍ୱାର ପାଖରୁ ଗୋଟିଏ ଗାଇଡ୍ ମିଳିଗଲା । ଯିଏ ପ୍ରତାପଗଡ ସଂପର୍କରେ ବିସ୍ତୃତ ବିବରଣୀ ଦେଇଥିଲା ।

ପ୍ରତାପଗଡ ଦୁର୍ଗଟି ଛତ୍ରପତି ଶିବାଜୀ ମହାରାଜ ନିଜ ରାଜ୍ୟର ସୁରକ୍ଷା ନିମିତ୍ତ ଭିନା ଓ କୋଏନା ନଦୀ ଅବବାହିକାରେ ନିର୍ମାଣ କରିଥିଲେ । ୧୬୫୬ରେ ଏହାର ନିର୍ମାଣ ଆରମ୍ଭ ହୋଇ ୧୬୫୮ ମସିହାରେ ସରିଥିଲା । ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି କିଲ୍ଲାଟି ନିର୍ମିତ ହୋଇଥିଲା । ସ୍ଥାପତ୍ୟ କଳା ଦୃଷ୍ଟିରୁ ଦୁର୍ଗଟି ବେଶ୍ ଉତ୍କୃଷ୍ଟ । ଚାରିଶହ ବର୍ଷ ତଳର ହୋଇଥିଲେ ବି ଏ ପର୍ଯ୍ୟନ୍ତ ଦୁର୍ଗଟି କିଛି ପରିମାଣରେ ଅକ୍ଷୁର୍ଣ୍ଣ ଅଛି ।

ଅତୀତରେ ପ୍ରତାପଗଡ଼ ଯୁଦ୍ଧରେ କିଲ୍ଲାଟି ମୁଖ୍ୟ ଭୂମିକା ନେଇଥିଲା ।

ପ୍ରତାପଗଡ ଦୁର୍ଗ ସହିତ ସଂପୃକ୍ତ ଐତିହାସିକ କାହାଣୀଟି ସଂପର୍କରେ ଗାଇଡ଼ଟି ଯାହା କହିଥିଲା, ତାହା ହେଉଛି 'ମରହଟ୍ଟା ଶାସକ ଶିବାଜୀଙ୍କ ସୁଶାସନ ଓ ଶକ୍ତିରେ ଭୟଭୀତ ହୋଇ ବିଜେପୁରର ମୋଗଲ ଶାସକ ସେନାପତି ଆଫଜଲ୍ ଖାଁକୁ ଶିବାଜୀଙ୍କ ସହ ଯୁଦ୍ଧ କରିବାକୁ ପ୍ରେରଣ କରିଥିଲେ । ଯୁଦ୍ଧ କରିବା ପୂର୍ବରୁ ଆଫଜଲ୍ ଖାଁ ଶିବାଜୀଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସାକ୍ଷାତ କରିବାକୁ ଚାହିଁଥିଲା । ଆଫଜଲ୍ ଶିବାଜୀଙ୍କୁ ଆଲିଙ୍ଗନ କରିଥିଲେ,କିନ୍ତୁ ତାଙ୍କର ସେ ବନ୍ଧୁତା ଛଳନାତ୍ମକ ଥିଲା । ଆଫଜଲ୍ ଶିବାଜୀଙ୍କ ପିଠିରେ ଛୁରାରେ ଆଘାତ କରିବାକୁ ଉଦ୍ୟତ ହୁଅନ୍ତେ, ଶିବାଜୀ ତାଙ୍କ ଉଦ୍ଦେଶ୍ୟ ଜାଣିପାରି ହାତରେ ଲୁଚାଇ ରଖିଥିବା ବାଘନଖରେ ଆଫଜଲ୍ ଖାଁର ପେଟକୁ ବିଦିର୍ଣ୍ଣ କରି ଦେଇଥିଲେ । ଶିବାଜୀ କେବଳ ଜଣେ ଯୋଦ୍ଧା ନଥିଲେ, ଜଣେ ପ୍ରତ୍ୟୁତ୍ପନ୍ନମତି ସମ୍ପନ୍ନ ବ୍ୟକ୍ତି ମଧ୍ୟ ଥିଲେ । ଯୁଦ୍ଧ ଆରମ୍ଭ ପୂର୍ବରୁ ଯୁଦ୍ଧ ଶେଷ କରିଦେଇଥିଲେ ।


ସମ୍ମୁଖ ଦ୍ୱାରର ଦୁଇ ପାର୍ଶ୍ୱରେ ବୃହଦାକାୟ ପାଚେରୀରେ ଅନେକ ଜଳା ଥିଲା । ଜଳାଗୁଡିକ ସମ୍ପର୍କରେ ଲୋକଟି କହିଥିଲା: ରାଜ ନ'ଅରର ରମଣୀମାନେ ଶତ୍ରୁମାନଙ୍କ ଆକ୍ରମଣ ସମୟରେ ସେଇ ଜଳାବାଟେ ଶତ୍ରୁମାନଙ୍କ ଉପରକୁ ଗରମ ତେଲ ଓ ପାଣି ଢ଼ାଳୁଥିଲେ । ସେଥିରୁ ମରହଟ୍ଟା ରମଣୀ ଯେ ବେଶ୍ ସାହାସୀ ଥିଲେ ସେକଥା ଜଣା ପଡୁଥିଲା ।

ଦୁର୍ଗର ମୁଖ୍ୟ ଦ୍ୱାର ଅତିକ୍ରମ କରିବା ପରେ ବାମ ପାର୍ଶ୍ୱରେ ଗୋଟିଏ ତୋପ ଥୁଆ ହୋଇ ଥିଲା । ମୁଖ୍ୟ ଦ୍ୱାରରୁ ଦୁର୍ଗର ଶେଷ ପାର୍ଶ୍ୱ ପରିଷ୍କାର ଦେଖା ଯାଉଥିଲା । ଦୁଇ ପାର୍ଶ୍ୱରେ ଶକ୍ତ ପ୍ରାଚୀର । ଦୁର୍ଗର ଶେଷ ଭାଗଟି ଖୁବ୍ ଉଚ୍ଚରେ, ପ୍ରାୟ ପଚାଶଟି ପାହାଚ ଉପରେ ମରହଟ୍ଟା ଧ୍ୱଜା ଏବେ ବି ଫରଫର ହୋଇ ଉଡି ଛତ୍ରପତି ଶିବାଜୀ ମହାରାଜଙ୍କ ବୀରତ୍ୱ ଓ ଯଶର ଗାଥା ବର୍ଣ୍ଣନା କରୁଛି । ଅତୀତର ସେଇ ଗୌରବାବହ ଗାଥା ମନକୁ ଆଚ୍ଛନ୍ନ କରି କିଛି ସମୟ ପାଇଁ ଭାବୁକ କରି ଦେଇଥିଲା । ଦୁର୍ଗ ଉପରୁ ଦୁର୍ଗ ତଳର ପ୍ରାକୃତିକ ଦୃଶ୍ୟ ବି ଖୁବ୍ ମନମୁଗ୍ଧକର ଥିଲା ।

ଦୁର୍ଗର ଅପର ପାର୍ଶ୍ୱରେ ଶିବାଜୀ ମହାରାଜ କଳା ମୁଗୁନି ପଥରରେ ଦେବୀ ଭବାନୀଙ୍କ ମନ୍ଦିର,ଶିବ ମନ୍ଦିର, ଆଉ ଆଫଜଲ୍‌ର ସମାଧି ସ୍ଥଳ ନିର୍ମାଣ କରିଥିଲେ । ଛତ୍ରପତି ଶିବାଜୀଙ୍କ ପ୍ରାସାଦଟି ଯେଉଁ ସ୍ଥାନରେ ଥିଲା, ସେଠି ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଶିବାଜୀ ମହାରାଜଙ୍କ ବ୍ରୋଞ୍ଜରେ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଛନ୍ତି ।

ମହାରାଜ ଶିବାଜୀଙ୍କ ପ୍ରତିମୂର୍ତ୍ତି ପାଖରେ ନତ ମସ୍ତକ ହୋଇ ଫେରିଥିଲୁ । ପ୍ରତାପଗଡ କିଲ୍ଲାଟି ବର୍ତ୍ତମାନ ପର୍ଯ୍ୟନ୍ତ ଦଣ୍ଡାୟମାନ ଭାରତର ଗୌରବାବହ ଅତୀତର ଗାଥା ଗାନ କରୁଛି । ଆମର ଐତିହ୍ୟ କେତେ ସମୃଦ୍ଧଶାଳୀ ତା'ର ନମୁନା ଏଇ ଦୁର୍ଗଟି । ସତରେ ଦେଖିକରି ମନରେ ଗର୍ବ ଆସିଲା । ଶିବାଜୀଙ୍କ ପରି ଜଣେ ଯୋଦ୍ଧା ଏ ଦେଶରେ ଜନ୍ମ ନେଇ,ଏ ମାଟିକୁ ନିଶ୍ଚୟ ଧନ୍ୟ କରିଛନ୍ତି ।

ଦୁର୍ଗ ପରିଦର୍ଶନ କରି ଗାଡିକୁ ଫେରିଲୁ । ସେତେବେଳକୁ କ୍ଳାନ୍ତ ହୋଇ ଯାଇଥାଉ । ବିଜୟ ଆମକୁ ଅପେକ୍ଷା କରି ଥାଏ । ଗାଡି ଆମର ଫେରିଲା ମହାବଳେଶ୍ୱର । ସମୟ



କାଟିବା ପାଇଁ ଅନାବନା କଥା ଚାଲିଥାଏ । ମୁଁ ବିଜୟକୁ ପଚାରିଲି, "ମୁଁ କାହିଁ ଔଷଧ ଦୋକାନ କି ବଡ଼ ଡାକ୍ତରଖାନା ଦେଖୁନି ।" ଉତ୍ତରରେ କହିଲା, "ମା'ଜୀ ଆମେ ଏଠି ତାଜା ହାୱା ନିଃଶ୍ୱାସ ନେଉଛୁ, ତେଣୁ ରୋଗ ଆମ ଠୁ ବହୁତ ଦୂରରେ ।"

ମୁଁ ପୁଣି ପଚାରିଲି, "ବୁଢ଼ା ବୁଢ଼ୀମାନଙ୍କୁ ବ୍ଲଡ୍‌ପ୍ରେସର, ଡାଇବେଟିସ୍ ହେଉନି ? ?"

କହିଲା, "ହଁ ହଁ ମୋ ମା' ବାପାଙ୍କର ତ ଏ ରୋଗ ଅଛି । ସେଥିପାଇଁ ଦୁଇ ତିନି ହଜାର ଖର୍ଚ୍ଚ ହେଉଛି । ଔଷଧ ଦୋକାନ ଅଛି ମାତ୍ର ଅଳ୍ପ ।"

କଥା ଭିତରେ ଆମେ ତା' ଗାଁ ର ନିକଟବର୍ତ୍ତୀ ହୋଇ ଯାଇଥିଲୁ । ଆମର ଗାଁ ମୁଣ୍ଡ ଛକ ଭଳି ଛକ ନଥିଲା । କହିବାର ତାତ୍ପର୍ଯ୍ୟ ଗୋଟିଏ ବି ଦୋକାନ ନଥିଲା । ଗୋଟିଏ ସରୁ ରାସ୍ତା ଆସି ମୁଖ୍ୟ ରାସ୍ତା ସହ ମିଶି ଯାଇଥିଲା । ତା' ଭିତରେ ହଜାରେ ଘର ବିଶିଷ୍ଟ ଏକ ଗାଁ ଅଛି ବୋଲି ଭାବି ହେଉ ନଥିଲା । ଗାଡ଼ିଟି ଟିକେ ରହିଗଲା । ଜଣେ ସ୍ତ୍ରୀ ଲୋକ ଆସି ଗାଡ଼ି ଡିକିରୁ ଗୋଟିଏ ବ୍ୟାଗ୍ ନେଇଗଲା । ବୋଧହୁଏ ପଞ୍ଚଗନିରୁ ଘର ପାଇଁ ବିଜୟ କିଛି ସଉଦା ଆଣିଥିଲା । ଅନୁମାନ କଲି ସେ ବିଜୟର ସ୍ତ୍ରୀ । ପଚାରି ବୁଝିଲି ବି । ସ୍ତ୍ରୀ ଲୋକଟିର ପରିଧାନ ଖଣ୍ଡିଏ ସୂତା ଶାଢ଼ି, ବେକରେ ଗୋଟିଏ ମଙ୍ଗଳସୂତ୍ର, ମୁଣ୍ଡ ସୁନ୍ଥାରେ ଗାଢ ସିନ୍ଦୂର, ହାତରେ ମୁଠେ ମୁଠେ ପାଣିକାଚ, ଗୋଡ଼ର ଆଙ୍ଗୁଠିରେ ଝୁଂଟିଆ । ତାକୁ ଦେଖି ଲାଗିଥିଲା, ସେ ଓଡ଼ିଆ ନୁହେଁ, ସେ ବଙ୍ଗାଳୀ ନୁହେଁ, ସେ ମରାଠୀ ନୁହେଁ, ସର୍ବୋପରି ସେ ଭାରତୀୟ ସଧବା ହିନ୍ଦୁ ନାରୀଟିଏ, ଏହା ହିଁ ତା'ର ପରିଚୟ । ସେଇ ପୋଷାକରେ ତାକୁ ଦେଖିକରି କାହିଁ ଖୁବ୍ ଖୁସି ଲାଗିଥିଲା । ମନରୁ ସ୍ୱତଃ ବାହାରି ଯାଇଥିଲା, 'ଜୟ ହିନ୍ଦ୍' ।

ମହାବଳେଶ୍ୱର ଛାଡ଼ିବା ପୂର୍ବ ଦିନ ପର୍ଯ୍ୟନ୍ତ ଆମେ ସେଠାରେ ଥିବା ମାପ୍ରୋ ଗାର୍ଡେନ ଓ ମାର୍କେଟ ଦେଖି ନଥିଲୁ । ପୁଅ ବାରମ୍ବାର କହିଥିଲା, "ମାମା ମାପ୍ରୋ ନିଶ୍ଚୟ ଯିବ ।"

ସେଦିନ ସକାଳୁ ପ୍ରଥମେ ମାପ୍ରୋ ଯିବୁ ବୋଲି ସ୍ଥିର କଲୁ । ମାପ୍ରୋ ଯିବା ରାସ୍ତାରେ ବାଟରେ ଗୋଟିଏ ସ୍ଥାନରେ ବିଜୟ ଗାଡ଼ି ରଖିଲା । ସେ ସ୍ଥାନରେ କ'ଣ ଅଛି ବୋଲି ପଚାରିବାରୁ, କହିଲା: "ଗୋଟେ ଆକ୍ୱାରିୟମ୍ ଓ ୱାକ୍ସ ମ୍ୟୁଜିୟମ ଦେଖିବା ପାଇଁ ରଖିଛି ।"

ଗାଡିରୁ ଓହ୍ଲାଇ ଆମେ ଟିକଟ୍ କାଟିବାକୁ ଗଲୁ । ମାତ୍ର ଟିକେଟ ଦାମ ଶୁଣି ମନରେ କ୍ଷୋଭ ଆସିଲା । ଗୋଟିଏ ଗୋଟିଏ ଟିକେଟ୍‌ର ଦାମ ପାଞ୍ଚଶହ ଟଙ୍କା । ଆମକୁ ଆକ୍ୱାରିୟମ୍ ଗଲେ ଏକହଜାର ଦେବାକୁ ପଡ଼ିବ ଏବଂ ୱାକ୍ସ ମ୍ୟୁଜିୟମ ଗଲେ ବି ଏକ ହଜାର ଟଙ୍କା ଦେବାକୁ ପଡିବ । ମୁଁ ଯେ କୌଣସି ଗୋଟିକୁ ଯିବି ବୋଲି ସ୍ଥିର କଲି । ଯେହେତୁ ଆକ୍ୱାରିୟମ୍ ଅନ୍ୟଠି ଦେଖିଛି, ତେଣୁ ୱାକ୍ସ ମ୍ୟୁଜିୟମ ଯିବି ବୋଲି ଭାବିଲି ।

ହଜାରେ ଟଙ୍କା ଦେଇ ଦୁଇଟି ଟିକେଟ କାଟି ଆମେ ୱାକ୍ସ ମ୍ୟୁଜିୟମ୍ ଭିତରେ ପଶିଲୁ ।

ପ୍ରଥମ ଥର ପାଇଁ ୱାକ୍ସ ମ୍ୟୁଜିୟମ ଦେଖିବାର ସୁଯୋଗ ପାଇଥିଲି । ଦେଶ ତଥା ବିଦେଶରେ ବିଭିନ୍ନ କ୍ଷେତ୍ରରେ ଯଥା– ଖେଳ, ରାଜନୀତି, ଚଳଚ୍ଚିତ୍ର ଜଗତରେ ନାମ କମାଇ ଥିବା ଅନେକ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମହମ ତିଆରି ମୂର୍ତ୍ତି ଦେଖି ଖୁବ୍ ଖୁସି ଲାଗିଥିଲା । ମୂର୍ତ୍ତିଗୁଡିକର ଉଚ୍ଚତା ପ୍ରାୟ ଛ' ଫୁଟ୍ ହେବ । ମହମରେ ତିଆରି ହୋଇଥିଲେ ବି ଖୁବ୍ ଜୀବନ୍ତ ଲାଗୁଥିଲେ ।

ୱାକ୍ସ ମ୍ୟୁଜିୟମରୁ ଫେରି ଆମେ ମାପ୍ରୋ ଗାର୍ଡେନ ଆଡେ ମୁହାଁଇଲୁ । ମାପ୍ରୋ ଶବ୍ଦର ଅର୍ଥ ପରେ ଜାଣିଲି, 'ମହାବଳେଶ୍ୱର ପ୍ରଡକ୍ଟ' । ଏହି ଗାର୍ଡେନଟିରେ ମୁଖ୍ୟତଃ ଷ୍ଟ୍ରବେରୀ ଜାମ, ଜେଲି, ଚକୋଲେଟ୍, ସ୍କ୍ୱାସ୍, ଆଇସକ୍ରିମର ଏକ ବଡ ସୋ-ରୁମ୍ ଥିଲା । ଏହାବ୍ୟତୀତ ଗୋଟିଏ ବଡ ଗାର୍ଡେନ ଅଛି । ତା ଭିତରେ ବିଭିନ୍ନ ପ୍ରକାରର ବଡବଡ ବୃକ୍ଷ, ବିଭିନ୍ନ ପ୍ରକାରର ଫୁଲଗଛ, ଛୋଟ କୃତ୍ରିମ ଲେକ୍‌ଟିଏ ଅଛି । ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ମଧ୍ୟ ବିକ୍ରି ହେଉଛି । ପ୍ରାକୃତିକ ଓ କୃତ୍ରିମତାର ସମନ୍ୱୟରେ ଏକ ଅପୂର୍ବ ମନୋରମ ପରିବେଶ । ପିକନିକ୍ କରିବା ପାଇଁ ସୁନ୍ଦର ଜାଗାଟିଏ ନିଶ୍ଚୟ ।

ସେଠାରେ କିଛି ସମୟ ବୁଲି ଆମେ ମହାବଳେଶ୍ୱରର ମାର୍କେଟ ବାହାରିଲୁ । ମହାବଳେଶ୍ୱର ମାର୍କେଟଟି ଖୁବ୍ ଛୋଟ । ଗାଏମୋଟ ପଚିଶ ତିରିଶଟି ଦୋକାନକୁ ନେଇ ମହାବଳେଶ୍ୱରର ମାର୍କେଟ । ସବୁ ଜିନିଷ ମତେ ଅଧିକ ଦାମ ଲାଗିଲା । କେବଳ ଉଲେନ୍ ଜିନିଷ ଭୁବନେଶ୍ୱର ଅପେକ୍ଷା ଭଲ ମଳୁଥିବାରୁ, ବାପ ପୁଅଙ୍କ ପାଇଁ ଦୁଇଟି ଜାକେଟ୍ କିଣିଲୁ, ତା' ବ୍ୟତୀତ ଅନ୍ୟ କିଛି ମନକୁ ଗଲାନି । ତା ପରଦିନ ପୁନା ଫେରିବାର ଥିଲା । ତେଣୁ ଶୀଘ୍ର ହୋଟେଲ୍ ଫେରିଥିଲୁ ।

ମହାବଳେଶ୍ୱର ଛାଡ଼ିଲା ବେଳେ ମନରେ ଟିକେ ଦୁଃଖ ଭାବ ଆସିଥିଲା । ଚାରି ପାଞ୍ଚ ଦିନ ରହଣି ଭିତରେ ତା'ର ଶାନ୍ତ, ସୁନ୍ଦର, ସ୍ନିଗ୍ଧ, ଅପରୂପ ସୌନ୍ଦର୍ଯ୍ୟରେ ମୁଁ ସତରେ ମୁଗ୍ଧ ହୋଇ ଯାଇଥିଲା । ପ୍ରତ୍ୟେକ ପର୍ଯ୍ୟଟକକୁ ତା'ର ସୌନ୍ଦର୍ଯ୍ୟ ନିଶ୍ଚୟ ଆକର୍ଷଣ କରିବ ।





# ସ୍ୱୟଂଭୂ

## ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।

ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଉର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - **ସ୍ୱୟଂଭୂ** ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ
ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୂ** ।
**୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।**

**ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ**
**ମୂଲ୍ୟ : ୬୦୦ ଟଙ୍କା**

**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

ପ୍ରକାଶକ:
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

**✲ ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ ✲**




# ବିବିଧତାର ନାଁ ବିଶ୍ୱରଞ୍ଜନ

# ଅବିନାଶୀ ପ୍ରେମର ପ୍ରେମିକ ବିଶ୍ୱରଞ୍ଜନ


**ରବି ପଣ୍ଡା**
ପ୍ଲଟ୍ ନମ୍ବର-୩୫୩୪, କପିଳପ୍ରସାଦ,
ଭୁବନେଶ୍ୱର-୭୫୧୦୦୨
ଫୋନ: ୯୪୩୭୨୭୫୮୦୮

ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ବିମଳ ଦାସ

ଫଟୋ ସୌଜନ୍ୟ: ରବୀନ୍ଦ୍ର କୁମାର ବିଶ୍ୱାଳ

**ପ୍ରେମର ପୃଥିବୀରେ ସେ ଏକ ସବୁଜ ଆଶା । ତାଙ୍କ ସୃଜନର ସାରାଂଶରେ ଥାଏ ଭଲପାଇବାର ରେଣୁ ରେଣୁ ରଶ୍ମି । ସେ କେବେ ଉଦାର ଉଦ୍ୟାନର ପାପୁଲିଏ ଫୁଲ ତ କେବେ ପୁଣି ଜୀବନ ଜଳାଶୟର ପଦ୍ମବନ । ଯିଏ ଜୀବନରେ ଫୁଟାଇ ପାରନ୍ତି ସହସ୍ର ଫୁଲର ପାଖୁଡ଼ା, ସୃଜନରେ ସେ ରଖନ୍ତି ଅନେକ କଦମ୍ବର ରୋମାଞ୍ଚ । ଗଳ୍ପ, କବିତା, ଉପନ୍ୟାସ, ଲଳିତ ନିବନ୍ଧ, ସ୍ତମ୍ଭରଚନା, ସମ୍ପାଦନା, ଫିଚର୍ ଭଳି ନାନା ରଙ୍ଗରେ ବର୍ଣ୍ଣାଢ୍ୟ ଦିଶେ ତାଙ୍କ ସୃଜନ-କାନନ । ସେ ଆଉ କେହି ନୁହନ୍ତି, ଆମ ସଭିଙ୍କ ପ୍ରିୟ ସୁଖ୍ୟାତ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ । ତାଙ୍କର ଜନ୍ମମାସ ହେଉଛି ଡିସେମ୍ବର । ଲେଖକଙ୍କ ଜନ୍ମମାସରେ 'ରେବତୀ'ର ଏ ଉପକ୍ରମ ଶୃଙ୍ଖଳାରେ ଏଥର ଏ ଲେଖକଙ୍କୁ ତୋଳି ଧରିଛୁ ଆମେ ।**



ଲେଖକ ରବି ପଣ୍ଡା

ରାଜଧାନୀର ଶିଶିର ସଞ୍ଜ । ତାକୁ ଆଉ ଟିକେ କୋମଳ ଗୀତ ସିକ୍ତାରରେ ଭରି ଦେଇଛି ଅଚାନକ ଅସରାଏ ବର୍ଷା । ନିଅନ ଆଲୁଅରେ ଚକ୍ ଚକ୍ କରୁଚି ବର୍ଷାଧୁଆ ପରିଚ୍ଛନ୍ନ କଳାରାସ୍ତା । ଚଳପ୍ରଚଳ ଗାଡ଼ିମାନଙ୍କର ଉଜ୍ଜ୍ୱଳ ଆଲୋକର ରହସ୍ୟମୟ ପ୍ରତିଫଳନ ସେଠି । ଆମେ (ମୁଁ ଓ ରବୀନ୍ଦ୍ର ବିଶ୍ୱାଳ)ପହଞ୍ଚିଲୁ ଗଙ୍ଗନଗରସ୍ଥ କଂସାରୀଝର ଇଲାକାର 'ନେତାଜୀ ନିବାସ' ଆଗରେ । ଆମେ ଜାଣୁ ନେତାଜୀ ଜନ୍ମ ହେଇଥିଲେ କଟକରେ । ତାଙ୍କ ଜନ୍ମସ୍ଥାନ-ଘରକୁ 'ନେତାଜୀ ନିବାସ' କୁହା ଯାଇପାରେ । ତେବେ ଏ ଘରର ନାମକରଣ ଏମିତି କାହିଁକି, ସେ କଥା ପରେ । ସେ କହିବେ ଯାହାଙ୍କ ସହ ଆଜିର ଭେଟ ।

ଫାଟକ ଟପିଲେ ବିଭିନ୍ନ ସୁଶୋଭିତ ଫୁଲଗଛମାନଙ୍କ କଡ଼େକଡ଼େ ଲମ୍ବି ଯାଇଚି ନାଲିଟାଇଲ୍ ବିଛା ପ୍ରଶସ୍ତ ସରଣୀ । ଆଗରେ ମୁଖ୍ୟଦ୍ୱାର । ଦ୍ୱାର ସାମ୍ନାର ଅକୃପଣ ଭାବରେ ଫୁଟି ଉଠିଥିବା ଏକ ଗଙ୍ଗଶିଉଳିର ଗଛ । ଲାଗେ ତା'ର ପତ୍ର ଫୁଲ ଓ ବାସ୍ନାରେ ବହିରାଗତଙ୍କୁ ସ୍ୱାଗତ କରିବାକୁ ଏବେ ପ୍ରସ୍ତୁତ । ଝରି ପଡ଼ିଚି ବି ଗୁଡ଼ାଏ ଛପିଛପିକା ବର୍ଷାଧୁଆ ବାଲି ରାସ୍ତାରେ । ପତ୍ର ସନ୍ଧିରୁ ଝରି ପଡୁଚି- ଟୋପେ ଟୋପେ ପାଣି, ଆବାହନ କଲା ଭଳି ।

ଦୁଆର ଟପୁ ଟପୁ ଆପଣାର ଆହ୍ଲାଦ ପଣରେ 'ଆସ ଆସ' ବୋଲି ଯିଏ ଶଙ୍ଖୋଳି ନେଲେ ସେ **ଅଧ୍ୟାପକ ବିଶ୍ୱରଂଜନ** । ଓଡ଼ିଆ ସାହିତ୍ୟର ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଲେଖନୀ ଚାଳନା କରି ଯେ ସଦା ଆୟୁଷ୍ମାନ । ଓଠରେ ତାଙ୍କର ଚିରାଚରିତ ଉଚ୍ଛଳ ଅକୃତ୍ରିମ ହସ । ମୋତେ ଲାଗେ ସତରେ ତାଙ୍କ ହସ ତାଙ୍କ ବ୍ୟକ୍ତିତ୍ୱର ମାଧୁର୍ଯ୍ୟ । ସେ'ତ କହନ୍ତି "ମୋ ହସର ରହସ୍ୟ ହେଲା ଅନ୍ୟର ହୃଦୟରେ ବସାଟିଏ ବାନ୍ଧିବାର ପ୍ରୟାସ ଏବଂ ନିଜ ହୃଦୟ ଭିତରକୁ ଅନ୍ୟକୁ ପାଛୋଟି ନେବାର ଆନ୍ତରିକ ଆଭାସ । ସତରେ...

ତାଙ୍କ ସୁନ୍ଦର, ସୁସଜ୍ଜିତ ଡ୍ରଇଂରୁମ୍‌ରେ ବସିଲେ ଲାଗେ ସେଠାରେ ଯେମିତି ଶାନ୍ତ ନିର୍ମଳ ନିରବତା ହିଁ ଅଛି, ଦୁଆର ପାଖରେ ଅଟକି ଯାଇଚି ଯାବତୀୟ ଜାଗତିକ କୋଳାହଳ । ଯେ' ଏକ ପ୍ରଶାନ୍ତ ନିଳୟ ।

ନରମ ସଂଧ୍ୟାକୁ ଗରମ କଫି ସହିତ ଟୁଂଟାଂ କଥା ଭିତରେ ମୁଁ ବିଶ୍ୱରଂଜନଙ୍କ ଜୀବନ ଓ ବିସ୍ତୃତ ସୃଜନର ପୃଷ୍ଠଭୂମି ସଂପର୍କରେ ଜାଣିବାକୁ ଚେଷ୍ଟା କଲି । ବିଶ୍ୱରଂଜନ ସାହିତ୍ୟ ଓ ସାଂସ୍କୃତିକ ସଭାମାନଙ୍କରେ ଯେତେ ପ୍ରଗଲ୍‌ଭ ଓ ମୁଖର, ବ୍ୟକ୍ତିଗତ କଥା କହିବାରେ ସେତେ କୁଣ୍ଠିତ ଓ ସଲ୍ଲଜ । ଏହା ମୋର ଉପଲବ୍ଧି । ଏମିତି ହୁଏ ବହୁ ବିଶିଷ୍ଟ ନିଜ ସଂପର୍କରେ କହିବାକୁ ଅଶିଷ୍ଟ ଭାବନ୍ତି, ଏହା ସେମାନଙ୍କର ଉଦାରଚେତା ମାନସିକତା । କିନ୍ତୁ ଯେଉଁଠି ପ୍ରୌଢ଼ି ନାହିଁ, ନାହିଁ ଯେଉଁଠି ଆତ୍ମାଭିମାନଙ୍କ ଆତ୍ମବଡ଼ିମା ପ୍ରଦର୍ଶନର ଇଚ୍ଛା ବା ଆଗ୍ରହ, ସେପରି ବ୍ୟକ୍ତିତ୍ୱ ପ୍ରତି ସ୍ୱତଃ ଆକର୍ଷଣ ଜାତ ହୁଏ । ବିଶ୍ୱରଂଜନ ସେଇଭଳି ଜଣେ ମଣିଷ ଯାହାଙ୍କ ମୁହଁ ଦେଖିଲେ ହୃଦୟକୁ ପଢ଼ି ହେଇଯାଏ, ଯିଏ ସରଳ ପୁଣି ଆବେଗ ଛଳଛଳ, ଅକୃତ୍ରିମ ଓ ନିଛଳ ।

ବିଶ୍ୱରଂଜନଙ୍କ ପୈତୃକ ଗ୍ରାମ ପୁରୀ ନିମାପଡ଼ାର ଛଣିଜଙ୍ଗ ଗ୍ରାମ ହୋଇଥିଲେ ହେଁ ସେମାନେ ସମସ୍ତେ ରହୁଥିଲେ ପୁରୀରେ । ତାଙ୍କ ବାପା ଲକ୍ଷ୍ମୀଧର ମହାପାତ୍ର ରେଭେନ୍ସା କଲେଜରୁ ବି.ଏ. ପାସ୍ ପରେ ସେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଲେ ଓ ତାଙ୍କ ବାପା ମାଆଙ୍କ ସମେତ ନିଜ ପରିବାରକୁ ପୁରୀ ନେଇ ଆସିଲେ । ପୁରୀର ଭଡ଼ାଘର ହିଁ ହେଲା ସେମାନଙ୍କର ପୂର୍ଣ୍ଣ ଆବାସସ୍ଥଳୀ । ଏଇଠୁ ଆରମ୍ଭ ହୁଏ ବିଶ୍ୱରଂଜନଙ୍କ ଜୀବନ ବିଶ୍ୱକୁ ଦୃପ୍ତ ଯାତ୍ରା ।

ପୁରୀରେ ଘର? ଅର୍ଥାତ୍ ସବୁଦିନ କଣ ଭଡ଼ାରେ ରହୁଥିଲେ? ବାପା ତ ଉଚ୍ଚ ପାହ୍ୟାର ଅଧିକାରୀ ଥିଲେ । ଘର କରିପାରିଥାନ୍ତେ! ମୋର ଏ ପ୍ରଶ୍ନରେ ବିଶ୍ୱରଂଜନ ବାପାଙ୍କ ସ୍ମୃତିରେ ଟିକେ ଗର୍ବିତ ହେଲା ଭଳି କହିଲେ, ଅଫିସର୍ ସଚ୍ଚୋଟ ହେଲେ କିଛି ବି କରି ପାରିବ ନାହିଁ, ଘର ତ ବଡ଼କଥା । ତାଙ୍କ ପ୍ରଶାସନିକ ବୃତ୍ତିରେ ଥାଇ ସେ ଘୁରି ବୁଲୁଥିଲେ ସାରା ଓଡ଼ିଶା । ବ୍ରିଟିଶ ପିରିୟଡ଼୍‌ରୁ ତାଙ୍କ ଚାକିରି ଆରମ୍ଭ । ସେତେବେଳେ ଯେଉଁ ଦରମା, ତାଙ୍କ ଖର୍ଚ୍ଚ ସମେତ ପୁରୀରେ ଆମ ସମସ୍ତଙ୍କ ଖର୍ଚ୍ଚ ତୁଲାଇବାକୁ ନିଅଣ୍ଟ । ଏତକ ଜାଣ ଯେ ତାଙ୍କ ଚାକିରି ଜୀବନର ଶେଷ ସମୟ ଯାଏଁ ସେ ଜାଗା ଖଣ୍ଡିଏ କିଣି ପାରିନଥିଲେ । ବୋଉ ତା ଗହଣା ବିକ୍ରିକରି ଜାଗା ଖଣ୍ଡେ କିଣି ପକେଇଥିଲା । ବାପା ଗୃହ ନିର୍ମାଣ ଋଣ ଆଣି ଘର କଲେ ଯେ ତାକୁ ସୁଝିବା ମଧ୍ୟ ସମ୍ଭବ ହେଲା ନାହିଁ ତାଙ୍କ ଦ୍ୱାରା । ଜେଜେ ତାଙ୍କ ପୈତୃକ ଜମି ବିକ୍ରି କରି ସେ ଋଣ ପରିଶୋଧ କଲେ ।



◀ 'ନେତାଜୀ ନିବାସ'ରେ ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସହିତ ଗାଳ୍ପିକ ରବି ପଣ୍ଡା

ଏହା ହିଁ ଥିଲା ବାପାଙ୍କ ସଚ୍ଚୋଟତା । ଘର ନାଁ ବୋଉ ନାଁରେ ହେଲା 'ଉଷାମହଲ', ହେଲେ ସେ ଆଉ ନଥିଲା ।

ବାପାଙ୍କ ସାନ୍ନିଧ୍ୟରୁ ଆବାଲ୍ୟରୁ ସେ ବଞ୍ଚିତ ବୋଲି ଖୁବ୍ କ୍ଷୋଭ ବିଶ୍ୱରଂଜନଙ୍କର । ବାପା ସବୁଦିନ ବାହାରେ ଥା'ନ୍ତି । ଦଶହରା ଛୁଟିରେ ପ୍ରାୟ ଆସନ୍ତି । ବୋଉ ବେଳେବେଳେ ଯାଏ । ମୋର କିନ୍ତୁ ସଂପୂର୍ଣ୍ଣ ଆବାଲ୍ୟ କୈଶୋର ଜେଜେ, ଜେଜେମା'ଙ୍କ ଦ୍ୱାରା ପ୍ରତିପାଳିତ, କହନ୍ତି ବିଶ୍ୱରଂଜନ । ପିଲାବେଳେ ସାଙ୍ଗସାଥୀ ମେଳରେ ପଇସାଟିଏ ଖର୍ଚ୍ଚ କରିବାକୁ ବି ଅସମର୍ଥ ଥାଏ । ବାପା ଅଫିସର୍ ଅଥଚ ମୋ ପାଖରେ ପଇସାଟିଏ ନାହିଁ! ଏଇ ହୀନମନ୍ୟତା ତାଙ୍କୁ ବହୁତ ଦିନ ନିରବ କରିଦେଇଥିଲା । ମନ ଭରି ଯାଇଥିଲା ଉଦାସରେ । ସେତେବେଳେ ତାଙ୍କର ପଞ୍ଚମ ଷଷ୍ଠ ଶ୍ରେଣୀ । ଭାବୁଥିଲେ ଯେମିତି ବାପା ନାହାନ୍ତି କି !

ସତରେ ସେ ବୟସରେ ବାପାଙ୍କୁ କ'ଣ କିଏ ଜାଣିପାରେ ! ଇଚ୍ଛା ପୂର୍ତ୍ତିର ଅଭାବବୋଧ ପାଇଁ ବାପାମାଆଙ୍କୁ ଦୋଷ ଦେବା ସ୍ୱାଭାବିକ । କିଏ ବୁଝେ ଆର୍ଥିକ ସ୍ଥିତି କ'ଣ ବା କ'ଣ ସଚ୍ଚୋଟତାର ଆଦର୍ଶ !

ସେଇଥିପାଇଁ କୁହାଯାଏ ପୁଅ ବାପା ହେଲେ ହିଁ ବୁଝେ ବାପା କ'ଣ? ବୁଝିଥିଲେ ବି ବିଶ୍ୱରଞ୍ଜନ ପରବର୍ତ୍ତୀ ସମୟରେ ବାପାଙ୍କୁ ଜାଣିଥିଲେ ତାଙ୍କ ଆଦର୍ଶ ଓ ଚରିତ୍ର । ସ୍ୱୀକାର କରିଥିଲେ ତାଙ୍କ ପାଇଁ ଅନ୍ତରଙ୍ଗ ବନ୍ଧୁତ୍ୱର ବ୍ୟକ୍ତିରୂପ ଥିଲେ ବାପା । ଯାହାଙ୍କ ପାଖରେ ସେ ନିଃସଂକୋଚରେ ପ୍ରକାଶ କରି ପାରୁଥିଲେ ତାଙ୍କ ଜୀବନର ପ୍ରେମ କାହାଣୀ ପୁଣି ବିବାହ ପ୍ରସଙ୍ଗ । ଏ କଥା ବି ସ୍ପଷ୍ଟ କରିଥିଲେ ଯେ ତାଙ୍କ ବାପା କେବଳ ତାଙ୍କ ଜନ୍ମ ଓ ଜୀବନ କର୍ତ୍ତା ବା କାରଣ ନଥିଲେ, ସେ ଥିଲେ ତାଙ୍କ ଲେଖକୀୟ ବ୍ୟକ୍ତିତ୍ୱର ସ୍ରଷ୍ଟା ।

ଏମିତି କଥା ହେଉ ହେଉ ବିଶ୍ୱରଞ୍ଜନଙ୍କ ଲେଖକୀୟ ଜୀବନ ପର୍ଯ୍ୟାୟକୁ ଅଗ୍ରସର ହଲା ବେଳେ ଯେଉଁ କଥାଟି ନଜାଣିଲେ ସୃଜନର ପୃଷ୍ଠଭୂମି ଅଧୁରା ରହିଯିବ, ସେ କଥାଟି ପଚାରି ଦେଲି, "ସାର୍, ବାପାଙ୍କ କଥା ତ ଜାଣିଲି, ବୋଉ କଥା? ବୋଉକୁ ଛାଡ଼ିଦେଲେ ଜୀବନ କାହିଁ ନା ଅସ୍ତିତ୍ୱ କାହିଁ? କାହିଁ




# ମୋ ଲେଖକୀୟ ଜୀବନର ପ୍ରାଣ ଓ ପ୍ରେରଣା ମୋ ବାପାବୋଉ



●ଆପଣଙ୍କ ଲେଖକୀୟ ଜୀବନର ଅୟମାରମ୍ଭଟି କିପରି?

●●ଲେଖକୀୟ ଜୀବନର ଆରମ୍ଭ କିଶୋର ଅବସ୍ଥାରୁ । ପୁରୀ ଜିଲ୍ଲା ସ୍କୁଲରେ ପଢ଼ିଲା ବେଳେ ଷଷ୍ଠ ଶ୍ରେଣୀରୁ ଆରମ୍ଭ କରି ଏକାଦଶ ଶ୍ରେଣୀ ଯାଏଁ ସ୍କୁଲ୍‌ର ବାର୍ଷିକ ମୁଖପତ୍ର 'ମହୋଦଧି'ରେ ମୋର ଲେଖା ପ୍ରକାଶ ପାଉଥିଲା । ତା'ଛଡ଼ା ସେତେବେଳେ 'ପ୍ରଜାତନ୍ତ୍ର'ର 'ମୀନାବଜାର', 'ସମାଜ'ର ଶିଶୁରାଇଜ' ଏବଂ 'ମାତୃଭୂମି'ର 'କିଶୋର ଫଉଜ' ଇତ୍ୟାଦିରେ ମୋର ଗଳ୍ପ, କବିତା ନିୟମିତ ବ୍ୟବଧାନରେ ପ୍ରକାଶ ପାଉଥିଲା ।

●ସୃଜନଶୀଳତା ପ୍ରେରଣାପ୍ରସୂ କି? ଯଦି ତାହା, ତେବେ ଆପଣଙ୍କ ପ୍ରେରକ ଉତ୍ସ କ'ଣ?

●●ସୃଜନଶୀଳତା ମୋ ଦୃଷ୍ଟିରେ ଅନ୍ତର୍ନିହିତ ଈଶ୍ୱରଦତ୍ତ ପ୍ରତିଭା । ହଁ, ଏହି ପ୍ରତିଭାର ବିକାଶରେ ମୋ ପାଇଁ ପ୍ରେରଣାର ଉତ୍ସ ହେଉଛନ୍ତି ମୋର ବାପା ଓ ବୋଉ । ଆମ ଘରକୁ ଶିଶୁ ଉପଯୋଗୀ ପତ୍ରିକାରୁ ଆରମ୍ଭ କରି 'ଡଗର' 'ଶଙ୍ଖ', 'ନବଭାରତ', 'ଝଙ୍କାର' ଇତ୍ୟାଦି ଅନେକ ପତ୍ରପତ୍ରିକା ଆସୁଥିଲା । ବାପା ପ୍ରକାଶିତ ହେବାର କୌଣସି କାରଣ ନରଖି ଲେଖାଲେଖି କରୁଥିଲେ । ବୋଉ ପ୍ରଚୁର ପଢୁଥିଲା ଏବଂ ମୋ ପାଇଁ ତାର ସ୍ୱପ୍ନ ଓ ଅଭିଳାଷ ଥିଲା, ମୁଁ ଜଣେ ଲେଖକ ଏବଂ ଅଧ୍ୟାପକ ହୁଏ । ସୁତରାଂ ମୋ ଲେଖକୀୟ ଜୀବନର ପ୍ରାଣ ଓ ପ୍ରେରଣା ମୋ ବାପା ବୋଉ ।

●ଆପଣ ଗଳ୍ପ, କବିତା, ପ୍ରବନ୍ଧ, ଫିଚର୍ ଓ ସ୍ତମ୍ଭ ଲେଖିବାରେ ପ୍ରସିଦ୍ଧି ପାଇଛନ୍ତି । ତେବେ ଆପଣଙ୍କୁ କେଉଁ ପରିଚୟଟି ସନ୍ତୋଷ ଦେଇଥାଏ?

ବା ସୃଜନ ? ସେ ତ ଏ ସବୁର ଏକ ସାମଗ୍ରୀକ ସତ୍ତା ।”

ବିଶ୍ୱରଂଜନ ହଠାତ୍ ନୀରବ ହେଇଗଲେ । ହେଇଗଲେ ଅଧୋବଦନ । ନିର୍ବାକ୍ । ବେଶ୍ କିଛି ସମୟ ।

ସାର୍‌ଙ୍କ ଏ ଆକସ୍ମିକ ନୀରବତାରେ ମୁଁ ଆଶଙ୍କିତ ହେଇ ପଡ଼ିଲି । ପଚାରି ଦେଲିକି କିଛି ଗର୍ହିତ ପ୍ରଶ୍ନ ! ଉଖୁରାଇ ଦେଲି ତାଙ୍କ ହୃଦୟର କେଉଁ ଗୋପନ କ୍ଷତ !

କିଛି ସମୟ ପରେ ସାର୍ ପ୍ରକୃତିସ୍ଥ ହେଲା ପରି ମୁହଁ ଟେକିଲେ ଓ କାନ୍ଥକୁ ଏପଟ ସେପଟ ଚାହିଁଲେ । ମୁଁ ଲକ୍ଷ୍ୟ କରୁଥିଲି ସାର୍ ଯେମିତି ତାଙ୍କ ଅସ୍ଥିର ବିଚଳନକୁ ଯାଡ଼େ ସ୍ୟାଡ଼େ ଚାହିଁ ନିୟନ୍ତ୍ରଣ କରୁଛନ୍ତି । ରୋକୁଛନ୍ତି ଆଖିର ଲୁହ । ନହେଲେ ଝରି ପଡ଼ନ୍ତା ଟପ୍ ଟପ୍ ।

ମୋତେ ହଠାତ୍ ପ୍ରତି ପ୍ରଶ୍ନ ପଚାରିଲା ପରି ପଚାରିଲେ, “ମୁଁ ମୋ ଜୀବନରେ ହୋଲି ଖେଳେନା କାହିଁକି ଜାଣ ରବି ?”

ଏହାର ଉତ୍ତର ମୋ ପାଖରେ ନାହିଁ । କିନ୍ତୁ ସାର୍‌ଙ୍କ କଣ୍ଠସ୍ୱରରୁ ବ୍ୟଥା ଓ କୋହ ଯେ ବାରି ହେଇ ପଡୁଛି, ବୁଝି ପାରିଲି ।

ସେ ପୁଣି କହିଲେ ବେଶ୍ ଛଳଛଳ ହେଇ, ହୋଲି ଦିନ ହିଁ ମୋ ବୋଉ ମରି ଯାଇଥିଲା । ମୁଁ ନବମ ଶ୍ରେଣୀରେ ପଢୁଥାଏ । ବାପା ପାଖକୁ ବୋଉ ଯାଇଥାଏ ବରହମପୁର । ଟେଲିଗ୍ରାମ୍ ଆସିଲା ଏ ଖବର ନେଇ । ତାକୁ ସେତେବେଳେ ବତିଶି ବର୍ଷ ମାତ୍ର... ।

ବୁଝିଲି, ଅଳ୍ପ ବୟସରୁ ସାର୍ ବୋଉକୁ ହରେଇ କେତେ ସ୍ପର୍ଶକାତର ! ‘ବୋଉ’ ତ ହୃଦୟର ସବୁଠାରୁ ସମ୍ବେଦନଶୀଳ ଅଂଶ । ମୋ ବୋଉ ବାଆସ୍ତରୀ ବର୍ଷରେ ଚାଲିଗଲା । ତା ସହିତ ପୂର୍ଣ୍ଣ ସମୟ କଟେଇ ବି ତା ସ୍ମୃତିରେ ମୁଁ ଲହୁଲୁହାଣ ହେଇଯାଏ । ସାର୍ ତ ସହଜେ ଛୋଟ ବେଳୁ ହରେଇଛନ୍ତି, ଆବେଗ ପ୍ରବଣ ହେଇ ପଡ଼ିବା ସ୍ୱାଭାବିକ ।

ମୁଁ ସାର୍‌ଙ୍କୁ ବହଲେଇଲା ପରି ପ୍ରସଙ୍ଗ ବଦଳାଇ କହିଲି, “ଆପଣ ଆପଣଙ୍କ ବୋଉଙ୍କ କଥା ରଖିଛନ୍ତି, ସେ’ ସେଇ କଥାରେ ତ ଖୁସି ହେଉଥିବେ ।”

## ବିଶ୍ୱରଞ୍ଜନଙ୍କ ସଂପର୍କରେ କ’ଣ କହନ୍ତି ପତ୍ନୀ ସୌଭାଗିନୀ



ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସହିତ ମୋର ବିବାହ ପ୍ରସ୍ତାବ ପଡ଼ିଥିଲା ବେଳେ ମୁଁ ପ୍ରଥମେ ମୋ ଶ୍ୱଶୁରଙ୍କ ସମ୍ପର୍କରେ ପ୍ରଖ୍ୟାତ ଔପନ୍ୟାସିକ କାହ୍ନୁଚରଣଙ୍କ ପାଖରୁ ଉଚ୍ଚ ପ୍ରଶଂସା ଶୁଣି ଆମେ ଏ ପ୍ରସ୍ତାବରେ ସମ୍ମତି ହୋଇଥିଲୁ । କାହ୍ନୁ ଚରଣ ଥିଲେ ମୋ ବଡ଼ଭଉଣୀଙ୍କ ଶ୍ୱଶୁର । ୧୯୭୭ରେ ବିବାହ । ସୁରୁଖୁରୁରେ ଚାଲିଛି । ଲେଖା, ପଢ଼ା, ପଢ଼େଇବା ଓ ସଭାସମିତିରେ ତାଙ୍କ ସମୟ ବିତେ । ସାଂସାରିକ ଦାୟିତ୍ୱ ମୋତେ ତୁଲାଇବାକୁ ପଡ଼େ । ମୁଁ ତାଙ୍କୁ ଡିଷ୍ଟର୍ବ କରେ ନାହିଁ । ବଡ଼ପୁଅ ନେତାଜୀ ମଧ୍ୟ ଲେଖାଲେଖି କରୁଛି । ମୋ ଶ୍ୱଶୁରଙ୍କ କବିତା ଗୁଡ଼ିକୁ ନେଇ ‘ଲକ୍ଷ୍ମୀଧର ସଞ୍ଚୟନ’ ନାମରେ ଏକ ବୃହତ ସଂକଳନ ମୁଁ କରିଛି । ଏକ ସାହିତ୍ୟିକ ପରିବାର ଓ ପରିବେଶ ଭିତରେ ଆମର ଛୋଟ ଓ ସୁଖୀ ସଂସାରଟି ଚାଲିଛି । ଲେଖକ ସ୍ୱାମୀ ଓ ଲେଖକ ପୁତ୍ର ପାଇ ମୁଁ ବେଶ୍ ଖୁସି ଓ ଗର୍ବିତ ।

●●କବିତାରୁ ହିଁ ମୋର ଲେଖକୀୟ ଜୀବନର ଆରମ୍ଭ । ତା’ପରେ ମୁଖ୍ୟତଃ ମୁଁ ଗାଳ୍ପିକ । ମାତ୍ର ସ୍ତମ୍ଭରଚନାର ହାତ ଦେଲା ପରେ ଏବଂ ନିୟମିତ ସମ୍ବାଦପତ୍ରରେ ପ୍ରକାଶିତ ହେବା ଫଳରେ ପ୍ରଚୁର ପାଠକୀୟ ସ୍ୱୀକୃତି ସାଙ୍ଗକୁ ଏଇଥିରୁ ବିଶେଷ ସନ୍ତୋଷ ଲାଭ କରୁଛି । ତଥାପି ମୁଁ କବିତା ଲେଖେ ଏବଂ କେହି କବି କହୁ କି ନକହୁ, ମୁଁ ସବୁବେଳେ କବିତାରେ ଥାଏ ।



ସହଧର୍ମିଣୀଙ୍କ ସହିତ ଅଧ୍ୟାପକ ବିଶ୍ୱରଞ୍ଜନ

**●ଆପଣ ରାଜନୀତି ବିଜ୍ଞାନର ଅଧ୍ୟାପକ, ରାଜନୀତି ବିଶ୍ଳେଷକ ଅଥଚ ସାହିତ୍ୟରେ ଜଣେ ପ୍ରମୁଖ ସ୍ରଷ୍ଟା, କିପରି କରନ୍ତି ଏ ମିଶ୍ରଣ ?**

●●ସାହିତ୍ୟ ପାଇଁ ରାଜନୀତି କ’ଣ ନିଷିଦ୍ଧ ଇଲାକା ? ଉଭୟ ସାମାଜିକ ଓ ରାଜନୈତିକ ଜୀବନକୁ ନେଇ ତ ସାହିତ୍ୟ । ପ୍ଲେଟୋ, ଏରିଷ୍ଟୋଟଲ୍, ରୁଷୋ, ମାର୍କ୍ସ, ଦାନ୍ତେ- ଏମାନଙ୍କର ଦର୍ଶନ ଶାସ୍ତ୍ର ତ ସାହିତ୍ୟର ଗୋଟିଏ ଗୋଟିଏ ଅମୂଲ୍ୟ କୃତି । ତା’ଛଡ଼ା ପ୍ରତ୍ୟକ୍ଷ ରାଜନୀତିରେ ପ୍ରମୁଖ ଅଂଶ ଗ୍ରହଣ କରିଥିବା ଆମ ଦେଶର ଗାନ୍ଧୀ, ନେହେରୁ, ରାଜଗୋପାଳଚାରୀ, କେ.ଏମ୍.ମୁନସୀ ପ୍ରଭୃତିଙ୍କର ସାହିତ୍ୟିକ ଅବଦାନ କିଛି କମ୍ ନୁହେଁ । ତେଣୁ ରାଜନୀତିବିଜ୍ଞାନରେ ଅଧ୍ୟୟନ ଓ ଅଧ୍ୟାପନା ମୋ ସାହିତ୍ୟକୁ ପରିପୁଷ୍ଟ କରିଛି ।

**●ପ୍ରେମକୁ ନେଇ ଆପଣଙ୍କର ସ୍ୱତନ୍ତ୍ର ପରିଚୟ ଓଡ଼ିଆ ସାହିତ୍ୟରେ । ପ୍ରେମକୁ ନେଇ ଆପଣ ବେଶ୍ ସୃଜନମୁଖର । ତେବେ ଏ ପ୍ରେମର ଅବଧାରଣାଟି କିପରି ?**

●●ପ୍ରେମର ଅବଧାରଣାଟିକୁ ସ୍ପଷ୍ଟ ଭାଷାରେ ବୁଝେଇ ହେବ ନାହିଁ । ଏହା ଭାବ ଓ ଅନୁଭବର କଥା । It can may be experienced. Love cannot be explained. Yet it explains all. ଖାଲି ମୁଁ କାହିଁକି, ମୋ ବିଚାରରେ ପ୍ରତ୍ୟେକ ସାହିତ୍ୟ ସ୍ରଷ୍ଟା ଜଣେ ଜଣେ ପ୍ରେମିକ । ପ୍ରେମରେ ଥାଆନ୍ତି ବୋଲି ଲେଖୁଥାଆନ୍ତି ।

**●ସୃଜନଶୀଳତା ସହ ପ୍ରେମ କେତେ ସଂପୃକ୍ତ ? କ୍ଷମା କରିବେ, ଆପଣଙ୍କ ବ୍ୟକ୍ତିଗତ ଅନୁଭୂତି କହିବେ କି ?**

●●ସୃଜନୀଳତାର ପ୍ରଥମ ମନ୍ତ୍ର ତ ହେଲା ପ୍ରେମ । ମୋର ପ୍ରେମାନୁଭୂତି ଏତେ ବ୍ୟାପକ ଯେ, ଏହାକୁ ବଖାଣି ବସିଲେ, ଆପଣଙ୍କ ସମୟ ଏଥିପାଇଁ ଯଥେଷ୍ଟ ହେବ ନାହିଁ । ଜୀବନର ବିଭିନ୍ନ ପର୍ଯ୍ୟାୟ ରହିଛି । ବୟସର ବିଭିନ୍ନ ସ୍ତର । ଏହିପରି ମୋ ଜୀବନର ବିଭିନ୍ନ ସ୍ତରରେ ମୁଁ ବାରମ୍ବାର ପ୍ରେମରେ ପଡ଼ିଛି ଓ ଉଠିଛି । କିଶୋର ବୟସରୁ ଏଯାବତ୍ ଜୀବନରେ ସାୟାହ୍ନରେ ବି



◀ 'ନେତାଜୀ ନିବାସ'ରେ ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସହିତ ରବୀନ୍ଦ୍ର କୁମାର ବିଶ୍ୱାଳ

ସାର୍ ହସିଲେ । ଟିକେ ମ୍ଳାନ ହସ । "ହଁ ସେ ଚାହୁଁଥିଲା ମୁଁ ଅଧ୍ୟାପକ ହୁଏ ଆଉ ଲେଖକ ବି ।"

ମୁଁ ପଚାରିଲି, "ପୁଅ ପାଇଁ ଏମିତି ଏକ ସ୍ୱପ୍ନ ବା ଭାବନା ରଖିବା ନିଶ୍ଚୟ ଏକ ଅଲଗା କଥା, ଅନ୍ୟ ମା'ମାନଙ୍କ ବିଚାର ଠୁଁ ସଂପୂର୍ଣ୍ଣ ଭିନ୍ନ ।"

ସାର୍ ଏଥର ମନଖୋଲି ହସିଲା ଭଳି କହିଲେ, ସେତେବେଳେ ପୁରୀର ଅଧ୍ୟାପକ, ପ୍ରଫେସର୍‌ମାନଙ୍କୁ ସେ ଦେଖୁଥିଲା, ସେମାନଙ୍କ ଲେଖା ଲେଖି କଥା ଜାଣୁଥିଲା । ପୁଣି ବାପା କୋରାପୁଟ/ଜୟପୁରରେ ସେଟେଲ୍‌ମେଣ୍ଟ ଆସିଷ୍ଟାଣ୍ଟ ଅଫିସର୍ ଥିଲାବେଳେ ବିଖ୍ୟାତ ଲେଖକ କାହ୍ନୁଚରଣ ମହାନ୍ତି ଅଫିସର । ବୋଉ ଗଲେ ଦେଖୁଥିଲା । ଲେଖକମାନଙ୍କ ପ୍ରତି ସମସ୍ତଙ୍କର ଶ୍ରଦ୍ଧା ସମ୍ମାନ ରହୁଥିବା ଜାଣି ହୁଏତ ତା ମନରେ ଏ ସ୍ୱପ୍ନ ଉଦୟ ହୋଇଥିବ । ତା' ଛଡ଼ା ସେ ନିଜେ ବି ଖୁବ୍ ପଢ଼ାପଢ଼ି କରେ । ବାପା ବି ବହୁତ ସାହିତ୍ୟ ପ୍ରେମୀ ଥିଲେ । ରାଜକାର୍ଯ୍ୟ ତୁଲାଇବା ଭିତରେ ସେ ଲେଖାଲେଖି ସିନା କରି ପାରୁ ନଥିଲେ, ପଢ଼ାପଢ଼ି କରୁଥିଲେ ଓ ଘରକୁ ବିଭିନ୍ନ ପତ୍ରପତ୍ରିକା ଆଣୁଥିଲେ । ଘରେ ଉପେନ୍ଦ୍ର ଭଞ୍ଜ, ରାଧାନାଥ, ଗଙ୍ଗାଧରଙ୍କ କାବ୍ୟାବଳୀ ଠାରୁ କାହ୍ନୁଚରଣ ଆଦିଙ୍କ ଉପନ୍ୟାସ ମଧ୍ୟ ଥିଲା । ବୋଉ ନିୟମିତ ଡଗର, ନବଭାରତ, ଝଙ୍କାର ବ୍ୟତୀତ ଶିଶୁ କିଶୋର ପତ୍ରିକା ଓ ପିଲାଙ୍କ ବହି ସବୁ ପଢୁଥିଲା ।

ଘରେ ଏତେ ପତ୍ରପତ୍ରିକା ଓ ବହିର ପ୍ରାଚୁର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲେ ବିଶ୍ୱରଂଜନ । ଏକ ସଂସ୍କୃତସଂପନ୍ନ ପରିବାରର ଦାୟାଦ ଭାବରେ ତାଙ୍କ ଭିତରେ ମଧ୍ୟ ସାହିତ୍ୟ ପ୍ରତି ଅଭିରୁଚି ବଢ଼ିଥିଲା ଓ ପଞ୍ଚମ ଷଷ୍ଠ ଶ୍ରେଣୀରୁ ସେ ଛୋଟ ଛୋଟ କବିତା ଲେଖା ଆରମ୍ଭ କରି ଦେଇଥିଲେ ।

ପୁରୀ ଜିଲ୍ଲାସ୍କୁଲରେ ପଢ଼ିବାବେଳେ ତାଙ୍କ ସ୍କୁଲ୍ ମାଗାଜିନରେ ଲେଖାଟିଏ ଦେବା ପାଇଁ

## କାହିଁକି ଲେଖନ୍ତି ନାହିଁ ସାଙ୍ଗିଆ

**ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ବିଶ୍ୱରଞ୍ଜନ ଏମ୍.ଏ. ପଢୁଥିଲା ବେଳେ କାଷ୍ଟଲେସ୍ ସୋସାଇଟିର ଗୋଟେ ପ୍ରଚ୍ଛନ୍ନ ପ୍ରଭାବ ସେଠାରେ ଥିଲା । ବିଶିଷ୍ଟ ରାଜନୀତିଜ୍ଞ, ସାହିତ୍ୟିକ ଆଦି ସେମାନଙ୍କର ସାଙ୍ଗିଆ ଉଲ୍ଲେଖ କରୁ ନଥିଲେ, ଯେମିତିକି ରାଜନାରାୟଣ, ଚନ୍ଦ୍ରଶେଖର ଆଦି ଅନେକ । ଏହାଦ୍ୱାରା ସେ ପ୍ରଭାବିତ ହୋଇଥିଲେ । ସେଠାରୁ ଫେରି ଓଡ଼ିଶାରେ ଅଧ୍ୟାପନା କ୍ଷେତ୍ରରେ ଯୋଗଦେବା ପରେ କେହି କେହି ବନ୍ଧୁ, ସହକର୍ମୀ ତାଙ୍କୁ 'ଅଧ୍ୟାପକ' ଭାବରେ ସମ୍ବୋଧନ କରିବା ଫଳରେ ସେ ବିଶ୍ୱରଞ୍ଜନ ଆଗରେ ଅଧ୍ୟାପକ ଯୋଡ଼ି ହୋଇ ସାଙ୍ଗିଆ ମହାପାତ୍ର ଛାଡ଼ିଦେଲେ । ପରିଚିତି ଆସିଲା 'ଅଧ୍ୟାପକ ବିଶ୍ୱରଞ୍ଜନ' ଭାବରେ ।**

ପ୍ରେମର ଉଦୟରାଗରେ ରଂଜିତ ହୋଇଛି ମୋର ହୃଦୟ ।

●ସାହିତ୍ୟ ଜୀବନ ସହିତ ଜଡ଼ିତ ଥିଲେ ବି ଜୀବନର ମୌଳିକ ଆବଶ୍ୟକତା ପୂରଣରେ ସମର୍ଥ କି ?

●●ଜୀବନର ମୌଳିକ ଆବଶ୍ୟକତା ପୂରଣ ସାହିତ୍ୟର ଲକ୍ଷ୍ୟ ନୁହେଁ । କିନ୍ତୁ ଜୀବନକୁ ଅର୍ଥପୂର୍ଣ୍ଣ କରି ଗଢ଼ିବାରେ ସାହିତ୍ୟର ଭୂମିକା ରହିଛି ।

●ଆପଣଙ୍କ 'ଅନ୍ତରରୁ ଅନ୍ତରୀକ୍ଷ' ଏକପଦୀ ସଂକଳନଟି ବେଶ୍ ଚର୍ଚ୍ଚିତ, ଏତେ ସଂକ୍ଷେପରେ ଭାବ ବ୍ୟକ୍ତ କରିବାକୁ କିପରି ସମର୍ଥ ହେଲେ ?

●●ମୋର ଏକପଦୀ ହେଉଛି ଅନ୍ତରରେ ଘନୀଭୂତ ଭାବ-ରସର ସାରାଂଶ ।

●ପୁରସ୍କାରକୁ ନେଇ ଆପଣଙ୍କ ମତ କ'ଣ ? କୃତୀ ଠାରୁ ବ୍ୟକ୍ତି ଆମ ଏଠି ବେଶି ପ୍ରାଧାନ୍ୟ ପାଉଛି କି ?

●●ଏବେ ଆମ ସାହିତ୍ୟରେ ପୁରସ୍କାର ସହିତ ତିରସ୍କାର ଯୋଡ଼ା ହୋଇ ରହିଛି । ପୁରସ୍କାର ପ୍ରାପ୍ତି ମାତ୍ରେ ପ୍ରଶଂସା ଓ ଅଭିନନ୍ଦନ ଠାରୁ ନିନ୍ଦା ଓ ସମାଲୋଚନା ବଳି ପଡୁଛି । କଥା ହେଲା, ପୁରସ୍କାର କେବେ ନିଷ୍ପକ୍ଷ ହୋଇ ପାରିବ ନାହିଁ । କାରଣ ଏହା ବ୍ୟକ୍ତି ବିଶେଷର ପସନ୍ଦ, ଅପସନ୍ଦ ଉପରେ ନିର୍ଭର କରେ । ମୋତେ ଯେଉଁ ବହିଟି ଭଲ ଲାଗିଲା, ତାହା ଅନ୍ୟକୁ ଭଲ ନଲାଗିପାରେ । ତେଣୁ ପୁରସ୍କାର ସମ୍ପର୍କରେ କୌଣସି ମତ ରଖିବାର ଆବଶ୍ୟକତା ମୁଁ ଅନୁଭବ କରୁନାହିଁ । କାରଣ କୌଣସି ପୁରସ୍କାର କେବେ ଲେଖକୀୟ କୃତିର ମାନଦଣ୍ଡ ନୁହେଁ ।

● ଆପଣ 'ଚିଠି'ର ସମ୍ପାଦନା କରନ୍ତି, ଯାହା ଏକ ସ୍ୱତନ୍ତ୍ର ସମ୍ପାଦନା କାର୍ଯ୍ୟ, ଆପଣ ଏ କଥା କାହିଁକି ଭାବିଲେ ?


●●ସାହିତ୍ୟ ହେଉଛି ଲେଖକ ପାଇଁ ଭାବପ୍ରକାଶର ଏକ ମାଧ୍ୟମ । ଆଉ ଚିଠି ହେଉଛି ନିଜକୁ ଖୋଲିଦେବାର ଏକ ଅନ୍ତରଙ୍ଗ ମାଧ୍ୟମ । ତେଣୁ ବିଶ୍ୱସାହିତ୍ୟରେ ପତ୍ର-ସାହିତ୍ୟର ଏକ ବିଶେଷ ଭୂମିକା ରହିଛି । ଏପରିକି ବ୍ୟକ୍ତିଗତ ଚିଠିପତ୍ର ମଧ୍ୟ ସାହିତ୍ୟର ଅମୂଲ୍ୟ ସମ୍ପଦ ରୂପେ ବିବେଚିତ ହେଉଛି । ସତୁରି ଦଶକରେ ମିନି ପତ୍ରିକାର ଆନ୍ଦୋଳନ ଚାଲିଥିବା ବେଳେ 'ଚିଠି' ପ୍ରକାଶର ଭାବନା ମୋ ମନକୁ ଆସିଥିଲା ।

●ଆପଣଙ୍କ ପରିବାର ସମ୍ପର୍କରେ ସଂକ୍ଷେପରେ କୁହନ୍ତୁ । କୁହନ୍ତୁ ଏବେ ଆପଣଙ୍କ ସମୟ କେମିତି କଟେ ?

●●ମୋ ପରିବାର ଅର୍ଥ, ମୋ ପତ୍ନୀ ଓ ଦୁଇ ପୁତ୍ର ନେତାଜୀ ଅଭିନନ୍ଦନ ଓ ବାପୁଜୀ ବିଶ୍ୱଚନ୍ଦନ । ପତ୍ନୀ ସୌଭାଗିନୀ ପ୍ରଖ୍ୟାତ ସାହିତ୍ୟିକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପରିବାରରୁ ଆସିଛନ୍ତି । ବଡ଼ପୁଅ ନେତାଜୀ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାଜନୀତିବିଜ୍ଞାନ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ । ବାପୁଜୀ ମନୋବିଜ୍ଞାନରେ କାନାଡ଼ାର ଟରଣ୍ଟୋ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି.ଡିଗ୍ରୀ ହାସଲ କରି ହାମିଲଟନ୍‌ର ମାକମାଷ୍ଟର ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ । ଯୁବଲେଖକ ଭାବେ ନେତାଜୀର ସ୍ୱତନ୍ତ୍ର ପରିଚିତି ରହିଛି ।

●ଆପଣ ଯେମିତି ଜୀମନଟିଏ ଚାହିଁଥିଲେ, ସେମିତି ପାଇଛନ୍ତି କି ? ପ୍ରାପ୍ତି କେତେ ଅବସୋସ କେତେ ?

●●ମୋ ଜୀବନର ଆନନ୍ଦ ହେଉଛି ଅଧ୍ୟାପନାରେ । ଏବଂ ୨୦୦୫ରୁ ଦୀର୍ଘ ଅଠର ବର୍ଷ ହେଲା ମୁଁ କଲେଜରେ ଅଧ୍ୟକ୍ଷ ପଦରୁ ସେବା ନିବୃତ୍ତ ହେଲେ ହେଁ, ଏବେ ବି ଅଧ୍ୟାପନାର ସୁଯୋଗ ମିଳୁଛି । କ'ଣ ପାଇଲି ବା ନ ପାଇଲି, ତାର ହିସାବ କରିବାକୁ ବେଳ ପାଇ ନାହିଁ, କାରଣ ଏବେ ବି ମୁଁ ପ୍ରେମରେ ଅଛି ଓ ପ୍ରେମ ପାଉଛି ।




We Make

• Etching • Beveling • H-Polish • Designers Glass
• Colour Etching • Hi-Polish Etc. • Decorative Mirror











MIRROR HOUSE

Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road, Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com

## ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ସୃଜନ ସମ୍ଭାର

**କ୍ଷୁଦ୍ରଗଳ୍ପ:**

୧. କାଚ କଣ୍ଢେଇ (୧୯୭୪)
୨. ଅଳ୍ପ କଥାର ଗଳ୍ପ (୧୯୮୧)
୩. ତଥାପି ଆଲୋକ (୧୯୯୬)
୪. ରେ ଆତ୍ମନ, ନିଦ୍ରା ପରିହରି (୧୯୯୨)
୫. ଛବିବହି (୧୯୯୦)
୬. ରାତି ପାହିଲେ ପୁରୀ (୧୯୯୦)
୭. ମଳୟ ମଞ୍ଜରୀ (୧୯୯୬)
୮. ଅନନ୍ତ ଶୟନ (୧୯୯୯)
୯. ରତ୍ନଚକ୍ର (୧୯୯୫)
୧୦. ବିଶ୍ୱରଞ୍ଜନଙ୍କ ପ୍ରେମକଥା (୨୦୦୦)
୧୧.ବିଶ୍ୱରଞ୍ଜନଙ୍କ ଅଳ୍ପକଥା (୨୦୦୨)
୧୨.ଚୋରର ଚିଠି (୨୦୦୯)
୧୩. ପୁଅ (୨୦୧୦)
୧୪. ନିର୍ବାଚିତ ଗଳ୍ପ (୨୦୧୫)
୧୫. ଦ୍ରୋହୀ (୨୦୧୫)
୧୬. ବିଶ୍ୱରଞ୍ଜନଙ୍କ ଶ୍ରେଷ୍ଠ ଗଳ୍ପ (୨୦୧୬)

**ଉପନ୍ୟାସ:**

୧. ବସାଘର (୧୯୯୯)
୨. ଚକ୍ର (୨୦୦୬)
୩. ସ୍ୱପ୍ନବାସ (୨୦୦୭)
୪. ସମୁଦ୍ର ସ୍ନାନ (୨୦୧୫)
୫. ଅନାମିକାର ଠିକଣା (୨୦୧୫)

**କବିତା:**

୧. ଜୀବନ ଚମ୍ପୁ (୧୯୭୭)
୨. ଭାବକୁ ନିକଟ (୧୯୯୯)
୩. ଭୂତ କବିତା (୨୦୧୧)
୪. ଅନ୍ତରରୁ ଅନ୍ତରୀକ୍ଷ (୨୦୧୪)
୫. ଚାଣକ୍ୟ ନୀତି ଶତକ (୨୦୧୭)

**ଭ୍ରମଣ କାହାଣୀ:**

୧. କନାଡ଼ା ଏକ ପ୍ରେମକଥା

## ଅଧ୍ୟାପକ ବିଶ୍ୱରଞ୍ଜନଙ୍କ କର୍ମକ୍ଷେତ୍ର

- ଫୁଲବାଣୀ କଲେଜ,
- ଏନ୍.ସି.କଲେଜ, ଯାଜପୁର
- ଭଦ୍ରକ କଲେଜ
- ଫୁଲବାଣୀ କଲେଜ
- ଅନୁଗୁଳ କଲେଜ
- ଏସ୍.ସି.ଏସ୍. କଲେଜ, ପୁରୀ
- ଢେଙ୍କାନାଳ କଲେଜ
- ଫୁଲବାଣୀ କଲେଜ
- ରାଜଧାନୀ କଲେଜ, ଭୁବନେଶ୍ୱର
- ବିଜେବି କଲେଜ, ଭାଇସ୍ ପ୍ରିନ୍ସପାଲ
- ବିଜେବି ଜୁନିଅର କଲେଜ, ପ୍ରିନ୍ସପାଲ
- ଏସ୍‌ସିଏସ୍ କଲେଜ, ପୁରୀ, ପ୍ରିନ୍ସିପାଲ, ସେବା ନିବୃତ୍ତ

**କିଶୋର ସାହିତ୍ୟ**

୧. ଜୀବଜନ୍ତୁଙ୍କ ନୂଆ କାହାଣୀ (୧୯୯୦)
୨. ଶିଶୁ ନାଟକ (୧୯୯୪)
୩. ଫୁଲବାଣୀର ଲୋକକଥା (୨୦୦୦)

**ଅନୁବାଦ:**

୧. ଆମ ସଂସଦ (N.B.T)
୨. ଚା'ର କାହାଣୀ (N.B.T)
୩. ଚିଠିରେ ଚିଠିରେ (୨୦୧୦)
୪. ଚାଣକ୍ୟ ନୀତି ଶତକ(୨୦୧୬)

**ସମ୍ପାଦନା:**

୧. ପ୍ରଜ୍ଞାପ୍ରକାଶ
୨. ରାଜକିଶୋର ରାୟଙ୍କ ପତ୍ରଲିପି
୩. ଚିଠିରେ ଚିଠିରେ କାହ୍ନୁଚରଣ
୪. ଚିଠିରେ ଚିଠିରେ ଚନ୍ଦ୍ରଶେଖର ରଥ
୫. ହୃଦୟରୁ ହୃଦୟକୁ-ଗୋପୀନାଥ ମହାନ୍ତିଙ୍କ ଚିଠି
୬. ଚିଠିରେ ଚିଠିରେ ଜୀବନ

**ପ୍ରବନ୍ଧ ଓ ଫିଚର୍**

୧. ପତ୍ର ଓ ପ୍ରତିଧ୍ୱନି (୧୯୮୧)
୨. ଗଣତନ୍ତ୍ରର ରୂପ ରୂପତନ୍ତ୍ର (୧୯୯୩)
୩. ଡିଙ୍କିଶାଳରୁ ଢେଙ୍କାନାଳ (୧୯୯୬)
୪. ଆମ ନେତାଜୀ (୧୯୯୮)
୫. ବାତ୍ୟା ଓଡ଼ିଶା (୨୦୦୦)
୬. ମିତ୍ରଦୃଷ୍ଟି (୨୦୦୦)
୭. ତୀର ଓ ତରଙ୍ଗ (୨୦୦୨)
୮. ବିଧି ବିଧାନ ସମ୍ବିଧାନ (୨୦୦୨)
୯. ଗଳ୍ପର ନାମ ଗଣତନ୍ତ୍ର (୨୦୦୬)
୧୦. ଇଣ୍ଡିଆ ଦ୍ୟାଟ୍ ଇଜ୍ ଭାରତ (୨୦୦୭)
୧୧. ପ୍ରେମର ପୃଥିବୀ (୨୦୧୬)
୧୨. ସାହିତ୍ୟ: ଶକ୍ତି ଓ ସ୍ୱରୂପ
୧୩. ସାହିତ୍ୟ: ବିଭା ଓ ବିଭବ
୧୪. ସରକାର ଓ ସରକାର
୧୫. ରାଜନୀତି ଭୋଗିବାର କାହାଣୀ

## ପୁରସ୍କାର ଓ ସମ୍ମାନ

- ବିଷୁବ ମିଳନ ପୁରସ୍କାର, ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ,
- କୋଣାର୍କ ସାହିତ୍ୟ ସମ୍ମାନ, କୋଣାର୍କ ସାହିତ୍ୟ ପରିଷଦ
- ଚନ୍ଦ୍ରଭାଗା ଲିଟେରାରୀ ଆୱାର୍ଡ଼, ଚନ୍ଦ୍ରଭାଗା ସାହିତ୍ୟ ପରିଷଦ, ବାଲେଶ୍ୱର
- ଚଲାପଥ ସମ୍ମାନ, ଭୁବନେଶ୍ୱର
- ଫକୀରମୋହନ ଗଳ୍ପ ସମ୍ମାନ, ଉତ୍କଳ ସାହିତ୍ୟ ସମାଜ,
- ରାଜ କିଶୋର ରାୟ ସମ୍ମାନ,ସମୟ ସମ୍ବାଦପତ୍ର
- ଫକୀରମୋହନ ଗଳ୍ପ ସମ୍ମାନ, ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର
- ଅକ୍ଷୟ ସାହିତ୍ୟ ସମ୍ମାନ
- ଧ୍ୱନି ପ୍ରତିଧ୍ୱନି ସାରସ୍ୱତ ସମ୍ମାନ, ବାଲେଶ୍ୱର
- ନାଗରିକ ସମ୍ମାନ, ଅନୁଗୁଳ
- ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ, ସାରଳା ସାହିତ୍ୟ ସଂସଦ, କଟକ
- ଜାହ୍ନବୀ ସୃଜନ ସମ୍ମାନ
- ଶ୍ରୀକ୍ଷେତ୍ର ଗୌରବ ସମ୍ମାନ
- ଆମେ ଓଡ଼ିଶା ସାରସ୍ୱତ ସମ୍ମାନ
- ବିପ୍ଳବୀ ଚକ୍ରଧର ସମ୍ମାନ
- ଝଙ୍କାର ଗଳ୍ପ ସମ୍ମାନ
- ଅଚ୍ୟୁତାନନ୍ଦ ପତି ଗଳ୍ପ ପୁରସ୍କାର, ଭୁବନେଶ୍ୱର



## ମତ ମନ୍ତବ୍ୟ : ଅଧ୍ୟାପକ ବିଶ୍ୱରଞ୍ଜନ



ନିଜ ଜୀବନକୁ ଖୋଜୁଖୋଜୁ ବିଶ୍ୱକୁ ରଞ୍ଜାଇବାକୁ ତୁମେ ଜନଜୀବନକୁ ଖୋଜିଖୋଜି ଚାଲିଛ, ମାଜି ମାଜି ଚାଲିଛ, ସାଜି ସାଜି ଚାଲିଛ । ଗଳ୍ପ ବଜାରର ଭୁଲ୍‌ଭୁଲିଆରେ ସମସ୍ତଙ୍କୁ ହଜାଇ ହଜାଇ ଚାଲିଛ । ଜୀବନବୋଧ ଓ ସମ୍ବୋଧନର ସ୍ୟାହି ଭରି କଲମକୁ ଚଲାଇ ଚଲାଇ ଚାଲିଛ । ଜୀବନର ବଛାବଛା ଶାକ ସବଜି ସାଉଁଟି ସାଉଁଟି ଯତନରେ ରାନ୍ଧିବାଢ଼ି ବାଢ଼ି ଦେଇଛ, ଜୀବନ ମହାପ୍ରସାଦର ଅମୃତ ମଣୋହି ତମେ ବିଶ୍ୱରଞ୍ଜନ ।

**- ଅଚ୍ୟୁତାନନ୍ଦ ପତି**



ବିଶ୍ୱରଞ୍ଜନ ଚଳନ୍ତି ସମୟର ଓଡ଼ିଆ ସାହିତ୍ୟରେ ଜଣେ ସାର୍ଥକ ଗଳ୍ପ ସ୍ରଷ୍ଟା । ପ୍ରାୟ ଗଳ୍ପରେ ସେ ଆଘାତ ଦେଇଛନ୍ତି ବିବେକଭ୍ରଷ୍ଟ ମଣିଷମାନଙ୍କୁ । ପୁଣି କଥାକାର ପ୍ରାୟ ଗଳ୍ପଗୁଡ଼ିକରେ ଖୋଜିଛନ୍ତି ଶୁଦ୍ଧପ୍ରେମ । ସେହି ପ୍ରେମ କୌଣସି ବସ୍ତୁ ପ୍ରାପ୍ତିରେ ନାହିଁ, କ୍ଷମତା ଲିପ୍‌ସାରେ ନାହିଁ, ଉପଭୋଗ ତୃଷ୍ଣାରେ ନାହିଁ, ଅଛି ଶୁଦ୍ଧ ହୃଦୟବତ୍ତାରେ ।

**- ପ୍ରଫେସର ବୈଷ୍ଣବ ଚରଣ ସାମଲ**



ଆଖି ଥିଲେ ଦେଖି ହୁଏ, କିନ୍ତୁ ଅନ୍ତର୍ଦୃଷ୍ଟି ନଥିଲେ ଅନ୍ୟ ଆଖିର ଭାଷା, ମନର ଗୋପନ ଇଚ୍ଛାକୁ ବୁଝି ହୁଏ ନାହିଁ । ଚକ୍ଷୁ ବଦଳରେ ପ୍ରଚକ୍ଷୁର ଦିବ୍ୟଦୃଷ୍ଟି ବିଶ୍ୱରଞ୍ଜନଙ୍କ ପ୍ରେମଗଳ୍ପକୁ ଭିନ୍ନ ଏକ ଉଚ୍ଚତାକୁ ନେଇଯାଏ ।

**- ବିଭୂତି ପଟ୍ଟନାୟକ**



ପ୍ରେମ ବିଶ୍ୱରଞ୍ଜନଙ୍କ କବିତାର ପ୍ରମୁଖ ଆଧାର । ତାଙ୍କ ପାଇଁ ଭୂମି ଠାରୁ ଭୂମା ଯାଏଁ ପରିବ୍ୟାପ୍ତ ପ୍ରେମର ଜୀବନ । ତାଙ୍କ ଦୃଷ୍ଟିରେ ପ୍ରେମ ମୃତ୍ୟୁକୁ ପ୍ରତିହତ କରିପାରୁଥିବା ସଂଜୀବନୀ । ସମୟରେ କ୍ଷୟ କରିବାକୁ ନାକଚ କରି ଦେଇ ପାରୁଥିବା ଦିବ୍ୟଶକ୍ତି ।

**- ରମାକାନ୍ତ ରଥ**



ଚିତ୍ରକର ଭୂମିକାରେ ଏଇଭଳି ଏଇଭଳି ଏକ ପ୍ରକାର ଚିଦାଭାସୀ ଅକ୍ଷରାଂକନରୁ ନିଜର ନିଭୃତତମ ନୈରାମ୍ୟ-ମହାମ୍ୟ ଆମକୁ ଶୁଣାଇଛନ୍ତି ଅଧ୍ୟାପକ ବିଶ୍ୱରଞ୍ଜନ, ଆମ ସନ୍ଦିଗ୍ଧ ସନ୍ଧାନମୟ ସମତଳରେ ଯିଏ ଖୋଦ୍ ଏଯାଏଁ ଚିହ୍ନଟ ଜଣେ ବିରଳ ବର୍ଣ୍ଣବିରଞ୍ଚି ଭାବରେ: ଦରଦୀ, ମରମୀ, ମିଠାମଣିଷ ।

**- ଗିରିଜା କୁମାର ବଳିୟାର ସିଂହ**



କେବେ କଥାର ମିଠାବ୍ୟଂଜନ ତ କେବେ କବିତାର ମଧୁଗୁଂଜନ, କେବେ ରଚନାର ଜ୍ଞାନ ଅଂଜନ ତ ଆଉ କେବେ ବକ୍ତୃତାର ମନୋରଂଜନ...ସାହିତ୍ୟର ସବୁ କ୍ଷେତ୍ରରେ ଯେ ପ୍ରମେୟ ଓ ପ୍ରମୂର୍ତ୍ତ, ସେ ନିଃସନ୍ଦେହରେ ଅଧ୍ୟାପକ ବିଶ୍ୱରଂଜନ

**- ସରୋଜ ବଳ**

ସେ ବହୁ ଚେଷ୍ଟା କରି ମଧ୍ୟ ମନ ବୁଝିଲା ଭଳି ଲେଖାଟେ ଲେଖି ନପାରିବାରୁ ପତ୍ରିକାରେ ସ୍ଥାନିତ ହେବା ଲୋଭରେ ସେ **ଡଗର** ପତ୍ରିକାର ଲେଖାଟିଏ ଉତାରି ପକାଇଲେ । ଲେଖାଟି କେମିତି ହେଇଚି ବୋଲି ଜାଣିବାକୁ ସେ ବୋଉକୁ ଦେଖେଇଲେ । ସେତେବେଳେ ତାଙ୍କର ଶ୍ରେଣୀ । ବୋଉ ଲେଖା ଦେଖି ଖୁସିହେଲା । କହିଲା, ଆରେ ବାଃ ମୋ ପୁଅ ତ ଏବେଠୁ ଏତେ ପୃଷ୍ଠାର ଗପ ଲେଖିଲାଣି, ଜଣେ ବଡ଼ ଲେଖକ ହବ, ହଉ, ପଢ଼, ମୁଁ ଶୁଣେ ।

ବିଶ୍ୱରଂଜନ ଅତ୍ୟନ୍ତ ଉତ୍ସାହରେ ପଢ଼ି ଚାଲିଲ ଗପ । ବୋଉ ହୁଁ ମାରୁଥାଏ । ଗପ ଅଧାରୁ ବୋଉ ହଠାତ୍ ବିଶ୍ୱରଂଜନଙ୍କୁ ଅଟକେଇ କହିଲେ, ତୁ' ଏ ଗପଟା **ଡଗର** ପତ୍ରିକାର ଏଇ ଲେଖକଙ୍କ ଗପ ଉତାରି ପକେଇ କହୁଚୁ ନିଜେ ଲେଖିଛୁ ? ଲେଖା ଚୋରି କରି କିଏ ଲେଖକ ହେଲାଣି ? ନିଜେ ପାରୁଛୁ ତ ଲେଖ୍ ନହେଲେ ଛାଡ଼ିଦେ ।

ବୋଉର ବିରକ୍ତି ଓ ଝିଙ୍ଗାସ ବିଶ୍ୱରଂଜନଙ୍କୁ ବଦଳେଇ ଦେଇଥିଲା । ସେ ଅନୁତାପ କରିଥିଲେ ଓ ନିଜସ୍ୱ ଲେଖାରେ ଦିନେ ପରିଚିତି ସୃଷ୍ଟି କରିବେ, ଏକଥା ହୁଏତ ସେଦିନ ମନେମନେ ଶପଥ କରିଥିଲେ ।

ବିଶ୍ୱରଞ୍ଜନଙ୍କର ସାହିତ୍ୟ ପ୍ରତି ଆକର୍ଷଣ ସହିତ ରାଜନୀତି ପ୍ରତି ମଧ୍ୟ ଆଗ୍ରହ ଥିଲା । ପୁରୀ ଏସ୍.ସି.ଏସ୍. କଲେଜରେ ପ୍ରି-ୟୁନିଭର୍‌ସିଟିରୁ ବି.ଏ . ପଢ଼ିବା ଭିତରେ ସେ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ ଓ

### ଘରର ନାମ: 'ନେତାଜୀ ନିବାସ'



◄ 'ନେତାଜୀ ନିବାସ'ର ଫାଟକ ଆଗରେ ପତ୍ନୀ ସହିତ ଅଧ୍ୟାପକ ବିଶ୍ୱରଞ୍ଜନ

ବିଜୁ ପଟ୍ଟନାୟକଙ୍କ ଘର 'ନବୀନ ନିବାସ' ପାଖାପାଖି ବିଶ୍ୱରଞ୍ଜନଙ୍କ ଘର । ବିଜୁବାବୁ ଏ ଘରର ନାମ ଦେଲା ବେଳେ ନିଜ ସାନପୁଅ 'ନବୀନ'ଙ୍କ ନାମ ଦେଇଥିଲେ, ସେତେବେଳେ 'ନବୀନ' ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ ଏ କଥା ଆଦୌ କଳ୍ପନା କରି ନଥିଲେ । କିନ୍ତୁ ତାଙ୍କ ଅନ୍ତେ ନବୀନ ପଟ୍ଟନାୟକ ଦୀର୍ଘକାଳ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ଏହି 'ନବୀନ ନିବାସ'ରେ ରହି ଆସୁଛନ୍ତି । ଅଧ୍ୟାପକ ବିଶ୍ୱରଞ୍ଜନ ଏ ଘରର ନାମ ତାଙ୍କ ବଡ଼ପୁଅ ନେତାଜୀ ଅଭିନନ୍ଦନଙ୍କ ନାମରେ 'ନେତାଜୀ ନିବାସ' ରଖିଛନ୍ତି, ଯିଏ କି ରାଜନୀତି ବିଜ୍ଞାନର ପ୍ରଫେସର୍ ଓ ରାଜନୀତିରେ ରୁଚି ରଖନ୍ତି । ପୁଣି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖାଲେଖି କରି ସୁନାମ ପାଇଛନ୍ତି । ସାନପୁଅ 'ବାପୁଜୀ' ଏବେ କାନାଡ଼ାରେ ସ୍ଥାୟୀ ଅଧିବାସୀ । ଏ ଦୁଇଜଣଙ୍କ ନାମକରଣରେ ଏଇ ଦୁଇ ମହାପୁରୁଷଙ୍କ ଚରିତ୍ର ଓ କାର୍ଯ୍ୟପ୍ରଣାଳୀଗତ ସାମଞ୍ଜସ୍ୟ ଅଛି ବୋଲି କହନ୍ତି ପିତା ବିଶ୍ୱରଞ୍ଜନ । ତେବେ ନେତାଜୀ ସକ୍ରିୟ ରାଜନୀତିକୁ ଆସିବ କି ନାହିଁ, ତାହା ଭବିଷ୍ୟତ କହିବ । ତେବେ ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଏ ଗୋପନ ଇଚ୍ଛାଟି ମୁଁ ଜାଣିପାରିଲି ।

ପ୍ରତିବର୍ଷ ଛାତ୍ର ୟୁନିୟନକୁ ନିର୍ବାଚିତ ହୋଇ ବି.ଏ. ଶେଷ ବର୍ଷ ପୁରୀ କଲେଜ୍‌ର ପ୍ରେସିଡେଣ୍ଟ ଭାବେ ନିର୍ବାଚିତ ହୋଇଥିଲେ । ସେତେବେଳେ ଛାତ୍ର ୟୁନିୟନକୁ ଦୁଇଟି ଛାତ୍ର ସଂଗଠନ ପରିଚାଳନା ଓ ନିୟନ୍ତ୍ରଣ କରୁଥିଲେ । ଷ୍ଟୁଡେଣ୍ଟସ୍ ୟୁନିୟନ ଓ ଷ୍ଟୁଡେଣ୍ଟସ୍ ଫେଡ଼େରେସନ । ବିଶ୍ୱରଂଜନ ସବୁବେଳେ ଷ୍ଟୁଡ଼େଣ୍ଟସ୍ ୟୁନିୟନର ପ୍ରତିନିଧିତ୍ୱ କରୁଥିଲେ ।

ଷାଠିଏ ସତୁରୀ ଦଶକରେ ଆଇ.ଏ.ଏସ୍. ପ୍ରତି ଅଧିକ ଚାହିଦା ଥିଲା ଓ ଓଡ଼ିଶାରୁ ପ୍ରାୟ ଅଧିକାଂଶ ଆଇ.ଏ.ଏସ୍. ବି ପାଉଥିଲେ । ଏମାନଙ୍କ ମଧ୍ୟରେ ଥିଲେ ଅଧିକ ଆହ୍ଲାବାଦ ବିଶ୍ୱବିଦ୍ୟାଳୟ ଛାତ୍ର । ବିଶ୍ୱରଂଜନଙ୍କ ସହପାଠୀମାନେ ପ୍ରାୟ ସମସ୍ତେ ପ୍ରଶାସନିକ ଅଧିକାରୀ ଓ ଏମାନେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଅଧିକାଂଶ ପଢୁଥିଲେ । ପସନ୍ଦର ବିଷୟ ବି ଥିଲା ରାଜନୀତି ବିଜ୍ଞାନ । ବିଶ୍ୱରଂଜନ ରାଜନୀତି ବିଜ୍ଞାନରେ ଗ୍ରାଜୁଏସନ୍ କରି ସାରିଲା ପରେ ଆହ୍ଲାବାଦରେ ଏମ୍.ଏ. ପଢ଼ିଲେ । ଏମ୍.ଏ. ପାସ୍ ପରେ ପରେ ସେ ଫୁଲବାଣୀ କଲେଜରେ ଅଧ୍ୟାପକ ଭାବରେ ଯୋଗ ଦେଲେ । ସେ ଖୁସି ଥିଲେ । ପୁରୀ କଲେଜରେ ଥିବା ପ୍ରଫେସର ରାଜ କିଶୋର ରାୟ ଜୟକଷ୍ଟ ମିଶ୍ର, ସର୍ବେଶ୍ୱର ଦାଶ ଆଦି ସମ୍ମାନାସ୍ପଦ ଅଧ୍ୟାପକମାନଙ୍କୁ ଦିନେ ଦେଖି ବୋଉ ତାଙ୍କ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲା, ଆଜି ସେଇ ପଦବୀ ପାଇ ଯେମିତି ବୋଉର ଇଚ୍ଛା ପୂରଣ କରିବାରେ ସମର୍ଥ ହେଇଥିଲେ । ବୋଉ ଶୁଣୁ କି ନଶୁଣୁ ଶୁଣେଇଲା ଭଳି ଉଚ୍ଚାରଣ କରିଥିଲେ ଅଧ୍ୟାପକ ବିଶ୍ୱରଂଜନ- ଅଧ୍ୟାପକ ବିଶ୍ୱରଂଜନ ।


## ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ପଞ୍ଜିକା

ନାମ : **ବିଶ୍ୱରଞ୍ଜନ ମହାପାତ୍ର**
ଜନ୍ମ : **୧୨ ଡିସେମ୍ବର ୧୯୪୬**
ଜନ୍ମସ୍ଥାନ : **ପୁରୀ**
ବାପାଙ୍କ ନାମ : **ଲକ୍ଷ୍ମୀଧର ମହାପାତ୍ର**
ମା'ଙ୍କ ନାମ : **ଉଷାରାଣୀ ମହାପାତ୍ର**
ପତ୍ନୀଙ୍କ ନାମ : **ସୌଭାଗିନୀ ମହାପାତ୍ର**
ଶିକ୍ଷା : **ସ୍ନାତକୋତ୍ତର ରାଜନୀତି ବିଜ୍ଞାନ**



କିନ୍ତୁ ଉଣେଇଶ ବାସ୍ତରୀରୁ ଛଅସ୍ତରୀ ଭିତରେ ଯେତେବେଳେ ଅଧ୍ୟାପକ ବିଶ୍ୱରଂଜନ ଅନୁଗୁଳ କଲେଜରେ ଅଧ୍ୟାପକ ଥିଲେ ସେତେବେଳେ ପୁଣିଥରେ ଆଇ.ଏ.ଏସ୍. ମାୟାରେ ପଡ଼ିଥିଲେ । ସେତେବେଳକୁ ତାଙ୍କର ଲେଖକୀୟ ପ୍ରସିଦ୍ଧି କିଛିଟା ଆସି ସାରିଥାଏ । ଗପ 'ଝଙ୍କାର'ରେ ପ୍ରକାଶ ପାଉଥାଏ । ତାଙ୍କ ସମ୍ପାଦନାରେ ପ୍ରକାଶ ପାଉଥାଏ 'ଚିଠି' । ପ୍ରଥମ ବହି 'କାଚ କଣ୍ଢେଇ' ବି ପ୍ରକାଶ ପାଇ ସାରିଥାଏ । ଅନୁଗୁଳ କଲେଜରେ ସାହିତ୍ୟିକ ବାତାବରଣ ଓ ସେଠାକୁ ନିୟମିତ ଆସୁଥିବା ଦିଗ୍‌ଗଜ କବି-ଲେଖକମାନଙ୍କ ସଂସ୍ପର୍ଶ ତାଙ୍କୁ ଅଧିକ ଉତ୍ସାହିତ, ପ୍ରେରିତ କରୁଥାଏ । କଲେଜର ଅଧ୍ୟକ୍ଷ ଥାଆନ୍ତି ଉତ୍କଳମଣି ଗୋପବନ୍ଧୁଙ୍କ ଝିଅର ପୁଅ ନାତି ଡ. ସତ୍ୟବାଦୀ ମିଶ୍ର, ଅଧ୍ୟାପିକା ଥାଆନ୍ତି କବୟିତ୍ରୀ ମନୋରମା ମହାପାତ୍ର । ଆସୁଥାଆନ୍ତି ସଚ୍ଚି ରାଉତରାୟ ଓ ରାଧାମୋହନ ଗଡ଼ନାୟକ ଓ ଅନ୍ୟମାନେ । ସାହିତ୍ୟ ଓ ସୃଜନ ପଲ୍ଲବିତ ଓ ପ୍ରଫୁଲ୍ଲିତ ହେଉଥାଏ ।

ଏଇ ସମୟରେ ଅଧ୍ୟାପକ ବିଶ୍ୱରଂଜନଙ୍କ ପ୍ରେମିଳ ଆବେଗକୁ ପ୍ରାଣପ୍ରାଚୁର୍ଯ୍ୟରେ ଭରିଦେବା ପାଇଁ ଆସେ ଜଣେ ଅନୁରାଗିଣୀ ପ୍ରେମିକା । ବି.ଏ. ପଢୁଥିବା ସୁନ୍ଦରୀଟି ଯୁବକ ବିଶ୍ୱରଂଜନଙ୍କ ରୂପ, ପ୍ରତିଭା ଓ ପ୍ରସିଦ୍ଧି ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ । କିଏ ଜାଣେ ପ୍ରେମ କୋଉଠି ଲୁଚିକି ଥାଏ, କେତେବେଳେ କେମିତି କାହା ସହିତ ହେଇଯାଏ !



ଉଭୟଙ୍କ ପ୍ରେମ ନିବିଡ଼ ହେଲା, ଆକାର ନେଲା । ବିବାହ ପର୍ଯ୍ୟାୟକୁ ଝିଅଟି ରଖିଲା ଗୋଟେ ସର୍ତ୍ତ: ତୁମେ ଆଇ.ଏ.ଏସ୍. ହୁଅ । ପ୍ରେମ କାହାଣୀର ଏହା ଯେମିତି ଏକ ବିଡ଼ମ୍ବିତ ଟୁଇଷ୍ଟ୍ । ପ୍ରେମରେ ସର୍ତ୍ତ ନଥାଏ ହୁଏତ ବିବାହ ପ୍ରସଙ୍ଗ ଆସିଲେ ପ୍ରୟୋଜନୀୟତା ଓ ତଉଲ ଭିତ୍ତିରେ ପ୍ରେମିକାଟି ଅଧିକ ଉଚ୍ଚାଭିଳାଷୀ ହେଇଯାଏ । ଅଧ୍ୟାପକ ବିଶ୍ୱରଂଜନଙ୍କ ଉଦାର ପ୍ରେମ ମନସ୍କତା ହୁଏତ ମୂର୍ଚ୍ଛିତ ହେଇ ପଡ଼ିଥିବ ଏ ଆକସ୍ମିକତାରେ, ତଥାପି ସେ ନିଜ ପୌରୁଷ ଓ ପ୍ରତିଭାକୁ ପ୍ରାମାଣିକତା ଦେବାକୁ ପ୍ରସ୍ତୁତିରେ ଲାଗି ପଡ଼ିଲେ । ଆହ୍ଲାବାଦରେ ପଢ଼ିବାବେଳର ଅବଦମିତ ଇଚ୍ଛାଟି ଯେମିତି ଏବେ ପୁନଃ ଜାଗ୍ରତ ହେଇ ଉଠିଲା । ସେ ଲିଖିତ ପରୀକ୍ଷାରେ ସେ ବର୍ଷ ସଫଳତା ପାଇଲେ କିନ୍ତୁ ଭାଇଭା ବେଳକୁ ପ୍ରେମ ବିଚ୍ଛିନ୍ନ ହେଇ ଯାଇଥିଲା, ଆଉ ପ୍ରେମିକା ଯୋଗାଯୋଗ ହୀନ ନିରୁଦ୍ଦିଷ୍ଟ । ଏ ପ୍ରତାରଣା ତାଙ୍କ ଜୀବନର ଯେମିତି ଆଉ ଗୋଟେ ନିର୍ଘାତ ଆଘାତ ଥିଲା, ବୋଉର ଆକସ୍ମିକ ଓ ଅପ୍ରତ୍ୟାଶିତ ଦେହାନ୍ତ ପରି । ସେ ପୁନଶ୍ଚ କିଛିଦିନ ଆତ୍ମମଗ୍ନ ଓ ନିରବ ହେଇଗଲେ । ଏକଥା କାହାକୁ ଅଛପା ନଥିଲା । ସମସ୍ତେ ଜାଣିଥିଲେ ଏ ପ୍ରେମକଥା, ଏବେ ଜାଣିଲେ ପ୍ରତାରଣା କଥା । ବନ୍ଧୁମାନେ କହିଲେ, କେବେ ବି ବିଶ୍ୱାସ କରିବ ନାହିଁ- ନିଆଁକୁ ନାରୀକୁ,...

୧୯୭୭ରେ ବିଶିଷ୍ଟ ପ୍ରାବନ୍ଧିକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ନାତୁଣୀ ସୌଭାଗିନୀଙ୍କୁ ବିବାହ କଲା ପରେ ଆରମ୍ଭ ହୁଏ ତାଙ୍କ ପରବର୍ତ୍ତୀ ପାରିବାରିକ ଓ ସାହିତ୍ୟିକ ଜୀବନର ଜୟଯାତ୍ରା । ଅଧ୍ୟାପକ ଥିଲେ ଓ ରହିଲେ, ଏ ସମ୍ପର୍କରେ କିଏ ପଚାରିଲେ ସେ କହନ୍ତି । କିଏ କ'ଣ ଚାହିଁଥିଲେ ନା ଆଶା କରିଥିଲେ, ସେଥିରେ ମୋର କିଛି କହିବାର ନାହିଁ । ମାତ୍ର ଅଧ୍ୟାପକ ହେବା ହିଁ ଥିଲା ମୋର ପ୍ରବୃତ୍ତି ଅନୁକୂଳ ବୃତ୍ତି ଏବଂ ବର୍ତ୍ତମାନ ଅଧ୍ୟାପକ ବିଶ୍ୱରଞ୍ଜନ ଭାବରେ ନିଜକୁ ପରିଚିତ କରେଇବାରେ ମୋର ଯେଉଁ ଆନନ୍ଦ ଆତ୍ମସନ୍ତୋଷ, ତାହା ମୁଁ ଭାବୁଛି ଅନ୍ୟ କୌଣସି ବୃତ୍ତିରେ ମୁଁ ପାଇ ପାରିନଥାନ୍ତି ।

ଅଧ୍ୟାପକ ବିଶ୍ୱରଂଜନ ଓଡ଼ିଆ ସାହିତ୍ୟର ଜଣେ ସର୍ବକ୍ଷେତ୍ର ସ୍ୱର୍ଣ୍ଣୀ ସ୍ରଷ୍ଟା । ଏକାଧାରରେ ସେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ଫିଚର ଲେଖକ, ସ୍ତମ୍ଭକାର, ସମ୍ପାଦକ ଓ ସୁବକ୍ତା । ବିଭିନ୍ନ ଖବର କାଗଜରେ ପ୍ରକାଶିତ ସ୍ତମ୍ଭ ଦିନେ ପାଠକମାନଙ୍କ ମଧ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରୁଥିଲା । ତାଙ୍କର ବେପରୁଆ ମତ ଓ ମନ୍ତବ୍ୟ ପାଇଁ ସେ ବହୁ ସମୟରେ ବିବାଦୀୟ ହୋଇଛନ୍ତି ଓ ସରକାରୀ ଆକ୍ରୋଶର ଶିକାର ହୋଇଛନ୍ତି । ତଥାପି ସେ ଅଛନ୍ତି ଅଦମିତ ଓ ଦର୍ପିତ ।

ଆଜି ବୟସ ତାଙ୍କୁ ପ୍ରବୀଣ କରିଛି କିନ୍ତୁ ଆବେଗ ଓ ଆଚରଣରେ ସେ ତଥାପି ଅଛନ୍ତି ତରୁଣ ଓ କୋମଳ । ଅଛନ୍ତି ପଠନ ଓ ପାଠକଯୁକ୍ତ । ଆଖିରେ ଅଛି ଆକର୍ଷଣୀୟ ଚମକ, ହସରେ ଅଛି ଆପଣେଇ ନବାର କୁହୁକ ।

ସେ ସେମିତି ଥାଆନ୍ତୁ । ଚିର ସବୁଜ ଛଳଛଳ, ହୃଦୟରେ ଫୁଟେଇ ରଖି ଥାଆନ୍ତୁ ଶ୍ରଦ୍ଧା ଓ ପ୍ରେମର ଅମଳିନ ଶତଦଳ ।

ଆମେ ଉଠିଲୁ । ରାତି ଗଭୀର ହେଉଥିଲା । ସେ ଆମକୁ ବଳେଇ ଦେବାକୁ ଠିଆ ହେଇଥିଲେ ଫାଟକ ସେପଟେ । ଯେମିତି ସେ କହୁଥିଲେ-

ନାମକୁ ଭୁଲିବା ଚାଲ ହୃଦୟ ଚିହ୍ନିବା
ସ୍ରଷ୍ଟା ନାମ ଭୁଲି ଆମେ ସୃଷ୍ଟିକୁ ଜାଣିବା
ଯୀଶୁ, ଆଲ୍ଲା, ଜଗନ୍ନାଥ ସଭିଏଁ ସମାନ
ଅନାମ ସମ୍ଭୂତ ଆମେ ସମସ୍ତେ ଅନାମ ।



SUPRATIK INFRAVENTURES
LIFESTYLE Project - II
Limited 2 & 3 BHK
Flat Available
RERA
APPROVED
7205330222
sales@supratikinfraventures.com
Follow us on :
/ supratikinfraventures
www.supratikinfraventures.com
Branch Office : Alupur, Near Laxminarayan Temple
O. T. Road, Balasore - 756001

# ଆବେଗମୟ ଅନ୍ନଦାଶଙ୍କର



# ଆବେଗମୟ ଅନ୍ନଦା ଶଙ୍କର


## ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ପୂର୍ବତନ ବିଭାଗ ମୁଖ୍ୟ: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୭୫୬୦୮୯, ଫୋନ: ୯୯୩୭୩୬୫୬୯୮


ଫଟୋ ସୌଜନ୍ୟ : ଗୁଗୁଲ୍

**ଉଭୟ ଓଡ଼ିଆ ଓ ବଙ୍ଗଳା ସାହିତ୍ୟର ଜଣେ ମହାନ୍ ତପସ୍ୱୀ ହେଲେ ଅନ୍ନଦା ଶଙ୍କର ରାୟ (୧୫ ମଇ ୧୯୦୪ - ୨୮ ଅକ୍ଟୋବର ୨୦୦୨)। ଓଡ଼ିଶାରେ ଜନ୍ମ ଓ ଓଡ଼ିଆରେ କବିତା ଲେଖା । କିନ୍ତୁ ପ୍ରତିଷ୍ଠା ପାଇଲେ ବଙ୍ଗଳାରେ ଲେଖି । ସବୁଜ ଯୁଗର ସେ ଜଣେ ପ୍ରଖର କବି ଥିଲେ ।**



▲ ଲେଖକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଏମିତି ସଚେତନ ଓଡ଼ିଆ ସାହିତ୍ୟର ଛାତ୍ର ନାହାନ୍ତି ଯେଉଁମାନେ ଦିନେ ହେଲେ ଗାଇନଥିବେ:

"ଆହା ଯଉବନ ଥରେ ଗଲେ ଆଉ ଆସେନା
ବୃଥା-ବିଧୂର ପ୍ରାଣେ ଝୁରେ ବାସନା ।"

କୋଲ୍‌କାତାର ଜନଗହଳି ମଧ୍ୟରେ ମାର୍ଚ୍ଚ ମାସ ଶେଷ ସପ୍ତାହ ୧୯୯୭ ମସିହାରେ ଗ୍ରୀଷ୍ମର ସାମାନ୍ୟ ଉତ୍ତାପ ସହ୍ୟ କରି କରି ବୁଲୁଥିବା ବେଳେ ଅନ୍ନଦାଶଙ୍କରଙ୍କ ରଚିତ ସେହି କବିତା ଧାଡ଼ି କେତୋଟି ଛାତି ଭିତରେ ଗୁଞ୍ଜରିତ ହୋଇ ଉଠୁଥିଲା । ଅନୁଜ ଶୁକମୁନିଙ୍କ ସହିତ ଅନ୍ନଦାଶଙ୍କର ରାୟଙ୍କ ଘର ଖୋଜି ଖୋଜି ଯେତେବେଳେ ହୋଇ ପଡ଼ିଲୁ କ୍ଳାନ୍ତ ଓ ଅବଶ, ସେହି ସମୟରେ ହିଁ ପ୍ରବେଶ କଲୁ ଅନ୍ନଦାଶଙ୍କର ରହୁଥିବା ବିରାଟ ଆପାର୍ଟମେଣ୍ଟ୍ ମଧ୍ୟକୁ । ଜଗୁଆଳୀ ଫୋନ୍ ମାଧ୍ୟମରେ ଜଣାଇ ଦେଲା କବିଙ୍କୁ ଯେ ଓଡ଼ିଶାରୁ କେହି ଆସିଛନ୍ତି ଆପଣଙ୍କୁ ଦେଖା କରିବାକୁ । ସେ ପଟରୁ ବୋଧହୁଏ ସମ୍ମତିସୂଚକ ଶବ୍ଦ ଆସି ପହଞ୍ଚିଲା । ଆମେ ଦୁଇଜଣ ଅନୁମତି ପାଇଗଲୁ ତାଙ୍କ ବାସଗୃହକୁ ଯିବା ନିମିତ୍ତ ସଦୟ ଅନୁଗତି ।

ହୃଦୟ ଭିତରଟା କାହିଁକି କେଜାଣି କେବଳ ଦୋହଲି ଯାଉଥାଏ ଯାହାଙ୍କୁ ଦେଖିବୁ ଆମେ ଅଳ୍ପ ସମୟ ମଧ୍ୟରେ ସେ ବ୍ୟକ୍ତିତ୍ୱ କେତେ ବିରାଟ । ଓଡ଼ିଶା ଭିତରେ ଥାଇ ମଧ୍ୟ ମୁଁ କେବେ ସବୁଜ ଧାରାର କୌଣସି କବି ଲେଖକଙ୍କୁ ଦେଖିବାର ସୁଯୋଗ ପାଇ ନଥିବି କେବେ? ମନରେ ସେଥିପାଇଁ ରହି ଯାଇଥାଏ ଅତୃପ୍ତିର ଦୀର୍ଘଶ୍ୱାସ । କାଳିନ୍ଦୀ ଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ ଓ ସେ ସମୟର ଲେଖକ ଲେଖିକାଙ୍କ ଦର୍ଶନ ଲାଭରୁ ଥିଲି ବଞ୍ଚିତ । ଆଜି କ'ଣ ମୁଁ ସତକୁ ସତ ଯଦି ଅନ୍ନଦାଶଙ୍କରଙ୍କୁ ଦେଖିବାର ସୁଯୋଗ ପାଏ ତା'ହେଲେ ତାଙ୍କରି ମଧ୍ୟ ଦେଇ ଓଡ଼ିଆ ସାହିତ୍ୟ ସବୁଜ ଧାରାର ପ୍ରଭାବ ମୋ ଜୀବନ ଉପରେ କେତେ ମାତ୍ରାରେ ପଡ଼ିଛି ତାହା ଅନୁଭବ କରି କରି ହେଉଥିଲି ଉଦ୍‌ଗ୍ରୀବ ଓ ଉଦ୍‌ବେଳିତ ।

କଲିଂବେଲ୍ ଦେବା ମାତ୍ରକେ ବାହାରି ଆସିଲା ଛୋଟ ଭଉଣୀଟିଏ । କହିଲା: "ବସନ୍ତୁ, ସାର୍ ଆସୁଛନ୍ତି ।" ମାତ୍ର କେତୋଟି ମୁହୂର୍ତ୍ତ ପରେ ଧୀରେ ଧୀରେ ଶୁଭ୍ର ରଙ୍ଗର ଉଚ୍ଚ ଶରୀର ଧାରୀ ଯେଉଁ ମଣିଷ ଜଣକ ଅତି ମନ୍ଥର ଗତିରେ ଆମ ପ୍ରତି ହେଉଥାନ୍ତି ଅଗ୍ରସର- ସେ ଯେ ଅନ୍ନଦାଶଙ୍କର ଏହା କ'ଣ ଆଉ ଉଲ୍ଲେଖ କରିବାର ରହିଛି ପ୍ରୟୋଜନ? ତାଙ୍କର ପାଦସ୍ପର୍ଶ କରି ପ୍ରଣାମ ନିବେଦନ କରିବା ପରେ ସେ ଆମ ସମ୍ମୁଖରେ ପଡ଼ିଥିବା ବେତ ଚୌକି ଉପରେ ବସିଲେ ଧୀରେ ଧୀରେ । ପୂର୍ବରୁ ସୂଚନା ଦେଇଥିଲି ଯେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରିବାରରୁ ଯାଉଛି ଆପଣଙ୍କ ପାଖକୁ । ବୋଧହୁଏ ସେଇ କାରଣରୁ ଆମ ମୁହଁକୁ ଚାହିଁବା ମାତ୍ରକେ ତାଙ୍କ ସମଗ୍ର ମୁଖମଣ୍ଡଳଟି ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହୋଇ ଉଠିଲା, ଆମେ ତାଙ୍କୁ କିଛି କହିବା ପୂର୍ବରୁ ସେ ଯେ ପ୍ରଥମେ ପଚାରିଲେ- "ଆଉ ଘରେ ସମସ୍ତେ ଭଲ ଅଛନ୍ତି ତ?" ମୁଁ ସମ୍ମତି ସୂଚକ ଉତ୍ତର ଦେଲି । ଏହାପରେ ଓଡ଼ିଆରେ ତାଙ୍କ କବିତା ଲେଖା ଓ ସବୁଜ ଧାରା ସମ୍ପର୍କରେ କେତୋଟି ସଂକ୍ଷିପ୍ତ ପ୍ରଶ୍ନୋତ୍ତରର ଆଦାନ-ପ୍ରଦାନ ହୋଇଗଲା । ମୁଁ ତାଙ୍କୁ ପଚାରିଲି, "ଆପଣ ତ ଓଡ଼ିଆ କବିତା ସୃଷ୍ଟିରେ ସୃଜନ ପ୍ରେରଣାର ସଙ୍ଗୀତ ଗାନ କରୁଥିଲେ । କାହିଁକି ଓଡ଼ିଶାରେ ନରହି କିମ୍ବା ଓଡ଼ିଆ ଭାଷାରେ ଆପଣଙ୍କ ସାଧନା ଅବ୍ୟାହତ ରଖିଲେ ନାହିଁ?"

ତାଙ୍କ ଓଠରେ ସୃଷ୍ଟି ହେଇଗଲା ଏକ ମୃଦୁହାସ୍ୟର ରେଖା । କହିଲେ, "ଓଡ଼ିଶାରେ ଓଡ଼ିଆ ସାହିତ୍ୟ ପ୍ରତି ପାଠକଙ୍କ ଆଗ୍ରହ ଉତ୍ସାହଜନକ ନଥିଲା । ସେଥିପାଇଁ ଓଡ଼ିଶା ଛାଡ଼ିଲି ଓ ବଙ୍ଗଳା ଭାଷାରେ ଲେଖାଲେଖି କରିଚାଲିଲି ।"

ଅନ୍ନଦାଶଙ୍କର ରାୟ ସେଦିନ ଯାହା କହିଥିଲେ ତାହା ଅକ୍ଷରେ ଅକ୍ଷରେ ସତ୍ୟ । ସେ ବଙ୍ଗଳା ସାହିତ୍ୟର ଜଣେ ସୁପ୍ରସିଦ୍ଧ ସ୍ରଷ୍ଟା ଭାବରେ ସମ୍ମାନିତ ହୋଇ ପାରିଛନ୍ତି ଅନେକ ଆଗରୁ । ତେବେ ଓଡ଼ିଆ ସାହିତ୍ୟ ଅନ୍ନଦାଶଙ୍କରଙ୍କ ପରି ଉଚ୍ଚକୋଟୀର ପ୍ରତିଭାଙ୍କୁ ନପାଇ ଯେ ନିରାଶ ହୋଇଛି ଏହା କହିବା ବାହୁଲ୍ୟ ମାତ୍ର ।

ପଚାରିଲି, "ଆପଣମାନେ ସବୁଜ ଧାରାର ଯେଉଁମାନେ ଥିଲେ ସାହିତ୍ୟ ସ୍ରଷ୍ଟା ସମସ୍ତଙ୍କ ପାରସ୍ପରିକ ବନ୍ଧନ ଥିଲା କିପରି ନିବିଡ଼, ତାହା ଆମେ ଜାଣୁ । ତଥାପି ମୋର ଆପଣଙ୍କୁ ପଚାରିବାକୁ ଇଚ୍ଛା ହେଉଛି ଯେ ଆପଣଙ୍କ ବନ୍ଧୁବର୍ଗଙ୍କ ମଧ୍ୟରୁ କାହା ସହିତ ଆପଣଙ୍କ ସଂପର୍କ ଥିଲା ଅଧିକ ଘନିଷ୍ଠ?"

କ୍ଷୀଣ କଣ୍ଠରୁ ଉଚ୍ଚାରିତ ହେଲା ଗୋଟିଏ ଶବ୍ଦ- "ବୈକୁଣ୍ଠ ।"

ଅନ୍ନଦାଶଙ୍କରଙ୍କୁ ସେତେବେଳେ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲି

ସେତେବେଳେ ତାଙ୍କର ବୟସ ୯୪ବର୍ଷ । 'ଯଉବନ ସାଥେ ଯାଉ ଜୀବନ ମୋର' ବୋଲି ଲେଖିଥିବା ଏହି ମହାନ କବି ଶତବର୍ଷ ପୂର୍ତ୍ତିର ନିକଟତର ହୋଇ ଆସୁଥିଲେ । ମୁଁ କିନ୍ତୁ ତାଙ୍କ ଉଲ୍ଲସିତ ଦୁଇ ଆଖି ଭିତରେ ଦେଖୁଥିଲି ଯୌବନର ଦୁର୍ଲଭ ଆଭା । ଅନୁଭବ କରୁଥିଲି ଅନ୍ନଦାଶଙ୍କର ଆଜି ବି ୯୪ ବର୍ଷ ବୟସରେ ତରୁଣ । ବାସ୍ତବରେ ଯେଉଁମାନଙ୍କ ହୃଦୟରେ ଆନ୍ତରିକତାର ନଈ ଶୁଷ୍କ ହୋଇଯାଏନା ଓ ଆଖି ଡୋଳାରେ ଶ୍ରଦ୍ଧାର ସଙ୍କେତ ମ୍ଳାନ ହୋଇ ଯାଏନା, ସେମାନଙ୍କ ଯୌବନ ହେଉଛି ଚିରସ୍ଥାୟୀ । ଅନ୍ନଦାଶଙ୍କରଙ୍କ ମୁହଁରେ ଯେଉଁ ଉଷା କାଳର ଅରୁଣିମା ଦେଖୁଥିଲି ତାହା ପ୍ରଦାନ କରୁଥିଲା ଚିରନ୍ତନ ସୌନ୍ଦର୍ଯ୍ୟର ଚିହ୍ନ ।

ଗଙ୍ଗାଧର ମେହେରଙ୍କ ସଂପର୍କରେ ତାଙ୍କ ପ୍ରପୌତ୍ରଙ୍କ ଆଗରେ କବିଙ୍କ କଥା ଉଚ୍ଚାରଣ ନ କରି କିପରି ଅବା ସେ ରହିପାରନ୍ତେ ! ମୁଗ୍ଧ କଣ୍ଠରେ ଦୁଇଚକ୍ଷୁ ନିମ୍ଳିଳିତ କରି ସେ ଆହ୍ଲାଦ ଭରା କଣ୍ଠରେ କହିଲେ- "ମୋର ପ୍ରିୟ କାବ୍ୟ ହେଉଛି 'ପ୍ରଣୟ ବଲ୍ଲରୀ' ।"

ବାସ୍ ଏତିକିରେ ସତେ ଯେପରି ସମଗ୍ର ପ୍ରଣୟ ବଲ୍ଲରୀର ଭାବ-ମାଧୁର୍ଯ୍ୟ ଉକୁଟି ଉଠିଲା ତାଙ୍କ ଆପାଦମସ୍ତକ ଆଚ୍ଛନ୍ନ କରି ।

ପରିବେଷିତ ହୋଇଥିଲା ସ୍ୱାଦିଷ୍ଟ ଚା' । ଆମେ ତାହା ଆସ୍ୱାଦନ କରିବା ବେଳକୁ କବି କହିଲେ- "ମୁଁ ଏଇ ଅଳ୍ପ ସମୟ ମଧ୍ୟରେ ଆସୁଛି ଭିତରୁ ।"

ଅନ୍ନଦାଶଙ୍କର ଅନୁପସ୍ଥିତ ରହିଲେ ମାତ୍ର ଦୁଇ ତିନି ମିନିଟ୍ ମାତ୍ର । ତା'ପରେ ଭିତରୁ ପୁଣି ସେ ଡ୍ରଇଂରୁମ୍‌କୁ ପ୍ରବେଶ କଲେ ହାତରେ ଖଣ୍ଡିଏ ପୁସ୍ତକ ଧରି । ସେ ତ ଚାଲି ପାରୁ ନଥିଲେ ସ୍ୱାଭାବିକ ଭାବରେ । ଦୁଇ ପାଦର ଆଙ୍ଗୁଠି ଗୁଡ଼ିକୁ କୁଞ୍ଚିତ ଓ ପ୍ରସାରିତ କରିବାର ମନ୍ଥର ସଧୀର ଭାବରେ ଆସିଲେ ଆମ ପାଖକୁ






ପୁଣି । ଯେଉଁ ବହିଟିକୁ ହାତରେ ଧରିଥିଲେ ତାହାକୁ ମୋ ଆଡ଼କୁ ବଢ଼ାଇଦେଇ କହିଲେ- "ମୋର ଏଇ ଛୋଟ ଉପହାର ।"

ମୁଁ ଆନ୍ତରିକ ଭାବରେ ଚାହୁଁଥିଲି ଯେ ଏ ବହିର ପ୍ରଥମ ପୃଷ୍ଠାରେ ସେ ଯଦି ଦସ୍ତଖତଟିଏ କରିଦିଅନ୍ତି ଅଶେଷ କଷ୍ଟ ସ୍ୱୀକାର କରି ତା'ହେଲେ ତାହାକୁ ରଖନ୍ତି ଜୀବନର ଏକ ଅଭୁଲା ସ୍ମୃତି ଚିହ୍ନ ଭାବରେ । ଅନ୍ନଦାଶଙ୍କର ସେଇ ବୟସରେ କାନରେ ଶୁଣିପାରୁ ନଥିଲେ । କିନ୍ତୁ ଯେଉଁଠି ହୃଦୟର ଭାଷା ପହଞ୍ଚିପାରେ ସେହି ଅନ୍ତର୍କର୍ଣ୍ଣ ତାଙ୍କର ଥିଲା ସଦା ସତେଜ ହୋଇ । ମୋ ମନର ଭାବନାକୁ ପଢ଼ି ନେବା ପାଇଁ ବିଳମ୍ବ ହୋଇ ନଥିଲା । ସେ ସ୍ନେହସିକ୍ତ କଣ୍ଠରେ କହିଲେ ମୁଁ ବହି ଭିତରେ ଲେଖି ଦେଇଛି- "ମଲାଟ ଓଲଟାଇ ଦେଖିଲି ଶଦ୍ଧ ତାଙ୍କର କମ୍ପିତ ହସ୍ତାଙ୍ଗୁଳିରେ ସେ ଲେଖି ସାରିଛନ୍ତି ଆଶୀର୍ବାଦ ସୂଚକ ବାକ୍ୟଟିଏ । ତା'ରି ତଳେ ନିଜ ସ୍ୱାକ୍ଷର ମଧ୍ୟ କରି ଦେଇଛନ୍ତି ସୁସ୍ପଷ୍ଟ ଭାବରେ । ମୋର ଅନ୍ତର ତଳେ ଫୁଟି ଉଠୁଥିଲା ଅସଂଖ୍ୟ ହଳଦିଆ ରଙ୍ଗର ସୋରିଷ ଫୁଲ । ଆଉ ଅଧିକ ସମୟ କବିଙ୍କୁ ପାଖରେ ବସାଇ ତାଙ୍କ ବିଶ୍ରାମରେ ବ୍ୟାଘାତ ଘଟାଇବାକୁ ନଚାହିଁ ଆମେ ଦୁହେଁ ବିଦାୟ ଅନୁମତି ମାଗିଲୁ ବିନୀତ ଭାବରେ । ସେ ଆମକୁ ବିଦାୟ ଦେବା ପାଇଁ ଛିଡ଼ା ହେଲେ ସିଧା ହୋଇ । ଆମେ ପୁନଶ୍ଚ ତାଙ୍କ ଶୁଭ୍ର ଶ୍ୱେତ ଗୋଲାପ ପରି ଦୁଇଟି ପାଦକୁ ସ୍ପର୍ଶ କଲୁ ଭକ୍ତି ନିବେଦନ କରିବା ପାଇଁ । ଓଡ଼ିଆ ଓ ବଙ୍ଗଳା ସାହିତ୍ୟର ଜଣେ ମହାନ୍ ତପସ୍ୱୀଙ୍କ ଠାରୁ ନିଜକୁ ବିଚ୍ଛିନ୍ନ କରି ଆସିବା ପାଇଁ କାହାର ବା ହୋଇଥାନ୍ତା ଇଚ୍ଛା !

ଓଡ଼ିଆ ସାହିତ୍ୟର ସବୁଜ ଧାରାର ଯେଉଁ କବିମାନଙ୍କୁ ଦେଖି ନପାରିବାର ଅବସୋସ ରହିଥିଲା ଅନ୍ତଃସ୍ଥଳରେ ସେହି ଅତୃପ୍ତି ଦୂରୀଭୂତ ହୋଇଗଲା ସେଇ ସୂର୍ଯ୍ୟାସ୍ତ ବେଳାରେ ।

ଆଜି ଅନ୍ନଦାଶଙ୍କର ନାହାନ୍ତି ସଶରୀରେ । ମାତ୍ର ତାଙ୍କର ଯେଉଁ ଅଲିଭା ସୂକ୍ଷ୍ମ ସ୍ପନ୍ଦନ ଭରି ରହିଛି ଓଡ଼ିଆ ସାହିତ୍ୟରେ ତାହା ଚିରନ୍ତନ ଯୌବନର ଜ୍ୟୋତ୍ସ୍ନା ଧାରରେ ଭାବାଚ୍ଛନ୍ନ ।

# କଥା କହେ କେକ୍



# କେକ୍‌ର କାହାଣୀ


## ଦେବଯାନୀ ରାୟ

ରାମଚନ୍ଦ୍ରପୁର ବଜାର,
ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପଛପାଖ,
ଜଟଣୀ, ଖୋର୍ଦ୍ଧା-୭୫୨୦୫୦
ଫୋନ: ୯୪୩୭୪୧୩୩୧୪


ଫଟୋ ସୌଜନ୍ୟ : ଗୁଗୁଲ୍

**ବିବାହ ହେଉ କି ଜନ୍ମଦିନ, କେକ୍‌ଟେ ନ କାଟିଲେ ଆଜିକାଲି ଜମେନା । ଆଗରୁ କିନ୍ତୁ ବିଭିନ୍ନ ସ୍ୱାଦର ପିଠାପଣା, ମିଠା ଆଦି ପ୍ରସ୍ତୁତ ହେଉଥିଲା । ପରୀକ୍ଷାରେ ଭଲ ରେଜଲ୍ଟ କଲେ କି ଚାକିରି ମିଳିଗଲେ ଲୋକେ ଘରେ ଘରେ ମିଠା ବାଣ୍ଟୁଥିଲେ । ଆଜିକାଲି ଯେ ସେକଥା ନାହିଁ ସେମିତି ନୁହେଁ, କିନ୍ତୁ ବର୍ତ୍ତମାନ ସମୟରେ ପିଠା, ମିଠା ସହିତ ତାଳ ଦେଇ କେକ୍ କଟାର ଟ୍ରେଣ୍ଡ୍ ସାମିଲ୍ ହୋଇଛି । ଜୀବନର ଛୋଟବଡ଼ ଅନେକ ଖୁସିରେ ଲୋକେ ମିଠା ଖାଇବା ସହିତ କେକ୍ କାଟୁଛନ୍ତି ।**



▲ ଲେଖିକା ଦେବଯାନୀ ରାୟ

ପୂର୍ବେ ଭାରତୀୟ ପରିବାରରେ ବିବାହ ଜନ୍ମଦିନ ଆଦିରେ ବିଭିନ୍ନ ସ୍ୱାଦର ପିଠାପଣା, ମିଠା ଆଦି ପ୍ରସ୍ତୁତ ହେଉଥିଲା । ପରୀକ୍ଷାରେ ଭଲ ରେଜଲ୍ଟ କଲେ କି ଚାକିରି ମିଳିଗଲେ ଲୋକେ ଘରେ ଘରେ ମିଠା ବାଣ୍ଟୁଥିଲେ । ଆଜିକାଲି ଯେ ସେକଥା ନାହିଁ ସେମିତି ନୁହେଁ, କିନ୍ତୁ ବର୍ତ୍ତମାନ ସମୟରେ ପିଠା, ମିଠା ସହିତ ତାଳ ଦେଇ କେକ୍ କଟାର ଟ୍ରେଣ୍ଡ୍ ସାମିଲ୍ ହୋଇଛି । ଜୀବନର ଛୋଟବଡ଼ ଅନେକ ଖୁସିରେ ଲୋକେ ମିଠା ଖାଇବା ସହିତ କେକ୍ କାଟି ନିଜ ଖୁସିକୁ ଜାହିର୍ କରୁଛନ୍ତି । କେବଳ ଜନ୍ମଦିନରେ ଯେ କେକ୍ କଟାଯିବ, ସେ କଥା ଆଉ ନାହିଁ, ଏବେ ବିଭିନ୍ନ ଖୁସିର ଅବସରରେ ଲୋକମାନେ କେକ୍ କଟିଂକୁ ଅଗ୍ରାଧିକାର ଦେଉଛନ୍ତି । ବିଶେଷ କରି ବିବାହ ଋତୁରେ କେକ୍ କାଟିବାର ଟ୍ରେଣ୍ଡ ସବୁଠୁ ଅଧିକା ଦେଖିବାକୁ ମିଳୁଛି ।

## କେକ୍‌ର ପ୍ରକାର ଭେଦ

ଆଗରୁ ବାର୍ଥଡେ କେକ୍‌ର ଚାହିଦା କହିଲେ ଭାନିଲା, ବଟର୍ ସ୍କଚ୍ କି ଷ୍ଟ୍ରବେରୀ ନହେଲେ ଚକୋ-କେକ୍‌କୁ ହିଁ ବୁଝାଉଥିଲ । ଦେଖିବାକୁ ମଧ୍ୟ ସାଧାରଣ ଥିଲା । ତଳେ ହ୍ୟାପି ବାର୍ଥଡେ କିମ୍ବା ଯାହାର ଜନ୍ମଦିନ ତା'ର ନାଁ ଲେଖା ଯାଉଥିଲା । ବର୍ତ୍ତମାନ ସମୟରେ କେକ୍‌କୁ ଯେ ଏପରି ସୁନ୍ଦର ଡେକୋରେସନ୍ କରାଯାଇପାରିବ ତାହା ସେତେବେଳେ ବିଶେଷ କେହି ଚିନ୍ତା କରୁନଥିଲେ । କିନ୍ତୁ ସମୟ ଅନୁସାରେ ଆଧୁନିକ କେକ୍‌ର ରୂପ, ରଙ୍ଗ, ସ୍ୱାଦ ବହୁଳ ପରିମାଣରେ ବଦଳୁଛି । ଆଜିକାଲି ସମସ୍ତ ପ୍ରକାରର ପାର୍ଟି ପାଇଁ ଭିନ୍ନ ଭିନ୍ନ ଥିମ୍‌ର କେକ୍ ପ୍ରସ୍ତୁତ କରାଯାଉଛି । ବିବାହ ବାର୍ଷିକୀରୁ ଜନ୍ମଦିନ- ଏବେ ସବୁଥିରେ ଥିମ୍ କେକ୍‌ର ଚାହିଦା ବେଶୀ । ଉଦାହରଣ ସ୍ୱରୂପ- ଛୋଟ ପିଲାଙ୍କ ବାର୍ଥଡେ ପାଇଁ ବରାଦ ଅନୁଯାୟୀ ତାହାର ଖୁସିକୁ ଆଖି ଆଗରେ ରଖି ଝିଅ ହୋଇଥିଲେ ପରୀ କେକ୍, ସିଣ୍ଡ୍ରେଲା କେକ୍, ବାର୍ବି କେକ୍ ଆଦି ପ୍ରସ୍ତୁତ କରାଯାଉଛି ଏବଂ ପୁଅ ହୋଇଥିଲେ ଡୋରେମନ୍, ସିନ୍‌ଚାନ୍, କିମ୍ବା କୌଣସି କାର୍ଟୁନ ଚରିତ୍ରର କେକ୍ ଏବଂ ବିବାହ ବାର୍ଷିକୀ ପାଇଁ କପଲ୍ କେକ୍ ତିଆରି କରାଯାଉଛି । ସ୍ପୋର୍ଟ ଥିମ୍ କେକ୍‌ର ଚାଲିବା ୧୨ରୁ ୧୬ବର୍ଷ ବୟସର ପୁଅମାନଙ୍କ ମଧ୍ୟରେ ଅଧିକ ଦେଖିବାକୁ ମିଳୁଛି । କୌଣସି ସ୍କୁଲ୍ କିମ୍ବା ସ୍ପୋର୍ଟସ୍ ଟିମ୍‌ର ବିଜୟ ଉତ୍ସବରେ ଏଭଳି କେକ୍ ପ୍ରସ୍ତୁତ କରାଯାଉଛି । ଏଥିରେ ଫୁଟବଲ୍ ଥିମ୍, ସ୍ପୋର୍ଟ ଟି-ସାର୍ଟ ଥିବା ବ୍ୟାଟ୍ ବଲ୍ ଥିମ୍ ଇତ୍ୟାଦି ଡିଜାଇନ୍ କରାଯାଉଛି । ଛୋଟ ପିଲାମାନେ ମନୋରଞ୍ଜନ ପାଇଁ କାର୍ଟୁନ୍ ଥିମ୍ ପସନ୍ଦ କରୁଛନ୍ତି । ସେହି ଅନୁସାରେ କେକ୍‌ର ସୁପରହିରୋ, ଆଇରନ୍ ମ୍ୟାନ୍, ସ୍ପାଇଡର ମ୍ୟାନ୍, ଛୋଟା ଭିମ୍, ଡୋରେମନ୍‌ର ଝଲକ ଦେଖିବାକୁ ମିଳୁଛି । କାର୍ଟୁନ୍ ଥିମ୍‌ରେ ଆହୁରି ବାର୍ବିଡଲ୍, ଫେୟରିଲ୍ୟାଣ୍ଡ, ହବିଟ୍ ହାଉସ୍, ଛୋଟା ଭୀମ୍‌ର ଚାହିଦା ବେଶୀ ବେଶୀ ବଢୁଛି । ସେହିପରି ରୋମାଣ୍ଟିକ୍ ଥିମ୍‌ରେ ମଧ୍ୟ ଭିନ୍ନ ଭିନ୍ନ ସ୍ୱାଦର ଖୁବ୍ ସୁନ୍ଦର କେକ୍ ତିଆରି କରାଯାଉଛି । ବିବାହ ନିର୍ବନ୍ଧ ବିବାହ ବାର୍ଷିକୀରେ ରୋମାଣ୍ଟିକ୍ ଥିମ୍‌ରେ ସବୁଠୁ ଅଧିକ ଲାଲ୍ ଏବଂ କ୍ରିମ୍ କଲରର ଯୁଗଳବନ୍ଦୀ ଦେଖିବାକୁ ମିଳୁଛି । ଥିମ୍ କେକ୍‌ରେ ଭେଲଭେଟ୍ କେକ୍ ପ୍ରତି ଏବେ



ଯୁବପିଢ଼ିଙ୍କର ଆଗ୍ରହ ବଢ଼ି ବଢ଼ି ଯାଉଛି । ଏହି ଥିମ୍‌ରେ ସିଲ୍‌କ୍ କ୍ରିମ୍‌ର ବ୍ୟବହାର କରାଯାଇ ରିବନ୍ ବନାଯାଉଛି । ରୋମାଣ୍ଟିକ ଥିମ୍‌ରେ ସମସ୍ତ ଉତ୍ସବ ପାଇଁ ଭିନ୍ନ ଭିନ୍ନ ଷ୍ଟାଇଲ ସାମିଲ ରହୁଛି । ଯେମିତିକି ବିବାହ ଓ ଆନିଭର୍ସରି ପାଇଁ ବରଣମାଳା ଷ୍ଟାଇଲ୍, କପଲ୍ ଷ୍ଟାଇଲ । ଆଜିକାଲି ନିର୍ବନ୍ଧ ପାଇଁ ଲୋକେ ଦୁଇରୁ ତିନିସ୍ତର ଥିବା କେକ୍‌ର ଆୟୋଜନ କରୁଛନ୍ତି । ଆମ ଦେଶରେ ସେତେ ଲୋକପ୍ରିୟ ହୋଇ ନଥିଲେ ମଧ୍ୟ ହାଲୋୱିନ୍ କେକ୍‌ର ଚାହିଦା ବିଦେଶରେ ବହୁତ ବେଶୀ ମାତ୍ରାରେ ରହିଛି । ଏହି କେକ୍ ଦେଖିବାକୁ ବେଶ୍ ଅଜବ ଧରଣର ହୋଇଥାଏ । କିନ୍ତୁ ସ୍ୱାଦରେ ଏହା ବହୁତ ବଢ଼ିଆ ହୋଇଥାଏ । ଏହି କେକ୍ ପାଇଁ ବ୍ୟବହୃତ ସମସ୍ତ ସାମଗ୍ରୀ ଖାଦ୍ୟପୋଯାଗୀ ହୋଇଥାଏ । ଏହି ପ୍ରକାରର କେକ୍‌ରେ ବହୁତ ଥିମ୍ ଦେଖିବାକୁ ମିଳିଥାଏ । ସେଥିମଧ୍ୟରୁ ଘୋଷ୍ଟ ହାଉସ୍ ଥିମ୍, କଙ୍କାଳ ଥିମ୍ ଅନ୍ୟତମ । ଏସବୁ ଥିମ୍‌ରେ ଥ୍ରିଡି ଇଫେକ୍ଟ ମଧ୍ୟ ପ୍ରୟୋଗ କରାଯାଇଥାଏ ।

## କେକ୍ କଟିଂ ଟ୍ରେଣ୍ଡ

ଜୀବନର ଛୋଟ ବଡ଼ ସବୁପ୍ରକାର ଖୁସିରେ କେକ୍ କାଟିବା ଏବେ ଟ୍ରେଣ୍ଡ ପାଲଟିଛି । କେବଳ ଆଭିଜାତ୍ୟ ସମ୍ପନ୍ନ ଲୋକେ ଯେ ଏଭଳି କେକ୍ କାଟି ସେଲିବ୍ରେଟ୍ କରୁଛନ୍ତି ଏହା ଆଦୌ ନୁହେଁ ବରଂ ସବୁବର୍ଗର ଲୋକ ନିଜ ନିଜର ବଜେଟ୍ ଅନୁସାରେ କେକ୍ ବରାଦ ଦେଉଛନ୍ତି । ଲୋକପ୍ରିୟ ବ୍ରାଣ୍ଡକୁ ବାଦ୍ ଦେଲେ ସ୍ଥାନୀୟ ବେକରୀ ଦୋକାନରେ ବି ସୁସ୍ୱାଦୁ କେକ୍ ଉପଲବ୍ଧ ହେଉଛି । ଜନ୍ମଦିନ ବିବାହ, ବିବାହ ବାର୍ଷିକୀ, ନିର୍ବନ୍ଧ ମେହେନ୍ଦି ସଙ୍ଗୀତ ଛଡ଼ା ଅଫିସ୍‌ରେ କୌଣସି କର୍ମଚାରୀର ସଫଳତାକୁ ନେଇ କେକ୍ ମଧ୍ୟ କଟାଯାଉଛି । ନୂତନ ବର୍ଷର ପ୍ରାରମ୍ଭରେ ପ୍ରତ୍ୟେକ ଆନୁଷ୍ଠାନିକ କର୍ମକ୍ଷେତ୍ରରେ ମଧ୍ୟ କେକ୍ କଟିଂ ଟ୍ରେଣ୍ଡ ଚାଲୁହେଲେଣି କେକ୍ କଟିଂର ଟ୍ରେଣ୍ଡ ଏତିକିରେ ସରୁନାହିଁ । ଆଜିର ଯୁବପିଢ଼ିଙ୍କ ମଧ୍ୟରେ କେକ୍ କାଟିବାର ଉନ୍ମାଦନା ବିଷୟରେ ଜାଣିଲେ ଅବାକ୍ ହୋଇଯିବେ । କାରଣ ଏବେ ବ୍ରେକ୍‌ଅପ୍‌ରେ ବି କେକ୍ କଟା ଯାଉଛି । କେକ୍ କାଟିବା ସତେ ଯେମିତି ଏକ ଫ୍ୟାଶନ୍ ହୋଇଯାଇଛି । କେକ୍ ନ କାଟିଲେ ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କ ମେଳରେ ନିଜ ସମ୍ମାନ ଯେମିତି କମିଯିବ, ଏମିତି ଭାବନା ଲୋକମାନଙ୍କ ମନରେ ବସା ବାନ୍ଧିଛି । ଏହି ଭାବନା ଏପରି ଗ୍ରାସ କରିଛି ଯେ, ଲୋକମାନେ ନିଜର ପୋଷା କୁକୁର ବିଲେଇ ଶୁଆ, ଶାରୀଙ୍କ ଜନ୍ମଦିନରେ ବି କେକ୍ କାଟୁଛନ୍ତି । ଚିଡ଼ିଆଖାନାରେ ମଧ୍ୟ ଜୀବଜନ୍ତୁଙ୍କ ଜନ୍ମଦିବସ ପାଳନ କରାଯାଉଛି । ଏହି ପ୍ରସଙ୍ଗରେ ଉଦାହରଣକୁ ଦୃଷ୍ଟିପାତ ଦେଲେ ଜଣାଯାଏ କି, ମୁମ୍ବାଇର ଜଣେ ବ୍ୟକ୍ତି ନିଜ ଜନ୍ମ ଦବସରେ ଗୋଟିଏ କି ଦୁଇଟି କେକ୍ ନୁହେଁ ଏକାଥରକେ ୫୫୦ଟି କେକ୍ କାଟିଥିଲେ । ମୁମ୍ବାଇର କାନ୍ଦିବାଲି ରେଳ ଷ୍ଟେସନ ପାଖରେ ବ୍ୟକ୍ତି ଜଣଙ୍କ ତିନୋଟି ଟେବୁଲ୍‌ରେ ଭିନ୍ନ ଭିନ୍ନ ସ୍ୱାଦର ୫୫ଟି କେକ୍ ରଖିଥିଲେ କେକ୍ କାଟିବାର ଏହି ଦୃଶ୍ୟ ଭାଇରାଲ୍ ହୋଇଥିଲା । ଅନ୍ୟ ଏକ ଖବର ଅନୁସାରେ ଜଣେ



ବ୍ୟକ୍ତ ନିଜ ପୋଷା କୁକୁର ପାଇଁ ୩ ଲକ୍ଷ ଟଙ୍କାର କେକ୍ କାଟିଥିଲେ, କୋଲ୍‌କତାର ଏକ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ପ୍ରତିବର୍ଷ ବୁଲା କୁକୁରଙ୍କ ପାଇଁ କେକ୍ କଟାଯାଉଛି । ତେବେ ବିବାହ ପାଇଁ କେକ୍ କାଟିବାର ଆଗ୍ରହ ଏଇ କିଛିବର୍ଷ ହେବ ଦ୍ୱିଗୁଣିତ ତଥା ବହୁଳ ମାତ୍ରାରେ ବଢ଼ିଯାଇଛି । କେବଳ ବିଶାଳୀ ବ୍ୟକ୍ତ ସେଲିବ୍ରିଟି ନୁହଁନ୍ତି, ମଧ୍ୟବିତ୍ତ ପରିବାରରେ ବି ବହୁ ବଡ଼ବଡ଼ କେକ୍ ଏବଂ ଆକର୍ଷଣୀୟ କେକ୍ କଟାଯାଉଛି । ଗୋଟିଏ ସ୍ତର ନୁହେଁ ବରଂ ତିନିରୁ ଚାରିସ୍ତରର ବିଶାଳ ୱେଡ଼ିଂ କେକ୍ ଏବେ ଫାଶନ୍ ପାଲଟିଛି । ଏ ସମ୍ପର୍କରେ ବେକରୀ ମାଲିକଙ୍କ କହିବା ହେଲା ବର୍ଷକର ଅନ୍ୟାନ୍ୟ ସମୟ ଅପେକ୍ଷା ବିବାହ ଋତୁରେ ଅଧିକ ମାତ୍ରାରେ କେକ୍ ବିକ୍ରି ହେଉଛି । ସମୟ ଆଗରୁ ବରାଦ ନହେଲେ କେକ୍ ମିଳିବା ସମ୍ଭବ ହେଉନାହିଁ । ରିଙ୍ଗ୍ ସେରିମନି ଏବଂ ବିବାହ ପାଇଁ ଯେଉଁ କେକ୍ ବରାଦ ଦିଆ ଯାଉଛି, ତାହାର ଆକାର ସାଧାରଣ କେକ୍ ଅପେକ୍ଷା ଯଥେଷ୍ଟ ବଡ଼ ରହୁଛି । ଏହାସହିତ ଏଭଳି କେକ୍‌କୁ ଅଧିକ ଡେକୋରେଟିଭ୍ କରାଯାଉଛି । ବହୁତ ଚିନ୍ତା କରି ଏହିପ୍ରକାର କେକ୍‌କୁ ପ୍ରସ୍ତୁତ କରାଯାଉଛି । ସ୍ୱାଦ ସହିତ ଦେଖିବାକୁ ସୁନ୍ଦର ହୋଇଥିବା ନିହାତି ଦରକାର । ତାହା ନହେଲେ ୱେଡ଼ିଂ କେକ୍ ଅଧୁରା । ତେଣୁ ଏଭଳି କେକ୍‌କୁ ସବୁଦିଗରୁ ଦୃଷ୍ଟି ରଖି ପ୍ରସ୍ତୁତ କରାଯାଉଛି ।

## ଅନୁପମ ସ୍ୱାଦରେ ପରିପୂର୍ଣ୍ଣ

କେକ୍ କେବଳ ଦେଖିବାକୁ ସୁନ୍ଦର ହେଲେ ଚଳିବ ନାହିଁ । ସ୍ୱାଦରେ ବି ଅନୁପମ ହୋଇଥିବା ଦରକାର । ନହେଲେ ସାତରୁ ସତୁରି କେକ୍‌ର ପ୍ରେମରେ ପଡ଼ୁଥାନ୍ତେ କିପରି ! ସାଧାରଣତଃ ଭାନିଲା, ଷ୍ଟ୍ରବେରୀ, ବଟର୍ ସ୍କଚ୍, ଚକୋଲେଟ୍, ବ୍ଲାକ୍ ଫରେଷ୍ଟ, ରେଡ୍ ଭେଲଭେଟ୍ ଭଳି କେକ୍ ବିଷୟରେ ଆମେ ସମସ୍ତେ ଜାଣିଛେ । ମାତ୍ର ଏସବୁ ସ୍ୱାଦର କେକ୍ ବ୍ୟତୀତ ଆଜିକାଲି ଆହୁରି ଅନେକ

## କ୍ରିମ୍



କ୍ରିମ୍ ପାଇଁ ଅଲଗା ଗୋଟେ ଜାଗାରେ ବଟର୍ କ୍ରିମ୍‌ଚିଜ୍, ଭାନିଲା ଏକ୍ସଟ୍ରାକ୍ଟ, କୋକୋ ପାଉଡ଼ର, ଚିନି ପାଉଡ଼ର, ସବୁକୁ ମିକ୍ସର୍‌ରେ ମିଶାଇ ଗୋଟେ ରିଫାଇନ୍ ତେଲର ଖାଲି ଜରିରେ ରଖି କୋନ୍ ବନେଇବ, ତାପରେ ପୂର୍ବରୁ ପ୍ରସ୍ତୁତ କେକ୍‌କୁ ସ୍ତର ସ୍ତର କରି କାଟି ଗୋଟିଏ ସ୍ତରକୁ ପ୍ରଥମେ ଗୋଟେ ପ୍ଲେଟ୍ ଉପରେ ରଖିବେ । ତା ଉପରେ କୋନ୍ ଦ୍ୱାରା ପ୍ରସ୍ତୁତ ହୋଇ ରହିଥିବା କ୍ରିମ୍ ଲଗାଇବେ । ତାପରେ ପୁନଶ୍ଚ ଆଉ ଗୋଟେ କେକ୍ ପିସ୍‌କୁ ତାଉପରେ ରଖି ପୁଣିଥରେ ଉପରି ଭାଗରେ କୋନ୍ ଦ୍ୱାରା କ୍ରିମ୍‌କୁ ସମ୍ପୂର୍ଣ୍ଣ କେକ୍ ଉପରେ ଲଗାଇଦେବେ । ତାପରେ ୫ରୁ ୧୦ମିନିଟ୍ ଫ୍ରିଜ୍‌ରେ ରଖି ତାକୁ କାଟିକରି ଖାଇପାରିବେ । ଏହା ବହୁତ ନରମ ଏବଂ ସ୍ୱାଦିଷ୍ଟ ହୋଇଥାଏ ।

ସ୍ୱାଦଯୁକ୍ତ କେକ୍ ଉପଲବ୍ଧ । କିନ୍ତୁ ଏସବୁ ସାଧାରଣ ବେକରୀ ଦୋକାନରେ ଉପଲବ୍ଧ ହୋଇନଥାଏ । ଏସବୁ ଭିନ୍ନ ସ୍ୱାଦର କେକ୍ ପାଇଁ ଆଗରୁ ନିର୍ଦ୍ଦିଷ୍ଟ ବେକରୀ ଦୋକାନରେ ବରାଦ ଦେବାକୁ ପଡ଼ିଥାଏ । ଆମ ଦେଶରେ କୋଲକାତା, ଗୋଆ, ଚେନ୍ନାଇ, ଦିଲ୍ଲୀ, ଦାର୍ଜିଲିଂ ଭଳି ସହରରେ ସବୁଠୁ ସୁସ୍ୱାଦୁ କେକ୍ ମିଳିଥାଏ । ଏହିସବୁ ସହରର କେତୋଟି ପୁରୁଣା ସପ୍ ରହିଛି ଯେଉଁଠାରେ ବିଭିନ୍ନ ତଥା ବେଶ୍ ଅଭିନବ ସ୍ୱାଦର କେକ୍ ବିକ୍ରି ହୋଇଥାଏ । ଭିନ୍ନ ସ୍ୱାଦର କେକ୍ ଉପରେ ଦୃଷ୍ଟି ନିକ୍ଷେପରୁ ଭିନ୍ନ ସ୍ୱାଦର କେକ୍ ମଧ୍ୟରେ ସହଜରେ ଘରେ ତିଆରି ହୋଇପାରୁଥିବା କେକ୍ ହେଉଛି, ଜାନାନା କେକ୍ ୱିଥ୍ କ୍ରିମ୍ ଚିକ୍, ନ୍ୟୁୟର୍କ ବେଙ୍କଡ଼ ଚିକ୍ କେକ୍, ଚକୋଲେଟ୍ କୋକାନଟ୍ କେକ୍, କ୍ୟାରୋଟ୍ ଆଣ୍ଡ୍ ୱାଲ୍‌ନଟ୍ କେକ୍, ଲେମନ୍ ୟୋଗର୍ଟ କେକ୍, ଫ୍ଲୋରଲେସ୍ ଅରେଞ୍ଜ୍ କେକ୍ ଇତ୍ୟାଦି ଅନ୍ୟତମ । ଏହାବ୍ୟତୀତ ଟି ଟାଇମ୍ ସ୍ନାକ୍ ଭାବରେ ଚକଲୋଟ୍ ମଡ଼୍ କପ୍ କେକ୍, ଫ୍ଲୋରଲେସ୍ ଅରେଞ୍ଜ୍ କେକ୍ ଆଦି ଅନ୍ୟତମ । ଏହା ବ୍ୟତୀତ ଟିଟାଇମ୍ ସ୍ନାକ୍ ଭାବରେ ଭାନିଲା କପ୍‌ନେକ୍ କ୍ଲାସିକ୍ ନୋବେକ୍ ଭାନିଲା ଚିଜ୍, ରେଡ୍ ଭେଲବେଟ୍ କପ୍ କେକ୍ ବେକ୍‌ଡ୍ ଲେମନ୍ ଚିଜ୍, ଚକ୍‌ଲେଟ୍ ମଡ଼ କେକ୍‌ର ଚାହିଦା ଚାଲିଛି । କିନ୍ତୁ ଭିନ୍ନ ସ୍ୱାଦର କେକ୍ ମଧ୍ୟରେ ଟ୍ରିପଲ୍ ଚକ୍‌ଲେଟ୍ ଚିକ୍ କେକ୍, ଲାମିଟୋନ୍ ରେୟାର୍ଡ଼ ଭେନବୋ କେକ୍, ସିନାମନ୍ ଟି କେକ୍, ଫ୍ରୁଟ୍ କେକ୍, ଲେମନ କୋକନଟ୍ କେକ୍ ଅନ୍ୟତମ । ଦେଖିବାକୁ ସୁନ୍ଦର କେକ୍ ମଧ୍ୟରେ ଆପଲ୍ ଆଣ୍ଡ୍ ଷ୍ଟ୍ରବେରୀ ଚଜ୍‌କେକ୍, ଅରେଞ୍ଜ୍ କେକ୍ ଏବଂ ଆଲମଣ୍ଡ କେକ୍‌କୁ ଲୋକେ ପ୍ରାଧାନ୍ୟ ଦେଉଛନ୍ତି ।

## ଦାମୀ କେକ୍

ଦାମୀ କେକ ମାନଙ୍କ ମଧ୍ୟରେ ବହତ ପକାର ସାଦର କେକ ରହିଛି । ବିଭିନ ଡିଜାଇନ ଅନୁଯାୟୀ ଏବଂ ଆକାର, ସ୍ୱାଦ ଓ ସାଜସଜ୍ଜା ଅନୁସାରେ କେକ୍‌ର ଦାମ ଧାର୍ଯ୍ୟ କରାଯାଇଥାଏ । ତେବେ ଦୁନିଆର ସବୁଠାରୁ ଦାମୀ କେକ୍ ଦୁବାଇର ସେଲିବ୍ରିଟି କେକ୍ ଡିଜାଇନର ଡେବି ୱିଗମ୍ ତିଆରି କରିଥିଲେ । ଏହି କେକ୍ ଦେଖିବାକୁ ଏକ ଝିଅ ପରି ଥିଲା । ଏହି କେକ୍‌ରେ ଯେଉଁ ଉପାଦାନ ସବୁ ପ୍ରୟୋଗ କରାଯାଇଥିଲା, ତାହା ସାଧାରଣ ଲୋକଙ୍କ ପକ୍ଷେ କିଣିବା ସମ୍ଭବ ନଥିଲା । ବର୍ତ୍ତମାନ ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ଡେବି ୱିଗମଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା କେକ୍‌ର ମୂଲ୍ୟକୁ କେହି ଅତିକ୍ରମ କରିପାରି ନାହାଁନ୍ତି । ଏହି କେକ୍‌କୁ ସମ୍ପୂର୍ଣ୍ଣ କରିବା ପାଇଁ ଡେବିଙ୍କୁ ଦଶଦିନରୁ ବି ଅଧିକା ସମୟ ଲାଗିଥିଲା । ଏହି ଅଭିନବ ଧରଣର କେକ୍‌କୁ ତିଆରି କରିବା ପାଇଁ ୧ ହଜାରରୁ ଅଧିକ ମୋତି ୫ ହଜାର ଫୁଲ, ୧ହଜାର ଅଣ୍ଡା ଏବଂ ୨୫ କିଲୋ ଚକଲେଟ୍ ବ୍ୟବହାର କରାଯାଇଥିଲା । ଏହି କେକ୍‌ର ଓଜନ ପ୍ରାୟ ୧୦୦ କିଲୋ ଥିଲା । ଏହାର ଦାମ ୧କୋଟି ଟଙ୍କାରୁ ଅଧିକ ଧାର୍ଯ୍ୟ କରାଯାଇଥିଲା । ଡେବି ଏବେ ମଧ କେକ୍ ତିଆରି କରୁଛନ୍ତି କିନ୍ତୁ ପୂର୍ବରୁ ତିଆରି କରିଥିବା ଏହି ଦାମୀ କେକ୍ ପାଇଁ ତାଙ୍କର ନାଁ ସବୁଠୁ ମହଙ୍ଗା କେକ୍ ତିଆରି କରିବା ତାଲିକାରେ ରେକର୍ଡ଼ ହୋଇଗଲା ।



## ବିଶ୍ୱର ସବୁଠୁ ଲମ୍ବା କେକ୍

ବିଶ୍ୱର ସବୁଠାରୁ ଲମ୍ବା କେକ୍ ତିଆରି କରିବାର ରେକର୍ଡ଼ ବର୍ତ୍ତମାନ ଭାରତ ହାସଲ କରିଅଛି । ୨୦୨୦ରେ ଦୁନିଆର ସବୁଠାରୁ ବଡ଼ କେକ୍ ତିଆରି କରି ରେକର୍ଡ଼ ସୃଷ୍ଟି କରିଥିଲା ତ୍ରିସୁଲର ବେକର ଆସୋସିଏସନ । ୧୫୦୦ରୁ ଅଧିକ ବେକର ଏବଂ ସେଫ୍ ସିଶି ଏହି ବିଶାଳ କେକ୍‌କୁ ତିଆରି କରିଥିଲେ । ଏହି କେକ୍‌ର ଦୈର୍ଘ୍ୟ ଥିଲା ୬.୫କି.ମି. । ବିଶ୍ୱାସ ହେଉନଥିଲେ ବି ଏହା ସତ ଯେ, ଏତେ ବଡ଼ କେକ୍ ତ୍ରିସୁରର ବେକର ଆସୋସିଏସନ୍ ପ୍ରସ୍ତୁତ କରିବାରେ ସଫଳ ହୋଇପାରିଥିଲା । ଏହା ଭାନିଲା ସ୍ୱାଦଯୁକ୍ତ ଏକ ସୁସ୍ୱାଦୁ କେକ୍ ଥିଲା । ଏହି କେକ୍‌ର ଓଜନ ପ୍ରାୟ ୨୭ହଜାର କିଲୋଗ୍ରାମ ଥିଲାବେଳେ ଏହାର ପ୍ରସ୍ଥ ତଥା ମୋଟେଇ ୧୦ସେଣ୍ଟିମିଟର ଥିଲା । ଏହି କେକ୍ ତିଆରି କରିଥିବା ସଂସ୍ଥା ବେକର୍ସ ଆସୋସିଏସନ୍ ଅଫ୍ ତ୍ରିସୁରର ଦାବି ଅନୁସାରେ ଏତେ ଦୀର୍ଘ କେକ୍ ପ୍ରସ୍ତୁତ କରି ସେମାନେ ଚୀନର ରେକର୍ଡ଼ ଭାଙ୍ଗିଛନ୍ତି । ୨୦୧୮ରେ ଚୀନ୍‌ରେ ୩.୨ କି.ମି. ଲମ୍ବା ଫ୍ରୁଟ୍ କେକ୍ ପ୍ରସ୍ତୁତ ହୋଇଥିଲା । ଯାହାକୁ ଚୀନର ଚାଇନିଜ୍ ବେକର ଇନ୍‌ଜିଝି ନାମକ ଏକ ସଂସ୍ଥା ପ୍ରସ୍ତୁତ କରିଥିଲା । କିନ୍ତୁ ତିସୁରର ବେକର ଆସୋସିଏସନର କେକ୍ ତିଆରି ସମୟରେ ସଂସ୍ଥା ସହିତ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି କେକ୍‌ର ସ୍ୱାଦ ଗୁଣବତ୍ତା ଏବଂ ସ୍ୱଚ୍ଛତାକୁ ସର୍ବାଧିକ ପ୍ରାଥମିକତା ଦେଇଥିଲେ । ଏହି କେକ୍‌ର ନାଁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼ରେ ସ୍ଥାନ ପାଇଛି । ତ୍ରିସୁରର

## ଚକୋଲେଟ୍ କେକ୍



**ସାମଗ୍ରୀ:** ମଇଦା- ୧କପ୍ କୋକୋ ପାଉଡ଼ର ୧/୨କପ୍ ବେକିଙ୍ଗ୍ ସୋଡ଼ା, ୧/୨ ଚା' ଚାମଚ ୧ ଚୁଟ୍‌କି ଲୁଣ ।

**ପ୍ରସ୍ତୁତ ପ୍ରଣାଳୀ:** ସାମଗ୍ରୀ ସବୁରେ ପାଉଡ଼ର ଚିନି ୧କପ୍ ମିଶାଇ ଭଲ ଭାବରେ ଫେଣ୍ଟିବେ । ତାପରେ ଅଣ୍ଡା ଗୋଟେ, ବଟର ମିଲ୍‌କ୍ ୧/୨କପ୍, ବଟର ଏବଂ ତେଲ ୧/୪କପ୍, ଗରମ ପାଣି ୧/୨କପ୍ ଭାନିଲା ଏକ୍ସଟ୍ରାକ୍ଟ୧ ଚା' ଚାମଚ ପକାଇ ଭଲ ଭାବରେ ଫେଣ୍ଟିବେ । ତା'ପରେ କେକ୍ ପ୍ୟାନ୍‌ରେ ତେଲ ଲଗାଇ ମିଶ୍ରଣକୁ ଢାଳିବେ । ୩୦ରୁ ୩୫ମିନିଟ୍ ପର୍ଯ୍ୟନ୍ତ ଓଭନ୍‌ରେ ବେକ୍ କରିବେ । ତାପରେ ୧୫ମିନିଟ୍ ପର୍ଯ୍ୟନ୍ତ ଥଣ୍ଡା କରି ସାରିବା ପରେ କାଟି ଖାଇ ପାରିବେ ।



କେକ୍ ଆସୋସିଏସନର  କରିବା ଅନୁସାରେ ସେମାନେ ନିଜ କୌଶଳ ଏବଂ କଳାର ପାରଦର୍ଶିତାକୁ ସାରା ବିଶ୍ୱକୁ ଜଣାଇବା ଉଦ୍ଦେଶ୍ୟରେ କେକ୍ ତିଆରି କରିବାର ପରିକଳ୍ପନା କରିଥିଲେ । ଏହି କେକ୍‌କୁ ତିଆରି କରିବା ପାଇଁ ୪ଘଣ୍ଟା ସମୟ ଲାଗିଥିଲା । ଏଥିପାଇଁ ଶେଫ୍ ଓ ବେକରମାନେ ବେଶ୍ କିଛିଦିନ ଆଗରୁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ । ଏହି କେକ୍‌ର ପ୍ରସ୍ତୁତି ପାଇଁ ପ୍ରାୟ ୧୨ହଜାର କିଲୋ ଚିନି ଏବଂ ମଇଦା ବ୍ୟବହାର କରାଯାଇଥିଲା । ବେକର ଆସୋସିଏସନର ସେକ୍ରେଟାର ଜେବେରାଲଙ୍କ କହିବା ଅନୁସାରେ ଏହି କେକ୍‌କୁ କିପରି ରାସ୍ତା କଡ଼ରେ ପ୍ରଦର୍ଶିତ କରିହେବ ସେଥିପାଇଁ ସମସ୍ତେ ଚିନ୍ତାରେ ପଡ଼ି ଯାଇଥିଲେ । ତେବେ ପରବର୍ତ୍ତୀ ସମୟରେ ସେମାନେ ୪ହଜାର ଡେକ୍ସକୁ ଯୋଡ଼ି, ତାହା ଉପରେ ଏହି କେକ୍ ରଖିଥିଲେ । ଏହି କେକ୍‌କୁ ଆକର୍ଷଣୀୟ କରିବା ପାଇଁ ତାହା ଉପରେ ଭାନିଲା କ୍ରିମ୍‌ର ପ୍ରଲେପ ଦିଆ ଯାଇଥିଲା । ଏହାକୁ ବିକ୍ରୟ କରା ନଯାଇ ସାଧାରଣ ଲୋକଙ୍କୁ ବିନା ମୂଲ୍ୟରେ ଖାଇବାକୁ ଦିଆ ଯାଇଥିଲା ।

## କେକ୍‌ର ଦେଶ

କେକ୍‌ର ଦେଶ ବୋଲି ଯଦି ପ୍ରଶ୍ନ କରାଯାଏ ତେବେ ଉତ୍ତର ଦେବା ହୁଏତ ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇ ନପାରେ । କାରଣ କେକ୍ ଏମିତି ଏକ ଖାଦ୍ୟ ଯାହା ଏବେ କୌଣସି ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ନାହିଁ ।

## ଭାନିଲା କେକ୍



**ସାମଗ୍ରୀ:** ୨ କପ୍ ମଇଦା, ୨ ବଡ଼ଚାମଚ ବେକିଙ୍ଗ୍ ସୋଡ଼ା ୧କପ୍ ଚିନି, ୩/୪ କପ୍ ଭେଜିଟେବୁଲ ଅଏଲ, ୪ଟି ଅଣ୍ଡା ୧ ଟା ଚାମଚ ଭାନିଲ ଏସ୍କଟ୍ରାଟ୍, ୧/୨ କପ୍‌କ୍ଷୀର, ଆଲମଣ୍ଡ କାଜୁ ।

**ପ୍ରସ୍ତୁତି ପ୍ରଣାଳୀ :** ଗୋଟେ କାଚ ପାତ୍ରରେ ମଇଦା ଏବଂ ବେକିଙ୍ଗ୍ ସୋଡ଼ାକୁ ମିଶାଇବେ । ଅଲଗା ଗୋଟେ ପାତ୍ରରେ ଚିନି ଏବଂ ଭେଜିଟେବୁଲ୍ ଅଏଲକୁ ମିକ୍ସର୍ ସାହାଯ୍ୟର ମିକ୍ସ କରି ସାରିବା ପରେ ଚାରୋଟି ଅଣ୍ଡାକୁ ଭାଙ୍ଗି ପୁଣି ମିକ୍ସର ମଧ୍ୟରେ ମିଶାଇବେ । ତାପରେ କ୍ଷୀର ମିଶାଇବେ, ତାପରେ ପୂର୍ବରୁ ଥିବା ମଇଦା ଏବଂ ବେକିଙ୍ଗ୍ ସୋଡ଼ାର ମିଶ୍ରଣ ଡ୍ରାଏଫ୍ରୁଟ୍‌କୁ ଭଲ ଭାବରେ ମିଶାଇବେ । ତାପରେ ଗୋଟେ କେକ୍ ପ୍ୟାନ୍‌ରେ ବଟର ଲଗାଇ ବଟର ପେପର ରଖିବା ପରେ ପୁନଶ୍ଚ ବଟର ଲଗାଇ ମିଶ୍ରଣକୁ ଢାଳିବେ । ତାପରେ ଉପରି ଭାଗରେ ଗୁଣ୍ଡ ହୋଇଥିବା ଡ୍ରାଏଫ୍ରୁଟ୍‌କୁ ପକାଇ ସଜାଇବେ ଏବଂ ୪୦ରୁ ୪୫ମିନିଟ୍ ପର୍ଯ୍ୟନ୍ତ କେକ୍ ବନା ଯାଉଥିବା ଓଭନ୍‌ରେ ବସାଇ ବେକ୍ କରିବେ । ୧୫ମିନିଟ୍ ପରେ ଥଣ୍ଡା ହେଲେ କାଟି କରି ଖାଇବେ ।

## ଚକୋଲେଟ୍ ଏବଂ କ୍ରିମ୍ କେକ୍




**ସାମଗ୍ରୀ:** ମଇଦା ୧କପ୍ କୋକୋ ପାଉଡ଼ର ୩/୪କପ୍ ବା ୭୫ ଗ୍ରାମ, ଚିନି ୧ପୂର୍ଣ୍ଣ ୧/୩କପ୍ ବା ୩୫୦ଗ୍ରା, ବେକିଙ୍ଗ ସୋଡ଼ା ୧ପୂର୍ଣ୍ଣ ୧/୨ଟା ଚାମଚ, ଲୁଣ ୧/୪ ଚାମଚ, ଅଣ୍ଡା ୨ଟା, ବଟର ମିଲ୍‌କ୍-୨,୪୦୦ମିଲି, ଭେଜିଟେବୁଲ ତେଲ ୧/୨ କପ୍ (୧୨୦ମି.ଲି), କଫିପାଣି-୨୪୦ମିଲି (୧କପ୍) ଭାନିଲା ଏକ୍ସଟ୍ରାକ୍ଟ ।

**ପ୍ରସ୍ତୁତି ପ୍ରଣାଳୀ :** ମଇଦା, କୋକୋ ପାଉଡ଼ର, ଚିନି, ବେକିଙ୍ଗ ସୋଡ଼ା, ଲୁଣକୁ ଭଲ ଭାବରେ ମିଶାଇବେ । ତାପରେ ଅଲଗା ଗୋଟେ ଜାଗାରେ ଅଣ୍ଡା ୨ଟା, ବଟର ମିଲ୍‌କ୍, ଭେଜିଟେବୁଲ ତେଲ, କଫି ପାଣି, ଭାନିଲା ଏକ୍ସଟ୍ରାକ୍ଟକୁ ଭଲ ଭାବରେ ମିଶାଇବେ ।
ତାପରେ ଦୁଇଟି ଯାକ ମିଶ୍ରଣ ଏକତ୍ର କରି ଫେଣ୍ଟିବେ । କେକ୍ ପ୍ୟାନ୍‌ରେ ତେଲ ମାରି ପ୍ରାଚ୍‌ମେଣ୍ଟ ପେପର ପକାଇ ତା ଉପରେ ବଟର ମାରି କୋକୋ ପାଉଡ଼ର ଛିଞ୍ଚିବେ ଏବଂ ମିଶ୍ରଣକୁ ଓଭନ୍‌ରେ ଢାଳି ୧୮୦ଡିଗ୍ରୀରେ ୩୦ରୁ ୩୫ମିନିଟ୍ ପର୍ଯ୍ୟନ୍ତ ବେକ୍ କରିବେ । ତାପରେ ୧୫ମିନିଟ୍ ଥଣ୍ଡା ହେବାକୁ ଛାଡ଼ିଦେବ ।

ଗାଁରୁ ସହର ସବୁଠି କେକ୍‌ର ଆଦର କହିଲେ ନସରେ । ତେବେ ପାଶ୍ଚାତ୍ୟ ରାଷ୍ଟ୍ରରେ କେକ୍‌ର ଆଦର ଓ ଚାହିଦା ଟିକେ ଅଧିକ । କେକ୍ ଖାଇବା ଓ ପ୍ରସ୍ତୁତ କରିବା ପାଶ୍ଚାତ୍ୟ ରାଷ୍ଟ୍ରରୁ ହିଁ ପ୍ରଚଳନ ହୋଇ ଆସୁଛି । କିନ୍ତୁ କେକ୍‌ର ଦେଶ ବୋଲି ଯଦି କାହାକୁ କୁହାଯାଏ ତେବେ ସେହି ଦେଶଟି ହେଉଛି ସ୍କଟ୍‌ଲ୍ୟାଣ୍ଡ୍ । ଏମିତିରେ ବି ସ୍କଟ୍‌ଲ୍ୟାଣ୍ଡ୍‌ର ସ୍ୱାଦିଷ୍ଟ ବେକରି ଖାଦ୍ୟ ବେଶ ପରିଚିତ । ତେବେ ସ୍କଟ୍‌ଲ୍ୟାଣ୍ଡ୍‌ର କେକ୍ ସ୍ୱାଦରେ ବହୁ ମାତ୍ରାରେ ଅନୁପମ । କେକ୍ ପ୍ରଥମେ କିଏ ତିଆରି କରିଥିଲେ, ସେହି ପ୍ରସଙ୍ଗ ଉପରେ ଜର୍ମାନୀ ଓ ଇଜିପ୍ଟର ଲୋକମାନଙ୍କ ମଧ୍ୟରେ କଥା କଟାକଟି ଦୀର୍ଘ ବର୍ଷ ଧରି ଚାଲି ଆସିଛି । କିନ୍ତୁ କିଏ କେକ୍ ପ୍ରଥମେ ତିଆରି କରିଥିଲେ, କେବେ ଏହା ତିଆରି ହୋଇଥିଲା ସେସବୁକୁ ବାଦ୍ ଦେଇ ସ୍କଟ୍‌ଲ୍ୟାଣ୍ଡ୍‌ର ଲୋକମାନେ ସୁସ୍ୱାଦୁ କେକ୍ ତିଆରି ଉପରେ ଅଧିକ ଧ୍ୟାନ ଦିଅନ୍ତି । ଆଗରୁ ସ୍କଟ୍‌ଲ୍ୟାଣ୍ଡ୍‌କୁ ବ୍ୟାଗ୍‌ପାଇପର୍ସ ଦୁର୍ଗ ଏବଂ ଅଣ ପାରମ୍ପରିକ ପୋଷାକର ଦୁର୍ଗ ବୋଲି କୁହା ଯାଉଥିଲା । ଏବେ ନୂଆ ସଂଯୋଜନା ହୋଇଛି କେକ୍ । ଏହି ଦେଶକୁ କେକ୍‌ର ଦେଶ କହିବା ପଛରେ ଏଠାରେ ପ୍ରସ୍ତୁତ ହେଉଥିବା ଏକ ସ୍ୱତନ୍ତ୍ର ପ୍ରକାର କେକ୍‌ର ଭୂମିକା ରହିଛି । ଏହି କେକ୍ ଓଟ୍ସମିଲ୍‌ରେ ପ୍ରସ୍ତୁତ ହୋଇଥାଏ । ସ୍କଟ୍‌ଲ୍ୟାଣ୍ଡ୍‌ରେ ଅତ୍ୟନ୍ତ ଉତ୍କୃଷ୍ଟମାନର ଓଟ୍ସ ଉତ୍ପାଦିତ ହୋଇଥାଏ । ଓଟ୍ସରୁ ହିଁ ପ୍ରସ୍ତୁତ ହୋଇଥାଏ ସ୍ୱାଦିଷ୍ଟ କେକ୍ ଯାହାର ଚାହିଦା ସ୍କଟ୍‌ଲ୍ୟାଣ୍ଡ୍‌ର ସୀମା ଅତିକ୍ରମ କରି ସାରା ପୃଥିବୀକୁ ପ୍ରସରି ଯାଇଛି । ସ୍କଟ୍‌ଲ୍ୟାଣ୍ଡକୁ କ୍ୟାଲେଡୋନିଆ ବୋଲି ମଧ୍ୟ କୁହାଯାଇଥାଏ । କ୍ୟାଲେଡୋନିଆର ଅର୍ଥ କେକ୍‌ର ଦେଶ । ସ୍କଟ୍‌ଲ୍ୟାଣ୍ଡ୍‌ର ଗ୍ରାମାଞ୍ଚଳର ଲୋକମାନଙ୍କ ଆୟର ମୁଖ୍ୟ ସ୍ରୋତ କେକ୍ ଓ କୁଜିଜ୍ । କେକ୍ ବ୍ୟତୀତ ଏଠାରେ ସୁସ୍ୱାଦୁ କୁକିଜ୍ ମଧ୍ୟ ଅତ୍ୟନ୍ତ ଲୋକପ୍ରିୟ । ସ୍କଟ୍‌ଲ୍ୟାଣ୍ଡ ଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରେ ପାରମ୍ପରିକ ସ୍ୱାଦଯୁକ୍ତ ଓଟ୍ସକେକ୍ ଖାଇବାର ଆଗ୍ରହ ବେଶ୍ ନିଆରା ଅନୁଭବ ।

# ମେଘବର୍ଣ୍ଣା ମାଲ୍ୟବନ୍ତ



# ମାୟାବିନୀ ମାଲ୍ୟବନ୍ତ ପାହାଡ଼

**ବଳରାମ ପୂଜାରୀ**
କୁଡୁମୁଲୁଗୁମ୍ମା, ମାଲକାନଗିରି-୭୬୪୦୪୩
ଫୋନ:୯୬୬୮୬୮୮୪୭୪

ଫଟୋ ସୌଜନ୍ୟ: ଲେଖକ

**ଆଦିବାସୀ ଆଦିଭୂମି, ଆଦି ମାନବ ଉଭବର ଅନବଦ୍ୟ ଭୂମି ପୂର୍ବଘାଟ ପର୍ବତମାଳାର 'କୁଟୁଣିମାଳା' ପାର୍ବତ୍ୟାଞ୍ଚଳ । ମାଲୁଆ ମାଳଭୂମିର ସୀମାନ୍ତ ସାମ୍ରାଜ୍ୟ 'କୋଣ୍ଡାକାମ୍ବେରୁ' ଅରଣ୍ୟ ଅଗଣାର ବିସ୍ତାରିତ ଛାତିରେ ଆମ ଆଦିସଭ୍ୟତାର ଛୁଇଁ ହେଉଥିବା ଭୂସ୍ୱର୍ଗ ମାଲ୍ୟବନ୍ତ ପାହାଡ଼ । ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ସୀମା ସରହଦକୁ ଛୁଉଁଥିବା ଏ ସବଜ ସୁରମ୍ୟ ଉପତ୍ୟକା, ଅଗନା ଅଗନି ଅରଣ୍ୟ ଉଆସ: 'ମାଲ୍ୟବନ୍ତ' ।**



ଲେଖକ ବଳରାମ ପୂଜାରୀ

ଆଦିବାସୀ ଆଦିଭୂମି, ଆଦି ମାନବ ଉଭବର ଅନବଦ୍ୟ ଭୂମି ପୂର୍ବଘାଟ ପର୍ବତମାଳାର 'କୁଟୁଣିମାଳା' ପାର୍ବତ୍ୟାଞ୍ଚଳ ମାଲୁଆ ମାଳଭୂମିର ସୀମାନ୍ତ ସାମ୍ରାଜ୍ୟ 'କୋଣ୍ଡାକାମ୍ବେରୁ' ଅରଣ୍ୟ ଅଗଣାର ବିସ୍ତାରିତ ଛାତିରେ ଆମ ଆଦିସଭ୍ୟତାର ଛୁଇଁ ହେଉଥିବା ଭୂସ୍ୱର୍ଗ ମାଲ୍ୟବନ୍ତ ପାହାଡ଼ । ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ସୀମା ସରହଦକୁ ଛୁଉଁଥିବା ଏ ସାବୁଜା ସାବୁଜା ସୁରମ୍ୟ ଉପତ୍ୟକା, ଅଗନା ଅଗନି ଅରଣ୍ୟ ଉଆସ 'ମାଲ୍ୟବନ୍ତଗିରି' । ପୁରାଣ ପ୍ରସିଦ୍ଧ ରାମାୟଣରେ ବର୍ଣ୍ଣିତ, ଅରଣ୍ୟ କାଣ୍ଡର ନିଘଞ୍ଚ ଜଙ୍ଗଲ, ଦଣ୍ଡାକାଦୈତ୍ୟର ଅରଣ୍ୟକ୍ଷେତ୍ର ଏ' ଦଣ୍ଡକାରଣ୍ୟ ଅଞ୍ଚଳ । ତ୍ରେତୟା ଯୁଗରେ ପିତୃସତ୍ୟ ପାଳନ କରିବା ପାଇଁ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷ ବନବାସ ଅବଧିରୁ କିଛି କାଳ ଏ ପବିତ୍ର ମାଟିରେ ପର୍ଣ୍ଣକୁଟୀର କରି ଅବସ୍ଥାନ କରିଥିଲେ ବୋଲି ପୁରାଣ ଓ କିମ୍ବଦନ୍ତୀରୁ ଜଣାପଡ଼େ । ମହର୍ଷି ବାଲ୍ମୀକି ବର୍ଣ୍ଣିତ ପିତ୍ର ରାମାୟଣର ପବିତ୍ର ତମସା ନଦୀ, ମାଲ୍ୟବନ୍ତ ପାହାଡ଼ରେ ବର୍ଷାକାଳ, ଚିତ୍ରକୁଟଅରଣ୍ୟର ପିତ୍ର ପର୍ଣ୍ଣକୁଟୀର, କୋରୁକୋଣ୍ଡା ବ୍ଲକ ଶୁଳିଆ ପାହାଡ଼ ଉପରେ ଥିବା କିଷ୍କିନ୍ଧ୍ୟା କଟକର ବାଳି ଓ ସୁଗ୍ରୀବ ଉଆସ ଆଦିଭୂମି ବଣ୍ଡା ପାହାଡ଼ରେ ଅବସ୍ଥିତ ପବିତ୍ର ସୀତାକୁଣ୍ଡ, ଏହି ପାବନ ଭୁସ୍ୱର୍ଗର ଗୋଟିଏ ଗୋଟିଏ ଆରାଧ୍ୟ ତୀର୍ଥକ୍ଷେତ୍ର ।



ମେଘଦୂତ ମହାକାବ୍ୟରେ ମହାକବି କାଳିଦାସଙ୍କ ବର୍ଣ୍ଣିତ ଏହି ମେଘବର୍ଣ୍ଣା ମେଘଭୂମି ଯୁଗଯୁଗ ଧରି ସାଧନା ଓ ସିଦ୍ଧିର ତପୋଭୂମି ଭାବେ ଋଷି, ମୁନି, ସନ୍ଥ ଓ ତପସ୍ୟାରତ ତପସ୍ୱୀମାନଙ୍କ ସାଧନାର ତପୋଭୂମି ଭାବେ ବିଶ୍ୱ ବିଦିତା ଆଜି ବି ପହାଡ଼ ଖୋଲର ଅନେକ ଅନାଲୋଚିତ ଅନାବିଷ୍କୃତ ଗୁମ୍ଫା ମଧ୍ୟରେ ମୁନି ଋଷିମାନେ ରହି ତପ ତପସ୍ୟାରେ ନିମଗ୍ନ ବୋଲି ସ୍ଥାନୀୟ ବୟୋଜ୍ୟେଷ୍ଠ ବାସିନ୍ଦାଙ୍କ ମୁହଁରୁ ଶୁଣାଯାଏ । ମହାକାବ୍ୟ ମହାଭାତରେ ବର୍ଣ୍ଣିତ ଦ୍ରୌପଦ ରାଜ୍ୟର ରାଜନନ୍ଦିନୀ ଯଜ୍ଞସୂତା ଯାଜ୍ଞସେନୀଙ୍କ ପବିତ୍ର ଲିଳାଖେଳର ପବିତ୍ର ମାଟି ବହ୍ନିଭୂମି ମାଲ୍ୟବନ୍ତ ମାଟି । ମାଲକାନାଗିରି ଜିଲ୍ଲାର ବଡ଼ପର୍ବ ଦୁଇ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ବିଶ୍ୱ ପ୍ରସିଦ୍ଧ ପବିତ୍ର ବଡ଼ ଯାତ୍ରାରେ ମହାମାୟା କାତ୍ୟାୟନି ଯାଜ୍ଞସେନୀ, ମହାଦେବୀ ମୋତ୍ୟାଲୁମ୍ମାଙ୍କ ପବିତ୍ର କ୍ଷେତ୍ର ମାନ୍ୟମ୍ କୋଣ୍ଡା ପାହାଡ଼ ଗୁମ୍ଫାରୁ ଆବିର୍ଭୁତା ହୋଇ ମହା ପଟୁଆରରେ ମହାପ୍ରଭୁ ବାଲ୍ ରାଜୁ, ପୋତ ରାଜୁ, କାନାମ୍ ରାଜୁଙ୍କ ସହ ଦୀର୍ଘ ଏକମାସ ବ୍ୟାପୀ ମହାଯାତ୍ରା କର ଏହି ଅଗନା ଅଗନି ଅରଣ୍ୟ ଉଆସ ମାଲକାନାଗିରି ମାଟିକୁ ପବିତ୍ର କରନ୍ତି । ମହାପ୍ରଭୁ ବଡ଼ଦେବତାଙ୍କ ଆଶୀର୍ବାଦରେ ମାଲକାନାଗିରି ମାଟିର ଦିଅଁ ଦେବତା ଡୂମା ଡାହୂନୀ, ପବିତ୍ର ଲାଠି ଦେବତାମାନେ ବିଭିନ୍ନ ପୀଠରୁ ବରଣୀ ହୋଇ ମାଣ୍ଡିଆଭଟ୍ଟା ଠାରେ, ମାଁ ମୋତ୍ୟାଲୁମ୍ମାଙ୍କ ମହାଯାତ୍ରା ପୂଜା ପାଇ ଯାତ୍ରା ସରିବା ପରେ ନିଜ ନିଜ ପୀଠକୁ ବାହୁଡ଼ା ବିଜେ କରନ୍ତି । ଏ ଭୂମି ଦିଅଁ ଦେବତାଙ୍କ ଭୂମି, ଏ ଭୂମି ଆଦି ଈଶ୍ୱରଙ୍କ ଭୂମି । ଏ ମାଟି ମଣ୍ଡପରେ ମୁଣ୍ଡିଆଟିଏ ମାରିଲେ, କୋଟି ଜନ୍ମର ପାପ କ୍ଷୟ ହୋଇ ପୂଣ୍ୟ ମିଳିଥାଏ ବୋଲି ଜନଶ୍ରୁତି ରହିଛି । ଐତିହାସିକ ପୃଷ୍ଠଭୂମିକୁ ତର୍ଜମା କଲେ ଏ ବୀର ପ୍ରସବିନୀ ବୈପ୍ଳବିକ ବହ୍ନିଭୂମି ମାଲକାନାଗିରି, ସର୍ବଦା ସ୍ୱାଧୀନଚେତା ଏବଂ ମାନବୀୟ ମୂଲ୍ୟବୋଧକୁ ଆଧାର କରି ଗଣତାନ୍ତ୍ରିକ ଶାସନ ପଦ୍ଧତି ଆପଣେଇ, ପ୍ରଜାତନ୍ତ୍ର ସହ ଶାନ୍ତି ପରିବେଶରେ ସହାବସ୍ଥାନ କରି 'ବସୁଧୈବ କୁଟୁମ୍ବକମ୍' ମାର୍ଗରେ ପରିଚାଳିତ ହୋଇ ଅଜେୟ, ଅପରାଜେୟ ହୋଇ ଆସିଛି । ଇଂରେଜମାନଙ୍କ ଦୌରାତ୍ମ୍ୟରୁ ଏ ମାଟିକୁ ରକ୍ଷା କରିବା ନିମନ୍ତେ ଏ ମାଟିର ବୀରବିରାଙ୍ଗନା, କୋଣ୍ଡା କାମ୍ବେରୁ ରାଜ୍ୟର ପାଟ ମହାଦେଇ ମହାରାଣୀ ବାଙ୍ଗାରୀ ଦେବୀ,କୋୟା ବିପ୍ଳବର କ୍ରାନ୍ତି ପୁରୁଷ ବିପ୍ଳବୀ ତାମା ଦୋରା, ଦେବଡଙ୍ଗର ରାଜ ଉଆସର ହଜାର ହଜାର କୋୟା ଜନଜାତିର ସୈନ୍ୟ ସାମନ୍ତ, ବିପ୍ଳବୀ ଖରା ମାଲେୟା, ମହାନ ନାରୀ ସ୍ୱତନ୍ତ୍ରତା ସେନାନୀ ଖରା ପାର୍ବତୀ, ବହ୍ନିଭୂମିର ବିପ୍ଳବୀ ମହାପୁରୁଷ ଆଲୁରୀ ସୀତାରାମ ରାଜୁ ଏବଂ ଅବିଭକ୍ତ କୋରାପୁଟ ମାଟିର ବୀର ବିପ୍ଳବୀ ଭୂମିଷ୍ଠ ଭୂମିପୁତ୍ର ବୀର


ଶହୀଦ ଲକ୍ଷ୍ମଣ ନାୟକ, ଏ ମାଟି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି । ସେ ଆରାଧ୍ୟ ମହାପୁରୁଷ ଭୂମିପୁତ୍ର ବୀର ସହୀଦ୍‌ମାନଙ୍କ ତ୍ୟାଗ, ତପସ୍ୟା, ବଳିଦାନ, ଐଶ୍ୱର୍ଯ୍ୟର ଗାଥା, ଏ ଅବଦମିତ ବହ୍ନିଭୂମି ମାଲକାନାଗିରି ମାଟିର ପାହାଡ଼ ଖୋପରେ ଖୋଦିତ ହୋଇଛି । ନୃତତ୍ତ୍ୱବିତ୍ ତଥା ଇଂରେଜ ପ୍ରଶାସକ ଆର.ସି. ବେଲଙ୍କ ଲିଖିତ 'କୋରାପୁଟ ଗେଜେଟିଅର' ଅନୁଯାୟୀ, ସମଗ୍ର ମାଲକାନାଗିରି ଅଞ୍ଚଳ ଚାରୋଟି ମୁଠା ମୋଟୁ, ପଡ଼ିଆ, କୋରକୋଣ୍ଡା, ପଦ୍ମଗିରିରେ ବିଭକ୍ତ ହୋଇ 'ମୁଠା'ର ଶାସକ, ମୁଠା ଦାର୍ ଓ ଶହ ଶହ ଆଦିବସୀ ଗାଁ ଗହଳିର ମୁଖିଆ, ପେଦାମାନଙ୍କ ଦ୍ୱାରା ଶାସନ ହୋଇ ଆସୁଥିଲା । ୧୯୩୬ ମସିହା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମୟରେ ମାଡ୍ରାସ୍ ପ୍ରେସିଡେନ୍ସିରୁ ବିଚ୍ଛିନ୍ନ ହୋଇ କୋରାପୁଟ ଜିଲ୍ଲା ଓଡ଼ିଶା ରାଜ୍ୟରେ ସାମିଲ୍ ହୋଇଥିଲା । ୧୯୩୬ ମସିହା ଏପ୍ରିଲ ୧ ତାରିଖ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମୟରେ ଏହି ଜିଲ୍ଲା ଅବିଭକ୍ତ କୋରାପୁଟ ମାଟିର ନବରଙ୍ଗପୁର ସବ୍‌ଡିଭିଜନ ଅନ୍ତର୍ଗତ ଏକ ତାଲୁକ ଭାବରେ ପରିଚିତ ଥିଲା । ୧୯୪୧ ମସିହାରେ ଇଂରେଜ ସରକାରଙ୍କ ପ୍ରତିନିଧି, ଆର୍ ସି ବେଲ୍ କୋରାପୁଟ ଜିଲ୍ଲାର ପ୍ରଥମ ଜିଲ୍ଲାପାଳ ଭାବେ ଯୋଗଦେଇ 'କୋରାପୁଟ ଗେଜେଟିୟର' ପ୍ରସ୍ତୁତ କରି ଏଥିରେ, ମାଲକାନାଗିରି ଅଞ୍ଚଳର ସ୍ୱତନ୍ତ୍ର ଆଦିବାସୀ ଜୀବନ ଜୀବିକା, ଚଳଣି, ଜଳବାୟୁ, ପରିବେଶ ଓ ଭୌଗୋଳିକ ସ୍ଥିତି ସମ୍ପର୍କରେ ଉଲ୍ଲେଖ କରି, ଗେଜେଟିଅର୍ ପ୍ରକାଶିତ କରିଥିଲେ । ୧୯୬୨ ମସିହା ଜାନୁଆରୀ ୧ ତାରିଖରେ ମାଲକାନାଗିରି ଅଞ୍ଚଳ ଏକ ସ୍ୱତନ୍ତ୍ର ସବ୍‌ଡିଭିଜନ ଭାବରେ ଆତ୍ମପ୍ରକାଶ କରିଥିଲା । କଳିଙ୍ଗବୀର ଭୂମିପୁତ୍ର ପ୍ରବାଦ ପୁରୁଷ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଜିଲ୍ଲା ପୁନର୍ଗଠନ ହୋଇ ୧୯୯୨ ମସିହା ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧୀଜୟନ୍ତୀ ଦିନ ଅବିଭକ୍ତ କୋରାପୁଟ ଜିଲ୍ଲାରୁ  ବିଚ୍ଛିନ୍ନ ହୋଇ 'ମାଲକାନାଗିରି' ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଲା । ଅନେକ ପୌରାଣିକ ଓ ଐତିହାସିକ ପୃଷ୍ଠଭୂମିରେ ଜାଜ୍ୱଲ୍ୟମାନ ଜ୍ୟୋତିଶିଖା, ଭାବରେ ଜଳୁଥିବା ମାଲ୍ୟବନ୍ତ ଭୂମି ତାର ସ୍ୱତନ୍ତ୍ର ଭୌଗୋଳିକ ସ୍ଥିତି, ଅବଦମିତ ଇତିହାସ, ଆଦିବାସୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ନେଇ ବିଶ୍ୱ ଦରବାରରେ ପରିଚିତ । ପର୍ଯ୍ୟଟନର ଧରୋହର ଏ ଅନବଦ୍ୟ ଭୂମି ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଗୌରବମୟ ଇତିହାସକୁ ନେଇ ଗୌରବାନ୍ୱିତ । ବୈଦିକ ଯୁଗରେ– ଏହି ଅଞ୍ଚଳକୁ ଆରଣ୍ୟକ ରାଜ୍ୟ, ରାମାୟଣ ଯୁଗରେ– ଦଣ୍ଡକାରଣ୍ୟ, ମହାଭରତ ଯୁଗରେ ନିଷାଦ ନଗ୍ର, ଜୈନ ବୌଦ୍ଧ ସମୟରେ ଆଟବିକ ସାମ୍ରାଜ୍ୟ, ମୌର୍ଯ୍ୟ ଯୁଗରେ ମହାବନ, ଐର ଖାରବେଳଙ୍କ



ସମୟରେ ବିଦ୍ୟାଧର ନଳବଂଶ ସମୟରେ ଖଣ୍ଡିର ଶୃଙ୍ଗମଣ୍ଡଳ, ମାଠର ବଂଶ ସମୟରେ– ପୂର୍ବ ଗଙ୍ଗରାଜ୍ୟ, ଗୁପ୍ତ ବଂଶ ସମୟରେ– ଖିଣ୍ଡିର ଶୃଙ୍ଗମଣ୍ଡଳ, ମାଠର ବଂଶ ସମୟରେ– ପୂର୍ବ ଗଙ୍ଗରାଜ୍ୟ, ଗୁପ୍ତ ବଂଶ ସମୟରେ– ମହାକାନ୍ତାର ରାଜ୍ୟ, ସୋମବଂଶୀ ଅମଳରେ–ତ୍ରିକଳଙ୍ଗ ଦେଶ, ନାଗବଂଶୀ ଅମଳରେ– ଚିତ୍ରକୋଟ, ମତ୍ସ୍ୟ ବଂଶୀଙ୍କ ସମୟରେ ଉଡ୍ର ରାଜ୍ୟ, ଶିଳା ବଂଶୀଙ୍କ ସମୟରେ ମଘ ମତ୍ସ୍ୟ ଦେଶ ଓ ସୂର୍ଯ୍ୟ ବଂଶୀଙ୍କ ସମୟରେ କୋଣ୍ଡାକାମ୍ବେରୁ ବା କାମ୍ବୁଦ୍ରିଗଡ଼ ଭାବରେ ପରିଚିତ ଥିଲା । ସୂର୍ଯ୍ୟବଂଶୀ ରାଜାମାନଙ୍କ ପ୍ରତିଷ୍ଠିତ ନନ୍ଦପୁର (ପରବର୍ତ୍ତୀ ସମୟରେ ଜୟପୁର ରାଜ୍ୟ) ସାମ୍ରାଜ୍ୟକୁ କେନ୍ଦ୍ର କରି, ଏ ମାଟିର ଭୌଗୋଳିକ, ଐତିହାସିକ ରାଜନୈତିକ ଅସ୍ତିତ୍ୱ ଓ ଅସ୍ମିତା ଆଧାରିତ ତଥା ପର୍ଯ୍ୟବେଶିତ । ପୂର୍ବଘାଟ ପର୍ବତ ମାଳା ଏବଂ ଚିରସ୍ରୋତା ମାଛକୁଣ୍ଡ ନଦୀ କଡ଼େକଡ଼େ ଗଢ଼ି ଉଠିଥିବା ଅନେକ ଆଦିବାସୀ ସଭ୍ୟତା, ରାଜବଂଶର ରାଜଉଆସ ମଧ୍ୟରୁ, ଏ 'କୋଣ୍ଡାକାମ୍ବେରୁ' ଗଡ଼ ଅନ୍ୟତମ । ନିୟମଗିରି ପର୍ବତମାଳାରୁ ସୃଷ୍ଟି ହୋଇ ଅନେକ ପାହାଡ଼ ପର୍ବତ ଡେଇଁ ଏ ମାଛକୁଣ୍ଡ ନଦୀ




କଡ଼େ କଡ଼େ ଗଢ଼ି ଉଠିଥିବା ଅନେକ ଆଦିବାସୀ ସଭ୍ୟତା, ରାଜବଂଶର ରାଜ ଉଆସ ମଧ୍ୟରୁ,ଏ 'କୋଣ୍ଡାକାମ୍ବେରୁ' ଗଡ଼ ଅନ୍ୟତମ । ନିୟମଗିରି ପର୍ବତମାଳାରୁ ସୃଷ୍ଟି ହୋଇ ଅନେକ ପାହାଡ଼ ପର୍ବତ ଡେଇଁ ଏ ମାଛକୁଣ୍ଡ ନଦୀ ମୋଟୁ ମୁଗୀ ପଏଣ୍ଟ ତ୍ରିକୋଣଭୂମିରେ ସାବେରୀ, ସିଲେରୁ ଓ ଚିନ୍ନା ଗୋଦାବରୀ ସହ ମିଳିତ ହୋଇଛି । ନିୟମଗିରିରୁ ଜଲାପୁଟ ଯାଏଁ କିଶୋର ଗଡ଼, ଜଲାପୁଟରୁ ଚିତ୍ରକୋଣ୍ଡା ଯାଏଁ ମାଛକୁଣ୍ଡ ଏବଂ ଚିତ୍ରକ୍ରୋଣ୍ଡାରୁ ନିମ୍ନ ଅବବାହିକାରେ ଏହା ସିଲେରୁ ନଦୀ ଭାବରେ ନାମିତ ହୋଇଛି । ଅନେକ ପୁରାତନ କିମ୍ବଦନ୍ତୀ, ଐତିହାସିକ କୀର୍ତ୍ତିରାଜି, ସୁନ୍ଦର ପ୍ରାକୃତିକ ବର୍ଣ୍ଣ ବିଭାରେ ସଜେଇ ହୋଇଥିବା, ଏ ଛୁଇଁ ହେଉଥିବା ଭୂସ୍ୱର୍ଗ ଆଦିବାସୀ ଆଦିଭୂମି ମାଲକାନାଗିରି ।


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com




ଓଡ଼ିଶାରେ ସର୍ବମୋଟ ୬୨ଟି ସମ୍ପ୍ରଦାୟଙ୍କ ମଧ୍ୟରୁ ମାଲକାନାଗିରି ଜିଲ୍ଲାରେ ୧୫ ଗୋଟି ଆଦିବାସୀ ସଂପ୍ରଦାୟ ବାସ କରନ୍ତି । ଆଦିମ ସନ୍ତାନ ବଣ୍ଡା, କୋୟା, ପରଜା, ବିଦାୟୀ, ଭୂମିଆ, ଗାଦବା, ଜୁଆଙ୍ଗ, କୋଲହ, କନ୍ଧ, ଶାନ୍ତାଳୀ, ପରଜା, ଭୂମିଆଁ, ପେଙ୍ଗପରଜା, ମାଟିଆ, ସାନ୍ତାଳ, କୋଣ୍ଡାଦୋରା, କୋଣ୍ଡାରେଡ୍ଡୀ, ଶବର, ଏଭଳି ଅନେକ ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାକୁ ନେଇ ଏ ମାଟି ସମୃଦ୍ଧ । ପର୍ଯ୍ୟଟନ ଦୃଷ୍ଟିକୋଣରୁ ଚିନ୍ତା କଲେ, ପ୍ରକୃତି ମାତା ଅଜସ୍ର ପ୍ରାକୃତିକ ବୈଭବରେ ସଜେଇ ଦେଇଛି ଏ ଛୁଇଁ ହେଉଥିବା ଭୂସ୍ୱର୍ଗକୁ । ଏହାର ନଦୀ, ଝୋଲା, ନିଘଞ୍ଚ ଅରଣ୍ୟ, ଜଳପ୍ରପାତ, ଆରଣ୍ୟକ ପଟ୍ଟଚିତ୍ର ଦୃଶ୍ୟ ସମ୍ଭାର, ଦର୍ଶକ ମନ ପ୍ରାଣରେ ଅପୂର୍ବ ଉନ୍ମାଦନା ସୃଷ୍ଟି କରିଥାଏ । ପର୍ଯ୍ୟଟନ ଓ ପରିଭ୍ରମଣ ପାଇଁ ବିଶେଷତଃ ଅକ୍ଟୋବରରୁ ଜାନୁଆରୀ ମାସରେ ଏ ସମଗ୍ର ଅଞ୍ଚଳଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ସଜେଇ ହୋଇଯାଏ । ଏହାର ତଟକ ତଟକା ପ୍ରାଣବାୟୁ, ହଳଦିଆ ରଙ୍ଗର ଅଳସୀ କ୍ଷେତର ସମ୍ଭାର ଦର୍ଶକ ମନରେ ଖୁସିର ବାତାବରଣ ସୃଷ୍ଟି କରେ । ପୌରାଣିକ ଦଣ୍ଡକାରଣ୍ୟ ମଧ୍ୟରେ ମାଲ୍ୟବନ୍ତ ପାହାଡ଼, ଦେବ ଡଙ୍ଗର ରାଜ  ଉଆସ, ଐତିହାସିକ ସଦର ବସନି ଆମ୍ବାତୋଟା, ମାଲ୍ୟବନ୍ତ ପାହାଡ଼ର ମଲ୍ଲିକେଶ୍ୱର ମହାଦେବ, ଜଦୁଗୁଡ଼ାର ଜଉ ପାହାଡ଼, ଆଦିଭୂମି ବଣ୍ଡାଘାଟିର ପବିତ୍ର ସୀତାକୁଣ୍ଡ, ଖଇରପୁଟ ନିକଟସ୍ଥ ପବିତ୍ର ଆମାକୁଣ୍ଡ, ମୋତ୍ୟାଲୁମ୍ମାଙ୍କ ପବିତ୍ର ପୀଠ ମାନ୍ୟମକୋଣ୍ଡା, ମାଲକାନାଗିରି ସନ୍ନିକଟ ଭୈରବପୀଠ, ମୋଟୁ ତ୍ରିକୋଣଭୂମି, ଚିତ୍ରକୋଣ୍ଡାର ବୃହତ୍ତମ ମାଟିବନ୍ଧ ଓ ଜଳଭଣ୍ଡାର, ଖଇରପୁଟର ପବିତ୍ର ଦାମଲ୍ ଦେଇ ମନ୍ଦିର, ବରୁଆ ଦେଈ, କନକ ଦେଈ, ପାତକ ଦେଈ, ଜଳେଶ୍ୱର ମହାଦେବ, ସପ୍ତ ଋଷି, ବାଲିକୁଣ୍ଡ, ସାରୁକୁଣ୍ଡ, କାଉଡ଼ି କୁଣ୍ଡ, ବାଙ୍ଗିଡ଼ି କୁଣ୍ଡ, ବାଲୀ ପାହାଡ଼, ପଡ଼େଇ ଗୁଡ଼ାର ଶ୍ରୀରାମ ମନ୍ଦିର, ମୁଦୁଲି ପଡ଼ା ଗାଁରେ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମନ୍ଦିର, ଜନଜାତି ବଣ୍ଡାମାନଙ୍କ ଆଦିମ ଆସ୍ଥାନ ମୁଦୁଲି ପଡ଼ା ପାହାଡ଼, ସ୍ୱାଭିମାନ ଅଞ୍ଚଳର ଗୁରୁପ୍ରିୟା ସେତ, ସାର୍କ ବନ୍ଧର ଝୁଲା ପୋଲ, ହନ୍ତାଳଗୁଡ଼ା ଘାଟି, ବେଜିଂର ଶିବ ମନ୍ଦିର, ସ୍ୱାଭିମାନ ଅଞ୍ଚଳର ବାଟ ଭୂଆସୁଣୀ ବାଘ ପାହାଡ଼, ପଣସପୁଟ ପଞ୍ଚାୟତ ଡମଗଡ଼ର



ଗଣେଶ ମନ୍ଦିର, ଚିତ୍ରକୋଣ୍ଡା ଘାଟି, ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ର, ନୀଳାକାମ୍ବେରୁର ଗଣେଶ ମନ୍ଦିର, ବାଲିମେଳା ଜଳ ଭଣ୍ଡାର ଭିତରସ୍ଥ ନୀଳକଣ୍ଠେଶ୍ୱର, ବଣ୍ଡା ପାହାଡ଼ର ବଡ଼ଡୁରାଲ, ଅଣ୍ଡରା ହାଲ୍, ମାଲକାନାଗିରି ନିକଟସ୍ଥ ସତିଗୁଡ଼ା ଜଳଭଣ୍ଡାର, ମାଁ ମାଉଳୀ ପୀଠ, ଗମ୍ପାକୋଣ୍ଡା ଜଳ ବିଦ୍ୟୁତ୍ କେନ୍ଦ୍ର, ସୀମାନ୍ତ ଛତିଶଗଡ଼ ନିକଟସ୍ଥ ତୁଳସୀ ପାହାଡ଼, କିଆଙ୍ଗ ଜଳ ପ୍ରପାତ, ଅବିଭକ୍ତ କୋରାପୁଟ ମାଟିର ମହାପୁରୁଷ ଭୂମିପୁତ୍ର ଭୂମିଆଁ, ଏ ଆଦିବାସୀ ମାଟିର ବୀର  ସହିଦ୍ ଲକ୍ଷ୍ମଣ ନାୟକଙ୍କ ଜନ୍ମସ୍ଥାନ ତେନ୍ତୁଳିଗୁମ୍ମା, ଅଗଷ୍ଟ କ୍ରାନ୍ତି ଦିବସ ସ୍ୱାଧୀନତା ସଂଗ୍ରାମର ଗୁଳିକାଣ୍ଡ ସ୍ଥାନ ମାଥିଲି ଥାନା, ବଣ୍ଡା ପାହାଡ଼ ମୁଦୁଲିପଡ଼ାର ପାଟଖଣ୍ଡା ମହାପ୍ରଭୁ, କୋୟା ରାଜଭାଟି ମୋଟୁ, ପଡ଼ିଆ, ପୂର୍ବତନ ବ୍ଲକ ସଦର ମହକୁମ କୁଡୁମୁଲୁଗୁମ୍ମା କଡ଼େ କଡ଼େ  ଆଦିମ ଜନଜାତି ବିଦାୟୀବସ୍ତି, ପୁରୁଣାଗୁମ୍ମାର ମହୁପାଟଣା, ସାପୁଆ ଡଙ୍ଗରରେ ଆବିର୍ଭୂତା ମାଁ ଭୈରବୀ, କୁଡୁମୁଲୁଗୁମ୍ମା ଝାଡ଼ ଜଙ୍ଗଲର ଈଶ୍ୱର ଶ୍ରୀ ଝାଡ଼େଶ୍ୱର ମହାଦେବ, ପାକନାଗୁଡ଼ା ବିଷ୍ଣୁ ମନ୍ଦିରର ଭଗ୍ନାବଶେଷ, ମାତଙ୍ଗ ଋଷିଙ୍କ ଆଶ୍ରମ ଶବରୀ ପୀଠ ପବିତ୍ର ଦୟଣା ଶ୍ରୀକ୍ଷେତ୍ର ସରିପେଟା, ଶୈବକ୍ଷେତ୍ର କୁଣ୍ଡଳେଶ୍ୱର, ମୋଟୁର ଶ୍ରୀ ଜଗନ୍ନାଥ ମନ୍ଦିର, ମାଲକାନାଗିରି ସଦର ମହକୁମା ନିକଟସ୍ଥ ମହାପ୍ରଭୁ ବୁଢ଼ା ଭୈରବ, ମୋଟୁ ତ୍ରିକୋଣ ଭୂମି ମୁଗି ପଏଣ୍ଟ୍ (ପବିତ୍ର ସିଲେରୁ) ସାବେରୀ ଓ ଚିନା ଗୋଦାବରୀର ସଙ୍ଗମସ୍ଥଳ) ସପ୍ତଧାରା  ନଦୀକୂଳରେ ଗୋଲ ଗୋଲ ସବୁଜ ସୁନ୍ଦର ଗୋବିନ୍ଦପାଲ୍ଲୀ ଘାଟି, ଅବନ୍ତିକା ଜଳ ବିଦ୍ୟୁତ୍ କେନ୍ଦ୍ର, ଉଦୟଗିରି ଜଳପ୍ରପାତ, ବାଲିମେଳା ନିକଟସ୍ଥ ପଟେରୁ ବୃହତ୍ ଜଳ ସେଚନ ଯୋଜନା, କୋରକୋଣ୍ଡା ନିକଟସ୍ଥ ସୁବଳୟା ପାହାଡ଼, କୁଡୁମୁଲୁଗୁମ୍ମା ନିକଟରେ ଡୁଡୁମା ଝୋଲା, ନୃସିଂହ କ୍ଷେତ୍ର, ସୁନାନଗରର ଡଙ୍ଗର ଦେବୀ ମାଁ ଦୁର୍ଗା, ସିନ୍ଧିଗୁଡ଼ାର ସିନ୍ଧିଝରନ୍, ବାଘଖୋଜ ନାଳଝୋଲା ପୂଜାରୀଗୁଡ଼ା, ତରାଭୁ ଜଳପ୍ରପାତ ଗୁଞ୍ଜିବାହାଲ୍, ସାପୁଆ ଡଙ୍ଗର 'କୁଡୁମୁଲୁଗୁମ୍ମା, ଧାକଡ଼ପଦରର ଧାଙ୍ଗଡ଼ି ବସା, କାଲିମେଳା ନିକଟସ୍ଥ ଐତିହାସିକ ରମ୍ଭା ଜଙ୍ଗଲ, ଚିନ୍ନା ଗୋଦାବରୀ, ଏକଯୋଡ଼ି ଜଳପ୍ରପାତ ସାଲିମି, ମୟୂର ଝୋଲା ଜଳପ୍ରପାତ ମୁଦୁଲି ପଡ଼ା, ଦଲ୍ ଦଲି ଜଳପ୍ରପାତ କର୍ତ୍ତନ୍ ପାଲି, ବଡ଼ବାଙ୍କୁଲି ଜଳପ୍ରପାତ ଗୋବିନ୍ଦପାଲ୍ଲୀ, ଗୁମ୍ମା ଝରନ୍ ଜଳପ୍ରପାତ ଖଇରପୁଟ ରାଣିଗଡ଼ ଜଳପ୍ରପାତ କୁଲା ବେଡ଼ା ମାଥିଲି, ଗୋଇ



ଡଙ୍ଗର ମାଲକାନାଗିରି, ଇକୋ ପାର୍କ ଚିତ୍ରକୋଣ୍ଡା, ମହୁଲି ଡୁଡୁମା ଜଳପ୍ରପାତ ଖଇରପୁଟ ଇତ୍ୟାଦି ପର୍ଯ୍ୟଟନସ୍ଥଳୀ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଏଇ ମାଲକାନାଗିରି ମାଟି । କିଛି ବର୍ଷ ଏ ଅଗନା ଅଗନି ଅରଣ୍ୟର ସନ୍ତାନମାନେ ମାଓବାଦୀଙ୍କ ସାମ୍ୟବାଦୀ ଚିନ୍ତାଧାରାରେ ପ୍ରଭାବିତ ହୋଇ ସରକାରଙ୍କ ବିରୋଧରେ ଯୁଦ୍ଧଂ ଦେହି ଡାକରା ଦେଇ ଏ ଅଞ୍ଚଳରେ ହତ୍ୟା, ବାରୁଦ, ବିଭିଷିକାର ଭୟ ଛାଇ ଯାଇଥିଲା । ଗୋଟିଏ ମୁହୂର୍ତ୍ତରେ ସମଗ୍ର ମାଲକାନାଗିରି ଜିଲ୍ଲା ମାଓବାଦୀଙ୍କ କବଳକୁ ଚାଲିଯାଇଥିବା ବେଳେ କେନ୍ଦ୍ର ସରକାରଙ୍କ ସହାୟତାରେ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ ବିଏସଏଫ ସିଆରପିଏଫ ଯବାନଙ୍କ ସହାୟତାରେ ପୁଣି ମାଲକାନାଗିରି ଜିଲ୍ଲାରେ ଶାନ୍ତି ଫେରାଇ ଆଣାଯାଇଥିଲା । ଜଙ୍ଗଲ ମଧ୍ୟରେ ଏକ ଶହରୁ ଉର୍ଦ୍ଧ୍ୱ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ ମୁତୟନ ହୋଇ ଧନଜୀବନର ସୁରକ୍ଷା କରୁଛନ୍ତି । ଦଶନ୍ଧି ଦଶନ୍ଧି ଧରି ଅବହେଳିତ ଅବସ୍ଥାରେ ଥିବା ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁପ୍ରିୟା ସେତୁ କରାଯାଇ ସଂପୂର୍ଣ୍ଣ ମାଓବାଦୀମାନଙ୍କ ଶାସନାଧୀନ ସ୍ୱାଭିମାନ ଅଞ୍ଚଳକୁ ମାଓବାଦୀ ମୁକ୍ତ କରିବା ସହ ରାସ୍ତା ଘାଟ, ଗମନାଗମନ ଓ ଆଦିବାସୀ ଭାଇ ଭଉଣୀମାନଙ୍କୁ ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଛି । ଏବେବି ଅନେକ ସ୍ଥାନରେ ମାଓବାଦୀମାନଙ୍କ ଯୁଦ୍ଧ ଗୃହ, କ୍ୟାମ୍ପ, ସହୀଦ ସ୍ତମ୍ଭ ପରିଦର୍ଶକ ପରିବ୍ରାଜକମାନଙ୍କ ଦେଖିବା ନିମନ୍ତେ ସଂରକ୍ଷଣ କରି ରଖାଯାଇଛି । ଏବେ ସଂପୂର୍ଣ୍ଣ ଜିଲ୍ଲା ମାଓବାଦୀ ସଂଗଠନର ପ୍ରଭାବରୁ ମୁକ୍ତ ହୋଇ ବିକାଶ ପଥରେ ଆଗେଇ ଚାଲିଛି । ମାଲକାନାଗିରି ମାଳଭୂମିର ବିକାଶ ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟ ବ୍ୟକ୍ତିଗତ ଭାବରେ ସବୁକଥାକୁ ତଦାରଖ କରୁଛନ୍ତି । ବଣ୍ଡାଘାଟିର ସୀତାକୁଣ୍ଡର ବିକାଶ ପାଇଁ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମହୋଦୟ ନିଜେ ଉକ୍ତ ସ୍ଥାନକୁ ଗସ୍ତ କରି ପୌରାଣିକ ପୀଠର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ରାଷ୍ଟ୍ରୀୟ କବି ସଙ୍ଗମ, ନୂଆଦିଲ୍ଲୀ ତରଫରୁ ମାଲକାନାଗିରି ଜିଲ୍ଲା ସଂଯୋଜକ ଭାବେ ମହାମହିମ ରାଜ୍ୟପାଳ ମହୋଦୟଙ୍କୁ ବଣ୍ଡାଘାଟୀ ଆମେ ନିମନ୍ତ୍ରଣ କରିଥିଲୁ । ପରେ ଆଜାଦୀ କୀ ଅମୃତ ମହୋତ୍ସବ ପାଳନ ସମାରୋହ ଅବସରରେ ମହାମହିମ ରାଜ୍ୟପାଳ ମହୋଦୟ ଆଦିବାସୀ ବଣ୍ଡା ଓ ବିଦାୟୀ ଭାଇମାନଙ୍କ ସହ ଆମକୁ ରାଜଭବନ, ଭୁବନେଶ୍ୱରକୁ ନିମନ୍ତ୍ରଣ କରି ଗୋଟିଏ ଦିନ ଆଦିବାସୀ ଭାଇଭଉଣୀଙ୍କ ସହ ରାଜଭବନରେ ଆତିଥ୍ୟ ସେବା ପ୍ରଦାନ କରିଥିଲେ । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ବ୍ୟକ୍ତିଗତ ସଚିବ ତଥା ଦାୟିତ୍ୱରେ ଥିବା ଫାଇବ୍ ଟି ସଚିବ ଶ୍ରୀଯୁକ୍ତ ଭି କାର୍ତ୍ତିକେୟ ପାଣ୍ଡିଆନ ନିଜେ ମାଲକାନାଗିରି ଆସି ସମସ୍ତ ପର୍ଯ୍ୟଟନ ସ୍ଥଳୀ ବୁଲିବା ସହ ଏହାର ରକ୍ଷଣାବେକ୍ଷଣ ଓ ଉନ୍ନୟନ ପାଇଁ ପ୍ରସ୍ତାବ ଆଗତ କରିଛନ୍ତି । ବର୍ତ୍ତମାନ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ,







ମାଲକାନାଗିରି ଜିଲ୍ଲାରୁ ସମୁଦାୟ ୭ଟି ବ୍ଲକ ମାଲକାନାଗିରି, କାଲିମେଲା, ପଡ଼ିଆ, କୋରକୋଣ୍ଡା, ଖଇରପୁଟ, ମାଥିଲି ଓ ଚିତ୍ରକୋଣ୍ଡା ଏବଂ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ମାଲକାନାଗିରି ଓ ବାଲିମେଳାର ଅନେକ ଅନାଲୋଚିତ ଅବହେଳିତ ଅବସ୍ଥାରେ ଥିବା ଐତିହାସିକ ଓ ପୌରାଣିକ ପୃଷ୍ଠଭୂମିକୁ ନେଇ ପର୍ଯ୍ୟଟନର ଭିତ୍ତିଭୂମି ବିକଶିତ କରିବା ସହ ସଂରକ୍ଷଣ ନିମନ୍ତେ ସମନ୍ୱିତ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ତରଫରୁ ମଧ୍ୟ ଏହି ଜିଲ୍ଲାରେ ବାସ କରୁଥିବା ଆଦମ ଜନଜାତି ଭାଇମାନଙ୍କର ଭୂମିଷ୍ଠ ସ୍ୱର୍ଣ୍ଣିମ ଭୂମି, ସୀମାନ୍ତ ସରହଦର ଭାଷା ସଂସ୍କୃତି ପରମ୍ପରାର ସଂରକ୍ଷଣ ସହିତ ଆଦିବାସ ଜନ ଜୀବନ କର୍ମସଂସ୍ଥାନ, ଜଙ୍ଗଲ ଜାତ ଦ୍ରବ୍ୟର ପ୍ରକ୍ରିୟା କରଣ ଶିଳ୍ପ ଖାଦ୍ୟ ପ୍ରକ୍ରିୟାକରଣ ପ୍ରତିଷ୍ଠାନ, ଭୂ ଗର୍ଭସ୍ଥ ଖଣିଜ ପଦାର୍ଥ ସନ୍ଧାନ ଓ ଶିଳ୍ପ ପ୍ରତିଷ୍ଠା ସହ ଇକୋ ଟୁରିଜିମ୍ ଇକୋ ରିଟ୍ରିଟ୍ ପ୍ରତିଷ୍ଠା କରି ଆଦିବାସୀ ଭାଇମାନଙ୍କୁ କର୍ମ ସଂସ୍ଥାନ ସହ ପ୍ରକୃତି ସୁରକ୍ଷା ଅଭିମୁଖେ ଅଭି ପ୍ରେରିତ କରି ପାରିଲେ ଏ ମାଲ୍ୟବନ୍ତ ଭୂମିର ଅଶେଷ ଉନ୍ନତି ସାଧିତ ହେବା ସହ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ରାଜକୋଷକୁ ପର୍ଯ୍ୟଟନ କ୍ଷେତ୍ରରୁ ଅମାପ ରାଜସ୍ୱ ଆଦାୟ ହୋଇପାରନ୍ତା । ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଓ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ଐତିହାସିକ ସଂସ୍କୃତି ପରମ୍ପରା ସମ୍ପନ୍ନ କୀର୍ତ୍ତି ରାଜି ଓ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ ଯାଇଛି । ଧିରେ ଧିରେ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ଉନ୍ନତି ହେବା ସହ ପର୍ଯ୍ୟଟକଙ୍କ ରାତ୍ରି ରହଣି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ହୋଟେଲ, ପରିବହନ ସୁବିଧା କରାଇବା ପାଇଁ ପ୍ରଚେଷ୍ଟା ଜାରି ଅଛି । ଏଭଳି ସମୟରେ ଓଡ଼ିଆ ଚଳଚ୍ଚିତ୍ର 'ଦମନ' ମାଲକାନଗିରି ମାଟିର କାହାଣୀ, ଜୀବନ ଭଗ୍ନାଂଶର କଥା ବ୍ୟଥା, ସମଗ୍ର ବିଶ୍ୱ ବାସୀ ଶୁଣାଉଥିବା ବେଳେ, ଦକ୍ଷିଣ ଭାରତର ଚଳଚ୍ଚିତ୍ର ପୁଷ୍ପା ୨ ମାଲକାନଗିରି ଜିଲ୍ଲାର ନିଘଞ୍ଚ ଜଙ୍ଗଲରେ ଶୁଟିଂ ଚାଲିଛି । ଏ ସବୁଜିମା ଭରା ନନ୍ଦନବନର ରୂପ ଲାବଣ୍ୟ ଆଜି ସମଗ୍ର ପୃଥିବୀରେ ପର୍ଯ୍ୟଟନ ନିମନ୍ତେ ପ୍ରଶସ୍ତ ମାର୍ଗ ଖୋଲି ପାରିଛି । ପର୍ଯ୍ୟଟନର ଭିତ୍ତି ଭୂମି ବିକାଶ ହେଉଥିବାରୁ ଏ ସ୍ୱର୍ଗଭୂମିର ସନ୍ତାନମାନେ କାମଧନ୍ଦା ପାଇ ପାରୁଛନ୍ତି ଓ ପର୍ଯ୍ୟଟକମାନଙ୍କ ଗାଇଡ୍ ଦାୟିତ୍ୱ ନିର୍ବାହ କରୁଛନ୍ତି । ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଆଜି ପ୍ରଦୂଷଣର ବିଷ ବଳୟରେ ସନ୍ତୁଳି ହୋଇ, ଆକ୍ତା ମାକ୍ତା ହେଉଥିବା ବେଳେ, ଏ' ଜଙ୍ଗଲ ସାମ୍ରାଜ୍ୟର ତଟକା ତଟକା ଅମ୍ଳଜାନ, ପ୍ରାଣ ରକ୍ଷକ ପ୍ରାଣବାୟୁ, କୁଞ୍ଝୁ କୁଞ୍ଝିଆ ଥାକ ଥାକ ପାହାଡ଼ ଖୋପରେ ବାସ କରୁଥିବା ଆଦିବାସୀ ଭାଇମାନଙ୍କ ଲୋକ କଳା, ଲୋକସାହିତ୍ୟ, ଲୋକ ଗୀତ, ଲୋକ ବାଦ୍ୟ, ଲୋକନୃତ୍ୟ, ଆଦିବାସୀ ଭାଷା, ସଂସ୍କୃତି, ପରମ୍ପରା ଜୀଉଣୀ ଖାଉଣୀକୁ ଅଙ୍ଗେ ଲିଭାଇବା ପାଇଁ ସମଗ୍ର ଓଡ଼ିଶାରୁ, ଓଡ଼ିଶା ବାହାରୁ ଦେଶ ବିଦେଶରୁ ମଧ୍ୟ ପର୍ଯ୍ୟଟନ ଆସୁଛନ୍ତି ମାଲକାନଗିରି ମାଟିକୁ । ମୋର କବିତା ସଙ୍କଳନ ଶବ୍ଦବ୍ରହ୍ମ, ମେଘଲଗ୍ନା, ମାଟିମଗ୍ନା, ଈଶ୍ୱରଙ୍କ ଭାଡ଼ି, ଶ୍ୱେତପତ୍ର ଓ କୋଣ୍ଡଶକାମ୍ବେରୁ ଖୁଆଡ଼ ମାଧ୍ୟମରେ ଏ ମାଲକାନଗିରି ମାଟିର ନୈସର୍ଗିକ ଶୋଭା ରାଜି, ପ୍ରକୃତି ରାଣୀର ରୂପ ଲାବଣ୍ୟକୁ ଆପଣଙ୍କ ନିକଟରେ ପରଷିବାକୁ ଚେଷ୍ଟା କରୁଛି । ପର୍ଯ୍ୟଟନରେ ରୁଚି ରଖୁଥିବା ସମସ୍ତ ବନ୍ଧୁମାନଙ୍କୁ ହୃଦୟରୁ ନମ୍ର ନିବେଦନ, ଆସନ୍ତୁ ବନ୍ଧୁ, ଆମ ପର୍ଯ୍ୟଟନ, ପରମ୍ପରାର ଧରୋହର, ଆମ ଛୁଇଁ ହେଉଥିବା ଭୂସ୍ୱର୍ଗ ମାଲ୍ୟବନ୍ତ ଭୂମିକୁ 'ଅତିଥି ଦେବୋ ଭବଃ' ଉକ୍ତିକୁ ସାର୍ଥକ କରିବା ପାଇଁ, ସୀମାନ୍ତ ସରହଦରୁ ସର୍ବଦା ସ୍ୱାଗତ ମୁଦ୍ରାରେ, ଆମ ଆଦିସଭ୍ୟତା ଆଦିବାସୀ ସଂପ୍ରଦାୟର ସଂସ୍କୃତି ପରମ୍ପରା ସାବୁଜା ସାବୁଜା ସୁସଜ୍ଜିତ ଅରଣ୍ୟ ଉଆସ, ଏବେ ଆପଣଙ୍କ ଆଗମନ ପ୍ରତୀକ୍ଷାରେ ଆମ ଛୁଇଁ ହେଉଥିବା ଭୂସ୍ୱର୍ଗ ମାଲ୍ୟବନ୍ତ ଭୂମି ।



# ଜୀବନାଦର୍ଶର ମହାମନ୍ତ୍ର
# ପବିତ୍ର ଗ୍ରନ୍ଥ



# ତାମିଲ ବେଦ 'ତିରୁକ୍କୁରଲ୍'

**ଅଭୟ ଦ୍ୱିବେଦୀ**
ଭଦ୍ରାଣୀ, ସାଳନ୍ଦୀ ନଗର, ଭଦ୍ରକ-୭୫୬୧୦୦
ଫୋନ: ୯୪୩୭୧ ୯୧୩୫୦

ଫଟୋ ସୌଜନ୍ୟ : ଲେଖକ

**ତିରୁଓ୍ୱଲ୍ଲୁଓ୍ୱର ଜଣେ ତାମିଲ ସନ୍ଥ ଥିଲେ । ବଂଶ ପରଂପରାରୁ ଯାହା ଜଣାପଡେ ସେ ଥିଲେ ହରିଜନ ତନ୍ତୀ । ସମ୍ଭବତଃ ସେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଜନ୍ମ ଗ୍ରହଣ କରିଥିଲେ । ସେ ଆମକୁ ତାମିଲ ବେଦ ନାମରେ ଅଭିହିତ ପବିତ୍ର ଗ୍ରନ୍ଥ 'ତିରୁକ୍କୁରଲ' ପ୍ରଦାନ କରିଛନ୍ତି, ଯାହାକୁ ୧୮୪୮ ମସିହାରେ ଏରିଏଲ ମହାଶୟ ଫରାସୀରେ ଅନୁବାଦ କରି 'ମାନବ ଚିନ୍ତାଧାରାର ସର୍ବୋଚ୍ଚ ଏବଂ ବିଶୁଦ୍ଧ ଅଭିବ୍ୟକ୍ତି ମଧ୍ୟରୁ ଅନ୍ୟତମ' ଭାବେ ବର୍ଣ୍ଣନା କରିଛନ୍ତି ।**



ଲେଖକ ଅଭୟ ଦ୍ୱିବେଦୀ

"ତିରୁଓ୍ୱଲ୍ଲୁଓ୍ୱର ଜଣେ ତାମିଲ ସନ୍ଥ ଥିଲେ । ବଂଶ ପରଂପରାରୁ ଯାହା ଜଣାପଡେ ସେ ଥିଲେ ହରିଜନ ତନ୍ତୀ । ସମ୍ଭବତଃ ସେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଜନ୍ମ ଗ୍ରହଣ କରିଥିଲେ । ସେ ଆମକୁ ତାମିଲ ବେଦ ନାମରେ ଅଭିହିତ ପବିତ୍ର ଗ୍ରନ୍ଥ 'ତିରୁକ୍କୁରଲ' ପ୍ରଦାନ କରିଛନ୍ତି, ଯାହାକୁ ୧୮୪୮ ମସିହାରେ ଏରିଏଲ ମହାଶୟ (E. S. Ariel) ଫରାସୀରେ ଅନୁବାଦ କରି 'ମାନବ ଚିନ୍ତାଧାରାର ସର୍ବୋଚ୍ଚ ଏବଂ ବିଶୁଦ୍ଧ ଅଭିବ୍ୟକ୍ତି ମଧ୍ୟରୁ ଅନ୍ୟତମ' ଭାବେ ବର୍ଣ୍ଣନା କରିଛନ୍ତି । ଏହି ଗ୍ରନ୍ଥର ପଦାବଳୀ ସଂଖ୍ୟା ୧୩୩୦ ଏବଂ ଏହା ବହୁ ଭାଷାରେ ଅନୂଦିତ ହୋଇଛି । ଇଂରାଜୀ ଭାଷାରେ ମଧ୍ୟ ଏହାର ବହୁ ସଂସ୍କରଣ ରହିଛି । ହରିଜନ ସେବା ନିମନ୍ତେ ଶର୍ମା ଦେବୀ ଆଶ୍ରମର ପ୍ରତିଷ୍ଠାତା ସ୍ୱର୍ଗତ ଭି.ଭି.ଏସ. ଆୟର ଇଂରାଜୀରେ ଏହି ଗ୍ରନ୍ଥର ସଦ୍ୟତମ ଅନୁବାଦ କରିଛନ୍ତି । ସେ ମୃତ୍ୟୁବରଣ କରିବା ପରେ ଆଶ୍ରମ ଏବଂ ପୁସ୍ତକ ଉଭୟ ହରିଜନ ସେବକ ସଂଘ ଅଧୀନକୁ ଆସିଯାଇଛି । ଦ୍ୱିତୀୟ ସଂସ୍କରଣର ୧୦୦୦ ପୁସ୍ତକ ଏବେ ମଧ୍ୟ ମହଜୁଦ ଅଛି । ଏହାର ମୂଳ ମୂଲ୍ୟ ଥିଲା ୫ଟଙ୍କା , ଏବେ ଏହା ୨ଟଙ୍କାକୁ ହ୍ରାସ କରାଯାଇଛି । ଅନୁବାଦକ ଏହି ପୁସ୍ତକର ଆବେଗପୂର୍ଣ୍ଣ ଉପକ୍ରମଣିକା ରଚନା କରିଛନ୍ତି । ବିକ୍ରିଲବ୍ଧ ରାଶି ହରିଜନ ସେବାରେ ବିନିଯୋଗ ହେବ । ପାଠକବନ୍ଧୁମାନଙ୍କ ଅବଗତି ନିମନ୍ତେ ମୁଁ ଏହି ଗ୍ରନ୍ଥର ଦୁଇଟି ପଦ ନିମ୍ନରେ ପ୍ରଦାନ କରୁଛି :

"ମୂର୍ଚ୍ଛିବାକୁ ପଡେ ଯଦି ଜୀବନ ନିଜର /
ତଥାପି ଉଚିତ ନୁହେଁ ହତ୍ୟା ଅପରର ।" (୩୨୭)
"ମୃତ୍ୟୁ ଏକ ସୁଗଭୀର ସୁପ୍ତି ବୋଲି ଜାଣ
ଜନ୍ମଲାଭ ସେ ସୁପ୍ତିରୁ ଉତ୍‌ଥାନ ସମାନ ।" (୩୩୯)

୧୯୩୫ ମସିହା ଜୁଲାଇ ୬ ତାରିଖ ସଂଖ୍ୟା 'ହରିଜନ' ପତ୍ରିକାରେ 'ତାମିଲ ପବିତ୍ର ଗ୍ରନ୍ଥ' ଶୀର୍ଷକରେ ଏହା ଥିଲା ମହାତ୍ମା ଗାନ୍ଧିଜୀଙ୍କ 'ତିରୁକ୍କୁରଲ' ଗ୍ରନ୍ଥ ପ୍ରତି ଶ୍ରଦ୍ଧା ନିବେଦନ । ମହାତ୍ମା ଗାନ୍ଧିଙ୍କ ଇଂରାଜୀ ଉକ୍ତି ଏ ଲେଖକ ଓଡିଆରେ ମର୍ମାନୁବାଦ କରିଛି ; କିନ୍ତୁ ଦୁଇଟି ପଦ ଯାହା ଗାନ୍ଧିଜୀ ଇଂରାଜୀରେ ଉଲ୍ଲେଖ କରିଥିଲେ, ତାହା ଡକ୍ଟର ଗିରିବାଳା ମହାନ୍ତିଙ୍କ 'ତିରୁକ୍କୁରଲ' ଓଡିଆ ଅନୁବାଦ ଗ୍ରନ୍ଥରୁ ଅବତାରଣା କରାଯାଇଛି ।


ଗାନ୍ଧିଜୀ ପ୍ରଥମେ ଲିଓ ଟଲଷ୍ଟୟଙ୍କ ଏକ ପତ୍ରରୁ 'ତିରୁକ୍କୁରଲ' ଗ୍ରନ୍ଥ ସଂପର୍କରେ ଜାଣିବାକୁ ପାଇଲେ । ୧୯୦୮ ମସିହା ଡିସେମ୍ବର ୧୪ ତାରିଖରେ ଶାନ୍ତି-ଅହିଂସାର ସନ୍ତକ ଲିଓ ଟଲଷ୍ଟୟ ବିପ୍ଲବୀ-ବିଦ୍ୱାନ ତାରକ ନାଥ ଦାସଙ୍କୁ ଏକ ପତ୍ର ଲେଖିଥିଲେ, ଯାହାର ଶୀର୍ଷକ ଥିଲା 'ଜଣେ ହିନ୍ଦୁଙ୍କୁ ପତ୍ର' । ଟଲଷ୍ଟୟଙ୍କୁ ଲିଖିତ ଦୁଇଟି ପତ୍ରରେ ତାରକ ନାଥ ଦାସ ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମ ପରିପ୍ରେକ୍ଷୀରେ ତାଙ୍କର ସମର୍ଥନ ଆଶା କରିଥିଲେ । ଟଲଷ୍ଟୟଙ୍କ ପତ୍ର ସେତେବେଳେ 'ଫ୍ରି ହିନ୍ଦୁସ୍ତାନ' ସମ୍ବାଦପତ୍ରରେ ପ୍ରକାଶ ପାଇବା ପରେ ତାହା ଗାନ୍ଧିଜୀଙ୍କ ନଜରକୁ ଆସିଥିଲା । ମନୀଷୀ ଟଲଷ୍ଟୟ ସେହି ପତ୍ରରେ ପବିତ୍ର ବେଦର ବାଣୀ, ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତି ସହିତ 'ତିରୁକ୍କୁରଲ' ଗ୍ରନ୍ଥର ଛଅଟି ନୀତି-ପଦାବଳୀ ଉଦ୍ଧାର କରିଥିଲେ ।

"ବ୍ୟକ୍ତି ଯଦି ଘୃଣ୍ୟ ହୁଏ,
ତଥାପି ସୁଜନଘୃଣ୍ୟ ପ୍ରତି କରେ ନାହିଁ ନୀଚ ଆଚରଣ । (୨୦୩)
ଘୃଣାରେ ଯଦିବା କେହି କରଇ ଅନିଷ୍ଟ
ପ୍ରତିଘାତ ନ କରିବା ପନ୍ଥା ହିଁ ଉତ୍କୃଷ୍ଟ । (୮୫୨)
ଅହିତକାରୀର ଯଦି ଶାସ୍ତି ଚାହୁଁଥାଅ
ତା'ର ହିତ ସାଧି ତାକୁ ଲଜ୍ଜିତ କରାଅ । (୩୧୪)
କ୍ରୋଧବଶେ ଯଦି କେହି ସାଧଇ ଅହିତ
ପ୍ରତିଶୋଧ ନିଏ ନାହିଁ ତଥାପି ମହତ । (୩୧୨
କଦାଚ ଅପର କଲେ ଅନିଷ୍ଟ ତୁମର
ପ୍ରତିଶୋଧେ ଚିନ୍ତନାହିଁ ଅନିଷ୍ଟ ତାହାର । (୧୫୭)
ଅହିତକାରୀର ହିତ ଯଦି ନ କରିବ
ମହତର ମହାନତା କିପରି ଫୁଟିବ । (୯୮୭)

ଏହି ଓଡିଆ ପଦ୍ୟାନୁବାଦ ଭାରତ ସରକାରଙ୍କ Central Institute of Classical Tamil, Chennai ସଂସ୍ଥା ତରଫରୁ ୨୦୨୨ ମସିହାରେ ପ୍ରକାଶିତ ଡକ୍ଟର ଗିରିବାଳା ମହାନ୍ତିଙ୍କ ଓଡିଆରେ ଅନୂଦିତ 'ତିରୁକ୍କୁରଲ' ଗ୍ରନ୍ଥରୁ ସଂଗୃହୀତ । ଏହି ଅନୂଦିତ ପୁସ୍ତକ ଅଧ୍ୟୟନ କରିବା ପରେ ତାହାରି ମୋହରେ ବାନ୍ଧି ହୋଇଗଲି । ଏହି ନିବନ୍ଧ ସେହି ଗ୍ରନ୍ଥ ପ୍ରତି ଶ୍ରଦ୍ଧା ନିବେଦନ ।

୧୯୦୯ ମସିହାରେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ପ୍ରକାଶ କରୁଥିବା 'ଇଣ୍ଡିଆନ୍ ଓପିନିୟନ' ପତ୍ରିକାରେ ଟଲଷ୍ଟୟଙ୍କ ପତ୍ର ଇଂରାଜୀରେ ଅନୁବାଦ କରିବା ସହ ପରେ ତାହାକୁ ଉପକ୍ରମଣିକା ସହ ସ୍ୱତନ୍ତ୍ର ପୁସ୍ତିକା ଆକାରରେ ପ୍ରକାଶ କରିଥିଲେ । ୧୯୬୩ ମସିହାରେ 'ତିରୁକ୍କୁରଲ' ଗ୍ରନ୍ଥ ଜେ.ଜେ.ଗ୍ଲାଜଭ (J. J. Glazov) ଏବଂ ଏ.କୃଷ୍ଣମୂର୍ତ୍ତିଙ୍କ ମିଳିତ ଉଦ୍ୟମରେ ରୁଷିଆ ଭାଷାରେ ଅନୂଦିତ ହୋଇଥିବାରୁ ସନ୍ଥ ଟଲଷ୍ଟୟ ସମ୍ଭବତଃ ଜର୍ମାନ ସଂସ୍କରଣ ଅଧ୍ୟୟନ କରି ପ୍ରଭାବିତ ହୋଇଥିଲେ । ଜେ.ଜେ.ଗ୍ଲାଜଭଙ୍କ ସଂପର୍କରେ ଏଠାରେ ଏତିକି କହିଲେ ଯଥେଷ୍ଟ ହେବ, ସେ ୧୯୬୨ ମସିହାରେ ତାମିଲ ଭାଷା ଏବଂ ବିଶେଷକରି ତିରୁକ୍କୁରଲ ଗ୍ରନ୍ଥ ଉପରେ ଗବେଷଣା କରି ମସ୍କୋ ବିଶ୍ୱବିଦ୍ୟାଳୟରୁ ପିଏଚ.ଡି. ଡିଗ୍ରୀ ହାସଲ କରିଥିଲେ ।

ମହାନ ଯୋଗୀ ମହାମାନବ ଶ୍ରୀଅରବିନ୍ଦ ଏହି ଗ୍ରନ୍ଥ ସଂପର୍କରେ କହିଛନ୍ତି - "Thirukkural is gnomic poetry, the greatest in planned conception and force of execution ever written in this kind."




'ତିରୁକୁରଲ' ଗ୍ରନ୍ଥର ରଚୟିତା ସନ୍ଥ ତିରୁଭ୍ଲୁଭରଙ୍କ ଜନ୍ମକାଳ ଖ୍ରୀଷ୍ଟପୂର୍ବ ୩ୟ ରୁ ୧ମ ଶତାବ୍ଦୀ ଆକଳନ କରାଯାଇଛି । ସେହି ପରିପ୍ରେକ୍ଷୀରେ ତିରୁକ୍କୁଲ୍ଲର ଗ୍ରନ୍ଥର ରଚନାକାଳ ଦୁଇ ହଜାର ବର୍ଷରୁ ଊର୍ଦ୍ଧ୍ୱ । ୧୫୯୫ ମସିହାରେ ଏହା ପ୍ରଥମେ ମାଲାୟାଲାମ ଭାଷାରେ ଅନୂଦିତ ହୋଇଥିଲା । 'କୋଚିନ ପ୍ରତ୍ନତତ୍ତ୍ୱ ବିଭାଗ' ର ୧୯୩୩-୩୪ ମସିହା ବାର୍ଷିକ ରିପୋର୍ଟରେ ଏହି ଅପ୍ରକାଶିତ ପାଣ୍ଡୁଲିପି ସଂପର୍କରେ ସୂଚନା ରହିଛି । ଏହାର ଦୀର୍ଘ ବର୍ଷ ପରେ ୧୭୩୦ ମସିହାରେ ଯୋଶେଫ ବେସ୍କି (Joseph Beschi) ନାମକ ଜଣେ ପାଦ୍ରୀ ପୁସ୍ତକର ଶେଷ ଭାଗକୁ ବାଦ ଦେଇ ଏହାକୁ ଲାଟିନ ଭାଷାରେ ଅନୁବାଦ କରିଥିଲେ । ତାଙ୍କର ଉକ୍ତି ଥିଲା - 'ଯଦିଓ ଖ୍ରୀଷ୍ଟଧର୍ମ ପ୍ରସାରିତ ହେବା ପୂର୍ବରୁ ଏହି ଗ୍ରନ୍ଥ ରଚିତ, ତଥାପି ଏହା ଖ୍ରୀଷ୍ଟଧର୍ମର ଆଦର୍ଶ ଓ ଦର୍ଶନ ଉପରେ ଆଧାରିତ ।' ୧୭୯୪ ମସିହାରେ ଇଷ୍ଟ ଇଣ୍ଡିଆ କଂପାନୀର ଜଣେ ଅଧିକାରୀ ନାଥାନିଏଲ ଏଡୱାର୍ଡ କିଣ୍ଡର୍ସଲି (Nathaniel Edward Kindersley) ଇଂରାଜୀରେ ଖଣ୍ଡିଏ ପୁସ୍ତକ ରଚନା କରିଥିଲେ - ହିନ୍ଦୁ ସାହିତ୍ୟର ନମୁନା (Specimens of Hindoo Literature) । ପୁସ୍ତକସ୍ଥ 'ଜ୍ଞାନର ମହାସାଗର' (The Ocean of Wisdom) ଅଧ୍ୟାୟରେ ସେ ତିରୁକୁରଲ ଗ୍ରନ୍ଥର ପଦାବଳୀ ସ୍ଥାନିତ କରିଥିଲେ । ୧୮୦୩ ମସିହାରେ ଫ୍ରିଡ୍ରିକ୍ କେମରର (Friedrich Caemmerer) ଜର୍ମାନ ଭାଷାରେ ଏହାକୁ ଅନୁବାଦ କରିଥିଲେ । ଉନ୍ନବିଂଶ ଶତାବ୍ଦୀରେ ବିଶ୍ୱର ପ୍ରମୁଖ ଭାଷାରେ ଅନୂଦିତ ହେବା ପରେ ପୁସ୍ତକର ଖ୍ୟାତି ପ୍ରସାର ପାଇଲା । ୨୦୨୦ ମସିହା ସୁଦ୍ଧା 'ତିରୁକୁରଲ' ଗ୍ରନ୍ଥ ୪୧ଟି ଭାଷାରେ ଅନୁବାଦ ହୋଇଛି । କେବଳ ଇଂରାଜୀ ଭାଷା ସଂସ୍କରଣର ସଂଖ୍ୟା ୧୦୦ରୁ ଅଧିକ ।

ଓଡିଆ ଭାଷାରେ 'ତିରୁକ୍କୁରଲ' ଗ୍ରନ୍ଥର ବିଭିନ୍ନ ସଂସ୍କରଣ ପ୍ରକାଶ ପାଇଛି - ଯଶସ୍ୱୀ ସାରସ୍ୱତ ସାଧିକା ଡକ୍ଟର ଗିରିବାଳା ମହାନ୍ତି ହେଉଛନ୍ତି ସଦ୍ୟତମ ଅନୁବାଦିକା । ପୂର୍ବରୁ କୁହାଯାଇଛି ଭାରତ ସରକାରଙ୍କ Central Institute of Classical Tamil, Chennai ସଂସ୍ଥା ତରଫରୁ ଏହା ୨୦୨୨ ମସିହାରେ ପ୍ରକାଶ ପାଇଛି । ପ୍ରଥମେ ୧୯୭୮ ମସିହାରେ ଚିତ୍ତରଂଜନ ଦାସ ଏହି ଗ୍ରନ୍ଥର ଓଡିଆ ଅନୁବାଦ କରିଥିଲେ । ପରେ ପରେ କ୍ଷୀରୋଦ ଦାସ (୧୯୮୫), ନିତ୍ୟାନନ୍ଦ ଆଚାର୍ଯ୍ୟ(୧୯୯୨), ଗଣନାଥ ଦାସ (୧୯୯୪), ବିଶ୍ୱନାଥ ମିଶ୍ର (୧୯୯୬) ଏବଂ ବଳରାମ ରାଉତ (୨୦୧୭) ଅନୁବାଦ କରିଛନ୍ତି । ଡକ୍ଟର ଗିରିବାଳା ମହାନ୍ତି ଅନୁବାଦକୀୟ ମନ୍ତବ୍ୟରେ ଉଲ୍ଲେଖ କରିଛନ୍ତି - ' ....ମୂଳ ତାମିଲ ରଚନାରୁ ପ୍ରତ୍ୟକ୍ଷ ଭାବେ ଅନୁବାଦ ନ କରି, ଶ୍ରୀ ବୀରକିଶୋର କର, ଶ୍ରୀ ରାଜଗୋପାଳଚାରୀଙ୍କ ଦ୍ୱାରା ଇଂରାଜୀରେ ଅନୂଦିତ କୁରାଲର ନିର୍ବାଚିତ ଅଂଶର ଓଡିଆ ଗଦ୍ୟାନୁବାଦ ୧୯୯୪ ମସିହାରେ ପ୍ରକାଶ ପାଇଥିଲା । .....ପ୍ରତ୍ୟକ୍ଷ ଭାବରେ ତାମିଲ ଭାଷାରେ ପ୍ରବେଶ ଥିବା ଡକ୍ଟର ନିତ୍ୟାନନ୍ଦ ମହାପାତ୍ର ୧୯୯୭ ମସିହାରେ ଜନପ୍ରିୟ ଓଡିଆ ଛନ୍ଦ 'କଳହଂସ କେଦାର' ରାଗରେ ସଂପୂର୍ଣ୍ଣ କୁରାଲ ଅନୁବାଦ କରିଥିବା ଜଣାଯାଏ ।'

ତିରୁକ୍କୁରଲ ଗ୍ରନ୍ଥର ରଚନା କାଳ ଦୁଇ ହଜାର ବର୍ଷରୁ ଊର୍ଦ୍ଧ୍ୱ । ଏତେ କାଳ ଧରି ଗୋଟିଏ ପୁସ୍ତକ ମାନବଜାତିକୁ ଦିଗ୍‌ଦର୍ଶନ ଦେଇ ଚିର ଜାଜ୍ୱଲ୍ୟମାନ ଆଲୋକବର୍ତ୍ତିକାରେ ପରିଣତ ହୋଇଯାଇଛି । କେନ୍ଦ୍ରୀୟ ଶାସ୍ତ୍ରୀୟ ତାମିଲ ସଂସ୍ଥାନ, ଚେନ୍ନାଇର ନିର୍ଦ୍ଦେଶକ ପ୍ରଫେସର ଡଃ ଆର.ଚନ୍ଦ୍ରଶେଖରନ୍ ପୁସ୍ତକର ପ୍ରାରମ୍ଭରେ 'ତିରୁକ୍କୁରଲ : ଏକ ପରିଚୟ' ଶୀର୍ଷକରେ ଅବତାରଣା କରିଛନ୍ତି - 'ବିଶ୍ୱ ସାହିତ୍ୟର ଇତିହାସରେ ତାମିଲ ଭାଷାର ତିରୁକ୍କୁରଲ ଏକ ଅନବଦ୍ୟ କୃତି ଯାହା କୌଣସି ନିର୍ଦ୍ଦିଷ୍ଟ ଜାତି, ଧର୍ମ, ଭୂମି ବା ସଂସ୍କୃତି ସହିତ ବାନ୍ଧି ହୋଇ ରହେ ନାହିଁ । ଏହା ସମୁଦାୟ ୧୩୩୦ଟି ପାଦ ବା ପଂକ୍ତିର ସମାହାର । ଏହି ପ୍ରତିଭାଧାରୀ ବ୍ୟକ୍ତି କେଉଁ ପରିବେଶରେ ଓ କିପରି ଏପରି ଏକ ଅନବଦ୍ୟ କୃତି ସୃଷ୍ଟି କରିପାରିଲେ ତାହାର କୌଣସି ନିର୍ଦ୍ଦିଷ୍ଟ ବା ପରୋକ୍ଷ ଆଧାର ମିଳେ ନାହିଁ । ଏହା ବିଭିନ୍ନ ରାଷ୍ଟ୍ର, ଭାଷା,ଧର୍ମ, ଜାତି ଓ ସାଂସ୍କୃତିକ ବିବିଧତା ଠାରୁ ଊର୍ଦ୍ଧ୍ୱରେ ରହି ମାନବତାର କଥା କହିଥାଏ । ପ୍ରକୃତରେ ତିରୁକ୍କୁରଲ, ସାହିତ୍ୟ ଜଗତରେ ଏକ ଚମତ୍କାର ସୃଷ୍ଟି ଯେଉଁଠାରେ ପ୍ରତ୍ୟେକ ଈଶ୍ୱର, ମାନବୀୟ ଗୁଣ, ଭାବନା, କାର୍ଯ୍ୟ ଓ ସଂପର୍କ ସାର୍ବଜନୀନତାର ମୂଳ ଓ ଶାଖା ଅଟେ ।'

ପୁସ୍ତକର କଥାବସ୍ତୁ ଏବଂ ଆଙ୍ଗିକ ରୂପରେଖ ଅନୁଶୀଳନ ନିମନ୍ତେ ଅନୁବାଦିକା ପ୍ରଫେସର ଡକ୍ଟର ଗିରିବାଳା ମହାନ୍ତିଙ୍କ 'ଅନୁବାଦକୀୟ ମନ୍ତବ୍ୟ' ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ସେ ଉଲ୍ଲେଖ କରିଛନ୍ତି - 'ତିରୁକ୍କୁରଲକୁ ନୈତିକ ଉତ୍କର୍ଷ ବା ନୀତି (ଅରତ୍ତୁପ୍ପାଲ), ଅର୍ଥ (ପୋରୁତପାଲ) ଏବଂ କାମ (କାମତ୍ତୁପାଲ) - ଏହିପରି ତିନୋଟି 'ପର୍ବ'ରେ ବିଭକ୍ତ କରାଯାଇଥିବା ହେତୁ ଏଥିରେ ମନୁଷ୍ୟର ଆଚରଣ ଓ ମନୁଷ୍ୟ-ମନୁଷ୍ୟର ସମ୍ପର୍କାଦି ବିଷୟକ ସର୍ବବିଧ ଦିଗକୁ ବିଚାର କରିବାର ବିପୁଳ ସୁଯୋଗ ତିଆରି ହୋଇଛି । ତଦନୁସାରେ ମନୁଷ୍ୟ ଜୀବନର

ତିନି ଅବିଭାଜ୍ୟ ବିଭାବ -(୧) ବ୍ୟକ୍ତିର ବ୍ୟକ୍ତିଗତ ଜୀବନଧାରା, (୨) ବ୍ୟକ୍ତିର ସମାଜ ସହ ସଂପର୍କ, ଏବଂ (୩) ପୁରୁଷ ଓ ନାରୀ ମଧ୍ୟସ୍ଥ ପ୍ରୀତି-ସଂପର୍କକୁ ଓ୍ୱାଲ୍ଲୁଓ୍ୱର ଉପସ୍ଥାପନା କରିଛନ୍ତି । ପୁନଶ୍ଚ ଏହିସବୁ ସଂପର୍କକୁ ଶାସକ ଓ ଶାସିତ, ପତି ଓ ପତ୍ନୀ , ମାତାପିତା ଓ ସନ୍ତାନସନ୍ତତି, ବନ୍ଧୁବାନ୍ଧବ ଓ ପରିଚିତ ପରିଜନ ଇତ୍ୟାଦି ବିଭିନ୍ନ ବର୍ଗରେ ବିଭକ୍ତ କରାଯାଇଛି ।"

ପ୍ରଫେସର ଡକ୍ଟର ଗିରିବାଳା ମହାନ୍ତିଙ୍କ ଅନୂଦିତ 'ତିରୁକ୍କୁରଲ' ପୁସ୍ତକ ଆଧାରରେ ଉପରୋକ୍ତ ତିନୋଟି 'ପର୍ବ'ର ଭିନ୍ନ ଭିନ୍ନ ବର୍ଗରୁ କେତୋଟି ଦୃଷ୍ଟାନ୍ତ ଅନୁଧ୍ୟାନ କରିବା ।

**ନୀତି ପର୍ବ :**

କାମ, କ୍ରୋଧ, ଈର୍ଷ୍ୟା, କଟୁବାକ୍ୟ ଏଇ ଚାରି
ଦୋଷରୁ ନିବୃତ୍ତ ଯିଏ ସେହି ସଦାଚାରୀ । (୩୫)
ସୁପଥୁ ବିଚ୍ୟୁତ ହୋଇ କୁପଥ ଯେ ଯାଏ


**ଅର୍ଥ ପର୍ବ :**

ବିଦ୍ୟା ଏକ ଅବିନାଶୀ ସଂପଦ ମହତ
ଅସି ବଳେ ରାଜା କେବେ ଲଭେ ନାହିଁ ଜୟ

**କାମ ପର୍ବ :**

ଦୁଇବିଧ ଚାହାଣି ତା କଜ୍ଜଳ ନେତ୍ରରେ
(୧୦୯୧)
ପ୍ରେମର ପ୍ରକୃତି ଫୁଲଠାରୁ ସୁକୋମଳ
(୧୨୮୯)

ତିରୁକ୍କୁରଲ ଗ୍ରନ୍ଥକୁ ତିନୋଟି 'ପର୍ବ'ରେ ନୀତି ପର୍ବର ବର୍ଗ ସଂଖ୍ୟା ୩୮, ଅର୍ଥ ପର୍ବ ୭୦ ଏବଂ କାମ ପର୍ବ ୨୫ । ପ୍ରତିଟି ବର୍ଗରେ ୧୦ଟି ଛନ୍ଦୋବଦ୍ଧ ପଦ ସନ୍ନିବେଶିତ । ତେଣୁ ନୀତି ପର୍ବର ପଦ ସଂଖ୍ୟା ୩୮୦, ଅର୍ଥ ପର୍ବର ପଦ ୭୦୦ ଏବଂ କାମ ପର୍ବର ପଂକ୍ତି ୨୫୦ , ଏବଂ ଗ୍ରନ୍ଥର ସମୁଦାୟ ପଦ ସଂଖ୍ୟା ୧୩୩୦ । ମୂଳ ତାମିଲ ଗ୍ରନ୍ଥରେ ପ୍ରତିଟି ପଦ ଦୁଇ ପାଦ ବିଶିଷ୍ଟ । ସମୁଦାୟ ଗ୍ରନ୍ଥରେ ପ୍ରଥମ ପାଦ ଚାରୋଟି ଶବ୍ଦ ଏବଂ ଦ୍ୱିତୀୟ ପାଦ ତିନୋଟି ଶବ୍ଦକୁ ନେଇ ଶୃଙ୍ଖଳାବଦ୍ଧ ଭାବେ ଗଠିତ । କୌଣସି କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ ନାହିଁ । ଦୁଇ ହଜାର ବର୍ଷ ପୂର୍ବେ ରଚିତ ଏହି ଗ୍ରନ୍ଥ କଥାବସ୍ତୁ ଓ ଅଙ୍ଗସଜ୍ଜା ଦୃଷ୍ଟିରୁ ଅନନ୍ୟ, ବିରଳ ସାରସ୍ୱତ କୃତି । ସେହି ଦୃଷ୍ଟିରୁ ଏହା ଶାସ୍ତ୍ରୀୟ ମର୍ଯ୍ୟାଦାଭୁକ୍ତ ଗ୍ରନ୍ଥ ଭାବେ ସର୍ବଜନସ୍ୱୀକୃତ ।




**ଗ୍ରନ୍ଥ ରଚନାର ପୃଷ୍ଠଭୂମି**

ପୁସ୍ତକର ପ୍ରାରମ୍ଭରେ ଡଃ ଆର.ଚନ୍ଦ୍ରଶେଖରନ୍ 'ତିରୁକ୍କୁରଲ : ଏକ ପରିଚୟ' ଶୀର୍ଷକରେ ଉଲ୍ଲେଖ କରିଛନ୍ତି- 'ଏହି ପ୍ରତିଭାଧାରୀ ବ୍ୟକ୍ତି କେଉଁ ପରିବେଶରେ ଓ କିପରି ଏପରି ଏକ ଅନବଦ୍ୟ କୃତି ସୃଷ୍ଟି କରିପାରିଲେ ତାହାର କୌଣସି ନିର୍ଦ୍ଦିଷ୍ଟ ବା ପରୋକ୍ଷ ଆଧାର ମିଳେ ନାହିଁ ।' କିନ୍ତୁ ତାମିଲନାଡୁର ଦୁଇ ହଜାର ବର୍ଷର ରାଜନୈତିକ ଓ ସାଂସ୍କୃତିକ ଇତିହାସ ଅନୁଶୀଳନ କଲେ ଏହାର ସମ୍ଭାବ୍ୟ ରୂପରେଖ ସ୍ପଷ୍ଟ ହୋଇଯାଏ ।

ଚେର, ଚୋଳ ଏବଂ ପାଣ୍ଡ୍ୟ ରାଜବଂଶର ଶାସନକାଳରେ (ମୁଖ୍ୟତଃ ଖ୍ରୀ.ପୂ ୩୦୦-୩୦୦ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) ଯାହା ସଙ୍ଗମ ଯୁଗ ନାମରେ ଅଭିହିତ, ତାମିଲନାଡୁ ପ୍ରତିଟି କ୍ଷେତ୍ରରେ ଉତ୍କର୍ଷତାର ଶୀର୍ଷରେ ଉପନୀତ ଥିଲା । ଏହି ସମୟରେ ତାମିଲନାଡୁର ରାଜବଂଶ ପଶ୍ଚିମରେ ଇଜିପ୍ଟ, ଗ୍ରୀସ ଏବଂ ରୋମ; ପୂର୍ବରେ ଚୀନ,ମାଲେସିଆ ଏବଂ ବର୍ମା; ଦକ୍ଷିଣରେ ଶ୍ରୀଲଙ୍କା ଏବଂ ଉତ୍ତରରେ ହିମାଳୟ ରାଷ୍ଟ୍ରସମୂହ ସହିତ ବାଣିଜ୍ୟ ଓ କୂଟନୀତିସ୍ତରରେ ସୁସଂପର୍କ ସ୍ଥାପନ କରିଥିଲେ । ରୋମ ସମ୍ରାଟ ଅଗଷ୍ଟସ୍‌ଙ୍କ ରାଜ୍ୟାଭିଷେକ ଉତ୍ସବରେ (ଖ୍ରୀ.ପୂ. ୨୭) ପାଣ୍ଡ୍ୟ ରାଜାଙ୍କ ପ୍ରତିନିଧି ଯୋଗ ଦେଇଥିଲେ । ପାଣ୍ଡ୍ୟ ସାମ୍ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ଯେଉଁ ମୁକ୍ତା ମିଳୁଥିଲା, ତାହା ପାଶ୍ଚାତ୍ୟ ବଣିକମାନଙ୍କୁ ଆକର୍ଷିତ କରୁଥିଲା । ବାଣିଜ୍ୟ କାରବାର ମାଧ୍ୟମରେ ତାମିଲନାଡୁ ଏବଂ ପାଶ୍ଚାତ୍ୟ, ଏସିଆ ରାଷ୍ଟ୍ରସମୂହ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟଧାରାର ବିନିମୟ ଘଟିଥିଲା । ସେହି ସମୟରେ ରୋମରେ 'ରୋମାନ୍ ଫୋରମ୍' ନାମକ ସାଧାରଣ ସଭାରେ ଆଇନଗତ ଏବଂ ବିଭିନ୍ନ ପ୍ରସଙ୍ଗ ଉପରେ ବିତର୍କ ହେଉଥିଲା । ସେହି ଢ଼ାଞ୍ଚାରେ ତାମିଲନାଡୁରେ ମହାନ ବିତର୍କ ସଭା (ପଟ୍ଟିମାନରମ-Pattimanram) ଅନୁଷ୍ଠିତ ହେଉଥିଲା, ଯେଉଁଥିରେ ଧାର୍ମିକ, ଆଧିଭୌତିକ ଏବଂ ତାତ୍କାଳିକ କୌଣସି ଚାଞ୍ଚଲ୍ୟକର ପ୍ରସଙ୍ଗ ଉପରେ ବିତର୍କ ହେଉଥିଲା । ଏହାରି ମାଧ୍ୟମରେ ଗ୍ରୀକ୍, ରୋମାନ ଏବଂ ମିଶରୀୟ ଚିନ୍ତାଧାରା ଏବଂ ମୂଳ ତାମିଲ ଚିନ୍ତାଧାରା ମଧ୍ୟରେ ସମନ୍ୱୟ ଘଟିଥିଲା ।

ଶୈବ ଓ ବୈଷ୍ଣବ ଥିଲା ତାମିଲକମ୍‌ର ମୂଳ ଧାର୍ମିକ ପରଂପରା । (ପ୍ରାଚୀନ କାଳରେ ଯେଉଁ ଭୂଖଣ୍ଡରେ ତାମିଲମାନେ ବାସ କରୁଥିଲେ ତାହା ତାମିଲକମ୍ ନାମରେ ଅଭିହିତ ଥିଲା । ଆଜିର ତାମିଲନାଡୁ, କେରଳ, ପୁଡୁଚେରୀ, ଲକ୍ଷାଦ୍ୱୀପ, ଆନ୍ଧ୍ରପ୍ରଦେଶ - କର୍ଣ୍ଣାଟକର ଦକ୍ଷିଣ ଭାଗ ଏହାର ଅଂଶବିଶେଷ ଥିଲା ।) ଖ୍ରୀ.ପୂ.ତୃତୀୟ ଶତାବ୍ଦୀରେ ତିନୋଟି ନୂତନ ଧାର୍ମିକ ଚିନ୍ତାଧାରା -ଜୈନ, ବୌଦ୍ଧ ଏବଂ ବ୍ରାହ୍ମଣବାଦ ଏବଂ ତାହାର ପ୍ରସାର ନିମନ୍ତେ ତିନୋଟି ନୂତନ ଭାଷା - ପ୍ରକୃତି,ପାଲି ଏବଂ ସଂସ୍କୃତ ତାମିଲକମ୍‌ରେ ପ୍ରବେଶ କରିବା ପରେ ଜନଜୀବନ ଗଭୀର ଭାବେ ପ୍ରଭାବିତ ହେଲା । ବ୍ରାହ୍ମଣବାଦର ବର୍ଣ୍ଣ ପ୍ରଥା ସମାଜରେ ବିଭେଦ ସୃଷ୍ଟି କରିବାରେ ସହାୟକ ହେଲା । ଏଥି ସହିତ 'ସଂସାର-ଅସାର', ଏବଂ 'ଜୀବନ -ଅଳୀକ' : ଏହିଭଳି ମତ ପ୍ରସାରିତ ହେବାକୁ ଲାଗିଲା । ପୂର୍ବରୁ ତାମିଲକମ୍‌ର ଅଧିବାସୀ ଥିଲେ ଚରିତ୍ରରେ ସାମ୍ୟବାଦୀ, ସ୍ୱଭାବରେ ନୀତିନିଷ୍ଠ; ତେଣୁ ଜୀବନକୁ ଗୁରୁତ୍ୱ ପ୍ରଦାନ କରି ସଂସାରକୁ ଭଲ ପାଉଥିଲେ । କିନ୍ତୁ ନୂତନ ଧାର୍ମିକ ସିଦ୍ଧାନ୍ତର ଆକ୍ରମଣରେ ଏହି ମୂଳ ମୂଲ୍ୟବୋଧ କ୍ଷତବିକ୍ଷତ ହୋଇ ମୃତ ପ୍ରାୟ


ଢେବ୍ରୀ ଆମ ମାଟିର ସ୍ୱର

# ଗ୍ରନ୍ଥ ସଂପର୍କରେ ମତମନ୍ତବ୍ୟ



ତ୍ରିରୁକ୍କୁରଲ ହେଉଛି ତାମିଲ ସାହିତ୍ୟର ଶ୍ରେଷ୍ଠ କୃତି ଏବଂ ମାନବ ଚିନ୍ତାଧାରାର ସର୍ବୋଚ୍ଚ ଓ ବିଶୁଦ୍ଧ ଅଭିବ୍ୟକ୍ତି ମଧ୍ୟରୁ ଅନ୍ୟତମ ।

**- ଇ.ଏସ.ଏରିଏଲ**

**୧୮୪୮ ମସିହାରେ ତିରୁକ୍କୁରଲ ଗ୍ରନ୍ଥର ଫରାସୀ ଅନୁବାଦକ**



ସନ୍ଥ ତିରୁୱଲ୍ଲୁୱର ହେଉଛନ୍ତି ସମଗ୍ର ବିଶ୍ୱକୁ ତାମିଲନାଡୁର ସର୍ବଶ୍ରେଷ୍ଠ ଅବଦାନ ଏବଂ ସେହି କ୍ରମରେ ତାମିଲନାଡୁ ଅଜସ୍ର ଖ୍ୟାତିର ଅଧିକାରୀ ହୋଇଛି ।

**ସୁବ୍ରମନ୍ୟୁନ୍ ଭାରତୀ**

**ବିଖ୍ୟାତ ରାଷ୍ଟ୍ରବାଦୀ କବି**



କୌଣସି ଅନୁବାଦ ତ୍ରିରୁକ୍କୁରଲର ଆକର୍ଷଣୀୟ ପ୍ରଭାବକୁ ପ୍ରକାଶ କରିବା ପାଇଁ ଅସମର୍ଥ । ବାସ୍ତବରେ ଏହା ରୂପାର ଫରୁଆରେ ବିଦ୍ୟମାନ ଚିରନ୍ତନ ଅବବୋଧର ସୁବର୍ଣ୍ଣ ସନ୍ତକ ।


**-ଡ. କାର୍ଲ ଗ୍ରାଉଲ**

**ଜର୍ମାନ ମିଶନାରୀ ତଥା ଜର୍ମାନ ଓ ଫରାସୀ ଭାଷାରେ ତ୍ରିରୁକ୍କୁରଲର ଅନୁବାଦକ**



ମହାନ ସନ୍ଥ ତିରୁୱଲ୍ଲୁୱରଙ୍କ ଚିନ୍ତାଧାରା କେବଳ ଭାରତ ପାଇଁ ନୁହେଁ, ସାରା ସଂସାର ପାଇଁ ପ୍ରଯୁଜ୍ୟ ।

**-ରବୀନ୍ଦ୍ର ନାଥ ଠାକୁର, ବିଶ୍ୱ-କବି**



ତ୍ରିରୁକ୍କୁରଲ ହେଉଛି ମାନବ ଜାତି ସକାଶେ ସର୍ବକାଳୀନ ଆଚରଣ ସଂହିତା; ଯାହା ଅତୀତକୁ ବର୍ତ୍ତମାନରେ ରୂପାନ୍ତରିତ କରି ଭବିଷ୍ୟତକୁ ଆବାହନ କରିଥାଏ ।

**-ଏ.ପି.ଜେ. ଅବଦୁଲ କଲାମ**

**ଭାରତର ପୂର୍ବତନ ରାଷ୍ଟ୍ରପତି**



ସନ୍ଥ ତିରୁୱଲ୍ଲୁୱରଙ୍କ ଆଦର୍ଶ, ଦର୍ଶନ, ମାନବୀୟ ବ୍ୟାବହାରିକ ଚେତନା ଏବଂ ସାର୍ବଜନୀନ ନୈତିକ ସଂହିତା ଭାରତୀୟ ସଂସ୍କୃତିର ମୁଖ୍ୟସ୍ରୋତରେ ସାମିଲ ହୋଇ ସାଂସ୍କୃତିକ ଐତିହ୍ୟ ଓ ଦାର୍ଶନିକ ଚିନ୍ତାଧାରାରେ ରୂପାନ୍ତରିତ ହୋଇଯାଇଛି ।


**ଜାକିର ହୁସେନ**

**ଭାରତର ପୂର୍ବତନ ରାଷ୍ଟ୍ରପତି**




ପ୍ରତ୍ୟେକ ଦେଶର ଭବିଷ୍ୟତ ଯୁବପିଢ଼ିଙ୍କ ଆଚରଣ ଉପରେ ନିର୍ଭର କରେ । ସେମାନଙ୍କୁ ସଠିକ୍ ମାର୍ଗ ଦେଖାଇବା ରାଷ୍ଟ୍ରର କର୍ତ୍ତବ୍ୟ । ତିରୁକ୍କୁରଲ ଗ୍ରନ୍ଥରେ ଯାହା ବର୍ଣ୍ଣନା ଅଛି, ତାହା ଠାରୁ ଭଲ ଦର୍ଶନ ଆଉ କିଛି ନାହିଁ ।


**-ମାଡ୍ରାସ ହାଇକୋର୍ଟ, ୨୦୧୬**



ବୁଦ୍ଧ ଏବଂ ଗୀତା ଭଳି, କୁରାଲ ସଂସାରରୁ ମୁକ୍ତି ଏବଂ ଘୃଣାମୁକ୍ତ ମନ କାମନା କରିଛି । ସେମାନଙ୍କ ଭଳି ଅହିଂସାର ବାଣୀ ପ୍ରସାର କରିଛି; ଜଗତ ଓ ଜୀବନର ସମସ୍ତ ନକରାତ୍ମକ ଚିନ୍ତାଧାରାର ନୈତିକ ଫଳାଫଳକୁ ଯୁକ୍ତିଯୁକ୍ତ ସିଦ୍ଧ କରିଛି ଏବଂ ଏହି ଅନ୍ତର୍ଭେଦୀ ନୀତି ସହିତ, ପ୍ରେମର ଜୀବନ୍ତ ପରିଭାଷା ମଧ୍ୟ ନିରୂପଣ କରିଛି ।

**- ଆଲବର୍ଟ ଶ୍ୱାଇଟଜର**

**ଫରାସୀ-ଜର୍ମାନ ଧର୍ମତତ୍ତ୍ୱବିତ୍, ଦାର୍ଶନିକ**



ହିନ୍ଦୁ ଧର୍ମର ନୀତିଶାସ୍ତ୍ର ପବିତ୍ର କୁରାଲ ଏକମାତ୍ର ସତ୍ୟ ଉପସ୍ଥାପନା କରେ - ପ୍ରେମ ହିଁ ଜୀବନର ଚରମ ଅଭୀପ୍ସା; ଯାହା ବ୍ୟକ୍ତିଗତ ଓ ସାମୂହିକ ଜୀବନକୁ ଅର୍ଥାନ୍ୱିତ କରିଥାଏ ।

**-ଲିଓ ଟଲଷ୍ଟୟ**

**(ସେ ତିରୁକ୍କୁରଲ ଗ୍ରନ୍ଥର ଜର୍ମାନ ଅନୁବାଦ ପଢ଼ିବା ପରେ ଅହିଂସା ପ୍ରତି ଅନୁପ୍ରାଣିତ ହୋଇ ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧିଙ୍କୁ A Letter to a Hindu ପତ୍ର ମାଧ୍ୟମରେ ଉଦ୍‌ବୁଦ୍ଧ କରିଥିଲେ)**

ସ୍ଥିତିକୁ ଆସିଗଲା । ଫଳରେ ସାଧାରଣ ଜନଜୀବନର ଆଦର୍ଶ କ୍ରମଶଃ ଲୋପ ପାଇବାକୁ ଲାଗିଲା ।

ଏଥି ସହିତ ନୂତନ ଧାର୍ମିକ ସିଦ୍ଧାନ୍ତର ବଡପଣ୍ଡାମାନେ ବୌଦ୍ଧିକ ଓ ଆଧ୍ୟାତ୍ମିକ ପ୍ରତିଶ୍ରୁତି ମାଧ୍ୟମରେ ରାଜ ଦରବାରର ଅନୁକଂପା ଓ ପୃଷ୍ଠପୋଷକତା ହାସଲ କରିବା ପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରି ଅନେକାଂଶରେ ସଫଳ ହୋଇଗଲେ । ସେମାନେ ନିଜର ସ୍ୱାର୍ଥ ହାସଲ ପାଇଁ ସାଧାରଣ ଜନଜୀବନକୁ ଚତୁରତାପୂର୍ଣ୍ଣ ଭ୍ରାନ୍ତିରେ ବିଷାକ୍ତ କରିଦେଲେ । ଏହି ସମୟରେ ପାଲି ଏବଂ ସଂସ୍କୃତ ଭାଷା, ମୂଳ ତାମିଲ ଭାଷା ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ସତତ ପ୍ରୟାସ ଜାରି ରଖିଥିଲେ । ବାସ୍ତବରେ, ପାଲି ଭାଷା ପାଣ୍ଡ୍ୟ ସାମ୍ରାଜ୍ୟର ପ୍ରଶାସନିକ ଭାଷାରେ ପରିଣତ ହେବାରେ ସଫଳ ହୋଇଗଲା । ତାମିଲକମ୍‌ର ମୂଳ ଅଧିବାସୀଙ୍କ ପକ୍ଷେ ଏହା ବରଦାସ୍ତ କରିବା ସହଜ ନ ଥିଲା । ଫଳରେ ବିଦ୍ରୋହ ଆରମ୍ଭ ହେଲା । ପରିଣାମ ସ୍ୱରୂପ, ସମଗ୍ର ବାୟୁମଣ୍ଡଳ ଘୃଣା, ଦ୍ୱେଷ, ହିଂସାରେ ପରିପୂର୍ଣ୍ଣ ହୋଇଗଲା । ଜୀବନାଦର୍ଶ ହଜିଗଲା । ସାଧାରଣ ବ୍ୟକ୍ତିଟିଏ ସତେ ଯେମିତି ଦିଗହରା ହୋଇଗଲା ।

ଏହି ସଂଘର୍ଷମୟ ସ୍ଥିତିରେ ଦିବ୍ୟଦ୍ରଷ୍ଟା, ଋଷି ତିରୁୱଲ୍ଲୁୱରଙ୍କର ଆବିର୍ଭାବ ଓ ତିରୁକ୍କୁରଲ ଗ୍ରନ୍ଥର ଜନ୍ମ । ସନ୍ଥ ତିରୁୱଲ୍ଲୁୱର ଦ୍ୱନ୍ଦ୍ୱମୟ ସ୍ଥିତି ଓ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠି ବୌଦ୍ଧ, ଜୈନ ଏବଂ ବ୍ରହ୍ମଣବାଦର ନିର୍ଯ୍ୟାସ ସଂଗ୍ରହ କରି ତାହାକୁ ମୂଳ ତାମିଲ ଜୀବନାଦର୍ଶର ସମନ୍ୱୟରେ ତିରୁକ୍କୁରଲ ଗ୍ରନ୍ଥ ମାଧ୍ୟମରେ ସଂରକ୍ଷିତ ଓ ବ୍ୟାପକ କରିଥିଲେ । ନିଜର ଦିବ୍ୟଦୃଷ୍ଟି ବଳରେ ସେ ପ୍ରତିଟି ଧର୍ମର ସାରମର୍ମ ଅବଲୋକନ କରି ଈଶ୍ୱରଙ୍କ ମହିମା ଗାନ କଲେ ପାପ-ପୁଣ୍ୟ-କର୍ମ-ଅନ୍ଧକାରରୁ ମଣିଷ ମୁକ୍ତ ହୋଇ ପାରିବ ବୋଲି ବର୍ଣ୍ଣନା କରିଥିଲେ ।

ପାପ-ପୁଣ୍ୟ-କର୍ମ-ଅନ୍ଧକାରୁ ମୁକ୍ତ ହୁଏ<br>
ଈଶ ମହିମା ଗାନରେ ମଜ୍ଜି ରହେ ଯିଏ । (୫)

ଏଥି ସହିତ ବର୍ଣ୍ଣବୈଷମ୍ୟଜନିତ ଯେଉଁ ଘୃଣିତ, କଳୁଷିତ ଅସ୍ପୃଶ୍ୟତା ଜନ୍ମ ନେଇଥିଲା, ତା ବିରୋଧରେ ଶାଣିତ ସ୍ୱରରେ ପ୍ରତିବାଦ କରିଥିଲେ ।

ଜନ୍ମସୂତ୍ରେ ବ୍ୟକ୍ତି ବ୍ୟକ୍ତି ବ୍ୟବଧାନ ନାହିଁ

କର୍ମର ବ୍ୟବଧାନରୁ ବୈବିଧ୍ୟ ଆସଇ । (୯୭୨)

ସନ୍ଥ ତିରୁଓ୍ଵଲ୍ଲୁଓ୍ଵର ପ୍ରତ୍ୟେକ ସିଦ୍ଧାନ୍ତର ଆଦେଶାତ୍ମକ ସଂଶ୍ଲେଷଣର ଶ୍ରେଷ୍ଠତ୍ୱ ବିକଶିତ କରି ତାହା ତାମିଲ ଜନଜୀବନର ନୈତିକ ଓ ଆଧ୍ୟାତ୍ମିକ ଚିନ୍ତାଧାରା ସହ ଯୋଡି ଦେଲେ । ଏହି ସମନ୍ୱୟ ପ୍ରକ୍ରିୟା ଏତେ ବ୍ୟାପକ ଓ ଗଭୀର ଥିଲା ଯେ ଏହା କୌଣସି ଧର୍ମର ମୂଳ ତତ୍ତ୍ୱ ସହିତ ଦ୍ୱନ୍ଦ୍ୱ ସୃଷ୍ଟି କରି ନ ଥିଲା । ଫଳତଃ ପ୍ରତ୍ୟେକ ଧର୍ମର ଅନୁଗାମୀମାନେ ତିରୁଓ୍ଵଲ୍ଲୁଓ୍ଵରଙ୍କୁ ନିଜ ଧର୍ମର ସାଧକ ଭାବେ ଗ୍ରହଣ କରିନେଲେ । ସମଗ୍ର କାବ୍ୟଖଣ୍ଡରେ ଉଷ୍ମ ମାନବବାଦ, ଗଭୀର ପ୍ରେମ ଓ ଦିବ୍ୟ କରୁଣାର ଫଲଗୁ ପ୍ରବାହିତ ।

ଆତ୍ମସୁଖେ ବଂଚିରହେ ପ୍ରୀତିହୀନ ଜନ
ସର୍ବସ୍ୱ ଉତ୍ସର୍ଗୀ ସୁଖୀ ପ୍ରୀତି-ପୂର୍ଣ୍ଣ ପ୍ରାଣ । (୭୨)

## ତିରୁଓ୍ଵଲ୍ଲୁଓ୍ଵରଙ୍କ ଜୀବନ ନକ୍ସା

ତ୍ରିରୁକ୍କୁରଲ ଗ୍ରନ୍ଥର ଅନୁବାଦିକା ପ୍ରଫେସର ଡକ୍ଟର ଗିରିବାଳା ମହାନ୍ତି 'ଅନୁବାଦକୀୟ ମନ୍ତବ୍ୟ' କ୍ରମରେ ଉଲ୍ଲେଖ କରିଛନ୍ତି - 'ଆଜିର ତାମିଲ ଭାଷା ପ୍ରାୟ ଦୁଇ ହଜାର ବର୍ଷରୁ ଊର୍ଦ୍ଧ୍ୱ, ନିରବଛିନ୍ନ ଇତିହାସ ସମ୍ବଳିତ, ସୁପ୍ରାଚୀନ ଅନନ୍ୟ ସାହିତ୍ୟ-କଳା-କୌଶଳମଣ୍ଡିତ ଏକ ବିରଳ ଭାଷା । 'ତୋଲକାପ୍ପୀୟମ' ନାମକ ଅସାଧାରଣ ବ୍ୟାକରଣ ରଚନା ସହ, ସାମଗ୍ରୀକ ରୂପରେ 'ସଙ୍ଗମ କବିତା' ଭାବେ ଚିହ୍ନିତ ଦୁଇଟି ଦୀର୍ଘାୟିତ କବିତା-ସୃଷ୍ଟି 'ପୁସ୍ତିକା ଅଷ୍ଟକ' ଏବଂ 'ପଲ୍ଲୀଗାଥା ଦଶକ' ତାମିଲ ଭାଷାର ସର୍ବସ୍ୱୀକୃତ ପ୍ରାଚୀନତମ ସାହିତ୍ୟିକ ନିଦର୍ଶନ । ଖ୍ରୀ.ପୂ.ପ୍ରଥମ ଶତାବ୍ଦୀର ନୀତି ଶିକ୍ଷାମୂଳକ ରଚନା ତ୍ରିରୁକ୍କୁରଲ ଏହି ସୃଜନଧାରାର ଅନୁକ୍ରମିକ ସୃଷ୍ଟି ।' ମହାତ୍ମା ଗାନ୍ଧି ମଧ୍ୟ 'ତାମିଲ ପବିତ୍ର ଗ୍ରନ୍ଥ' ଶୀର୍ଷକ ନିବନ୍ଧରେ ସନ୍ଥ ତିରୁଓ୍ଵଲ୍ଲୁଓ୍ଵରଙ୍କ ଜନ୍ମ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀ ବୋଲି ଉଲ୍ଲେଖ କରିଛନ୍ତି ।

୨୦୦୦ ରୁ ଊର୍ଦ୍ଧ୍ୱ କାଳଖଣ୍ଡରେ ମନୀଷୀ ତିରୁଓ୍ଵଲ୍ଲୁଓ୍ଵର ଆଜିର ଚେନ୍ନାଇ ସହରର ମୈଲାପୁର ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିଲେ । ବଂଶ ପରଂପରାରେ ସେ ଥିଲେ ତନ୍ତୀ କିନ୍ତୁ ଆଚରଣରେ କ୍ରାନ୍ତଦର୍ଶୀ । ତାଙ୍କ ଜୀବନ ବହୁ ଆଖ୍ୟାୟିକା ଓ କିଂବଦନ୍ତୀରେ ପରିପୂର୍ଣ୍ଣ । ସେ ବାସୁକୀ ନାମକ ଜଣେ କନ୍ୟାଙ୍କୁ ବିବାହ କରିଥିଲେ । ଏହି ପରିପ୍ରେକ୍ଷୀରେ ଏକ ଲୋକକଥା ପ୍ରଚଳିତ । ବାସୁକୀଙ୍କ ପିତା ମାର୍ଗସହାୟମ୍ ଯେବେ କନ୍ୟାର ବିବାହ ପ୍ରସ୍ତାବ ନେଇ ଆସିଥିଲେ, ତିରୁଓ୍ଵଲ୍ଲୁଓ୍ଵର ବାଲି ଭର୍ତ୍ତି ଥାଳି ତାଙ୍କ ହାତକୁ ବଢ଼େଇ ଦେଇ କହିଥିଲେ - 'ଯଦି ଆପଣଙ୍କ କନ୍ୟା ଏହି ବାଲିକୁ ରାନ୍ଧି ମୋ ପାଇଁ ଭାତ କରିଦେବେ, ମୁଁ ବିବାହ କରିବି ।' ବାସୁକୀ ବିଶ୍ୱାସର ସହ ସେହି ବାଲିକୁ ରାନ୍ଧିବା ପରେ ତାହା ଭାତ ହୋଇଯାଇଥିଲା ।

ତିରୁଓ୍ଵଲ୍ଲୁଓ୍ଵରଙ୍କ ସଂପର୍କରେ ବିଶେଷ ତଥ୍ୟ ଉପଲବ୍ଧ ନାହିଁ । ଏତିକି ଜଣା, ସନ୍ତାନ ସନ୍ତତିରେ ପରିପୂର୍ଣ୍ଣ ତାଙ୍କ ଦାମ୍ପତ୍ୟ ଜୀବନ ଅତୀବ ସୁଖମୟ ଥିଲା । ସମ୍ଭବତଃ ତାଙ୍କ ସନ୍ତାନମାନେ ଜ୍ଞାନ-ଗୁଣରେ ପରିପୂର୍ଣ୍ଣ ଥିଲେ । ସେହି ସନ୍ତୋଷରେ ସେ ଉଲ୍ଲେଖ କରିଛନ୍ତି :

ଗୃହିଣୀର ସଦ୍‌ଗୁଣରୁ ଗାର୍ହସ୍ଥ୍ୟ ସୁନ୍ଦର
ସୁ-ସନ୍ତତି ହେତୁ ବଢ଼େ ଔଜ୍ଜଲ୍ୟ ତାହାର । (୬୦)
ଜ୍ଞାନୀ ଗୁଣୀ ସନ୍ତାନରୁ ବଳି ପ୍ରାପ୍ତି ନାହିଁ
ତାଠାରୁ ମହତ ପ୍ରାପ୍ତି ଜଗତରେ ନାହିଁ । (୬୧)

ଏହି ପରିପ୍ରେକ୍ଷୀରେ ଏକ କିଂବଦନ୍ତୀ ରହିଛି । ଦିନେ ଜଣେ ଅପରିଚିତ ବ୍ୟକ୍ତି ତିରୁଓ୍ଵଲ୍ଲୁଓ୍ଵରଙ୍କ ବାସଗୃହରେ ଉପସ୍ଥିତ ହୋଇ ତାଙ୍କୁ ପ୍ରଶ୍ନ କଲେ- ସଂସାରରେ କେଉଁଟି ଶ୍ରେଷ୍ଠ : ଗାର୍ହସ୍ଥ୍ୟର ସଂସାର ନା ସନ୍ନ୍ୟାସ-ଜୀବନ ? ତିରୁଓ୍ଵଲ୍ଲୁଓ୍ଵର ପ୍ରଶ୍ନ ସଂପର୍କରେ ନିରବ ରହି ସେହି ବ୍ୟକ୍ତିଙ୍କୁ ତାଙ୍କ ଘରେ କିଛି ଦିନ ପାଇଁ ଆତିଥ୍ୟ ଗ୍ରହଣ କରିବାକୁ ନିବେଦନ କଲେ । ଦିନେ ପତ୍ନୀ ବାସୁକୀ କୂଅରୁ ପାଣି କାଢୁଥିବା ବେଳେ ତିରୁଓ୍ଵଲ୍ଲୁଓ୍ଵର ତାଙ୍କୁ ଡାକ ମାରିଲେ । ସେ ତୁରନ୍ତ ପାଣି ବାଲତି ଛାଡି ଦେଇ ସ୍ୱାମୀଙ୍କ ନିକଟରେ ହାଜର ହୋଇଗଲେ । ଅତିଥି ଲକ୍ଷ୍ୟ କଲେ, ପାଣି ବାଲତି କୂଅ ଭିତରେ ସେହିଭଳି ଝୁଲି ରହିଥିଲା ।

ଆଉ ଗୋଟିଏ ଘଟଣା । ଦିନେ ଉଦୁଉଦିଆ ଖରାବେଳେ ଦାଣ୍ଡରେ ଠିଆ ହୋଇ ତିରୁଓ୍ଵଲ୍ଲୁଓ୍ଵର ପତ୍ନୀଙ୍କୁ ଡାକ ପକେଇଲେ - 'ମୋ କଲମଟି କେଉଁଠି ଖସି ପଡିଲା । ଆଲୁଅ ଆଣ ଖୋଜିବି ।' ପତ୍ନୀ ବାସୁକୀ ତୁରନ୍ତ ହାତରେ ଡିବିରି ଧରି ଆସିଗଲେ । ସେହି ଅପରିଚିତ ଅତିଥି ଏହା ମଧ୍ୟ ଲକ୍ଷ୍ୟ କରିଥିଲେ ।

## ଅନୁବାଦକୀୟ ମନ୍ତବ୍ୟ

ତିରୁକ୍କୁରଲ ଯେ ମନୁଷ୍ୟ ମନୁଷ୍ୟର ସଂପର୍କ ଓ ଆଚରଣ ବିଷୟକ ଏକ ନୀତିମୂଳକ ରଚନା, ଏହା ସର୍ବଜନ ସ୍ୱୀକୃତ । ଯଦିଓ ଏଥିରେ ବୌଦ୍ଧ, ଇସଲାମ, ଖ୍ରୀଷ୍ଟାଦି ବହୁ ଧର୍ମଧାରଣାର ଆଦର୍ଶ ସମୀକୃତ, ତଥାପି ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମୀୟ ମତବାଦର ପ୍ରଚାର କରେନାହିଁ ; ବରଂ ଏହା ଏକ ବିଶ୍ୱବେଦନୀୟ ସୃଷ୍ଟି । ........

କୁରଲ୍ ତାମିଲର ସର୍ବପ୍ରଥମ ସାହିତ୍ୟକୃତି, ଯହିଁରେ ସାହିତ୍ୟର ଆଙ୍ଗିକକୁ ତ୍ରିବିଧ ଭାବେ ବର୍ଗୀକୃତ କରାଯିବାର ଶୈଳୀ ପ୍ରବର୍ତ୍ତିତ । ଏହି ବର୍ଗୀକରଣ ବ୍ୟତୀତ ଉପର ସୂଚିତ ଭାବେ ବିଷୟବସ୍ତୁ ଓ ତା'ର ଉପସ୍ଥାପନା କଳାର ବୈଶିଷ୍ଟ୍ୟ ହେତୁ ଏହା ଏକ ବିଶ୍ୱଜନୀନ ନୂତନ ଦୃଷ୍ଟିଭଙ୍ଗୀର ପ୍ରତିନିଧିତ୍ୱ କରିବା ସହ ବିବିଧ ପନ୍ଥାରୁ ଦର୍ଶନ-ସୂତ୍ର ଖୋଜି, ନିର୍ବାଚନ କରି ତାହାର ପ୍ରୟୋଗ ଦ୍ୱାରା ସାହିତ୍ୟରେ ଏକ ଅତୁଳନୀୟ ମହନୀୟତାର ନିଦର୍ଶନ ରଖି ଯାଇଛି, ଯାହା ତାମିଲ ଇତିହାସରେ ଅଭୂତପୂର୍ବ । .......

ତିରୁକ୍କୁରଲ୍ ପରି ଏକ ବିଶ୍ୱପ୍ରସିଦ୍ଧ କ୍ଲାସିକ୍ ରଚନାର ଓଡିଆ ଅନୁବାଦ କର୍ମର ଦାୟିତ୍ୱ ମୋତେ ପ୍ରଦାନ କରା ଯାଇଥିବାରୁ, କ୍ଲାସିକାଲ୍ ତାମିଲର କେନ୍ଦ୍ରୀୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଆର୍.ଚନ୍ଦ୍ରଶେଖରନ୍‌ଙ୍କୁ ମୁଁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବା ସହ ପ୍ରତିଷ୍ଠାନର ଅନ୍ୟତମ କର୍ମୀ ଡକ୍ଟର ନର୍ମଦାଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି ।



**ଡକ୍ଟର ଗିରିବାଳା ମହାନ୍ତି**
ପ୍ରଫେସର ଓ ପୂର୍ବତନ ବିଭାଗ ମୁଖ୍ୟ
ଓଡିଆ ବିଭାଗ, ବିଶ୍ୱଭାରତୀ,
ଶାନ୍ତିନିକେତନ


SMILE GOLD
Agarbati
JHPPL
SMILE
SMILE
AN ISO 9001:2008 Certified
Since : 20years
Our Product
SMILE SANITISER
SMILE GOLD
ROSE
BLACK DIMOND
LEMON GOLD
Rose Gold
MALLI GOLD
NEEM GOLD
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

ପର ଦିନ ବିଦାୟ ନେଲାବେଳକୁ ସେ କହିଲେ – 'ମୋ ପ୍ରଶ୍ନର ଉତ୍ତର ପାଇଗଲି ।' ତିରୁଭ୍ଲୁୱର ହସି ହସି କହିଥିଲେ – 'ପତି ପତ୍ନୀ ଉଭୟ ଧର୍ମାନୁରାଗୀ ହୋଇଥିଲେ ପରସ୍ପର ପ୍ରତି ସ୍ନେହ ଓ ବିଶ୍ୱାସ ଅତୁଟ ରହିବ । ସେହି ଦାମ୍ପତ୍ୟ ଜୀବନ ହିଁ ସର୍ବଶ୍ରେଷ୍ଠ ।'

ଧର୍ମରୁ ବିଚ୍ୟୁତ ନୋହି ଯାପେ ଯେ ଜୀବନ
ଗୃହୀ ହୋଇ ସୁଦ୍ଧା ସନ୍ନ୍ୟାସୀଠୁ ସେ ମହାନ । (୪୭)

ତିରୁଭ୍ଲୁୱର ଥିଲେ ସଦାଚାରୀ, ଦାନୀ, ପରୋପକାରୀ । ତାଙ୍କ ବାସଗୃହ ସର୍ବଦା ଅତିଥି ଏବଂ ଅସହାୟଙ୍କ ନିମନ୍ତେ ଉନ୍ମୁକ୍ତ ଥିଲା । ସମାଜରେ ସମସ୍ତଙ୍କ ସହ ମିଳିମିଶି ରହିବାକୁ ସେ ଆନନ୍ଦ ପାଉଥିଲେ ।

ସବୁରି ମେଳେ ଆନନ୍ଦେ ଜାଣେ ନାହିଁ ଜୀଇଁ
ଆନନ୍ଦ-ଆଲୋକେ ଥାଇ ଅନ୍ଧାର ଭୋଗଇ । (୯୯୯)
ସଦାଚାରୀ ଲଭିଥାଏ ଅସୁମାର ଯଶ
ଦୁରାଚାରୀ ଲଭେ ଅପ୍ରମିତ ଅପଯଶ । (୧୩୭)

ତିରୁଭ୍ଲୁୱରଙ୍କ ଜୀବନ ଓ ତିରୁକ୍କୁରଲ୍ ଗ୍ରନ୍ଥ ସତେ ଅବା ପରସ୍ପରର ପରିପୂରକ । ମନେହୁଏ, ସନ୍ଥ କବି ସତେ ଅବା ଜୀବନ-ତପସ୍ୟାର ଦିବ୍ୟ ଅନୁଭବ ଶବ୍ଦରେ ରୂପାୟିତ କରିଛନ୍ତି ।

ତିରୁକ୍କୁରଲ୍ ଗ୍ରନ୍ଥକୁ ନେଇ ଗୋଟିଏ ଚମତ୍କାର ଆଖ୍ୟାୟିକା ରହିଛି । ତାଙ୍କ ଅନ୍ତରଙ୍ଗ ଶିଷ୍ୟ ଏଲେଲା ସିଂହମ୍‌ଙ୍କ ଅନୁରୋଧକ୍ରମେ ସେ ଏହି କାବ୍ୟଗ୍ରନ୍ଥ ରଚନା କରିଥିଲେ । ଏହା ସମାପ୍ତ ହେବା ପରେ ତିରୁଭ୍ଲୁୱର 'ତାମିଲ ସଂଘମ୍'ର ସ୍ୱୀକୃତି ପାଇଁ ମଦୁରାଇରେ ଉପସ୍ଥିତ ହେଲେ । ସଂଘମ୍‌ରେ ଯେଉଁ ବିଚାରକମାନେ ଥିଲେ ତିରୁଭ୍ଲୁୱରଙ୍କ ଖ୍ୟାତି ଶୁଣି ଈର୍ଷ୍ୟାନ୍ୱିତ ହୋଇଥିଲେ । ପ୍ରକାରାନ୍ତରେ ସେମାନେ ଗ୍ରନ୍ଥକୁ ସ୍ୱୀକୃତି ନ ଦେବା ପାଇଁ ସ୍ଥିର କରି ସାରିଥିଲେ । ତିରୁଭ୍ଲୁୱର ସାଧାରଣ କିଛି ପ୍ରଶ୍ନର ଉତ୍ତର ସହଜ ଓ ସରଳ ଭଙ୍ଗୀରେ ପ୍ରଦାନ କରିବା ପରେ ବିଚାରକମାନେ ସର୍ତ୍ତ ରଖିଲେ – 'ମୀନାକ୍ଷୀ ମନ୍ଦିର ବେଢ଼ାରେ ଥିବା ପୁଷ୍କରିଣୀର ଭାସମାନ ସୁବର୍ଣ୍ଣ ପୀଠ ତୁମ ପୁସ୍ତକକୁ ଗ୍ରହଣ କଲେ, ଆମେ ସ୍ୱୀକୃତି ପ୍ରଦାନ କରିବୁ ; ନଚେତ ପ୍ରତ୍ୟାଖାନ କରିବୁ ।'

ଏତକ କହି ବିଚାରକମାନେ ସେହି ସୁବର୍ଣ୍ଣ ପୀଠରେ ଏପରି ବସିଗଲେ, ଆଉ ସାମାନ୍ୟତମ ସ୍ଥାନ ନ ଥିଲା । ଆଶ୍ଚର୍ଯ୍ୟର କଥା, ତିରୁଭ୍ଲୁୱର ଗ୍ରନ୍ଥକୁ ଧରି ସୁବର୍ଣ୍ଣ ସ୍ଥଳୀର ନିକଟ ହେବା ମାତ୍ରେ ତାହା ଆପଣାଛାଏଁ ବଢ଼ିବାକୁ ଲାଗିଲା ଏବଂ ସେ ଆରାମରେ ବସିପାରିଲେ । ଆହୁରି ଆଶ୍ଚର୍ଯ୍ୟର କଥା, ଗ୍ରନ୍ଥର ଆକାର ଏପରି ବୃଦ୍ଧି ପାଇଲା ଯେ ସମସ୍ତ ବିଚାରକମଣ୍ଡଳୀ, ଜଣ ପରେ ଜଣେ, ସେହି ସୁବର୍ଣ୍ଣ ପୀଠରୁ ଧିରେ ଧିରେ ଖସିପଡିଲେ । ତେଣୁ ମୀନାକ୍ଷୀ ମନ୍ଦିର ପୁଷ୍କରିଣୀର ସୁବର୍ଣ୍ଣ ପୀଠ ତିରୁକ୍କୁରଲ୍‌କୁ ଶ୍ରେଷ୍ଠ ବିବେଚନା କରିବା ପରେ ଏହା ପବିତ୍ର ଗ୍ରନ୍ଥ ନାମରେ ଅଭିହିତ ହେଲା ।


## ଗ୍ରନ୍ଥର ବିଶେଷତା

ତିରୁକ୍କୁରଲ ଗ୍ରନ୍ଥ ତାମିଲ ବେଦ ନାମରେ ଅଭିହିତ । ପବିତ୍ର ବେଦରେ ଯେପରି ମନ୍ତ୍ରଦ୍ରଷ୍ଟା ଋଷି ସମସ୍ତ ଆଞ୍ଚଳିକତାର ଉର୍ଦ୍ଧ୍ୱକୁ ଉଠି ସମଗ୍ର ମାନବଜାତିର ମଙ୍ଗଳ କାମନା କରିଛନ୍ତି, ସେହିଭଳି ତିରୁକ୍କୁରଲ ଗ୍ରନ୍ଥ ତାମିଲ ଭାଷାରେ ରଚିତ ହୋଇଥିଲେ ମଧ୍ୟ ସେଥିରେ ତାମିଲ ରାଜ୍ୟର ଅଧିବାସୀ ବା ତାମିଲ ଭାଷାଭାଷୀଙ୍କ ସଂପର୍କରେ ଶବ୍ଦଟିଏ ଉଲ୍ଲେଖ ନାହିଁ, ସମଗ୍ର ମଣିଷ ସମାଜ ନିମନ୍ତେ ଦିଗ୍‌ଦର୍ଶନ ରହିଛି । ଆହୁରି ଗୁରୁତ୍ୱପୂର୍ଣ୍ଣ: ଏଥିରେ କୌଣସି ନିର୍ଦ୍ଦିଷ୍ଟ ଧର୍ମର ଦେବଦେବୀଙ୍କ ସଂପର୍କରେ ସୂଚନା ନାହିଁ । ସବୁ ମଣିଷ ସମାନ ; ସବୁ ଧର୍ମର ଦେବଦେବୀ ମଧ୍ୟ ସମାନ ଏହା ହିଁ ହେଉଛି ଗ୍ରନ୍ଥର ବିଶେଷତା । ସମସ୍ତେ ନୀତି, ଆଦର୍ଶ ଆଧାରରେ ଜୀବନ ବିତାଇଲେ, ଧରା ସ୍ୱର୍ଗରେ ପରିଣତ ହୋଇଯିବ – ଏହା ହିଁ ଗ୍ରନ୍ଥର ସାରମର୍ମ ।

ଭଉଣୀ ଆଓ୍ୱାଇୟାର ମଧ୍ୟ ବହୁ ଉଚ୍ଚକୋଟୀର କାବ୍ୟଗ୍ରନ୍ଥ ରଚନା କରିଛନ୍ତି । ତିରୁକ୍କୁରଲ ଗ୍ରନ୍ଥ ସଂପର୍କରେ ସେ ଯାହା କହିଛନ୍ତି, ତାହା ହିଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି – 'ତିରୁଭ୍ଲୁୱର ସତେ ଅବା ସାତ ସମୁଦ୍ର ବ୍ୟାପୀ ବିସ୍ତୃତ ଜଗତର ସମସ୍ତ ଜ୍ଞାନକୁ ତିରୁକ୍କୁରଲ ଭଳି ଗୋଟିଏ ସୋରିଷ ମଞ୍ଜି ଭିତରେ ନିଃଶେଷ କରିଦେଇଛନ୍ତି ।'

ଏହି କ୍ରମରେ ୧୯୮୫ ମସିହାରେ ପ୍ରକାଶିତ ଭାରତୀୟ ପାଦ୍ରୀ ଆଣ୍ଟୋନି ଦେ ମେଲୋ (Anthony de Mello) ଙ୍କ ରଚିତ One Minute Wisdom ପୁସ୍ତକ ସ୍ମରଣକୁ ଆସିଯାଏ । ଜୀବନର ରାଜପଥକୁ ଆଲୋକିତ ଓ ପ୍ରଶସ୍ତ କରୁଥିବା ୨୦୦ରୁ ଉର୍ଦ୍ଧ୍ୱ ନୀତି–

## ପ୍ରକାଶନୀୟ ଭୂମିକା ଓ ଅଭିବ୍ୟକ୍ତି



ବୋଧହୁଏ ସମଗ୍ର ବିଶ୍ୱରେ ତିରୁକ୍କୁରଲ ଏକ କୃତି, ଯାହା ବିଶ୍ୱ ସାହିତ୍ୟ ସଂପଦର ଦୃଷ୍ଟାନ୍ତ ଭାବେ ବିବେଚିତ ହୋଇପାରେ । ପ୍ରାଚ୍ୟ, ପାଶ୍ଚାତ୍ୟ ତଥା ବିଶ୍ୱର ଅନ୍ୟାନ୍ୟ ଭାଷାର ସମରୂପ କ୍ଲାସିକ ସାହିତ୍ୟ ଜୀବନର ବିଭିନ୍ନ କ୍ଷେତ୍ରର ନିର୍ଦ୍ଦିଷ୍ଟ ମାନବୀୟ ବିଭବକୁ ଛୁଇଁଥାଏ ।.......ତିରୁକ୍କୁରଲର ଆବେଦନ ଓ ଦୃଷ୍ଟିକୋଣର ସାର୍ବଜନୀନତା ଅନନ୍ୟ ଓ ଅତୁଳନୀୟ ଏହା ଶାସ୍ତ୍ରୀୟ ତାମିଲର ଅନନ୍ୟ ପ୍ରତିଭାଙ୍କ ପ୍ରତି ବିଶେଷ ସମ୍ମାନ ବୋଲି କୁହାଯାଇପାରେ । ପ୍ରକୃତରେ ତିରୁକ୍କୁରଲ ବିଶ୍ୱ ସାହିତ୍ୟ ଅବଧାରଣାର ଏକ ପ୍ରତୀକ । ତାମିଲର ଏହି ଶ୍ରେଷ୍ଠ କୃତିର ଆଉ ଏକ ଉଜ୍ଜ୍ୱଳ ଦିଗ ହେଉଛି ଏହାର ସର୍ବଭାରତୀୟତା । କୌଣସି ନିର୍ଦ୍ଦିଷ୍ଟ ଜାତି, ଧର୍ମ, ଭୂମି ବା ସଂସ୍କୃତି ଠାରୁ ଏହା ବେଶ୍ ଉର୍ଦ୍ଧ୍ୱରେ ।

ତାମିଲ ଭାଷାର ଏହି ଅନବଦ୍ୟ କୃତି ତିରୁକ୍କୁରଲକୁ ଭାରତ ସରକାରଙ୍କର ଶିକ୍ଷା ମନ୍ତ୍ରଣାଳୟ, କେନ୍ଦ୍ରୀୟ ଶାସ୍ତ୍ରୀୟ ତାମିଲ ସଂସ୍ଥାନ ଦ୍ୱାରା ଅନ୍ୟ ଏକୋଇଶିଟି ସମ୍ବିଧାନ ସ୍ୱୀକୃତ ଭାଷାରେ ଅନୁବାଦ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ସେସବୁ ଅନୁଦିତ ହେଲେ ଏହି ଅନବଦ୍ୟ କୃତିର ଭାବ ଓ ଆବେଦନ ବହୁ ଭାଷାଭାଷୀଙ୍କ ନିକଟରେ ପହଂଚି ପାରିବ । ଏହି ଓଡିଆ ଅନୁଦିତ କୃତି କନ୍ନଡ, ମଣିପୁରୀ,ତେଲୁଗୁ,ପଞ୍ଜାବୀ ଓ ଗୁଜୁରାଟୀ ପରେ ସପ୍ତମ ପୁସ୍ତକ ଅଟେ । ପୁସ୍ତକ ପ୍ରକାଶ ପାଇବା ଅବସରରେ କେନ୍ଦ୍ରୀୟ ଶାସ୍ତ୍ରୀୟ ତାମିଲ ସଂସ୍ଥାନ ଏହାର ଅନୁବାଦିକା ଡକ୍ଟର ଗିରିବାଳା ମହାନ୍ତି, ପ୍ରଫେସର ତଥା ପୂର୍ବତନ ମୁଖ୍ୟ ଓଡିଆ ବିଭାଗ ବିଶ୍ୱଭାରତୀ, ଶାନ୍ତିନିକେତନଙ୍କୁ ଅଶେଷ କୃତଜ୍ଞତା ଜଣାଉଛି । ମାନ୍ୟବର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହୃଦୟତାର ସହ ଏହି ପୁସ୍ତକଟିର ଅଗ୍ରଲେଖ ଲେଖିଛନ୍ତି । ସେଥିପାଇଁ ଆମେ ତାଙ୍କୁ ଆମର ଆନ୍ତରିକ ଦନ୍ୟବାଦ ଜଣାଇବା ସହ ତାଙ୍କଠାରେ କୃତଜ୍ଞତା ପ୍ରକାଶ କରୁଛୁ ।

**ଆର୍ ଚନ୍ଦ୍ରଶେଖର,** ନିର୍ଦ୍ଦେଶକ:କେନ୍ଦ୍ରୀୟ ଶାସ୍ତ୍ରୀୟ ତାମିଲ ସଂସ୍ଥା, ଚେନ୍ନାଇ

କାହାଣୀ ପୁସ୍ତକରେ ସନ୍ନିବେଶିତ । ଗୁରୁ-ଶିଷ୍ୟଙ୍କ ଆଳାପ ହିଁ ଏହାର ମାଧ୍ୟମ ।

ଶିଷ୍ୟ ପଚାରୁଛନ୍ତି - ଗୋଟିଏ ମିନିଟ୍‌ରେ ଜ୍ଞାନ ଉଦୟ ସମ୍ଭବ ?

ଗୁରୁ - ଅବଶ୍ୟ ।

ଶିଷ୍ୟ - କିନ୍ତୁ ଗୋଟିଏ ମିନିଟ ବହୁତ କମ୍ ସମୟ ।

ଗୁରୁ - ଏହା ୫୯ ସେକେଣ୍ଡ ଦୀର୍ଘ । ଚନ୍ଦ୍ରମା ଏତେ ଦୂରରେ ଥିଲେ ମଧ୍ୟ ତାକୁ ଦେଖିବା ପାଇଁ କେତେ ସମୟ ଲାଗେ ?

ଶିଷ୍ୟ - ତେବେ ଏତେ ଦୀର୍ଘ ଆଧ୍ୟାତ୍ମିକ-ସାଧନାର ପ୍ରୟାସ କାହିଁକି ?

ଗୁରୁ - ନିମିଷେକେ ସିନା ଦେଖିହୁଏ, ଆଖି ଖୋଲିବା ପାଇଁ ତମାମ ଜୀବନ ଲାଗିଯାଏ ।

## ଆଉ ଗୋଟିଏ ଦୃଷ୍ଟାନ୍ତ

ଥରେ ଜଣେ ଶିଷ୍ୟ ଗୋଟିଏ ଅଜଣା ରାଜ୍ୟରେ ପହଂଚିଗଲେ । ସେଠାରେ ତାଙ୍କ ଗୁରୁଙ୍କର ଅସାଧାରଣ ଖ୍ୟାତି ଥିଲା । ଜଣେ ବ୍ୟକ୍ତି ତାଙ୍କୁ ପ୍ରଶ୍ନ କଲେ - 'ତୁମ ଗୁରୁ କ'ଣ ସବୁ ଅଲୌକିକ ପ୍ରଦର୍ଶନ କରିଛନ୍ତି ?' ଶିଷ୍ୟ ହସି ହସି କହିଲେ - 'ତାଙ୍କର ସବୁ କାର୍ଯ୍ୟ ଅଲୌକିକ । ଆପଣଙ୍କର ବିଶ୍ୱାସ, ଯଦି ଈଶ୍ୱର କାହାରି ମନକାମନା ପୂର୍ଣ୍ଣ କରନ୍ତି ତାହା ଅଲୌକିକ । କିନ୍ତୁ ଗୁରୁ ବିଶ୍ୱାସ କରନ୍ତି, କେହି ଈଶ୍ୱରଙ୍କ କାର୍ଯ୍ୟ ସାଧନ କଲେ ତାହା ହିଁ ହେଉଛି ଅଲୌକିକ ।'

ପୁସ୍ତକର ଉପକ୍ରମଣିକାରେ ଲେଖକ ଉଲ୍ଲେଖ କରିଛନ୍ତି - ନିର୍ଦ୍ଦିଷ୍ଟ କାଳଖଣ୍ଡ ଓ ଧର୍ମବିଶ୍ୱାସର ବହୁ ଊର୍ଦ୍ଧ୍ୱରେ ଗୁରୁଙ୍କର ସ୍ଥାନ । ଗୁରୁ ହେଉଛନ୍ତି ଉଜ୍ଜ୍ୱଳ ଚେତନା ଓ ଅନନ୍ୟ ସିଦ୍ଧିର ଭବ୍ୟ ବିଶାଳ ଛାୟାରୂପ । ସେ ହିନ୍ଦୁ, ଖ୍ରୀଷ୍ଟିୟାନ, ସୁଫି ଅଥବା କୌଣସି ସିଦ୍ଧାନ୍ତରେ ବିଶ୍ୱାସ କରିପାରନ୍ତି, ଖ୍ରୀ.ପୂ.୭ମ ଶତାବ୍ଦୀର ଅଥବା ବିଂଶ ଶତାବ୍ଦୀର ଅଧିବାସୀ ହୋଇପାରନ୍ତି ।

ପୁସ୍ତକର ପ୍ରାରମ୍ଭରେ ଲେଖକ ସତର୍କ କରିଦେଇଛନ୍ତି - 'Caution: Take the tales in tiny doses — one or two at a time. An overdose will lower their potency.' ତିରୁକ୍କୁରଲ ଗ୍ରନ୍ଥ ସଂପର୍କରେ ସେହି ମତ ଯଥାର୍ଥ ରହିବ ।

ଦୀର୍ଘ କାଳ ସାରସ୍ୱତ ସାଧନାରେ ବ୍ରତୀ ପ୍ରଫେସର ଡଃ ଗିରିବାଳା ମହାନ୍ତି ଓଡ଼ିଆ କାବ୍ୟଜଗତର ଯଶସ୍ୱୀ ସାଧିକା । ଅନୁବାଦ ପୁସ୍ତକଟି ପଢ଼ିବାବେଳେ ମନେହୁଏ ସତେଯେମିତି ଛନ୍ଦ ସହିତ ଶବ୍ଦ ହାତ ଧରାଧରି ହୋଇ ନାଚିନାଚି ସ୍ୱତଃ ତାଙ୍କ କୋଳକୁ ଡେଇଁ ପଡିଛନ୍ତି । ଏକା ନିଃଶ୍ୱାସେକେ ଅନେକ କିଛି ପଢ଼ିହୁଏ ।

ଯେଉଁ ଗପ ପଢ଼ିବାବେଳେ ଆଦୌ କାହାଣୀ ଭଳି ଲାଗେ ନାହିଁ, ବରଂ ଜୀବନାନୁଭୂତିର ଅଂଶ ବୋଲି ଅନ୍ତର-ବିଶ୍ୱାସ ଦୃଢ଼ୀଭୂତ ହୁଏ, ତାହା ହିଁ ସାର୍ଥକ ଗଳ୍ପ । ସେହିଭଳି ଯେଉଁ ଅନୂଦିତ କୃତି ସରଳ, ସାବଲୀଳ ଧାରାରେ ପଢ଼ି ହୋଇଯାଏ, କେଉଁଠି ଝୁଂଟିବାକୁ ପଡେ ନାହିଁ, ତାହା ହିଁ ଶ୍ରେଷ୍ଠ ଅନୁବାଦ । ଦୃଷ୍ଟାନ୍ତ ସ୍ୱରୂପ ଅନ୍ୟାନ୍ୟ ଅନେକଙ୍କ ମଧ୍ୟରୁ ଚିତ୍ତରଂଜନ ଦାସଙ୍କ ଅନୂଦିତ ଶ୍ରୀଅରବିନ୍ଦଙ୍କ ଦିବ୍ୟ ଜୀବନ, ଯୋଗ ସମନ୍ୱୟ ଏବଂ ଉଦୟ ନାଥ ଷଡ଼ଙ୍ଗୀଙ୍କ 'ଅଙ୍କଲ ଟମସ୍ କାବିନ'ର ଅନୁବାଦ 'ଟମକକାଙ୍କ କୁଟୀର' ଏହି ପର୍ଯ୍ୟାୟର । ଏହି ସମସ୍ତ ଅନୂଦିତ କୃତି ଆମ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛି । ପ୍ରଫେସର ଗିରିବାଳା ମହାନ୍ତିଙ୍କ ତିରୁକ୍କୁରଲ ସେହି ଶ୍ରେଣୀର ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ

ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା



- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୯୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୯୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟଟି ଆମକୁ ପଠାଇବେ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
**Benificiary Name : Rebati Media House Pvt Ltd.**
**Bank Name : HDFC BANK (India), Balasore**
**Account No : 50200033907121**
**IFSC Code : HDFC0000366**

www.rebatee.in
୪୦/-
ରେବତୀ
ଆମ ମାଟିର ସ୍ୱର



**ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପର୍କିତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।**

## ଆଇନ ପରାମର୍ଶ - ୨୬

# ଟ୍ରେଡ୍‌ମାର୍କ, କପି ରାଇଟ୍, ଜିଏସ୍‌ଟି



**ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫

ପୂର୍ବ ଭାଗରେ ଆମେ ଆଇନଗତ ଭାବେ କିପରି ବ୍ୟବସାୟ କରିବେ ସେ ସମ୍ପର୍କରେ ଅବଗତ କରାଇଥିଲୁ । ହେଲେ ବ୍ୟବସାୟ ସହ ଜଡ଼ିତ ଶବ୍ଦ ଟ୍ରେଡମାର୍କ, କପି ରାଇଟ୍ ଏବଂ ଜିଏସ୍‌ଟି ଏସବୁ ସମ୍ପର୍କରେ ଆସନ୍ତୁ ଜାଣିବା-

### କପିରାଇଟ୍ ଓ ଟ୍ରେଡମାର୍କ ମଧ୍ୟରେ ଫରକ୍ କ'ଣ ?

କପି ରାଇଟର ଅର୍ଥ ହେଉଛି ଆପଣ ଯଦି କୌଣସି ଜିନିଷ ତିଆରି କରୁଛନ୍ତି ବା ଉତ୍ପାଦନ କରୁଛନ୍ତି ତାକୁ ଆପଣ କପିରାଇଟ୍ କରିପାରିବେ ।

ଟ୍ରେଡ୍‌ମାର୍କ ହେଉଛି ଯେଉଁ ମାର୍କ ବା ଲୋଗୋ ସହିତ ଆପଣ କୌଣସି ବ୍ୟବସାୟ ଆରମ୍ଭ କରିବେ ତାକୁ ଟ୍ରେଡ୍‌ମାର୍କ କୁହାଯାଏ ।

ଏହି ୨ଟାକୁ ରେଜିଷ୍ଟର୍ କରିପାରିବେ । ଏ ୨ଟିରୁ ଗୋଟେ ବା ୨ଟିର ଯିଏ ଉଲ୍ଲଙ୍ଘନ କରିବ ତାକୁ ଦଣ୍ଡ ମଧ୍ୟ ଦିଆଯିବାର ବ୍ୟବସ୍ଥା ରହିଛି ।

ଆଜିକାଲି ବହୁତ ଯୁବପିଢ଼ି ୟୁଟ୍ୟୁବ୍‌ରେ ଭିଡ଼ିଓ କରି ନିଜକୁ ପ୍ରତିଷ୍ଠିତ କରୁଛନ୍ତି । ସେହି ୟୁଟ୍ୟୁବ୍‌ରେ ବ୍ୟବହୃତ କରୁଥିବା ନାମ ଏବଂ ଲୋଗୋକୁ କେତେବେଳେ ବି କେହି ବନ୍ଦ କରିପାରିବେ ବା ଆପଣଙ୍କ ପାଖରୁ ନେଇପାରିବେ । ସେହି ନାମ ଏବଂ ଲୋଗୋକୁ ଅନ୍ୟ ଯଦି କେହି ଟ୍ରେଡ୍‌ମାର୍କ କରିଦେବ ତେବେ ଆପଣଙ୍କ ୟୁଟୁବ୍ ଚ୍ୟାନେଲକୁ ବନ୍ଦ କରିପାରିବେ । ତେଣୁ ଆପଣ ଯଦି କିଛି ବ୍ୟବସାୟ କରୁଛନ୍ତି ତେବ ଶୀଘ୍ର ଟ୍ରେଡମାର୍କ କରାଇ ନିଅନ୍ତୁ ।

### ଜିଏସ୍‌ଟି (GST- Goods and Services Tax) ବସ୍ତୁ ଏବଂ ସେବାକର

ଜିଏସ୍‌ଟି ବିଲ୍ ପାସ୍ ହେବା ପରେ ତାହା ଦେଶରେ ସମାନ ଭାବରେ ଲାଗୁ ହେଲା । ରାଜ୍ୟସଭାରେ ଏ ବିଲ୍ ୩ ଅଗଷ୍ଟ ୨୦୧୬ ଏବଂ ଲୋକସଭାରେ ୨୦୧୫ରେ ପାସ୍ କରାଗଲା । ଜିଏସ୍‌ଟି ବିଲ୍ ଏକ ଅପ୍ରତ୍ୟକ୍ଷ କର ଅଟେ । ଏଥିରେ ଟ୍ୟାକ୍ସ ଦେଉଥିବା ବ୍ୟକ୍ତିଙ୍କୁ ଅନେକ ସୁବିଧା ମିଳିଥାଏ ।

ଅପ୍ରତ୍ୟକ୍ଷରେ ଯଥା- ଉତ୍ପାଦ ଶୁଳ୍କ, ସେବାରେ, ମନୋରଞ୍ଜନ କର ଇତ୍ୟାଦି ଜିଏସ୍‌ଟିରେ ସାମିଲ୍ ହୋଇଛି । ଦେଶର ସର୍ବତ୍ର ଜିଏସ୍‌ଟି ଲାଗୁ କରାଯାଇଛି ।

### ଜିଏସ୍‌ଟିକୁ କିଏ ଆରମ୍ଭ କଲେ

ଜିଏସ୍‌ଟି ଲାଗୁ ହେଲାବେଳେ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଜିଏସ୍‌ଟିରେ ଗୋଟେ ଦେଶ, ଗୋଟେ ଟ୍ୟାକ୍ସ, ଗୋଟେ ବଜାର ହେବ ଏବଂ ଦେଶର ଆର୍ଥିକ ବିକାଶ ହେବ । ଏବଂ ଏହା ଏକ ଇତିହାସ ରଚିବ ।

### ଜିଏସ୍‌ଟି କେତେ ପ୍ରକାର ଓ କ'ଣ କ'ଣ ?

ଏହା ଚାରି ପ୍ରକାର ।

**୧. କେନ୍ଦ୍ରୟ ବସ୍ତୁ ଏବଂ ସେବାକର:**

**କେନ୍ଦ୍ରୀୟ ବସ୍ତୁ ଏବଂ ସେବାକର ୨୦୧୬ ଅଧିନିୟମ ଅନୁସାରେ ଜିଏସ୍‌ଟି ଏହାର ଏକ କେନ୍ଦ୍ରୀୟ ଅଂଶୀଦାର ଅଟେ । ଉତ୍ପାଦ ଶୁଳ୍କ, ଅତିରିକ୍ତ ଉତ୍ପାଦ ଶୁଳ୍କ ଏହାର ଅନ୍ତର୍ଗତ । ଏହି ଜିଏସ୍‌ଟି କେନ୍ଦ୍ରୀୟ ସରକାରଙ୍କୁ ଯାଏ ।**

**୨. ରାଜ୍ୟ ମାର୍ଗ ଏବଂ ସେବାକର:**

୨୦୧୬ ବିଲ୍ ଅନୁସାରେ ଏଥିରେ ରାଜ୍ୟ ବିକ୍ରୀକର, ବିଳାସପୂର୍ଣ୍ଣ କର, ମନୋରଂଜନ କର, ପ୍ରବେଶ କର ଇତ୍ୟାଦି ସାମିଲ୍ ଅଟେ ।

**୩. ଏକୀକୃତମାନ ଏବଂ ସେବାକର:**

ଗୋଟେ ରାଜ୍ୟରୁ ଅନ୍ୟ ରାଜ୍ୟକୁ ବସ୍ତୁ ତଥା ସେବାର ଆଦାନ ପ୍ରଦାନରେ ଲାଗିଥାଏ । ଉଦାହରଣ ସ୍ୱରୂପ- ମଧ୍ୟପ୍ରଦେଶ ଓ ରାଜସ୍ଥାନ ମଧ୍ୟରେ ବସ୍ତୁ ତଥା ସେବାର ଆଦାନ ପ୍ରଦାନ ହେଲେ ସେତେବେଳେ ଜିଏସ୍‌ଟି ଲାଗିବ ।

GST
Goods & Services Tax

**୪. କେନ୍ଦ୍ର ପ୍ରଶାସିତ ପ୍ରଦେଶମାନ ଏବଂ ସେବାକର**

ଭାରତରେ କେନ୍ଦ୍ରଶାସିତ ପ୍ରଦେଶକୁ ଏକ ବିଶେଷ ଜିଏସ୍‌ଟିରେ ରଖା ହୋଇଛି । ଜିଏସ୍‌ଟି ନିୟମ ୨୦୧୬ ଅନୁସାରେ କେନ୍ଦ୍ରଶାସିତ ପ୍ରଦେଶକୁ ଏକ ସ୍ୱତନ୍ତ୍ର ୟୁଟିଜିଏସ୍‌ଟି ମଧ୍ୟରେ ରଖାହୋଇଛି ।

### ଜିଏସ୍‌ଟି ଲାଗିବା ପରେ

ଜିଏସ୍‌ଟି ଲାଗିଲା ପରେ ଏଥିରେ ସାଧାରଣ ଜନତାଙ୍କୁ ଅଧିକ ଫାଇଦା ହେଲା । ସବୁ ଜିନିଷ ଉପରେ ସମାନ କର ଲାଗିଲା ।

- ଜିଏସ୍‌ଟି ପରେ ଟ୍ୟାକ୍ସ ବ୍ୟବସ୍ଥା ସହଜ ହୋଇଗଲା । • ଜିଏସ୍‌ଟି ଲାଗିଲା ପରେ କର ବିଭାଗ ଅଧିକାରୀଙ୍କ ଦ୍ୱାରା ହେଉଥିବା ହେରାଫେରି କମ୍ ହେଲା । • ଜିଏସ୍‌ଟି ଆସିଲା ପରେ ସେବାକର, କେନ୍ଦ୍ରୀୟ ବିକ୍ରୀକର, ରାଜ୍ୟ ବିକ୍ରୀକର ଇତ୍ୟାଦି ସମାପ୍ତ ହୋଇଛି ।



GREEN CHILLYZ®
Events & Catering

Odisha's Best Outdoor Catering Service
SINCE 1999

# Let Us CATER Your Event







Book Now +91 909-002-2220, +91 805-011-1110

Greenchillyzcatering Greenchillyzcatering1999 Greenchillyzcatering.com


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ଖୁସୀ ନନ୍ଦ,ବାରିପଦା
ଉଚ୍ଚତା : ୫ ଫୁଟ୍ ୭ ଇଞ୍ଚ୍
ବୃତ୍ତି : ମଡ଼େଲିଂ
ଶିକ୍ଷା : ବିଏସ୍‌ସି, ପ୍ରଥମ ବର୍ଷ ଛାତ୍ରୀ
ରୁଚି : ନାଚ, ମଡ଼େଲିଂ, ଅଭିନୟ
ପ୍ରଚ୍ଛଦ ଫଟୋଗ୍ରାଫି : ଆଶିଷ ଫଟୋଗ୍ରାଫି,ବାରିପଦା
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ, ସୋନପୁର
ମେକ୍‌ଅପ୍ : ସୁନୀଲ ଶାହା
ସ୍ଥାନ : ମୁନ୍‌ସି ବନ୍ଧ, ବାରିପଦା

# ଡିସେମ୍ବର - ୨୦୨୩

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

୦୫/୧୨/୨୦୨୩ : ପ୍ରଥମାଷ୍ଟମୀ
୦୭/୧୨/୨୦୨୩ : ମାଣବସା ଗୁରୁବାର
୨୪/୧୨/୨୦୨୩ : ଗୀତା ଜୟନ୍ତୀ
୨୫/୧୨/୨୦୨୩ : ବଡ଼ଦିନ ଉତ୍ସବ (ଖ୍ରୀଷ୍ଟଜନ୍ମ ଦିବସ)
୨୬/୧୨/୨୦୨୩ : ପଣ୍ଡୁଓଷା

## ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

## ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

## ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

## ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

## ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

## ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

## ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

## ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

## ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

## ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

## ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୩୪

## ପ୍ରଫୁଲ୍ଲ କୁମାର ମହାନ୍ତି

(ସୁଭଦ୍ରାର ସ୍ୱାଗତ)

ସଞ୍ଚିତ ବେଦନାର ବିସ୍ଫୋରଣରେ
ଲମ୍ବିଥିଲା ଯେଉଁ ଛାଇ ଦିଗନ୍ତ ଆବୋରି
ଶୀଳଭଦ୍ରା ଦ୍ରୌପଦୀ ପୋଛି ନେଇଥିଲେ
ରାଜକର୍ତ୍ତବ୍ୟର ସୂକ୍ଷ୍ମ ପଟଳରେ
ଉଭା ହେଲେ ଦ୍ରୌପଦୀ ଯୁଧିଷ୍ଠିର ବାମପାଖେ
ପ୍ରେମୀ ଯୁଗଳଙ୍କୁ ପାଛୋଟିବା ପାଇଁ
ସ୍ୱାଗତିକାର ଉଦାର ଠାଣିରେ ।

ଆଗେଇଗଲି ମୁଁ
ହସ ମୋର ଲମ୍ବିଥିଲା କାନରୁ କାନକୁ
ସୁଭଦ୍ରା ହାତରେ ଦେଲି ସୁନାଚାଙ୍ଗୁଡ଼ିରେ
କାମିନୀ ଫୁଲର ସ୍ୱାଗତ ସୁରଭି
ଭାଲପଟେ ଆଙ୍କିଦେଲି ଚନ୍ଦନ କୁଙ୍କୁମ ଟୋପା:
ସ୍ୱାଗତମ୍ ସୁନ୍ଦରୀ ସୁଭଦ୍ରା
ମୋର ତୃତୀୟ ସ୍ୱାମୀର ଦ୍ୱିତୀୟ ବଲ୍ଲଭି
ଆଶାକରେ ତୁମେ ହେବ ପ୍ରଥମ ନିଶ୍ଚୟ
ଯାହା ମୁଁ ହେଲିନାହିଁ ଭାଗ୍ୟ ନିର୍ଘଣ୍ଟରେ
ଆଉ ମୋର ସ୍ୱାମୀ ପ୍ରେମିକ ଅର୍ଜ୍ଜୁନ
ଘେନ ଅଭିନବନ୍ଦର ସୋହାଗ ଚନ୍ଦନ
ତୁମ କଳାପ୍ରେମୀ ମନ ପାଇଁ ଦିବ୍ୟ ପୁରସ୍କାର
ଆଶାକରେ ହେବନାହିଁ ବନ୍ଦ୍ ଫରୁଆର ହୀରା
ଆସ ସୁଭଦ୍ରା ଆସ ଅର୍ଜ୍ଜୁନ
ଅନେକ ବେଦୀକାମ ବାକି ଅଛି ମଣ୍ଡପରେ ।

ଶୁଭିଲା ଶଙ୍ଖଧ୍ୱନି
ଛନ୍ଦରେ ବରଷିଲା ଫୁଲ
ପ୍ରାସାଦ ଗୁଞ୍ଜରୀ ଗଲା
ଆନନ୍ଦର ଅମିଶ୍ର ରାଗରେ
ବେଦମନ୍ତ୍ରର ପ୍ରତିଧ୍ୱନି
ଫେରିଲା ପୂର୍ଣ୍ଣ ଆକାଶରୁ
ଦମ୍ପତିଙ୍କୁ ଯୁଧିଷ୍ଠିର କଲେ ଆଲିଙ୍ଗନ
ମିଳିତ ଆଶୀର୍ବାଦରେ ହେଲା ସମାପନ
ବେଦୀକର୍ମ ମଙ୍ଗଳ ବିଧାନ ।

ସୁଭଦ୍ରାର ହାତ ଧରି କହିଲେ ଦ୍ରୌପଦୀ
କେବେ ଭାବ ନାହିଁ କିଛି ଭୁଲ୍ କଲ ବୋଲି
ପ୍ରେମବିଳାସରେ ଜିଣ ଅର୍ଜ୍ଜୁନର ମନ
ଖେଳାଅ ଖୁସିର ଜ୍ୟୋତି ନିର୍ବିକାର ମନେ
ନୁହଁ ତୁମେ ମୋର ପ୍ରତିଦ୍ୱନ୍ଦ୍ୱୀ
ପ୍ରେମରେ କି ପତ୍ନୀତ୍ୱରେ
ଭଉଣୀ ତୁମେ ମୋର ପୂର୍ଣ୍ଣ ତୁମ ଅଧିକାର
ପୋଛିଦିଅ କପାଳରୁ ସନ୍ଦେହର ରେଖା
ତୁମ ପ୍ରେମ ନିଷ୍କଳଙ୍କ ପବିତ୍ର ସୁନ୍ଦର
ତୁମ ମନ ଶିଶିର ମୁକ୍ତା ପରି
ତକତକ ପଦ୍ମ ପାଖୁଡ଼ାରେ
ଦ୍ୱିଧା ସଙ୍କୋଚ ସନ୍ଦେହରେ
କର ନାହିଁ ତାକୁ ପାଣିଗାର
ଆସ ମୁଁ ନେଇଯିବି ତୁମ ବାସର ଘରକୁ
ନିଜେ ମୁଁ ସଜାଇଛି ସରାଗ କଷଟିରେ
ଘସିମାଜି ସବୁ ଅଭିମାନ ।

ସୁଭଦ୍ରା ଅଟକିଲା ଚକିତ ପୁଲକରେ
ଏ କଣ ସେଇ ଦ୍ରୌପଦୀ ଅଗ୍ନିବିଳାସିନୀ
ପାଣ୍ଡବଙ୍କ ଭାଗ୍ୟ ଉଦୟିନୀ
ବିନା ଈର୍ଷା ବିନା ଯୁକ୍ତି ବିନା ବିବାଦରେ
ପାଣ୍ଡବଙ୍କ ଭାଗ୍ୟ ଉଦୟିନୀ
ବିନା ଈର୍ଷା ବିନା ଯୁକ୍ତି ବିନା ବିବାଦରେ
ମହନୀୟା ନାରୀର ତ୍ୟାଗପୂତ ବିଚାରରେ
ସ୍ୱୀକାର କଲେ ମତେ ଉଦାର ଚିତ୍ତରେ !
ନୀତି ଆଇନ୍ ବିଧି ସବୁଥିରେ ଅର୍ଜ୍ଜୁନ ତାଙ୍କର



ତଥାପି ସମର୍ପିଦେଲେ ତାଙ୍କର ସବୁକିଛି
କେବଳ ଅର୍ଜ୍ଜୁନ ପାଇଁ ପ୍ରେମର ନିଷ୍ଠାରେ !

ସୁଭଦ୍ରାର ମଥା ନଇଁଗଲା ଆପେ ଆପେ
ଦ୍ରୌପଦୀର ପାଦ ତଳେ କଲା ପ୍ରଣିପାତ
ଦ୍ରୌପଦୀ ଉଠାଇ ନେଲେ ଛାତି ଉପରକୁ
ଶ୍ୱାସରୁଦ୍ଧ ବେଦନାର ମୁକ୍ତ ଆବେଗରେ ।


‘ଚିତ୍ରକାବ୍ୟ’, ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩


## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି



ପ୍ରଫୁଲ୍ଲ କୁମାର ମହାନ୍ତି

# ଫେରିବାଲା

ଗୋଦାବରୀଶ ମିଶ୍ର

ମୁଁ ଫେରିବାଲାଟିଏ
ଯେଉଁଆଡେ ଯାଏ
ଘରକୁ ଫେରି ଆସେ ଠିକ୍ ବେଳରେ ।

ଗଛର ମଥାନରେ ବସା ବାନ୍ଧିଥିବା ପକ୍ଷୀଟି ତମାମ ଦିନ ବୁଲେ
ସାଙ୍ଗସାଥି ଧରି
କିନ୍ତୁ ଘରକୁ ଫେରି ଆସେ
ସୂର୍ଯ୍ୟାସ୍ତ ପୂର୍ବରୁ ।
ତା କୁ ଫେରି ବାଲାଟିଏ କହିଲେ
ଭୁଲ ହେବ ନାହିଁ ।
ନିତି ନିତି ଫେରୁଥାଏ
ନିର୍ଦ୍ଧାରିତ ଜାଗାକୁ ।
ଛୁଆମାନଙ୍କୁ ଦେଖିଦେଲେ
ପେଟ ପୂରି ଯାଏ ।
ଫେରିବାଲାଟିଏ ବୁଲୁଥା ଏ
ଏ ସହରରୁ ସେ ସହରକୁ
ବିକ୍ରି ଜିନିଷ ଧରି
ସକାଳୁ ସଞ୍ଜ ଯାଏ ।

ସ୍କୁଲ ପଡିଆରେ, ଗଛ ମୂଳରେ
ଶୋଇ ପଡ଼ନ୍ତି ନିଘୋଡ଼ ନିଦରେ
ପରିବାର ଧରି ଫେରିବାଲା ମାନେ
ଆମେ ମଧ୍ୟ ଫେରି ବାଲା
ଆମେ ରାତି ଦିନ ଭୟ କରୁ ଜୀବନକୁ ।
ଆସିବା ଆନନ୍ଦ ଫେରିବା ଆନନ୍ଦ
ମଝିରେ ଅସରନ୍ତି ଫେରା ଫେରି
ସେଠାରେ ପହଞ୍ଚିବାକୁ ହେବ
ଜଣଙ୍କର ନିର୍ଦ୍ଦେଶରେ
ସେ ଈଶ୍ୱର ।

ଆମ ଭଳି ...
ପକ୍ଷୀର ଡର ନଥାଏ
ସେ ନିଜେ ନିଜର ଈଶ୍ୱର ।

ପ୍ରଧାନ ଶିକ୍ଷକ
ଅରବିନ୍ଦ ନଗର, ନୟାଗଡ଼
ଫୋନ: ୯୪୩୮୧୮୨୪୭୦


ଫଟୋ ଗୋଦାବରୀଶ ମିଶ୍ର

# କୋଇଲି

ବଂଶୀଧର ଚୌଧୁରୀ

ତୁ ଯେତେଥର ମାଗିଲୁ
ମୁଁ ସେତେଥର ଦେଲି
ଆହୁରି କ'ଣ କହୁଛୁ ନା
ଦେ, ଏଇ ଥରକ ମାତ୍ର ଦେ'
ଆଉ କେବେ ମାଗିବିନି ତତେ !

ବିକଳ ମାଗୁଣି ତୋର ସହି ପାରୁନିରେ
ବାରବାର ପଡୁଛି ଉଛୁଳି
ଥରକୁ ଥର ନିଜକୁ ମୁଁ ଦଉଛି ଅଜାଡ଼ି
ନା ମୋର ଛାତି ସହୁଛି
ନା ତୋର ମନ ପୂରୁଛି
ମୁଁ ବୁଝୁଛି ତୋର ଟିକି ପ୍ରାଣ
ନେ'ରେ ନେ' ଏଇ ଥରକ ମାତ୍ର ନେ'
ଆଉ କେବେ ମାଗିବୁନି ଦେଖ୍ ।

ନା' ଲୋ ନା' କୋଇଲି
ସେମିତି କହନା
ଫାଟି ଯାଉଛି ମୋର ଟିକି ହିଆ
କ'ଣ କରିବି ଯେ ମୁଁ
ସହି ପାରୁନି ଜମାରୁ
ଚାତକ ପରି ଚାହିଁ ରହୁଛି ତତେ
ତୋ ଋତୁ ତ ତୋର
ତୁ ଦେଲେ ସିନା ଭିଜିବି
ନଦେଲେ ତ ଶୁଖିଲା କ୍ଷେତ ପରି ଆଁ

ନେ' ଲୋ ନେ' ମୋର
ବୟସ ସବୁ ନେ'
ମତେ ଶେଷ କରି ଦେ'
ଦେ' ତୋର କୁହୁ ଟିକେ ଦେ
ଦେ' ତୋର ପଞ୍ଚମ ରାଗିଣୀ ।

ଡିଏଭି ପବ୍ଲିକ ସ୍କୁଲ ପାଖ
ମେଘଡମ୍ବରୁ, ବାଲେଶ୍ୱର-୭୫୬୦୦୧, ଫୋନ: ୯୯୩୭୪୧୩୫୪୩


ଫଟୋ ବଂଶୀଧର ଚୌଧୁରୀ

# ଦିନେ ଦିନେ

## ଚକ୍ରପାଣି ପରିଚ୍ଛା

ବନ୍ଦ୍ ଦର୍ଜା ସେପାଖେ
ଥାଏ ଜଣେ

ଥାଏ
ଶୂନ୍ୟତା ଏବଂ
ଅଳଂଧୁନେସା ଅନ୍ଧାରର
ଶୂନ୍ୟପଣ

ଥାଏ
ଗୋଟେ ଉଆସ
ଅନଂତ କାଳରୁ ଗଢ଼ା
ଶୋଇଚି
କେହି ଜଣେ,
ନିଜେ

ଏ ଯୋଉ ନିଦ
ନା ଦୈର୍ଘ୍ୟ
ନା ପ୍ରସ୍ଥ
ନା ଆୟତନ
ଅଥବା ପରିସୀମା

ପହଡ଼ ଭାଙ୍ଗୁନି
କେତେ ଯୁଗ ବିତିଗଲାଣି,
କେଜାଣି

ଡାକ
ତାଳି ମାରି
ଘଣ୍ଟି, ଘଣ୍ଟା, କାହାଳୀ ଶବ୍ଦରେ

ଡାକ
ନିଜ ଦୁଃଖକୁ
ମୃଦଙ୍ଗ ତାଳରେ ନଚେଇ ନଚେଇ

ପହଡ଼ ଭାଙ୍ଗିବନି
ତଥାପି,
ଶୂନ୍ୟ ଉଆସ ଭିତରେ
ଶୂନ୍ୟ ପୁରୁଷ

ଯନ୍ତ୍ରଣା ଆହୁରି ତୀବ୍ର ହେଉ,
ରକ୍ତ ଝରୁ
ଆକାଶର ଆଖିରୁ
ଜମାଟ ବାନ୍ଧୁ
ସମୁଦ୍ରର ଅନନ୍ତ ଅହଙ୍କାର

ଶୋଇଚି
ମାଦଳଟେ, ନିଜେ
ତାର ପୁଣି ନିଦ କଣ
ପହଡ଼ କଣ ?

♥ ବୈପାରିଗୁଡ଼ା, କୋରାପୁଟ-୭୬୪୦୪୩,
ଫୋନ: ୯୧୭୮୬୪୭୧୩୭



▲ ଫଟୋ ଚକ୍ରପାଣି ପରିଚ୍ଛା



▲ ଚିତ୍ର : ଶିଳ୍ପୀ ତପନ ସାହୁ

# ଭାଷା

## ଡକ୍ଟର ଶ୍ରୀହରି ଧଳ

ମୋର ଗାଟେ
ଭାଷା ଅଛି ।
ଯା’ ପକ୍ଷରେ ବସିଥାଏ
ଗୋଟେ ଅପାଙ୍ଗ ଭାବ ।
ତାକୁ ପହଂଚେଇ ଦେବାକୁ
ତମ ନିରବ କୋଠରୀ ଯାଏଁ
ଭାଷା ପହଁରୁଥାଏ
ପବନ ନଈ ।
ଗୋଟେ ଈପ୍‌ସିତ ଶବ୍ଦ
ଯାଚେ ।
ଯା’ କହି ପକାଏ
ହୃଦୟର କଥାତକ
ଭାଷାର ଦେଶ ନଥାଏ ।
ବାଡ଼ ନଥାଏ,
ରଂଗ ନଥାଏ,
ସ୍ୱାଦ ନଥାଏ ।
ଥରେ ଭାବ ପୂର୍ଣ୍ଣ ହେଲେ
ଭାଷା- ଗୀତ,
ଭାଷା- କବିତା,
ଭାଷା- କାହାଣୀ ।

ଏଥର ଦୁଆରେ
ଭାଷା- ମେଘଦୂତ ।
ଟେକିଦିଏ
ଗୋଟେ ଫଟାଛାତି ।
ଭାଷା ଖାଲି
ଆଖି ପଢ଼େନା
ଛାତି ବି ପଢ଼େ,
ଭାଷା- ଧର୍ମ ।
ଭାଷା- ଜାତି ।
ଭାଷା- ବର୍ଣ୍ଣକୁ ନେଇ
ଅଲଗା ହୁଏନା
ଦେହ ରଂଗ, ବଦଳାଏନା
ଭାଷା
ଖାଲି ଛାତିର
ନିରାପଦ ଡାଳଟେ
ଖୋଜୁଥାଏ ପକ୍ଷୀ ପରି
ଗୀତ ଗାଇବାକୁ ।


♥ ତାଉଁଚରା,
କପାସି, ଚିତାଳୋ, ଯାଜପୁର
ଫୋନ:୮୧୧୭୦୮୧୯୦୬



▲ ଫଟୋ ଡ. ଶ୍ରୀହରି ଧଳ

# ଆଜିର ଦିନରେ ସବିତା

**ଗଙ୍ଗାଧର ବିଶ୍ୱାଳ**



ଚିତ୍ର : ଶ୍ରୀମତୀ ସମିତା ପାଣିଗ୍ରାହୀ

ଭଲ ପାଇ
ଅଥବା ପ୍ରେମ କରି
ତୁଠ ପଥରର ଭାଗ୍ୟ ହାତେ
ବାପ ଘରୁ ଆସିବାର
ବାର ବର୍ଷ ହେଇଗଲା
ଗଲା ମାସ,
ସବିତାକୁ ।

ଅଗାଧୁଆ ଲୁଗା ପିନ୍ଧି
ପୋଖରୀ ପାଣିରେ
ମୁହଁ ଦେଖୁଦେଖୁ
ପିଲାଦିନ ପାଖକୁ ଫେରି ଯାଉଛି,
ମନକୁ ମନ ।

ସକାଳ ନଅଟା ହେଲାଣି ।
ଖରା ଚାଲିଲାଣି ପାଦ ଗଣିଗଣି,
ବରଗଛ ଛାଇ ଲେଖି ସାରିଲାଣି
ସ୍କୁଲ୍ ବେଳ ।

ଧରମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ
ତୃତୀୟ ଶ୍ରେଣୀରେ ପଢୁଛି,
ପୁଅ ରୋହିତ ।
ପାପା ତା'ର ଖାଇ ବାହାରି ଯିବେ
ବ୍ଲକ୍ ଅଫିସ୍
ଶାଶୁଙ୍କୁ ଧରି ।



ଫଟୋ ଗଂଗାଧର ଓଝା

ପେଞ୍ଚପାଞ୍ଚ କରି
ସର୍କାରୀ ଦଳର କେହି କୁଜିନେତା
କାଟି ଦେଇଛି ବିଧବା ଭତ୍ତା ।

ମାସ ନାଇଁ ବର୍ଷ ନାଇଁ
ନିଆଁ ପାଣି ବିନା ବିତୁଛି ଜୀବନ ।
ଯେତେ କରି କହିଲେ
ଭୋଟର୍ ତାଲିକାରୁ ବାଦ୍ ପଡୁନି
ମଲା ଲୋକର ନାଁ ।

ଗୁହାରି ଜଣାଇଲେ ଫୁ ' ।
ତଳକୁ ମୁହଁ ପୋତି
ଜବାବ୍ ଦେଉଛନ୍ତି
ରାଜନୀତି ଆଉ କ'ଣ କି ?

ଇଏ ଯେମିତିକା ଲୋକ !
କେମିତି କେଜାଣି
ଭଲ ପାଇ / ପ୍ରେମ କରି
ବାହା ହେବା ବାଦ୍
ଆଉ କୋଉ କଥାକୁ ନୁହେଁ ।

ଛକାପଞ୍ଝାରେ
ଆଗପଛରେ
ଲୋକଲଜ୍ଜାରେ ।
କୌଣସିରେ ହେଇପାରିଲେନି ଜଣେ ।

ଗାଁ ଗାଁରେ ଗ୍ରାମସଭା
ଘରେ ଘରେ ବିଧାନସଭା
ଭାଇ ଭାଇରେ ପ୍ରିୟା ପ୍ରୀତି
ଶାସକ ବିରୋଧୀ ମୁହାଁମୁହିଁ
ଦିନ ରାତି ।

ଆଜିର ଦିନରେ ସବିତା !
ଆହା,
ଭାଗ୍ୟକୁ କରିଛି ଭରସା
ଭୁଲି ଭାଲି ସୁଖଦୁଃଖ । ନିଜ ପର
ରାଜନୀତି ।

'ଆମ ଘର', ନିଉ କଲୋନି, ନେଳିଆବାଗ
ଶ୍ରୀକଣ୍ଠପୁର, ବାଲେଶ୍ୱର - ୭୫୬୦୦୧
ଫୋନ : ୯୪୩୭୧୨୯୨୬୫

# ପ୍ରେମ ଶସ୍ୟ

## ନର୍ମଦା ନୀଳୋତ୍ପଳା

ଆଜିକାଲି ନିଦ ଭାଙ୍ଗିଯିଏ ବଡ଼ି ଭୋରୁ
ଫୁଲ ଆଉ ଚୋରି ହୋଇ ପାରୁ ନାହିଁ ବାଡିରୁ
ଗୋଟେ ପରେ ଗୋଟେ ପଡୁଛି ପର୍ବପର୍ବାଣି
ହେଲେ ବାଲ୍‌କୋନିର ଝର୍କା କବାଟ ଖୋଲା ରହୁଛି
ଅନ୍ଧାର ନ ହଟୁଣୁ ଆଖି ଖୋଲି ଯାଉଛି
କେବଳ ମହାଦେଶର ମୋହରେ ।

କାଲେ ତୁମେ ଅପେକ୍ଷା କରି କରି ଶୋଇ ପଡିବ ।

ଶୁଭ ସକାଳର ବାର୍ତ୍ତା ପଠେଇଲେ
ତୁମେ ଲେଖୁଥିଲ ଶୁଭରାତ୍ରି ।

ତୁମ ପାଇଁ
କବିତାର
ଦୁଇଟି ପ୍ରେମ ଶସ୍ୟ ଫଳିବାର ଥିଲା
ମୋ କ୍ଷେତରେ
ଦୁଇଟି ନୁହେଁ,
ଆହୁରି ବି କିଛି ବିଳମ୍ବରେ ଫଳି ପାରେ ।

କୁଆଡେ ଚାଲିଗଲ ବୋଲି କହିବିନି
ପ୍ରେମ ମାୟା ମୋହରେ ଛନ୍ଦି ଦେଇ
ମୋ ପାଇଁ କବିତାର ବୀଜ ବୁଣିଦେଲ,

ମୋ ପାଖରେ କ୍ଷେତ ଅଛି
ଅଛି ମଧ୍ୟ ଫସଲ ।

ଏମିତି ଲାଗିଲା ମୋତେ
ତୁମେ
ଯିବା ପରେ ମୋ ହାତରେ
ତୁମ ପାଇଁ ଅନେକ କବିତା ଲେଖି ଦେଇ ଯାଇଛ ।

କଥା ହେଉନ ସତ
କିନ୍ତୁ
ଏଇ ପୃଥିବୀରେ ଅଛ ।

କେମିତି ତୁମର ରୂପ ରେଖ ଥିଲା
ସେ କଥା ଜାଣିବା କିଛି ଆବଶ୍ୟକ ନାହିଁ ।

ତୁମର ନାମ ଆଶିଷ କି ମୁକେଶ ହୋଇଥାଇ ପାରେ
ଅରୋରା କି ପଟେଲ
ତୁମେ ପାଇଲଟ କି ପ୍ରେମିକ
ତୁମ ନାମରେ ମୋର କିଛି ଯାଏ ଆସେ ନାହିଁ
ନିଃସନ୍ଦେହ
ତୁମେ ଜଣେ ମହାଦେଶର ପ୍ରେମିକ ଥିଲ ।

ଏକ ମାସରୁ ଊର୍ଦ୍ଧ୍ୱ ହୋଇ ଯାଇଥିଲା
ତୁମ ପାଖରୁ ଯେଉଁ ମେସେଜ ମିଳୁଥିଲା ମୋତେ
ସେଥିରୁ ଅନୁଭବ ହେଉଥିଲା
ତୁମେ ଜଣେ ସଙ୍କୋଚ ପ୍ରେମିକ ମଣିଷ
ତୁମ ସହିତ ମିଶି ବାଟବଣା ହେବାକୁ ଖୁବ୍ ଭଲ ଲାଗୁଥିଲା ।

ସାରା ପୃଥିବୀର ମଣିଷମାନଙ୍କ ଭିତରୁ
କରିଥିଲ ମୋତେ ପ୍ରେମ ନିବେଦନ
ଏହା କିଛି କମ୍ କଥା ନ ଥିଲା ମୋ ପାଇଁ ।

ଜଣକ ପାଖରେ ଅଟକି ଯାଏନି ଜୀବନ
ଜୀବନରେ ଏମିତି ଅନେକ ଆସନ୍ତି ପ୍ରେମ ନିବେଦନ ନେଇ
ହେଲେ ସମସ୍ତେ ପ୍ରେମିକ ହୋଇ ପାରନ୍ତିନି ।

ପ୍ରେମର ସ୍ୱାଦ ଚଖେଇ ଦେଇ ତୁମେ
ନିରବ ହୋଇଗଲ କେମିତି ?
ମୁଁ ଜାଣେ ପ୍ରେମ ତୁମର ସ୍ରୋତସ୍ୱିନୀ ।

ତୁମେ କହିଥିଲ ଦିନେ
ଯଦି ଜଣେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଟକି ଯାଏ
ତେବେ ଗଛକୁ ଜାବୁଡି ଧରିଥିବା
ଚେର ପରି ସେଇ ଗୋଟେ ଜାଗାରେ ଅଟକି ଯିବ ଜୀବନ ।

ଅଟକି ଯିବା ନୁହେଁ ଜୀବନ
ସେ ପ୍ରେମ ହେଉ କି ନଦୀର ପାଣି
ଯେଉଁଠାରେ ହାର୍ଦ୍ଦିକ ପ୍ରେମ ନିବେଦନ ଅଛି
ସେ କ୍ଷେତରେ ନିଶ୍ଚିତ ପ୍ରେମ ଶସ୍ୟ ଫଳିଛି ।

ଆଜିକାଲି ଫୁଲ ଆଉ ଚୋରି ହେଉନି
ପ୍ରେମର ଜାଗ୍ରତ ନଜର ମହାଦେଶରେ ଯାଇ
ଉଦୟ ହେଉଛି ।

♥ ବାଲିକୁଦା, କଟକ-୭୫୩୦୧୧,
ଫୋନ:୮୭୬୩୧୯୧୯୬୮

▶ ଡ଼ ନର୍ମଦା ନୀଳୋତ୍ପଳା





ଚିତ୍ର : ଶ୍ରୀ ପ୍ରଦୀପ୍ତ କିଶୋର ଦାସ

# ତାଜମହଲ

## ମୁକୁଲ୍ ମିଶ୍ର

ପ୍ରେମରେ ବୁଡି ମର ଆଉ
ପାଣି ଫୋଟକା ପରି ମିଳେଇ ଯାଅ
ଶୂନ୍ୟରେ ।
ଦେହ ବୋଲି କିଛି
ବଳକା ନ ରହିବା ଇ ସୁଖ ବୋଲି
ଏଇନା ଜଣ୍ମା କୁହନା କାହାକୁ !

ଓଦା ଦେହର ଓଜନ ନେଇ
ସେମାନେ ନଇଁ ପଡ଼ିଲା ବେଳେ
ମେଘରେ ଭାସି ନିର୍ବିକାର
ବର୍ଷୁଥାଅ, ଗର୍ଜୁଥାଅ
ସାରା ରାତି ।

ଚାହିଁବ ଯଦି,
ସବୁଠୁ ଉଜ୍ଜ୍ୱଳ ଗୋଟିକିଆ ତାରାର
ବିଳାସ ଭୋଗ ।
ପ୍ରେମିକର ମିଛ କବିତାକୁ,
ହସି ହସି ଗଡିଯାଅ ଆଖି ମିଟିକା ମାରି ।

ଥରେ ଥରେ ଏତିକି କାନ୍ଦ ଯେ
ଲୁହରେ ବତୁରି ଯାଉ
କ୍ଷତ ଭର୍ତ୍ତି ଲୋଭ ଯେତେକ ।
ଝଡ଼ ହୋଇ ଏମିତି ସବାର୍ ହୁଅ ପବନରେ
ଭଉଁରୀ ଭିତରେ,
କାତ ହରେଇ
ଅନ୍ଧ ପାଲଟି ଯାଉ ନାବିକ ।

ଚାହିଁଲେ
ଲୁଣ ହୋଇ ନେସି ହେଇଯାଅ
ପ୍ରେମିକର ରକ୍ତାକ୍ତ ଛାତିରେ ଏବେ,
ନିର୍ଭୟ ହୁଅ, ଟିକିଏ ନିର୍ଦ୍ଦୟ ବି ।

ନିଜକୁ କ୍ଷତାକ୍ତ କରି ମଣିବନ୍ଧରେ
କୁଟେଇ ହୁଏ ପ୍ରେମିକ ଯାହାକୁ
ସେ ଦାଗ ଚିତ୍ର ତମେ,
ଦେହ ନୁହଁ ।

ଗୋଟି ଗୋଟି କରି ପ୍ରତିଟି
ଯନ୍ତ୍ରଣାର ନାଲି ରଙ୍ଗ
ଫିକା ହେବାଯାଏଁ ରଙ୍ଗ ଭର ନିଜ ଇଚ୍ଛାରେ
ଆଖିରେ ସ୍ୱପ୍ନ ହୋଇ ଏମିତି
ଝୁଲି ରହୁ ଏ ସୂକ୍ଷ୍ମ ଚିତ୍ର ସାରା କାଳ ।

ତୂଳୀ ଧର, ତୋଳି ଧର
ପ୍ରିୟତମ ସ୍ୱପ୍ନର ଚାବି ନେନ୍ତା ।
ଶବ, ଓ ସମାଧିର
ତାଜମହଲ ନୁହଁ ତମେ
ବ୍ୟାପ୍ତି-ଭୋଗ ତୁମ ପ୍ରାପ୍ୟ ।

ଅରୁଚି ଲାଗିଲେ
ଶବ୍ଦ ହେଇ କବିତାରେ ଚୁପ୍ କରି
ଲୁଚିଯାଏ ଯିଏ, ସିଏ କି ପ୍ରେମ !
ଉଛୁଳି ବହିଯାଅ ବା
ବିଜୁଳି ପରି ଚମକି
ଖଣ୍ଡ ଖଣ୍ଡ ହୋଇଯାଅ ପଛେ
ପାକଳ ହୁଅନା !

କହିଲି ନା
ଦେହ ବୋଲି କିଛି
ବଳକା ନ ରହିବା ଇ ସୁଖ ବୋଲି
ଏଇନା ଜଣ୍ମା କୁହନା କାହାକୁ !

ଅଚିହ୍ନା ଅକ୍ଷର ଭିତରୁ
ମୁକୁଳି ଆସି ନିଃଶ୍ୱାସ ନିଅ,
ପ୍ରେମରେ ବୁଡି ମର ଆଉ
ପାଣିଫୋଟକା ପରି ମିଳେଇ ଯାଅ ଶୂନ୍ୟରେ ।

♥ କ୍ଲବ୍ ପଡ଼ା, ବଲାଙ୍ଗୀର-୭୬୭୦୦୧
ଫୋନ: ୮୭୬୩୯୭୩୧୮୮



ଫଟୋ ଉତ୍ସ ସ୍ୱ

# ଯୁଦ୍ଧ ସରେ ନାହିଁ

## ସୁଶୀଲ କୁମାର ପାଣିଗ୍ରାହୀ

ଯୁଦ୍ଧ
ଇତିହାସ ଫର୍ଦ୍ଦକୁ
ଯିବା ପରେ ବି
ସରି ନଥାଏ

ଦୁଇ ପକ୍ଷର ସେନାପତିଙ୍କ
କରମର୍ଦ୍ଦନ ପରେ ବି
ଯୁଦ୍ଧ ଚାଲିଥାଏ ।
ଅନାଥ ଶିଶୁଙ୍କ ପେଟରେ
ଭୋକ
ଯୁଦ୍ଧ ଘୋଷଣା ପରେ ।

ଧଳା ହେଇ ଯାଇଥିବା
ବିଧବା ଯୁବତୀର ପୃଥିବୀ
ରଙ୍ଗୀନ ଫୁଲ ହେଇ ଫୁଟିବାକୁ
ପ୍ରୟାସ କରିବା ବି
ଏକ ସଂଘର୍ଷ ।


ବୃଦ୍ଧ ବାପାମାଆଙ୍କ
କୋଳ ଯେତେ
ଫଟାମାଟିର ଖେତ
ଫସଲ ଉଜୁଡ଼ି ଯାଉଥାଏ ।

ସରି ଯାଇଥିବା ଯୁଦ୍ଧ
ଇତିହାସ ଫର୍ଦ୍ଦରେ
କେବଳ ନଥାଏ
କ୍ଷତରେ ଥାଏ
ଯନ୍ତ୍ରଣା ହେଇ
ଅମାରାତି ପରେ ଡରାଉଥାଏ
ଶୁଖି ନଥିବା ଲୁହରେ ।

♥ କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ୍ ନଂ-୨୦୩,
ବ୍ଲକ୍ - ସି, ଫାର୍ମରୋଡ଼, ସମ୍ବଲପୁର-୨,
ଫୋନ: ୮୧୪୪୨୨୮୨୦୨



ଫଟୋ: ସୁଶୀଲ କୁମାର ପାଣିଗ୍ରାହୀ



▲ ଚିତ୍ର : ଶିଳ୍ପୀ ନିକୁଞ୍ଜ ବିହାରୀ ଦାସ

# ଶୁକୁଜାନି

## ଡକ୍ଟର ଦେବାଶିଷ ପାତ୍ର

ଅନେକ ଦିନ ତଳୁ
ନିରୁଦ୍ଦିଷ୍ଟ ଥିବା ଶୁକୁଜାନି
ଏବେ ଫେରୁଛି ଗାଁକୁ ।
ମନେ ପକାଉଛି
ବଣ କୁକୁଡ଼ାର ଡାକରେ
ଗହଳ ପତ୍ର ଫାଙ୍କରୁ
କେମିତି, ଉଠୁଥାଏ ସୂର୍ଯ୍ୟ ।

ସଞ୍ଜ ଆସିବା ଢେର୍ ଆଗରୁ ମାଡ଼ି ଆସେ
ଜୁଳୁଜୁଳିଆ ପୋକର ଅନ୍ଧାର,
ତଥାପି, ଭଲପାଇବା ଝରିଆସେ
ଗାଁ ମୁଣ୍ଡରୁ ପାଦର ପାଉଁଜି, ହାତ ଚୁଡ଼ିର ରୁଣୁଝୁଣୁ
କହିଦିଏ, ତୁ ଏକ୍‌ଲା ନୁହଁ
ସ୍ୱପ୍ନ ଦେଖ୍, ଜହ୍ନରାତିର
କାନ୍ଧରେ ମାଦଳ ଝୁଲେଇ
ସୁର ତୋଳି ଦେ ।
ଝୋଲାକଡ଼କୁ କ୍ଷେତ କର
ଜାଗା ଦେଖି ଘର ବସା
ସାହୁକାରର ନାଳିସକୁ ପରୱା କରନା ।

ଧରତନୀ ମାଆ ତ' ସବୁ ଦେଇଛି
ଖଳାକୁ ସୁଆଁ, ମାଣ୍ଡିଆ, ବାଜରା
ପରବକୁ ନାଚ-ଗୀତ
ଦୁଃଖର କ୍ଷତ ଉପରେ
ଲେପି ଦେଇଛି ଶାଗୁଆ ପ୍ରଲେପ ।
ମନକୁ ପାଇଲା ଭଳି
ଗଢ଼ି ଦେଇଛି ଧାଂଡ଼ି
ଯେ ଗଢ଼ିଦିଏ ଜୀବନକୁ
ଠିକ୍ ଜୀବନ ପରି,
'ବେରଣମୁଣ୍ଡା'ରେ ଯାବତୀୟ
ଦୁଃଖ-ସୁଖ, ଅଳି-ଅର୍ଦ୍ଦଳି
ମୁଣ୍ଡ ଉପରେ ଦାଦିବୁଢ଼ାର
ବରଦହସ୍ତ ।

ହାୟରେ ! ଦଇବ
ତଥାପି, ପତର ଝଡ଼େ
ହାତର କାଚ ଭାଙ୍ଗେ,
ମାଦଳ ଫାଟେ,
ବନ୍ଧୁ ପଣ ହୁଗୁଳେ,
ଭିଟାମାଟିରୁ ଉଭେଇ ଯାଆନ୍ତି
ପୂର୍ବଜଙ୍କ ଆତ୍ମାର 'ଡୁମା'
କୋଇଲି ହଜେ ପତ୍ର ଗହଳରେ ।

ଶୁକୁଜାନି ଚାଲୁଥିଲା
ତା' ଭିତରୁ କିଏ ଗାଉଥିଲା ଗୀତ
ତାକୁ ସ୍ନେହରେ ଛୁଇଁ ଦଉଥିଲା ପବନ,
ଜୀବନରେ ନିରାଶା ନୁହେଁ
ଆଶାରେ ବଞ୍ଚିବା ସବୁଠୁ ବଡ଼କଥା ।

ଶୁକୁଜାନି ଗାଁକୁ ଫେରୁଥିଲା ।


♥ ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ
ବିଶ୍ୱବିଦ୍ୟାଳୟ, ବ୍ୟାସବିହାର,
ବାଲେଶ୍ୱର-୭୫୬୦୮୯,
ଫୋନ: ୭୯୭୮୯୦୩୩୪୫



▶ ଫଟୋ: ଦେବାଶିଷ ପାତ୍ର

# ନାଟକ ମୋ ଘରର ଦୈନନ୍ଦିନର

ତପନ ମାଝୀ



▶ ଚିତ୍ର : ଶ୍ରୀ ଉପମା ଓଝା

ନିତି ରାତି ପାହି
ସକାଳ ହେଲେ
ଶଂଖ ଘଣ୍ଟା ଆଳତୀରେ
ମୋ ଘରର ଭିନ୍ନ ଭିନ୍ନ
ଚରିତ୍ର ମାନଙ୍କର ନିଦ ଭାଙ୍ଗେ
ନୂଆ ନାଟକ ମଞ୍ଚସ୍ଥ ପାଇଁ ।

ଚିଟ୍‌ଫଣ୍ଡରେ ହରେଇଥିବା
ନିବେଶ ଅର୍ଥକୁ ପାଇବା ଆଶାରେ
ଅସହାୟ ମୋ ବାପା
ଗୋଟେ ହଡ଼ା ବଳଦ
ହତାଦରକୁ ଖାତିର ନାହିଁ ।

ବେଖାତିର ଭାବରେ
ବାରବୁଲା ଷଣ୍ଢର ପାକୁଳି ପରିକା
ଜେଜେଙ୍କ କାହାଣୀ ।

ଭାଗ ନେଇ ଭୂଆ ବିରାଡି ଭାଇ
ଫରେନ୍‌କୁ ଫେରାର
ଆଉ ଫେରିବାର ନା'ନାହିଁ ।

ଆଉ ଫିଂ'ବାର
ରେପ୍ ହୁଏ ମୋ ସ୍ତ୍ରୀ
ରାସ୍ତାର ବାରବୁଲା କୁତ୍ତି ପରି
ଘରର ଶାସନରେ
ଅନୁଶାସନରେ
ଅଭାବ ଓ ଅନଟନରେ ।

ବେଳେ ବେଳେ ଏଠି
କାଉ, ଚିଲ ଓ ଶାଗୁଣାଙ୍କର
ଆଖି ପଡେ ନୂଆ ନିୟମର
ଇସ୍ତାହାରକୁ ନେଇ
ଯଦିଓ କେବେଠୁ
ପରଘରି ହେଲେଣି
ନାନୀ, ଅପା, ପିଉସୀମାନେ ।

ସଂପତ୍ତି ଭାଗ ଓ ଭୋଗର
ମୋହରେ କାକା ଖୁଡି ପଡ଼ୋଶୀ
ଯେମିତି ଅଜେୟ ଅଜବ ଅଜଗର ।

ତଥାପି ମୋ
ପାରିଲା ପଣର ବାଘରଡି,
ସିଂହ ଗର୍ଜନ ଆଗେ ନାଚାର
ସବୁ ଉଙ୍କି ମାରୁଥିବା
କଦାକାର ପାଞ୍ଚମନ
ପଚିଶ ପ୍ରବୃତ୍ତି
ମୁଁ ଏ ଘରର
ମଂଗ ଧରିଛି ବୋଲି ।

♥ ଅଭଣା, ବାଲେଶ୍ୱର-୭୫୬୦୫୧
ଫୋନ୍ : ୭୨୦୫୪ ୭୦୦୭୦



▶ ଫଟୋ ତପନ ମାଝୀ

# ଶୋଉ ନଥିବା ନଈ

## ବିଜୟ ମହାପାତ୍ର

କ'ଣ ଭାବି ଶୋଇ ପାରନ୍ତିନି ଲୋକମାନେ ?
ପୁଅର ଚାକିରୀ ନାଇଁ, ସିଲିଣ୍ଡର ଆକାଶଛୁଆଁ
ତେଲଦର ଧରା ଦେଉନଥିବା ଖସରା ମାଗୁର ମାଛ
ନା ଆଉ କ'ଣ !

ଏଥର ଆମ କଣ୍ଠରୁ ବେସୁରାଗୀତ ବାହାରିବ
ଜିନ୍ଦାବାଦରୁ ମୁର୍ଦ୍ଦାବାଦ
ବାରିକେଡ୍ ବନ୍ଧ ଭାଙ୍ଗି ନଈପାଣି
ଉଛୁଳି ପଡ଼ିବ ଏଥର
ଲୋକମାନେ ଆଉ ଶୋଇବେ ନାଇଁ
ଡହଳ ବିକଳ ହେଉଥିବା ପେଟ ଚାଖଣ୍ଡକ ପାଇଁ
ନାଲିଗାମୁଛା ମୁଣ୍ଡରେ ବାନ୍ଧି
ଊରୁ ସନ୍ଧିରେ ଭଲଭାବରେ ଉଷୁମ ତେଲ ଘସି
ବୀରଦର୍ପରେ ଚାଲିବେ ଆଗକୁ ଆଗକୁ
ବିଷମ କଟକରୁ କଟକକୁ
ମହାନଦୀରୁ ସୁବର୍ଣ୍ଣରେଖା,
ପ୍ରେତ ବୈତରଣୀ ଆହୁରି ସ୍ଫୁରିତ ହେବ,
ନଈମାନେ ଶୋଇ ପାରିବେନି ଜମାରୁ !

ମୁଁ ସିନା ଓଡ଼ିଆପୁଅ ଭୋକ ହେଲେ
ଶୋଇ ପଡ଼ୁଚି ନିଦରେ
ମୋ'ରି ଆଗରେ ଏ ମେଘମାନେ
ଏ ନଈମାନେ କେତେ ହଜାର ବର୍ଷ ତଳୁ
ଶୋଇ ନାହାନ୍ତି ଖାଲଖମାରରେ
କୋଉ ହ୍ରଦ ବି କୋଳାଗ୍ରତ କରିପାରିନି
କେଉଁ ଆକଟରେ !

ମାନେ ଧରିନେବାକୁ ହେବ
ଜଳ ତରଳ ହୋଇ ବହୁଛି
ଜଠରର ଅଗ୍ନି ହୋଇଯାଉଛି ଆଗ୍ନେୟଗିରି ଯେ
ତାହା ଆଉ ଶୋଉନି
କି ଶୋଇ ପାରୁନି ।

♥ ଶ୍ୟାମପୁର, ପ୍ଲଟ-୭୭୯/୧୧୪୭/୩୫୨୫, ସବ୍ ପ୍ଲଟ-୧୫
ଡାକଘର: ମହାଲକ୍ଷ୍ମୀବିହାର, ଭୁବନେଶ୍ୱର-୭୫୧୦୨୯
ଫୋନ:୮୨୪୯୦୭୯୮୫୩



▶ ଛବି ବିଜୟ ମହାପାତ୍ର

# ସମ୍ପର୍କ

## ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ

ଅଦୃଶ୍ୟ ଖୁସିର ଖୋଳାରେ
ଟୋପେ ଟୋପେ ହୋଇ ଝରୁଚି
ବିକଳ ଆୟୁଷ ।
ମାଟିରେ ଠିଆ ହେଇଚି ବୋଲି
ଯାହା ଭାବୁଚି !
ତମକୁ ଖୋଜିବାରେ ସରିଗଲାଣି
ବିଶ୍ୱାସର ପ୍ରେମ, ସ୍ୱପ୍ନର ପାହାଡ଼
ଛଳନା ମୋତେ ବୁଝିଲାନି !
ବୁଝିଲାନି କେମିତି ଭାଂଗି ଦିଆ ହୁଏ
ନିଟୋଳ ବାସ୍ନାର ଅଧରାତିକୁ !
ନିରବତାର ମହମହ
ଏକ୍ଲା ଚଢ଼େଇର ଗୀତ ସବୁକୁ

ତମେ ଝୁଲେଇ ଦେଇଚ ଯେ'
ନା' ମୁଁ ସଳଖି ପାରୁଚି
ନା'ଝୁଣ୍ଟି ହେଉଛି !
ଗୋଟେ ତୀବ୍ର ଇଚ୍ଛାକୁ
ନାପସନ୍ଦ କରିବାର
ତମର ଅବୁଝାପଣ
ତଥାପି ତମକୁ ଖୋଜିବାର
ଝାପ୍ସା ଝାପ୍ସା ଚିତ୍ର ସବୁ
ମୋ ମନରେ ପହଁରୁଚି
କାହିଁକି କେଜାଣି !

ଥିଲା: କବିତାର ଧାଡ଼ି ପରି ନିବିଡ଼ ନିବିଡ଼
ଛୁଇଁ ଛୁଇଁ ହେଉ ନଥିବା
ଆମ ସମ୍ପର୍କର ଝୋ ଝୋ ଶ୍ରାବଣ ?
କଥା ଏତିକି: ଶେଷ ହେଇ ପାରୁ ନଥିବା
ଏ ସମ୍ପର୍କର ନାଁ କ'ଣ ଦେବି ବୋଲି
ଖୋଜି ହେବା ବେଳକୁ
ନିଛାଟିଆ ପଣରେ
ବତୁରି ଯାଉଚି ସମୟ !!

♥ କୋଲନରା,
ରାୟଗଡ଼ା-୭୬୫୦୧୭
ଫୋନ: ୮୯୧୭୩୨୪୫୨୫



▶ ଛବି ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ

# ବାଟ କଡ଼ରେ ସ୍ଥିର ସମୟ

## ବିଜୟ କୁମାର ଜେନା



▶ ଚିତ୍ର : ଶିଳ୍ପୀ ଡା. ଦୀନବନ୍ଧୁ ସାହୁ

କେଜାଣି, ହୃଦୟର ବୟସ ବଢ଼େ କି ନାହିଁ
ଏଠି କିନ୍ତୁ ହୃଦୟ ସେଇଠି ଅଟକିଛି, ସେଇ ବୟସରେ ।
ଯେଉଁଠି ଦିନେ ବୁଲି ବୁଲି ଥକି ଯାଇଥିବା ମନ
ହୃଦୟକୁ ବସେଇ ଦେଇ ଯାଇଛି,
ଖୋଜିବାକୁ କଣ କେଜାଣି !
ସେଇଠି, ଯେଉଁଠି ବାଆଁପଟେ ବାଉଁଶବଣ
ମଝିରେ ସଡ଼କ ଓ ଡାହାଣକୁ ରେଳ ଧାରଣା ।
ଆଗକୁ ବା ପଛକୁ ଯାଇହେବ ଅନେକ ଦୂର
କିନ୍ତୁ ହୃଦୟ ସେଇଠି ଅଟକିଛି ।

ସିଟି ବଜେଇ ବଜେଇ ସବୁଜ ପତାକା ଦେଖାଇ
ରେଳ ଯାଏ, ନିର୍ଦ୍ଦିଷ୍ଟ ଧାରଣା ଉପରେ ଉଭୟ ଦିଗରେ
ଦିନରେ ଯେତେଥର, ରାତିରେ ବି ସେତିକି ।
ପେଁ ପାଁ ହର୍ଣ୍ଣ ମାରି ଗାଡ଼ି ସବୁ ଗଡ଼ିଯାଏ
ଆଗକୁ ପୁଣି ପଛକୁ;
ବେଳେ ବେଳେ ରହିଯାଏ କ୍ଷଣିକ ପାଇଁ
ଦିନରେ ବି ରାତିରେ ବି ।
କିନ୍ତୁ ହୃଦୟ ସେଇଠି ଅଟକି ରହିଛି ।

ସେଥର ବାଉଁଶ ଗଛରେ ଫୁଲ ହେଲା
ପେନ୍ଥି ପେନ୍ଥି ଫଳିଗଲା ଧାନ, ଝଡ଼ିଲା ।
ଷାଠିଏ ବର୍ଷ ପରେ ବାଉଁଶରେ ଧାନ ହୁଏ
ସେ ବର୍ଷ ଅକାଳ ପଡ଼େ ବୋଲି କୁହାକୁହି ହେଲେ ।
ଚାହୁଁ ଚାହୁଁ ମରିଗଲେ ଗୋଟି ଗୋଟି ହେଇ ବାଉଁଶ ସବୁ,
ଶୁଖିଗଲା ପୁରା ଜଙ୍ଗଲ ।



▶ କବି ବିଜୟ କୁମାର ଜେନା

ଖାଲି ମୂଷାମାନେ ଖେଳୁଥିଲେ ଲୁଚକାଳି
କହରା କସରା ଉଜୁଡ଼ା ବାଉଁଶ ମୁଳି ସନ୍ଧିରେ ।
କିନ୍ତୁ ହୃଦୟ !
ଟିକେ ଉଦାସ ହେଲା ସିନା, ଉଠିନି ସେଠାରୁ ।

ହୃଦୟର ଆଖି ଲୁହରେ ବିଚଳିତ ହେଲେ
ସେପଟେ ଉଡ଼ି ଯାଉଥିବା ମେଘ,
ଯାଉଁ ଯାଉଁ ଢାଳିଦେଲେ ପାଣି ।
ହୃଦୟ ଓଦା ହେଲା, ଓଦା ହେଲା ମାଟି ।

ସେଦିନ ନୂଆ କଥା ହେଲା, ହୃଦୟ ହସିଲା ।
ହସିଲା, ସେ ବସିଥିବା ଜାଗାକୁ ଦେଖି;
ତା ଚାରି ପାଖରେ ଉଠି ଆସୁଥିଲେ
କୁନି କୁନି ବାଉଁଶ ଗଛ ।
ସରୁ ସରୁ ଆଙ୍ଗୁଳି ଦେଖାଇ କହୁଥିଲେ,
ସେମାନେ ଏବେ ବଢ଼ିବେ ଆହୁରି ଷାଠିଏ ବର୍ଷ ।

ଏପଟେ ଗାଡ଼ି ଗଡୁଥିଲା, ଚାଲିଥିଲା ରେଳ
ଚଢ଼େଇ କେତୋଟି ଅପେକ୍ଷାରେ ଥିଲେ
ବସା ବାନ୍ଧିବାକୁ ।
ମୂଷାମାନେ ଅଳ୍ପ ଦୂରରୁ ଜୁଲୁ ଜୁଲୁ ଚାହୁଁଥିଲେ
ଏବେ ତାଙ୍କ ସମୟ ଆସିନି;
ବାଉଁଶରେ ଧାନ ଫଳିବାକୁ ଅଛି ବେଶ୍ କିଛି ବର୍ଷ ।

ହୃଦୟ କିନ୍ତୁ ସେଇ ବୟସରେ
ସେଇଠି ବସିଛି, ହୁଏତ ବସିଥିବ
ଆଉଥରେ ବାଉଁଶରେ ଧାନ ଫଳିବା ପର୍ଯ୍ୟନ୍ତ ।

♥ ନାଲ୍‌କୋ ଟାଉନଶିପ୍, ଦାମନଯୋଡି-୭୬୩୦୦୮, କୋରାପୁଟ,
ଫୋନ: ୯୪୩୭୪୩୩୬୫୪



▲ ଚିତ୍ର : ଶିଳ୍ପୀ ସ୍ନିଗ୍ଧା ତ୍ରିପାଠୀ

# ମୋର ମୃତ୍ୟୁ ପରେ

## ଐଶ୍ୱର୍ଯ୍ୟା ପ୍ରଧାନ

ମୋର ମୃତ୍ୟୁ ପରେ
ସଭିଏଁ ରୁଣ୍ଡ ହୋଇଯିବେ
ମୋ ଶବ ଚାରିପାଖେ,
କାହା ଆଖିରୁ ବହି ଯାଉଥିବା ଧାର ଧାର ଲୁହ ,
ତ କିଏ ନିରବରେ ଠିଆ ଅବା ବସିଥିବ,
ଜଣେ ଅଧେ ମୋର ଭଲଭେଲ ବର୍ଣ୍ଣନା କରୁଥିବ,
କିନ୍ତୁ ମୁଁ ନା ଶୁଣି ପାରୁଥିବି,ନା ଦେଖି ପାରୁଥିବି,
ମୁଁ ଯେ ଚିରଦିନ ପାଇଁ ନିରବି ଯାଇଥିବି ଗୋଟାପଣେ ।

ମୋର ମୃତ୍ୟୁ ପରେ,
କିଏ କୋକେଇ ସଜାଡୁ ଥିବ,
ଖଇ ଭାଜି ସାରି ଗୋବର ପାଣି ଗୋଳା ହେଉଥିବ
ମୋର ମରଶରୀରକୁ ମଶାଣି ଅଭିମୁଖେ ନେଲା ପରେ
ଛିଞ୍ଚି ଦେବେ ବୋଲି ଘରେ, ଦାଣ୍ଡ ଆଉ ଦୁଆରେ ।

କେତେ ଯେ ନୂଆ ଧଳା ଧୋତି ଘୋଡ଼େଇ ଦଉଥିବେ ମୋତେ,
ମୁଁ କ'ଣ ପିନ୍ଧି ପାରିବି ?
ମୁଁ ତ ଶୋଇ ସାରିଥିବି
ଚିର ନିଦ୍ରାରେ ।

ମୋର ମୃତ୍ୟୁ ପରେ,
କେତେ ଯେ ଲୋକ ଚାଲିଥିବେ ମୋ କୋକେଇ ସାଙ୍ଗରେ
ଜାଳିବା ପାଇଁ ମୋତେ ଜୁଇରେ,
ଆସି ନ ଥିଲେ କେହି ମୋ ପାଖକୁ,
ପଡ଼ିଥିଲି ଯେବେ ରୋଗ ଶଯ୍ୟାରେ
ଏ ସହସ୍ର ସଖା ମୋ ପାଇଁ ଯେ ମୂଲ୍ୟହୀନ,
ମୁଁ ତ ବିଲୀନ ହୋଇ ସାରିଛି ପଞ୍ଚ ଭୁତରେ ।

ମୋର ମୃତ୍ୟୁ ପରେ,
ଲାଗି ପଡିବେ ଦଶାହ,ଏକାଦଶାହ କାର୍ଯ୍ୟରେ
କେତେ ପ୍ରକାର ମିଠା, କେତେ ଆଇଟମ୍‌ର ହିସାବରେ
ଦାନ ଦକ୍ଷିଣା, ବ୍ରାହ୍ମଣ ଭୋଜନର ବ୍ୟବସ୍ଥାରେ,
ମୁଁ ଆଉ ପାଇ ପାରିବି କି କିଛି ?
ମୋର ସତ୍ତା ଯେ ନ ଥିବ ଆଉ ପୃଥିବୀରେ ।

ଯେବେ ବଞ୍ଚିଥିଲି,
ଭଲ ପିନ୍ଧିବା ଖଣ୍ଡେ ପାଇ ନ ଥିଲି,
ପାଟିରେ ବାଜି ନ ଥିଲା ଭଲ ଖାଇବା ଟିକିଏ,
ପାଇଥିଲି ଘୃଣା
ଯେତେ କମେଇଥିଲି ସବୁ ତ ସମର୍ପି ଥିଲି,
ବୃଦ୍ଧାବସ୍ଥାରେ ପାଇବା ପାଇଁ ଟିକିଏ ଶୁଶ୍ରୂଷା
କାଇଁ ପାଇଲିନି ତ କିଛି !
ମୃତ୍ୟୁ ପରେ ଏ ଭୋଜିଭାତ, ଭୋଗରାଗ, ଦାନ ଆଉ ଦକ୍ଷିଣା ସବୁ ତ ତୁଚ୍ଛ
ମୁଁ ତ ଜଳି ସାରିଥିବି ମଶାଣି ଭୁଇଁରେ ।

ମୋର ମୃତ୍ୟୁ ପରେ,
ଭୋଜିଭାତର ପ୍ରଶଂସାରେ
ମୋ ଆତ୍ମୀୟସ୍ୱଜନଙ୍କ ଛାତି ଫୁଲି ଉଠୁଥିବ ଗର୍ବରେ,
କିଏ କିଏ ସେଲ୍‌ଫି ନେଉଥିବେ ଫୁଲହାର ଲଗା ମୋ ଫଟୋ ପାଖରେ
ଫେସ୍‌ବୁକ୍ ହ୍ୱାଟ୍‌ସଆପ୍‌ରେ ଛାଡ଼ିବା ପାଇଁ,
କେତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ,
ତା'ର ସୀମା ହିଁ ନାହିଁ

ନା ମୁଁ ଜାଣି ପାରିବି,ନା ଦେଖି ପାରିବି
ମୋ ଆତ୍ମା ତ ଯାଇ ସାରିଥିବ ଅଫେରା ରାଇଜକୁ,
ପ୍ରାଣପକ୍ଷୀ ମୋର ଉଡ଼ି ଯାଇଥିବ ଦୂରକୁ,ବହୁ ଦୂରକୁ ।

♥ କନ୍ଧେଇମାଳ, ଉକ୍ଳେଲା, କଳାହାଣ୍ଡି-୭୬୬୦୧୧,
ଫୋନ: ୭୦୦୮୯୩୧୫୯୯



▼ କବି ଐଶ୍ୱର୍ଯ୍ୟା ପ୍ରଧାନ

# ସବୁକିଛି ଶେଷ ହେଇଗଲା ପରେ

**ପତିତପାବନ ପାଣି**

ସବୁକିଛି ଶେଷ ହେଇଗଲା ପରେ
ପୁଣି କେହି ଜଣେ ଧସେଇ ପଶେ
ଠିକ୍ ମୁଣ୍ଡ ଟେକି ଛିଡା ହେଇଥିବା ପାହାଡ଼ ସନ୍ଧିକୁ
ମେଘଖଣ୍ଡ ଧସେଇ ପଶିଲା ପରି
ପୁଣି ଭିଜାଏ ପୁଳା ପୁଳା ପ୍ରେମରେ
ହଜି ଯାଇଥିବା ସମ୍ପର୍କର ପଟା ପାଉତି ଖୋଜି ଆଣି
ମୋତେ ପୁଣି ବିଭୋର କରେ
ଏକ ନୂଆ ପାହାନ୍ତିଆ ସ୍ୱପ୍ନରେ ।

ସବୁକିଛି ଶେଷ ହେଇଗଲା ପରେ
ମୋକ୍ଷ ଗୋଟାଏ ବିଶ୍ୱାସ ହେଉନଥିବା
ମିଛ ବୋଲି ଧରିନେଲା ପରେ
କେହି ଜଣେ ପୁଣି ମୋ ରାଶିଫଳ ହେଇ ଆସେ
ମୋ ଭାଗ୍ୟରେଖାରେ ବସେ
ଟାଙ୍ଗରା ଡ଼ଙ୍ଗର ପାହାଡ଼ କୋଳରେ
ପୁଣି ସୋରିଷ ଫୁଲ କିଛି ନହନହକା ହସେ ।

ସବୁକିଛି ଶେଷ ହେଇଗଲା ପରେ
ଯେତେବେଳେ ମୁଁ ଚାତକ ପରି ମୃତ୍ୟୁକୁ ଅନେଇ ବସେ
ପୁଣି କେହି ଜଣେ ଧସେଇ ପଶେ
ଶ୍ରାବଣର ମେଘ ହେଇ ଖୁବ୍ ବରଷେ
ଓଦା ଓଦା ଓଠକୁ କଲମ କରି
ମୋ ଓଠ ଉପରେ ଆଙ୍କିଦିଏ ପ୍ରେମ ଆକାଶେ ।

ସବୁକିଛି ଶେଷ ହେଇଗଲା ପରେ
ମୁଁ ଛଳନାର ଅନ୍ଧାରକୁ ଯାବୁଡ଼ି ବସେ
ପୁଣି କେହି ଜଣେ ଜହ୍ନ ହୋଇ ଆସେ
ପୋଛି ଦେବାକୁ ମୋ ବଖରାଏ ଅନ୍ଧାର
ମୋ ଓଳି ପାଖ ଝରକାରେ
ପୁଣି କାହା ମେହେନ୍ଦି ଲଗା ହାତ ପଶେ
ସେ ଆଲୁଅରେ ମୁଁ ମୋ ଅସ୍ତିତ୍ୱ ଖୋଜେ
ଆଉ ଭବିଷ୍ୟତ ଉପରେ ପୁଣି କିରି କିରି ହସେ !

❤ ଆରଡ଼ି ଛକ, ପ୍ରାଚୀନଗର,
ଦୁର୍ଗାମଣ୍ଡପ ନିକଟ,
ଭଦ୍ରକ-୭୫୬୧୮୧
ଫୋନ: ୬୩୭୧୨୧୫୬୫୩



▶ ଫଟୋ ପତିତପାବନ ପାଣି

# କାନଫୁଲର ଇତିହାସ

**ବୈକୁଣ୍ଠନାଥ ସାହୁ**

ସେଦିନ ଆମେ ଲକ୍ଷ୍ମୀପୁରରେ ପହଞ୍ଚିଥିଲୁ ତିନିଜଣ;
ଜଣେ ସମାଜସେବୀ, ଜଣେ ସାମ୍ବାଦିକ ଏବଂ ଏ ଲେଖକ ।
ବିଜୟାକୁ ଦେଖିବାକୁ ପଠାଇଥିଲେ, ରମଣୀରଂଜନ,
ବିଜୟା ରମଣୀରଂଜନଙ୍କ ଝିଅ,
ବାହା ଦେଇଥିଲେ ଦୂର ଗାଁ ଲକ୍ଷ୍ମୀପୁରରେ
ଦଶବର୍ଷ ତଳେ ।

ଶୁଣିଲୁ, ବିଜୟା ନଥିଲା ଘରେ,
ଶାଶୁଘର ଛାଡ଼ି ଚାଲି ଯାଇଛି ଦି'ବର୍ଷ ତଳେ;
ଏ ଘର ଛାଡ଼ିବାକୁ ବାଧ୍ୟ କରିଥିଲେ,
ତା'ର ଶାଶୁ, ଶ୍ୱଶୁର ଆଉ ତା'ର ଶାଶୁଘର ଲୋକେ ।

ଗତ ଦଶ ବର୍ଷ ଭିତରେ ବିଜୟା ହରେଇଛି ଅନେକ,
ହରେଇଛି ସ୍ୱାମୀ, ଏକମାତ୍ର ସନ୍ତାନ,
ତା'ର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ତା'ର ବାକ୍‌ଚାତୁରୀ, ପରୋପକାରିତା,
ସେ ହେଇ ଯାଇଛି, ଦୀନାହୀନା, ଭାଗ୍ୟହୀନା ।

ଜାଣିବାକୁ ପାଇଲୁ: ଛ'ସାତ ଦିନ ତଳେ ହଜିଯାଇଥିଲା ତା'ର କାନଫୁଲ,
ଯାହା ତା'ର ବାପଘରର ଶେଷ ସନ୍ତକ;
ଯାହାକୁ ରମଣୀରଂଜନ ଦେଇଥିଲେ ବାହାଘରରେ,
ବାରଣା ଓଜନର କାନଫୁଲ, ପଥରବସା,
ଝଟକୁଥିଲା ଦୁଇଟି ତାରା ପରି ଆକାଶରେ ଅବା ।

ଆହୁରି ଶୁଣିଲୁ; ବିଜୟା କାଳେ କେବେ କେବେ
ରାତି ଅଧରେ ଘରଛାଡ଼ି ଚାଲିଯାଏ ଦୂରକୁ,
ସମସ୍ତଙ୍କ ଅଜ୍ଞତାସାରରେ ଯାଏ କେବେ ମଧ୍ୟ,
ବିଜୟା କାନରେ ନାହିଁ କାନଫୁଲ,
ହଜେଇଛି ରାତିର ଅନ୍ଧକାରରେ ।

ତା'ପରେ ମାଡ଼ଗାଳି ଅତ୍ୟାଚାରରେ ବିଜୟା
ଛାଡ଼ିଛି ଶାଶୁଘର ଫେରି ନାହିଁ ଆଜିଯାଏଁ ।
ସବୁ ଶୁଣି ଆମ ସମସ୍ତଙ୍କ ଆଖିରେ
ଜମି ଯାଇଥିଲା ଧାର ଧାର ଲୁହ ।

❤ ପ୍ଲଟ୍ ନଂ-୧୪୪୦, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୭୫୧୦୧୩, ଫୋନ: ୯୪୩୭୧୪୮୮୫୫



▶ ଫଟୋ ବୈକୁଣ୍ଠନାଥ ସାହୁ

# ସ୍ୱର ସମଦ୍ରର

**ବିଚିତ୍ରା ଦାଶ**



ଚିତ୍ର : ଶିଳ୍ପୀ ଚିତ୍ରା ଦାଶ

ମୋତେ ନୀରବତାର କଥା ପଚାରୁଛ ନବାରୁଣ ?

ମୋଅର ମନ ତ
ପବନ ଠୁ ପ୍ରଖର ଆହୁରି
ଝରଣା ଠୁ ଅଧୀର
ନୀରବତାର ନାମାବଳୀଟେ ଢ଼ାଙ୍କେଇ
କେଡ଼େ ସହଜରେ ଏ ମନକୁ କରିପାରିଛି ଅକ୍ତିୟାର
ମୋତେ କହିପାର ତମେ
ମୁଁ ଜଣେ କୁଶଳୀ କାରିଗର !

ସେ ନାମାବଳୀକୁ ଅନାବରଣ କରି ଦେଖିପାର
ଯେତେଯେତେ ଯନ୍ତ୍ରଣାଙ୍କ ଜନ୍ମ ଜାତକ
ଷୋହଳ ବୟସୀ ସ୍ୱପ୍ନଙ୍କ ମୃତ୍ୟୁ ତାରିଖ
କୁନିକୁନି ପ୍ରଜାପତିଙ୍କ କଟା ଡେଣା
କଅଁଳିଆ ପତ୍ରଙ୍କ ଝଡ଼ିବାର କାନ୍ଦଣା
ଫଗୁଣ ଫୁଲଙ୍କ ବନ୍ଧ୍ୟା ବେଦନା
ସବୁ ପାଳଟିଛି କୁଡ଼କୁଡ଼ କଙ୍କାଳ
ନିଖୋଜ ହୁଏ ସଞ୍ଜ ଓ ସକାଳ
ଖେଳେ ଖଇଫୁଟା ଖରାବେଳେ
କିନ୍ତୁ ତରଳ ଶୀତଳ ମୁଁ ସବୁକାଳ ।

ନବାରୁଣ ଜାଣିପାରିଲ ତ
ମୋ' ନୀରବତାର କାରଣ ?

ଜାଣେନା-
କିଏ ସେ କାନରେ କହିଗଲା
ତୋର ଆକାଶ ହେବାରେ ସାର୍ଥକତା
ମାଟି ହେବାରେ ଶ୍ରେଷ୍ଠତା
ସଜ କାକରକୁ କଳଙ୍କ କରି
କପାଳରେ ସଜେଇବା ସୁନ୍ଦରତା

ଦେଏ କୁଟେଇ ଦେ'
ତୋଅର ପ୍ରତିଟି ଅଙ୍ଗପ୍ରତ୍ୟଙ୍ଗରେ
ଅପବାଦର ନାନାରଙ୍ଗ ଚିତା
ତଥାପି ମୁଁ ଧର୍ମ ବୋଲି ବୁଝେ ନୀରବତା !

ଅଜାଣତରେ ମୋର ତିଆରି ଚାଲୁଥାଏ
ସହସ୍ର ଷଡ଼ଯନ୍ତ୍ର ସନ୍ଧି
ମୋ' ଆତ୍ମପ୍ରତ୍ୟୟକୁ
ଗୋଟାଏ ବୃତ୍ତରେ କରାଯାଏ ବନ୍ଦୀ !

ମୁଁ ନାରୀ-
କାଳକାଳ ନିରବ ନିଶ୍ଚଳ
ନିର୍ବିକାର ନଦୀ
ସେ ନଦୀରେ ହୁଏନା ବଢ଼ି
ଫୁଟେନା କଇଁ କଢ଼ି
ଥାଏ କେବଳ କାଚକେନ୍ଦୁ ପାଣି
ଅତଳତଳ ପାଣି ତଳେ କଳାକଳା ପଙ୍କ
ପଙ୍କ ଭିତରେ ଫରୁଆ
ଫରୁଆରେ ସଯନତ୍ନେ ସାଇତିଛି
ଅୟୁତ ଯୁଗର ଅବସୋସ: ଦୀର୍ଘଶ୍ୱାସ
ହା ହୁତାଶ ଓ ଆଦିମ ଶୋଷ

ଫିଟି ପଡ଼ିବ ଫରୁଆ ତ
ଦି' ହାତ ଥିବ ମୋର ସମର୍ପଣ ମୁଦ୍ରାରେ
(ତମେ)ବିଶ୍ୱାସ କରିବ ନବାରୁଣ
ସମୟକୁ ବି ସମୟ ମାଗିବିନି
ସମୁଦ୍ର ହେବାରେ
ମୁଁ ରୁହେ ପଛେ ଚର୍ଚ୍ଚାରେ

ହଁ ହଁ ମୁଁ ରୁହେ ପଛେ ଚର୍ଚ୍ଚାରେ !



ଚିତ୍ରା ଦାଶ

ଶ୍ରୀମୟ, ଇନ୍ଦ୍ରଦ୍ୟୁମ୍ନ ଛକ, ଟିକରପଡ଼ା, ପୁରୀ-୨
ଫୋନ : ୯୪୩୮୫୦୪୫୮୯

# ଅଧରକାରୀ



# ଅଦରକାରୀ


## ପ୍ରଶାନ୍ତ ନନ୍ଦ

ପ୍ଲଟ୍ ନଂ-୧୪୧୦, ଲେନ୍ ଥ୍ରୀବି,
ନିଉ ଫରେଷ୍ଟ ପାର୍କ, ବାପୁଜୀ ନଗର,
ଭୁବନେଶ୍ୱର-୭୫୧୦୦୯
ଫୋନ: ୯୪୩୭୩୦୦୦୦୧


ଚିତ୍ର : ସଞ୍ଜୟ କୁମାର ରାଉଳ

**ପରଦିନ ଜଳଖିଆ ଖାଇସାରି ସମସ୍ତେ ଚାରି ମହଲାରେ । ସୁଜନ ବାବୁ ସକାଳୁ ସକାଳୁ ଗୋଟେ ବଣିଆକୁ ଡାକି ଆଣିଚନ୍ତି । ବଡ଼ପୁଅ ହାତରେ ଦି ଫର୍ଦ୍ଦ କାଗଜ ଆଉ ଗୋଟେ କଲମ । ସବୁ ଗହଣା ତକ ଡବାରୁ ଓହ୍ଲେଇଲେ କାର୍ପେଟ୍ ଉପରେ ଥିବା ବେଡ୍‌ସିଟ୍ ଉପରକୁ । ସବୁ ଅଲଗା ଅଲଗା । ଗୋଟାଏ ପଟରୁ ଝିଅ ଗୋଟେ ଗୋଟେ ଗହଣା ବଢେଇ ଦଉଥାଏ ବଣିଆକୁ । ବଣିଆ ଓଜନ କରି ବଡ଼ ପାଟିରେ କହୁଥାଏ ଓଜନ କେତେ ହେଲା । ତା'ପରେ ବଣିଆ ବଢ଼େଇ ଦଉଥାଏ ସାନବୋହୂ ହାତକୁ । ସାନବୋହୂ ଦେଇ ଦଉଥାଏ ବଡ଼ ଯାଆକୁ । ବଡ଼ଯାଆ (ବଡ଼ବୋହୂ) ତାକୁ ଅଲଗା କରି ଗୋଟାଏ ଜାଗାରେ ରଖୁଥାଆନ୍ତି । ଗୋଟାଏ ସୋଫାରେ ସୁଜନ ବାବୁ ଆଉ ଗୋଟେ ସୋଫାରେ ତାଙ୍କ ସ୍ତ୍ରୀ ବସି ଦେଖୁଥାଆନ୍ତି ସମସ୍ତଙ୍କ ମୁହଁ ।**



◀ ଗାଳ୍ପିକ ପ୍ରଶାନ୍ତ ନନ୍ଦ

ସୁଜନ ବାବୁଙ୍କ ଘର ବହୁତ ଦିନ ପରେ ଆଜି ଭର୍ତ୍ତି । ଖୁସିରେ ସୁଜନବାବୁ ଆଉ ତାଙ୍କ ସ୍ତ୍ରୀ ଏତେ କର୍ମଚଞ୍ଚଳ ହୋଇ ପଡ଼ିଛନ୍ତି ଯେ ଔଷଧ ସବୁ ଠିକ୍ ସମୟରେ ଖାଇବାକୁ ମନେ ପଡୁନି । କାଇଁ ଖୁସି ହେବେନି ? ଆଜିକାଲି ଯୁଗରେ ଏ ବୟସରେ ପିଲାମାନେ ବାହାରେ ଚାକିରି ବାକିରି କରି ରହନ୍ତି । କେତେବେଳେ କେମିତି ବର୍ଷେ ଦି'ବର୍ଷରେ ଥରେ ଅଧେ କିଏ ଆସେ ତ ବଡ଼କଥା । ହେଲେ ଏକା ସାଙ୍ଗରେ ଦି'ପୁଅ, ବୋହୂ, ଝିଅ, ଜ୍ୱାଇଁ ଏକାଠି ଆସିବା କ'ଣ ସମ୍ଭବପର ? ତେଣୁ ଏମିତି ଅସମ୍ଭବ ଘଟଣା ସମ୍ଭବ ହୋଇଥିବାରୁ ସୁଜନ ବାବୁ ଆଉ ତାଙ୍କ ସ୍ତ୍ରୀ ଭୁଲି ଯାଇଛନ୍ତି ଯେ ତାଙ୍କ ଦେହ ଭଲ ନାହିଁ, ବିଭିନ୍ନ ପ୍ରକାରର ବେମାର ତାଙ୍କୁ ଗ୍ରାସ କରିଚି ବୋଲି ।

ବର୍ଷକ ଆଗରୁ ଏ ପ୍ରୋଗ୍ରାମ ପିଲାମାନେ ତାଙ୍କ ତାଙ୍କ ଭିତରେ କରିଥିଲେ । ଜମା ଜଣେଇ ନଥିଲେ ବାପାମାଙ୍କୁ । ସର୍‌ପ୍ରାଇଜ୍ ଦବାକୁ ଠିକ୍ କରିଥିଲେ ଆଉ ସର୍‌ପ୍ରାଇଜ୍ ଦେଇଦେଲେ ।

ସୁଜନ ବାବୁ ମୂଳରୁ ଭାରି ହିସାବୀ ଲୋକ । ଭୁବନେଶ୍ୱରରେ ତାଙ୍କ ବାପାଙ୍କର ଖଣ୍ଡେ ବଡ଼ ଜାଗା ଥିଲା । ବାପ ମାଙ୍କ ଏକମାତ୍ର ସନ୍ତାନ ହୋଇଥିବାରୁ ସେ ଜାଗା ଖଣ୍ଡିକ ତାଙ୍କୁ ମିଳିଥିଲା । କଣ୍ଟ୍ରାକ୍ଟର ଥିଲେ ସେ । ତେଣୁ ସେ ନିଜ ଘରକୁ ବଡ଼ କରି ଗଢ଼ି ତୋଳିଥିଲେ । ପ୍ରଥମେ ଭାବିଥିଲେ ଦି'ମହଲା କରିବେ । ତଳ ମହଲାରେ ସେ ନିଜେ ରହିବେ ଆଉ ଉପର ମହଲାରେ ପିଲାମାନେ । ହେଲେ ଘର ତିଆରି କରୁକରୁ ପିଲାଙ୍କ ସଂଖ୍ୟା ବଢ଼ିଲା । ଗୋଟିଏ ପୁଅରୁ ଆଉ ଗୋଟିଏ ପୁଅ, ପୁଣି ପରେପରେ ଝିଅଟିଏ । ତେଣୁ କାହାକୁ କିଛି ନପଚାରି ଚାରିମହଲା ଘରଟିଏ ତୋଳିଦେଲେ । ତଳ ମହଲା ତାଙ୍କର । ବାକି ତିନି ମହଲା ତିନି ପିଲାଙ୍କର । ସବୁ ମହଲାରେ ସମସ୍ତଙ୍କ ପାଇଁ ଖଟ, ଡ୍ରେସିଂ ଟେବୁଲ, ଆଲମାରୀ, ଡ୍ରଇଁରୁମ୍ ସେଟ୍ ଆଉ ଡାଇନିଂହଲ, ଡାଇନିଂ ସେଟ୍ ଆଉ ଅଲଟ୍ରା ମଡ଼ର୍ଣ୍ଣ କିଚେନ୍, ବାସ୍ ଭାଗ ବାଣ୍ଟିବାକୁ ଆଉ ଅସୁବିଧା ହବନି କେବେ । ପିଲାମାନେ ବି ଜାଣି ଯାଇଛନ୍ତି, କାହାର କୋଉ ମହଲା । ଚଢ଼େଇ ସଂଜବେଳେ ଫେରି ତାଙ୍କ ନୀଡ଼ରେ ଯେମିତି ପଶିଯାଏ, ସେମିତି ଥଇଥାନ ହୋଇଯାଇଛନ୍ତି ସେମାନେ ।

ବଡ଼ପୁଅ ଭଲ ପାଠ ପଢ଼ିଲାନି ବୋଲି ସିଏ ବି କଣ୍ଟ୍ରାକ୍ଟରି କରିବାକୁ ଆଦରି ନେଲେ । ଆଉ ନିଜ ରୋଜଗାରରେ ଯାହା ସୁଜନ ବାବୁ ବାକି ରଖିଥିଲେ ଘର ତିଆରି କଲାବେଳେ, ଲିଫ୍ଟଟିଏ ଲଗେଇ ପୁଅ ବିଜନ ସେତକ କରିଦେଲେ । ସାନପୁଅ ଆଉ ବୋହୂ ଅଷ୍ଟ୍ରେଲିଆରେ ଚାକିରି କରନ୍ତି । ସେମାନେ ସେଇଠି ସେ ଦେଶର ସିଟିଜେନ୍‌ଶିପ୍ ମଧ୍ୟ ନେଇଗଲେଣି ।

ବାକି ଝିଅଟି । ଦେଖିବାକୁ ସୁନ୍ଦରଟିଏ । ତାକୁ ବି ବରଟିଏ ମିଳିଗଲା । ସେ ରହେ ଆମେରିକାର ଫ୍ଲୋରିଡାରେ । ଯାହା ସେ କହେ, ସେଥିରୁ ସୁଜନ ବାବୁ ଆଉ ତାଙ୍କ ସ୍ତ୍ରୀ ବୁଝି ଯାଇଛନ୍ତି ଯେ ଝିଅ ଆଉ କେବେ ବି ଫେରିବ ନାହିଁ ଭାରତକୁ ।

ତଥାପି ସୁଜନ ବାବୁ ସବୁ ମହଲାର ଚାବିର ଗୋଟେ ଗୋଟେ ପେନ୍ଥା ଯେଝା ଭାଗରେ ପଡ଼ିଥିବା ପିଲାକୁ ଦେଇ ଦେଇଛନ୍ତି । ଆର ପେନ୍ଥାଟା ରଖିଛନ୍ତି ମାସକୁ ଥରେ ସଫେଇ କରି ପରିଷ୍କାର କରି ରଖିବାକୁ । ସେଇଥିପାଇଁ ଦିଇଟା ଚାକର । ବର୍ଷକୁ ସବୁଦିନ ତାଙ୍କର ଝାଡୁପୋଛା, ଆଉ ମଶା, ଉଇଙ୍କ ପାଇଁ ସ୍ପ୍ରେ କାମ ଚାଲିଥାଏ ।

ନହେଲେ କେତେବେଳେ କେମିତି ପିଲାମାନେ ପଳେଇ ଆସିଲେ ସେ ଘରେ କ'ଣ ରହି ହେଇ ଥାଆନ୍ତା ? ହେଲେ ସମସ୍ତେ ଏକାଠି ହେଇ ଏକାଦିନରେ ପହଞ୍ଚିବାର କାରଣ କ'ଣ ଥିଲା ? ଉଦ୍ଦେଶ୍ୟ ଯାହା ଥାଉନା କାହିଁକି, କାରଣ ଥିଲା ମା, ବାପାଙ୍କର ୫୦ବର୍ଷର ବିବାହ ବାର୍ଷିକୀ ପାଳନ କରିବେ ।

**କାହାଣୀ ପଛର କାହାଣୀ**

**ମୁଁ ଆଗରୁ ଅନେକ କାହାଣୀ ଲେଖିଚି । ଆଗକୁ ମଧ୍ୟ ଲେଖିବାର ଅଛି । କିନ୍ତୁ ଏଇ କାହାଣୀଟି ମୋର ଗୋଟିଏ ବନ୍ଧୁଙ୍କର ଜୀବନର କଥା । ଯାହା ବର୍ଣ୍ଣନା କରା ଯାଇଛି, ସବୁ ସତ । ନିଛକ ସତ । ତାଙ୍କ ଜୀବନ କାହାଣୀ ବନ୍ଧୁଙ୍କ ଠାରୁ ଶୁଣିବା ପରେ ମୁଁ ଅନୁଭବ କଲି : ଏ ଏକ କାହାଣୀ ନୁହଁ, ଚେତାବନୀ । ଆମ ସମସ୍ତଙ୍କ ପାଇଁ । ଆମେମାନେ ସବୁ ଏ ବୟସରେ, ପିଲାମାନଙ୍କ ପାଇଁ ଅଦରକାରୀ ବସ୍ତୁ । ସେମାନେ ହୁଏତ ନ କହି ପାରନ୍ତି ହେଲେ ତାଙ୍କ ବୋଝ ହାଲୁକା କରିବା ଆମର ଦାୟିତ୍ୱ ।**

ଏ କଥା ଶୁଣିଲା ପରେ ସୁଜନ ବାବୁ ଆଙ୍ଗୁଠିରେ ହିସାବ କରି ପକଉଥିଲେ ତାଙ୍କ ବାହାଘରକୁ କେତେବର୍ଷ ହେଲା ବୋଲି । ଯେତେ ଯାହା ହିସାବ କଲେ, ତାଙ୍କ ବାହାଘର ତେପନ ବର୍ଷ ପୁରି ଚଉବନ ବର୍ଷ ହେଲାଣି । ତା'ଛଡ଼ା ଏମାନେ ପହଞ୍ଚିଛନ୍ତି, ଡିସେମ୍ବର ମାସରେ । ତାଙ୍କ ବାହାଘର ତ ଏପ୍ରିଲ ଚଉଦରେ । କୁଆଡ଼ୁ କିଛି ବି ମିଶୁନି । ପୁଣି କ'ଣ ପଚାଶ ବର୍ଷ ବିବାହ ବାର୍ଷିକୀ ପାଳନ କରିବାକୁ ପିଲାମାନେ ଏକାଠି ହେଇଛନ୍ତି ! ତାଙ୍କ ମୁଣ୍ଡରେ ପଶୁ ନଥାଏ ।

ସେଦିନ ଖାଇବା ବେଳକୁ ଝିଅ କହିଦେଲା ସବୁ କଥା ଖୋଲିକରି । କହିଲା ପଚାଶ ବର୍ଷ ବିବାହ ବାର୍ଷିକୀ କୋଉ ଦିନ ପୁରିଲା ଆମ କାହାରି ମନେ ନାହିଁ ।

ପଚାଶ ବର୍ଷ ପୁରିବା ଦିନ ଯେତେବେଳେ ସୁଜନ ବାବୁ ଆଉ ତାଙ୍କ ସ୍ତ୍ରୀ ସଜବାଜ ହୋଇ ସଂଜବେଳେ ବାହାରିଥିଲେ, ବଡ଼ ପୁଅ ପଚାରିଥିଲା, "କାହା ଭୋଜିକୁ ଯାଉଛ କି ?" ସୁଜନ ବାବୁ ଉତ୍ତର ଦେଇଥିଲେ, "ମୋ ସାଙ୍ଗମାନେ ଆଜି ଆମ ପଚାଶ ବର୍ଷର ବିବାହ ବାର୍ଷିକୀ ପାଳୁଛନ୍ତି ।" ଏକଥା ଶୁଣି ବଡ଼ପୁଅ ଚୋର ପଟିଆ ହେଇଗଲା । ସାଙ୍ଗେ ସାଙ୍ଗେ ଭାଇ ଭଉଣୀ ମାନଙ୍କୁ ଫୋନ୍ କଲା । ସମସ୍ତେ ବହୁ କଳ୍ପନା ଜଳ୍ପନା ପରେ ଦି'ବର୍ଷ ପରେ ଏଇ ଦିନକୁ ଠିକ୍ କଲେ । ଆମେରିକା ଆଉ ଅଷ୍ଟ୍ରେଲିଆରେ ଏଇଟା ଥଣ୍ଡାଦିନ । ଛୁଟି ନେଇ ହବ । ତା' ଛଡ଼ା ପିଲାମାନଙ୍କର ଖ୍ରୀଷ୍ଟମାସ ଛୁଟି । ଏଇ ସବୁକୁ ଦୃଷ୍ଟିରେ ରଖି ବିବାହ ବାର୍ଷିକୀର ତେପନତମ ବର୍ଷରେ, ବିନା ପ୍ରକୃତ ତିଥିରେ ଏ ଉତ୍ସବ ପାଳନ କରିବାକୁ ସ୍ଥିର କରାଗଲା । ଏସବୁ ଶୁଣି ସୁଜନ ବାବୁ 'ଠୋ', 'ଠୋ' ହେଇ ହସିଲେ । କହିଲେ, "ବିବାହ ବାର୍ଷିକୀ ସିନା ଅ-ତିଥିରେ ପାଳନ କରି ଦବ, ହେଲେ ମନେରଖ ଶ୍ରାଦ୍ଧବାର୍ଷିକୀ କିନ୍ତୁ ତିଥି, ବାର, ନକ୍ଷତ୍ର ଦେଖି କରାହୁଏ ।" ସୁଜନ ବାବୁଙ୍କ କଥା ପିଲା କେନଡ଼ି କ'ଣ ଶୁଣିଲେ କେଜାଣି, ମୁହଁର ଭାବଭଙ୍ଗୀରୁ କିଛି ଜଣାପଡୁ ନଥିଲା । ଖାଲି ସ୍ତ୍ରୀ କହିଲେ, "ଓଃହୋ, କାଇଁକି ସେ ନିଆଁଲଗା କଥା ଗୁଡ଼ା ମୁହଁରେ ଧରୁଚ ?"

ହଠାତ୍ ସୁଜନ ବାବୁଙ୍କ ଫୋନ୍‌ଟା କ୍ୟାଉଁ କ୍ୟାଉଁ ହେଲା । ଉଠେଇ କହିଲେ, "ହଁ ପିତାମ୍ବର ବାବୁ !"

ସେପଟୁ ଆସିଲା "ଦେହପା' ଭଲ ଅଛି ତ ।"

"ହଁ ହଁ ମୁଁ ପୁରା ଫିଟ୍ ।"

"ନାଇଁ, ଦି ଦିନ ହେଲାଣି ଆପଣ ସକାଳୁ ଚାଲିବାକୁ ଆସୁ ନାହାନ୍ତି ତ ! ସମସ୍ତେ କହିଲେ ଟିମେ ସୁଜନ ବାବୁଙ୍କ ଦେହପା କଥା ବୁଝ । ଦେହ ଖରାପ ଥିଲେ ସମସ୍ତେ ଆସି ଦେଖା କରିବାକୁ ଚାହୁଁଛନ୍ତି ।"

"ନା, ନା – ଆବଶ୍ୟକ ନାହିଁ । ମୋର ସବୁ ପିଲାମାନେ ଆସି ଏକାଠି ହେଇଛନ୍ତି ତ । ଘର ପୁରା ଗହଳି ! ସେଇଥିପାଇଁ ରୁଟିନ୍‌ଟା ବଦଳି ଯାଇଛି ।"

"ବଡ଼ ଭାଗ୍ୟବାନ ଆପଣ । ଏ ବୟସରେ କୋଉଠି ସବୁ ପିଲା ଏକାଥରକେ ଏକାଠି ଆସନ୍ତି ? ଶ୍ରାଦ୍ଧରେ ତ ଆସୁ ନାହାନ୍ତି ! ଯାହା ହଉ, ଭଲ ସଂସ୍କାର ଦେଇଛନ୍ତି ଆପଣ, ଆପଣଙ୍କ ପିଲାମାନଙ୍କୁ ।"

"ସବୁ ଭଗବାନଙ୍କର କୃପା ଆଜ୍ଞା"– ଏତିକି କହି ଫୋନ୍ ରଖିଦେଲେ । ଝିଅ ମୃଦୁଳା କହିଲା, "ବାପା, ଚାଲ ଆମେ ସମସ୍ତେ ମୋ ମହଲାକୁ ଯିବା । ବହୁତ ଦିନ ହେଲା ଆମ ସାଙ୍ଗେ ତମର କଥାବାର୍ତ୍ତା ହେଇନି । ମୁଁ ବୋଉକୁ ନେଇ ଯାଉଚି । ତମେ ଭାଇ ଓ ଭାଉଜ ମାନଙ୍କୁ ନେଇ ଉପରକୁ ଆସ ।"

ବାପାଙ୍କ ହାତ ଧରି ମୃଦୁଳା ଲିଫ୍ଟରେ ଯାଉ ଯାଉ କହିଲା, "ଆଜିକାଲି କେଡ଼େ ନୂଆ ଡିଜାଇନ୍‌ର ଲିଫ୍ଟ ବାହାରିଲାଣି । ଏଥରକ ଆମେ ଗଲା ପରେ ବଦଳେଇ, ଗୋଟେ କ୍ୟାପ୍‌ସୁଲ୍ ବାଲା ଲିଫ୍ଟ ଲଗେଇ ଦବ ।" ଝିଅର ଫରମାଇସ୍ ଶୁଣିଲେ । ହସି ଦେଲେ । ଭାବୁ ଥାଆନ୍ତି, "ଆମେ ତ ତଳ ମହଲାରେ ରହିବା ଲୋକ । କ୍ୟାପ୍‌ସୁଲ ଲିଫ୍ଟ ଲଗେଇ ଦେଖେଇବି କାହାକୁ ?"

ଉପର ମହଲାରେ ଝିଅର ଡ୍ରଇଁରୁମ୍‌ରେ ସମସ୍ତେ ବସିଲେ । ସୁଜନ ବାବୁ ଆଉ ସ୍ତ୍ରୀ ଅପେକ୍ଷା କରୁଥାଆନ୍ତି କେତେବେଳେ ଆଉ କୋଉ ବିଷୟରେ କଥାବାର୍ତ୍ତା ହବ । ମନେମନେ ଭାବିନେଲେ, ବିବାହ ବାର୍ଷିକୀ ପାଇଁ ଆଲୋଚନା ହବ ବୋଧହୁଏ । କୋଉଠି ହବ । ଖାଇବାକୁ କ'ଣ କ'ଣ ହବ । ଅତିଥିମାନେ କିଏ ସେ ? ତାଙ୍କର ଲିଷ୍ଟ୍ କରିବାକୁ ହବ । ସୁଜନ ବାବୁ ଜାଣିଛନ୍ତି, ପିଲାଏ ତ କିଛି କେବେ କରିନାହାନ୍ତି । ବୋଧହୁଏ ଆମ ପରାମର୍ଶ ନବା ପାଇଁ ଏ ବୈଠକୀ–

କେତେ ସମୟ ବିତିଗଲା, ଅଥଚ କେହି ସେ ବିଷୟରେ କିଛି ବି କଥାବାର୍ତ୍ତା କଲେନି, ଯାହା ସୁଜନ ବାବୁ ଖାଲି ଭାବୁଥିଲେ । ପୁଅ ଝିଅ, ବୋହୂ, ସମସ୍ତେ ନିଜ ନିଜ ମୋବାଇଲ୍‌ରେ ବ୍ୟସ୍ତ ଥିଲେ ।

ହଠାତ୍ ନିଃଶବ୍ଦକୁ ଚିରି ଝିଅ ପଚାରିଦେଲା, "ମାମା, ତୁମର କେତେଟା ଲକର୍ ଅଛି ବ୍ୟାଙ୍କରେ ?"

ଚମକି ପଡ଼ିଲେ ସୁଜନ ବାବୁ: "ଯେ ପୁଣି କି ପ୍ରଶ୍ନ ?"

ସୁଜନ ବାବୁ ମୁହଁ ଖୋଲିଲେ: "ମାମାକୁ କାହିଁକି ପଚାରୁଚୁ ମା ? ସେ କ'ଣ କେବେ ବ୍ୟାଙ୍କ୍ ଯାଇଚି ନା ଲକର୍ ଦେଖିଚି ? ସବୁବେଳେ ଲକର୍ ହାଣ୍ଡଲ୍, ମୁଁ ହିଁ କରେ ।"

ସାଙ୍ଗେ ସାଙ୍ଗେ ସାନ ବୋହୂର ପ୍ରଶ୍ନ: "କେତେଟା ଲକର୍ ଅଛି ବାପା ?" ହଠାତ୍ ଲକର୍ ନେଇ ଲମ୍ବା ଆଲୋଚନା ସାରି ଦବାକୁ ସୁଜନ ବାବୁ କହିଲେ, "ତିନିଟା ।" ବଡ଼ ବୋହୂ ମୁହଁରୁ ବାହାରି ପଡ଼ିଲା "Oh, my God- ତିନି ତିନିଟା ଲକର୍ ବାପା କାହିଁକି କରିଛନ୍ତି ? କ'ଣ ସବୁ ଏମିତି ରଖିଛନ୍ତି କି ତା ଭିତରେ ?"

ସୁଜନ ବାବୁ କଥାଟାକୁ ଟିକେ ମଜାଳିଆ କରିବାକୁ କହିଦେଲେ: "ଲକର୍ ଭିତରେ କ'ଣ ହାତୀ ଘୋଡ଼ା ରୁହେ ? ଯାହା ରହିବା କଥା ମୁଁ ରଖିଛି ।"

ଝିଅ ବୋଧେ ବୁଝି ପାରିଲାନି: "ତେବେ ବାପା ତା ଭିତରେ କେବଳ ସୁନା ଗହଣା ?"

ସୁଜନ ବାବୁ ଝିଅକୁ ଚାହିଁଲେ: "ହଁ କେବଳ ସୁନା ଗହଣା– ରୁପା ବି ନୁହଁ ।"

ବଡ଼ ପୁଅ ଏଥର ମୁହଁ ଖୋଲିଲା: "କାଇଁ ଏମିତି କେଡ଼େ ସୁନା ଗହଣା ଥିଲା ଯେ ତିନି ତିନିଟା ଲକର୍ ବୁକ୍ କରିବାକୁ ପଡ଼ିଲା ବାପା ?"

ଏ ପ୍ରଶ୍ନର ଉତ୍ତର କିନ୍ତୁ ମା ଦବାକୁ ଚାହିଁଲେ: "ମୁଁ ବାହା ହବା ଠାରୁ ଆଜିଯାଏଁ, ସବୁ ବିବାହ ବାର୍ଷିକୀରେ ତୁମ ବାପା ମତେ ଗୋଟେ ଗୋଟେ ସେଟ୍ ଉପହାର ଦିଅନ୍ତି । ପଚାଶ ବର୍ଷ ପର୍ଯ୍ୟନ୍ତ ଦଉଥିଲେ । ଏକାବନ ବର୍ଷ ବିବାହ ବାର୍ଷିକୀରେ ମୁଁ ଯେତେବେଳେ ପଚାରିଲି, ଏ ବର୍ଷ କାହିଁକି ଆଉ ଉପହାର ଦେଲନି ? ତୁମ ବାପା କହିଲେ ଲକର୍‌ରେ ଆଉ ଜାଗା ନାହିଁ ।"

ଏତକ ଶୁଣି ପ୍ରତ୍ୟେକ ପୁଅ, ବୋହୂ, ଝିଅ, ଜ୍ୱାଇଁ ସମସ୍ତଙ୍କର ଆଖି ବଡ଼ବଡ଼ ହେଇଗଲା ।

ହଠାତ୍ ଜ୍ୱାଇଁ ପ୍ରଶ୍ନ କଲେ, "ପୁରା ଗହଣା କେତେ ଭରି ହବ ?"

ସୁଜନ ବାବୁ କହିଲେ, "କେବେ ହିସାବ କରିନି ।"

ଜ୍ୱାଇଁ ହିସାବ କରିବା ପାଇଁ ପୁଣି ପଚାରିଲେ, "ଗୋଟେ ଗୋଟେ ସେଟ୍ କେତେ ଭରି ହବ ?"

ସୁଜନ ବାବୁ କହିଲେ, "ତା'ର କିଛି ଠିକଣା ନାହିଁ । ଯୋଉ ବର୍ଷ ଭଲ ରୋଜଗାର ହୋଇଥାଏ, ସେ ବର୍ଷ ଦଶ, ବାର ଭରିର ଉପହାର ଦିଏ । ହେଲେ ବି କୌଣସି ବର୍ଷ ମୁଁ ପାଞ୍ଚଭରିରୁ ତୁମ ମାମାକୁ କମ୍ ଦେଇନି ।"

ଏ କଥା ଶୁଣି ସମସ୍ତେ ମୋବାଇଲ୍‌ର କାଲ୍‌କୁଲେଟର ବଟମ୍ ଦବେଇଲେ । ପୁଅ,ବୋହୂ, ଝିଅ, ଜ୍ୱାଇଁ ସମସ୍ତେ ଆକଳନ କରିବାରେ ଲାଗି ପଡ଼ିଲେ ଯେ ଲକର୍‌ରେ କେତେ ସୁନା ଅଛି ।

ହଠାତ୍ ସୁଜନ ବାବୁଙ୍କ ସ୍ତ୍ରୀ କହିଲେ, "ସେ ତାଙ୍କର ଉପହାର ଦିଅନ୍ତି । ତାଙ୍କ ମନ ରଖିବା ପାଇଁ ମୁଁ ସେଇଦିନ ରାତିରେ ପିନ୍ଧିଦିଏ । ହେଲେ ସକାଳୁ ତାଙ୍କୁ ମୁଁ ଦେଇ ଦିଏ । ପୁଣି ମୋ ବୋଉ ମୋ ବାହାଘରରେ ଦେଇଥିବା ସମ୍ବଲପୁରୀ ଚେନ୍‌ଟାକୁ ପିନ୍ଧି ପକାଏ । ଓଃ, ଶାନ୍ତି ଲାଗେ ମତେ ।"

ହଠାତ୍ ସାନବୋହୂ କହିଲା, "ବାପା, ସେ ଗହଣା ତକ ଆଣନ୍ତନି ? ଭାରି ଦେଖିବାକୁ ଇଚ୍ଛା ହଉଚି ।" ସାନବୋହୂ ସାଙ୍ଗରେ ଆଉ ବୋହୂ, ପୁଅ, ଜ୍ୱାଇଁ ସମସ୍ତେ ସମବେତ କଣ୍ଠରେ ସମ୍ମତି ଜଣାଇଲେ

ସାନବୋହୂର ପ୍ରସ୍ତାବକୁ । ସୁଜନ ବାବୁଙ୍କ ସ୍ତ୍ରୀ କହିଲେ, "ହଉ ବ୍ୟସ୍ତ କାହିଁକି ? ଯୋଉ କାମ ପାଇଁ ଏକାଠି ହେଇଚ, ସେ କାମ ସାର । ତା'ପରେ ଗୋଟେ ଦିନ ବାପା ଲକର୍‌ରୁ ନେଇ ଆସି ତମକୁ ଦେଖେଇ ଦେବେନି ?"

କିନ୍ତୁ ଝିଅ ଜିଦି ଧରିଲା, "ନାଇଁ ମାମା– ଇଚ୍ଛା ହେଇଚି ମାନେ, ଆମେ ସମସ୍ତେ ଭୀଷଣ ଆଗ୍ରହୀ, ଦେଖିବାକୁ ତୁମ ଗହଣା । ବାପା, ତୁମେ କାଲି ଯେମିତି ହେଲେ ଆଣିବ ।"

"ହଉ" କହି ସୁଜନ ବାବୁ ଉଠି ଆସିଲେ ସେଠୁଁ । ବୁଝିଗଲେ ସେ ବୈଠକୀର ଉଦ୍ଦେଶ୍ୟ କ'ଣ ଥିଲା ।

ଲିଫ୍ଟରେ ଆସୁ ଆସୁ ଭାବୁଥିଲେ ସେ: "ପିଲାମାନଙ୍କ ଚକ୍ରବ୍ୟୁହରେ ସେ ଆସ୍ତେ ଆସ୍ତେ ଫଶିବାକୁ ଯାଉଛନ୍ତି କି ?"

ପରଦିନ ସକାଳେ ସୁଜନ ବାବୁଙ୍କୁ ପଡ଼ିଆରେ ଦେଖି ସବୁ ବୁଢ଼ାମାନେ ଏକ ସ୍ୱରରେ ସ୍ୱାଗତ ଜଣେଇଲେ । ଡାକ୍ତର ହେମକାନ୍ତ ବାବୁ କହିଲେ, "ମୁଁ ତ ବ୍ୟସ୍ତ ହେଇ ପଡ଼ିଥିଲି । ଡାଇବେଟିସ୍‌ଟା ବଢ଼ିଗଲା ବୋଲି ମୁଁ ଆଶଙ୍କା କରୁଥିଲି ।" କୃପାସିନ୍ଧୁ ବାବୁ କିନ୍ତୁ ଅନ୍ୟ ପ୍ରକାରରେ କହିଲେ, "ସବୁଦିନ ସକାଳ ବିଛଣା ଛାଡ଼ି ଉଠି ଆସୁଥିବା ସ୍ୱାମୀଙ୍କୁ ସ୍ତ୍ରୀ କହିଥିବେ, 'ଖବରଦାର୍, ସାତଦିନ ତମେ ମୁଁ ଉଠିବା ଯାଏଁ ଏମିତି ଖଟରେ ପଡ଼ିଥିବ' ଗୁଡ଼ାଏ ହାସ୍ୟରୋଳ ହେଲା ।

ତାଙ୍କର ସବୁ ପିଲା ଏକାଠି ହବାର ଖବର ସମସ୍ତଙ୍କର ପାଖରେ ଥିଲା । ପିତାମ୍ବର ବାବୁ ସେ କାମଟି କରି ଦେଇଥିଲେ । ଏଥରକ ପୀତାମ୍ବର ବାବୁଙ୍କ ପାଳି ପ୍ରଶ୍ନ କରିବାକୁ: "କ'ଣ ସୁଜନ ବାବୁ ସବୁ ପିଲାମାନଙ୍କ ସାଙ୍ଗରେ  ଖୁବ୍ ମଜା କରୁଥିବ ନୁହେଁ ?"

ସୁଜନ ବାବୁ ମୁହଁର କୌଣସି ଭାବ ନ ବଦଳେଇ କହିଲେ, "ଏଯାଏଁ ମଜା ଆସିନି । ଆଶା କରୁଚି ଆଗାମୀ ଦିନମାନଙ୍କୁ ।"

ତାଙ୍କର ଉତ୍ତରକୁ କେହି ବି ଠିକ୍ କରି ବୁଝି ପାରିଲେନି କି ଆଉ ଫଟେଇ ହେଇ ସେ ବିଷୟରେ ଆଲୋଚନା କଲେନି । ହଠାତ୍ କୃପାସିନ୍ଧୁ ବାବୁ କହିଲେ, "ସୂର୍ଯ୍ୟ ଦେଖା ଗଲେଣି ।"

ସମସ୍ତେ ସବୁଦିନ ପରି ସୂର୍ଯ୍ୟଙ୍କୁ ହାତ ଯୋଡ଼ି ଏକା ସାଙ୍ଗରେ ଗାଇଲେ : "ତେଜୋରାଶି ଜତ୍ ପଡ଼େ/ ଅନୁକମ୍ପୟାଂ ମା ଭକ୍ତ୍ୟା ଗୃହଣାର୍ଯ୍ୟଦିବାକରମ୍ / ଓଁ ନମୋ ସର୍ବତ୍ରେ ଜଗଦୀଶ ଚକ୍ଷୁସେ / ଜଗତ୍ ପ୍ରସୂତି ସ୍ଥିତି ନାଶହେ ତବେ / ତ୍ରୟି ମୟାୟୀ ତ୍ରିଗୁଣାର ଧାରିଣେ / ବିରଞ୍ଚି ନାରାୟଣ ଶଙ୍କରାତ୍ମନେ / ଓଁ ସୂର୍ଯ୍ୟାସ୍ତ ନଃ, ଓଁ ଭାସ୍କରାୟ ନମଃ ଓଁ ଆଦିତ୍ୟାୟ ନମଃ ।"

ସବୁଦିନ ସକାଳେ ସୁଜନ ବାବୁ ବହୁତ ବର୍ଷ ହବ ଛାତ ଉପରକୁ ଯାଇ ମୁଢ଼ି ଆଉ ବାରମଜା ମିଶେଇ ଛାତ ଉପରେ ବିଞ୍ଚିବା ମାତ୍ରକେ କୁଆ, ପାରା ଓ ବଣିମାନେ ଯୋଉମାନେ ଛକିକରି ଥାଆନ୍ତି, ଫଟ୍‌ଫାଟ୍ କରି ଉଡ଼ି ଆସନ୍ତି ।

ଠିକ୍ ସେମିତି ହେଲା ସେଦିନ । ସେ ପ୍ରାତଃ ଭ୍ରମଣରୁ ଫେରି ଜଳଖିଆ ଖାଇ ଦି'ପୁଅଙ୍କୁ ଧରି ବ୍ୟାଙ୍କ୍ ଲକର୍‌ରୁ ଜିନିଷ ଆଣିବାକୁ ଗଲେ । ଫେରିଲା ବେଳକୁ ଦେଖିଲେ ଝିଅ, ବୋହୂ, ଜ୍ୱାଇଁ ଠିକ୍ କୁଆ, ପାରା ଆଉ ବଣି ପରିକା ତଳ ମହଲାରେ ଛକି ବସିଥିଲେ । ପହଞ୍ଚିଲା ମାତ୍ରକେ ପୁଅ ଦି'ଜଣଙ୍କ ହାତରୁ ସେମାନେ ବୋହି ନେଇ ତଳ ମହଲାର ଡ୍ରଇଂରୁମ୍‌କୁ ଚାଲିଗଲେ । ପଛେପଛେ ସୁଜନ ବାବୁ ପୁଅମାନଙ୍କ ସଙ୍ଗେ ସେଠି ପହଞ୍ଚିଲେ । ତା' ପରର ଘଟଣା ଯାହା ଘଟିଲା, ସୁଜନ ବାବୁଙ୍କୁ ମଜା ଲାଗିଲା । ହେଲେ ସକାଳ ପ୍ରାତଃଭ୍ରମଣ ବନ୍ଧୁଙ୍କୁ କହିଲା ଭଳିଆ କଥା ସେ ନୁହଁ ।

ଆସିଲା ଦିନରୁ ଯିଏ କୁଟା ଖଣ୍ଡକ ଦି'ଖଣ୍ଡ କରିନଥିଲେ, ସେଇ ଝିଅ ବୋହୂମାନେ ହଠାତ୍ ଟ୍ରେ ଟେବୁଲ୍‌କୁ ଗୁର୍ଖା ଭଳିଆ ଚାରିଦିଗରୁ ଜଗିଥିବା ସୋଫା ସବୁକୁ ଦି'ଦି ହାତ ଘୁଞ୍ଚେଇ ଦେଲେ । ଟ୍ରେ ଟେବୁଲ୍‌କୁ ସେ ରୁମ୍‌ରୁ ତଡ଼ିପାର୍ କରାଗଲା ।

ଅସହାୟ ଗାଲିଚା ସେମିତି ପୁଳାଏ ଧୂଳି ସାଙ୍ଗରେ ଫାଁ ହେଇ ପଡ଼ିଥାଏ ।

ଦଉଡ଼ି ଯାଇ ବଡ଼ବୋହୂ ସୁଜନ ବାବୁଙ୍କ ବେଡ଼ରୁମ୍‌ରୁ ବେଡ୍ କଭର୍‌ଟା ନେଇ, ଗାଲିଚା ଉପରେ ବିଛେଇ ଦେଲେ କାଳେ ପଙ୍ଖାରେ ବେଡ୍ କଭର୍‌ଟା ଉଡିଯିବ । ଚାରି କ'ଣରେ ଝିଅ ବୋହୂ ଦି'ଜଣ ଆଉ ଜ୍ୱାଇଁ ଏମିତି ଭାବରେ ବସିଲେ ଯେ, ସେ ବେଡ୍ କଭର୍ ଆଉ ଉଁ କି ଚୁଁ ନକରି ସେମିତି ପଡ଼ି ରହିଲା । ସୁଜନ ବାବୁଙ୍କ ସ୍ତ୍ରୀକୁ ଝିଅ ଭିଡ଼ି ଆଣି ପାଖରେ ବସେଇ ଦେଲା । ସୁଜନ ବାବୁ ଗୋଟିକିଆ ସୋଫାରେ ବେଲାଳସେନ ଜାଗାରେ ବସି ପଡ଼ିଲେ । ଆରମ୍ଭ ହେଲା ମହାଭାରତ...ଶୀତଳ ମହାଭାରତ । ପୁଅ ଦି'ଜଣ ଗୋଟିକ ପରେ ଗୋଟିଏ ଡବା କାଢୁଥାଆନ୍ତି, ସେଇଟା ବୋହୂମାନଙ୍କ ହାତ ଦେଇ ଝିଅ ପାଖରେ ପହଞ୍ଚୁଥାଏ ।

ଚାହୁଁ ଚାହୁଁ ଗଦା ହେଇଗଲା ଝିଅ ପାଖରେ ସବୁ । ଝିଅର ବେକ ଠୁଁ ମୁଣ୍ଡ ଯାହା ଦେଖା ଯାଉଥିଲା ଝିଅ କହିଲା, "ମାମା ଏତେ ସୁନା ତମ ପାଖରେ ରଖିଥିଲ, ହେଲେ ମୋ ବାହାଘର ପାଇଁ ଗହଣା କିଣିଲ କାହିଁକି ?"

ମାମା କହିଲେ, "ମୁଁ ତ ସେଇକଥା ଯାଙ୍କୁ କହିଲି, ହେଲେ ତାଙ୍କର ଗୋଟାଏ ଜିଦ୍ । ଯେତେ ଗହଣା ଦରକାର ପଡ଼ିବ, ଝିଅ ଆଉ ବୋହୂଙ୍କ ପାଇଁ ମୁଁ କିଣିବି । ହେଲେ ତମ ସୁନାରୁ ରଡ଼ିଏ ବି ଏପଟ ସେପଟ ହବନି ।" ଏତକ ଶୁଣି ଝିଅ ମୁହଁ କଳା ପଡ଼ିଗଲା– ଭାଉଜମାନଙ୍କୁ ଚାହିଁଲା । ଭାଉଜମାନଙ୍କ ମୁହଁ ବି ଶେତା ପଡ଼ି ଯାଉଥିଲା ସେତେବେଳେ । ଏତିକିବେଳେ ସୁଜନ ବାବୁଙ୍କ ମୁହଁ ଖୋଲିଲା: "ହଉ– ଗହଣା ଦେଖା ସଇଲା, ଆଉ ଡେର ନକରି ସେ ବ୍ୟାଗ୍‌ରେ ଭର୍ତ୍ତି କର । ପୁଣି ନେଇ ଲକର୍‌ରେ ରଖିବାର ଅଛି ।"

ସମସ୍ତେ ଚୁପ୍‌ଚାପ୍ । କାହାରି ମୁହଁରେ କଥା ନାହିଁ । ଶେଷକୁ ବାଧ୍ୟ ହେଇ ଜ୍ୱାଇଁ ମୁହଁ ଖୋଲିଲେ: "ବାପା– ଆପଣମାନଙ୍କୁ ଯେତେ ବୟସ ହେଲାଣି କେତେବେଳେ କଅଣ ହେଇଯିବ, କିଏ କହି ପାରିବ ? ତେଣୁ ମୋ ମତରେ ଏ ଅଡୁଆ ଆପଣ ପିଲାମାନଙ୍କ ମୁଣ୍ଡରେ ଛାଡ଼ି ଦବାଟା ଉଚିତ୍ ହବନି ?"

ସୁଜନ ବାବୁ ଜୋର୍‌ରେ ହସିଦେଲେ: "ମାନେ ଏ ଗହଣା ତୁମ ଭିତରେ ବଣ୍ଟାବଣ୍ଟି କରିବାକୁ କହୁଚ ତ ?" ଜ୍ୱାଇଁ ସଙ୍ଗେ ସଙ୍ଗେ କହିଲେ, "ମୋର ନା ଏଥିରୁ ନବାର ଇଚ୍ଛା ଅଛି କି ମୋର ଲୋଭ ହଉଚି । ମୋ କହିବା କଥା, ମାମା, ନିଜ ହାତରେ ବାଣ୍ଟି ଦିଅନ୍ତୁ ଯାହାକୁ ଯାହା ଦେବେ ।" ସୁଜନ ବାବୁ ଅତି ଶାନ୍ତ ଗଳାରେ କହିଲେ, "ସୁନ୍ଦର ପ୍ରସ୍ତାବ । ମୋର କିଛି ଆପତ୍ତି ନାହିଁ । ଚାଲ ଆଗ ସମସ୍ତେ ଖାଇଦବା । ତା'ପରେ ସବୁ ବଣ୍ଟାବଣ୍ଟି କରି ସାରି ମତେ ଖବର ଦେଲେ, ମୁଁ ସେଇ ଅନୁସାରେ ତିନିଟା ଲକର ତିନିଜଣଙ୍କ ନାଁର ରଖି ଦେବି ।" ସାଙ୍ଗେ ସାଙ୍ଗେ ଆନନ୍ଦ ଲହରୀ ଖେଳିଗଲା । ଝିଅ ଅତି ସନ୍ତର୍ପଣରେ ମାମାକୁ ଧରି ଉଠେଇ ଦେଲା । ବୋହୂମାନେ ସୁଜନ ବାବୁ ଦି'କଡ଼ରେ ରହିଲେ । ତା'ପରେ ସମସ୍ତେ ଆସ୍ତେ ଆସ୍ତେ ଚାଲିଲେ ଖାଇବା ପାଇଁ ।

ଖାଇ ସାରିବା ପରେ ସୁଜନ ବାବୁ ତାଙ୍କ ସ୍ତ୍ରୀଙ୍କ ସହ ତାଙ୍କ ବେଡ୍‌ରୁମ୍‌କୁ ଗଲେ ବିଶ୍ରାମ ନବାକୁ । ପୁଅ,ବୋହୂ, ଝିଅ, ଜ୍ୱାଇଁ ସମସ୍ତେ ଚାଲିଲେ ଉପରକୁ– ଚାରି ମହଲାକୁ, ଗହଣାତକ ହାତରେ ଧରି । ସ୍ତ୍ରୀ କହିଲେ, "ହଇଓ, ସେ ପିଲାମାନଙ୍କୁ ନିଜ ନିଜ ଭିତରେ ଭାଗ ବଣ୍ଟା  ହବାକୁ ଛାଡ଼ିଦେଲ ଯେ ସେମାନେ କ'ଣ ପାରିବେ ?" "ନା ପାରିବେନି ।" ସୁଜନ ବାବ କହିଲେ । "ତାହେଲେ ?" ସ୍ତ୍ରୀ ଚାହିଁ ରହିଲେ ସ୍ୱାମୀଙ୍କ ଆଡ଼େ । ସୁଜନବାବୁ ହସିହସି କହିଲେ, "ବୁଝିଲ– ପିଲାଦିନେ ଗୋଟେ ଗପ ଶୁଣିଥିଲି । ଗୋଟେ ଗାଁରେ ବହୁତ କୁକୁର ମାତିଲେ । ନା ଦିନରେ ରାସ୍ତାରେ ଚାଲିବାକୁ ଦେଲେ ନା ରାତିରେ ରଡ଼ି କରି ଶୁଆଇ ଦେଲେ । ବହୁତ କଷ୍ଟ ଭୋଗିଲା ପରେ ଗାଁଲୋକ ଯାଇଁ ଚଉକିଆ ପାଖରେ ପହଂଚିଲେ । ଚଉକିଆ ସବୁ ଶୁଣିଲା । ହସିହସି କହିଲା, ଇୟେ ଗୋଟେ କଥା ? ଗୋଟେ ରାତିରେ ଠିକ୍ ହେଇଯିବ । ଗାଁ ଲୋକେ କହିଲେ, 'ତମେ ଯାହାକର ଚଉକିଆ ଭାଇ, ହେଲେ ଜୀବଗୁଡ଼ାକୁ ପ୍ରାଣରୁ ମାରିବ ନାହିଁ ।' ଚଉକିଆ ହସିହସି କହିଲା, 'ନାଁ ମୁଁ କାହିଁକି ପଶୁବଧ କରି ପାପ ମୁଣ୍ଡେଇବି ?'

ଗାଁଲୋକେ ଚଉକିଆ ଆଡ଼କୁ ଚାହିଁ ଭାବୁ ଥାଆନ୍ତି, ଏ ସମସ୍ୟାର ସମାଧାନ ହବ କେମିତି ?

ଚଉକିଆ ପୁଣି କହିଲା, 'ତୁମେମାନେ ଆଜି ୪ଟା ବେଳେ ମତେ ପାଂଚକିଲୋ ମାଉଁସ କିଣିକି ଦିଅ, ତା'ପରେ ମୋ ଖେଳ ଦେଖିବ ।' ଗାଁ ବାଲା ଖୁସିରେ ପାଂଚକିଲୋ ମାଉଁସ କିଣି ଚଉକିଆ ହାତରେ ଦେଲେ । ଚଉକିଆ ଗାଁ ଦାଣ୍ଡରେ ଖଣ୍ଡେ ମାଉଁସ ପକେଇଦେଲା, ମାଡ଼ି ଆସିଲେ କୁକୁର ମାନେ । ସେମାନେ ମାଉଁସ ଉପରେ ଆକ୍ରମଣ କରୁକରୁ ସେ ନିଜେ ସେ ମାଂସ ଖଣ୍ଡକ ବାକି ମାଉଁସ ଥିବା ଟୋକେଇରେ ପକେଇ ଗୋଟିଏ ଗୋଟିଏ ହେଇ ଗାଁ ମୁଣ୍ଡର ଗୋଟେ ନିଛାଟିଆ ଘର ଆଡ଼େ ଚାଲିଲା । ତା ପଛରେ କୁକୁରମାନେ ମଧ୍ୟ ଧାଉଁଥାଆନ୍ତି । ସେ ଘର ଭିତରେ ପଶି ମାଉଁସ ତକ ଓଜାଡ଼ି ଦେଲା ଗୋଟାଏ ଜାଗାରେ । କୁକୁରମାନେ ଅତି ଆଗ୍ରହରେ ଦଳା ଚକଟା ହେଇ ସେ ଘରେ ସବୁ ପଶିଗଲେ । ତା'ପରେ ଚଉକିଆ ସେ ଘରର ଶିକୁଳି ବାହାରୁ ଦେଇ ଗାଁ ଲୋକମାନଙ୍କୁ କହିଲ, 'କାଲି ସକାଳୁ ଆସି ଶିକୁଳି ଖୋଲି ଦେଖିବ ।'

ପରଦିନ ସକାଳେ କୌତୁହଳୀ ଗାଁଲୋକେ ଏକାଠି ହେଇ ସେ ଘରକୁ ଯାଇ ଶିକୁଳି ଖୋଲିଲେ । ଯାହା ଦେଖିଲେ, ତାଜୁବ୍ ହେଇଗଲେ । ମାଂସ ସବୁ ଖେଳିଆ ମେଳିଆ ହେଇ ପଡ଼ିଛି । ପ୍ରାୟ ସବୁ ମାଉଁସ । ହେଲେ ସବୁ କୁକୁରମାନେ କାମୁଡ଼ା କାମୁଡ଼ି ହେଇ ଖଣ୍ଡିଆ ଖାବରା ହେଇ ପଡ଼ିଛନ୍ତି ।

"ତା' ମାନେ ତମେ କହୁଚ" ସ୍ତ୍ରୀ କହିଲେ, "ମୋ ପିଲାମାନଙ୍କ ଭିତରେ ଝଗଡ଼ା କରିବାକୁ ତାଙ୍କୁ ଛାଡ଼ି ଦେଇଚ ?"

ସୁଜନ ବାବୁ କହିଲେ, "ତା ଛଡ଼ା ସେମାନେ ଆଉ କାହାକଥା ଶୁଣିବେ ନାଇଁ ।"

ସନ୍ଧ୍ୟା ପାଂଚଟା ବେଳକୁ ବଡ଼ ବୋହୂ ଚାହା ଧରି ଆସି ସୁଜନ ବାବୁଙ୍କ କବାଟ ଖଟ୍ ଖଟ୍ କଲା ।

ସୁଜନ ବାବୁଙ୍କ ସ୍ତ୍ରୀ ଆସି କବାଟ ଖୋଲିଲା ପରେ ବୋହୂ ଚ' ଧରି ଆସି ବାପାଙ୍କୁ ଦେଲା । ସୁଜନ ବାବୁ ପଚାରିଲେ, "କ'ଣ ବଣ୍ଟାବଣ୍ଟି ସରିଲା ?"

ବୋହୂ ମୁହଁ ଛିଞ୍ଚାଡ଼ି କହିଲା, "କେଜାଣି ସେମାନେ ଜାଣିଥିବେ ।" ଏତକ କହି ବୋହୂ ପଳେଇଲା । ତା'ପରେ ସୁଜନ ବାବୁଙ୍କୁ ଏତେ ହସ ମାଡ଼ିଲା ଯେ ସେ ଚାହା କପ୍‌ଟା ହାତରୁ ପଡ଼ିଗଲା । ସ୍ତ୍ରୀ ପଚାରିଲେ, "କ'ଣ ହେଲା ?" ସୁଜନ ବାବୁ କହିଲେ, "ମାଉଁସ ଯେତିକି ଥିଲା ସେତିକି ଅଛି । ଖାଲି କିଏ କେତେ ଖଣ୍ଡିଆ ଖାବରା ହେଇଛନ୍ତି ଦେଖିବାକୁ ଅପେକ୍ଷା କର ।"

ସ୍ତ୍ରୀ ହଠାତ୍ ବୋହି ଯାଉଥିବା ଲୁହକୁ ପଣତ କାନିରେ ପୋଛୁ ପୋଛୁ କହିଲେ, "ସାମାନ୍ୟ ଗହଣା ପାଇଁ ତମେ ମୋ ଝିଅ ବୋହୂଙ୍କୁ କୁକୁର ସାଙ୍ଗରେ ତୁଳନା କଲ ? ଏମିତିଆ ବାପା ତମେ ?" ସୁଜନ ବାବୁ ବୁଝିଗଲେ ତାଙ୍କ ମଜା କାହାଣୀଟା ସ୍ତ୍ରୀଙ୍କୁ ଭାରି ବାଧିଚି । "ତମେ ଖରାପ ଭାବିଲ କି ? ମୁଁ ଥଟ୍ଟାରେ ସେମିତି କହିଲି । ସେ ବୋହୂ ହୁଅନ୍ତୁ କି ଝିଅ ହୁଅନ୍ତୁ ସମସ୍ତଙ୍କ ପାଇଁ ମୁଁ ମନଇଚ୍ଛା ଖର୍ଚ୍ଚ କରିଚି । ସେଥିପାଇଁ ମୁଁ କେତେ ତମ ପାଖରେ ଫେରାଦି ହୋଇଚି ? ତମେ ପିଲାମାନଙ୍କୁ ଯେତିକି ଭଲପାଅ ମୁଁ ବି ସେତିକି ଭଲପାଏ । ହେଲେ ମତେ କେମିତି ଲାଗୁଚି, ଆମ ପିଲାଏ ଆମଠୁଁ ବହୁତ ଦୂରେଇ ଗଲେଣି ।"

ସ୍ତ୍ରୀ ପାଖକୁ ଆସି ତାଙ୍କ ହାତକୁ ଧରି ପକେଇଲେ, "ତମେ ସେମିତି କାହିଁକି ଭାବୁଚ ଯେ । ପିଲା, ପିଲା । ସେମାନଙ୍କ ବୟସ ଯେତେ ହଉନା କାହିଁକି ବାପା ମାଙ୍କ ପାଖରେ ଅଳି କରିବାର ଅଭ୍ୟାସଟାକୁ ଛାଡ଼ିଦେବେ ?"

ସବୁଦିନ ପରି ଘର ଚାକର ଦିଇଟା ଚଉକି ନେଇ ଘର ଆଗ ବଗିଚାରେ ପକେଇ ଦେଲା । ସବୁଦିନ ସ୍ୱାମୀ ସ୍ତ୍ରୀ ସେଠି ଦି' ଘଣ୍ଟା ଖଣ୍ଡେ ବସନ୍ତି । ସବୁ ଗଛରେ ପାଣି ଦିଆ ହେଇଚି କି ନାହିଁ, କୋଉ ଗଛରେ ଫୁଲ ଫୁଟିଲା କି ନାହିଁ, କୋଉ ଗଛରେ ପୋକ ଲାଗିଛନ୍ତି- ଏସବୁ ଦେଖନ୍ତି ଆଉ ଉପଚାର ବି କରନ୍ତି । ସେଠି ବସିଲେ ସେ ଦି ଘଂଟା ଦୁନିଆର ଜଂଜାଳରୁ ବାହାରି ଗଛମାନଙ୍କର ଜଂଜାଳକୁ ଆବୋରି ନିଅନ୍ତି । ସୁଜନ ବାବୁ, ସ୍ତ୍ରୀଙ୍କୁ ବସେଇ ଦେଇ ନିଜେ ପାଣି ପାଇପ୍‌ଟା ମାଳି ହାତରୁ ଛଡ଼େଇ ପାଣି ଦବା ଆରମ୍ଭ କରିଦେଲେ । କିଛି ସମୟ ପରେ ସ୍ତ୍ରୀଙ୍କ ପାଟି ଶୁଭିଲା: "ହେଇ ଦେଖିଲ, ନୀତୁ କ'ଣ ତା ବ୍ୟାଗ୍, ସୁଟ୍‌କେଶ୍ ନେଇ କୁଆଡ଼େ ବାହାରିଲାଣି ?" ସୁଜନ ବାବୁ ଦେଖିଲେ ଝିଅ ଆଉ ଜ୍ୱାଇଁ ସ୍ତ୍ରୀଙ୍କ ପାଖରେ । ବାରଣ୍ଡାରେ ତାଙ୍କ ବ୍ୟାଗ ଆଉ ସୁଟ୍‌କେଶ୍ । ପାଇପ୍‌ଟା ହାତରୁ ଖସି ପାଣି ପ୍ରେସର୍‌ରେ ସାପ ଭଳିଆ ମୋଡ଼ି ହଉଥିଲା ତଳେ । "କ'ଣ କି ମା ? ହଠାତ୍ ସବୁ ଜିନିଷପତ୍ର ଧରି ଜ୍ୱାଇଁଙ୍କ ସଙ୍ଗେ କୁଆଡ଼େ ବାହାରିଚ ?" ନୀତୁ କାନ୍ଦୁଥିଲା । କାନ୍ଦି କାନ୍ଦି ଉତ୍ତର ଦେଲା, "ଯୋଉ ଘରେ ଝିଅ ଜ୍ୱାଇଁଙ୍କର ସମ୍ମାନ ନାହିଁ ସେଠି ରହିବା କଷ୍ଟକର ହେଇ ପଡୁଚି ବାପା ।" ସୁଜନ ବାବୁ ଝିଅ ପାଖକୁ ଯାଇ କୁଣ୍ଢେଇ ପକେଇଲେ: "କାଇଁକି କିଏ କ'ଣ ତତେ କିଛି କହିଲେ ?"

"ଖାଲି କହିନାହାନ୍ତି ଅପମାନ ବି ଦେଲେ ।" ନୀତା କହିଲା । "କିଏ ଅପମାନ ଦେଲା ?" "ସାନଭାଉଜ ।" ଏତକ ଶୁଣି ଜୋର୍‌ରେ ହସିଲେ ସୁଜନ ବାବୁ । "ସେ ଅଷ୍ଟ୍ରେଲିଆର ଆଉ ତୁ ଆମେରିକାର । ତମ ଭିତରେ ଟିକିଏ କ'ଣ କଥା କଟାକଟି ହେଲା ଯେ ଦୋଷ ଭୁବନେଶ୍ୱରରେ ରହୁଥିବା ମା' ବାପାଙ୍କର ?"

ସ୍ତ୍ରୀ ଦଉଡ଼ି ଯାଇ ଝିଅକୁ କୁଣ୍ଢେଇ ଯେତେ ପଚାରିଲେ ନୀତୁ ଖାଲି କାନ୍ଦୁଥାଏ । ପୁରା କଇଁ କଇଁ ହେଇ । ବାହାଘର ପରେ ବିଦା ହେଲାବେଳେ ଯେମିତି କାନ୍ଦୁଥିଲା ଠିକ୍ ସେମିତି ।

ସୁଜନ ବାବୁ ପଚାରିଲେ ଜ୍ୱାଇଁଙ୍କୁ, "ହଇଓ ଶଶୀକାନ୍ତ କ'ଣ ହେଲା ?"

ଶଶିକାନ୍ତ ହସି ହସି କହିଲା, "ନାଇଁ ବାପା, ନୀତୁ ସେ ଗହଣା ଭିତରୁ କିଛିଟା ରଖିଦେଇ କହିଲା ନିଜେ ନବାକୁ । ହେଲେ ସାନ ଭାଉଜ ସେତକ ଛଡ଼େଇ ନେଇ କହିଲେ, ବାପା ମାଆଙ୍କ ସଂପତ୍ତି ପୁଅମାନଙ୍କର । ସେମାନେ ଯୋଉ ଖୁସିରେ ଯାହା ଦେବେ, ତାକୁ ଗ୍ରହଣ କରିବା କଥା । ଦାବି କରିବା କଥା ନୁହଁ । ଏ କଥାଟା ନୀତୁକୁ ବାଧିଚି ଆଉ ମତେ ବି ବାଧିନି ଏ କଥା ନୁହେଁ ।

ତାଛଡ଼ା ବାପାମାଆ ନାହାନ୍ତି ବୋଲି ନୀତୁ ଆଉ ମୁଁ ଆମଘରକୁ ନଯିବାଟା ଠିକ୍ ହବନି ଭାବି, ଯାଉଚୁ କେନ୍ଦୁଝର ଆମ ଘରକୁ । ବ୍ୟସ୍ତ ହେବେନି ଆପଣ । ଯୋଉଦିନ ଆପଣଙ୍କ ଫଙ୍କସନ୍ ହବ,ସେଦିନ ଆମେ କିନ୍ତୁ ଫଙ୍କସନ୍‌ରେ ଥିବୁ ।"

ଜ୍ୱାଇଁଙ୍କର ଲମ୍ବା ଭାଷଣ ଶୁଣି ସୁଜନ ବାବୁ ସବୁ ବୁଝିଗଲେ । କହିଲେ, "ଶୁଣ, କାଲି ମୁଁ ନିଜେ ହାତରେ ସେ ଗହଣା ତକ ମୋ ଝିଅ ଆଉ ବୋହୂକୁ ମୁଁ ଦେବି । ତା'ପରେ ତମେ କେଉଁଝର କେବେ ଯିବ ସେ ନିଷ୍ପତ୍ତି ନବ । କ'ଣ କହୁଚୁ ମା ନୀତୁ ?" ନୀତୁ କାନ୍ଦ କାନ୍ଦ ମୁହଁରେ ସ୍ୱାମୀ ଆଡ଼େ ଚାହିଁଲା ସେଠୁ ସେ କ'ଣ ଇଶାରା ପାଇଲ ନା କ'ଅଣ !

"ଠିକ୍ ଅଛି ବାପା । ପିଲାଦିନରୁ ଆଜିଯାଏ ମୁଁ କେଉଁ ଅମାନିଆ ହେଇନି ।" ନୀତୁ କହିବା ସାଙ୍ଗେ ସାଙ୍ଗେ ସୁଜନ ବାବୁ କହିଲେ, "ଆଜି ବି ତା'ର ବ୍ୟତିକ୍ରମ ହବନି । ଯା ଉପରକୁ ଯା । ଆଜି ରାତି ଖାଇବାର ରୋଷେଇ କଥା ତୁ ବୁଝିବୁ । କୋଉ ଭାଉଜକୁ ସେ ରୋଷେଇ ଘରେ ପୁରେଇ ଦବୁନି ।"

ପରଦିନ ଜଳଖିଆ ଖାଇସାରି ସମସ୍ତେ ଚାରି ମହଲାରେ । ସୁଜନ ବାବୁ ସକାଳୁ ସକାଳୁ ଗୋଟେ ବଣିଆକୁ ଡାକି ଆଣିଚନ୍ତି । ବଡ଼ପୁଅ ହାତରେ ଦି ଫର୍ଦ୍ଦ କାଗଜ ଆଉ ଗୋଟେ କଲମ । ସବୁ ଗହଣା ତକ ଡବାରୁ ଓହ୍ଲେଇଲେ କାର୍ପେଟ୍ ଉପରେ ଥିବା ବେଡ୍‌ସିଟ୍ ଉପରକୁ । ସବୁ ଅଲଗା ଅଲଗା । ଗୋଟାଏ ପଟରୁ ଝିଅ ଗୋଟେ ଗୋଟେ ଗହଣା ବଢେଇ ଦଉଥାଏ ବଣିଆକୁ । ବଣିଆ ଓଜନ କରି ବଡ଼ ପାଟିରେ କହୁଥାଏ ଓଜନ କେତେ ହେଲା । ତା'ପରେ ବଣିଆ ବଢ଼େଇ ଦଉଥାଏ ସାନବୋହୂ ହାତକୁ । ସାନବୋହୂ ଦେଇ ଦଉଥାଏ ବଡ଼ ଯାଆକୁ । ବଡ଼ଯାଆ (ବଡ଼ବୋହୂ) ତାକୁ ଅଲଗା କରି ଗୋଟାଏ ଜାଗାରେ ରଖୁଥାଆନ୍ତି । ଗୋଟାଏ ସୋଫାରେ ସୁଜନ ବାବୁ ଆଉ ଗୋଟେ ସୋଫାରେ ତାଙ୍କ ସ୍ତ୍ରୀ ବସି ଦେଖୁ ଥାଆନ୍ତି ସମସ୍ତଙ୍କ ମୁହଁ । ଦିନ ଦି'ଟା ବାଜିଲାଣି । ଓଜନ କାମ ସରିବାକୁ ଆଉ ଘଣ୍ଟାଏ ଲାଗିବ । ସୁଜନ ବାବୁ ପଚାରିଲେ, "ଖାଇ କି ଆସି ଏ କାମ ସାରିବ ନା ଏ କାମ ସାରି ଖାଇବ ?"

ଏକ ସ୍ୱରରେ ଏକମତ ହେଲା ସମସ୍ତଙ୍କର:

"ନାଇଁ ଓଜନ ସରିବା ପରେ ଖାଇବା" ସୁଜନ ବାବୁ ହାତରେ ଥିବା ବିସ୍କୁଟ୍ ପ୍ୟାକେଟ୍ ସମସ୍ତଙ୍କୁ ଗୋଟେ ଗୋଟେ ବଢ଼େଇ ଦେଇ, ନିଜେ ଖାଇ ସ୍ତ୍ରୀଙ୍କୁ ଦେଲେ, କହିଲେ, "ଏ ବୟସରେ ଖାଲିପେଟରେ ରହିବା ଠିକ୍ ନୁହେଁ ।"

ଓଜନ କାମ ସରୁସରୁ ପ୍ରାୟ ସାଢ଼େ ତିନିଟା ବାଜିଗଲା । ସମସ୍ତେ ସେ ଘରୁ ବାହାରି ଆସିଲେ । ସୁଜନ ବାବୁ ନିଜେ ସେ ଘର ତାଲା ପକେଇ ହାତରେ ଚାବି ଧରି ବଣିଆକୁ କହିଲେ, "ତୁମ କାମ ସରିନି । ଚାଲ ତଳକୁ । ଖାଇକରି ଆସିବା । ପୁଣି ଦ୍ୱିତୀୟ କାର୍ଯ୍ୟରେ ହାତ ଦବା ।" ସମସ୍ତେ ଗୋଟି ଗୋଟି ହେଇ ତଳକୁ ଓହ୍ଲେ ଆସିଲେ । ପୁଣି ଆରମ୍ଭ ହେଲା ଗହଣା ବଣ୍ଟା କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ।

ସୁଜନ ବାବୁ ବଡ଼ ପୁଅକୁ ପଚାରିଲେ, "ସବୁ ସୁନା ଗହଣା ମିଶି କେତେ ଓଜନ ହେଲା ?" ବଡ଼ ପୁଅ ନିଜ ମୋବାଇଲରେ ଦେଖିବା ସାଙ୍ଗେ ସାଙ୍ଗେ ସାନପୁଅ ଆଉ ଜ୍ୱାଇଁ ସେମାନେ ମଧ୍ୟ ତାଙ୍କ ମୋବାଇଲ କାଢ଼ି ଦେଖିଲେ । ବଡ଼ପୁଅ ଘୋଷଣା କଲେ, "ସମୁଦାୟ ତିନିହଜାର ତିନି ଶହ ଏକାଅଶୀ ଗ୍ରାମ ।" ସୁଜନ ବାବୁ ସାନପୁଅ ଆଡ଼େ ଚାହିଁଲେ । ସେ ମୁଣ୍ଡ ହଲାଇ ସମ୍ମତି ପ୍ରକାଶ କଲେ । ପୁଣି ଜ୍ୱାଇଁ ଆଡ଼କୁ ଚାହିଁବାରୁ ଅଳ୍ପ ହସି ଜ୍ୱାଇଁ କହିଲେ,'Perfect' ପୁଣି ଝିଅକୁ ପଚାରିଲେ ସୁଜନ ବାବୁ, "ମା ଲୋ ତିନିହଜାର ତିନି ଶହ ଏକାଅଶୀ ଗ୍ରାମକୁ ଚାରିରେ divide କଲୁ, କେତେ ହେଲା ?" ସେ ଉତ୍ତର ନ ଦଉଣୁ ସାନବୋହୂ କହିଲା, "ଚାରିରେ କାହିଁକି, ଆମେ ତ ତିନିଜଣ । ତିନିରେ Divide କରିବା କଥା ।" ସୁଜନ ବାବୁ ଏ କଥା ଶୁଣି କହିଲେ, "ତମେ ଭୁଲିଯାଉଚ କି ଏ ଘରେ ତମେ ଚାରିଜଣ ମହିଳା ବସଚ । ମା' ପରା ବଂଚିଚି । ତାକୁ ତମ ସାଙ୍ଗରେ ମିଶେଇବନି କି ?"

ଏକଥରକ ମୁହଁ ଖୋଲିଲେ ବଡ଼ପୁଅ । କହିଲେ, "ମାମାକୁ ପଚାର ତା'ର ମତ କଅଣ ।"

ହଠାତ୍ ସୁଜନ ବାବୁଙ୍କ ସ୍ତ୍ରୀ ଚମକି ପଡ଼ିଲେ । "ମୋ କଥା କାହିଁକି ପଡ଼ିଚି ? ମୁଁ ଆଉ କେଦିନ ବଞ୍ଚିବି ଯେ ସୁନାକୁ ଲୋଭ କରିବି । ତୁମେ ଯାହା ନବା କଥା ନେଇଯାଅ । ଖୁସିରେ ରୁହ ।"

ସ୍ତ୍ରୀଙ୍କ କଥା ଶୁଣି ସୁଜନ ବାବୁଙ୍କ ଆଖି କୋଣରେ ଲୁହ ଜକେଇ ଆସିବା କ୍ଷଣି, ସେ ସମସ୍ତଙ୍କ ଅଜାଣତରେ ସେତକ ପୋଛି ପକେଇଲେ ।

"ହଉ ତାହେଲେ" ସୁଜନ ବାବୁ କହିଲେ ।

ତିନ୍‌ରେ divide କର । ପୁଣି ତିନିଟା ମୋବାଇଲ୍ ଚଳଚଞ୍ଚଳ ହୋଇ ଉଠିଲା । ପୁଣିଥରେ ସମବେତ ଶବ୍ଦ ହିନ୍ଦୀ ଆଉ ଇଂରାଜୀରେ : "ଏଗାର ଶହ ସତେଇଶି ଗ୍ରାମ । Eleven hundred twenty seven grams."

ସୁଜନ ବାବୁ ଏକ ଦୀର୍ଘନିଃଶ୍ୱାସ ନେଲେ ଓ କହିଲେ, "ହଉ ତମେମାନେ ସବୁ ମାମାକୁ ନେଇ ବଗିଚାକୁ ଯାଅ । ମୁଁ ବଣ୍ଟାବଣ୍ଟି କରୁଚି । ଯାହାର ଆପତ୍ତି ଅଛି, ସିଏ ଏଠି ରହି ପାରନ୍ତି ।"

ସୁଜନ ବାବୁଙ୍କ କଥା ଶୁଣି ସମସ୍ତେ ସମସ୍ତଙ୍କ ଆଡ଼କୁ ଚାହିଁଲେ, ତା'ପରେ ମାମାକୁ ଧରି ଝିଅ ଗଲାବେଳେ ସୁଜନ ବାବୁଙ୍କୁ ଗୋଟେ ଗେଲ କରିଦେଇ ଚାଲିଗଲା ।

ତା'ପର ସମସ୍ତେ ଚାଲିଲେ । କିନ୍ତୁ ବଡ଼ ବୋହୂ ଆଉ ସାନ ବୋହୂ ଦିହେଁ ଅଶାନ୍ତି ହଉଥିବା ପରି ଲାଗୁଥିଲେ ।

ବଗିଚାରେ ଚାହାପର୍ବ ଆରମ୍ଭ ହେଇଗଲା । ତା'ରି ଭିତରେ ମାମା ପଚାରିଦେଲେ: "ଆରେ ତମେମାନେ ପରା ବିବାହ ବାର୍ଷିକୀ କରିବାକୁ ଏକାଠି ହେଇ ଆସିଚ ? କାଇଁ କେହି ତ ସେ ବିଷୟରେ ତ ଜମା ଆଲୋଚନା କରୁନ । କୋଉଠି କରିବ, କେମିତି କରିବ, କାହାକୁ କାହାକୁ ଡାକିବ, ଏସବୁ କ'ଣ ଅଳପ କାମ କି ?" ସମସ୍ତେ ମାମା କଥା ଶୁଣିଲେ, କିନ୍ତୁ କେହି ଉଁ କି ଚୁଁ କିଛି କହିଲେ ନାହିଁ । ପୁଣି ତାଙ୍କ ଭିତରେ ଆଲୋଚନା ଆରମ୍ଭ ହୋଇଗଲା । ଯୋଉ ସବୁ ଗହଣା ଓଜନ ହଉଥିଲା, ତା' ଭିତରୁ କୋଉ ଗହଣା କାହାକୁ ଭଲ ଲାଗୁଥିଲା ଚର୍ଚ୍ଚାର ମୁଖ୍ୟ ବିଷୟ ଏଇଆ ଥିଲା ।

ଏସବୁ ଶୁଣି ମାମା ବଡ଼ ବ୍ୟସ୍ତ ହୋଇପଡ଼ି ଝିଅକୁ ପଚାରିଲେ: "ବାପା ତତେ ଯୋଉ ଗହଣା ଦେବେ ତୁ ତାକୁ ପିନ୍ଧିବୁ ତ ?"

ହସିଦେଲା ଜୋର୍‌ରେ ନୀତୁ । "ମାମା ତମେ ବି- ଯୋଉ ଡିଜାଇନ୍‌ର ଗହଣା ସବୁ ତମର, ଏ ଯୁଗରେ ତାକୁ କିଏ ପିନ୍ଧୁଚି ?"

ମାମା ଥତମତ ହେଇ ପଚାରିଲେ, "ତାହେଲେ ସେ ଗହଣା ତୁ କ'ଣ କରିବୁ ?" ନୀତୁ କାଳ ବିଳମ୍ୱ ନକରି କହିଲା, "ମତେ କାଇଁକି ପଚାରୁଚ, ତମ ଦି ବୋହୂଙ୍କୁ ପଚାରୁନ । ସେମାନେ ପିନ୍ଧିବେ କି ଆଉ କ'ଣ କରିବେ ।" ମାମା, ଝିଅ ଠୁଁ ଶୁଣି ବଡ଼ ବୋହୂ ଆଡ଼େ ପରେ ସାନ ବୋହୂ ଆଡ଼େ ଚାହିଁଲେ । ବଡ଼ବୋହୂ ଉତ୍ତର ଦେଲା: "ଆଜିକାଲି କ'ଣ ସେ ଗହଣା କିଏ ପିନ୍ଧୁଚି ?"

ସୁଜନ ବାବୁ ତାଙ୍କ କାମ ସାରି ସମସ୍ତଙ୍କୁ ଉପରକୁ ଡକେଇଲେ । ସମସ୍ତଙ୍କ ସାମ୍‌ନାରେ ତିନୋଟି ଗହଣା ପୁଡ଼ିଆ ରଖି ଗୋଟିକ ପରେ ଗୋଟିଏ ଓଜନ କଲେ । ସମସ୍ତେ ଦେଖିଲେ ସମାନ ଓଜନ । ସବୁ ପୁଡ଼ିଆର ଉପର ପଟ ଯୋଉଠି ବନ୍ଧା ହେଇଚି, ସେଠି ଜଉମୁଦ କରି ଦେଇଥିଲେ ।

"ତମେ ବି ବୋହୂ ଆଉ ଝିଅ ତିନିଜଣ ଗୋଟିଏ ଗୋଟିଏ ପୁଡ଼ିଆ ନେଇଯାଅ । ଯା ଭିତରେ ଯୋଉସବୁ ଗହଣା ଅଛି ସବୁ ହଲ୍‌ମାର୍କ ସୁନା । ତମକୁ ତ ମାମାର ଗହଣା ଦରକାର ନଥିଲା, ଦରକାର ଥିଲା ସୁନା । ଯଦି ଏଠି ରଖିବାକୁ ଚାହିଁବ ତାହେଲେ ମୋ ଠୁଁ 'ଲକର୍' ଚାବି ନେଇଯିବ ।" ଏତିକି କହି ସୁଜନ ବାବୁ, ବଣିଆ ସାଙ୍ଗରେ ଲିଫ୍ଟରେ ତଳକୁ ଚାଲିଗଲେ ।

ଉପର ଡ୍ରଇଂ ରୁମ୍‌ରେ ସମସ୍ତେ ନିର୍ବାକ୍ । କାହାରି ମୁହଁରେ ଭାଷା ନାହିଁ । କିନ୍ତୁ ମାମାକୁ ଛାଡ଼ିଦେଲେ, ପୁଅ, ବୋହୂ, ଝିଅ ଜ୍ୱାଇଁ ମୁହଁରେ କେମିତି ଗୋଟେ ଭିନ୍ନ ପ୍ରକାରର ଆନନ୍ଦର ପ୍ରତିଛବି ଦେଖିବାକୁ ମିଳୁଥିଲା । ସେ ଆନନ୍ଦରେ ଉତ୍ସାହ ଲୁଚି କି ଥିଲା, ଆଉ କିଛି ନିରାଶାର ପ୍ରଶ୍ନ ଚିହ୍ନ ମଧ୍ୟ ଅସ୍ପଷ୍ଟ ଭାବରେ ଉଙ୍କି ମାରୁଥିଲା ।

ପରଦିନ ସକାଳେ ଝିଅ ସୁଜନ ବାବୁ ଓ ତାଙ୍କ ସ୍ତ୍ରୀଙ୍କ ପାଇଁ ଗୋଟେ ଟ୍ରେରେ ଚାହା ଆଣି ନିଦରୁ ଉଠେଇଦେଲା । ପଛେ ପଛେ ସାନ ବୋହୂ ଗୋଟେ ପ୍ଲେଟ୍‌ରେ ବିସ୍କୁଟ । ସୁଜନ ବାବୁଙ୍କ ସ୍ତ୍ରୀ ଚାହା ପିଇବା ପୂର୍ବରୁ ବ୍ରସ୍ କରନ୍ତି । ତେଣୁ ସେ ବ୍ରସ୍ କରିବାକୁ ଚାଲିଗଲେ । ହଠାତ୍ ବଡ଼ବୋହୂ ଆସି ପଚାରିଲା: "ବାପା, ବୋଉ ଆପଣ ସକାଳେ କ'ଣ ଖାଇବେ ?"

ଆଶ୍ଚର୍ଯ୍ୟ ହେଲେ ସୁଜନ ବାବୁ: "ଇୟେ କଅଣ ?" ଝରକା ବାଟେ ବଗିଚାକୁ ଚାହିଁଲେ, ଜ୍ୱାଇଁ ଆଉ ଦି ପୁଅ ଗଛମାନଙ୍କରେ ପାଣି ଦଉଚନ୍ତି । ସବୁ କେମିତି ବଦଳି ଗଲା ପରିକା ଦେଖାଯାଉଚି ।

ବଡ଼ବୋହୂକୁ ପଚାରିଲେ, "ଆଜି, ମାଳି, ଚାକର କି ପୁଝାରୀ କେହି ନାହାନ୍ତି କି ?" ବଡ଼ବୋହୂ ଉତ୍ତର ଦେଲେ, "ଆମେ ସବୁ ମନା କରି ଦେଇଚୁ । ଆମେ ସମସ୍ତେ ମିଶି ରୋଷେଇ କରିବୁ । ଘର, ଦ୍ୱାର, ବଗିଚା ସଫା କରିବୁ । ଜୀବନରେ ସେବା କରିବାର ଯୋଉ ସୁଯୋଗ ମିଳିଛି, ସେ ସୁଯୋଗକୁ ଆମେ ହାତଛଡ଼ା ନକରିବାକୁ ନିଷ୍ପତ୍ତି ନେଇଛୁ ।"

ସୁଜନ ବାବୁ ହସିଲେ । କହିଲେ, "ମାମାକୁ ପଚାର ।" ମାମା ସବୁ ଶୁଣି ସାରିଥିଲେ । "ତମକୁ ଯାହା ଖୁସି, କର । ଆମେ ଖାଇଦବୁ ।" ବଡ଼ବୋହୂ ଚାଲିଗଲେ ।

ସୁଜନ ବାବୁ କପର ଶେଷ ଚାହାଟା ଶୋଷାଡ଼ି ନେଇ ଆସ୍ତେ ଆସ୍ତେ ଗୋଟିଏ ଗୀତ ଗାଇଲେ ।

"ମେଘ ଚାଲିଗଲା ମେଘ ବାଟେ ସେ
ବତାସ ହୋଇଲା ଧିର ।
ପଡ଼ିଗଲା ଖରା ନିର୍ମଳ ହଇ ଲୋ
ପାଣି ହୁଏ କଳକଳ ।"

ସୁଜନ ବାବୁଙ୍କ ସ୍ତ୍ରୀ କହିଲେ, "ଆଜି ହଠାତ୍ କାଳିଜାଇ ଗୀତ କେମିତି ସକାଳୁ ସକାଳୁ ମନେ ପଡ଼ିଗଲା ତୁମର ?"

ସୁଜନ ବାବୁ କହିଲେ, "ତମର ମନେ ଅଛି ସେ ଗୀତ ?" ସ୍ତ୍ରୀ ମୁଣ୍ଡ ଟୁଙ୍ଗାରି କହିଲେ, "ମଲା, କାଳିଜାଇ ଗୀତ କ'ଣ ଭୁଲି ହବ ? ହେଲେ ଆଜି ହଠାତ୍ ତମର କାଇଁକି ଏ ଗୀତ ମନେ ପଡ଼ିଲା ?"

ସୁଜନ ବାବୁ କହିଲେ, "କାଲି ରାତିରେ ଗହଣା ଝଡ଼ ତା ବାଟରେ ଚାଲିଗଲା ପରେ, ଦେଖୁନ, ଝିଅ, ଜ୍ୱାଇଁ, ପୁଅ, ବୋହୂ ଆନନ୍ଦରେ ଚିଲିକା ପାଣି

କଳକଳ ହଉଥିଲା ପରି କେମିତି ହଉଛନ୍ତି ।”

ସ୍ତ୍ରୀ ସ୍ୱାମୀଙ୍କ କଥାକୁ ନାପସନ୍ଦ କରି କହିଲେ, “ପିଲାମାନେ ଅଝଟ ହେଲେ ବିଗୁଡୁଚ, ପୁଣି ଖୁସି ହେଲେ ଯାତୁ ସ୍ୟାତୁ କହୁଚ । ଭଲ ହେଲା, ମୁଁ ବଞ୍ଚି ଥାଉଁ ଥାଉଁ ସେ ଗହଣା ପାଲା ସରିଗଲା । ନହେଲେ ମୁଁ ନଥିବା ଅବସ୍ଥାରେ ତୁମ ମୁଣ୍ଡ କାମ କରି ନଥାନ୍ତା ।

ସ୍ତ୍ରୀଙ୍କ ଲମ୍ବା ଅଭିଭାଷଣ ପରେ ସୁଜନ ବାବୁ ଖାଲି ପଦିଏ କହିଲେ, “ଆଗକୁ ଦେଖ । ପବନର ଗତି ଆଉ ବେଗ କୁଆଡ଼େ ?”

ସ୍ତ୍ରୀ ଖଟ ଉପରୁ ଉଠି ନିଜର ଆଉ ସ୍ୱାମୀଙ୍କର ଚା କପ୍ ଆଉ ବିସ୍କୁଟ୍ ଟ୍ରେଟା ନଉ ନଉ ସାନବୋହୂ ଆଉ ଝିଅ ଆସି ହାତରୁ ନେଇଗଲେ । ହଠାତ୍ ସାନବୋହୂକୁ ପଚାରିଲେ ସୁଜନ ବାବୁ, “ଆରେ ତମର ଆସିବା ଦି'ଦିନ ହେଇଗଲାଣି, ଅଥଚ ପିଲାମାନେ କୋଉଠି ?”

ସାନବୋହୂ କହିଲା, “ବାପା, ମୋର ଝିଅଟା ବଡ଼ ଆଉ ପୁଅ ତ ବର୍ଷକର । ସେ ଖାଇବା ଘରେ ମୋବାଇଲ ଦେଖୁଥାଏ । ତାକୁ ଡାକିଲି ହେଲେ ସିଏ ତଳକୁ ଆସିବାକୁ ନାରାଜ । ମୁଁ ବି ପୁଅକୁ ତା ଜିମା ଦେଇ ଆସିଚି । ଝିଅ ପିଲା ହେଲେ କ'ଣ ହବ ? ଭାରି ଦାୟିତ୍ୱବାନ୍ । ସେ ତା ସାନଭାଇକୁ ଯେତିକି ଭଲପାଏ, ସେତିକି ତା'ର କାମ ସବୁ କରିଦିଏ ?”

“ଆଉ ନୀତୁର ପିଲାମାନେ ତ ଆସିଲେ ନାହିଁ । ଆସିଥିଲେ ସମସ୍ତେ ଚିହ୍ନା ଚିହ୍ନି ହେଇଯାଆନ୍ତେ, ଆମ ବୁଢ଼ାବୁଢ଼ୀ ଟିକିଏ ଭଲ ଲାଗିଥାଆନ୍ତା ।”

ଏତିକି ବେଳେ ନୀତୁ କହିଲା, “ସେମାନେ Winter Campରେ Switzerland ଯିବାକୁ Programme କରିଥିଲେ । ଆମେ ଯେତେ କହିଲୁ ଶୁଣିଲେ ନାହିଁ ।” ସୁଜନ ବାବୁ ଝିଅ ଆଡ଼େ ଚାହିଁଲେ । “ତୋ ବଡ଼ଭାଇର ପିଲାପିଲି ନ ହବାରୁ ଆମ ଘର ସବୁବେଳେ ଶୁନ୍‌ଶାନ୍ ଥାଏ । ତମେ ଆସିବା ପରେ ଆମେ ଦି'ଜଣ ଭାବୁଥିଲୁ କିଛିଦିନ ନାତିନାତୁଣୀଙ୍କ ସାଙ୍ଗରେ ସମୟ ବିତେଇବାକୁ । ହେଲେ ସେ ସୁଯୋଗ ତ ଏଯାଏଁ ଜୁଟିଲା ନାଇଁ । ସାନବୋହୂ କହିଲା, “ବାପା, ଯୁଗ ବଦଳି ଗଲାଣି- ଏବେ ପିଲାମାନେ, ସ୍କୁଲକୁ ଯିବା ପରେ ଆଉ ଘରେ ଆମମାନଙ୍କୁ ବି ଚିହ୍ନୁନାହାନ୍ତି । ସେମାନଙ୍କ ଠାରୁ ଆମର ଏ ପୁରୁଣାକାଳିଆ ଆନନ୍ଦ, ଆଶା କରିବା ବୃଥା ।” ସୁଜନ ବାବୁ ସବୁ ଶୁଣି ତଉଲିଆ ଧରି ବାଥ୍‌ରୁମ୍‌କୁ ଚାଲିଗଲେ ।

ସୁଜନ ବାବୁଙ୍କ ଡଇନିଂ ଟେବୁଲ୍‌ଟା ବହୁତ ବଡ଼ । ପ୍ରାୟ ବାର ଜଣ ଏକାଠି ବସି ଖାଇ ପାରିବେ । ସମସ୍ତେ ଏକାଠି ଟେବୁଲ୍ ଚାରିକଡ଼େ ବସିଛନ୍ତି । ଝିଅ, ଆଉ ବୋହୂ ଦି'ଜଣ 'ଜମାଟୋ'ରୁ ମଗେଇଥିବା ପୁଡ଼ିଆମାନ ଗୋଟାକ ପରେ ଗୋଟାଏ ଖୋଲୁ ଥାଆନ୍ତି ।

ସୁଜନ ବାବୁ ପଚାରିଲେ, “ଜଳଖିଆ ତିଆରି ନକରି ବାହାରୁ ମଗେଇଲ କାହିଁକି ?”

ଜ୍ୱାଇଁ ଉତ୍ତର ଦେଲେ, “ବାପା ଆପଣ ତ ସବୁଦିନ ସେଇ ଘର ଖାଇବା ଖାଉଛନ୍ତି, ସେଥିପାଇଁ ମୁଁ କହିଲି, ଆମେ ବାହାରୁ ମଗେଇବା । ବହୁତ ବଢ଼ିଆ ମାଡ୍ରାସ ହୋଟେଲ୍ । ମୋବାଇଲ୍‌ରେ ଦେଖୁଥିଲି, ତାର ରେଟିଂ ପୁରା ୫ । ଆପଣ ଖାଇକି ଦେଖନ୍ତୁନା ବହୁତ tasty ଲାଗିବ ।”

ସାନବୋହୂକୁ ଚାହିଁ ସ୍ତ୍ରୀ ପଚାରିଲେ, “ଆଉ ତୋ ପିଲାମାନେ ଖାଇଲେଣି ?” ସାନବୋହୂ ମୁଣ୍ଡ ଟୁଙ୍ଗାରି କହିଲା, “ହଁ ସେ କାମ ମୁଁ ସାରି ଦେଇଛି । oats ଆଉ କ୍ଷୀର ସେମାନଙ୍କର ପସନ୍ଦ ।”

ବାସ୍ ଆରମ୍ଭ ହେଲା ଜଳଖିଆ ପର୍ବ । ସୁଜନ ବାବୁ ଆଉ ତାଙ୍କ ସ୍ତ୍ରୀଙ୍କୁ ଲାଗୁଥିଲା, ଯେମିତି ସେ ଏ ଘରେ କୁଣିଆ । ଝିଅ, ଜ୍ୱାଇଁ ଆଉ ବୋହୂମାନଙ୍କର ଚର୍ଚ୍ଚା ଦେଖି ମନେମନେ ଭାବୁଥିଲେ: “ପିଲା ଜନ୍ମ କରିବ ତ ଏମିତି ।”

ହଠାତ୍ ସାନପୁଅ ପ୍ରଶ୍ନ କଲା, “ବାପା ତମେ ଏତେ ରୋଜାଗର କରି କ'ଣ ଖାଲି ସୁନାଗହଣା ଆଉ ଏ ଘର କରି ସାରିଦେଲ ?”

ସୁଜନ ବାବୁ ପ୍ରଶ୍ନ ଶୁଣି ସାନପୁଅଠୁଁ ଆରମ୍ଭ କରି ସମସ୍ତଙ୍କ ମୁହଁକୁ ଚାହିଁଲେ । କିଛି ଉତ୍ତର ନଦେଇ ଖାଇବାରେ ମନ ଦେଲେ । କଣେଇ କରି ସାନପୁଅକୁ ଚାହିଁଲା ବେଳେ ଦେଖିଲେ ସେ ବଡ଼ପୁଅକୁ ଇଶାରା କରି କ'ଣ କହିଲା । ସୁଜନ ବାବୁ ବୁଝିଗଲେ । ଗହଣା ଝଡ଼ ସିନା ଥମିଗଲା । ହେଲେ ଆଉ ଗୋଟାଏ ବାତ୍ୟା ବଙ୍ଗୋପସାଗରର ଆଣ୍ଡାମାନ ଦ୍ୱୀପରେ ଦାନା ବାନ୍ଧୁଚି ।

କିଛି ନକହି ଅପେକ୍ଷା କଲେ, କେବେ ଏ ବାତ୍ୟା କି ରୂପ ନେଇ 'ଲାଣ୍ଡଫଲ୍' କରିବ । ସେ କଥା ସେଇଠି ରହିଲା । ତା'ପରେ ଆଉ ବିଶେଷ କିଛି ଆଲୋଚନା ନହେଇ ଜଳଖିଆ ପର୍ବ ସରିଲା ।

କିନ୍ତୁ ସୁଜନ ବାବୁ ଲକ୍ଷ୍ୟ କରୁଥିଲେ, ବାତ୍ୟା ପୂର୍ବରୁ ଯେମିତି ପବନ ଥମିଯାଏ, ପାଗ ଗୁମ୍‌ସୁମ୍ ହେଇଯାଏ, ସେମିତି ହେଇ ଯାଇଛି ତାଙ୍କର ଘର ପରିବେଶଟା । ତା'ପରଦିନ ସକାଳୁ ସୁଜନ ବାବୁ ଯାଇଥିଲେ ସାଙ୍ଗମାନଙ୍କ ସାଙ୍ଗରେ ପ୍ରାତଃଭ୍ରମଣ କରିବାକୁ । ଇଚ୍ଛା ଥିଲା ହୋ, ହଲ୍ଲା କରି ମନକୁ ଭୁଲେଇ ଦେବେ । କିନ୍ତୁ ସେଠି ପହଞ୍ଚିଲା ବେଳକୁ ଜାଣିଲେ ଗତ ରାତିରେ କୃପାସିନ୍ଧୁ ବାବୁଙ୍କର Heart Attack ହେଇଚି । ସେ ହସ୍‌ପିଟାଲ୍‌ରେ ଅଛନ୍ତି । ତେଣୁ ସମସ୍ତେ ଠିକ୍ କଲେ ଆଉ ଚଲାଚଲି ନକରି ସିଧା ହସ୍‌ପିଟାଲ୍ ଯିବାକୁ । କାହାରି କିଛି ଆପତ୍ତି ନଥିଲା । ସୁଜନ ବାବୁ ଭାବିଥିଲେ କୃପାସିନ୍ଧୁ ବବୁଙ୍କ ପୁଅ ତ ହାଇଦ୍ରାବାଦରୁ ଆସି ନଥିବ । କେହି ନଥିବେ ତାଙ୍କ ପାଖେ । ତେଣୁ ସେମାନଙ୍କ ଯିବା ନିହାତି ଜରୁରୀ । କିନ୍ତୁ ସେଠି ହସ୍‌ପିଟାଲ୍‌ରେ ପହଂଚିବା ପରେ ଦେଖିଲେ ଆଇସିୟୁ ସାମ୍‌ନାରେ ଲୋକ ହାଉଯାଉ । ଯେହେତୁ ସିଏ ଆପାର୍ଟମେଣ୍ଟ୍‌ରେ ରହୁଥିଲେ, ତେଣୁ ସବୁ ଫ୍ଲାଟ୍‌ରୁ ଅତି କମ୍‌ରେ ଜଣେ ଜଣେ ସେଠି ଥିଲେ । ସେଇ ଭିଡ଼ ଭିତରେ କୌଣସି ମତେ ସାତଜଣ ପ୍ରାତଃଭ୍ରମଣ ବନ୍ଧୁ ଡାକ୍ତର ନର୍ସଙ୍କୁ ବହୁ ଖୋସାମତି ପରେ ଜଣେ ଜଣେ ଭିତରକୁ ଯାଇ ଦେଖିଲେ ।

କୃପାସିନ୍ଧୁ ବାବୁଙ୍କ ନାକରେ ନଳୀ । ଔଷଧ ଭେନ୍‌ରେ ଦିଆ ଚାଲିଚି । କିନ୍ତୁ କୃପାସିନ୍ଧୁ ବାବୁ କୋମାରେ । ଆପାର୍ଟମେଣ୍ଟ୍ ବାଲାଙ୍କ ଠାରୁ ଜାଣିଲୁ, ସେଇମାନେ ରାତିରେ ହସ୍‌ପିଟାଲ୍ ଆଣି ଆଡ୍‌ମିଶନ୍ କରିଛନ୍ତି ଆଉ ହସ୍‌ପିଟାଲ୍‌ର ନିୟମ ଅନୁଯାୟୀ ଲକ୍ଷେ ଟଙ୍କା ଡିପୋଜିଟ୍ ମଧ୍ୟ କରିଛନ୍ତି । ସୁଜନ ବାବୁ ଓ ବନ୍ଧୁମାନେ ଶୁଣିଲେ ପୁଅର ଖବର । ସେ ଆସି ଗୋଟାଏ ବେଳେ ପହଞ୍ଚିବେ ।

ତେଣୁ ନିଷ୍ପତ୍ତି ହେଲା ଲଞ୍ଚ୍ ଖାଇ ସମସ୍ତେ ପୁଣି ଥରେ ଆସିବା ଦିଇଟା ବେଳେ । ପୁଅ ସାଙ୍ଗେ କଥାବାର୍ତ୍ତା ହେଇ ଆଗକୁ କ'ଣ କେମିତି ହବ, ସେ ବିଷୟରେ ବିଚାର କରିବେ । କୃପାସିନ୍ଧୁ ବାବୁଙ୍କ ସ୍ତ୍ରୀ ଦୁଇ ବର୍ଷ ତଳେ ହଠାତ୍ ସେ ପୁରକୁ ଚାଲିଗଲେ । ସେତେବେଳକୁ ପୁଅବୋହୂ ସୁଇଜରଲାଣ୍ଡ୍ ଯାଇଥିଲେ ବୁଲିବା ପାଇଁ । ସେମାନେ ଫେରିଲା ବେଳକୁ କୃପାସିନ୍ଧୁ ବାବୁ ଅନ୍ୟ ବନ୍ଧୁବାନ୍ଧବମାନଙ୍କ ସହଯୋଗରେ ଶୁଦ୍ଧିକ୍ରିୟା କାମ ଶେଷ କରି ସାରିଥିଲେ । ପୁଅବୋହୂ କୃପାସିନ୍ଧୁ ବାବୁଙ୍କୁ ହାଇଦ୍ରାବାଦ ନେଇଯିବାର ଯେଉଁ ପ୍ରସ୍ତାବ ଦେଲେ, କୃପାସିନ୍ଧୁ ବାବୁ ସେ ପ୍ରସ୍ତାବକୁ ଗ୍ରହଣ କରିନଥିଲେ ।

ଦିନେ ସକାଳେ ପ୍ରାତଃଭ୍ରମଣ ବେଳେ ଏଇ ଚର୍ଚ୍ଚା ହେଇଥିଲା । ନ ଯିବାର କାରଣ ସେ ଯାହା କହିଲେ ସେଥିରେ ସୁଜନ ବାବୁ ଓ ଅନ୍ୟ ବନ୍ଧୁମାନେ ଆଶ୍ଚର୍ଯ୍ୟ ହେଇଗଲେ ।

ହାଇଦ୍ରାବାଦରେ ପୁଅ ମଧ୍ୟ ତିନି ବେଡ୍‌ରୁମ୍ ବାଲା ଫ୍ଲାଟ୍‌ରେ ରହେ । ନାତି ଆଉ ନାତୁଣୀ ବଡ଼ ହେଇଥିବା ଦୃଷ୍ଟିରୁ ତିନିଜଣ ଯାକ ତିନି ବଖରାରେ । ଯଦି କୃପାସିନ୍ଧୁ ହଁ କହି ଥାଆନ୍ତେ, ତାହେଲେ ତାଙ୍କ ପୁଅ ସେଇ ପାଖାପାଖି ଗୋଟେ One bed-room flat ନେଇଥାଆନ୍ତା ।

କୃପାସିନ୍ଧୁ ବାବୁ ସେଥିପାଇଁ ବହୁତ ଭାବିଚିନ୍ତି ନ ଯିବା ପାଇଁ ମନସ୍ଥ କରିଥିଲେ ।

କହୁ କହୁ କୃପାସିନ୍ଧୁ ବାବୁ କହିଥିଲେ ପଦେ: “ମନ ଭିତରେ ଜାଗାଟିଏ ଥିଲେ, କୋଉଠି ବି ରହି ହବ । ହେଲେ ସେଠି ଜାଗା ଅଛି କି ନାହିଁ, ସେ ବିଷୟରେ ଜାଣି ପାରିଲେନି ।

ସୁଜନ ବବୁ ଘରକୁ ଫେରିଲା ବେଳେ ଭାବୁଥିଲେ ନିଜ ପିଲାଙ୍କ କଥା । କୋଉ ପିଲା ହୃଦୟରେ କେତେ ଜାଗା ଅଛି, ସେ କହିପାରୁ ନଥିଲେ । ଗହଣା ନେଇ ଯାହା ଘଟିଲା, ତାକୁ ପିଲାଙ୍କ କଳି ହିସାବରେ ଧରିନେଇ ସେ ଭୁଲିଯିବାକୁ

ଚେଷ୍ଟା କରୁଥିଲେ । ଘରେ ଆସି କୌଣସିମତେ ଗାଧୁଆ ପାଧୁଆ କରି ଖାଇବା କାମ ସାରି ଦେଇ ପଳେଇଲେ ପୁଣି ହସ୍‌ପିଟାଲ୍‌କୁ ।

କୃପାସିନ୍ଧୁ ବାବୁଙ୍କ ପୁଅ ବ୍ୟସ୍ତ ଆଉ ବିବ୍ରତ । ହବା କଥା ବି । ଯୋଉ ପୁଅର ବାପା କୋମାରେ, ସେ ପୁଅର ମାନସିକ ଅବସ୍ଥା ଏପରି ହବା କିଛି ବିଚିତ୍ର ନୁହେଁ । ତଥାପି ସୁଜନ ବାବୁ ଓ ବନ୍ଧୁମାନେ ବୁଝଉ ଥାଆନ୍ତି ପୁଅକୁ । "ବ୍ୟସ୍ତ ହୁଅନି । ତମେ ଭାବନି ଯେ ତମେ ଏକା ଅଛ । ଆମେ ସମସ୍ତେ ଅଛୁ । ଆମେମାନେ ସମସ୍ତେ ପ୍ରାୟ ଅବସର ଜୀବନ ଜିଉଛୁ । ଆମ ପାଖେ ସମୟ ହିଁ ସମୟ । ଆମେ ଆମ ବନ୍ଧୁ ଠିକ୍ ହବା ପର୍ଯ୍ୟନ୍ତ ସମୟ ଦେବୁ । ସବୁ ପ୍ରକାରର ସାହାଯ୍ୟ ଦେବୁ ।" କୃପାସିନ୍ଧୁ ବାବୁଙ୍କ ପୁଅ ଏ ପ୍ରକାରରେ ଆଶ୍ୱାସନାରେ ସାମାନ୍ୟତମ ଖୁସି ହବା କି ଉଶ୍ୱାସ ଅନୁଭବ କରୁଥିବା ଜଣାପଡୁ ନଥିଲା । ସେ କହିଲେ, "ଆପଣମାନଙ୍କୁ ବହୁତ ଧନ୍ୟବାଦ । କିନ୍ତୁ ମୋର ସମସ୍ୟା ଅନ୍ୟ ପ୍ରକାରର । ଡାକ୍ତର ସଙ୍ଗେ ଆଲୋଚନା କଲି । ସେ କହୁଛନ୍ତି ବାପାଙ୍କର ବ୍ରେନ୍ ଏମିତି ନଷ୍ଟ ହେଇଛି ଯେ, କୋମାରୁ ଚେତା ଆସିବା ପ୍ରାୟ ଶତକଡ଼ା ୨ ଭାଗରୁ କମ୍ । ଆଉ ଯେ ପର୍ଯ୍ୟନ୍ତ ସେ ଆଇସିୟୁରେ ରହିବେ ସେ ପର୍ଯ୍ୟନ୍ତ ସେ ଏଇ ଅବସ୍ଥାରେ ରହିପାରିବେ । ଆଇସିୟୁର କାଢ଼ିବା ମାତ୍ରକେ ତାଙ୍କୁ ଫିଜିକାଲି ଡେଡ୍ ବୋଲି ଘୋଷଣା କରିବା ଅବସ୍ଥା ଆସିଯିବ ।

ତେଣୁ ମୁଁ କିଛି ଭାବି ପାରୁନି । ଚାକିରୀରୁ କେତେ ଦିନ ଛୁଟି ନେଇ ଏଠି ମୁଁ ରହିପାରିବି ?"

ସୁଜନ ବାବୁ ଆଉ ତାଙ୍କ ବନ୍ଧୁ ସବୁ ଶୁଣିଲେ । କୃପାସିନ୍ଧୁ ବାବୁଙ୍କ ପୁଅକୁ ପ୍ରବୋଧନା ଦେଇ କହିଲେ, "ଏତ ଶୀଘ୍ର କୌଣସି କଥା ଚିନ୍ତା ନକରି ତିନି ଚାରିଦିନ ଦେଖ । ହୁଏତ ଭଗବାନଙ୍କ ଦୟାରୁ ସେ କୋମାରୁ ଫେରି ଆସି ପାରନ୍ତି । ତମେ ଜମା ବ୍ୟସ୍ତ ହୁଅନି, ଆମେ ତୁମ ସାଙ୍ଗେ ଯୋଗାଯୋଗ ରଖିଥିବୁ ।"

ତାଙ୍କ ମୋବାଇଲ ନମ୍ବର ନେଇ ବନ୍ଧୁମାନେ ଯେଝା ଘରକୁ ଫେରିଗଲେ । ଘରକୁ ଫେରି ସୁଜନ ବାବୁ ଚମକି ପଡ଼ିଲେ । ତାଙ୍କ ଡ୍ରଇଂରୁମ୍‌ରେ ପୁଅ, ବୋହୂ, ଝିଅ, ଜ୍ୱାଇଁ ଆଉ ତାଙ୍କ ସାଙ୍ଗରେ ଜଣେ ଓକିଲ, ଯାହାକୁ ସୁଜନ ବାବୁ ଭଲ ଭାବରେ ଜାଣିଥିଲେ ।

ହଠାତ୍ ଓକିଲଙ୍କ ପରାମର୍ଶ ପିଲାଙ୍କର କାହିଁକି ଦରକାର ପଡ଼ିଲା ବୋଲି ସୁଜନ ବାବୁ ଭାବୁଥିଲେ । ହେଲେ କାରଣ ଜାଣିପାରୁ ନଥିଲେ ।

ସେମାନଙ୍କୁ ଡ୍ରଇଂରୁମ୍‌ରେ ଛାଡ଼ି ସେ ବାଥରୁମ୍ ଚାଲିଗଲେ ତାଙ୍କ ନିତ୍ୟକର୍ମ ସାରିବାକୁ ।

ଜଳଖିଆ ସାରି ତାଙ୍କ ସ୍ତ୍ରୀଙ୍କୁ ପଚାରିଲେ, "ସେ ପଟ୍ଟନାୟକ ବାବୁ ଓକିଲ କାହିଁକି ଆସିଛନ୍ତି କି ?" ସ୍ତ୍ରୀ ଏ ପ୍ରଶ୍ନ ଶୁଣି ଚମକି ପଡ଼ିଲେ: "କୋଉ ଓକିଲ, କାହିଁକି ଘରକୁ ଆସିଛନ୍ତି, ସେ କଥା ତମେ ସେ ଓକିଲକୁ ପଚାରିବ ନା ? ମୁଁ କ'ଣ ଜାଣେ ?"

ଘର ପରିବେଶ ଦି' ଦିନ ହେଲାଣି ସେମିତି ଗୁମ୍‌ସୁମ୍ । ସୁଜନ ବାବୁକୁ ଆଉ ଦିହକୁ ନ ନେଇ ଚାଲିଗଲେ ହସ୍‌ପିଟାଲ୍‌କୁ । ସେଠି ଯାହା ଶୁଣିଲେ ତାଙ୍କ ମୁଣ୍ଡ ଘୁରିଗଲା । କୃପାସିନ୍ଧୁ ବାବୁଙ୍କ ପୁଅ ହସ୍‌ପିଟାଲ୍‌ରେ ପାଞ୍ଚଲକ୍ଷ ଟଙ୍କା Deposit କରି, hospital autharity ଙ୍କୁ ଲେଖିଛି, ଯୋଉଦିନ ପାଞ୍ଚ ଲକ୍ଷ ଟଙ୍କା ସରିଯିବ, ସେଦିନ କୃପାସିନ୍ଧୁ ବାବୁଙ୍କୁ Discharge କରିଦେବାକୁ ।

ସୁଜନ ବାବୁ ସବୁ ବନ୍ଧୁମାଙ୍କୁ କହିଲେ, "ଯେତ ଦୁର୍ଭାଗ୍ୟର କଥା । ଯୋଉଦିନ ସେ ଆଇସିୟୁରୁ କଢ଼ା ହେବେ, ସେ ତ ମରିଯିବେ । ଏମିତି କ'ଣ ପୁଅ ଅଛନ୍ତି, ଯିଏ ବାପାଙ୍କ ଜୀବନକୁ ପାଞ୍ଚ ଲକ୍ଷ ଟଙ୍କାରେ ତଉଲି ଦେଇପାରେ ?"

ସୁଜନ ବାବୁ ମାନସିକ ଯନ୍ତ୍ରଣା ପାଇ ଘରକୁ ଫେରି ଆସିଲେ । ମୋବାଇଲ୍ ବାଜିଲା । ଘରେ ପହଂଚି ବାରଣ୍ଡା ଉପରେ ଚଢୁଛନ୍ତି, ଏତିକିବେଳେ ତାଙ୍କ ଫୋନ୍ ଉଠେଇଲେ । ବନ୍ଧୁ ହେମକାନ୍ତ ବାବୁଙ୍କ ଫୋନ୍ ଥିଲା । ବନ୍ଧୁ ଜଣକ କହିଲେ "କୃପାସିନ୍ଧୁ ବାବୁଙ୍କ ପୁଅ ଆଜି ଦିଇଟା ବେଳେ ଫ୍ଲାଇଟ୍‌ରେ ଚାଲିଗଲେଣି ।" ସୁଜନ ବାବୁଙ୍କ ହାତରୁ ମୋବାଇଲଟା ଖସି ପଡ଼ିଲା । ନଇଁପଡ଼ି ମୋବାଇଲଟା ତଳୁ ଉଠେଇବାକୁ ଯେମିତି ଦେହରେ ବଳ ନଥିଲା । ସେଇଠି ସେ ଲଥ୍ କରି ବସି ପଡ଼ିଲେ ।

ଚାକର ଦାମ ଦଉଡ଼ି ଆସି ପଚାରିଲା, "ବାବୁ କ'ଣ ହେଇଚି ?"

ସୁଜନ ବାବୁଙ୍କ ମୁହଁରୁ ବାହାରିଗଲା: "ଗିଲାସେ ପାଣି ଆଣିଲୁ ।"

ସୁଜନ ବାବୁଙ୍କର ଅଜାଗା ଜାଗାରେ ବସି ପଡ଼ିବା ଆଉ ପାଣି ପିଇବା ଖବର ଘର ସାରା ବୁଲିଗଲା । ପୁଅ ବୋହୂ ଝିଅ ଜ୍ୱାଇଁ ଦଉଡ଼ି ଆସିଲେ । ଦେଖିଲେ ସେଇ ପିଣ୍ଡା ଉପରେ ମାମାଙ୍କ କୋଳରେ ବାପା ମୁଣ୍ଡ ରଖିଛନ୍ତି ।

ବଡ଼ ପୁଅ ପଚାରିଲା, "ବାପାଙ୍କର କ'ଣ ହେଲା ?"

"କେଜାଣି" ସୁଜନ ବାବୁଙ୍କ ସ୍ତ୍ରୀ କହିଲେ ।

"ହଠାତ୍ ବସି ପଡ଼ିଲେ ଅଉ ପାଣି ମାଗିଲେ । ମୁଁ ଦଉଡ଼ି କରି ଆସିଲି । ପାଣି ପିଇ ମୋରି କୋଳରେ ମୁଣ୍ଡ ରଖିଛନ୍ତି ସେତିକି ବେଳୁ ।"

ପିଲାମାନେ 'ବାପା' 'ବାପା' କହି ଡାକିବାରୁ ଟିକେ ଆଖି ଖୋଲି ଚାହିଁଲେ ସୁଜନ ବାବୁ ।

ଆସ୍ତେ ଆସ୍ତେ ବସିଲେ । ସମସ୍ତଙ୍କୁ ଚାହିଁ କହିଲେ, "ମୋ ପାଇଁ ବ୍ୟସ୍ତ ହୁଅନି । ମୁଁ ଠିକ୍ ଅଛି । କାଲି ତମେ ଯୋଉ ଆଡ଼ଭୋକେଟ୍‌ଙ୍କୁ ଡାକିଥିଲ ତାଙ୍କୁ କହିବ, ସେ ଆଜି ସନ୍ଧ୍ୟାରେ ମୋ ସାଙ୍ଗେ ଦେଖା କରିବେ ।"

ସୁଜନ ବାବୁଙ୍କ କଥା ଶୁଣି ସମସ୍ତେ ଯା, ତା' ମୁହଁକୁ ଚାହାଁଚୁହିଁ ହେଲା ଭିତରେ, ଆସ୍ତେ ଆସ୍ତେ ସୁଜନ ବାବୁ ତାଙ୍କ ସ୍ତ୍ରୀଙ୍କୁ ନେଇ ବଗିଚା ଆଡ଼େ ଚାଲି ଚାଲି ଗଲେ ।

ବାରଣ୍ଡାରେ, ଅପରାଧବୋଧ କରୁଥିବା ପିଲାମାନେ ସମସ୍ତେ ବିନା ହଲ୍‌ଚଲ୍‌ରେ ଠିଆ ହେଇ ବାପାମାମାଙ୍କ ଆଡ଼କୁ ଚାହିଁ ରହିଥିଲେ । ଭାଇ ଭଉଣୀମାନେ ଚୁପ୍ କରି ଉପରକୁ ଯାଇ କଥାବାର୍ତ୍ତା ଆରମ୍ଭ କରିଦେଲେ । ବଡ଼ଭାଇ କହିଲା, "କଣ ଦରକାର ଥିଲା ଏତେ ତରବର ହେଇ ଆଡ଼ଭୋକେଟ୍‌କୁ ଡାକିବାକୁ ? ବାପାଙ୍କ ସାମ୍ନାସାମ୍ନି ହେଇଗଲେ ସେ । ଯାକୁ ଇ ନେଇ କ'ଣ ଗୁଡ଼ାଏ ଭାବି ଦେଇଥିବେ ବାପା । ପୁଣି ସନ୍ଧ୍ୟାବେଳେ ତାଙ୍କୁ ଡକେଇଛନ୍ତି । ଯଦି ଆଡ଼ଭୋକେଟ୍ ସବୁ କଥା କହି ଦିଅନ୍ତି, ତା'ହେଲେ ଅବସ୍ଥା କ'ଣ ହବ ବୁଝି ପାରୁଚ ତ !"

ସାଙ୍ଗେ ସାଙ୍ଗେ ଭଉଣୀ କହିଲା, "ଆମେ ଯାହାବି କଥାବାର୍ତ୍ତା ହେଲୁ ବାପାଙ୍କ ବୋଝ ହାଲୁକା କରିବାକୁ । ବ୍ୟସ୍ତ କାହିଁକି ହଉଚ । ବାପା ଆଉ ଆଡ଼ଭୋକେଟ୍ କଥାବାର୍ତ୍ତା ହୋଇ ଯାଆନ୍ତୁ । ପୁଣି ଦେଖିବାନି କ'ଣ ହଉଚି ?"

ସାନଭାଇ ବି ବୋଧବାଧ ଦେଇ କହିଦେଲା, "ଆମେ ବହୁ କଷ୍ଟରେ ଛୁଟି ନେଇ ଆସିଚୁ । ଯାରି ଭିତରେ ଆମେ ଯଦି ସବୁ କାମ ନ ସାରିବା ତାହେଲେ, ଆଉ କେବେ ବି ହେଇପାରିବନି ।" ସନ୍ଧ୍ୟାବେଳେ ଆଡ଼ଭୋକେଟ୍ ଆସିଲେ । ସୁଜନ ବାବୁ ସବୁ ପିଲାଙ୍କୁ ଡକେଇ ବସେଇଲେ । ଜବରଦସ୍ତି କରି ସ୍ତ୍ରୀଙ୍କୁ ଡାକି ମଧ୍ୟ ସେ ଡ୍ରଇଂରୁମ୍‌କୁ ନେଇଗଲେ ।

ସୁଜନ ବାବୁ ଆଡ଼ଭୋକେଟ୍‌କୁ ଚାହିଁବା ମାତ୍ରକେ ଆଡ଼ଭୋକେଟ୍ ବୁଝିଗଲେ, ଏଇଟା ସୁଜନ ବାବୁଙ୍କ ଚାହାଣୀ ନୁହେଁ, ପ୍ରଶ୍ନ । ଆଡ଼ଭୋକେଟ୍ କହିବାକୁ ଆରମ୍ଭ କଲେ । "ଆପଣଙ୍କ ପିଲାମାନେ ଚାହୁଁଛନ୍ତି ଆପଣ ଥିବା ଅବସ୍ଥାରେ ସବୁ ପାର୍ଟିସନ୍ ହେଇ ସେମାନଙ୍କ ନାଁରେ ରେଜିଷ୍ଟ୍ରେସନ୍ କରିବାକୁ ।"

ସୁଜନ ବାବୁ ଏକଥା ଶୁଣି ଜୋର୍‌ରେ ହସିଲେ । ଏ ହସ ଦେଖି ପିଲାମାନେ ଆଶ୍ଚର୍ଯ୍ୟ ହେଇଗଲେ । ସେମାନେ ଭାବୁଥିଲେ, ବାପା ଏ କଥା ଶୁଣି କମ୍ପମାନ ହେବେ । କିନ୍ତୁ ତା' ବଦଳରେ ଏ ହସ କ'ଣ ପାଇଁ ? ପୁଣି ସୁଜନ ବାବୁ କହିଲେ, "ତୁମ ମାନଙ୍କର ପାଠପଢ଼ା ଆଉ ବାହାଘର କରି ସାରିବା ପରେ ମୋର ଚଳିବା ପାଇଁ ଯେତିକି ଧନ ଦରକାର ସେତକ ଅଛି । ଗହଣା ଗାଣ୍ଠି ସବୁ ବଣ୍ଟାବଣ୍ଟି ହେଲା ପରେ ସେସବୁ ହିସାବ ତୁଟି ଯାଇଛି ବୋଲି ମୁଁ ଭାବି ନେଇଛି ।" ଏ ପ୍ରକାରର ଉତ୍ତର ଶୁଣି ସମସ୍ତେ ନିଜ ନିଜ ମୁହଁକୁ ଚାହିଁଲେ ।

ହଠାତ୍ ଜ୍ୱାଇଁଙ୍କ ମୁହଁରୁ ବାହାରି ଗଲା: "ଆଉ ଏ ଘର ?"

ସୁଜନ ବାବୁ କହିଲେ, "ଏ ଘର ତମର । ଯେବେ ଆସିବ ତମେ ତମ ମହଲାରେ ରହିବ । ସେ ଭାଗବଣ୍ଟା ପାଇଁ କ'ଣ ଆଉ କୋର୍ଟ କାଗଜରେ ଲେଖା ହବ ? ଶୁଣ ମୁଁ ଆଉ ତମ ମାମା ବଂଚୁ କିମ୍ବା ଏ ଦୁନିଆରୁ ଚାଲିଯାଉ, ଏ ଘର ବିକ୍ରି ହବନି ହେଇ ପାରିବନି ।

ଯୋଉଦିନ ତମେମାନେ ଏଠି ନ ରହିବାକୁ ନିଷ୍ପତ୍ତି ନବ, ସେଇଦିନ ଏ ଘର ବୃଦ୍ଧାଶ୍ରମର ଦଖଲକୁ ଚାଲିଯିବ । ଏ ଘରକୁ ମୁଁ ଆଉ ତମ ମା ଦୁହେଁ ମିଶି ବୃଦ୍ଧାଶ୍ରମ ନାଁରେ ରେଜିଷ୍ଟ୍ରି କରି ଦେଇଛୁ । ଏତିକି ବେଳେ ସ୍ତ୍ରୀ ସ୍ୱାମୀଙ୍କ ଆଡ଼େ ଏମିତି ଚାହିଁଲେ ଯେମିତି ସେ ଜାଣି ନାହାନ୍ତି । ସେ ଭାବୁଥିଲେ ତାଙ୍କ ସ୍ୱାମୀଙ୍କ ସାଙ୍ଗେ କୋର୍ଟ କାଗଜ ନେଇ ସେ କେବେ ବି କିଛି ଦସ୍ତଖତ କରିନାହାନ୍ତି ।

ଏତିକି କହି ସୁଜନ ବାବୁ ଡ୍ରଇଂ ରୁମ୍ ବାହାରକୁ ଚାଲିଗଲେ । ସାଙ୍ଗରେ ସ୍ତ୍ରୀ ମଧ୍ୟ । ବାପା ଚାଲିଗଲା ପରେ ପିଲାମାନେ ଆଡ଼ଭୋକେଟଙ୍କ ସାଙ୍ଗେ ବହୁତ ପ୍ରକାର ଆଇନ କାନୁନ୍‌ର ତର୍ଜମା କଲେ । କିନ୍ତୁ ବାପାଙ୍କର ଘରକୁ ବୃଦ୍ଧାଶ୍ରମ ନାଁରେ ରେଜିଷ୍ଟ୍ରୀ କରିବାଟା ଯେ ସଂପୂର୍ଣ୍ଣ ଆଇନ ସମ୍ମତ, ଏ କଥା ଆଡ଼ଭୋକେଟ୍ ସମସ୍ତଙ୍କୁ ଭଲ ଭାବରେ ବୁଝେଇ ଦେଲେ ।

ପରଦିନ ସକାଳ । ଜଳଖିଆ ଟେବୁଲର ଚାରିକଡ଼େ ସମସ୍ତେ । ସୁଜନ ବାବୁ ଲକ୍ଷ୍ୟ କରୁଛନ୍ତି, ପିଲାମାଙ୍କର କାହାର ବି ହସ ନାହିଁ । ଆଗ୍ରହ ନଥିବା ପରି ଖାଲି କାମ ଛିଣ୍ଡେଇବାକୁ ସମସ୍ତେ ଯାହା ଚେଷ୍ଟା କରୁଛନ୍ତି ।

ହଠାତ୍ ମୋବାଇଲଟା ବାଜି ଉଠିଲା ସୁଜନ ବାବୁଙ୍କର । ବନ୍ଧୁ ଡାକ୍ତର ହେମକାନ୍ତ ବାବୁ ଫୋନ୍ କରିଥିଲେ ।

"ଗୋଟାଏ ଭଲ ଖବର ସୁଜନ ବାବୁ ।"

"କ'ଣ ହେଲା ?"

"କୃପାସିନ୍ଧୁ ବାବୁଙ୍କର ସେନ୍ସ ଫେରି ଆସିଚି । ଆଖି ମିଟି ମିଟି କରି ଚାହୁଁଛନ୍ତି ସମସ୍ତଙ୍କୁ ।"

"ଆରେ ବାଃ । ଭଲ ଖବର ଦେଲ ଡାକ୍ତର ବାବୁ, ମୁଁ ଏଇନେ ସାଙ୍ଗେ ସାଙ୍ଗେ ଆସୁଛି ।"

ସବୁ ବନ୍ଧୁ ଏକାଠି ହେଲେ ଆଇସିୟୁ ରୁମ୍ ସାମ୍ନାରେ । ଜଣକ ପରେ ଜଣେ ଯାଉଥାଆନ୍ତି । ସୁଜନ ବାବୁଙ୍କ ପାଳି ପଡ଼ିଲା । ସେ ଯାଇଁ ଦେଖିଲେ ପ୍ରକୃତରେ କୃପାସିନ୍ଧୁ ବାବୁ ଚାହୁଁଛନ୍ତି ସତ, ହେଲେ ସେ ଯେ ତାଙ୍କୁ ଚିହ୍ନି ପାରୁନାହାନ୍ତି, ଏ କଥା ସେ ହୃଦୟଙ୍ଗମ କରୁଥିଲେ । ଆଇସିୟୁ ବାହାର କରିଡରରେ ଆମେ ସମସ୍ତେ । ଡାକ୍ତର ହେମକାନ୍ତ ବାବୁ ବୁଝଉଥିଲେ ଆମକୁ । "କୃପାସିନ୍ଧୁ ବାବୁଙ୍କ ସେନ୍ସ ଫେରିଚି ସତ, ହେଲେ ତାଙ୍କର ବ୍ରେନ୍ ବିଶେଷ କାମ କରୁନାହିଁ । ବୋଧହୁଏ ପୁରା ଶରୀର ପାରାଲିସିସ୍ ହେଇଯାଇଛି ।" ସୁଜନ ବାବୁ ପଚାରିଲେ, "ତା ମାନେ ?"

"ବଞ୍ଚିଥିବା ଯାଏଁ ସେ ଏମିତି ବେଡ୍‌ରେ ପଡ଼ି ରହିବେ । ନାକ ବାଟେ ଖାଇବାକୁ ଦିଆଯିବ । ଭଲ ଭାବେ ସେବା ଶୁଶ୍ରୁଷା କଲେ ଆଉ କିଛି ଦିନ ବଞ୍ଚିଯିବେ । କିନ୍ତୁ କାହାରିକୁ ଚିହ୍ନିବେ ନାଇଁ କି କଥା ବି କହି ପାରିବେନି ।"

କିନ୍ତୁ ବିରାଟ ପ୍ରଶ୍ନ, "ଏସବୁ କରିବ କିଏ ?"

ସୁଜନ ବାବୁ ପ୍ରସ୍ତାବ ଦେଲେ, "କୃପାସିନ୍ଧୁ ବାବୁଙ୍କ ପୁଅର ମୋବାଇଲ ନମ୍ବର ସେ ଦେଇ ଯାଇଛି । ତାଙ୍କୁ ଫୋନ୍ କରି ତା'ର ମତାମତ ଜାଣିବା ଏକାନ୍ତ ଆବଶ୍ୟକ ।"

କଥାଟା ସମସ୍ତ ମନକୁ ପାଇଲା ।

ସୁଜନ ବାବୁ କୃପାସିନ୍ଧୁ ବାବୁଙ୍କ ପୁଅକୁ ଫୋନ୍ କଲେ । ବହୁତ କଷ୍ଟରେ ଫୋନ୍ ଉଠେଇଲେ କୃପାସିନ୍ଧୁ ବାବୁଙ୍କ ପୁଅ । ସୁଜନ ବାବୁ ସୁଖବର ଦେଇ ଡିସ୍‌ଚାର୍ଜ ପରର Management ପାଇଁ କ'ଣ କରିବାକୁ ହବ, ସବୁ କହିଲେ । ସବୁ ଶୁଣିବା ପରେ ତାଙ୍କ ପୁଅ ଯାହା କହିଲା, ସେଥିରେ ସୁଜନ ବାବୁଙ୍କ ମୁହଁ ଶୁଖିଗଲା ।

"ଠିକ୍ ଅଛି । ମୁଁ ରହୁଚି ।" କହି ସୁଜନ ବାବୁ ଫୋନ୍ କାଟିଦେଲେ । ଅନ୍ୟମାନେ ତାଙ୍କ ମୁହଁକୁ ଚାହିଁ ବୁଝିଗଲେ ଯେ ପୁଅ କ'ଣ କହିଥିବ । ତଥାପି କୁଳମଣି ବାବୁ ପଚାରିଲେ, "ପୁଅ କ'ଣ କହିଲା ?" ସୁଜନ ବାବୁ କିଛି କହିବା ପୂର୍ବରୁ ତାଙ୍କ ଆଖିରୁ ଲୁହ ଟୋପାଏ ଗଡ଼ି ପଡ଼ିଲା । ବାଷ୍ପରୁଦ୍ଧ କଣ୍ଠରେ କହିଲେ, "ପୁଅ କୁଳମଣିଙ୍କ ଚେତା ଆସିଛି ଶୁଣି ଜମାରୁ ଖୁସି ନୁହେଁ । ସେ ଚାହୁଁଥିଲା, ତାଙ୍କ ବାପା ଏଇ ହସ୍‌ପିଟାଲ୍ ରୁ ହିଁ ଶ୍ମଶାନକୁ ଯାଆନ୍ତୁ । କିନ୍ତୁ ଏ ଯୋଉ ପରିସ୍ଥିତି ସୃଷ୍ଟି ହେଲା, ସେଥିରେ ସେ ଚାକିରି ଛାଡ଼ି ଏଠି ଆସି ରହିବା ସମ୍ଭବ ନୁହେଁ । ବିଦେଶରେ ଏଇ ପ୍ରକାର ଲୋକଙ୍କୁ Home killings କରାଯାଏ । I am helpless uncle. ମୋ ଠାରୁ ଆପଣମାନେ ଆଉ କିଛି ଆଶା କରିବେ ନାହିଁ ।" ଡାକ୍ତର ହେମକାନ୍ତ ଏ କଥା ଶୁଣି ଦୀର୍ଘ ନିଶ୍ୱାସ ନେଇ କହିଲେ, "ବାଃ ଚମତ୍କାର, ଏମିତି ପୁଅ ଆଜିକାଲି ଯୁଗରେ ହିଁ ଦେଖାଯାଉଛନ୍ତି ।"

ଏ କଥା ଶୁଣି ସୁଜନ ବାବୁ ସମସ୍ତଙ୍କ ମୁହଁକୁ ଚାହିଁ କହିଲେ, "ପ୍ରାୟ ଘରେ ଘରେ ।"

ସମସ୍ତେ ଏକଦମ୍ ଚୁପ୍ ହେଇଗଲେ ।

ସୁଜନ ବାବୁ କହିଲେ, "କିଛି ଚିନ୍ତା ନାହିଁ । ଯୋଉଦିନ କୁଳମଣି ବାବୁଙ୍କୁ ହସ୍‌ପିଟାଲ ବାଲା Discharge କରିବେ, ସେଇଦିନ କୁଳମଣି ବାବୁଙ୍କୁ ମୁଁ ମୋ ଘରକୁ ନେଇଯିବି । ଦୁନିଆ ଲୋକ ଜାଣନ୍ତୁ ଏ ବୟସରେ ପୁଅ ନୁହେଁ ବନ୍ଧୁଟିଏ ଦରକାର, ବଞ୍ଚିବା ପାଇଁ ।"

ସବୁ ବନ୍ଧୁମାନେ କୁଣ୍ଢେଇ ପକେଇଲେ ସୁଜନ ବାବୁଙ୍କୁ ଆଉ ଏକ ସାଙ୍ଗରେ କହିଲେ, "ଆମେ ବି ତୁମ ସାଙ୍ଗରେ ଅଛୁ ସୁଜନ ବାବୁ । ଭଙ୍ଗା ହୃଦୟ ନେଇ ଘରକୁ ଫେରି ଆସିଲେ ସୁଜନ ବାବୁ । ମନେମନେ ଖାଲି ଗୋଟିଏ ପ୍ରଶ୍ନ ତାଙ୍କର: "କ'ଣ ବୟସ ହେଇଗଲେ ପିଲାମାନେ ଚାହାନ୍ତି କେତେ ସହଳ ଆଉ ସୁରୁଖୁରୁରେ ବାପା, ମା ମାନେ ଏ ସଂସାରରୁ ବିଦାୟ ନେଇ ଯାଆନ୍ତୁ ? ତାହେଲେ ମୋର ଯୋଉ ପିଲାଏ ମୋ ବିବାହର ପଚାଶ ବର୍ଷ ପାଳନ କରିବା ପାଇଁ ଯୋଉ ନାଟକର ଆଳ ନେଇ ସଂପର୍କର ତାରକୁ ଟିକିଟିକି କରି ଛିଣ୍ଡେଇ ଦଉଛନ୍ତି, ତାଙ୍କ ସାଙ୍ଗରେ ଆଉ କୋଉ ମନ ନେଇ ଯୋଡ଼ି ହେଇ ରହିବେ ?"

ହଠାତ୍ ଡାକ୍ତର ହେମକାନ୍ତ ବାବୁଙ୍କ ପାଖରୁ ଫୋନ୍ ଆସିଲା । ସେ ପଟୁ କହୁଥିଲେ ଡାକ୍ତର ହେମକାନ୍ତ ବାବୁ: "ସୁଜନ ବାବୁ, କୃପାସିନ୍ଧୁ ବାବୁ ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲେ ।" ଛାତିଟା ଧମ୍ କରି ହେଲା ସୁଜନ ବାବୁଙ୍କର: "ପୁଣି କ'ଣ ହେଲା ?"

"ସବୁ ଠିକ୍ ଠାକ୍ ଥିଲା । କିନ୍ତୁ ପୁଣି ଗୋଟାଏ Massive attack ହେଲା । ଏଇ ଦଶ ମିନିଟ୍ ତଳେ ଚାଲିଗଲେ ।" କାହାକୁ କିଛି ନକହି ବାହାରି ଗଲେ ସୁଜନ ବାବୁ ।

ଏଣେ ସୁଜନ ବାବୁଙ୍କ ଘରେ ଭାଇଭଉଣୀ ମାନଙ୍କ ଆଲୋଚନା । ଭଉଣୀ ନୀତୁ କହୁଥିଲା, "ଆଉ ଏଠି ଏତେଦିନ ରହି ଲାଭ ନାଇଁ ଭାଇ । ଏ ଘର ପାଇଁ ସିନା ଆମେ ଅପେକ୍ଷା କରିଥିଲେ । ଆମ ନାଁରେ ଘରଟା କରି ଦେଇଥିଲେ ତୁମ କହିବା ଅନୁସାରେ Real Estate ବାଲା ସାଙ୍ଗରେ ଏଗ୍ରିମେଣ୍ଟ୍ କରିଥାଆନ୍ତେ । ହେଲେ ସେ କଥା ତ ହେଲାନି !"

ସାନଭାଇ ବି ଭଉଣୀ ସାଙ୍ଗେ ତାଳ ମିଳେଇ ଦେଲା । କହିଲା, "ବାପାଙ୍କୁ କହିଦବା ଆସନ୍ତା ବର୍ଷ ମେ' ମାସରେ ଅସି ଠିକ୍ ତାଙ୍କ ବାହାଘର ଦିନ ଆମେ ପଚାଶ ବର୍ଷ ପାଳିବା । ଏବେ କଲେ ଲୋକେ ହସିବେ । ଏତକ କହି ଆମେ ଚାଲିଯିବା । ବଡ଼ଭାଇ ପଚାରି ଦେଲା: "ତା'ମାନ ସେ ପ୍ରୋଗ୍ରାମ୍‌ଟା ଆସନ୍ତା ବର୍ଷ ମେ' ମାସକୁ ଘୁଞ୍ଚିଲା ?" ଭଉଣୀ ଜୋର୍‌ରେ ହସିଲା ।

"ତୁ ବି ବାପାଙ୍କ ସାଙ୍ଗରେ ରହି ଅଳ୍ପ ବୁଦ୍ଧିଆ ହେଇଗଲୁଣି । ଆଉ କ'ଣଟା ପାଇବାର ଅଛି ଯେ, ପଇସାପତ୍ର, ସମୟ ନଷ୍ଟ କରି ପୁଣି ମେ' ମାସକୁ ଆସିବା ? ଚକେ ଗଲେ ବାର ହାତ । ସେତେବେଳେ ଆଉ କ'ଣ କ'ଣ ଅସୁବିଧା ହଉଚି ବୋଲି କହି ଦବାନି ? ତାଛଡ଼ା ସେତେଦିନ ଯାଏଁ ଏମାନେ ବଞ୍ଚିଥିବେ, ଯାର କ'ଣ କିଛି ଗ୍ୟାରେଣ୍ଟି ଅଛି ?"

ସୁଜନ ବାବୁଙ୍କ ସ୍ତ୍ରୀ ଉପରକୁ ଆସିଥିଲେ, ରାତିରେ କ'ଣ ଖାଇବା ବରାଦ ହବ ବୋଲି ପଚାରିବାକୁ । ହେଲେ ପିଲାମାନଙ୍କର କଥା ସବୁ କବାଟ ଦୁଆର ମୁହଁ ପାଖେ ଶୁଣି, ସେଇଠି ଅଟକି ଯାଇଥିଲେ । ଆଖିରୁ ତାଙ୍କର ଧାର ଧାର ଲୁହ ବୋହି



ଯାଉଥିଲା । ମନେ ପଡ଼ି ଯାଉଥିଲା ତାଙ୍କର ସବୁ ପିଲାଙ୍କର ଜନ୍ମବେଳର କଥା । ପିଲାଦିନର କଥା । ଆସ୍ତେ ଆସ୍ତେ ପାଦ ଚିପି ଓହ୍ଲେଇ ଗଲେ ତଳ ମହଲାକୁ । ଲାଗୁଥିଲା ସେ ଯେମିତି ରସାତଳକୁ ଯାଉଛନ୍ତି ।

ଜଣାଥିଲା ପୁଅ ଆସି ପାରିବନି । ସୁଜନ ବାବୁ ଆଉ ଅନ୍ୟ ବନ୍ଧୁ, ତା'ଛଡ଼ା କୃପାସିନ୍ଧୁ ବାବୁଙ୍କ ଆପାର୍ଟମେଣ୍ଟର କିଛି ଭଦ୍ରଲୋକଙ୍କ ସାହାଯ୍ୟରେ ପୁରୀ ସ୍ୱର୍ଗଦ୍ୱାରରେ ଶବଦାହ କରି ଫେରିଲା ବେଳକୁ ରାତି ଅନେକ ହେଇ ଯାଇଥିଲା । ଥକି ଯାଇଥିଲେ ସୁଜନ ବାବୁ । ଘରକୁ ଆସି ଦେଖିଲେ ସ୍ତ୍ରୀ ଚାହିଁଛନ୍ତି । ରାତିରେ ନିଦ ଔଷଧ ଖାଇ ସେ ଏତେ ବେଳକୁ ନିଘୋଡ଼ ନିଦରେ ଥିବା କଥା । ସ୍ତ୍ରୀ ଚାହିଁଥିବା ଦେଖି କହିଲେ, "ମତେ ଅପେକ୍ଷା କଲ କାହିଁକି ? ଶୋଇ ପଡ଼ିଲନି ?"

ସ୍ତ୍ରୀ ହଠାତ୍ ଭୋ ଭୋ ହେଇ କାନ୍ଦି ପକେଇଲେ । ସୁଜନ ବାବୁ ଭାବିଲେ କୃପାସିନ୍ଧୁ ବାବୁଙ୍କ ପାଇଁ ବୋଧହୁଏ ବେଶୀ ଇମୋସନାଲ୍ ହେଇ ଯାଇଛନ୍ତି । ବୁଝେଇବାକୁ ଯାଇ କହିଲେ, "ତମେ ଏଡ଼େ ବ୍ୟସ୍ତ କାହିଁକି ହଉଚ । ନିଜ ଜନ୍ମ କଲା ପୁଅ ତ ଯାହା ଆସି ପାରିବନି ବୋଲି କହିଲା, କହିଲା, ପୁଣି କହିଲା ଅସ୍ଥି ସବୁ ଦାହ କାର୍ଯ୍ୟ ପରେ ସମୁଦ୍ରରେ ପକେଇ ଦବାକୁ । ବାପା ଶୁଦ୍ଧ କର୍ମ ଏଠି କରିବ କି କୋଉଠି କରିବ ପଚାରିବାରୁ ସେ କହିଲା, କୁଆଡ଼େ ଏଗୁଡ଼ା ସବୁ ଅନ୍ଧବିଶ୍ୱାସ । ଏଥିରେ ସମୟ ଆଉ ଅର୍ଥ ବର୍‌ବାଦ୍ କରିବା ଉଚିତ୍ ନୁହେଁ । ତେଣୁ ଯୋଉଠି ଜନ୍ମ କଲା ପୁଅ ଏୟା କହୁଛି, ସେଠି ତୁମେ ତାଙ୍କର ବନ୍ଧୁପତ୍ନୀ ହେଇ ଏମିତି ଭୋ ଭୋ ହେଇ କାନ୍ଦୁଚ ?"

ପାଖରେ ବସି ଲୁହ ପୋଛିବାକୁ ଚେଷ୍ଟା କଲାବେଳେ ସ୍ତ୍ରୀ କହିଲେ, "କୃପାସିନ୍ଧୁ ବାବୁଙ୍କ ପୁଅ ସିନା ତାଙ୍କ ମରିବା ପରେ ଏ କଥା କହିଲେ, ହେଲେ ଆମ ପୁଅ, ଝିଅ ତା'ଠାରୁ ବି ଅଧିକ ଜଘନ୍ୟ ।"

ସୁଜନ ବାବୁ ସ୍ତ୍ରୀଙ୍କ ଆଡ଼କୁ ପ୍ରଶ୍ନାତୁର ଆଖିରେ ଚାହିଁଲେ । ତା'ପରେ ତାଙ୍କ ସ୍ତ୍ରୀ, ଶୁଣିଥିବା ସବୁ କଥାକୁ କହିଲେ । ସବୁ ଶୁଣିବା ପରେ ସୁଜନ ବାବୁ ଜୋର୍‌ରେ ହସିଲେ ଆଉ କହିଲେ, "ଶୋଇପଡ଼, କାଲି ସକାଳେ କଥା ହବା ।"

ସକାଳ ସେଦିନ ଟିକିଏ ଡେରିରେ ଆରମ୍ଭ ହେଲା । ସକାଳ ବ୍ରେକ୍‌ଫାଷ୍ଟ ଟେବୁଲ୍‌ରେ ସମସ୍ତେ ଖାଉ ଥାଆନ୍ତି । ତା'ରି ଭିତରେ ସବୁ ଭାଇମାନେ ଭଉଣୀଙ୍କୁ ଆଖି ଠାରି କହୁଥାଆନ୍ତି କହିବାକୁ । ସୁଜନ ବାବୁ ମଧ୍ୟ ଏ ଇଶାରାକୁ ଦେଖିଲେ ଆଉ ଅପେକ୍ଷା କଲେ, କ'ଣ ପୁଣି ନୂଆ କଥା ଆସୁଛି । ସାହସ ଦବାକୁ ଝିଅକୁ କହିଲେ, "ମା' କ'ଣ କହିବୁ କି ?"

ଟିକେ ଥତମତ ହେଇ ଝିଅ କହିଲା, "ବାପା, ଯିଏ ଶୁଣୁଚି, ସିଏ କହୁଚି, ଏ ଅବେଳାରେ କ'ଣ ବାପା ମାଙ୍କ ବାହାଘର ବର୍ଷିକିଆ ପାଳିବ ?"

ସୁଜନ ବାବୁ ସଙ୍ଗେ ସଙ୍ଗେ କହିଲେ, "ତେଣୁ ?"

ଝିଅ ସବୁ ଭାଇମାନଙ୍କୁ ଚାହିଁଲା: "ଆମେ ସବୁ ଭାବିଚୁ ଆର ବର୍ଷ ଠିକ୍ ବିବାହ ବାର୍ଷିକୀ ଦିନ ପାଳିବୁ ଯେ, ସେଇଟା ଠିକ୍ ହବ ।"

ସୁଜନ ବାବୁ ହସିଲେ, "ଆଲୋ ମା, ଏ ନିଷ୍ପତ୍ତି ତ ବହୁତ ଭଲ । ହେଲେ ତମେ ଯୋଉ ଚାଲିଯିବା କଥା କହୁଚ, ସେଥିରେ ମୁଁ ଏକମତ ନୁହଁ ।" ସାଙ୍ଗେ ସାଙ୍ଗେ ସାନପୁଅ କାଳବିଳମ୍ବ ନକରି କହିଲା, "ବାପା, ଅଫିସ୍‌ରୁ ବହୁତ ଜରୁରୀ ଡାକରା ଆସିଛି ଇୟେ ତ ସରକାରୀ ଚାକିରୀ ନୁହେଁ । ତେଣୁ ନଗଲେ... ।"

"ସେ ତ ଠିକ୍ କଥା" ସୁଜନ ବାବୁ କହିଲେ, "ମୁଁ ତମମାନଙ୍କୁ ଗୋଟେ ମିଛ କଥା କହି ଦେଇଚି । ସେଇ ମିଛଟା ମୋ ପେଟରେ ଗୋଳେଇ ଘାଣ୍ଟି ହଉଚି ସେଇ କହିଲା ବେଳଠୁଁ । ଜମାରୁ ହଜମ ହଉନି । ତେଣୁ ଭାବୁଚି ତମକୁ ସତ କଥା କହିଦେବି ! ସମସ୍ତେ ସୁଜନବାବୁଙ୍କ ଆଡ଼େ ଆଶ୍ଚର୍ଯ୍ୟ ହେଇ ଚାହିଁ ପୁଣି ଆଖିରେ ଆଖିରେ ଭାଇଭଉଣୀମାନେ ପରସ୍ପରକୁ ସେଇ ପ୍ରଶ୍ନ କରୁଥିଲେ । ସୁଜନ ବାବୁ କହିଲେ, "ମୁଁ ଯୋଉ ଏଇ ଘର ବିଷୟରେ ବୃଦ୍ଧାଶ୍ରମ କରିବାକୁ ଏଗ୍ରିମେଂଟ୍ କରି ଦେଇଛି ବୋଲି କହିଥିଲି, ସେଇଟା ମିଛକଥା । ସତ କଥା ହେଲା, ଏ ଯାଏଁ ଏ ଘର ମୋ ନାଁରେ ଅଛି । ମୋର ଆଉ ତମ ମାମାର ବୟସ ଯାହା, ସେଥିରେ ଏ ଘର କାମ ଏବେ ନ ତୁଟେଇ ଦେଲେ ତମ ଭିତରେ ପୁଣି ଅଶାନ୍ତି ସୃଷ୍ଟି ହବ । ତେଣୁ ତୁମେମାନେ ଓକିଲକୁ ଡାକି କାଗଜପତ୍ର ତିଆରି କର । ମୁଁ ତୁମମାନଙ୍କ ନାଁରେ ରେଜିଷ୍ଟ୍ରୀ କରିଦବାକୁ ଚାହେଁ । ଅତି ଶୀଘ୍ର ।

ହଠାତ୍ ପୁଅ, ଝିଅ, ଜ୍ୱାଇଁ ସମସ୍ତଙ୍କର ମୁହଁର ରଙ୍ଗ ବଦଳିଗଲା । "ହଁ ଏଇଟା ସତକଥା ଯେ, ଏ କାମ ସାରିବାକୁ କମ୍‌ସେ କମ୍ ପନ୍ଦରଦିନ ଲାଗିବ ।"

"ଏବେ ତୁମେ କୁହ, ରେଜେଷ୍ଟ୍ରୀ ଏବେ କରିବ ? ନା ପରେ କେବେ ।" ବଡ଼ପୁଅ କହିଲା । "ମୋର ତ କୁଆଡ଼େ ଯିବାର ନାହିଁ । ଖାଲି ଏମାନଙ୍କର କଥା ସେମାନେ ହିଁ କହି ପାରିବେ ।" ହଠାତ୍ ଜ୍ୱାଇଁଙ୍କର ସ୍ୱର ଶୁଣାଗଲା । ଅଳ୍ପ ଗଳା ଖିଙ୍କାରି କହିଲେ, "ମୋ ମତରେ ସବୁ କାମ ପଛକୁ ରଖି ଆଗ ବାପାଙ୍କର ଏ ଇଚ୍ଛା ପୂରଣ କରିବା ଆମମାନଙ୍କର କର୍ତ୍ତବ୍ୟ ବୋଲି ମାନିବାକୁ ପଡ଼ିବ ।" ହଠାତ୍ ସମସ୍ତେ ଏଇ କଥାରେ ନାଟକ ବାଜି କରି ପୁଣି ରାଜି ହୋଇଗଲେ । ସୁଜନ ବାବୁ ଜୋର୍‌ରେ ହସିବା ଆରମ୍ଭ କରିଦେଲେ । ଆଖିରୁ ଧାର ଧାର ଲୁହ ବହି ଯାଉଥିଲା । ସ୍ତ୍ରୀ ପାଖକୁ ଦଉଡ଼ି ଆସି ତାଙ୍କ କାନିରେ ସୁଜନ ବାବୁ ଲୁହ ପୋଛି ପଚାରିଲେ, "ତମେ ହସୁଚ ନା କାନ୍ଦୁଚ ?" ସୁଜନ ବାବୁ ହଠାତ୍ ଚୁପ୍ ହୋଇଗଲେ ।

"ବୁଝିଲ । ଯାହାର ଏମିତି ପିଲାମାନେ ଥିବେ ତା'ର ହସ ଆଉ କାନ୍ଦ ଭିତରେ କିଛି ଫରକ ନଥାଏ ।" ପିଲାମାନେ ନିଜ ନିଜ ଭିତରେ ଚାହାଁ ଚୁହିଁ ହଉଥିଲେ । ବୁଝିପାରୁ ନଥିଲେ ସେମାନେ କ'ଣ କରିବେ ।

ପରଦିନ ସକାଳ । ଓକିଲ ଆଉ ପିଲାମାନେ କାଗଜପତ୍ର କାମରେ ଲାଗି ଥାଆନ୍ତି । ହେଲେ ସୁଜନ ବାବୁ ନିଜେ ଗୋଟିଏ କୋଦାଳ ଧରି ଆମ୍ବ ଗଛ ମୂଳରେ ହୋଇଥିବା ଉଇହୁଙ୍କାକୁ ସଫା କରୁଥାଆନ୍ତି ।

ସ୍ତ୍ରୀ ସ୍ୱାମୀଙ୍କୁ ଦେଖି ପାଖକୁ ଆସି ପଚାରିଲେ, "ଯୋଉ କାମ ମାଳି କରିବ, ସେ କାମ ତମେ କାହିଁକି କରୁଛ ?"

ସୁଜନ ବାବୁ ସାମାନ୍ୟ ହସି କହିଲେ, 'ବହୁତ ମାୟା ଲାଗି ଯାଇଥିଲା ଏ ଘର ସାଙ୍ଗରେ । ଜାଣୁଥିଲି ବଗିଚା ଭିତରେ ଉଇହୁଙ୍କା ରହିବା ଠିକ୍ ନୁହେଁ, ହେଲେ କାହିଁକି କେଜାଣି ସାପମାନଙ୍କୁ କଷ୍ଟ ହବ ଭାବି ସଫା କରୁନଥିଲି ।

ପିଲାମାନଙ୍କ ସାଙ୍ଗରେ ଥିବା ମାୟା, ମମତାକୁ ଆମେ ଯେତେ ଜୋର୍‌ରେ ଜାବୁଡ଼ି କରି ଧରି ରଖିଥିଲେ, ଏଇ କେତେଟା ଦିନ ଭିତରେ ତମେ ବୁଝି ଯିବଣି, କେହି କାହାର ନୁହନ୍ତି । ତାଛଡ଼ା, ମୁଁ ମାଳିକୁ ମନା କରିଦେଇଚି ଆଉ ନ ଆସିବାକୁ ।"

ସ୍ତ୍ରୀ କହିଲେ, "ମାଳି ନ ଆସିଲେ ବଗିଚାଟା ପୁରା ବଣ ହେଇଯିବ ଯେ ।"

ସୁଜନ ବାବୁ କୋଦାଳଟାକୁ ରଖି ଦେଇ ସ୍ତ୍ରୀଙ୍କ ପିଠିରେ ଥପ୍ ଥପ୍ କରି ହାତ ବାଡ଼େଇ କହିଲେ, "ବ୍ୟସ୍ତ ହୁଅନି । ତମ ସବୁ ପ୍ରଶ୍ନ ଆଉ ବାକି ରହିଥିବା କୌତୁହଳ ମାନଙ୍କର ଉତ୍ତର ଏଇ ଅଳ୍ପଦିନ ଭିତରେ ମିଳିଯିବ ।"

ସ୍ତ୍ରୀ କାବା ହେଇ ବୋକୀଙ୍କ ପରି ଚାହିଁ ରହି ଥାଆନ୍ତି ସୁଜନବାବୁଙ୍କ ଆଡ଼େ ।

ଘର ପିଲାମାନଙ୍କ ନାଁରେ କରିବାରେ ସବୁ କାମ (ମାନେ, କୋର୍ଟ କାମ, ରେଜେଷ୍ଟ୍ରୀ) ସାରିବାକୁ ପ୍ରାୟ ଦଶଦିନ ଲାଗିଲା ।

ପିଲାମାନେ ମଉଜ କରୁଥିଲେ, ହେଲେ ଫେରିବାର ନାଁ ଧରୁ ନଥିଲେ । ବ୍ୟସ୍ତ ହେଇ ପଡୁଥିଲେ ସୁଜନ ବାବୁଙ୍କ ସ୍ତ୍ରୀ । ପିଲାଙ୍କ ମୋହ ପୁରା କଟି ଯାଇଥିଲା ତାଙ୍କ ମନରୁ ।

"ହଇଓ, ଏମାନଙ୍କର କାମ ସରିଗଲାଣି । ଯେ ଯୁଆଡ଼େ ଯାଉନାହାଁନ୍ତି କାହିଁକି ?" ସ୍ତ୍ରୀଙ୍କ ପ୍ରଶ୍ନ ଶୁଣି ସୁଜନ ବାବୁ ତାଙ୍କ ହସକୁ ଅଟକେଇ ପାରିଲେନି ।

"ଆହେ, ରୁହ । ଆଉ କ'ଣ ବାକି ଅଛି ସବୁ ଜଣା ପଡ଼ିଯିବ ଯେ !"

ଏତିକିବେଳେ ବଡ଼ ବୋହୂ ସକାଳ ଜଳଖିଆ ପାଇଁ ଡାକିବାକୁ ଆସିଲା ।

ସୁଜନ ବାବୁ ଏକା ଏକା ଗଲେ, ଆଉ ବୋହୂକୁ କହିଲେ, "ମାମା ପାଖକୁ ଖାଇବା, ତା ଶୋଇବା ଘରକୁ ପଠେଇ ଦିଅ ।"

ଡାଇନିଂ ଟେବୁଲ୍ ପାଖରେ ସମସ୍ତେ । ମୁହଁରୁ ଖୁସି ଭାବ ଫୁଟି ଆସୁଥିଲେ ବି ତାକୁ ଦବେଇ ଦବାର ଅପଚେଷ୍ଟା କରୁଛନ୍ତି ସମସ୍ତେ ।

ସୁଜନ ବାବୁ ଜାଣି ପାରିଲେ, ପୁଣି ଗୋଟେ ମତଲବର କଥା ଦାନା ବାନ୍ଧୁଚି ।

ପିଲାମାନଙ୍କୁ ସାହସ ଦବାକୁ ପଚାରିଲେ, "କିଛି କହିବ କି ଆଉ ?"

ହଠାତ୍ ସମସ୍ତଙ୍କର ମୁହଁର ଭାବଭଙ୍ଗୀ ବଦଳି ଗଲା । ଆଶ୍ୱସ୍ତ ଥିବା ପରି ଲାଗୁଥିଲେ । ଝିଅ ସବୁଥର ପରି ଆରମ୍ଭ କଲା: "ଭାଇ, କ'ଣ କହିବ ବୋଲି ଭାବୁଚି ।"

ସୁଜନ ବାବୁ ବଡ଼ପୁଅ ଆଡ଼େ ଚାହିଁଲେ । କହିବା ପାଇଁ ସାହାସ ଦେବାକୁ ଟିକିଏ ମୁରୁକି ମୁରୁକି ହସିଦେଲେ । ପୁଅ କହିଲା, "ବାପା, ଆମେ ସମସ୍ତେ ଠିକଣା କରିଚୁ, ଭୁବନେଶ୍ୱରର ଏ ଦାମୀ ଜାଗାରେ ଆମର ଘର ଆଉ ବଗିଚା । ତେଣୁ ଗୋଟେ ବିଲ୍‌ଡ଼ରକୁ ଡାକି ଦେଇଦେଲେ, ସେ ତେର ମହଲାର ଗୋଟେ ଆପାର୍ଟମେଣ୍ଟ୍ କରନ୍ତା । ଆପଣଙ୍କ ମତାମତ କ'ଣ ?"

ସୁଜନ ବାବୁ ପୁଣି ସେଇ ହସରୁ ପୁଳାଏ ପିଲାଙ୍କ ଆଡ଼େ ଫୋପାଡ଼ି ଦେଇ କହିଲେ, "ଆଇନ୍ ଦୃଷ୍ଟିରୁ ଏ ଘର ବର୍ତ୍ତମାନ ତମର । ତେଣୁ ତମ ସଂପତ୍ତି, ତମେ ଯାହା କରିବ । ମୋ ମତାମତର ଆବଶ୍ୟକତା କ'ଣ ? ଠିକାଦାର ଯୋଗାଡ଼ କରିସାରିବଣି ନିଶ୍ଚୟ ।"

ସୁଜନ ବାବୁ ପ୍ରଶ୍ନରେ ହଡ଼ବଡ଼େଇ ଗଲେ ସମସ୍ତେ । କାହାରି ତୁଣ୍ଡରେ କଥା ନ ବାହାରିବାରୁ ଜ୍ୱାଇଁ ପୁଅ ଜଣକ ମୁହଁ ଖୋଲିଲେ, "ହଁ ବାପା । ଗୋଟେ ଭଲ ବିଲ୍‌ଡ଼ର୍ ସାଙ୍ଗେ କଥାବାର୍ତ୍ତା କରିଚୁ । କିନ୍ତୁ–" ଏତିକି କହି ରହିଗଲେ ଜ୍ୱାଇଁ "କିନ୍ତୁ ପୁଣି କ'ଣ ?" ସୁଜନ ବାବୁ ପଚାରିଲେ । ଝିଅ ଭାଇକୁ ଚାହିଁ କହିଲା, "ତୁ କହୁନୁ । ଗଳା ଖିଙ୍କାରି ନିଜକୁ ପ୍ରସ୍ତୁତ କରି ବଡ଼ପୁଅ କହିଲା, "ବାପା– ବିଲ୍‌ଡ଼ର କହିଲା ଶୀଘ୍ର କାମ ଆରମ୍ଭ କରିବକୁ । ତାହେଲେ ଏ ଘର ଖାଲି କରିବାକୁ ହବ । ମୁଁ ଗୋଟେ ଭଡ଼ାଘର ବୁଝିଚି । ଖାଲି ଏ ଘରର ଯାହା ଯାହା ଦରକାରୀ ଜିନିଷ ଅଛି, ସେତକ ନେଇ ଆମେ ସବୁ ସିଫ୍ଟ କରିଯିବା । ତେଣୁ ଆମେ ସମସ୍ତେ ଆପଣଙ୍କ ସାଙ୍ଗରେ, ମିଶି ଘରର କୋଉ କୋଉ ଜିନିଷ ଅଦରକାରୀ, ତାକୁ ସଫା କରିବା କାମ ଆରମ୍ଭ କରିବା ଦରକାର ।"

ସୁଜନ ବାବୁ ବୁଝିଗଲେ । ପିଲାମାନଙ୍କର ଲୋଭର ମାତ୍ରା ପରଖିନେଲେ । କହିଲେ, "ତୁମମାନଙ୍କର ଘରର ଦରକାରୀ ଅଦରକାରୀ କଥା ତୁମେ ବୁଝି ନିଷ୍ପତ୍ତି ନିଅ । ତମ ମାମା ଆଉ ମୁଁ ଆଜି ବସି ଠିକ୍ କରିନବୁ କୋଉଟା ଅଦରକାରୀ ଜିନିଷ ଆମ ଘରେ ଅଛି । କାଲି ସକାଳ ସାତଟାରେ ସମସ୍ତେ ଆମ ଶୋଇବା ଘରକୁ ଆସିବ । ସେଇଠି ମୁଁ ଜଣେଇ ଦେବି ତୁମମାନଙ୍କୁ ।"

ପରଦିନ ସକାଳେ ସମସ୍ତେ ଏକାଠି ହେଇଗଲେ ସୁଜନ ବାବୁଙ୍କ ବେଡ଼୍‌ରୁମ୍ ସାମ୍‌ନାରେ । ଭିତରୁ ଗୋଟେ ଛୋଟ ବ୍ୟାଗ୍ ଧରି ସୁଜନ ବାବୁ ଆଉ ତାଙ୍କ ସ୍ତ୍ରୀ ରୁମ୍ ବାହାରକୁ ଆସିଲେ । ପୁଅ, ଝିଅ, ଜ୍ୱାଇଁ ସମସ୍ତେ ଠିଆ ହେଇ ଦେଖୁଥାଆନ୍ତି । କିଛି ନକହି ସୁଜନ ବାବୁ ତାଙ୍କୁ ଟପି ଗେଟ୍ ପାଖକୁ ଚାଲିଲେ । ପଛରେ ପଛରେ ଲାଗି ରହିଥିଲେ ସ୍ତ୍ରୀ । ଗେଟ୍ ପାଖରେ ପହଞ୍ଚି 'ଉବେର୍' ଗାଡ଼ିକୁ ଫୋନ୍‌ରେ ଡକେଇଲେ । ପିଲାମାନେ ସେମିତି ଚୁପ୍‌ଚାପ୍ ପଛରେ ଆସି ଅଟକିଗଲେ ଗେଟ୍ ପାଖରେ । ବଡ଼ପୁଅ ପଚାରିଲେ, "ବାପା, ତମେ ପରା ଡକେଇଥିଲ ଆମକୁ ତୁମ ଘରର ଅଦରକାରୀ ଜିନିଷ କାଢ଼ିବାକୁ ?"

ସୁଜନ ବାବୁ ହସିଲେ, "ମୁଁ ତ ସେଇ କାମ କରୁଚି ।"


ପୁଅ କିନ୍ତୁ ସାହସ କରି ପୁଣିଥରେ ପଚାରିଲା, "କିନ୍ତୁ ତୁମେ ତ କୁଆଡ଼େ ଯିବ ବୋଲି ଉବେର ଡକେଇଲଣି । ଆମ ଘରେ ତ ଗାଡ଼ି ଅଛି ।"

ସୁଜନ ବାବୁ କିନ୍ତୁ ସ୍ତ୍ରୀ ଆଡ଼େ ଚାହିଁ କହିଲେ, "ଖାଲି ମୁଁ କହିବି ? ତୁମେ କହୁନ ?" ସୁଜନ ବାବୁଙ୍କ ସ୍ତ୍ରୀ ମୁହଁ ଖୋଲିଲେ: "ଆମେ କାଲି ରାତିସାରା ଆମ ରୁମ୍‌ର ଚାରିଆଡ଼େ ଦେଖିଲୁ । ମୋ ବାପାମାଆଙ୍କର ଫଟୋ, ମୋ ଶାଶୁଶ୍ୱଶୁରଙ୍କ ଫଟୋ, ତୁମମାନଙ୍କର ପିଲାଦିନର ଫଟୋ । ମୋ ବାପା ମୋ ବାହାଘରରେ ଦେଇଥିବା ପଲଙ୍କ, ଡ୍ରେସିଂଟେବୁଲ୍ ଆଉ ଆଲମାରୀ । ଆମ ପାଇଁ ସେ ସବୁକିଛି ମୂଲ୍ୟବାନ । ତେଣୁ ତାକୁ ଫୋପାଡ଼ିବାକୁ ହାତ ଗଲାନି । ବହୁତ ସମୟ ଚିନ୍ତା କରି ନିଷ୍ପତ୍ତି ନେଲୁ, ଏ ଘରେ ଆମେ ଦୁଇଜଣ ଅଦରକାରୀ । ଆମ ଠୁଁ ତମର ଆଉ କିଛି ପାଇବାର ନାହିଁ । ବରଂ ଏ ବୟସରେ ଆମେ ତୁମ ଉପରେ ବୋଝ ହେଇ କାହିଁକି ରହିବୁ । ତେଣୁ ଏ ଘରର ସବୁଠାରୁ ଅଦରକାରୀ ଜିନିଷ ସଫା କରିବା ପାଇଁ ଆମେ ଭଡ଼ାଗାଡ଼ିକୁ ଡ଼କେଇଚୁ ।"

ଏତିକିବେଳେ 'ଉବେର' ଗାଡ଼ି ଆସି ପହଞ୍ଚିଗଲା ଫାଟକ ସାମ୍‌ନାରେ । ସୁଜନ ବାବୁ ତାଙ୍କ ସ୍ତ୍ରୀଙ୍କୁ ନେଇ ପ୍ରଥମେ ବସେଇ ନିଜେ ବସିବାକୁ ଯାଉଛନ୍ତି, ଏତିକିବେଳେ ଝିଅ ଦଉଡ଼ି ଆସି ପଚାରିଲା, "ହେଲେ ତୁମେ ଯାଉଚ କୁଆଡ଼େ ?" ସୁଜନ ବାବୁ କହିଲେ, "ସେ କଥା ଜାଣିବା ତୁମର ଦରକାର ନାହିଁ । ଅଦରକାରୀ ଜିନିଷ ଫୋପଡ଼ା ହୁଏ ଫିଙ୍ଗା ହୁଏ । ଆମେ ଯୁଆଡ଼େ ଗଲେ ବି ତମେ ଭାବିନିଅ ଆମେ ଫୋପଡ଼ା ହେଇଯାଇଚୁ ଫିଙ୍ଗା ହେଇଯାଇଚୁ ।"

କଥା-କାହାଣୀ-୨

# ନାଭିସୂତ୍ର



# ନାଭିସୂତ୍ର


**ଚିରଶ୍ରୀ ଇନ୍ଦ୍ରସିଂ**

ୟୁ.ଏନ. କଲେଜ, ଅଡଶପୁର
କଟକ-୭୫୪୦୧୧
ଫୋନ: ୮୦୧୮୪୨୦୫୧୭


ଚିତ୍ର: ସୁସ୍ମିତା ମିଶ୍ର

**ପ୍ରତିମା ଗଢିବା ବେଳେ ଅନେକ ଥର ସନାତନକୁ ଲାଗିଛି ଯେ, ପ୍ରତିମା ନିର୍ମାଣର କଳାକୌଶଳ ସବୁ ଜାଣିଥିଲେ ବି, ସେସବୁ ଠିକ୍ ବେଳେ କାମ ଦିଏନି । ନିଜ ଆୟତ୍ତରେ ପ୍ରତିଥର ନ ଥାଏ ନିର୍ମାଣ । ଛଣବିଡାଟା ସିଧା କରୁକରୁ ତାହା ବାରମ୍ବାର କଟାଳ କରି ବଙ୍କେଇ ଯାଏ ଟିକିଏ କୋଣକୁ; ଅଣ୍ଟାକୁ ବାରମ୍ବାର ମାଟି ଥାପି ମୋଟା କଲାବେଳକୁ, ମାଟିପିଣ୍ଡୁଳା ତଳକୁ ଖସି ପଡୁଥିବ ହାତରୁ ଓ ସବାଶେଷକୁ ସିଂହକଟି ଧରି ଉଭା ହେବେ ସିଂହବାହିନୀ ।**

ଆକାଶ ବିଦାରି ଦେଇ ଲାଗ ଲାଗ ତିନିଟା ବାଣ ଫୁଟିଲା । କାନଫଟା ଶବ୍ଦ ସାଥିକୁ ଆଖି ଝଲସା ଆଲୁଅ । ରାସ୍ତାକଡରେ ଥିବା ଗୋଟେ ଝାମ୍ପୁଲା ବରଗଛକୁ ଆଉଜି ଝିମେଇ ପଡିଥିବା ସନାତନ ଧଡପଡ ହୋଇ ଉଠି ବସିଲା ।

ବାଣ ପଛକୁ ଘଣ୍ଟଘଣ୍ଟା, ଖୋଳକରତାଳ, ଶଙ୍ଖ, ଢୋଲ ମହୁରୀ, ଚିତ୍କାର ଓ ଗହଳି ।

ତା'ହେଲେ ଭସାଣ ସରିଗଲା ! !

କାଲୁଆ ଲାଗୁଥିବା ହାତକୁ ଘାସୁଆ ମାଟି ଉପରେ ଭରାଦେଇ ସନାତନ ଉଠି ବସିଲା । କେବଳ ହାତର ଆଙ୍ଗୁଳିସବୁ ଦରଜ ଲାଗୁନାହିଁ, ଆଣ୍ଠୁର ମଞ୍ଜି ବି କଟମଟ ଡାକୁଛି । ଦଉଡି ଯିବାକୁ ମନ ଡାକିଲେ ବି ଗୋଡହାତ ଯଦି ବୋଲ ନ ମାନିବ, ତାହା ହେଲେ ଜଣେ କରିବ କଣ ?

ଗୌରୀଗଡାରେ ଏବେ ଲୋକ ଥାଟପଟାଳ ଭାଙ୍ଗୁଥିବେ । ଗହଳି ଭିତରେ ପଶି ବିସର୍ଜନ ଦେଖିବା ଅସମ୍ଭବ ବ୍ୟାପାର ।

ଲମ୍ବା ଶୋଭାଯାତ୍ରା । ଆଲୁଅ, ପାନୀୟ, ନାଚଗୀତ, ଉତ୍ସାହଉତ୍ପାତ, ଉଲ୍ଲାସ ଉନ୍ମାଦନା- ସବୁକିଛି ମାତ୍ରାଧିକ ।

ଦିନକ ପରେ ପୂର୍ଣ୍ଣିମା, ସାହି ସାହିରେ ଗଣ୍ଡଗୋଳ ଯୋଗୁଁ ଭସାଣ ଚାରିଦିନ ଘୁଞ୍ଚିଗଲା । ଗଣ୍ଡଗୋଳ ତୁଟିଲା ପରେ ନିଜ ନିଜର ନଷ୍ଟା ଓ ଦକ୍ଷତାର ପ୍ରମାଣ ଦେବାକୁ ଯାଇ ଉଦ୍ୟୋକ୍ତାମାନେ ତିନିଗୁଣ ଉତ୍ସାହରେ ମାତି ଯାଇଛନ୍ତି । ଆଧୁନିକ ଓ ପଶ୍ଚିମା ନାଚ ଠୁ ଧରି ପୁରୁଣା ସଖୀନାଚ, ଘୋଡାନାଚ, ରାଜାରାଣୀ, ଚଢେୟା ଚଢେୟାଣୀ ଏମିତି କେତେ କେତେ ରକମର ନାଚଗୀତ ଓ ଅଭିନୟର ବରାଦ ହେଇଛି । ଶୋଭାଯାତ୍ରା ସରୁନାହିଁ ।

ବଡ ଥକ୍କା । ଠାଆକୁ ଠାଆ ବସିଉଠି ଶୋଭାଯାତ୍ରା ପଛେ ପଛେ ଚାଲିବା କଥା । ଆଖି ଲାଗି ଯାଇଛି କେତେବେଳେ ।

ସତରେ ସମୟ ସବୁଠାରୁ ବଡ କଳାକାର । ପଙ୍କରେ ପଦ୍ମ ଫୁଟେଇ ଦିଏ ଯେମିତି, ସହସ୍ରଦଳ ପଦ୍ମକୁ ବି ସେମିତି ପାଲଟାଇ ଦିଏ ମେଞ୍ଚାଏ କାଦୁଅ । କେତେ ଆୟୋଜନ କରି 'ଆସ....ଆସ' ବୋଲି ଦେବୀଙ୍କୁ କେତେ ଡାକରା, କେତେ ନିଉଛାଳି; ପୁଣି ତାଙ୍କର ସମୟ ସରିଲେ 'ଯାଅ ଯାଅ' ବୋଲି କେତେ ମନ୍ତ୍ରବୋଲା, କୁହାଟ, ବାଟେଇ ଦେବାକୁ

**କାହାଣୀ ପଛର କାହାଣୀ**

ପ୍ରତିବର୍ଷ ଭସାଣ ବାସି ଦେବୀଙ୍କର ପ୍ରତିମାମାନ ପାଣିରେ ଭାସୁଥିବାର ଚିତ୍ର ବହୁ ସଂଖ୍ୟାରେ ଖବରକାଗଜରେ ଛପାହୁଏ ଓ ଟେଲିଭିଜନରେ ଦେଖିବାକୁ ମିଳେ । ସେଇ ଚିତ୍ରସବୁ ଦେଖିଲେ ମୋତେ ବଡ କଷ୍ଟ ଲାଗେ । ଚିନ୍ତା କରେ ଏଡେ ସୁନ୍ଦର ପ୍ରତିମାମାନ ପାଣିରେ ମିଳେଇ ଯାଉଥିବ, ଏକଥା ଭାବିବା ବେଳକୁ ଗୋଟିଏ କରୁଣ ରାଗିଣୀ ଯଦି ନିଃଶବ୍ଦରେ ଲହରେଇ ଯାଉଛି ମୋ ଭିତରେ, ତେବେ ପ୍ରତିମା ତିଆରି କରୁଥିବା କଳାକାରମାନଙ୍କୁ ଭସାଣ ଦିନରେ କେତେ ବାଧୁନଥିବ !

ଏ ବର୍ଷ ବି ଜଳସମାଧି ନେଉଥିବା କମନୀୟ ମୃଣ୍ମୟୀ ପ୍ରତିମାମାନଙ୍କର ଛବି ବଡ ଅସ୍ତବ୍ୟସ୍ତ କଲା। ଭସାଣ ଏକ ସାମୁହିକ ଉତ୍ସବ, କିନ୍ତୁ ପ୍ରତିମାର ନିର୍ମାଣ ତ କାରୁଶାଳାରେ ହୁଏ, ପ୍ରାୟତଃ ଗୋପନରେ, ଆଢୁଆଳରେ । ସେଇ ନିର୍ମାଣର ପରିଶ୍ରମ, ନିଷ୍ଠା, ପବିତ୍ରତା, ନିତିନିୟମ ଇତ୍ୟାଦି ବିଷୟରେ ଜାଣିବାକୁ ଭାରି ଇଚ୍ଛା ହେଲା ଅଚାନକ । ଆଗରୁ ଜାଣିଥିଲି ପ୍ରତିମା ତିଆରି ପାଇଁ ବେଶ୍ୟା ଦୁଆରର ମାଟି ଲୋଡା ପଡେ । ତଥ୍ୟ ସଂଗ୍ରହରୁ ଜାଣିଲି ଆହୁରି ଅନେକ ଜାଗାରୁ ମାଟି ଆସେ ବୋଲି । ମାଟିର କଥା ଲେଖୁ ଲେଖୁ ଜାଣିଲି ବିସର୍ଜନର ମନ୍ତ୍ର, ମାଟି ଉଠାଇବାର ତିଥି ଓ ତାର ତାତ୍ପର୍ଯ୍ୟ। ତାଲିକା କଲି କେଉଁ କେଉଁ ଦେବତାଙ୍କର ତେଜ ଏକାଠି କରି କଳ୍ପନା କରାଯାଇଛି ମହାଦେବୀଙ୍କର, ପ୍ରକୃତିର କେଉଁ କେଉଁ ଶକ୍ତିକୁ ଏକାଠି ରଖି ଦିଆଯାଇଛି ଘଟ ଭିତରେ । ଏସବୁ କରିବା ଭିତରେ କେତେବେଳେ ଯେ ସନାତନ ଆସିଗଲେ ମୁଁ ଜାଣି ପାରିଲି ନାହିଁ। ଦେବୀଙ୍କର ଅଣ୍ଟାରେ ଗୁଡା ଯାଇଥିବା ଏକ ସୂତ୍ର ସହ ଘଟକୁ ଯୋଡି ଦିଆ ଯାଇଥାଏ । ଆଉ ହଁ, ଚରମ ଦୁଃଖ, ଚରମ ସୁଖ, ଏକାନ୍ତ ବିଶ୍ୱାସ ଓ ଭଲ ପାଇବା........କିଛି ବି ମାନୁଷୀ ଅନୁଭବ ଚରମ ସ୍ତରରେ ପ୍ରକୃତି ସହ ଯୋଡି ହୋଇ ରହିଥିବାର ବିଶ୍ୱାସଟି ମୋର ବହୁତ ପୁରୁଣା । ସବୁ ଉପରେ ଏ ଗପରେ ରହିଛି ଜୀବନ ବଂଚିବାର ଓ କଳାକୁ ବଂଚାଇ ରଖିବାର ବିଭୋର ବ୍ୟାକୁଳତା ।

ଲୌକିକ ଓ ଅଲୌକିକ, ଜାଗତିକ ଓ ପୌରାଣିକ, ବିଶ୍ୱାସ ଓ ଅତିକଳ୍ପନା, କାରିଗର ଜୀବନର ସଂଘର୍ଷ ଓ ଗୌରବ- ସନାତନ ଜୀବନରେ କେତେ ପ୍ରକାରର ଅନୁଭବ। ଅଧା ପାଣି ଓ ଅଧା ମାଟିରେ ପଡିଥିବା ସନାତନର ହାତରେ ଖଣ୍ଡେ ନାଲି ସାଲୁକନା ତ ଅଛି, ତାହା ସହ ଗରାଟିଏ ବି ଥୁଆ ହୋଇଛି ତୁଠ ଉପରେ । ତାହାଲେ ସନାତନକୁ ବଂଚାଇଲା କିଏ ? ବିଶ୍ୱାସ କରନ୍ତୁ ଏ ପ୍ରଶ୍ନର ଉତ୍ତର ମୋତେ ଜଣା ନାହିଁ । ହୋଇପାରେ ଦେବୀ ବା ମାନବୀ କେହି ନୁହଁନ୍ତି, ସନାତନମାନଙ୍କୁ ଚିରକାଳ ମରଣ ମୁହଁରୁ ଓଟାରି ଆଣେ ନିଜର କଳାପ୍ରତି ରହିଥିବା ସେମାନଙ୍କର ନିସର୍ତ୍ତ ଭଲପାଇବା ।

ଚିରଶ୍ରୀ ଇନ୍ଦ୍ରସିଂ



◀ ଲେଖିକା ଚିତ୍ରଶ୍ରୀ ଇନ୍ଦ୍ରସିଂ

ବାଣରୋଷଣି ।

"ଉତ୍ତରେ ଶିଖରେ ଜାତି ଭୈଂମ୍ୟାଂ ପର୍ବତବାସିନୀ / ବ୍ରହ୍ମାଯୋନି ସମାପନଂ ଗଚ୍ଛ ଦେବମମା'ରମ୍ / ଗଚ୍ଛଂ ଗଚ୍ଛଂ ପରୋସ୍ଥାନଂ ସ୍ୱସ୍ଥାନଂ ଦେବମନ୍ଦିରଂ / ଯଜମାନ ହିତାର୍ଥାୟ ପୁନରାଗମନାୟଚ ।"

ମାଆଙ୍କୁ ଅବଶ୍ୟ ପୁଣିଥରେ ଆସିବାକୁ କୁହାଯାଏ । ମାଆ ପୁଣି ଆସିବେ । ଯଜମାନର ହିତ କରିବେ ।

ଦଉଡ଼ିବାର ଚେଷ୍ଟା କରି ଝୁଣ୍ଟିପଡ଼ିଲା ସନାତନ, ତଳେ ପଡ଼ିଗଲା । ମୁନିଆ ଗୋଡ଼ିବାଜି ଆଣ୍ଠୁ ଖଣ୍ଡିଆ, ଆଖିରେ ଧୂଳି ପଶି ଆଖି ଅନ୍ଧାର ।

"ତୁ ଏମିତି ପଡ଼ିବା ଦର୍କାର । ଭଲ ହେଲା, ଖଣ୍ଡିଆ ହେଲା ଆଣ୍ଠୁ, କହୁଣୀ । ଗୋଟିଏ ରାତି ବି ଅନିଦ୍ରା ରହି ପାରିଲୁନି । ଲୋକେ ତୁଚ୍ଛାକୁ କହନ୍ତି, ଶୋଇଲା ପୁଅର ଭାଗ ନାହିଁ ବୋଲି !" ସନାତନ ନିଜକୁ ନିଜେ ଗାଳିଦେଲା ।

ଗୌରୀଗଡ଼ାରେ ଦେବୀଙ୍କର ବିସର୍ଜନ ହୁଏ ।

ଏବେ ସେପଟରୁ ପୁଣି ଗୋଟିଏ ଦଫା ହୋହଲ୍ଲା ଶୁଣାଗଲା । ପହିଲା ଥର ଠାରୁ ଏ ଥରର ତୋଡ ଅଧିକା ।

ସନାତନର ଦେହରେ ଯେମିତି ଚଅଁରିଗଲା ଲଟାଏ ବିଜୁଳି । ଏବେ ବୋଧେ ପାଣିକି ଗଲେ ଦେବୀ, କି ତଥାପି ଯାଇନାହାଁନ୍ତି, ଆଉ ଟିକକୁ ଯିବେ ।

ଭସାଣ ଦିନ ସମସ୍ତଙ୍କର ମଜା । ଏକା ସନାତନର ସେଦିନ ବଡ ମନକଷ୍ଟ । ଦେବୀପୂଜାର ଗହଳଚହଳ ସରିଲା ବୋଲି ଯେତିକି ନୁହେଁ, ସେତିକି ତା'ନିଜ ପାଇଁ ।

ଗାୟକ ଗୀତ ଗାଏ । ବାଜାବାଲାଏ ବାଜା ବଜାନ୍ତି । ସେସବୁ ରେକର୍ଡିଂ ହୋଇ ରହେ । ପରେ ଶୁଣି ହୁଏ । ସେମିତି ଚିତ୍ରକରର ଚିତ୍ର ସାଇତା ହୋଇ ରହିପାରେ ଅନେକ ବର୍ଷ । ପଥରରେ ଗଢ଼ା ମୂର୍ତ୍ତି ତ ହଜାର ହଜାର ବର୍ଷ ଧରି ଖରା ବର୍ଷା ଶୀତ କାକର ଖାଇ ବି ସେମିତି ଶୋଭା ପାଉଥାଆନ୍ତି ମନ୍ଦିର କାନ୍ଥରେ । ମୂର୍ତ୍ତି କାରିଗରର ହିଁ ଦୁର୍ଭାଗ୍ୟ । ତା'ର ହାତଗଢ଼ା ମୂର୍ତ୍ତିକୁ ବିସର୍ଜି ଦିଆଯାଏ ଜଳରେ ।

ଯେଉଁ ବର୍ଷ ପ୍ରଥମ କରି ସନାତନର ହାତଗଢ଼ା ମୂର୍ତ୍ତି ପୂଜା ପାଇଲା, କି ଖୁସି ସନାତନର ! ଯିଏ ଯୋଉଠି ଦେଖୁଥାଏ କହୁଥାଏ ଯେ ସନାତନ ବଢ଼ିଆ ମୂର୍ତ୍ତି ଗଢ଼ିଛି । ତା'ଛାତି ଖୁସିରେ କୁଣ୍ଢେମୋଟ ।

ପୁଣି ଭସାଣ ଦିନ ଯେତେବେଳେ ଦେବୀଙ୍କୁ ଗୌରୀଗଡ଼ାକୁ ନିଆଗଲା, ନିଜ ହାତଗଢ଼ା ପ୍ରତିମା ପାଣିରେ ମିଳେଇ ଯିବାର ଦୃଶ୍ୟ ଦେଖି ନ ପାରି ସନାତନ ଏକମୁହାଁ ହୋଇ ଲେଉଟି ଆସିଥିଲା ଘରକୁ । ତା'ବାପ ଅଧା-ନରହରି ମାନେ ଶରତ ତା'ର କାନ୍ଦୁରା ମୁହଁ ଦେଖି ସବୁ ବୁଝି ପାରିଥିଲା ।

"ଭସାଣ ଦିନ ମାଟି କାରିଗର, ଛାତିଫଟା ଦୁଃଖ ଭୋଗିବାଟା ଥୟ । କ'ଣ କରିବାରେ ବାବୁ, ଆମର କର୍ମଟା ସେଇ ଧରଣର । ଛାଡ, ମୋ କଥା ମାନିବୁ, ଆଉ କୋଉଦିନ ହେଲେ ଭସାଣ ଦେଖିବାକୁ ଯିବୁ ନାହିଁ ।

ତୁ କାରିଗର, ତୁ ଗଢ଼ିବା କଥା ଭାବ୍, ବାକି କଥା ଭୁଲିଯାଆ । ଯେତେବେଳେ ବି ନଦୀକୂଳରେ ଠିଆ ହେବୁ, ଭାବିବୁ ନଦୀରୁ ମାଟି ଉଠେଇବା କଥା, ମୂର୍ତ୍ତି ନିର୍ମାଣ କରିବାର କଥା, ଉତ୍ସବର ଆନନ୍ଦ କଥା । କାହିଁକି ମନଦୁଃଖ କରିବା ଯେ । ଦେବୀ ଯୋଉ ମାଟିକୁ ଗଲେ, ପୁଉଣି ସେଇ ମାଟିରେ ତିଆରି ହେବେ ।"

ଏ ବର୍ଷ ବି ନଦୀରୁ ମାଟି ଉଠିଲା, ପ୍ରତିମା ଗଢ଼ା ହେଲା । ଦେବୀ ପକ୍ଷର ସପ୍ତମୀ ତିଥି । ଚକ୍ଷୁଦାନ ଉତ୍ତାରୁ ସନାତନ ଦେବୀଙ୍କୁ ଚାହିଁଲା ।

କି ଅପରୂପ ଶୋଭା ! ସନାତନର ଦୃଷ୍ଟି ଅପଲକ, କାକୁସ୍ଥ, କରୁଣ । ଦେବୀ ବି ଚାହିଁଲେ ....ତାଙ୍କର ଦୃଷ୍ଟି ଗଭୀର, ଅନ୍ତର୍ଭେଦୀ, ରହସ୍ୟଘନ । କେଉଁ ଅଦୃଶ୍ୟ ବିନ୍ଦୁରେ ସନାତନର କୋହ ଆଉ ଦେବୀଙ୍କର ହସ ଏକାକାର ହୋଇଯିବା ଉତ୍ତାରୁ ହୋସ୍ ଆସିଲା ତା'ର । ତା' ଆଖିରୁ ଧାର ଧାର ହୋଇ ଲୁହ ବୋହି ଯାଉଥାଏ । ନିଜର ରକ୍ତ କୁଡୁବୁଡୁ ହୃଦୟଟିକୁ ଯୋଡ଼ା ହାତପାପୁଲିରେ ଚାପି ଧରିଥାଏ ସେ । ତା'ର ଭାଙ୍ଗି ପଡୁଥିବା ଆଣ୍ଠୁ ଭିତରେ ସେତେବେଳେ ସଂସାରଯାକର ଶୀତ । ହାତର ଆଙ୍ଗୁଳି ସବୁ ଥରୁଥାଆନ୍ତି ଠକଠକ ।

"କୋଉଠି କ'ଣ ଅପ୍ରାଧ କଲି ମାଆ । କାହିଁକି ଊଣା କଲୁ କରୁଣା ...

କାହିଁକି କୋପ କଲୁ ମୋ ପରି ଅକିଞ୍ଚନ ମଣିଷଟା ଉପରେ; କହିଲୁ, ମୁଁ କ'ଣ ତୋ'ର ଅଭିଶାପକୁ ଭାଜନ ? ? ?

କରୁଣାକର ମା, ମାଟି କାରିଗର ମୁଁ, ମତେ ମାଟି ସାଥିରେ ରହିବାକୁ ଦେ......"

ମାଟି, ହଁ ମାଟି ଉଠାଯାଏ ପୂଜାର ମାସେ ଆଗରୁ । ଭାଦ୍ରବ ମାସରେ । କୃଷ୍ଣପକ୍ଷର ଅଷ୍ଟମୀ, ଶୁକ୍ଳପକ୍ଷର ଷଷ୍ଠୀ ନଚେତ୍ ନାଇଁ ଓଡ଼ିଆ ନବବର୍ଷ ସୁନିଆଁ ବା ବାମନଜନ୍ମ- ଯୋଉଟା କି ପ୍ରାୟ ଶୁକ୍ଳପକ୍ଷର ଏକାଦଶୀ ବା ଦ୍ୱାଦଶୀ ତିଥିରେ ପଡେ ।

ଆବଶ୍ୟକତା ଓ ସୁବିଧା ହିସାବରେ ଏଇ ତିନୋଟି ଦିନ ଭିତରୁ ଗୋଟିଏ ଦିନରେ ମାଟି ଉଠାଯାଏ । ନଦୀମାଟି ସହିତ ମିଶେ ତ୍ରିଛକି ଓ ଚଉଛକିର ମାଟି, ବେଶ୍ୟା ଦୁଆରର ମାଟି, ହାତୀଖୋଜର ମାଟି । ପୁଣି ବି ମିଶେ ବାରହା ତା'ର ଶିଙ୍ଗ ବା ଦାନ୍ତରେ ଖୋଳିଥିବା ବନମାଟି, ପର୍ବତ ଶିଖରର ମାଟି ଓ ଶାଳୀ ବା ବିଆଳି ଧାନ ଫଳିଥିବା ବିଲର ମାଟି ।

ମାଟି....ମାଟି....ମାଟି...

ମାଟି ଦେହ ଧରି ମାଟି ଉପରକୁ ଅବତରି ଆସନ୍ତି ଜଗଜ୍ଜନନୀ । ପ୍ରତିଦିନ ଷୋଡଶ ଉପଚାରରେ ପୂଜା । ପ୍ରତିଦିନ ଚଣ୍ଡୀପାଠ, ଘଟ ପାଖରେ ଗବଗଛର କାଠି ଖଞ୍ଜି ତା'ଉପରେ ହାଣ୍ଡିଟିଏ ରଖାଯାଏ । ହାଣ୍ଡି ଭିତରେ ରଖାଯାଏ ଦର୍ପଣ । ଦର୍ପଣରେ ଦିଶୁଥିବା ମାଆଙ୍କର ପ୍ରତିବିମ୍ବକୁ ପୂଜା କରାଯାଏ । ଘଟ ସହିତ ଗଅଁଠାଇ ଦିଆ ଯାଇଥାଏ ମାଆଙ୍କର ପ୍ରତିମା ସହିତ ଏକ ସୂତ୍ର......ନାଭିସୂତ୍ର ।

ଜଳଭରା ଘଟର ପୂଜା, ଘଟର ଜୀବନ ଏକାକାର ଦେବୀଙ୍କ ପ୍ରତିମା ସହିତ ।

'ଘଟ ସହିତ ତୁ ଗଅଁଠା ହେଉ, ହେଲେ ମୁଁ ଯେ ମାଟି ଉଠିଲା ଦିନୁ ଗଅଁଠା ହୋଇଥାଏ ତୋ ସହିତ, ସେ କଥା କେହି ଦେଖିପାରନ୍ତି ନାହିଁ । ଛାଡ, ଜଗତ କଥା......ତୁ ତ ନିଜେ ଦେଖି ପାରିଲୁନି, ଏତେ ବଡ ବଡ ପଦ୍ମ ପାଖୁଡ଼ା ଆଖି ଖୋଲା ଥାଉ ଥାଉ ।'

ବାଟ ଚାଲୁଥିବା ସହ ଗୁଣୁଗୁଣୁ ହେଉଥାଏ ସନାତନ ।

ସପ୍ତମୀ ତିଥିରେ ମୂର୍ତ୍ତି କାରିଗର ପୂଜା ମଣ୍ଡପରେ ରହିବାର ବିଧି । ଚକ୍ଷୁଦାନ ବିଧି ସରିବା ସହିତ କାରିଗରର କାମ ଶେଷ ହୁଏ । ନିଜ ହାତଗଢ଼ା ପ୍ରତିମା ଠାରୁ ସେ ବିଦାୟ ମାଗେ ।

'ମୋ କାମ ସରିଲା ଏବେ.....ବଞ୍ଚିଥିଲେ ପୁଣି ଯାଇ ଆର ସାଲକୁ ।'

ପୁଣି ଭାଦ୍ରବର ଭରା ନଈକୂଳରେ ନିର୍ମାଣର ଆୟୋଜନ ହେବ । ବ୍ରାହ୍ମଣ, ଯଜମାନ ହବନ.....ଛଣ କାଠ, ଅଖା, ଝୋଟ, ବାଉଁଶ ଇତ୍ୟାଦି ଅଣାଯିବ କାରୁଶାଳାକୁ, ରୂପ ଘେନିବେ ଦେବୀ ।

ପ୍ରତିମା ଗଢ଼ିବା ବେଳେ ଅନେକ ଥର ସନାତନକୁ ଲାଗିଛି ଯେ, ପ୍ରତିମା ନିର୍ମାଣର କଳାକୌଶଳ ସବୁ ଜାଣିଥିଲେ ବି, ସେସବୁ ଠିକ୍ ବେଳେ କାମ ଦିଏନି । ନିଜ ଆୟତ୍ତରେ ପ୍ରତିଥର ନ ଥାଏ ନିର୍ମାଣ । ଛଣବିଡ଼ାଟା ସିଧା କରୁକରୁ ତାହା ବାରମ୍ବାର କଟାଳ କରି ବଙ୍କେଇ ଯାଏ ଟିକିଏ କୋଣକୁ; ଅଣ୍ଟାକୁ ବାରମ୍ବାର ମାଟି ଥାପି ମୋଟା କଲାବେଳକୁ, ମାଟିପିଣ୍ଡୁଳା ତଳକୁ ଖସି ପଡୁଥିବ ହାତରୁ ଓ ସବାଶେଷକୁ ସିଂହକଟି ଧରି ଉଭା ହେବେ ସିଂହବାହିନୀ । ପରେ ଚେତା ହେବ, ଅଜାଣତରେ ବିନା ପ୍ରୟାସରେ ଯାହା ଗଢ଼ାଗଲା, ସେଇଟା ହିଁ ଭଲ, ସର୍ବୋତ୍ତମ । ମାଟି, ପାଣି, ପବନ ଧରି କାମ; କିଏ ଟିକିଏ ବିଗିଡ଼ିଲେ ମୂର୍ତ୍ତି ହେଇଯିବ ବିରୂପ, ବ୍ୟାକରଣ କିଛି କାମ ଦେବନି । ଆଉ ଏମାନେ ବି

କିଏ କୋଉ ବୋଲ ମାନିବା ଜନ୍ତୁ ।

ସନାତନର ବାପା ଅଧା-ନରହରି ମାନେ ଶରତ କହେ, "ମହିଷାମର୍ଦ୍ଦିନୀଙ୍କର ମୂର୍ତ୍ତି ତିଆରିବା ଖେଳଘର କାମ ନୁହେଁ ବାପ......। ଶ୍ରୀଚଣ୍ଡୀ ପୁରାଣରେ ଅଛି ପରା, ମାଆ ଜଣେ ନୁହଁନ୍ତି, ବହୁତ ଦେବତା ଅଛନ୍ତି ତାଙ୍କ ସାଙ୍ଗରେ । ନାରାୟଣଙ୍କ ତେଜରେ ଗଢା ତାଙ୍କର ମୁହଁ, ମହେଶ୍ୱରଙ୍କ ତେଜରେ ଗଢା ତାଙ୍କର ଦନ୍ତପନ୍ତି, ଅଗ୍ନିଦେବତାଙ୍କ ତେଜରେ ଗଢା ତାଙ୍କର ଦୁଇଆଖି, ଅଶ୍ୱିନୀକୁମାରଙ୍କ ତେଜରେ ତାଙ୍କର ଅଣ୍ଟା, ତ୍ରିବଳୀ ଓ ନିତମ୍ବ । ସ୍ୱୟଂ ଅମ୍ବିକାଙ୍କର ତେଜରେ ତିଆରି ତାଙ୍କର ପାଦାଙ୍ଗୁଳି । ତୁ ସାନପିଲା, ତୁ ଏବେ ବୁଝିପାରିବୁ ନାହିଁ । ଓହୋଃ, ତତେ କହିଦେଉଛି କ'ଣ ମୁଁ, ମୁଁ ନିଜେ କୋଉ ବୁଝି ପାରୁଛି ଯେ ! ନକ୍ଷତ୍ରମାନଙ୍କ ତେଜରେ ଯାହା ଦେହର ଲୋମମାନ ତିଆରି, ଜିହ୍ୱାରେ ଯାହାଙ୍କର ଶରଦ ଚନ୍ଦ୍ରର ଆଲୋକ.....କେଡେ ଶୋଭାବନ୍ତ ସେଇ ଦେବୀ । ମନେ ରଖିଥିବୁ ବାପା ଇଏ ସୁନ୍ଦରୀ ହେଲେ ବି ଭୟଙ୍କରୀ..... କାଳସ୍ୱରୂପା .... ଯାଙ୍କ ଗାଲରେ ମରଣର ଦେବତା ସ୍ୱୟଂ ଯମଙ୍କର ତେଜ, ତଳିପାରେ ଯାଙ୍କର ପୃଥ୍ୱୀକୁ ମୁଣ୍ଡେଇଥିବା ବାସୁକୀ ଓ ଅଷ୍ଟକୁଳ ନାଗ ।"

"ଦେବତାମାନେ ତ ମଣିଷ ତିଆରି କରିଛନ୍ତି ଯେ, କେତେ ମଣିଷଙ୍କ ଚେହେରାରେ କେତେ ପ୍ରକାରର ଖୁଣ । କିଏ ଗେଡା, କିଏ ଚନ୍ଦା, କିଏ ଗ୍ରହଣଖଣ୍ଡିଆ, କିଏ ବଡକାନିଆ, କିଏ ଚେପେଟାନାକିଆ, ପୁଣି ଚଉରାଅଶୀ ଟିପରେ ଗଢା ମଣିଷର ଦେହ ଭିତରେ କେତେ କେତେ ରୋଗ ବଇରାଗ, ବ୍ୟାଧିବିକୃତି, ବାତପିତ୍ତ, କଫ । ମଣିଷର ଭାଗ୍ୟଟିମାନଙ୍କରେ ପୁଣି କେତେ ଦୁଃଖ ଅନିଭୋଗ, କେତେ ହୀନିମାନ ଅପମାନ ଲେଖା । ଠାକୁର ହୋଇ ଯଦି ମଣିଷକୁ ଜାଣିଶୁଣି ଏତେ ନାରଖାର କରୁଛନ୍ତି ତା'ହେଲେ ସାନପିଲାଟା ସେମାନଙ୍କୁ ଟିକେ ବଙ୍କାତେଢା କରି ଗଢିଦେଲା ତ କ'ଣଟା ଅସୁବିଧା ହେଇଗଲା ? ତୁ ପୁଅ ସବୁଦିନ ଗଢେ, ମୁଁ ମାଟି ଆଣିଦେବି । ବଢିଆ ଚିକ୍କଣ ପଟୁମାଟି । ଅଭ୍ୟାସ କଲେ ହାତ ଆପେ ଆପେ ପୋଖତ ହେଇଯିବ ।"

ସନାତନର ମାଆ ଗରଗର ହୁଏ, ଏମିତିକା କଥାମନ ତା'କାନରେ ପଡିଲେ ।

"ସବୁଦିନ ଅଭ୍ୟାସ କଲେ ମୂର୍ତ୍ତି ଗଢିବା ଶିଖିଯିବ । ମୂର୍ତ୍ତି ଗଢିବାର ଯାହା ନିୟମ, ତାକୁ ସେତକ ଶିଖେଇଦିଅ । ସେ ତା'କଥା ବୁଝିବ । ତମେ ତାକୁ ଏତେ ଡରେଇ ଦେଲେ ସେ କାମ କରିବ କେମିତି । ଏତେ ପ୍ରବଚନ ଶୁଣିଲେ, ଭୁଲ ନ ହେଲେ ହେଇଯିବ ମଣିଷର । ମୋ ପିଲାର ପରା ମୁହଁ ଶୁଖି ଗଲାଣି ତମ କଥା ଶୁଣୁଶୁଣୁ । ତମ ବୁଦ୍ଧିରେ ସତସତିକା ଅଂଶେଇ ପଶିଲାଣି ।"

ସନାତନର ମାଆ ତା'ବାପର ତୃତୀୟ ପକ୍ଷର ସ୍ତ୍ରୀ । ପ୍ରଥମେ ତ ସେ କୁଆଡେ ବାହାହେବାକୁ ମଙ୍ଗୁ ନ ଥିଲା ବହୁତ ବର୍ଷ ଯାଏଁ । ଡେରିରେ ବାହା ହେଲା । ପ୍ରଥମ ସ୍ତ୍ରୀ ସାପକାମୁଡାଲେ ମଲା, ବାହାଘର ମାସେ ପୂରି ନ ଥିଲା । ଦ୍ୱିତୀୟ ସ୍ତ୍ରୀ ଜଣେ ଟ୍ରକ ଡ୍ରାଇଭର ସାଙ୍ଗରେ କୁଆଡେ ପଳେଇଗଲା । ସାହୀଭାଇ ଜୋରଜବରଦସ୍ତ କରି ଗରିବ ଘରୁ ମାଆବାପ ଛେଉଣ୍ଡ ଝିଅଟେ ଆଣି ଛନ୍ଦିଦେଲେ କିଛି ମାସ ପରେ ଶରତ ସହିତ ।

ନିଜ ମାଆ ଓ ବାପାଙ୍କ ଭିତରେ ରହିଥିବା ବୟସ, ବୁଦ୍ଧି ଆଉ ସାସ୍ଥ୍ୟର ଫରକଟା ସନାତନର ଆଖିକୁ କାଟେ, ମର୍ମକୁ ବି କାଟେ । ମାଆ ବାପାଙ୍କୁ ଯାହାଇଚ୍ଛା ତାହା ବକିଗଲା ବେଳେ ସେ ସେଥିପାଇଁ ତା'ମାଆକୁ ଦୋଷ ଦେଇପାରେନାହିଁ । କିନ୍ତୁ ଏ କଥା ସତ ଯେ ବାପାକୁ ସେ ପ୍ରାଣ ଦେଇ ଭଲପାଏ । ସେ ଭଲ କରି ଜାଣେ ଯେ, ତା'ବାପା ସାହିର କି ଆଖପାଖ ଗାଁର ଅନ୍ୟ ବନ୍ଧୁବାନ୍ଧବଙ୍କ ପରି ଅଳପ ବୁଦ୍ଧିର ମଣିଷ ନୁହେଁ । ବାପାର ଲୋଽକୋଽ ଅନ୍ଧାରୁଆ ଦେହ ଭିତରେ ଜଳଜଳ ହେଉଛି ପୋଷେ ଉଷୁମ ସୂର୍ଯ୍ୟକିରଣ ।

ଓଡିଶାର ବିଖ୍ୟାତ ପାଲାଗାୟକ ଗାୟକରତ୍ନ ନରହରି ମହାପାତ୍ରଙ୍କ ଘର ସନାତନର ପାଖ ଗାଁରେ । ଗାଁକୁ ଗାଁ ଲାଗିଛି । ମହାପାତ୍ରେ ପାଲା ଗାୟନର ଅଭ୍ୟାସ କଲାବେଳେ ସନାତନର ବାପ ସବୁବେଳେ ଶୁଣେ, ତାଙ୍କ ଦଳ ସାଙ୍ଗରେ ଛୋଟମୋଟ କାମ କରିଦେବାକୁ ଅଲଗା ଗାଁମାନଙ୍କୁ ଯାଏ, ହାତରେ କାମ ନ ଥିବାବେଳେ । ସବୁବେଳେ ନାନା କାବ୍ୟ ଓ ଶାସ୍ତ୍ରକଥାମାନ ଶୁଣି ଶୁଣି ସେ ବହୁତ କଥା ମନେରଖିଦେଇଛି । କଥାକଥାକେ ସେ ନାନା ବିଧିବିଧାନ, ଶାସ୍ତ୍ରପୁରାଣ, ଠାକୁରଠାକୁରାଣୀଙ୍କ କଥା କହେ । ସେଇଥିପାଇଁ ନିଜ ଗାଁର ଲୋକମାନେ ତାକୁ ଡାକନ୍ତି 'ଅଧା-ନରହରି'। ନିଜେ ନରହରି ବି ଜାଣନ୍ତି ଏ କଥା ଆଉ କଉତୁକ କରି ଶରତକୁ ସେ ଡାକନ୍ତି ଅଧା-ସଙ୍ଗାତ ।

ଅଧା-ନରହରି ବା ଶରତ ଗପ ଶୁଣାଏ ଶିଶୁ ସନାତନକୁ । ପରୀକ୍ଷା କରେ ପୁଅର ସ୍ମରଣଶକ୍ତି ଓ ଶାସ୍ତ୍ରଜ୍ଞାନ ।

"ଜନ୍ମାଷ୍ଟମୀ ଦିନ କାହିଁକି ଦୁର୍ଗାଙ୍କର ପ୍ରତିମା ପାଇଁ ମାଟି ଉଠେ କହିଲୁ ?"

"କୃଷ୍ଣ ଦେବକୀମାତାଙ୍କ ଗର୍ଭରୁ ଜନ୍ମ ହେଲା ଦିନ ତାଙ୍କ ଭଉଣୀ ବିଜୁଳିକନ୍ୟା ବି ଜନ୍ମ ହୋଇଥିଲେ ମା ଯଶୋଦାଙ୍କର ଗର୍ଭରୁ । ବିଜୁଳିକନ୍ୟା ହେଉଛନ୍ତି ଦୁର୍ଗାମାଆଙ୍କର ଅନ୍ୟ ଏକ ରୂପ । ସେଇ ଦୁର୍ଗା ମା ଏବେ ପୁଣି ଥରେ ଜନ୍ମ ହେବେ.....ମାଟିର ଦେହ ଧରି.....ରହିବେ ଆମ କାରୁଶାଳାରେ..... ସେଇଥିପାଇଁ ।"

"ଆଉ ଷଷ୍ଠୀପୂଜା ଦିନ ?"

"ଷଷ୍ଠୀ ବି ମାଆ । ସମସ୍ତଙ୍କର ମାଆ । ସମସ୍ତଙ୍କୁ ସିଏ ଜନ୍ମ ଦିଅନ୍ତି; ସେଥିପାଇଁ ।"

"ତୁ ମୋର ସୁନାପୁଅ । ମୁଁ ଜାଣିଛି ତୁ ଦିନେ ଜଣେ ବଡ କାରିଗର ହେବୁ । ତୁ ସବୁଦିନେ ଚଣ୍ଡୀ ସପ୍ତସତୀ ପଢ । ଦେବୀଙ୍କୁ ଡାକୁଥିଲେ ଦେବୀ ସୁଦୟା କରିବେ । ଅନ୍ୟମାନେ କିଛି ନ ବୁଝି କରୁଛନ୍ତି, ତୁ ଶାସ୍ତ୍ର ବୁଝି କରିବୁ । ଭଲପାଇ ଭକ୍ତି କରି ମନମୂନ ଚଇତନ ଏକାଠି କରି ପ୍ରତିମା ଗଢିବୁ ।"

ମୁଖରା ହେଲେ ବି ଉଚିତ କଥା କହେ ସନାତନର ମାଆ ।

ନୂଆ ନୂଆ ପ୍ରଥମେ ପ୍ରଥମେ କାମ ଶିଖିବା ବେଳେ ସନାତନ ବଙ୍କାତେଢା କରି ଗୁଡାଏ ଅଖ ଅବାଗ ପିତୁଳା ତିଆରି କରି ଥୋଇଦେଉଥିଲା । ସାଙ୍ଗସାଥୀ ଓ ସାହୀଭାଇ ହସୁଥିଲେ ତା'ର ନିପାରିଲାପଣରେ ଆମୋଦିତ ହୋଇ । ଅଧା-ନରହରିର ମୁହଁ ଆଶଙ୍କାରେ କଳା ପଡି ଯାଉଥିଲା । ତା'ର କାକର ଟୋପା ପରି ଆଖି ଭିତରକୁ ନଇଁ ଆସୁଥିଲା ବୁନ୍ଦାଏ ବୁନ୍ଦାଏ ଅନ୍ଧାର ରାତି । ଏସବୁ ଭିତରେ କାନ୍ଦ କାନ୍ଦ ଦିଶୁଥିବା ସନାତନକୁ ତା'ର ମାଆ ବୋଧ ଦେଉଥିଲା ଭିନ୍ନ ପ୍ରକାରର କଥା କହି ।

"ଦେବତାମାନେ ତ ମଣିଷ ତିଆରି କରିଛନ୍ତି ଯେ, କେତେ ମଣିଷଙ୍କ ଚେହେରାରେ କେତେ ପ୍ରକାରର ଖୁଣ । କିଏ ଗେଡା, କିଏ ଚନ୍ଦା, କିଏ ଗ୍ରହଣଖଣ୍ଡିଆ, କିଏ ବଡକାନିଆ, କିଏ ଚେପେଟାନାକିଆ, ପୁଣି ଚଉରାଅଶୀ ଟିପରେ ଗଢା ମଣିଷର ଦେହ ଭିତରେ କେତେ କେତେ ରୋଗ ବଇରାଗ, ବ୍ୟାଧିବିକୃତି, ବାତପିତ୍ତ, କଫ । ମଣିଷର ଭାଗ୍ୟଟିମାନଙ୍କରେ ପୁଣି କେତେ ଦୁଃଖ ଅନିଭୋଗ, କେତେ ହୀନିମାନ ଅପମାନ ଲେଖା । ଠାକୁର ହୋଇ ଯଦି ମଣିଷକୁ ଜାଣିଶୁଣି ଏତେ ନାରଖାର କରୁଛନ୍ତି ତା'ହେଲେ ସାନପିଲାଟା ସେମାନଙ୍କୁ ଟିକେ

ବଙ୍କାଟେଢ଼ା କରି ଗଢ଼ିଦେଲା ତ କ'ଣଟା ଅସୁବିଧା ହେଇଗଲା ? ତୁ ପୁଅ ସବୁଦିନ ଗଢ଼େ, ମୁଁ ମାଟି ଆଣିଦେବି । ବଢ଼ିଆ ଚିକ୍କଣ ପଟୁମାଟି । ଅଭ୍ୟାସ କଲେ ହାତ ଆପେ ଆପେ ପୋଖତ ହେଇଯିବ ।”

ଅଧା-ନରହରି ହସେ ।

“ତୁ ମାଟି ଆଣିଦେବୁ ? ଓଦାମାଟିର ଓଜନ କେତେ ଜାଣିଛୁ ? ଆଉ ହଁ, ତାକୁ ତୁ ଦେବୀଦେବତାଙ୍କ ଭୁଲ ଦେଖାଇ ଶଣ୍ଢଶୀ ଶିଖାଇବାର ବୁଦ୍ଧି ଛାଡ଼ । ଯାହାକୁ ଗଢ଼ିବ, ତାକୁ ଆଦର ସ୍ନେହ ନ କରିପାରିଲେ, ମାଟିରେ ତା'ର ରୂପ ଉଭାରିବ କେମିତି ?”

ପୁଅର ଦେହ ମୁହଁକୁ ତା'ପରେ ଆଉଁଷି ଦେଇ ଅଧା-ନରହରି ବତାଇ ଦିଏ କାମ କରିବାର ବାଗ ।

“ମନଥିର କର ପୁଅ । ମନଥିର ନ ରଖି ପାରିଲେ କୋଉ ବି କାମ ସୁନ୍ଦର ହେବନାହିଁ । ବଙ୍କାଟେଢ଼ାକୁ ସଜାଡ଼ି ଲାଭନାହିଁ । ପୂରା ଭାଙ୍ଗିଦିଏ, ମୂଳକୁ ଯାଆ, ମୂଳରୁ ଗଢ଼ । ମାଟିକୁ ଭଲ ଭାବରେ ନ ଚକଟିଲେ ମାଟି ସରସା ହେବ ନାହିଁ, ସେଥିରୁ ଅଠା ଉକୁଟିବ ନାହିଁ । ପ୍ରତିମାମାନଙ୍କର ଦେହରେ ମୁହଁରେ ଫାଟ ପଡ଼ିଯିବ, ସୁକୁମାର ଦେହ ଦିଶିବ ଶିରାଭର୍ତ୍ତି । ପୁଣି କାମ କରିବାର କାଇଦା ବି ଶିଖିବାର ଅଛି । ଅନ୍ୟମାନେ କିଏ କେମିତି କାମ କରୁଛନ୍ତି ସେକଥା ବି ଲକ୍ଷ୍ୟ କରିବାର ଅଛି । ଜାଣିଛୁ, ଆଗରୁ କାରିଗରମାନେ ଗୋଟିଏ ବକ୍ତ ଅରୁଆ ଖାଇ ରହୁଥିଲେ, ଭଲ ମୂର୍ତ୍ତି ଗଢ଼ିବେ ବୋଲି କେତେ ନିଷ୍ଠାରେ, ଭକ୍ତିରେ ରହୁଥିଲେ । ମୂର୍ତ୍ତି ଗଢ଼ା ଶେଷ ହେବା ଯାଏଁ ସେମାନେ ଘରକୁ ବି ଆସୁ ନ ଥିଲେ, କାରୁଶାଳାରେ ରହୁଥିଲେ ।”

**“ମନଥିର କର ପୁଅ । ମନଥିର ନ ରଖିପାରିଲେ କୋଉ ବି କାମ ସୁନ୍ଦର ହେବନାହିଁ । ବଙ୍କାଟେଢ଼ାକୁ ସଜାଡ଼ି ଲାଭନାହିଁ । ପୂରା ଭାଙ୍ଗିଦିଏ, ମୂଳକୁ ଯାଆ, ମୂଳରୁ ଗଢ଼ । ମାଟିକୁ ଭଲଭାବରେ ନ ଚକଟିଲେ ମାଟି ସରସା ହେବନାହିଁ, ସେଥିରୁ ଅଠା ଉକୁଟିବ ନାହିଁ । ପ୍ରତିମାମାନଙ୍କର ଦେହରେ ମୁହଁରେ ଫାଟ ପଡ଼ିଯିବ, ସୁକୁମାର ଦେହ ଦିଶିବ ଶିରାଭର୍ତ୍ତି । ପୁଣି କାମ କରିବାର କାଇଦା ବି ଶିଖିବାର ଅଛି । ଅନ୍ୟମାନେ କିଏ କେମିତି କାମ କରୁଛନ୍ତି ସେକଥା ବି ଲକ୍ଷ୍ୟ କରିବାର ଅଛି । ଜାଣିଛୁ, ଆଗରୁ କାରିଗରମାନେ ଗୋଟିଏ ବକ୍ତ ଅରୁଆ ଖାଇ ରହୁଥିଲେ, ଭଲ ମୂର୍ତ୍ତି ଗଢ଼ିବେ ବୋଲି କେତେ ନିଷ୍ଠାରେ, ଭକ୍ତିରେ ରହୁଥିଲେ । ମୂର୍ତ୍ତି ଗଢ଼ା ଶେଷ ହେବାଯାଏଁ ସେମାନେ ଘରକୁ ବି ଆସୁ ନ ଥିଲେ, କାରୁଶାଳାରେ ରହୁଥିଲେ ।”**

“ମୁଁ ବି ସେମିତି କରିବି ।”

ସନାତନର ମାଆ ଚିତ୍କାର କଲା, ଅଧା-ନରହରିର କଥା ଶୁଣି-

“କୋଉ ପୁରୁଣା କାଳର କଥାଗୁଡ଼ାକ ଶିଖଉଛି ଏ ବୁଢ଼ା ମୋର କଅଁଳା ଛୁଆଟାକୁ । ମୋ ଛୁଆଟା କାହିଁକି ଦିନକୁ ବକତେ ଖାଇ ରହିବ । ନିଜେ ତ ଦେହରେ ଯାଉନି କହି ଅରୁଆ ଛୁଉଁନ । ଯୁଗ ଯାଇ କୋଉଠି ପାଇଲାଣି । ଲୋକେ ଓଷାପର୍ବ ଦିନରେ ବି ଆଇଁଷଉଣ୍ଡର ମାନୁନାହାନ୍ତି । ମୂର୍ତ୍ତି ଗୋଟେ ଗଢ଼ିଦେଲେ କେତେ ଟଙ୍କା ଏମିତି ଓଜାଡ଼ି ପକେଇଦେବେ କି କିଏ ?”

ବାପାର ମାଆର ବହୁତ କଳି ଲାଗିଲା ସେଦିନ । ପ୍ରାୟ ସବୁ ପରିସ୍ଥିତିରେ ଶାନ୍ତ ଓ ଅବିଚଳିତ ରହୁଥିବା ଶରତ ବହୁତ ପାଟିତୁଣ୍ଡ କଲା ସ୍ତ୍ରୀକୁ, ରୀତିମତ ଚିତ୍କାର ।

ସେଦିନ ରାତିରେ ଖାଇବା ଥାଳି ପାଖରେ ପିଢ଼ା ଉପରୁ ତଳକୁ ଗଡ଼ିପଡ଼ିଲା ଶରତ । ସେଇଦିନରୁ ତା'ର ଗୋଟିଏ ଅଙ୍ଗ ଅଚଳ ।

ବାପାର ଏଭଳି ଅବସ୍ଥା ଯୋଗୁଁ କି କ'ଣ, ଭାଦ୍ରବ ମାସ ଆସିଲାରୁ ମାଆ ତା'ନିଜ ଆଡୁ ଶରତକୁ ମୂର୍ତ୍ତିଗଢ଼ା ଶେଷହେବା ଯାଏଁ ଅରୁଆ ଖାଇ କାରୁଶାଳାରେ ରହିବାକୁ କହିଥିଲା । ସେଇ ବର୍ଷ ଠାରୁ କଠୋର ନିୟମ ମାନି ସେ ଦୁର୍ଗାଙ୍କର ମୂର୍ତ୍ତି ଗଢ଼େ । କେବଳ ଦଶହରାରେ ଦୁର୍ଗା ମୂର୍ତ୍ତି ପାଇଁ; ବାକି ଅନ୍ୟ ସମୟରେ ଗଣେଶ, ସରସ୍ୱତୀ, କାଳୀ, ବାସନ୍ତୀ ଦୁର୍ଗା, ଗଜଲକ୍ଷ୍ମୀ ଇତ୍ୟାଦିଙ୍କର ମୂର୍ତ୍ତି ଗଢ଼ିଲା ବେଳେ ଅବଶ୍ୟ କିଛି ନିୟମ ମାନେନାହିଁ ସେ ।

ସମୟକ୍ରମେ ସନାତନର ହାତ ପୋଖତ ହେଇଛି, ତା'ର ଉଭୟ ସୁନାମ ଏବଂ ରୋଜଗାର ବଢ଼ିଛି । ସାରାବର୍ଷ ସେ ବ୍ୟସ୍ତ ଥାଏ ।

ଭୂମିରେ ମୁହଁମାଡ଼ି ତଳେ ପଡ଼ି ଯାଉ ଯାଉ ସନାତନ ନିଜକୁ ସମ୍ଭାଳି ନେଲା । ଆଣ୍ଠୁର ଚକି ଭିତରେ ଘର କରି ରହିଛି ଗୋଟେ ଲମ୍ବା ନାହୁଡ଼ବାଲା କଙ୍କଡ଼ା ବିଛା । ଥିବ ଥିବ, ଆଠ ଦିନରେ, ଦଶ ଦିନରେ ଖେଞ୍ଚିଦବ ତା ନାହୁଡ଼ରେ । କଷ୍ଟ ହେବନି ବେଶୀ ସମୟ ସତ, ହେଲେ ଗୋଟାଏ ଦେଢ଼ଟା ମିନିଟ୍ ପାଇଁ ଲାଗିବ ସତେ ଯେମିତି ଆଣ୍ଠୁ ଫାଟି ସେଇପଟେ ପ୍ରାଣ ଛାଡ଼ି ଯାଉଛି । କାଳେ କେତେବେଳେ ସେଇ କଷ୍ଟ ଫେରି ଆସିବ, ସେଇ ଡରରେ ସେ ଆଜିକାଲି ବଡ଼ ସାବଧାନ ହୋଇ ବୁଲାଚଲା କରୁଛି ।

ହାତ ଆଙ୍ଗୁଳି ସବୁ ସିର୍ ସିର୍ କରୁଛି ଗତବର୍ଷଠୁ ପାଣି ବାଜିଲେ, ଓଦା ହେଲେ ବେଶୀ କଷ୍ଟ । ସ୍ନାୟୁର ରୋଗ, ଚିକିତ୍ସା ଚାଲିଛି । ବଥା କିନ୍ତୁ କମିବାର ଲକ୍ଷଣ ଦିଶୁନି । ସେଥିପାଇଁ ଗତବର୍ଷରୁ ସେ ମୂର୍ତ୍ତି ଗଢ଼ିବା କମେଇ ଦେଇଛି । କିଏ କେଉଁଠାରୁ ପୂଜା ପାଇଁ ମୂର୍ତ୍ତିର ବହିନା ଦେବାକୁ ଆସିଲେ, ସେ ବହିନା ରଖିନି । ମିଛ କହିଛି ଯେ,

“ଏବେ କାମର ଭାରି ଭିଡ଼ । ତମ ସମୟକୁ ପୂରା କରିପାରିବିନି । ମତେ ତମେ ଗାଳିଦେବ ସେତେବେଳେ । ବରଂ ଭଲ ଆଉ କାହାକୁ କୁହ ।”

ଗାଁର ସାର୍ବଜନୀନ ଦୁର୍ଗାପୂଜା ବେଳକୁ କିନ୍ତୁ ସେ ମନା କରିପାରିଲା ନାହିଁ । ଓଦା ମାଟି ହାତରେ ବାଜିଲା ମାତ୍ରେ ଆଙ୍ଗୁଳିରେ, କଚଟିରେ, ଦେହର ଗଣ୍ଠିମାନଙ୍କରେ କଷ୍ଟ । ବୋହଲିଲେ, ପାହାଚରେ ଚଢ଼ାଉତରା ହେଲେ ଆଣ୍ଠୁରେ ବଥା । ସେଥିରେ ପୁଣି ଗୋଟିଏ ଥର ଅରୁଆ ଖାଇବା । ଡରି ଡରି, ବଥା କାଟିବାକୁ କେତେ ଔଷଧ ଗିଳି ଗିଳି ସେ ଏଥର ମୂର୍ତ୍ତି ଗଢ଼ିବା କାମ ସାରିଛି, ସେଇ କଷ୍ଟର କଥା ସେ ଜାଣେ । ସେଇ ସମୟ ଭିତରେ ସେ ବୁଝିପାରିଛି ଯେ, ଏଇ ତା'ର ଶେଷଥର ମୂର୍ତ୍ତି ଗଢ଼ିବା । ଏଥର ତା'ହାତରେ ଆଙ୍ଗୁଳି ସବୁ ଆହୁରି ବେଶୀ ଦୁର୍ବଳ ହେଇଯିବେ । ଓଦା ମାଟିକୁ ଚକଟିବା ଓ ଆକାର ଦେବା ଆଉ ସମ୍ଭବ ହେଇ ପାରିବନି ତା'ଦ୍ୱାରା ।

ଡାକ୍ତର ଅବଶ୍ୟ କହୁଛନ୍ତି ଯେ, ଏ ରୋଗ ନିଶ୍ଚୟ ଭଲ ହେବ । ତେବେ ବହୁତ ଦିନ, ଏମିତିକି ବହୁତ ବର୍ଷ ଲାଗିପାରେ । ଏଇ ରୋଗରେ ଦେହ ଦୁର୍ବଳ ଲାଗିଲେ ବି ଆୟୁଷ ହାନି ହେବନାହିଁ । ରୋଗୀର ପ୍ରାଣ ଉପରେ କୌଣସି ତୁରନ୍ତ ବିପଦ ନାହିଁ, କିନ୍ତୁ ମୂର୍ତ୍ତି ଯେତେବେଳେ ଗଢ଼ି ହେବନାହିଁ, ତେଣିକି ଜୀବନ ଥିଲେ କେତେ ଗଲେ କେତେ । ଖାଉଥିବ, ପିଉଥିବ, ଯିବା ଆସିବା, କଥାବାର୍ତ୍ତା ସବୁ କରୁଥିବ; କିନ୍ତୁ ମାଟି ଚକଟି ପାରୁ ନ ଥିବ, ପିତୁଳାଟିଏ ଗଢ଼ିପାରୁ ନ ଥିବ ନିଜ କଳ୍ପନାର ପଛେ ପଛେ ଯାଇ........ଏପରି ବଞ୍ଚିବା ଅପେକ୍ଷା ବରଂ ମରିଯିବା ଭଲ ।

ଧୀରେ ଧୀରେ ଚାଲିଚାଲି ଯାଇ ନଈତୁଠରେ ପହଞ୍ଚିଲା ବେଳକୁ ସନାତନ, ଶୋଭାଯାତ୍ରାରେ ଆସିଥିବା ଲୋକମାନେ ସମସ୍ତେ ଚାଲିଗଲେଣି ।

ଶୂନ୍‌ଶାନ୍ ଗୌରୀଗଡ଼ା । ଜହ୍ନ ଢଳି ପଡ଼ିଲାଣି ପୂର୍ବ ଆକାଶରେ । ଚତୁର୍ଦ୍ଦଶୀର ଜହ୍ନ, ଆଉଟା ରୂପା

ପରି ନଦୀଜଳ । ଗୌରୀଗଡାରେ ଓହ୍ଲେଇବା ଆଗରୁ ସନାତନକୁ କୁଦ ଉପରୁ ଦିଶିଗଲା– ଦେବୀପ୍ରତିମା ପାଣି ଭିତରେ ଭାସୁଛନ୍ତି; ସତେ ଯେମିତି ନିଜ ଇଚ୍ଛାରେ ନଦୀକୁ ଓହ୍ଲେଇ ସେ ଦେହ ପଖାଳୁଛନ୍ତି, ଗାଧୁଆପାଧୁଆ ସରିଲେ ଆପେ ପୁଣି ଫେରି ଆସିବେ ପାହାଚ ଚଢି ।

ସନାତନ ପାଗଳ ପରି ଓହ୍ଲେଇଗଲା ଏକା ଥରକେ ଦି'ଟା ଲେଖାଏଁ ପାହାଚ ଡେଇଁ ଡେଇଁ ଜଳଧାର ଯାଏଁ । ଏଇ ତା'ର କଳା, କଳ୍ପନା । ଏଇ ତା'ର ହାତଗଢା ଦେବୀପ୍ରତିମା । ଏଇ ଶେଷତମ, ଏଇ ପ୍ରତିମା ପାଣିରେ ମିଳେଇ ଯିବା ସହିତ ଶେଷ ହୋଇଯିବ ସନାତନର କଳାକାରର ଅସ୍ତିତ୍ୱ । ସେ ହରେଇ ବସିବ ତା'ର ନିଜସ୍ୱ ପରିଚୟ ।

ନଦୀରେ ସାନ ସାନ ଢେଉ । ଢେଉର ଶୀର୍ଷରେ ଚୂନା ଚୂନା କର୍ପୁର । ଲିଭିଯିବା ଆଗରୁ ଦୀପ ଜୋର୍‌ରେ ଜଳିଉଠିଲା ପରି ଅସ୍ତ ଯିବା ଆଗରୁ ଶିଖା ଟେକିଛି ଜହ୍ନ । କୋଉଠି ନଦୀ ବନ୍ଧ ଉପରେ ମହକୁଛି ଗଙ୍ଗଶିଉଳି । ନଈ କୂଳେ କୂଳେ ମାଇଲ ମାଇଲ ଧରି କାଶତଣ୍ଡୀର ବିସ୍ତାର । ପବନରେ ଗୋଟେ ବିଚିତ୍ର କାନ୍ଦଣାର ନିରବ ଲହର ।

ସନାତନକୁ ଜଣାନାହିଁ, ସେ କେତେବେଳେ ଓହ୍ଲେଇ ପଡିଲା ନଦୀ ଭିତରକୁ । ଦେବୀ ଚାହିଁଛନ୍ତି ତାକୁ ପାଣି ଭିତରୁ । ଦେବୀଙ୍କର ଦୃଷ୍ଟି–ଅପଲକ, ନିସ୍ପନ୍ଦ, ରହସ୍ୟଘନ । ବିହ୍ୱଳ ସନାତନ ସେଇ ଦୃଷ୍ଟିର ମାୟାରେ ଟାଣିହୋଇ, ବିଭୋର ହୋଇ, ପାଣି ଭିତରକୁ ପଶି ପଶି ଯାଉଛି । ନଦୀ ତା'ର ଶତସହସ୍ର ଆଙ୍ଗୁଳିରେ ଆଉଁଷି ଆଉଁଷି ପ୍ରତିମା ଦେହରୁ ଧୋଇ ନେଉଛି ବନକ । ତାଙ୍କ ଆଖିରେ କାନରେ ଲୀଳା କରୁଛି ଛଳଛଳ ଜଳଭଉଁରି ।

ସନାତନ ଓହ୍ଲେଇ ଯାଉଛି ଗଭୀରକୁ, ଆହୁରି ଗଭୀରକୁ । ସେ ଠିକ୍ ଜାଣିଛି ଯେ, ଆଉ ଟିକକୁ ଦେହ ମୁହଁ କିଛି ବି ନଥିବ ଦେବୀଙ୍କର । ତା'ପୂର୍ବରୁ, ସେ ଶେଷ ମୂହୁର୍ତ୍ତ ଯାଏଁ, ଆଖି ପୂରେଇ ଦେଖି ନେବାକୁ ଚାହେଁ ନିଜର ପ୍ରତିମାକୁ । ସେଇ ପ୍ରତିମାର ଶୋଭାକୁ ନିଜର ସ୍ମୃତିରେ ଲେଖି ନେଇଯିବାକୁ ସେ ପ୍ରାଣପଣେ ଲୋଡେ ।

ନିକାଞ୍ଚନ ନଈତୁଠ । ଅଧାନିଦରେ ବିଳିବିଳେଇ ହୋଇ କେତେଟା ଚଢେଇ ପୁଣିଥରେ ଶୋଇ ପଡିଲେ ।

ଏବେ ଶବ୍ଦ ବୋଲି କେବଳ ପାଣିର ଶବ୍ଦ, ପବନର ଶବ୍ଦ, ଅସ୍ତ ଯାଉଥିବା ଜହ୍ନ ଏବଂ ମିଳେଇ ଯାଉଥିବା ମୂର୍ତ୍ତିର କରୁଣ ରାଗିଣୀ ।

ସନାତନର ନିଜର ପ୍ରାଣ–ପବନ ଭୁଟ୍ ଭୁଟ୍ କରୁଛି ଭଉଁରି ଭିତରେ, ତା'ର ପାଦତଳୁ ବାଲି ଖସି ଗଲାଣି କେତେବେଳୁ । ଅସଜ ଆଣ୍ଠୁ, ଦରଜ ଭର୍ତ୍ତି ହାତର ଖୁଆ । ପହଁରି ପହଁରି କୂଳକୁ ଫେରିବା ଆଉ ସମ୍ଭବ ନୁହେଁ ତା'ପାଇଁ ।

ସନାତନର ଲୁହରେ ଉଷୁମ ହେଇଗଲା ଅରାଏ ନଈପାଣି ।

ଦେବୀଙ୍କର ପଦ୍ମପାଖୁଡା ପରି ଆଖିର ଚିତ୍ରକୁ ସନାତନ ଯାକି ଧରିଲା ନିଜ ଆଖିରେ ଓ ଆଖି ବନ୍ଦ କରିଦେଲା । ତା'ପରେ ପରେ ତା'ର ଚେତା ବୁଡିଗଲା ।

ଚେତା ଫେରିବା ବେଳକୁ ସନାତନ ପଡିଛି ନଈଧାରରେ; ମୁଣ୍ଡରୁ ଅଣ୍ଟା ଯାଏଁ ମାଟିରେ, ଗୋଡ ଦିଇଟି ପାଣିକୁ ଲାଗି ଓଦାରେ । ସୂର୍ଯ୍ୟ ଉଦୟ ହେବାକୁ ପ୍ରସ୍ତୁତ । ଆକାଶ ଫାଟି ପଡୁଛି ଫଟା କ୍ଷୀର ପରି । ହଜାରେ ପ୍ରକାରର ନାଲି ରଙ୍ଗ ଜମାଟ ବାନ୍ଧିଛି ପଟା ପଟା ହୋଇ,



ଏଠି ସେଠି । ଚଢେଇଙ୍କର କିଚିରିମିଚିରି ଶୁଣା ଯାଉଛି; ପାଖରୁ ଯେତିକି ଦୂରରୁ ଆହୁରି ବେଶୀ ।

ବିମୂଢ, ବିସ୍ମିତ ସନାତନ ଆଶ୍ଚର୍ଯ୍ୟ ହେଲା, ଚକିତ ହେଲା ।

ପାଣି ଭିତରୁ କିଏ ତାକୁ ଟୋକି ଆଣିଛି ଶୁଖିଲାକୁ ?

ଜଡ ପଦାର୍ଥଟେ ପରି ମାଟିରେ ଓ ପାଣିରେ ପଡି ରହିଥିବା ସନାତନ ତା'ର ସମସ୍ତ ପ୍ରାଣଶକ୍ତିକୁ ଏକାଠି କରି ମନେ ପକାଇବାକୁ ଚେଷ୍ଟା କଲା, ଚେତା ହରାଇ ସଂପୂର୍ଣ୍ଣ ଅନ୍ଧାର ଭିତରେ ହଜିଯିବା ପୂର୍ବରୁ କ'ଣ ସବୁ ଘଟିଥିଲା ତା'ସହିତ ।

ଚନ୍ଦ୍ରଆଲୁଅ ପୋଛିହୋଇ ସାରିଥିଲା କାଶତଣ୍ଡୀର ଚଅଁର ଦେହରୁ । କେମିତି ଗୋଟେ ପାଣିଚିଆ ଅନ୍ଧାର ଘୋଟି ରହିଥିଲା ଦଶଦିଶ । ସେଇ ଅନ୍ଧାର ଭିତରେ ଶୁଭିଥିଲା କାହାର କାଚଚୁଡିର ଛମ୍‌ଛମ୍ ଶବ୍ଦ । କିଏ ଜଣେ ଶାଢିଟାଏ ପକାଇ ଦେଇଥିଲେ ତା'ଉପରକୁ । ଖୁବ୍ ସମ୍ଭବ ସେଇଟା ତାଙ୍କର ପିନ୍ଧାଲୁଗା, କିନ୍ତୁ ସେଇ ପାଣିଚିଆ ଅନ୍ଧାର ଓ କଳକଳ ପାଣିର ଶବ୍ଦ ଓ ଭଉଁରିର ଭିଡାଓଟରା ଭିତରେ ତା'ମୁଣ୍ଡ କିଛି କାମ କରୁ ନ ଥିଲା ।

ସ୍ତ୍ରୀଲୋକ ଜଣକ ଡାକ ପକେଇଥିଲେ, "କାରିଗର ପୁଅ, ଲୁଗାଟା ଧର, ଆରେ ଧର ଜୋରକରି ।"

ଜୀବନ ବଞ୍ଚେଇବାର ଅପୂର୍ବ ବ୍ୟାକୁଳତାରେ ସନାତନ ନିଜର ସବୁ ବଳ ଖଟେଇ ଶାଢିଟାକୁ ମୁଠେଇ ଧରିଥିଲା । ମଝି ବୟସର ଲାଗୁଥିବା ସେଇ ସ୍ତ୍ରୀଲୋକଜଣକ ଶାଢିର ଆରମୁଣ୍ଡଟା ଧରି ତାକୁ ଟାଣିଟାଣି କୂଳକୁ ନେଇ ଆସିଛନ୍ତି ନିଶ୍ଚୟ । କେଜାଣି ଠିକ୍‌ଠାକ୍ କିଛି ମନେ ପଡୁନି । ପିତଳ ଗରାଟାଏ କିନ୍ତୁ ଥୁଆ ହୋଇଥିଲା ତୁଠ ପାହାଚରେ । ପାହାନ୍ତା ପାହାନ୍ତା କିଏ ଗାଧୋଇବାକୁ ଓ ପାଣିନେବାକୁ ଆସିଥିଲେ ।

ସନାତନ ଜମା ମନେପକାଇପାରୁ ନ ଥିଲା ସେଇ ସ୍ତ୍ରୀଲୋକଟିର ମୁହଁ । ସେ କ'ଣ ଏଇ ଗାଁର, ନା ଭସାଣ ଦେଖିବାକୁ କୁଣିଆ ଆସିଛନ୍ତି କେଉଁ ପାଖ ଗାଁରୁ ଏ ଗାଁ ର କାହା ଘରକୁ? ସିଏ ନିଜେ ଚିହ୍ନା ନ ଦେଲେ, ସନାତନ ତାଙ୍କୁ ଆଉଥରେ କୋଉଠି ଦେଖିଲେ ବି ଯେ ଚିହ୍ନିପାରିବ, ସେ ବିଶ୍ୱାସ ଖୋଜି ପାଉ ନ ଥିଲା ସେ ନିଜ ଭିତରେ ।

"କିଏ ତମେ ମା, ମତେ ଜୀବନ ଦାନ ଦେଇ ଆଉ ହଜିଗଲେ ଏଇ ଆଲୁଅ ଭିତରେ ।"

କୋଉଠି ଥିଲା, କୁନି ଚଢେଇଟିଏ, ଉଡି ଉଡି ଆସି ବସିଗଲା ସନାତନର ନାଭି ଉପରେ ।

ତା'ର ନିମକାଠି ପରି ସରୁ ସରୁ ପାଦ ଆଉ ଚଞ୍ଚୁ ବାଜି ସିର୍ ସିର୍ ହେଇଗଲା ସନାତନର ଦେହ ।

ସନାତନ ଚମକି ଉଠିଲା ଗୋଟେ ବିଚିତ୍ର ଏବଂ ଅନନୁଭୂତ ଆହ୍ଲାଦରେ ।

ଆହା ଏ କି କଥା !

ସନାତନ ଚଢେଇକୁ ଦେଖିବ ବୋଲି ମୁଣ୍ଡ ଉଠେଇଲା ବେଳକୁ ଦେଖିଲା ଯେ, ତା'ହାତରେ ଗୁଡେଇ ହେଇ ରହିଛି ଛଖଣ୍ଡେ ଲମ୍ୱର ଖଣ୍ଡେ ନାଲି ସାଲୁକନା !

ସେ ଧଡପଡ ହୋଇ ଉଠିବସିଲା ।


ଏବେ ତା'ର ଆଙ୍ଗୁଳି ସବୁରେ ଆଉ ଦରଜ ନାହିଁ ।

ଆଣ୍ଠୁର ଚକି ଭିତରୁ ଉଭେଇ ଯାଇଛି କଙ୍କଡାବିଛା ।

ସନାତନକୁ ଲାଗୁଥିଲା, ଶେଷ ଆଶ୍ୱିନର ସୁନାଧାରା ପରି ଦିଶୁଥିବା ନଦୀର କୂଳରୁ ଏଇ ସାଙ୍ଗେ ସାଙ୍ଗେ ସେ ମାଟି ଉଠେଇ ପାରିବ; ସେଇ ମାଟି, ଯୋଉ ମାଟିକୁ ଚକଟି ଚକଟି ସେ କୋମଳ କରିଦିଏ, ଯୋଉ ମାଟିରେ ସେ ନିର୍ମାଣ କରେ କମନୀୟ ପ୍ରତିମାମାନ ।

କଥା-କାହାଣୀ-୩

# ଭିନ୍ନ ଭିନ୍ନ ପୃଥିବୀ



# ଭିନ୍ନ ଭିନ୍ନ ପୃଥିବୀ


## ଡ. ଚନ୍ଦନ କୁମାର ଷଡ଼ଙ୍ଗୀ

ପାଟଣା, ମିତ୍ରପୁର, ବାଲେଶ୍ୱର-୭୫୬୦୨୦
ଫୋନ : ୯୮୬୧୦୭୦୨୧୭


ଚିତ୍ର : ସସ୍ମିତା ମିଶ୍ର

**ପୋକଟିର ପୃଥିବୀ ଥିଲା ସେ ବହିର ଦୁଇଟି ପୃଷ୍ଠା । ତା ଭିତରେ ସିଏ ଦୌଡୁଥିଲା, ରହି ଯାଉଥିଲା, ତଳକୁ ଯାଉଥିଲା ତ ଉପରକୁ ଉଠୁଥିଲା । ବହିର ଧାରକୁ ଯାଇ ପୁଣି ଫେରି ଆସୁଥିଲା । ସମୟ ସମୟରେ ଧୀରେ ଧୀରେ ଚାଲୁଥିଲା, ଆଗକୁ ଯାଉ ଯାଉ ହଠାତ୍ ପଛକୁ ଫେରି ପଡୁଥିଲା । କେତେବେଳେ ରହି ଯାଇ ତାର ଛୋଟଛୋଟ ଦୁଇଟି ଶୁଙ୍ଗକୁ ହଲଉଥିଲା- ଯେମିତି ସେ ଥକି ଯାଇଛି ଓ ଟିକେ ବିଶ୍ରାମ କରୁଛି । କେତେବେଳେ ରହିଯାଇ ମୁଣ୍ଡଟାକୁ ହଲେଇ ଖୁବ୍ ଆନନ୍ଦ ଅନୁଭବ କରୁଥିବା ଭଳି ଲାଗୁଥିଲା । କେତେବେଳେ ପୁଣି ହଠାତ୍ ବୁଲିପଡ଼ି ଖୁବ୍ ଜୋର୍‌ରେ ଦୌଡ଼ିବାକୁ ଲାଗୁଥିଲା, ଯେମିତି ସିଏ ଏକ ଶଙ୍କଟାକୁଳ ପରିସ୍ଥିତିରେ ଅଛି ।**



▲ ଡାକ୍ତର ଚନ୍ଦନ କୁମାର ଷଡ଼ଙ୍ଗୀ

ସକାଳୁ ସକାଳୁ ରାତିରେ ଅଧାପଢ଼ା ବହିର କାଗଜ ଖଣ୍ଡେ ଚିହ୍ନଦିଆ ପୃଷ୍ଠାକୁ ଓଲଟାଇ ପଢ଼ା ଆରମ୍ଭ କରୁକରୁ ବହି ଭିତରେ କେଉଁଠି ଲୁଚି ରହିଥିବା ଛୋଟ ପୋକଟି ହଠାତ୍ ଦ୍ରୁତ ଗତିରେ ବହିର ପୃଷ୍ଠା ଉପରକୁ ଚାଲିଆସିଲା । ମଣିଷର ଦୃଷ୍ଟି ପୋକଟି ଉପରେ ପଡ଼ିବାରୁ ପଢ଼ାରୁ ଧ୍ୟାନ ହଟିବାରେ ଲାଗିଲା । ଯେତେ ଚେଷ୍ଟା କଲେ ମଧ୍ୟ ପଢ଼ା ଉପରକୁ ଧ୍ୟାନ ନଯାଇ ପୋକଟିର ଗତିବିଧି ଉପରେ ଚକ୍ଷୁବନ୍ଧ ହେବାରେ ଲାଗିଲା । ପୋକଟି ବେଳେବେଳେ ପୃଷ୍ଠା ଉପରୁ ଯାଇ ପୃଷ୍ଠାର ଧାର ତଳକୁ ଓହ୍ଲେଇ ଯାଉଥାଏ । ପୁଣି ଫେରି ଆସି ମେଲାଥିବା ବହିଟିର ଦୁଇଟି ଯାକ ପୃଷ୍ଠା ଉପରେ ତା ଅନୁସାରେ ଚାଲି ବୁଲୁଥାଏ । ତାର ଗତି କେତେବେଳେ ପ୍ରଖର ତ ପୁଣି କେତେବେଳେ ଧିର । ସମୟେ ସମୟେ ସେ ସ୍ଥିର ହୋଇ ଗୋଟେ ସ୍ଥାନରେ ଅଟକି ଯାଉଥାଏ । ଅଚାନକ ପୁଣି ଜୋର୍‌ରେ ଏ ପୃଷ୍ଠାରୁ ସେ ପୃଷ୍ଠାକୁ ଦୌଡ଼ି ଯାଉଥାଏ । ଏସବୁକୁ ଦେଖୁ ଦେଖୁ ପଢ଼ାରୁ ମଣିଷଟିର ଧ୍ୟାନ ହଟି ଯାଉଥାଏ । ମାତ୍ର ସେ ଭାବୁଥାଏ ଠିକ୍ ଅଛି, ପୋକଟି ବୁଲୁଥାଉ ମୁଁ ମୋର ପଢ଼ି ଚାଲିବି । ମାତ୍ର ତାହା ତ ସମ୍ପୂର୍ଣ୍ଣ ଅସମ୍ଭବ ଥିଲା । ପୋକର ଗତିବିଧି ମଣିଷର ପଢ଼ିବାର ଧ୍ୟାନକୁ କ୍ରମାଗତ ଭାବରେ ପ୍ରଭାବିତ କରୁଥାଏ । ପୋକଟିର ଚଳପ୍ରଚଳ ମଣିଷ ମନରେ ବିରକ୍ତି ଭାବର ଉଦ୍ରେକ ପାଇଁ ପରିସ୍ଥିତି ମଧ୍ୟ ସୃଷ୍ଟି କରୁଥାଏ । ସେ ଭାବୁଥାଏ, ପୋକଟିକୁ ଝାଡ଼ିଦେଇ ପଢ଼ିବାରେ ଲାଗିଯିବ । ପଢ଼ାର ବିଷୟ ବସ୍ତୁଟି ମଧ୍ୟ ଖୁବ୍ ଆକର୍ଷଣୀୟ- 'ଔପନିବେଶିକ ବାଦର ସୃଷ୍ଟି ଓ ତାର କ୍ରମବର୍ଦ୍ଧିଷ୍ଣୁ କାୟା ।'

ପ୍ରାଚୀନ ରୋମ୍ ସାଧାରଣତନ୍ତ୍ରରେ ସମଗ୍ର ସୀମାଗୁଡ଼ିକୁ କେତେଜଣ ଶକ୍ତିଶାଳୀ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଗଲା । ସେମାନେ ସେ ଅଞ୍ଚଳକୁ ତାଙ୍କ ଅଧୀନରେ ରଖି ଉପଭୋଗ କଲେ । ସମୟ ଉପରାନ୍ତେ ସେମାନଙ୍କର ବଂଶ ବିସ୍ତାର ସହିତ ବଂଶଜମାନଙ୍କ ଅଧୀନରେ ଅଞ୍ଚଳଗୁଡ଼ିକ ରହିଲା । ମାତ୍ର ବଂଶବିସ୍ତାର ଅନୁରୂପେ ଅଞ୍ଚଳଗୁଡ଼ିକୁ ଅଧୀନରେ ରଖିବା କଷ୍ଟକର ବ୍ୟାପାର ଥିଲା । ତତ୍‌ସହିତ, ସେହି ବଂଶଜମାନଙ୍କୁ ଛାଡ଼ିଦେଲେ ଅନ୍ୟ ସାଧାରଣ ସ୍ୱାଧୀନ ଲୋକମାନେ ଜମିଶୂନ୍ୟ ହୋଇ ବସବାସ କରୁଥିଲେ । ଏସବୁକୁ ଦୃଷ୍ଟିରେ ରଖି ରୋମ୍ ସରକାର ଏକ ନିୟମ ପ୍ରଚଳନ କଲେ, ଜମିଦାରୀ ବଂଶର । ସଦସ୍ୟମାନେ ସର୍ବାଧିକ ୫୦୦ ଜୁଗେଣ୍ଟ ବା ୩୫୦ ଏକର ଜମି ସେମାନଙ୍କ ଅଧୀନରେ ରଖି ପାରିବେ । ମାତ୍ର ସେଭଳି ଆଇନ୍‌କୁ ବାସ୍ତବରେ

**ଭେନେସିଆନ୍‌ମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପର୍ତ୍ତୁଗିଜମାନେ କଲୋନୀ ଖୋଜିବାରେ ଲାଗି ପଡ଼ିଲେ ଓ ନାବିକ ଭାସ୍କୋଡାଗାମା ୧୪୯୭ ଖ୍ରୀଷ୍ଟାବ୍ଦରେ ଲିସ୍‌ବନ୍ ବନ୍ଦରରୁ ବାହାରି ୧୪୯୮ରେ ଭାରତର କାଲିକଟ୍ (କେରଳ)ରେ ପହଞ୍ଚିଗଲେ । ସ୍ପେନିଆଡ୍‌ମାନେ ବି ଉପନିବେଶ ସନ୍ଧାନରେ ପଛରେ ନଥିଲେ । କଲମ୍ବସ୍‌ଙ୍କ ନେତୃତ୍ୱରେ ସେମାନେ ସେଣ୍ଟ ଡୋମିନିଗୋ ଦ୍ୱୀପ ଆବିଷ୍କାର କଲା ପରେ ଜାଣିଲେ ସେଠି ସୁନାଖଣି ଭରି ରହିଛି । ସୁନାର ଲୁଟ୍ ପାଇଁ ସ୍ପେନିଆଡ୍‌ମାନେ ସେସବୁ ଅଞ୍ଚଳକୁ ଜୟ କରି ଉପନିବେଶ ସ୍ଥାପନ କଲେ । ପରବର୍ତ୍ତୀ ସମୟରେ ଇଉରୋପର ବହୁ ନାବିକ ଜଳଦସ୍ୟୁ ଏଲ୍‌ଡ଼ରାଡ଼ୋ ସନ୍ଧାନରେ ଲାଗିଗଲେ । ସ୍ୱର୍ଣ୍ଣପ୍ରାପ୍ତି ମଧ୍ୟ ଗୋଟେ ସମୟରେ ଉପନିବେଶ ସ୍ଥାପନ ପାଇଁ କାରଣ ହେଇଗଲା । ଅନୁରୂପ ଭାବେ ଇଂରେଜମାନଙ୍କର ଉତ୍ତର ଆମେରିକା ଉପନିବେଶର ବିସ୍ତିର୍ଣ୍ଣ ଜମିରେ ଚାଷକାର୍ଯ୍ୟ କରିବା ମଧ୍ୟ ମୁଖ୍ୟ କାରଣ ଥିଲା । ଏଭଳି ଅନେକ... ।**


**ଗଳ୍ପ ପଛର ଗଳ୍ପ**

**'ଭିନ୍ନ ଭିନ୍ନ ପୃଥିବୀ' ଗଳ୍ପଟି ଲେଖିବା ପାଇଁ ଭାବଧାରା ମୋ ଗାଁ ପାଟଣାରେ ଥିବା ସମୟରେ ଏକ ଅପରାହ୍ନରେ ଉଦ୍ରେକ ହୋଇଥିଲା । ସେ ସମୟରେ ମୁଁ ଆଡାମ୍ ସ୍ମିଥଙ୍କ An Inquiry into the nature and causes of the wealth of the nations ବହିଟି ପଢୁଥାଏ । ପାଖରେ ଥିବା ଏକ ପଥର ଉପରେ ଠିଆ ହୋଇ ଛୋଟିଆ ପିଲାଟି ଏକୁଟିଆ ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରୁଥାଏ । ତାକୁ ଦେଖି ମଣିଷର ସ୍ଥିତି, ଅବସ୍ଥିତି, ନିର୍ଭରଶୀଳତା, ଅସହାୟତା, ଅଦୃଶ୍ୟ ପ୍ରଭାବ, ପ୍ରତିଯୋଗିତା ଓ ବ୍ୟବହାର ଏମିତି ଅନେକ ଅନେକ ବିଷୟ ଉପରେ ମୋର ଚିନ୍ତା ଓ ଚେତନା ଘନୀଭୂତ ହୋଇ ଗଳ୍ପଟିର ସୃଷ୍ଟି । ପୋକଟି ଏଠାରେ ସାଙ୍କେତିକ ଚରିତ୍ର ପାଲଟି ଯାଇଛି କେବଳ ।**

ପ୍ରଚଳନ କରିବା ନିତ୍ୟାନ୍ତ ଅସମ୍ଭବ ଥିଲା । ଅପର ପକ୍ଷରେ ପ୍ରାଚୀନ ରୋମ୍‌ରେ ଜମିଗୁଡ଼ିକୁ କ୍ରୀତଦାସମାନଙ୍କ ଦ୍ୱାରା ଚାଷ କରା ଯାଉଥିଲା । ତେଣୁ ଜମିହୀନ ସାଧାରଣ ରୋମ୍ ନାଗରିକଟି ଚାଷ କାର୍ଯ୍ୟରେ ନିୟୋଜିତ ହେବାର ମଧ୍ୟ ସୁଯୋଗ ଅତ୍ୟନ୍ତ କ୍ଷୀଣ ଥିଲା । ଧୀରେ ଧୀରେ ସାଧାରଣ ରୋମ୍‌ବାସୀ ଜମି ପାଇଁ ସରକାରଙ୍କ ନିକଟରେ ଜୋରଦାର୍ ଦାବି ଜଣାଇବାକୁ ଲାଗିଲେ । କିନ୍ତୁ ଜମିଦାରୀ-ଧନୀ ଲୋକମାନେ ସେମାନଙ୍କ ଭାଗରୁ ସାମାନ୍ୟ ଭାଗ ଗରୀବମାନଙ୍କୁ ଦେବା ପାଇଁ ଅନିଚ୍ଛୁକ ଥିଲେ । ଏଭଳି ପରିସ୍ଥିତିରେ, ରୋମ୍‌କୁ ଅନ୍ୟାନ୍ୟ ପ୍ରଦେଶ ଜୟ କରି ସେଠାରେ ସେମାନଙ୍କର ଜମିହୀନ ଲୋକମାନଙ୍କୁ ଥଇଥାନ କରିବାକୁ ପଡ଼ିଲା ।

ଇଏ ଥିଲା ରୋମ୍‌ର ସାମ୍ରାଜ୍ୟବାଦର ପ୍ରାଥମିକ ଅବସ୍ଥା । ମାତ୍ର ଭେନେସିଆନ୍‌ମାନଙ୍କ କଥା ଥିଲା ଅଲଗା । ସେମାନେ ବ୍ୟାପାର ବାଣିଜ୍ୟର ପ୍ରସାର ଓ ବୃଦ୍ଧି ପାଇଁ ଉପନିବେଶ ସୃଷ୍ଟି କଲେ । ଭେନେସିଆନ୍‌ମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପର୍ତ୍ତୁଗିଜ୍‌ମାନେ କଲୋନୀ ଖୋଜିବାରେ ଲାଗି ପଡ଼ିଲେ ଓ ନାବିକ ଭାସ୍କୋଡାଗାମା ୧୪୯୭ ଖ୍ରୀଷ୍ଟାବ୍ଦରେ ଲିସ୍‌ବନ୍ ବନ୍ଦରରୁ ବାହାରି ୧୪୯୮ରେ ଭାରତର କାଲିକଟ୍ (କେରଳ)ରେ ପହଞ୍ଚିଗଲେ । ସ୍ପେନିଆଡ଼୍‌ମାନେ ବି ଉପନିବେଶ ସନ୍ଧାନରେ ପଛରେ ନଥିଲେ । କଲମ୍ବସ୍‌ଙ୍କ ନେତୃତ୍ୱରେ ସେମାନେ ସେଣ୍ଟ ଡୋମିନିଗୋ ଦ୍ୱୀପ ଆବିଷ୍କାର କଲା ପରେ ଜାଣିଲେ ସେଠି ସୁନାଖଣି ଭରି ରହିଛି । ସୁନାର ଲୁଟ୍ ପାଇଁ ସ୍ପେନିଆଡ଼୍‌ମାନେ ସେସବୁ ଅଞ୍ଚଳକୁ ଜୟକରି ଉପନିବେଶ ସ୍ଥାପନ କଲେ । ପରବର୍ତ୍ତୀ ସମୟରେ ଇଉରୋପ୍‌ର ବହୁ ନାବିକ ଜଳଦସ୍ୟୁ ଏଲଡ଼ରାଡ଼ୋ ସନ୍ଧାନରେ ଲାଗିଗଲେ । ସ୍ୱର୍ଣ୍ଣପ୍ରାପ୍ତି ମଧ୍ୟ ଗୋଟେ ସମୟରେ ଉପନିବେଶ ସ୍ଥାପନ ପାଇଁ କାରଣ ହେଇଗଲା । ଅନୁରୂପ ଭାବେ ଇଂରେଜମାନଙ୍କର ଉତ୍ତର ଆମେରିକା ଉପନିବେଶର ବିସ୍ତିର୍ଣ୍ଣ ଜମିରେ ଚାଷକାର୍ଯ୍ୟ କରିବା ମଧ୍ୟ ମୁଖ୍ୟ କାରଣ ଥିଲା । ଏଭଳି ଅନେକ...

ଏମିତି ଏକ ରୋଚକ ବିଷୟଟିକୁ ପଢ଼ିବା ସମୟରେ ପୋକଟିର ଆବର୍ତ୍ତମାନ ମଣିଷଟିର ପଢ଼ାରେ ବ୍ୟାଘାତ ସୃଷ୍ଟି କରୁଥାଏ । ପୋକଟିର ଭାବଭଙ୍ଗିକୁ ଅନୁଧ୍ୟାନ କରିବାର ସ୍ପୃହା ମଣିଷ ମନରେ ଜାଗ୍ରତ ହେଇ ସାରିଥିଲା । ପୋକଟି ରହି ରହି ଅତି ସନ୍ତର୍ପଣ ସହକାରେ କେତେବେଳେ ଚାଲୁଥାଏ ତ କେତେବେଳେ ଦ୍ରୁତଗତିରେ ଘୂରି ବୁଲୁଥାଏ ଠିକ୍ ଦୁନିଆର ଅନ୍ୟ ଜୀବମାନଙ୍କ ପରି । ପୋକଟି ସମ୍ପୂର୍ଣ୍ଣ ଅଜ୍ଞ ଯେ, ବହିଟି ତା ଠାରୁ ବହୁ ଶକ୍ତିଶାଳୀ ଜଣେ ମଣିଷ ହାତରେ ଅଛି । ସିଏ ଯେକୌଣସି ସମୟରେ ତାକୁ ସେଠୁ ନିବୃତ୍ତ କରାଇ ପାରିବ । ଏମିତି ନୁହେଁ ଯେ, ମଣିଷଟି ତାର ପଢ଼ାରେ ବ୍ୟାଘାତ ଘଟାଉଥିବା ପୋକଟିକୁ ଦଳିଦେଇ ମାରି ପାରିବ ନାହିଁ । ସାଧାରଣ ଅସହିଷ୍ଣୁତା ଦୃଷ୍ଟିରୁ ମଧ୍ୟ ପୋକଟିକୁ ଝାଡ଼ିଦେଇ ତଳେ ଫିଙ୍ଗି ଦେଇପାରିବ । ପୋକଟି କଣ ଜାଣିଛି ଏକ ଶକ୍ତିଶାଳୀ ମଣିଷର ଅଦୃଶ୍ୟ ହାତ ତାର ବର୍ତ୍ତମାନର ପୃଥିବୀକୁ ଧରି ରଖିଛି ! ସେ କଣ ଜାଣେ ଯେ, ମଣିଷର ଗେଟମା ଗେଟମା ଆଖି ଦୁଇଟି ତା ଗତିବିଧି ଉପରେ ଦୃଷ୍ଟି ନିବଦ୍ଧ କରିଛି ! ତାର ପୃଥିବୀକୁ ଧରି ରଖିଥିବା ଶକ୍ତିଶାଳୀ ମଣିଷଟି ପାଇଁ ସେ ଅସୁବିଧା ସୃଷ୍ଟି କରୁଛ ବୋଲି ମଧ୍ୟ ସେ ଅଜ୍ଞ । ମାତ୍ର ପଢାର ବ୍ୟାଘାତ ଓ ପୋକଟିର ଚଳପ୍ରଚଳ ଭିତରେ କେମିତି ଏକ ବୁଝାମଣା ମଣିଷଟି କରି ସାରିଥିଲା । ଧୀରେ ଧୀରେ ପଢ଼ାରୁ ମନଟି ବାହାରି ଆସି ପୋକଟିର କୌତୂହଳ କସରତରେ ନିବଦ୍ଧ ହେଇ ଯାଇଥିଲା ।




ପୋକଟିର ପୃଥିବୀ ଥିଲା ସେ ବହିର ଦୁଇଟି ପୃଷ୍ଠା । ତା ଭିତରେ ସିଏ ଦୌଡୁଥିଲା, ରହି ଯାଉଥିଲା, ତଳକୁ ଯାଉଥିଲା ତ ଉପରକୁ ଉଠୁଥିଲା । ବହିର ଧାରକୁ ଯାଇ ପୁଣି ଫେରି ଆସୁଥିଲା । ସମୟ ସମୟରେ ଧୀରେ ଧୀରେ ଚାଲୁଥିଲା, ଆଗକୁ ଯାଉ ଯାଉ ହଠାତ୍ ପଛକୁ ଫେରି ପଡୁଥିଲା । କେତେବେଳେ ରହି ଯାଇ ତାର ଛୋଟଛୋଟ ଦୁଇଟି ଶୁଙ୍ଗକୁ ହଲଉଥିଲା- ଯେମିତି ସେ ଥକି ଯାଇଛି ଓ ଟିକେ ବିଶ୍ରାମ କରୁଛି । କେତେବେଳେ ରହିଯାଇ ମୁଣ୍ଡଟାକୁ ହଲେଇ ଖୁବ୍ ଆନନ୍ଦ ଅନୁଭବ କରୁଥିବା ଭଳି ଲାଗୁଥିଲା । କେତେବେଳେ ପୁଣି ହଠାତ୍ ବୁଲିପଡ଼ି ଖୁବ୍ ଜୋର୍‌ରେ ଦୌଡ଼ିବାକୁ ଲାଗୁଥିଲା, ଯେମିତି ସିଏ ଏକ ଶଙ୍କଟାକୁଳ ପରିସ୍ଥିତିରେ ଅଛି ।

ଏଭଳି ଏକ ବିଚିତ୍ର ପରିସ୍ଥିତିରେ ମଣିଷଟି ପୋକର ଚଳପ୍ରଚଳ ନର ନିରୀକ୍ଷଣରେ ଆନନ୍ଦ ଅନୁଭବ କରିବାକୁ ଲାଗିଲା । ସେ ମନେ ମନେ ଭାବୁଥିଲା ପୋକଟି ଏହାଛଡ଼ା ଅନ୍ୟ କିଛି ଭାବଭଙ୍ଗି ମଧ୍ୟ ପ୍ରକାଶ କରୁ । ଏମିତିକି ସିଏ ଡିଆଁ ମାରୁ । ଚାଲୁ ଚାଲୁ ତା ହାତ ପାଖକୁ ଚାଲି ଆସି ଏକ ଭିନ୍ନ ସ୍ଥିତିର ଅନୁଭବ କରୁ । ହେଲେ ସେ ପୋକଟି ତାର ସୀମିତ ପୃଥିବୀରେ ନିର୍ଦ୍ଦିଷ୍ଟ କେତୋଟି ଭାବଭଙ୍ଗୀର ପରିପ୍ରକାଶ କରିବାରେ ସକ୍ଷମ ହେଉଥିଲା । ଆଉ ଅନ୍ୟ କିଛି ଭାବଭଙ୍ଗୀ ସିଏ ଦେଖାଇ ପାରୁ ନଥିଲା । ମାତ୍ର କିଏ ଜାଣେ ଅନ୍ୟ କଣ ଭାବଭଙ୍ଗୀ ତାକୁ ଜଣା କି ନାହିଁ ? ମଣିଷଟି ପୁଣି ଉତ୍ସୁକ ହୋଇ ସିଏ ଦୌଡ଼ିବା ସମୟରେ ତା ଆଗରେ ଆଙ୍ଗୁଠିଟି ରଖିଦେଲା । ପୋକଟି ଧପ୍ କିନା ସେଇଠି ଅଟକିଗଲା । ମଣିଷଟି ଯେତେବେଳେ ତା ଆଙ୍ଗୁଠିଟି ବହିର ପୃଷ୍ଠା ଉପରୁ କାଢ଼ି ଆଣିଲା, ହଠାତ୍ ପୋକଟି ନଦୌଡ଼ି ସ୍ଥିର ହୋଇ କିଛି ସମୟ ସେଇ ଜାଗାରେ ଅଟକି ରହି ପୁଣି ଧିରେ ଧିରେ ଆଗକୁ ବଢ଼ିଲା । ପୁଣି ମଣିଷଟି ବହିର ପୃଷ୍ଠାଟିକୁ ଭାଙ୍ଗିକରି ସିଏ ଚାଲୁଥିବା ଜାଗାଟିକୁ ଉଚ୍ଚ କରିଦେଲା । ପୋକଟି ଅତି ସନ୍ତର୍ପଣରେ ଧିରେ ଧିରେ ଉଚ୍ଚ ଜାଗାରୁ ତଳକୁ ଖସି ଆସୁଥାଏ । ଏମିତି କିଛି ସମୟ ଉପରାନ୍ତେ ମଣିଷଟି ପୋକର ସେ ଭାବଭଙ୍ଗୀରୁ ନିଜକୁ ମୁକ୍ତ କରିବାକୁ ଚାହିଁଲା । ସିଏ ଭାବିଲା ପୋକଟିକୁ ଯଦି ବାରଣ୍ଡାରେ ଛାଡ଼ି ଦିଆଯାଏ ସିଏ ନିଶ୍ଚୟ ଏକ ବର୍ଦ୍ଧିତ ପୃଥିବୀର ସ୍ୱାଦ ପାଇପାରିବ । ତେଣୁ ମଣିଷଟି ବହିର ପୃଷ୍ଠାକୁ ବାରଣ୍ଡାର ଚଟାଣ ଉପରେ ଧୀରେ ଧୀରେ ଠକ୍ ଠକ୍ କରି ଝାଡ଼ିଦେଲା । ପୋକଟି ଚଟାଣ ଉପରେ ପଡ଼ି ଜୋର୍‌ରେ ଦୌଡ଼ିବାକୁ ଲାଗିଲା ।

ବହି ପୃଷ୍ଠାର ପୃଥିବୀ ଠାରୁ ଅନେକ ଗୁଣରେ ବଡ଼ ସେ ଚଟାଣ ପୃଥିବୀ । ଚଟାଣ ପୃଥିବୀ ଭିତରେ ଦୌଡ଼ି ଦୌଡ଼ି ପୋକଟି କେଉଁଆଡ଼େ ଅଦୃଶ୍ୟ ହୋଇଗଲା । ମଣିଷଟି ବହିର ପୃଷ୍ଠାକୁ ବନ୍ଦ କରି କିଛି ସମୟ ଅନୁସନ୍ଧିତ୍ସୁ ହୋଇ ପୋକର ସେ ବିରାଟ ପୃଥିବୀକୁ ଚାହିଁ ରହି ତାପରେ ବହିଟିକୁ ତାର ଯଥାଯୋଗ୍ୟ ସ୍ଥାନରେ ରଖିଦେଇ ନିଜ କାମରେ ବାହାରିଗଲା ।

# ଅନନ୍ୟା ଅର୍କିଡ



# ଅପରୂପା ଅର୍କିଡ୍

**ଶ୍ୱେତା ରାଉତ**
ପ୍ଲଟ୍ ନଂ. ୨୩୬, ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬
ଫୋନ: ୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଗୁଗୁଲ୍

## ପରିଚୟ

ଫୁଲ, ବୃକ୍ଷର ଏକ ସମୂହର ପ୍ରଜନନ ଭାଗ ଯାହାକୁ 'ଏଞ୍ଜିଓସ୍ପେର୍ମ' କୁହାଯାଏ । ବିଶେଷକରି ଫୁଲରେ ଏକ ପୁଂକେଶର (ନରଭାଗ) ଓ କାର୍ପିଲ୍ (ମାଦା ଭାଗ) ରହିଥାଏ । ସାଧାରଣତଃ ଏହା ବୀଜକୁ ଉତ୍ପନ୍ନ କରିଥାଏ, ଯାହା ଫଳ ଭିତରେ ନିହିତ ଥାଏ । ଫୁଲରେ ବିଭିନ୍ନ ଆକର୍ଷକ ରଙ୍ଗର ପାଖୁଡା ରହିଥାଏ । ସମ୍ପୂର୍ଣ୍ଣ ଫୁଲରେ ଅଣ୍ଡକୋଷ, ପାଖୁଡା ଓ ବାହ୍ୟଦଳ ରହିଥାଏ । ଯଦି ଫୁଲଟି ସମ୍ପୂର୍ଣ୍ଣ ନଫୁଟି ଅସମ୍ପୂର୍ଣ୍ଣ ହୋଇଥାଏ, ତେବେ ଏହି ଫୁଲରୁ ଏକରୁ ଅଧିକ ସଂରଚନା ସମ୍ଭବ ହୋଇନଥାଏ । ଯଦିଓ ପୁଷ୍ପବିଜ୍ଞାନୀମାନେ ଅନୁସନ୍ଧାନ କରି ଦର୍ଶାଇ ପାରି ନାହାନ୍ତି ଯେ ପୃଥିବୀରେ ପୁଷ୍ପବୃକ୍ଷ ବା ପୁଷ୍ପ ଉଦ୍ଭିଦ କେବେ ପ୍ରକଟ ହୋଇଥିଲା, ତଥାପି ଅନୁମେୟ କରାଯାଏ ଯେ ଏହା ୧୨୫ ମିଲିୟନ୍ ବର୍ଷ ପୂର୍ବରୁ ବୋଧହୁଏ ରହି ଆସିଛି । ଉଦ୍ଭିଦ ହେଉ କି ମନୁଷ୍ୟ, ଫୁଲରୁ ହିଁ ପ୍ରଜନନର ସଂରଚନା ସମ୍ଭବ ହୋଇଥାଏ । ପୃଥିବୀରେ ଏମିତି ଏକ ଫୁଲ ରହିଛି ଯାହା ପ୍ରଜଜନାତ୍ମକ ଆକୃତି ତଥା ନାରୀ ଯୋନି ଆକୃତିର ସ୍ୱରୂପ ଧାରଣ କରି ଫୁଲର ମହତ୍ତ୍ୱ ଓ ଗୁରୁତ୍ୱ ପ୍ରତିପାଦନ କରିବା ସହିତ ଫୁଲ ହିଁ ସର୍ଜନାର ମୂଳକେନ୍ଦ୍ର ବୋଲି ଦର୍ଶାଇଛି । ସେ ଫୁଲ ହେଉଛି 'ଅର୍କିଡ୍' ଫୁଲ । ଅର୍କିଡ୍ ପୃଥିବୀରେ ଲକ୍ଷ ଲକ୍ଷ ବର୍ଷ ପୂର୍ବରୁ ଫୁଟିଛି ବୋଲି ଉଦ୍ଭିଦ ବିଜ୍ଞାନୀ ମତ ଦିଅନ୍ତି । ଏହି ଫୁଲ ଅର୍କେଡେସିଆ ପରିବାର ଅନ୍ତର୍ଭୁକ୍ତ । ଅର୍କିଡ୍ ଶବ୍ଦର ଉତ୍ପତ୍ତି ଗ୍ରୀକ୍ ଶବ୍ଦ – 'ଅର୍କିସ୍'ରୁ ହୋଇଛି, ଯାହାର ଅର୍ଥ 'ଅଣ୍ଡକୋଷ' । ଏହି ଉଦ୍ଭିଦ ବିଶ୍ୱର ସବୁ ପ୍ରାନ୍ତରେ ଦେଖା ଯାଇଥାଏ । ଅନ୍ୟ ଗଛ ତୁଳନାରେ ଅର୍କିଡର ଓଜନ ଖୁବ୍ ଅଧିକ ହୋଇଥାଏ ଓ ଏହା ଅନ୍ୟ ଏକ ଗଛକୁ ଆଶ୍ରା କରି ବଢିଥାଏ ଅର୍କିଡ୍ ଏକ ଲଟାଜାତୀୟ ବୃକ୍ଷ । ଏହା ବୁଦା ଭଳି ଉଠିଥାଏ ଓ କିଲୋରୁ ଆରମ୍ଭ କରି ଟନ୍ ପର୍ଯ୍ୟନ୍ତ ଏହାର ଓଜନ ହୋଇଥାଏ । ଏହାର ମୂଳ ଖୁବ୍ ସୁନ୍ଦର, ଧଳା ରଙ୍ଗର ଓ ବହୁତ ଶୀଘ୍ର ଆର୍ଦ୍ରତାକୁ ଅବଶୋଷଣ କରି ନେଇଥାଏ । ଏହା ଆକାରରେ ମୋଟା ଏବଂ ଲମ୍ବା ହୋଇଥାଏ । ଅର୍କିଡ ଫୁଲ ବିଭିନ୍ନ ରଙ୍ଗର ଖୁବ୍ ଆକର୍ଷକ ରୂପରେ ଫୁଟିଥାଏ । ଏହାର ମୃଦୁ ସୁଗନ୍ଧ ମନୋଭାବକ ହୋଇଥାଏ । ଏହା ଏକ ଚିରସବୁଜ ବୃକ୍ଷ । ସଂସାରରେ ଅର୍କିଡ୍ ହିଁ ଏକମାତ୍ର ଫୁଲ ଯାହାର ଅଧିକ ପ୍ରଜାତି ଓ ପ୍ରକାର ଦେଖିବାକୁ ମିଳେ । ଏହା ଏକ ଜଙ୍ଗଲୀ ଫୁଲ ଓ ଆଣ୍ଟାର୍କଟିକା ମହାଦେଶ ସମେତ ଅନ୍ୟ ସବୁଆଡ଼େ ଦେଖିବାକୁ ମିଳିଥାଏ । ଯଦିଓ ଏହା ସବୁଠି ଦେଖିବାକୁ ମିଳେ, ତଥାପି ଉଷ୍ଣକଟୀବନ୍ଧୀୟ ଅଞ୍ଚଳ ଓ ସମଶୀତୋଷ୍ଣ ଜଳବାୟୁ ଏହି ଫୁଲ ପାଇଁ ଅନୁକୂଳ ହୋଇଥାଏ । ମୁଖ୍ୟତଃ ଏହି ଫୁଲ ଥଣ୍ଡା ସ୍ଥାନ, ଘନ ଜଙ୍ଗଲରେ ଥିବା ବୃକ୍ଷ ଛାଇ ଓ ବୃକ୍ଷର ଶାଖା ଉପରେ ବା ଅନ୍ୟ ବୃକ୍ଷର ଶାଖାକୁ ଆଶ୍ରା କରି ବଢୁଥାଏ । ଏହା ଏକ ପରଜୀବୀ ଉଦ୍ଭିଦ, ଯାହା ଅନ୍ୟ ବଡ଼ ବଡ଼ ଗଛର ଶାଖା ବା ମୂଳରେ ସ୍ୱତଃ ଉଠି ଯାଇଥାଏ କିନ୍ତୁ ସେ ବୃକ୍ଷର କିଛି କ୍ଷତି କରେନାହିଁ । ଅର୍କିଡ୍ ଏମିତି ଏକ ଦୁର୍ଲ୍ଲଭ ଫୁଲ ତାକୁ ବର୍ଷ ଲାଗିଯାଏ ଫୁଟିବାକୁ ଓ ଜଙ୍ଗଲରେ ଖୋଜିଲେ ବହୁ କଷ୍ଟରେ ମିଳେ । କାରଣ ଏହା ସାମାନ୍ୟ ଫୁଲ ନୁହେଁ ଯାହାକୁ ଆମେ ଆମ ଘର ଚାରିକଡ଼ ବା ବଗିଚାରେ ସହଜେ ଲଗାଇ ପାରିବା । ଭାରତର ମେଘାଳୟ, ଅରୁଣାଚଳ ପ୍ରଦେଶ, ଆସାମ ସହିତ ଶ୍ରୀଲଙ୍କାର ଭାବା ପ୍ରାନ୍ତରେ ଅର୍କିଡ୍, ଜାତୀୟ ଫୁଲ ଭାବେ ମାନ୍ୟତା ପାଇଛି ।

## ବିଭିନ୍ନ ରଙ୍ଗ ଅର୍କିଡର ମହତ୍ତ୍ୱ

ଗୋଲାପ ଭଳି ଅର୍କିଡ୍ ମଧ୍ୟ ବହୁତ ରଙ୍ଗର ଫୁଟିଥାଏ ଓ ପ୍ରତି ରଙ୍ଗର କିଛି ମହତ୍ତ୍ୱ ରହିଥାଏ ଯଥା –

ଧଳା ଅର୍କିଡ୍ – ସୁନ୍ଦରତା ଓ ଶାନ୍ତିର ପ୍ରତୀକ ।
ହଳଦିଆ ଅର୍କିଡ– ବନ୍ଧୁତ୍ୱର ପ୍ରତୀକ ।
ବାଇଗଣୀ ଅର୍କିଡ୍ – ସମ୍ମାନ ଓ ପ୍ରତିଷ୍ଠାର ପ୍ରତୀକ ।
ନୀଳ ଅର୍କିଡ୍ – ଚିନ୍ତନ ଓ ଆଧ୍ୟାତ୍ମୀକତାକୁ ଦର୍ଶାଇଥାଏ ।
ଗୋଲାପୀ ଅର୍କିଡ୍ – ଶିଷ୍ଟାଚାର ଓ ଅନୁଗ୍ରହର ପ୍ରତୀକ ।
ଲାଲ ଅର୍କିଡ୍ – ଶକ୍ତି ଓ ସାମର୍ଥ୍ୟର ପ୍ରତୀକ ହୋଇଥାଏ ।

ଅର୍କିଡ୍ ନିଜର ସୁନ୍ଦରତା ପାଇଁ ସମସ୍ତଙ୍କର ପ୍ରିୟ ହେବା ସହିତ ଏହାକୁ ଇତର ପ୍ରସ୍ତୁତ ପାଇଁ ଉପଯୋଗ କରାଯାଇଥାଏ । ଏହା ବ୍ୟତୀତ ଭାନିଲା ଫ୍ଲେଭର୍ ମଧ୍ୟ ଏହି ଅର୍କିଡ୍‌ରୁ ପ୍ରସ୍ତୁତ କରାଯାଇଥାଏ, ଯାହାକୁ ଆମେ ମିଠା ଆଇସ୍‌କ୍ରିମ୍,କେକ୍ ଆଦି ଖାଦ୍ୟରେ ସ୍ୱାଦ ବଢାଇବାକୁ ଉପଯୋଗ କରିଥାଉ । ଅଣ୍ଟାର୍କଟିକାର ପ୍ରତ୍ୟେକ ମହାଦ୍ୱୀପରେ ଅର୍କିଡ୍ ଉତ୍ପନ୍ନ ହୋଇଥାଏ ।

## ଅର୍କିଡ୍‌ର ପ୍ରଜାତି ଓ ପ୍ରକାର

ଅର୍କିଡର ବୈଜ୍ଞାନିକ ନାମ ହେଉଛି ସ୍ପେଥୋଗ୍ଲାଟିସ୍ ପ୍ଲିକାଟା ଓ ଏହା 'ଅର୍କେଡେସି ଏଷ୍ଟେରେସିଆ' ପରିବାର ଅନ୍ତର୍ଭୁକ୍ତ । ସମଗ୍ର ବିଶ୍ୱରେ ପାଖାପାଖି ୨୫,୦୦୦ ରୁ ଊର୍ଦ୍ଧ୍ୱ ପ୍ରଜାତି ରହିଥିବା ବେଳେ

ଅର୍କିଡ ଫୁଲ ବିଭିନ୍ନ ରଙ୍ଗର ଖୁବ୍ ଆକର୍ଷକ ରୂପରେ ଫୁଟିଥାଏ । ଏହାର ମୃଦୁ ସୁଗନ୍ଧ ମନୋଭାବକ ହୋଇଥାଏ । ଏହା ଏକ ଚିରସବୁଜ ବୃକ୍ଷ । ସଂସାରରେ ଅର୍କିଡ୍ ହିଁ ଏକମାତ୍ର ଫୁଲ ଯାହାର ଅଧିକ ପ୍ରଜାତି ଓ ପ୍ରକାର ଦେଖିବାକୁ ମିଳେ । ଯଦିଓ ଏହା ସବୁଠି ଦେଖିବାକୁ ମିଳେ, ତଥାପି ଉଷ୍ଣକଟୀବନ୍ଧୀୟ ଅଞ୍ଚଳ ଓ ସମଶୀତୋଷ୍ଣ ଜଳବାୟୁ ଏହି ଫୁଲ ପାଇଁ ଅନୁକୂଳ ହୋଇଥାଏ ।



▶ ଲେଖିକା ଶ୍ୱେତା ରାଉତ

ଭାରତରେ ଅର୍କିଡ୍‌ର ୧୩୦୦ ରୁ ଅଧିକ ପ୍ରଜାତି ରହିଛି । ପ୍ରତ୍ୟେକ ପ୍ରଜାତି ରୂପ ରଙ୍ଗ, ଆକୃତିରେ ଭିନ୍ନ ଭିନ୍ନ ଓ ପ୍ରତ୍ୟେକ ପ୍ରଜାତିର ମଧ୍ୟ ଅନେକ ପ୍ରକାର ଅର୍କିଡ୍ ରହିଛି, ଯାହା ଚୟନ କରିବା କଷ୍ଟସାଧ୍ୟ । ଭାରତର ଉତ୍ତରପୂର୍ବ ହିମାଳୟରେ ୬୦୦ ପ୍ରଜାତି, ଉତ୍ତର ପଶ୍ଚିମ ହିମାଳୟରେ ୩୦୦ ପ୍ରଜାତି, ମହାରାଷ୍ଟ୍ରରେ ୩୦୦ ପ୍ରଜାତି, ଆଣ୍ଡାମାନ୍ ନିକୋବର ଦ୍ୱୀପ ସମୂହରେ ୭୦ ପ୍ରଜାତି ଏବଂ ପଶ୍ଚିମଘାଟରେ ୨୦୦ ପ୍ରଜାତିର ଅର୍କିଡ୍ ଦେଖିବାକୁ ମିଳେ । କିଛି ପ୍ରଜାତିର ଅର୍କିଡ୍ ଅଛି ଯାହା ମାସେ ପର୍ଯ୍ୟନ୍ତ ସତେଜ ରହିଥାଏ । ଭାରତର ପାହାଡ଼ୀ ପ୍ରଦେଶମାନଙ୍କରେ ଏହି ଫୁଲ ଅଧିକ ଦେଖିବାକୁ ମିଳେ । ଲେଡିସ୍ଲିପର୍ ଅର୍କିଡ୍ ଏକ ପ୍ରଜାତି ଯାହା ଅବିଶ୍ୱସନୀୟ ଚମତ୍କାରୀ ରଙ୍ଗରେ ପରିପୂର୍ଣ୍ଣ ଓ ଦୀର୍ଘଦିନ ଧରି ସତେଜ ରହି ତା'ର ସୌନ୍ଦର୍ଯ୍ୟରେ ମନମୁଗ୍ଧ କରିଥାଏ । ଅର୍କିଡର ଦୁଇଟି ବଂଶ ରହିଛି 'ମୋନୋପୋଡ଼ିଆଲ୍ ଓ ସିମ୍ପୋଡିୟଲ' ।

## ମୋନୋପୋଡିଆଲ୍ ଅର୍କିଡ୍

ଏଥିରେ କେବଳ ଗୋଟିଏ ଡାଳ ଥାଏ ଓ ଏକମାତ୍ର, ଫୁଲ ଫୁଟେ । ଏହା ଏକଶାଖା ବିଶିଷ୍ଟ ହୋଇଥାଏ କିନ୍ତୁ ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ । ଏହା ପ୍ରାୟତଃ ଅଧିକ ବାଇଗଣୀ ରଙ୍ଗର ହୋଇଥାଏ ।

## ସିମ୍ପୋଡିଅଲ୍ ଅର୍କିଡ୍

ଏହା ଅର୍କିଡ୍‌ର ଆଉଏକ ବଂଶ ଯେଉଁଥିରେ ବହୁଗୁଡିଏ ଶାଖା ଥାଏ ଓ ବହୁମାତ୍ରାରେ ଖୁନ୍ଦି ହୋଇ ଫୁଲ ଫୁଟିଥାଏ । ଏହି ବଂଶର ଆଉ ଦୁଇଟି ଶଙ୍କର ପ୍ରଜାତି ରହିଛି (ସିମ୍ବିଡିୟମ୍ ଓ ଡେଣ୍ଡ୍ରୋବିୟମ୍) ଯାହା ବିଦେଶ ବଜାରରେ ପୁଷ୍ପପ୍ରେମୀମାନଙ୍କୁ ଖୁବ୍ ଆକୃଷ୍ଟ କରିଥାଏ ଓ ବ୍ୟବସାୟୀଙ୍କୁ ଲାଭବାନ୍ କରାଇଥାଏ । ସିମ୍ବିଡିୟମ୍ ଅର୍କିଡକୁ 'ବୋଟ୍ ଅର୍କିଡ୍' ମଧ୍ୟ କୁହାଯାଏ । ଏହି ପ୍ରଜାତି ବିଭିନ୍ନ ଆକର୍ଷକ ରୂପରେ ଫୁଟିଥାଏ । ସିମ୍ବିଡିୟମ୍‌ର ଅନେକ ପ୍ରକାର ଅର୍କିଡ୍ ରହିଛି ଯଥା- ପିକ୍‌ଲେଣ୍ଡି, ସନ୍‌ଗୋଲ୍ଡ, ଲେବିନମ୍, କୈରିସ୍‌ବୁକ୍, ଟେଡ୍, ବ୍ୟୁଟି, ଟଷ୍ଟୋଡ୍ ମହାଗନୀ, ଷ୍ଟାଟସ୍ ସନରାଇଜ୍ ଆରୋରା, ସିମ୍ବିଡିୟମ୍ ମୋରିହ ହିନ୍ଦୁ ଇତ୍ୟାଦି । ଡେଣ୍ଡ୍ରିବିୟମ୍ ମଧ୍ୟ ଖୁବ୍ ଆକର୍ଷକ ଓ ମନମୋହକ ଫୁଲ । ଏହା ଗଛ ଉପରେ ମାସେରୁ ଦୁଇ ମାସ ପର୍ଯ୍ୟନ୍ତ ସତେଜ ରହି ଫୁଟିଥାଏ, ତେଣୁ ବଜାରରେ ଏହି ଫୁଲକୁ କିଣିବାକୁ ବା ଉପହାର ଦେବାକୁ ଅଧିକ ପସନ୍ଦ ରହିଥାଏ । ଏହି ଅର୍କିଡର ଅନେକ ପ୍ରକାର ସୁଗନ୍ଧିତ ଫୁଲମାନଙ୍କୁ ମଧ୍ୟରେ 'ବିଗେନି, ସାଇବେଲି, ଓକୋବଉଡ୍, କୁଲଥାନା, ଭେଲବେଟ୍ ଡେଣ୍ଡିବିଅମ୍ ଟୋଭି, ବ୍ଲସମ୍, ହନୀଲୀନ, ଓରିଅଣ୍ଟର ବ୍ୟୁଟି, ରିନ୍ନପା, ଇକୋପୋଲ ପାଣ୍ଡା, ସୁନାରାପିଙ୍କ୍, ପାରାମୋଟ୍ ସବିନ୍, ଇମାନାଇଟ୍ ଇତ୍ୟାଦି ଅନ୍ୟତମ ଯାହା ବ୍ୟବସାୟୀଙ୍କୁ ଖୁବ୍ ଲାଭବାନ କରାଇଥାଏ । ଅର୍କିଡ୍‌ର ପ୍ରକୃତିକୁ ଆଧାର କରି ତିନି ଭାଗରେ ବିଭକ୍ତ କରାଯାଇଛି ଯଥା ଏପିଫାଇଟିକ୍ ଅର୍କିଡ୍ ଟେଣିଷ୍ଟିଆଲ୍ (ସ୍ଥଳୀୟ) ଅର୍କିଡ୍ ଓ ମାଇକ୍ରୋ ହେଟ୍ରୋଟ୍ରାଫିକ୍ ଅର୍କିଡ୍ (ସମଶୀତୋଷ୍ଣ କ୍ଷେତ୍ରରେ ମିଳିଥାଏ) ।

## ଅର୍କିଡର ବିଭିନ୍ନ ନାମ

ଅର୍କିଡ୍ ଏକ ଦୁର୍ଲ୍ଲଭ ଫୁଲ ଯାହା ସହଜରେ ଆମମାନଙ୍କ ବାଡ଼ି ବଗିଚାରେ ଦେଖିବାକୁ ମିଳି ନଥାଏ । ଏହାର ବୈଜ୍ଞାନିକ ନାମ ହେଉଛି 'ସ୍କେଥୋଗ୍ଲାଟିସ୍ ପ୍ଲିକାଟା'(ଅର୍କେଡେସ୍ ଏକ୍ଷେରେସିଆ ପରିବା) । ଅର୍କିଡ୍‌କୁ କେରଳରେ – ଗ୍ରାଉଣ୍ଡ ଅର୍କିଡ୍, ଆସାମରେ – କାଫୌ ଫୁଲ, କୁରଗୀ ସୀତା ଡଣ୍ଡେ, ହିନ୍ଦୀରେ – ଦ୍ରୋପଦୀ ମାଲା, ଅର୍କିଡ୍, କନ୍ନଡରେ – ଦ୍ରୌପଦୀ ମାଲେସୀତଲେ, କୋଙ୍କଣୀ – ପଣସ କେରୀ, ମାଲାୟଲମ୍‌ରେ – ଆନାନା ଥାଲୀ, ଆନ୍ନାନ ଭାଲିନ୍, ଅଂଶଜଲି ମାରଭରା ଟି ମାରମ୍, ମାରଭାଜାଃଳ ସୀତାସୂତୀ, ଦ୍ରୌପଦୀ ମାଲା, ମଣିପୁରରେ – ସମଜିରେଁ, ମରାଠାରେ – ଗଜରା, ପଣସ କେଲୀ, ସୌତେଚୀ, ବେଣୀ, ନେପାଳୀ- ଧୋଗେ ଗାଭା, ଥୁର, ତେଲଗୁ – ଚିନ୍ତାରାମନ, ଅନ୍ଧାଠୀମାଲେ, ଇଂରାଜୀରେ – ରାଇଙ୍କୋ ଷ୍ଟାଲିସ୍ ରେଟୁସମ୍ । ଫକ୍ସଟେଲ୍ ଅରଚିଡ୍, କହିଥାନ୍ତି ।

## କେତୋଟି ଲୋକପ୍ରିୟ ଅର୍କିଡ

ଅର୍କିଡ୍ ଏମିତି ଏକ ଦୁର୍ଲ୍ଲଭ ବହୁବର୍ଣ୍ଣୀ ଫୁଲ ଯାହାର ପ୍ରଜାତି ଓ ପ୍ରକାରକୁ ବର୍ଣ୍ଣନା କରିବା ଏକ ପ୍ରକାର ଅସମ୍ଭବ ବ୍ୟାପାର । ମୂଳ ପ୍ରଜାତିକୁ ବାଦ୍ ଦେଲେ ଅର୍କିଡର ହଜାର ହଜାର ସଙ୍କରୀ ପ୍ରଜାତି ରହିଛି ଯାହାର ତଥ୍ୟ ପ୍ରକାଶ ସହଜ ନୁହେଁ । ତଥାପି ଭାରତରେ ବହୁଳ ଭାବେ ଫୁଟୁଥିବା ଓ ବଜାରରେ ଅଧିକ ଚାହିଦା ରଖୁଥିବା କେତୋଟି ମୁଖ୍ୟ ପ୍ରଜାତିର ଅର୍କିଡ୍ ସମ୍ପର୍କରେ ଆସନ୍ତୁ ସଂକ୍ଷେପରେ ଜାଣିନେବା ।

## କ୍ୟାଟଲେଆ ଅର୍କିଡ୍

ଅନ୍ୟତମ ଲୋକପ୍ରିୟ ଅର୍କିଡ୍ ଭାବରେ ବେଶ୍ ପରିଚିତ କ୍ୟାଟଲେଆ ଅର୍କିଡ୍, ଯାହା 'କର୍ସେଜ୍ ଅର୍କିଡ୍' ଭାବରେ ମଧ୍ୟ ଜଣାଶୁଣା । ଏହା ଶଙ୍କରୀକରଣ ଦ୍ୱାରା ବିଭିନ୍ନ ରଙ୍ଗରେ ଆସିଥାଏ । ଅନେକ ଫୁଲରେ ବିପରୀତ ରଙ୍ଗର ଫ୍ଲେକ୍ ବା ଷ୍ଟ୍ରାଇପ୍ ରହିଥାଏ ଓ ଏହି ଅର୍କିଡ୍ ମଧ୍ୟ ଉଜ୍ଜ୍ୱଳ କିରଣ ପଡୁଥିବା ଉଷ୍ଣ ଜଳବାୟୁରେ ସର୍ବୋତ୍ତମ ଉର୍ବର ହୋଇଥାଏ ।

## ବ୍ରାସିଆ ଅର୍କିଡ୍

ଏହି ଅର୍କିଡ୍ ଗୁଡ଼ିକ ସ୍ପାଇଡ଼ର ପରି ସେପାଲ ଓ ଆକର୍ଷଣୀୟ ରଙ୍ଗର ପାର୍ଟନ ଯୋଗୁଁ ପୃଥକ ଜଣାପଡ଼େ । ଏହି ସୁଗନ୍ଧିତ ଅର୍କିଡ୍ ଗୋଟିଏ ବଲ୍‌ବରୁ ୮ରୁ ୧୨ ଫୁଲ ସହିତ ଅସଂଖ୍ୟ ପରିମାଣରେ ଫୁଟିଥାଏ । ଏହା ଆର୍ଦ୍ରତାକୁ ଭଲପାଏ ଏବଂ ଉଜ୍ଜ୍ୱଳ ବିସ୍ତାରିତ ଆଲୋକକୁ ପସନ୍ଦ କରେ ।

## ଓ୍ୱାଣ୍ଡା ଅର୍କିଡ୍

ଏହି ଅର୍କିଡ୍ ବଂଶର ପ୍ରାୟ ୮୦ଟି ପ୍ରଜାତି ରହିଛି ଓ ଅସଂଖ୍ୟ କିସମର ରହିଛି । ଏହି ଫୁଲ ଅତ୍ୟଧିକ ସୁଗନ୍ଧ ଓ ଦୀର୍ଘ ସମୟ ଧରି ସତେଜ ରହୁଥିବାରୁ ବେଶ ଜଣାଶୁଣା । ଏହି ଅର୍କିଡ୍ ଝୁଲୁଥିବା ଟୋକେଇରେ ବି ଭଲ ବଢୁଥିବାର ଦେଖାଯାଏ । ଯଦିଓ ବର୍ଷକୁ ଦୁଇଥରରୁ ଅଧିକ ଫୁଲ ଫୁଟାଇ ଥାଏ । ଓ୍ୱାଣ୍ଡା ଅର୍କିଡ୍ ଅସ୍ଥିର ହୋଇଥାଏ ଓ ଭଲ ବଢ଼ିପାରେ ନାହିଁ, କାରଣ ଏହା ବହୁତ ହାଲୁକା ଏବଂ ଉଚ୍ଚ ଆଦ୍ରତା ଆବଶ୍ୟକ କରିଥାଏ ।



## ଏନ୍‌ସାଇକ୍ଲିଆ ଅର୍କିଡ୍

ଏହି ଅର୍କିଡ୍ 'କକ୍‌ଲେଶେଲ୍ ଅର୍କିଡ' ନାମରେ ଜଣାଶୁଣା । ଏହାର ଆକାର ଅକ୍ଟୋପସ୍ ଭଳି ଏବଂ ଲଗାତାର ଦୀର୍ଘ ମାସ ଧରି ଫୁଟୁଥିବାରୁ ବିଶେଷ ପରିଚୟ ସୃଷ୍ଟି କରେ । ଏହି ଅର୍କିଡ୍ ସୁଗନ୍ଧିତ ହୋଇ ନଥାଏ ଏବଂ ଏକ ଅର୍କିଡ୍ ମାଉଣ୍ଟରେ ଲଗାଯିବା ବେଳେ ସର୍ବୋତ୍ତମ ଫୁଲ ଫୁଟିଥାଏ, ଯାହାକି ଜଙ୍ଗଲରେ ପ୍ରାକୃତିକ ଭାବେ ବଢିବା ଭଳି ଭ୍ରମ ସୃଷ୍ଟି କରେ ।

## ମିଲ୍‌ଟୋନିଆ ଅର୍କିଡ୍

ଏହାକୁ ସାଧାରଣତଃ 'ପାନସି ଅର୍କିଡ୍' କୁହାଯାଏ, କାରଣ ଏହା ବଗିଚାର ପାନସି ସହିତ ସମାନ ଦେଖାଯାଏ । ଶୀତଳ

ତାପମାତ୍ରାକୁ ପସନ୍ଦ କରୁଥିବା ବଗିଚା ପାନସି ପରି ମିଲ୍‌ଟୋନିଆ ଅର୍କିଡ୍ ଉଜ୍ଜ୍ୱଳ ପରୋକ୍ଷ ଆଲୋକ ଏବଂ ମଧ୍ୟମ ତାପମାତ୍ରା ଆବଶ୍ୟକ କରେ, ଯାହା ବିଳମ୍ବିତ ବସନ୍ତରୁ ଗ୍ରୀଷ୍ମ ପର୍ଯ୍ୟନ୍ତ ଫୁଟିଥାଏ ।

## ଓନସିଡିୟମ୍ ଅର୍କିଡ

ଓନସିଡିୟମ୍ ଅର୍କିଡଗୁଡ଼ିକ ସାଧାରଣତଃ 'ଡ୍ୟାନ୍ସ ଲେଡି ଅର୍କିଡ୍' ଭାବରେ ଜଣାଶୁଣା, କାରଣ ଏହାର ପାଖୁଡାଗୁଡ଼ିକ ସ୍କର୍ଟ ପରି ଫ୍ରିଲ୍ ହୋଇଥାଏ । ଏହି ପ୍ରଜାତିର ଅର୍କିଡ୍ ୩୦୦ ରୁ ଅଧିକ ପ୍ରକାରର ରହିଛି, ଯେଉଁଥିରେ ଲୋକପ୍ରିୟ 'ଶେରୀଦେବୀ' ପ୍ରକାର ମଧ୍ୟ ସାମିଲ୍ ରହିଛି, ଯାହା ଚକୋଲେଟ୍ ଭଳି ମହକ ଦେଇଥାଏ । ଓନ୍‌ସିଡିୟମ୍ ଅର୍କିଡ଼କୁ ଲଗାତାର ନରମ ଓ ଆର୍ଦ୍ରତାର ଆବଶ୍ୟକତା ରହିଥାଏ । ଏହା ଥଣ୍ଡା ବାତାବରଣକୁ ପସନ୍ଦ କରିଥାଏ ଏବଂ ସାଧାରଣତଃ ପତ୍ରଝଡ଼ା ସମୟରେ ଫୁଟିଥାଏ ।

## ଲୁଡିସିଆ ଅର୍କିଡ୍

ଏହି ଅର୍କିଡ୍ 'ଜୁଏଲ୍ ଅର୍କିଡ୍' ଭାବରେ ମଧ୍ୟ ଜଣାଶୁଣା । ଲୁଡିସିଆ ଅର୍କିଡ୍ ଏକ ବିରଳ ବଂଶ ସୃଷ୍ଟି କରେ, ଯେଉଁଥିରେ କେବଳ ଗୋଟିଏ ପ୍ରଜାତି ଅନ୍ତର୍ଭୁକ୍ତ । ଏହି ଅର୍କିଡ୍ ଗୁଡ଼ିକରେ ଗାଢ ସବୁଜ ପତ୍ର ଏବଂ ଛୋଟ ଧଳା ଫୁଲ ଥାଏ, ଯାହା ଶୀତଦିନେ ଫୁଟିଥାଏ । ଏହା ଅଧିକ ସୂର୍ଯ୍ୟକିରଣ ଆବଶ୍ୟକ କରିନଥାଏ ଓ ଏହା ଏକ ଇନ୍‌ଡୋର ପ୍ଲାଣ୍ଟ ଭଳି ମଧ୍ୟ ସୌନ୍ଦର୍ଯ୍ୟ ବଢାଇଥାଏ ।

## ଡେଣ୍ଡ୍ରୋବିୟମ୍

ପ୍ରାୟତଃ ୧୮୦୦୦ ବିଭିନ୍ନ ପ୍ରଜାତିର ଡେଣ୍ଡ୍ରୋବିୟମ୍ ଅର୍କିଡ୍ ଅଛି । ଏହି ଅର୍କିଡ଼ଗୁଡ଼ିକ ଛୋଟ କୁଣ୍ଡରେ ବଢିବାକୁ ପସନ୍ଦ କରନ୍ତି ଏବଂ ପ୍ରାୟତଃ ଅଧିକ ଲମ୍ବା ଓ ଉପର ଭାଗରେ ଫୁଲ ଥାଏ, ଯେଉଁଥିପାଇଁ କି ଏକ ସାହାରା ବାଡ଼ିର ଆବଶ୍ୟକତା ହୋଇଥାଏ । ଅନ୍ୟ ଅର୍କିଡ୍ ତୁଳନାରେ ଡେଣ୍ଡ୍ରିବିୟମ ଅର୍କିଡ଼କୁ ଶୀତଳ ତାପମାତ୍ରା ଓ ଆଦ୍ରତା ଆବଶ୍ୟକ ହୋଇଥାଏ ।


## ଲାଇକାଷ୍ଟ ଅର୍କିଡ

ଏହି ଅର୍କିଡ଼ର ଅନେକ ପ୍ରଜାତି ଲେମ୍ବୁ ଓ ଡାଲ୍‌ଚିନି ପରି ସୁଗନ୍ଧ ପାଇଁ ଜଣାଶୁଣା । ଏହି ଅର୍କିଡ ଗୁଡ଼ିକ ସୁପ୍ତାବସ୍ଥାରେ ପତ୍ରଝଡ଼ି ଦେଇଥାନ୍ତି । ଯେଉଁଥିରୁ ସ୍ପାଇକ୍ସର ସୂଚନା ମିଳେ ଯାହା ଅତ୍ୟନ୍ତ ଗତିଶୀଳ ହୋଇଥାଏ । ଲାଇକାଷ୍ଟ ଅର୍କିଡ୍ ଧଳା, ହଳଦିଆ ଓ ଲାଲ୍ ରଙ୍ଗର ଫୁଟିଥାଏ ।

ଅର୍କିଡ୍, ଏମିତି ଏକ ଫୁଲ, ଯାହାର ପ୍ରତିଟି ପ୍ରଜାତି, ପ୍ରକାର ରୂପ, ରଙ୍ଗ ସୌନ୍ଦର୍ଯ୍ୟରେ ଏକ ଅନନ୍ୟ ମନମୋହକ ଭରିଥାଏ । ଯେ କେହି ବି ଅର୍କିଡର ସୌନ୍ଦର୍ଯ୍ୟକୁ ପ୍ରଶଂସା କରିବାକୁ ବାଧ୍ୟ ହୋଇଥାଏ । ଉପହାର ସ୍ୱରୂପ ଅର୍କିଡ ବିଶେଷ ସ୍ଥାନ ଅଧିକାର କରିଥାଏ ।

## ଅର୍କିଡ ଲୋକକଥା (ଅରୁଣାଚଳ ପ୍ରଦେଶ)

ଅରୁଣାଚଳ ପ୍ରଦେଶର ଏକ ଲୋକକଥା ରହିଛି 'ଅର୍କିଡ୍ ଫୁଲ' ଯାହାର କଥାକାର ହେଉଛନ୍ତି 'ନିଧି ସହଗଲ' । କୁହାଯାଏ ଏକ ସଚ୍ଚୋଟ, ସ୍ନେହୀ ଓ ଉତ୍ତମ ରାଜା ତାଙ୍କ ରାଜ୍ୟରେ ପ୍ରଜାମାନଙ୍କ ଖୁବ୍ ପ୍ରିୟ ଥିଲେ । ସେ ରାଜ୍ୟରେ ନଦୀ, ନାଳ, ପାହାଡ଼, ପର୍ବତ, ଝରଣା, ସୁନ୍ଦର ବଗିଚା ଓ ନାନାଦୀ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଅନୁପମ ଆକର୍ଷଣ ଥିଲା । ରାଜାଙ୍କର ଏକମାତ୍ର କନ୍ୟା ଥିଲା, ରାଜା ବହୁବର୍ଷ ପ୍ରତୀକ୍ଷା କଲାପରେ ବି ରାଣୀଙ୍କର ଦ୍ୱିତୀୟ ସନ୍ତାନ ହେଲାନାହିଁ । ମନ୍ତ୍ରୀ ଓ ପ୍ରଜାମାନେ ରାଜାଙ୍କୁ ଦ୍ୱିତୀୟ ବିବାହ କରିବାକୁ ପରାମର୍ଶ ଦେଲେ, କିନ୍ତୁ ରାଜା, ରାଣୀ ଓ କନ୍ୟାଙ୍କୁ ଏତେ ଭଲ ପାଉଥିଲେ ଯେ, ସେ ଦ୍ୱିତୀୟ ବିବାହ କରିବାକୁ ଚାହିଁଲେନି । ରାଜକୁମାରୀ ବଡ଼ ହେବାକୁ ଲାଗିଲେ । ରାଜକୁମାରୀଙ୍କ ପାଇଁ ଅନେକ ରାଜକୁମାରଙ୍କ ପ୍ରସ୍ତାବ ଆସିଲା ହେଲେ ସେ ବିବାହ କରିବାକୁ ଇଚ୍ଛୁକ ନଥିଲେ । ପ୍ରତିଦିନ ରାଜକୁମାରୀ ତାଙ୍କ ପ୍ରାସାଦର ପଛପଟ ବଗିଚାକୁ ଯାଇ ସୁନ୍ଦର ସୁନ୍ଦର ଫୁଲମାନଙ୍କ ସହ ସମୟ ବିତାନ୍ତି, ଥକିଗଲେ ବଗିଚାରେ ଥିବା ଛୋଟ ପୁଷ୍କରିଣୀର ଚାନ୍ଦିନୀ ଉପରେ ବସିପଡ଼ନ୍ତି ଓ ଅଧିକ ଖରାହେଲେ ପ୍ରାସାଦକୁ ଫେରିଯାଆନ୍ତି । ଦିନେ ରାଜକୁମାରୀ ବଗିଚାରେ ବୁଲୁଥିବା ବେଳେ କିଛି ଦୁର୍ଗନ୍ଧ ହେବାର ଅନୁଭବ କଲେ । ଚାରିଆଡ଼େ ଖୋଜିବାକୁ ଲାଗିଲେ ହେଲେ ଦୁର୍ଗନ୍ଧର କାରଣ ଖୋଜି ପାଇଲେ ନାହିଁ । ଦୁଇ ତିନି ଦିନ ଯାଏ ମଧ୍ୟ ସେଇ ଗନ୍ଧ ବଗିଚାର ବାତାବରଣକୁ ନଷ୍ଟ କରିଦେଉଥିଲା ଏବଂ ରାଜକୁମାରୀ ହଠାତ୍ ସେହି ଦୁର୍ଗନ୍ଧ ଯୋଗୁଁ ଅଚେତ୍ ହୋଇ ପଡ଼ିଲେ । ସେବିକାମାନେ ପ୍ରାସାଦକୁ ଧାଇଁଯାଇ ରାଜାଙ୍କୁ ସନ୍ଦେଶ ଦେଲେ ଯେ ରାଜକୁମାରୀ ଅଚେତ୍ ହୋଇ ବଗିଚାରେ ପଡ଼ିଯାଇଛନ୍ତି । ରାଜା ଅତ୍ୟଧିକ ସ୍ନେହ କରୁଥିବା ପୁତ୍ରୀକୁ ଏ ଅବସ୍ଥାରେ ଦେଖି ବିବ୍ରତ ହେଲେ, ମନ୍ତ୍ରୀ, ସେନାପତିଙ୍କୁ କହି ଦୁର୍ଗନ୍ଧର କାରଣ ଖୋଜିବାକୁ ଆଦେଶ ଦେଲେ ଓ ରାଜକୁମାରୀଙ୍କୁ ପ୍ରାସାଦକୁ ନେଇ ବଡ଼ ବଡ଼ ବୈଦ୍ୟଙ୍କୁ ଡାକି ଚିକିତ୍ସା କଲେ । ଅନେକ ରାଜ୍ୟରୁ ଅନେକ ବୈଦ୍ୟ ଆସିଲେ, ହେଲେ କାହାର ଚିକିତ୍ସାରେ ବି ରାଜକୁମାରୀଙ୍କ ଚେତା ଫେରିଲା ନାହିଁ । ରାଜାଙ୍କ ନିର୍ଦ୍ଦେଶକ୍ରମେ ମନ୍ତ୍ରୀ ଓ ସେନାପତି ବଗିଚାର କୋଣ କୋଣ ଖୋଜି ଏକ ବଡ଼ ମଲା ମୂଷାକୁ ଠାବ କଲେ ଓ ତାକୁ ବାହାର କରି ସେହି ସ୍ଥାନରେ ସୁଗନ୍ଧିତ ଦ୍ରବ୍ୟ ସିଞ୍ଚନ କଲେ । ଏଣେ ରାଜା ଝିଅର ଚେତା ଫେରାଇବା ପାଇଁ ଅଧା ରାଜ୍ୟ ଦେଇଦେବାର ଘୋଷଣା କଲେ । ଯିଏ ରାଜକୁମାରୀଙ୍କୁ ପୁନଃ ସୁସ୍ଥ କରିଦେବ ରାଜା ତାଙ୍କୁ ପୁରସ୍କାରରେ ଅଧାରାଜ୍ୟ ଦେଇ ଦେବେ । ଅନେକ ପ୍ରାନ୍ତରୁ ଅନେକ ବୈଦ୍ୟ, ରାଜକୁମାର ଓ ଗୁଣବାନ ବ୍ୟକ୍ତି ଆସିଲେ, ହେଲେ ରାଜକୁମାରୀଙ୍କ ଚେତା ଫେରାଇ ପାରିଲେ ନାହିଁ । ରାଜା, ରାଣୀ, ମନ୍ତ୍ରୀ ରାଜଗୁରୁ, ରାଜବୈଦ୍ୟ ସମସ୍ତେ ଚିନ୍ତାରେ ପଡ଼ିଗଲେ । ଦୀର୍ଘଦିନ ଧରି ଅଚେତ ଥିବା ରାଜକୁମାରୀ କେମିତି ସୁସ୍ଥ ହେବେ ! ପ୍ରାତଃ ସମୟରେ ସେବକ ଆସି ରାଜାଙ୍କୁ ଏକ ନବଯୁବକ ଚିକିତ୍ସା କରବାକୁ ଆସିଛନ୍ତି ବୋଲି ସୂଚନା ଦେଲେ । ରାଜା ବିଳମ୍ବ ନ କରି ଖୁବ୍ ଆଶା ନେଇ ଯୁବକଟିକୁ ସ୍ୱାଗତ କଲେ । ଯୁବକର ମୁଖମଣ୍ଡଳ ଏତେ ଦିବ୍ୟ, ଉଜ୍ଜ୍ୱଳ ଓ ଆକର୍ଷକ ଦିଶୁଥିଲା, ରାଜାଙ୍କ ସମେତ ସମସ୍ତେ ତାଙ୍କୁ ଦେଖି ତାଜୁବ୍ ହୋଇଗଲେ । ଯୁବକଟି ରାଜକୁମାରୀଙ୍କ ସଖୀଙ୍କଠାରୁ ତାଙ୍କ ଅସୁସ୍ଥତାର ସବୁ ଘଟଣାକ୍ରମ ଧ୍ୟାନରେ ଶୁଣିଲେ ଓ ରାଜକୁମାରୀଙ୍କୁ ସେଇ ବଗିଚାକୁ ନେଇ ଏକ ଗଛ ମୂଳେ ଶୟନ ସ୍ଥାନ ଠିକ୍ କରିବାକୁ କହିଲେ । ରାଜା ବିଳମ୍ବ ନକରି ଯୁବକଙ୍କ କହିବା ଅନୁସାରେ ରାଜକୁମାରୀଙ୍କୁ ନେଇ ଗଛ ମୂଳେ ଏକ ଭବ୍ୟ, ଆରାମଦାୟକ ଶେଯ କରି ପୁତ୍ରୀକୁ ଶୁଆଇ ଦେଲେ । ପ୍ରାତଃର ମୃଦୁ ପବନ, ବସନ୍ତର ମିଠା ଆକର୍ଷଣ ପରିବେଶକୁ ଖୁବ୍ ମଧୁର ଓ ମନୋରଞ୍ଜକ କରୁଥିଲା । ରାଜକୁମାରୀ କିନ୍ତୁ ଗଛମୂଳରେ ଆରାମ ଶେଯରେ ଅଚେତ୍ ଥିଲେ । ସମସ୍ତେ ଯୁବକଙ୍କ ଆଡକୁ ଚାହିଁଥାନ୍ତି, ଯୁବକ ଜଣକ ଦୁଇ ହାତ ଟେକି ଈଶ୍ୱରଙ୍କୁ ପ୍ରାର୍ଥନା କଲେ ଓ ନିଜ ବସ୍ତ୍ର ଭିତରୁ ଏକ ବଂଶୀ ବାହାର କରି ବଜାଇବାକୁ ଲାଗିଲେ । ସେ ବଂଶୀର ସ୍ୱର ଏତେ ମନମୁଗ୍ଧକର ଥିଲା ଯେ, ସମସ୍ତେ ସେ ସ୍ୱରରେ ଭାବପ୍ରବଣ ଓ ମୁଗ୍ଧ ହୋଇଯାଇଥିଲେ । ସତେ ଯେମିତି ଶ୍ରୀକୃଷ୍ଣଙ୍କର ଦିବ୍ୟ ବଂଶୀର ସ୍ୱର ଥିଲା ।





ହଠାତ୍ ଏକ ଚମତ୍କାର ହେଲା, ଯେଉଁ ଗଛମୂଳରେ ରାଜକୁମାରୀଙ୍କୁ ଶୁଆଇଥିଲେ, ସେ ଗଛ ସୁନ୍ଦର, ସୁଗନ୍ଧଯୁକ୍ତ ଫୁଲରେ ଭରିଗଲା ଓ କିଛି ଫୁଲ ଝଡି ରାଜକୁମାରୀଙ୍କ ଉପରେ ବିଛୁଡି ହୋଇପଡ଼ିଲା । ଯୁବକ ବଂଶୀ ବଜାଇ ବଜାଇ ଯେଉଁ ଗଛ ଆଡକୁ ଯାଇଥିଲେ, ସେ ଗଛ ସୁନ୍ଦର ସୁନ୍ଦର ଫୁଲରେ ଭରିଯାଉଥିଲା । ଚାହୁଁ ଚାହୁଁ ସାରା ବଗିଚା ସୁନ୍ଦର ଫୁଲ ଓ ସୁଗନ୍ଧରେ ମୁଖରିତ ହେବାକୁ ଲାଗିଲା । ବିଭିନ୍ନ ରଙ୍ଗ ଓ ମହକର ଫୁଲ ଅଚେତ୍ ହୋଇ ପଡ଼ିଥିବା ରାଜକୁମାରୀଙ୍କ ଆଘ୍ରାଣରେ ଯାଇ ଚେତା ଫେରାଇ ଆଣିଲା । ସେ ଉଠି ବସି ପଡ଼ିଲେ ଓ ଦିନସାରା ସଖୀମାନଙ୍କ ସହ ବଗିଚାର ଫୁଲମାନଙ୍କ ଆନନ୍ଦ ନେବାକୁ ଲାଗିଲେ । ରାଜକୁମାରୀଙ୍କୁ ହୋସ୍‌ରେ ଆସିବା ଦେଖି ରାଜା, ରାଣୀ, ରାଜଗୁରୁ, ମନ୍ତ୍ରୀଙ୍କ ସମେତ ସମସ୍ତେ ଏତେ ଖୁସି ହୋଇଗଲେ ଯେ, ରାଣୀ, ରାଜଗୁରୁ, ମନ୍ତ୍ରୀଙ୍କ ସମେତ ସମସ୍ତେ ଏତେ ଖୁସି ବ୍ୟକ୍ତ କରିବା ଭିତରେ ଯୁବକଙ୍କ କଥା ଭୁଲି ଯାଇଥିଲେ । ଚାହିଁଲା ବେଳକୁ ହଠାତ୍ ଯୁବକ ଜଣକ ଅନ୍ତର୍ଧାନ ହୋଇଯାଇଥିଲେ । ସମସ୍ତେ ମିଶି ଯୁବକଙ୍କୁ ଖୁବ୍ ଖୋଜିଲେ, କିନ୍ତୁ ପାଇଲେ ନାହିଁ । ରାଜା ଯୁବକଙ୍କୁ ପୁରସ୍କାର ଦେବା ପୂର୍ବରୁ ଉଭାନ ହୋଇ ଯାଇଥିବା ବିସ୍ମୟ ଯୁବକ ଜଣକ ନିଶ୍ଚୟ ଜଣେ ଦିବ୍ୟାତ୍ମା ବୋଲି ରାଜା ଅନୁଭବ କଲେ । ବାସ୍ତବରେ ସେ ଥିଲେ ଶ୍ରୀକୃଷ୍ଣଙ୍କର ସ୍ୱରୂପ । ତାଙ୍କୁ ସମ୍ମାନ ପ୍ରକଟ କରିବାକୁ ଯାଇ ଉପରକୁ ହାତ ଟେକି ରାଜା ପ୍ରଣାମ କଲେ ଓ ବଗିଚାର ସୁନ୍ଦର ସୁନ୍ଦର ଫୁଲମାନଙ୍କ ଭିତରେ ସେହି ଦିବ୍ୟ ପୁରୁଷ ବା ଦିବ୍ୟାତ୍ମାଙ୍କୁ ଉପଲବ୍ଧି କରୁଥିଲେ । ରାଜ୍ୟବାସୀ ଏଭଳି ଏକ ଅପରୂପ ସୌନ୍ଦର୍ଯ୍ୟରେ ଭରପୁର ଅଲୌକିକ ଫୁଲ ଦେଖି ଆନନ୍ଦରେ ବିଭୋର ହୋଇଯାଉଥିଲେ । ଦିବ୍ୟାତ୍ମାଙ୍କ ଅନ୍ତର୍ଧାନ ପରେ ରାଜା ସେହି ବିସ୍ମୟ ଫୁଲକୁ ଅର୍କିଡ୍ ବା ଦ୍ରୌପଦୀ ମାଲା ଘୋଷଣା କଲେ ।

## ଅର୍କିଡ୍ ଫୁଲର ଔଷଧୀୟ ଗୁଣ

କେବଳ ଦେଖିବାକୁ ମନୋରମ ନୁହେଁ, ଏହା ଶରୀରର ବିଭିନ୍ନ ରୋଗ ପାଇଁ ଏକ ଦରକାରୀ ଔଷଧୀ ଭାବେ କାର୍ଯ୍ୟ କରିଥାଏ । ଅର୍କିଡ୍, ଉଷ୍ଣକଟିବନ୍ଧୀୟ କ୍ଷେତ୍ରମାନଙ୍କରେ ଅଧିକ ଦେଖିବାକୁ ମିଳିଥାଏ । ଆସନ୍ତୁ ଜାଣିବା ଅର୍କିଡ୍‌ର ଔଷଧୀୟ ଗୁଣ ସମ୍ପର୍କରେ-

### ଅଲସର

ଅର୍କିଡ୍‌ର ପତ୍ରକୁ ବାଟି ତା'ର ରସ ସେବନ କଲେ ପେଟ ଯନ୍ତ୍ରଣା ବା ଅଲ୍‌ସର୍‌ରୁ ଉପଶମ ମିଳିଥାଏ । ପତ୍ର ସହିତ ବ୍ରାଉନ୍‌ଶୁଗାର ଓ ଅଦାକୁ ପେଷ୍ଟ କରାଯାଇ ଏକ ଗ୍ଲାସ ପାଣିରେ କିଛି ସମୟ ପାଇଁ ଫୁଟାଯାଏ । ଥଣ୍ଡା ହେବା ପରେ ଏହି ପାଣିକୁ ଛାଣି ପ୍ରତିଦିନ ସେବନ କରାଯାଏ । ଅର୍କିଡର ରସ କୃମି ରୋଗ ମଧ୍ୟ ଦୂର କରିଥାଏ ।

### ଓଜନ କମାଇବା

ଏକ କପ୍ ପାଣିରେ କିଛି ଅର୍କିଡ୍‌ର ଚେର ପକାଇ ଅଧା କପ୍ ହେବାଯାଏ ଫୁଟାଯାଏ । ଏହି ପାଣିକୁ ପ୍ରତିଦିନ ସେବନ କରିବା ଦ୍ୱାରା ଓଜନ ହ୍ରାସ ପାଇଥାଏ ।

### ଆଖି ରୋଗ

ଅର୍କିଡ୍‌ର ଫୁଲ ଓ ପତ୍ରକୁ ବାଟି ସେବନ କଲେ ଆଖି ରୋଗ ଦୂର ହୋଇଥାଏ, କାରଣ ଏଥିରେ ଭିଟାମିନ୍-ସି ଓ ଇ ଭରପୂର ଥାଏ, ଯାହା ଆଖିକୁ ସୁସ୍ଥ ରଖେ ଏବଂ କୌଣସି ରୋଗରେ ଆକ୍ରାନ୍ତ ହେବାକୁ ଦିଏନାହିଁ ।

### ତ୍ୱଚା ଉଜ୍ଜ୍ୱଳ ଦିଶିବା

ଅର୍କିଡ୍‌ରେ ଭିଟାମିନ୍-ଡି ଓ ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ ସୁସ୍ଥ ରଖିବାକୁ ସାହାଯ୍ୟ କରିଥାଏ । ବୟସ ଦାଗ ଢିଲା ତ୍ୱଚା ଓ ବ୍ରଣ ସମସ୍ୟାରୁ ମୁକ୍ତି ଦେଇଥାଏ ଓ ତ୍ୱଚାକୁ ଉଜ୍ଜଳ କରିଥାଏ ।

### ମାନସିକ ଅବସାଦ ।

ବର୍ତ୍ତମାନ ବ୍ୟସ୍ତବହୁଳ ଦୁନିଆଁରେ ଅବସାଦ ଏକ ସାଧାରଣ ରୋଗରେ ପରିଣତ ହୋଇଛି । ଅବସାଦ ମଣିଷକୁ ଦୁର୍ବଳ କରେ ଓ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇଥାଏ । ଅର୍କିଡ୍‌ରୁ ବହୁ ଜଡ଼ିବୁଟି ଓ ଔଷଧ ପ୍ରସ୍ତୁତ କରାଯାଇଛି, ଯାହା ମାନସିକ ଅବସାଦ ଦୂର କରିବା ସହିତ ମନକୁ ପ୍ରଫୁଲ୍ଲିତ ରଖିବାକୁ ସାହାଯ୍ୟ କରେ । ଅର୍କିଡର ସେବନ ଆପଣ ଜୁସ୍ ସହିତ କିମ୍ବା କୌଣସି ଖାଦ୍ୟରେ ମଧ୍ୟ ନେଇପାରିବେ ।

### ରୋଗ ପ୍ରତିରୋଧ ଶକ୍ତି

ଅର୍କିଡ ଭିଟାମିନ୍-ସି ଓ ଫାଇବରରେ ଭରପୂର ଫୁଲ ଯାହାକୁ ଖାଦ୍ୟରେ ଗ୍ରହଣ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ । ରୋଗ ସହିତ ଲଢିବା ଓ ଶ୍ୱେତ ରକ୍ତର କୋଷିକାଗୁଡ଼ିକ ସୁସ୍ଥ ରଖିବା ଫଳରେ ଶରୀରର ସମସ୍ତ ପ୍ରତିରକ୍ଷା ପ୍ରଣାଳୀକୁ ସମର୍ଥନ କରିଥାଏ ଅର୍କିଡ୍ । ଭାରତର ଦକ୍ଷିଣ ଭାଗର ଲୋକମାନେ ଅର୍କିଡ୍‌କୁ ଅଧିକ ମାତ୍ରାରେ ଖାଦ୍ୟରେ ବ୍ୟବହାର କରନ୍ତି ।

### ସଂକ୍ଷେପରେ ଅର୍କିଡ୍

୧. ସାଜସଜ୍ଜା ବା ଅଳଙ୍କରଣ ଫୁଲମାନଙ୍କ ଭିତରେ 'ଅର୍କିଡ୍' ହେଉଛି ଏକ ପ୍ରତିଷ୍ଠିତ, ମନମୋହକ, ଅତ୍ୟନ୍ତ ସୌନ୍ଦର୍ଯ୍ୟପୂର୍ଣ୍ଣ ଫୁଲ ଯାହା ପ୍ରେମ ସୌନ୍ଦର୍ଯ୍ୟ, ବିଲକ୍ଷଣତା ଏବଂ ଶକ୍ତିର ପ୍ରତିନିଧିତ୍ୱ କରିଥାଏ । ଅର୍କିଡ୍ ପବିତ୍ରତାର ପ୍ରତୀକ ।

୨. ଅର୍କିଡ୍ ବହୁ ଶତାବ୍ଦୀ ପୂର୍ବରୁ ଅର୍ଥାତ୍ ୧୧୦ ମିଲିୟନ୍ ବର୍ଷ ପୂର୍ବରୁ ଆବିଷ୍କାର କରା ଯାଇଛି । ତା'ର ଉତ୍ପତ୍ତି ବିବରଣ କରିବା ଅସମ୍ଭବ ।

୩. ଭାରତର ହିମାଳୟ, ଖାସି, ଜୟନ୍ତୀ ପର୍ବତ, ପଶ୍ଚିମ ଘାଟ, କୌଡ଼େ କେନାଲ୍ ଏବଂ ନିଳଗିରି ପର୍ବତ ଆଦି ସ୍ଥାନମାନଙ୍କରେ ଅର୍କିଡ୍ ବହୁଳ ଭାବେ ଦେଖିବାକୁ ମିଳେ ।

୪. ନେପାଳ ଜଙ୍ଗଲରେ ସାଧାରଣତଃ ୫୦୦ ରୁ ଅଧିକ ପ୍ରଜାତିର ଅର୍କିଡ୍ ଫୁଲ୍ ଦେଖିବାକୁ ମିଳେ । ସେଥିମଧ୍ୟରୁ ଏକ ହଳଦୀ ଓ ବାଇଗଣୀ ମିଶା ଅର୍କିଡ୍‌ର ଫୁଲ ରହିଛି, ଯାହାକୁ ଦେଖିବାକୁ ଅପ୍ରେଲ୍ ମାସରେ ହଜାର ହଜାର ଲୋକ ଜଙ୍ଗଲକୁ ଆସିଥାନ୍ତି । ଏହି ଫୁଲ ନେପାଳର କାଠମାଣ୍ଡୁ (ସିରାଜ୍ ବାଗ୍) ପରେ ଏକ ବଗିଚା କରାଯାଇଛି । ସ୍ଥାନୀୟ ଲୋକମାନେ ଏହାକୁ 'ସଲହେଶ ଫୁଲବାଡୀ' କହିଥାନ୍ତି । ନେପାଳ ନବବର୍ଷର ପ୍ରଥମ ଦିନ ବା ପ୍ରଥମ ସପ୍ତାହରେ ଏହି ଦୁର୍ଲ୍ଲଭ ଅର୍କିଡକୁ ଉପହାର ସ୍ୱରୂପ ଭେଟି ଦିଆ ଯାଇଥାଏ ।

୫. ଏହାର ବିଶେଷତା ହେଲା ଏହି ଫୁଲ ମାସେ ପର୍ଯ୍ୟନ୍ତ ସତେଜ ରହିଥାଏ ଓ ପରିସ୍ଥିତିର ପ୍ରଭାବ ଏ ଫୁଲ ଦର୍ଶାଇଥାଏ । ମନରେ ଏକ ଅଜବ ଆତ୍ମସନ୍ତୋଷ ଭରିଦିଏ । ଆଶ୍ଚର୍ଯ୍ୟ ଓ ଅଲୌକିକ ଅର୍କିଡ୍ ସମସ୍ତଙ୍କର ପ୍ରିୟ ଓ ସିଙ୍ଗାପୁରର ରାଷ୍ଟ୍ରୀୟ ଫୁଲ ଘୋଷଣା କରାଯାଇଛି ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ ଛକ, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


ଫଟୋ ସୌଜନ୍ୟ :ଲେଖିକା

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▶ ଲେଖିକା ଜୟନ୍ତୀ ରଥ

# ୨୬ ପ୍ରଜ୍ଞାପୀଠରେ ତେତିଶ ବର୍ଷ

କେନ୍ଦ୍ରାପଡ଼ା ଜିଲ୍ଲାର ବେଣୀପୁର ନିକଟରେ ଛୋଟି ମଙ୍ଗଳପୁର ଗାଁ । ସେଇ ଗାଁର ଅଶୀତିପର ଜଣେ ବୃଦ୍ଧ । ଭୁବନେଶ୍ୱର ଆସିବା ବେଳେ ଚାଲି ଆସୁଥିଲେ ସଂଗ୍ରହାଳୟ । ଚେହେରାରେ ଆଭିଜାତ୍ୟର ଛାପ ସ୍ପଷ୍ଟ । ସିଧାସଳଖ ଦେହ । ଦୃଢ଼ ପଦକ୍ଷେପ । ପଞ୍ଜାବୀ ଉପରେ ଉତ୍ତରୀୟଟିଏ ଥାଏ ସବୁବେଳେ । ଆଙ୍ଗୁଠିରେ ହଳଦିଆ ପଥର ବସା ବଡ଼ ମୁଦିଟିଏ ଚକ୍ ଚକ୍ କରୁଥାଏ । ହାତରେ ସୁନେଲୀ ବ୍ୟାଣ୍ଡର ବଡ଼ଘଣ୍ଟା । ପଞ୍ଜାବୀ ପକେଟରେ ଉଇଲ୍‌ସନ୍ ପେନ୍ । ତାଙ୍କ ବୁନିଆଦିର ଶେଷ ସନ୍ତକ ବୋଧହୁଏ ଏଇ ମୁଦି ଘଣ୍ଟା ଓ ପେନ୍ ।

ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଅଧାରୁ ପଢ଼ା ଛାଡ଼ିଥିଲେ । କାରାବରଣ କରିଥିଲେ । ଦେଶ ସ୍ୱାଧୀନ ହେବା ପରେ ତାଙ୍କ ସ୍ୱପ୍ନ ସବୁ ଧୂଆଁରେ ମିଶିଗଲା । ତାଙ୍କୁ ସ୍ୱାଧୀନତା ସଂଗ୍ରାମ ଭତ୍ତା ମିଳିଥିଲା । ଦେଶ ସେବା ବିନିମୟରେ ଭତ୍ତା ଗ୍ରହଣ କରି ପାରିବେ ନାହିଁ ବୋଲି ଦମ୍ଭର ସହ ମନା କରିଦେଲେ । ଜୀବନରେ ଦୁର୍ଦ୍ଦିନର ଝଡ଼ ବୋହିବ । ଅକୁଳାଣ ଅଭାବରେ ବଞ୍ଚିବା ଦୁର୍ବିସହ ହୋଇ ଉଠିବ ଏହା ତାଙ୍କର କଳ୍ପନାତୀତ ଥିଲା ।

ଏକମାତ୍ର ରୋଜଗାରିଆ ପୁଅ ପକ୍ଷାଘାତ ଗ୍ରସ୍ତ ହୋଇ ପଡ଼ିରହିଲା ବର୍ଷ ବର୍ଷ । ଚିକିତ୍ସାରେ ବହୁ ଅର୍ଥ ବ୍ୟୟ ହେଲା । ସବୁ ଚେଷ୍ଟା ନିଷ୍ଫଳ ହେଲା । ବିଧବା ବୋହୂ ଓ ଦୁଇ ବଢ଼ନ୍ତା ନାତିଙ୍କର ଦାୟିତ୍ୱ ଏବେ ତାଙ୍କ ଉପରେ । ଯାହା ଜମି ବାଡ଼ି ଥିଲା ସବୁ ଖଣ୍ଡ ଖଣ୍ଡ ହୋଇ ବିକ୍ରି ହୋଇ ଗଲାଣି ।

ଦୁଇଟି ଝିଅ । ବିବାହିତା । ବଡ଼ ଜ୍ୱାଇଁ ପ୍ରତିରକ୍ଷା ବିଭାଗରେ ଚାକିରି କରୁଥିଲେ । ଦୁର୍ଘଟଣାରେ ପ୍ରାଣ ହରାଇଲେ । ନିଶାଗ୍ରସ୍ତ ଥିବାରୁ ଦୁର୍ଘଟଣା ଘଟିଲା ବୋଲି ରିପୋର୍ଟ ଆସିଲା । ତେଣୁ ତାଙ୍କୁ ପେନ୍‌ସନ୍ ମିଳିଲା ନାହିଁ । ଝିଅର ତତ୍ତ୍ୱ ନେବାର ସାମର୍ଥ୍ୟ ତାଙ୍କର ନାହିଁ । ସାନ ଝିଅଟି ଚାଷବନ୍ଦୀ ଘରେ ବାହା ହୋଇଥିଲା । ଭଲରେ ଚଳୁଥିଲା । ଜ୍ୱାଇଁଙ୍କର କିଡ୍‌ନୀ ବେମାରୀ ବାହାରିଛି । ତାଙ୍କର ଚିକିତ୍ସା ପାଇଁ ସାହାଯ୍ୟ କରିବାର ସାମର୍ଥ୍ୟ ତାଙ୍କର ନାହିଁ ।

ନିଜର ମଧୁମେହ, ଉଚ୍ଚ ରକ୍ତଚାପ ଓ ଶ୍ୱାସରୋଗ ପାଇଁ ନିୟମିତ ଯାହା ଔଷଧ ଖାଇବା ଆବଶ୍ୟକ, ତାହା କିଣିବା ପାଇଁ ଅର୍ଥ ନାହିଁ ।

ସେ ପୁନର୍ବାର ନିବେଦନ କରିଥିଲେ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଦିଆଯାଉ । ଥରେ ହାତ କାଟି ନେବି ନାହିଁ ଲେଖିଦେବା ପରେ ଆଉଥରେ ତାହା ପାଇବା ପାଇଁ ତାଙ୍କର ଆକୁଳ ଆବେଦନକୁ ଗ୍ରହଣ କରାଗଲା ନାହିଁ । ମିଛ କହି ଜାଲ ସାର୍ଟିଫିକେଟ୍ ଦେଇ ଲୋକେ ଦାରିଦ୍ର୍ୟ ଭତ୍ତା, ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି, ଚାକିରି ପାଉଛନ୍ତି । ମାତ୍ର ସତ କହି ସେ ବହୁ ଜଣଙ୍କର ଉପହାସର ପାତ୍ର ହେଲେ । ଜୀବନର ସବୁ ପ୍ରାପ୍ତି ତାଙ୍କ ପାଇଁ ଆଣିଥିଲା ଦୁଃଖ, ବେଦନା । ବିଡ଼ମ୍ବନା ଏଇ ଯେ ପ୍ରାପ୍ୟ ଆର୍ଥିକ ଅନୁଦାନ ଫେରାଇଥିବା ମଣିଷଟି ଆବାଲ୍ୟରୁ କୁଳଧର୍ମ ଭାବେ ଆହରଣ କରିଥିବା ସମର କଳା ଲାଗି ଦୁଃସ୍ଥ କଳାକାର ଭତ୍ତା ପାଇବା ପାଇଁ ଆବେଦନ ପତ୍ର ଲେଖି ସଂସ୍କୃତି ନିର୍ଦ୍ଦେଶାଳୟର ଦ୍ୱାରସ୍ଥ ହେଲେ । ବର୍ଚ୍ଛା ଚାଳନା, ତଲ୍‌ୱାର ଚାଳନାରେ ସିଦ୍ଧହସ୍ତ ଏହାଙ୍କ ଘରେ ବର୍ଚ୍ଛା, ଢାଲ, ତରବାରୀ, କୁରାଢ଼ି, ଫାର୍ସା ଆଦି ନାନା ପ୍ରକାରର ଅସ୍ତ୍ରଶସ୍ତ୍ର ମହଜୁଦ୍ ଥିଲା ।

ରକ୍ଷଣାବେକ୍ଷଣ ଅଭାବରୁ ବହୁ ଅସ୍ତ୍ର, ଶସ୍ତ୍ର ନଷ୍ଟ ହୋଇଯାଇଥିଲା । ବହୁ ଅସ୍ତ୍ର ଅପହୃତ ହୋଇ ଯାଇଥିଲା । ତେବେ ସୂର୍ଯ୍ୟଙ୍କ ଚିତ୍ର ଥିବା ତାଙ୍କ ତରବାରୀଟି ସୁରକ୍ଷିତ ଥିଲା । ସେଇ ତରବାରୀଟି ଧରିଲା ବେଳେ ସେ ନିଜକୁ ସବୁଠୁ ସମର୍ଥ, ସବୁଠୁ ବେଶି ପାରଙ୍ଗମ ମଣୁଥିଲେ । ସମ୍ପତ୍ତିହାନି, ସନ୍ତାନ ହାନିର ଦୁଃଖ ଭୁଲି ଯାଉଥିଲେ । ଘୋର ଝଡ଼ବର୍ଷା, ଅନ୍ଧାର ଭିତରେ ବି ସୂର୍ଯ୍ୟର ଆଲୋକ ଦେଖି ପାରୁଥିଲେ ।

ନାଟକର ନାୟକ ଜୀବନର ଅନ୍ତିମ ପର୍ଯ୍ୟାୟରେ ଉପନୀତ । ବହୁ ବିପର୍ଯ୍ୟୟ ବହୁ ପ୍ରତିଘାତର ଶରାଘାତରେ କ୍ଷତାକ୍ତ । ଜରା, ଶୋକ, ରୋଗଗ୍ରସ୍ତ ତଥାପି ଦାମ୍ଭିକ ଏଇ ମଣିଷଟିକୁ ବୁଝେଇ କହିବାର ଶକ୍ୟ ନଥିଲା ବେବିର । ଶେଷ ପର୍ଯ୍ୟନ୍ତ ସେ ଚେଷ୍ଟା କରି କହି ପାରିଲା ନାହିଁ ଯେ, ସମର କଳାରେ ପଟୁ କଳାକାରଙ୍କୁ ଦୁଃସ୍ଥ କଳାକାର ଭାବେ ଗଣ୍ୟ କରାଯାଏ ନାହିଁ । ତାଙ୍କ ସାମ୍ନାରେ କେବଳ ମିଛ ପ୍ରବୋଧନା, ମିଛ ଆଶ୍ୱାସନା ଦେଉଥିଲା: - ଦେଖାଯାଉ କ'ଣ ହେଉଛି । ସେ କୋଠରୀରୁ ନିଷ୍କ୍ରାନ୍ତ ହୋଇଯିବା ପରେ ଶୁଣା ଯାଉଥିଲା ସୂର୍ଯ୍ୟ ଚିହ୍ନ ଥିବା ତାଙ୍କ ତରବାରୀଟିର ଖଣ୍ଡ ବିଖଣ୍ଡ ହୋଇଯିବାର ଶବ୍ଦ ।

ତାଙ୍କ ଦୀର୍ଘ ଜୀବନର କରୁଣ ଆଲେଖ୍ୟକୁ ନେଇ ଏକ ପ୍ରାଣସ୍ପର୍ଶୀ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇ ପାରିଥାନ୍ତା । ସେତିକିବେଳେ ମନେ ପଡ଼ିଥିଲେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ/ ନିର୍ମାତା ନୀରଦ ମହାପାତ୍ର । ତା'ର ବାନ୍ଧବୀ ନମିତାର ବଡ଼ଭାଇ । ଅବିସ୍ମରଣୀୟ 'ମାୟା ମିରିଗ' ଚଳଚ୍ଚିତ୍ରର ନିର୍ଦ୍ଦେଶକ । ସାଧାରଣ ମଧ୍ୟବିତ୍ତ ପରିବାରର ଭାଙ୍ଗି ପଡୁଥିବା ମୂଲ୍ୟବୋଧକୁ ନେଇ ଏତେ ଜୀବନ୍ତ ଚଳଚ୍ଚିତ୍ରଟେ ନିର୍ମାଣ କରିଥିଲେ ନୀରଦ ଭାଇ । ତ୍ୟାଗର ଭିତ୍ତି ଉପରେ ତିଷ୍ଠି ରହେ ଏକାନ୍ନବର୍ତ୍ତୀ ପରିବାର । ସ୍ୱାର୍ଥର

ଶ୍ୱାସରୋଧକାରୀ ବାଷ୍ପରେ ଭାଙ୍ଗିପଡ଼େ । ଏହା ହିଁ ଥିଲା ‘ମାୟା ମିରିଗ’ର କଥାବସ୍ତୁ । ରଚନା କରିଥିଲେ ପ୍ରସିଦ୍ଧ ଔପନ୍ୟାସିକ ବିଭୂତି ପଟ୍ଟନାୟକ । ନୀରଦ ଭାଇଙ୍କ ତୀକ୍ଷ୍ଣ, ଶାଣିତ କଳାଦୃଷ୍ଟି ସଂପର୍କରେ କେତେ କଥା କହନ୍ତି ସବିତା ଭାଉଜ । ତାଙ୍କ ଧର୍ମପତ୍ନୀ । ‘ମାୟା ମିରିଗ’ର ନାୟିକା ଘରର ବଡ଼ବୋହୂ (ମନସ୍ୱିନୀ) ଆସନ୍ନ ପ୍ରସବା, କେମିତି ଚାଲିଲେ ସେ ଦିଶିବେ ଗର୍ଭବତୀ ନାରୀ ପରି । ସବିତା ଭାଉଜଙ୍କୁ ସେ ନିର୍ଦ୍ଦେଶ ଦିଅନ୍ତି- ମନସ୍ୱିନୀଙ୍କୁ ସେଇ ନିର୍ଦ୍ଦିଷ୍ଟ ଭଙ୍ଗୀରେ ଚାଲିବା ପାଇଁ କହିବାକୁ ।

ଚଳଚ୍ଚିତ୍ରଟି ଆମୂଳଚୂଳ ନିଖୁଣ ହେବ । ସେଥିପାଇଁ ଦିନ ଦିନ ମାସ ମାସ ଧରି ସେ ଭାବମଗ୍ନ ରହୁଥିଲେ ଖାଇବା ବଢ଼ା ହୋଇ ଶୁଖିଯାଏ । ସେ ଭୁଲି ଯାଆନ୍ତି । ଘରେ ସମସ୍ତେ ଶୋଇ ଥାଆନ୍ତି । ସେ ବୁଡି ଥାଆନ୍ତି ତାଙ୍କ ଚିନ୍ତାରେ । ଭାଉଜ ଏ ଭାବଭୋଳା ମଣିଷ, ତିନୋଟି ସନ୍ତାନ, ନିଜର ଚାକିରି, ଘରକାମ ଏସବୁ ଦାୟିତ୍ୱକୁ ନିର୍ବିବାଦରେ ଆପଣେଇ ନେଇଥିଲେ ।

ନୀରଦ ଭାଇ ଭାଉଜଙ୍କୁ ବିବାହ ବେଳେ ଧଳା ବନାରସୀ ଶାଢ଼ିଟିଏ ଉପହାର ଦେଇଥିଲେ । କନ୍ୟାପକ୍ଷ ଲୋକଙ୍କ ପ୍ରଶ୍ନ- ନବ ବିବାହିତା ବଧୂ ଧଳା ଶାଢ଼ି ପିନ୍ଧିବ ? ଭାଇଙ୍କ ମତ ଥିଲା- ଯିଏ ଧଳା ଶାଢ଼ିରେ ସୁନ୍ଦର ଦିଶିବ ସିଏ ସବୁଥିରେ ସୁନ୍ଦର ଦିଶିବ ।

ସ୍ୱାମୀ ଭାବରେ ପତିଆରା ଦେଖଉ ନଥିଲେ । ମାତ୍ର ତାଙ୍କ ବୋଉଙ୍କ ପାଖରେ ଥିଲା ବେଳେ ମୁଣ୍ଡରୁ ଲୁଗା ଖସିଗଲେ ଗୋଟିଏ କୋଣକୁ ଯାଇ ଇଙ୍ଗିତ ଦେଉଥିଲେ ଓଢ଼ଣା ଦେବା ପାଇଁ ।

ଘରର କୌଣସି କଥାରେ ମୁଣ୍ଡ ପୂରଉ ନଥିଲେ । ତାଙ୍କ ଅନ୍ୟମନସ୍କତାର, ବେହିସାବୀ ପଣର ମଜାମଜା ଉଦାହରଣ ଦିଅନ୍ତି ଭାଉଜ । ଫିଲ୍ମ ଡିଭିଜନ୍ କର୍ପୋରେସନ୍ ତରଫରୁ ‘ମାୟା ମିରିଗ’ ଚଳଚ୍ଚିତ୍ର ପାଇଁ ଆଠ ଲକ୍ଷ ଟଙ୍କାର ଚେକ୍‌ଟିଏ ଆସିଥିଲା । ପୋଷ୍ଟପିଅନ ସେଇ ଚେକ୍ ଥିବା ଲଫାପାକୁ ନେଇ ତାଙ୍କ ଘରକୁ ଯାଉଯାଉ ଷଣ୍ଢଟିଏ ମାଡ଼ିଆସି ସେଇ ଲଫାପାକୁ ଖାଇଦେଲା । ସାଂଘାତିକ ଅବସ୍ଥା । ଚଳଚ୍ଚିତ୍ର ନିର୍ମାଣ ପାଇଁ ଅର୍ଥର ନିତାନ୍ତ ଆବଶ୍ୟକ । ଏଣେ ଚେକ୍‌ଟି ଯେ ନଷ୍ଟ ହୋଇଗଲା ପୋଷ୍ଟପିଅନଟି ଭାଉଜଙ୍କ ଗୋଡ଼ ଧରି କାନ୍ଦିଲା । “ମା ମୋ’ ଚାକିରି ଚାଲିଯିବ । ମୋ ଘର ସଂସାର ଭାସିଯିବ । ମୋତେ ରକ୍ଷା କର ।” କ’ଣ ଲେଖିଲେ କର୍ତ୍ତୃପକ୍ଷ ପୁନର୍ବାର ଚେକ୍‌ଟିଏ ପଠେଇବାର ବ୍ୟବସ୍ଥା କରିବେ ଏବଂ ଗରିବ ଲୋକଟି ଉପରେ ଦଣ୍ଡ ବିଧାନ କରାଯିବ ନାହିଁ- ସେଇ ଚେଷ୍ଟାରେ ଚାଲିଗଲା କିଛିଦିନ ଭାଇଙ୍କର ।

‘ମାୟା ମିରିଗ’ ଚଳଚ୍ଚିତ୍ର ଅଭୂତପୂର୍ବ ସଫଳତା ପାଇଲା । ଆନ୍ତର୍ଜାତିକ ସ୍ୱୀକୃତି ଲାଭ କଲା, ଜର୍ମାନୀର କେନ୍‌ସ୍ ସହରରେ ସେଇ ଚଳଚ୍ଚିତ୍ରକୁ ଦେଖି ଜଣେ କଳାପ୍ରେମୀ ପ୍ରୌଢ଼ା ଅଶ୍ରୁ ସମ୍ବରଣ କରି ପାରି ନଥିଲେ । କହିଥିଲେ- ଯୌଥ ହେଉ କି ଏକକ ହେଉ ପରିବାର ଭାଙ୍ଗିଯିବାର ଦୁଃଖକୁ ସମ୍ଭାଳିବା ସହଜ ନୁହେଁ ।

ଭୁଲ ଚିକିତ୍ସା ଯୋଗୁଁ ନୀରଦ ଭାଇଙ୍କ ମୃତ୍ୟୁ ହଲା ୨୦୧୫ ମସିହାରେ । ମାତ୍ର ୬୮ ବର୍ଷ ବୟସରେ । ଏକ ଦେଦୀପ୍ୟମାନ ପ୍ରତିଭା ଅକାଳରେ ଅନ୍ତର୍ହିତ ହୋଇଗଲା । କେତେ ଯୋଜନା ଥିଲା ସ୍କୁଲ ଶିକ୍ଷୟିତ୍ରୀଙ୍କ ଜୀବନ ଶୈଳୀକୁ ନେଇ ଗୋଟିଏ ସିନେମା କରିଥାନ୍ତେ । ତାଙ୍କର ଶିକ୍ଷୟିତ୍ରୀ ମାଆଙ୍କ ପାଇଁ ତାହା ହୋଇଥାନ୍ତା ଶ୍ରେଷ୍ଠ ଶ୍ରଦ୍ଧାଂଜଳି । ଆଦର୍ଶ ରାଜନେତା ଶୈଳେନ୍ ମହାପାତ୍ରଙ୍କ ବଡ଼ପୁଅ ସାମ୍ବାଦିକ ସମ୍ପଦ ମହାପାତ୍ରଙ୍କ ବଡ଼ଭାଇ ନୀରଦ ନିଜର ଗୋଟିଏ ସ୍ୱତନ୍ତ୍ର ବୃହତ୍ ପରିବାର ସୃଷ୍ଟି କରିଥିଲେ । ସେ ପରିବାର ଥିଲା କଳାର ପରିବାର । ଓଡ଼ିଶାର ଦୁର୍ଭାଗ୍ୟ ତାଙ୍କ ପରି ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ଅକାଳରେ ହରାଇଲା ।

ମୟୂରଭଞ୍ଜର ଛଉ ନୃତ୍ୟ, ଓଡ଼ିଶାର ପଟ୍ଟଚିତ୍ର, ଶାନ୍ତିସ୍ତୂପ ଧଉଳି, କୋଣାର୍କ



ଚଳଚ୍ଚିତ୍ର ନିର୍ଦ୍ଦେଶକ ନୀରୋଦ ମହାପାତ୍ର

ଉପରେ ପ୍ରାମାଣିକ ଚଳଚ୍ଚିତ୍ର, ‘ତମସାତୀରେ’, ‘ସ୍ୱପ୍ନର ସୌଦାଗର’ ଚଳଚ୍ଚିତ୍ର, ‘ଅହଲ୍ୟାର ବାହାଘର’ ଭଳି ଟେଲିଭିଜନ ଚଳଚ୍ଚିତ୍ର ସବୁଥିରେ ତାଙ୍କର ଉଜ୍ଜ୍ୱଳ ପ୍ରତିଭାର ସ୍ୱାକ୍ଷର । ସେ କହିଥାନ୍ତା ଭୂପେନ୍ଦ୍ର ନାରାୟଣଙ୍କ ଜୀବନକୁ ନେଇ ଚଳଚ୍ଚିତ୍ରଟେ କରିବା ପାଇଁ ନୀରଦ ଭାଇଙ୍କୁ ।

ମନେମନେ କଳନା କରେ ବେବି । ବିରୂପା ନଦୀ କୂଳରେ ଠିଆ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରଣାମ କରୁଛନ୍ତି ଭୂପେନ୍ଦ୍ର ।

ଭଣ୍ଡାର ଘରୁ ପ୍ରିୟ ଅସ୍ତ୍ର ବର୍ଚ୍ଛା, ଖଣ୍ଡା, ତଲୱାର କାଢ଼ି ଝଡ଼ା ପୋଛା କରୁଛନ୍ତି ଭୂପେନ୍ଦ୍ର । ଦେବୀଙ୍କ ଆବାହନ ବେଳେ ନୈବେଦ୍ୟ ସହ ଅସ୍ତ୍ରଶସ୍ତ୍ର ସଜାଇ ରଖୁଛନ୍ତି ।

ସଚିବାଳୟରେ ସଚିବଙ୍କୁ ଭେଟି ନିଜର ଅର୍ଜି ଜଣାଇ ଭଗ୍ନ ମନୋରଥ ହୋଇ ଫେରୁଛନ୍ତି କ୍ଲାନ୍ତ, ଶ୍ରାନ୍ତ ଭୂପେନ୍ଦ୍ର । ତାଙ୍କ ଅନୁଗତ ଅନୁଚରକୁ କହୁଛନ୍ତି ଜଳଖିଆ ଦୋକାନକୁ ଯିବା ପାଇଁ । ପକେଟ୍‌ରୁ ପର୍ସ କାଢ଼ି ଦେଖୁଛନ୍ତି ଯାହା ଟଙ୍କା ଅଛି ସେତିକିରେ ଗାଁ ପର୍ଯ୍ୟନ୍ତ ଯିବା ପରେ ଆଉ ବଳକା କିଛି ରହିବ ନାହିଁ ।

ଓଃ ! ଦାରିଦ୍ର୍ୟର ଯନ୍ତ୍ରଣା । କେତେ ଫାଙ୍କରେ ଦେଖାଯାଇ ପାରିଥାନ୍ତା । ଓଡ଼ିଶାର ପଲ୍ଲୀ ଗ୍ରାମର ଅବକ୍ଷୟଗ୍ରସ୍ତ ଗୋଟିଏ ଅଭିଜାତ ପରିବାରର ପ୍ରତିନିଧିଙ୍କ ସଂଘର୍ଷ, ସଂଗ୍ରାମ ଜୀବନ ସହ ।

କାହିଁକି ଏତେ ଶୀଘ୍ର ଚାଲିଗଲେ ନୀରଦ ଭାଇ ! ଓଡ଼ିଆ ସିନେ ଜଗତର ପ୍ରଚଣ୍ଡ ପ୍ରତିଭା ନୀରଦ ମହାପାତ୍ର ।

ସଂଗ୍ରହାଳୟ କରିଡରରେ ପୁଅ /ଝିଅ,ପରିବାରର ସଦସ୍ୟଙ୍କୁ ନେଇ ବୁଲୁଥିବା ବେଳେ ବହୁ ପରିଚିତ ବନ୍ଧୁ ବାନ୍ଧବୀଙ୍କୁ ଅଚାନକ ଭେଟିବାର ସୁଯୋଗ ମିଳେ ।

ସେମାନଙ୍କ ଭିତରେ ଜଣେ ଥିଲେ ସନ୍ଧ୍ୟା ନନ୍ଦାଗିରି । ବହୁତ ବର୍ଷ ତଳେ ବକ୍ସି ଜଗବନ୍ଧୁ ବିଦ୍ୟାଧର କଲେଜରେ ସନ୍ଧ୍ୟା ଥିଲେ ବିଜ୍ଞାନର କୃତୀ ଛାତ୍ରୀ । ବେବି ଥିଲା କଳାର ଛାତ୍ରୀ । ଆଇ.ଏସ୍.ସି.ରେ ସମଗ୍ର ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଥମ ଦଶଜଣଙ୍କ ଭିତରେ ସନ୍ଧ୍ୟା ପୋଜିସନ୍ ରଖିଥିଲେ । କଳାରେ ବେବିର ସ୍ଥାନ ଥିଲା ସପ୍ତମ । ସନ୍ଧ୍ୟା ସାଦାସିଧା ସରଳ ପ୍ରକୃତିର ଥିଲେ । ପଢ଼ାପଢ଼ି ବାହାରେ ଆଉ କେଉଁଥିରେ ତାଙ୍କର ଧ୍ୟାନ ନଥିଲା । ଦୁହିଁଙ୍କ ଭିତରେ ପ୍ରତ୍ୟକ୍ଷ ସଂପର୍କ ନଥିଲା । ଅନ୍ୟମାନଙ୍କ ଠୁ ଶୁଣି ଶୁଣି ନନ୍ଦାଗିରି ବେବି ପ୍ରତି ଶ୍ରଦ୍ଧାଶୀଳା ଥିଲେ । ବହୁବର୍ଷ ପରେ ସଂଗ୍ରହାଳୟ କରିଡରରେ ଭେଟ ହେଲା ବେଳକୁ ଦୁହେଁ ଜୀବନର ଦୁଇଧାରରେ । “ନନ୍ଦାଗିରି । ତମେ ଏବେ କେଉଁଠି ? କେଉଁ ମେଡ଼ିକାଲ କଲେଜରେ ।”

ନନ୍ଦାଗିରି ଚିହ୍ନି ନପାରିବାର ଛଳନା କଲେ ନାହିଁ । ତା’ର ପ୍ରଶ୍ନକୁ ଏଡ଼େଇ ଯାଇ ପାରିଥାନ୍ତେ । ମିଛ କହିଥିଲେ ବି ଜାଣିବାର ଉପାୟ ନଥିଲା ବେବିର । ମାତ୍ର ସେ ନିର୍ବିକାର ଭାବେ ହସିହସି କହିଲେ- “ଜୟନ୍ତୀ, ମୁଁ କେଉଁଠି ପ୍ରଫେସର/ ଫ୍ରଫେସର୍ କିଛି ନାଇଁମ । କଲେଜରେ ଭଲ ପଢୁଥିଲି ସିନା ପରେ ଆଉ ଏତେ ଭଲ ମେଡ଼ିକାଲ ଲାଇନ୍‌ରେ କଲିନି । ଏବେ ବ୍ରହ୍ମପୁରରେ ଅଛି । କ୍ଲିନିକ୍‌ଟେ ଦେଇଛି ।”

ମୋ ସ୍ୱାମୀଙ୍କ ସହ ଭଲ ଚାଲିଛି । କେତେ ସହଜରେ, ଅନାୟାସରେ କହି ଦେଇ ପାରିଲେ ନନ୍ଦାଗିରି । ନିଜର ଅସଫଳତାକୁ ଏମିତି କଣ୍ଠରେ ସହଜ ଭାବରେ ପ୍ରକାଶ କରିବା ଦେଖି ଅବାକ୍ ହୋଇଥିଲା ବେବି । ବୃତ୍ତି ତାଙ୍କୁ ଅର୍ଥ ଦେଇଛି । ସେବା କରିବାର ସୁଯୋଗ ଦେଇଛି । ଚିକିତ୍ସକର ସୁନାମ ଦେଇଛି । ସେତିକିରେ ସେ ସନ୍ତୁଷ୍ଟ । ଯଥୋଚିତ ପ୍ରତିଷ୍ଠା ପାଇ ପାରିଲେ ନାହିଁ ବୋଲି କ୍ଷୋଭ ନାହିଁ । ଅବସୋସ ନାହିଁ । ଏବେ ସେ ବରାବର ଫେସ୍‌ବୁକ୍‌ରେ ଦେଖେ ନନ୍ଦାଗିରିଙ୍କ ସୁନ୍ଦର ବଗିଚାର ଫଟୋ । ନିରବରେ ଉଚ୍ଚାରଣ କରେ: ‘ବଧାଇ ହୋ’ ।

କିଛି ଅପ୍ରାପ୍ତିକୁ ଫୁତ୍‌କାରରେ ଉଡ଼େଇ ସୁନ୍ଦର ଜୀବନଟେ ଜିଇଁ ହେବ । ଦ୍ୱିଧାମୁକ୍ତ ଭାବରେ ହସି ହେବ । ତା'ର ଉଜ୍ଜ୍ୱଳ ଉଦାହରଣ ନନ୍ଦାଗିରି ।

ଥରେ ଦକ୍ଷିଣ ଭାରତର ଜଣେ ପରିଦର୍ଶକ ପଟ୍ଟଚିତ୍ର ଗ୍ୟାଲେରୀରେ ଥିବା ପଞ୍ଚ ମସ୍ତକ ଥିବା ଗଣେଷ ମୂର୍ତ୍ତି ଦେଖି ପଚାରିଥିଲେ- ଏମିତି କାହିଁକି ? ଶିଳ୍ପୀ ତା' ଖିଆଲକୁ ନେଇ ଆଙ୍କିଥାଏ । ସବୁ ଚିତ୍ର ପଛରେ କାରଣ ନଥାଏ । ତେବେ ତାଙ୍କୁ ସନ୍ତୋଷଜନକ ଉତ୍ତରଟେ ଦେବାକୁ ହେବ । ବେବି ସ୍ୱତଃସ୍ଫୂର୍ତ୍ତ କହିଥିଲା- ଏଇ ପଞ୍ଚ ମସ୍ତକ ପ୍ରକୃତିର ପଞ୍ଚ ଉପାଦାନ କ୍ଷିତି, ଅପ୍, ବ୍ୟୋମ, ତେଜ, ମରୁତର ପ୍ରତିନିଧିତ୍ୱ କରୁଛନ୍ତି । ଭଦ୍ରଲୋକ ଆନନ୍ଦିତ ହେଲେ ତା' ଉତ୍ତର ଶୁଣି । ତା' ମଥା ଉପରେ ହାତ ରଖି ଆଶୀର୍ବାଦ କଲେ । ବେବି ସେ ଆଶୀର୍ବାଦର ସ୍ପର୍ଶ ଭୁଲି ନାହିଁ ।


ଇଂଜିନିୟର ପ୍ରକାଶ କୁମାର ନନ୍ଦ ଓ ଲେଖିକା ପ୍ରଜ୍ଞାଶ୍ରୀ ରଥ

ସଂଗ୍ରହାଳୟକୁ ଛାତ୍ରଛାତ୍ରୀଙ୍କୁ ନେଇ ବୁଲିବାକୁ ଆସନ୍ତି ତା'ର ଶିକ୍ଷୟିତ୍ରୀ ବାନ୍ଧବୀମାନେ । ସେମାନଙ୍କ ସହ ସାକ୍ଷାତ ଦୁର୍ଲଭ ପ୍ରାପ୍ତି ଭଳି ଲାଗେ । ଅନୁଗୁଳ ନାଲ୍‌କୋ ହାଇସ୍କୁଲର ବରିଷ୍ଠ ଗଣିତ ଶିକ୍ଷୟିତ୍ରୀ ମିନତୀ ପାଢ଼ୀ ।

ଡାକ ନାଁ ମୀନା । ପିଲାଦିନେ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ପଢ଼ିଲାବେଳେ ଏକାଠି କେତେ କ୍ୟାରମ୍ ଖେଳ, କେତେ ପିଜୁଳି ଖିଆ, କେତେ ଗପ... ଶୀତଦିନେ ଆଉ କିଛି ହେଉ ନହେଉ, ଭାତ, ଡାଲି, ଟମାଟୋ ଖଟା, କୋବି ତରକାରୀର ଭୋଜି । ମୀନାର ମସ୍ତିଷ୍କ କମ୍ପ୍ୟୁଟର । ଶହ ଶହ ପିଲାଙ୍କୁ ସାଙ୍ଗରେ ନେଇ ଆସିଥାଏ । ତା' ସାଙ୍ଗେ କଥା ଗପିଲା ବେଳେ ବି ଛାତ୍ରଛାତ୍ରୀଙ୍କ ଗତିବିଧି ପ୍ରତି ଧ୍ୟାନ ରଖିଥାଏ । ବେବିର ଇଚ୍ଛା ହୁଏ ମୀନାର ହାତରେ ହାତ ଛନ୍ଦି ଚାଲି ଯାଆନ୍ତା ଦୂର ଅତୀତକୁ- ଆମ୍ବ ତୋଟାକୁ, କୋଇଲିର କୁହୁତାନ ଭିତରକୁ । ମୀନା ହସେଇ ହସେଇ ବେଦମ୍ କରିଦିଏ । ତା'ପରେ ପୁଣି କର୍ତ୍ତବ୍ୟ ସଚେତନ ହୋଇ ସାଙ୍ଗରେ ଆଣିଥିବା ଛାତ୍ରଛାତ୍ରୀଙ୍କୁ ଧରି ବାହାରିପଡ଼େ ।

ଅବସର ପରେ ମୀନା ଏବେ ଢେଙ୍କାନାଳରେ ରହେ ତାର ସାନଝିଅକୁ ନେଇ । ତା' ସ୍ୱାମୀ ରାଜନୀତି ପ୍ରାଧ୍ୟାପକ ଥିଲେ । ହୃଦ୍‌ଘାତରେ ଚାଲିଗଲେ ଅକାଳରେ । ବହୁତ କିଛି ଯୋଜନା ଥିଲା । ସବୁ ଅଧା ରହିଗଲା । ତେବେ ମୀନା ଭାଙ୍ଗି ପଡ଼ିନାହିଁ । ହାରି ଯାଇନାହିଁ । ଆଦର୍ଶ ଶିକ୍ଷକଙ୍କ କନ୍ୟା, ଆଦର୍ଶ ଅଧ୍ୟାପକଙ୍କ ପତ୍ନୀ, ନିଜେ ଆଦର୍ଶ ଶିକ୍ଷୟିତ୍ରୀ ମୀନା ନିଜକୁ ଆଦର୍ଶ ଜନନୀ ପ୍ରମାଣିତ କରିଚି । ବେବି ତାକୁ ନିରବରେ ସଲାମ୍ ଜଣାଏ ।

ଖୋର୍ଧା ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲେ ମୂରଲୀଧର ପ୍ରଧାନ । ତାଙ୍କ ଝିଅଟିକୁ ତାର ଅତି ପ୍ରିୟ ବାଲ୍ୟବାନ୍ଧବୀ । ସଂଗହାଳୟରେ ପାଇକ ବିଦ୍ରୋହ ଗ୍ୟାଲେରୀ ନିର୍ମାଣ କଲାବେଳେ ଖୋଜାଯିବା ଅବସରରେ ସେ ଭେଟିଥିଲା ମୂରଲୀ ସାର୍‌ଙ୍କୁ । ତା'ର ବାନ୍ଧବୀ ଚିନୁକୁ । ସଂଗ୍ରହାଳୟରେ ପାଇକ ବିଦ୍ରୋହର ସ୍ମାରକୀ ଭାବେ ଏକ ଗ୍ୟାଲେରୀ ନିର୍ମାଣ ହେବାକୁ ଯାଉଚି ଶୁଣି ସେ ଆନନ୍ଦରେ ଆତ୍ମହରା ହୋଇ ଉଠିଥିଲେ । ନବେ ବର୍ଷରୁ ଉର୍ଦ୍ଧ୍ୱ ବୟସରେ ବି ତାଙ୍କ ସ୍ମୃତି ସତେଜ ଥିଲା । ପାଇକ ବିଦ୍ରୋହ ଉପରେ ସେ ଜାଣିଥିବା ସମସ୍ତ ତଥ୍ୟ ଅତି ଆଗ୍ରହର ସହ ବଖାଣିଥିଲେ । ସେ ଲେଖିଥିବା ଖଣ୍ଡିଏ ବହି ତାକୁ ଉପହାର ଦେଇଥିଲେ । ଯାହା ପାଇକ ବିଦୋହ ଉପରେ ପ୍ରାଥମିକ ତଥ୍ୟ ଜାଣିବାରେ ସହାୟକ ହୋଇଥିଲା ।

ବାଲ୍ୟସଂସ୍କୃତିର ପଲ୍ଲବିତ, ପୁଷ୍ପାୟିତ ରୂପକୁ ସେ ମର୍ମେମର୍ମେ ଅନୁଭବ କରିଥିଲା ସଂଗ୍ରହାଳୟ ପରିସର ଭିତରେ । ଢେଙ୍କାନାଳ ବ୍ରଜନାଥ ବଡ଼ଜେନାରେ ତା'ର ସହପାଠୀ ଥିଲେ ପ୍ରକାଶ । ଇଞ୍ଜିନିୟର ଇନ୍ ଚିଫ୍ (ସିଭିଲ୍) ହୋଇ ଭୁବନେଶ୍ୱରରେ ଅବସ୍ଥାପିତ ହେଲାପରେ ପତ୍ନୀ ପ୍ରଜ୍ଞାଶ୍ରୀଙ୍କୁ ନେଇ ଆସି ପହଞ୍ଚିଥିଲେ ତା' ପାଖରେ । ପ୍ରଜ୍ଞାଶ୍ରୀ ଉଦୀୟମାନ କବି, ଗାଳ୍ପିକା, ଔପନ୍ୟାସିକା, ପ୍ରକାଶ ମିତଭାଷୀ । ତାଳଚେରର ସମଲ ବ୍ୟାରେଜ୍, ବାଲେଶ୍ୱରର ତାଳସାରି, ଦୀଘା ସମୁଦ୍ର ଉପରେ ବନ୍ଧ ବାନ୍ଧିବା ଯୋଜନାରେ ବ୍ୟସ୍ତ ରହୁଥିଲେ ।

ପ୍ରଜ୍ଞାଶ୍ରୀର ସାହିତ୍ୟିକ ଅଭିରୁଚି ପ୍ରତି ସଚେତନ ପ୍ରକାଶ, ନିଜେ ସମୟ ଦେଇ ପାରୁନଥିଲେ । ମାତ୍ର ପ୍ରଜ୍ଞା କେମିତି ସାରସ୍ୱତ ସଭା ସମିତିରେ ଯୋଗ ଦେବ, ସେଥିନିମନ୍ତେ ସବୁ ବ୍ୟବସ୍ଥା କରୁଥିଲେ । କାଦମ୍ବିନୀ ଉତ୍ସବ । କଥା ସ୍ୱନକ୍ଷତ୍ର ଉତ୍ସବ, ଏମିତି ଆହୁରି କେତେ ଉତ୍ସବକୁ ବେବି ଓ ବନଜଦେବୀଙ୍କ ସହ ପ୍ରଜ୍ଞା ବି ଗଲା ମିଶିକରି । ଛୋଟ ଭଉଣୀଟିଏ ନ ଥିବାର ଅଭାବ ଥିଲା ବେବିର ମନ ତଳେ । ପ୍ରକାଶ ନିଜ ଅଲକ୍ଷ୍ୟରେ ତା'ର ସେଇ ଅଭାବ ପୂରଣ କରିଥିଲେ । ଶୁଦ୍ଧଚେତା ମଣିଷମାନେ ଗୋଟିଏ ଭଲ କାମ କଲେ ବହୁ ଦିଗରେ ତା'ର ପ୍ରଭାବ ପ୍ରତିଫଳିତ ହୁଏ । ରେଖା, ବିନ୍ଦୁ, ମାନଚିତ୍ର, ଗ୍ରାଫ୍ ଆଙ୍କୁଥିବା ମଣିଷଟି ବାଟ ଛାଡ଼ି ଦେଉଥିଲା କବିପତ୍ନୀଙ୍କୁ । ସଂଗ୍ରହାଳୟର ପ୍ରାଚୀନ କୀର୍ତ୍ତିରାଜି ଭିତରେ, ଡାଲିଆ ଜିନିଆ ଓ ଜାତିଜାତିର ଫୁଲର ମେଳ ଭିତରେ ହଜିଯିବାକୁ । ସଭା ସମିତିରେ ପରିଚିତ ବାନ୍ଧବୀ/ବନ୍ଧୁମାନଙ୍କ ସହ ମୁକ୍ତ ପ୍ରାଣରେ ଆଳାପ କରିବାକୁ । ପ୍ରଜ୍ଞାର ଖୁସି ଝଲମଲ ମୁହଁ, ଗେହ୍ଲା କଥାରେ ତରଙ୍ଗାୟିତ ହୋଇ ଉଠୁଥିଲା ବେବିର ମନ । ତା' ଭିତରେ ଜାଗି ଉଠୁଥିଲା ସୁପ୍ତ ତାରୁଣ୍ୟ । ସର୍ଜନଶୀଳ ସ୍ରଷ୍ଟାମାନଙ୍କର ବୟସ ବଢ଼େ ନାହିଁ । ସେମାନେ ଚିର ତରୁଣ ଏଇ ବିଶ୍ୱାସ ଜଗେଇ ଦେଇଥିଲା । ପ୍ରଜ୍ଞା ତା' ମନରେ । ଅବଲୀଳାକ୍ରମେ ପ୍ରକାଶ ଓ ପ୍ରଜ୍ଞା ତା' ଜୀବନରେ ଦୁଇଟି ମଧୁର ଉଚ୍ଚାରଣ ପାଲଟିଗଲେ ।

ବେବି ବେଳେବେଳେ ଭାବେ ବୈଷୟିକ, ପ୍ରଶାସନିକ ଅଧିକାରୀମାନେ ଯଦି ସେମାନଙ୍କ ସହଯାତ୍ରିଣୀ ଅର୍ଦ୍ଧାଙ୍ଗିନୀମାନଙ୍କର ସୁକୁମାର ଅଭିରୁଚିକୁ ପରିମାର୍ଜିତ ହେବାର ସୁଯୋଗ ଦିଅନ୍ତେ ତାହେଲେ ଆହୁରି କେତେ ସୁନ୍ଦର ହୋଇ ଯାଆନ୍ତା ଏ ପୃଥିବୀ । ନିଜ ଲିଖିତ କବିତା ସେ ଉଚ୍ଚାରଣ କରେ ମନକୁ ମନ: "ଚେନାଏ ସ୍ମିତହସର ସଙ୍ଗମରେ / ଏତେ ଶୁଭ୍ର ହୋଇଯାଏ ସମୟ ଯେ / ନକହି ରହି ହୁଏନା / ଏ ପୃଥିବୀ ସୁନ୍ଦର / ଏ ଜୀବନ ମଧୁର ।"

ତା'ର ନିମନ୍ତ୍ରଣ ରକ୍ଷା କରି ସଂଗ୍ରହାଳୟର ପୁସ୍ତକ କ୍ରୟ କମିଟିକୁ ଆସୁଥିଲେ ମିନତି, ମଂଜୁ, ଶ୍ରୀକାନ୍ତ, ପ୍ରଫୁଲ୍ଲ । ଏମାନେ ସମସ୍ତେ ଇତିହାସରେ ଅଧ୍ୟାପନା କରୁଥିଲେ । ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଉପରେ ଇଂରାଜୀରେ ବହିଟିଏ ଲେଖିଲାବେଳେ ବେବିକୁ ପ୍ରଫୁଲ୍ଲ ବହୁ ଉପାଦେୟ ତଥ୍ୟ ଯୋଗାଇ ଦେଇଥିଲେ । ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପନା କରି ପ୍ରଫୁଲ୍ଲ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟକ୍ଷ ପଦରୁ ଅବସର ନେଲେ । ସହପାଠୀ ଭାବରେ ପ୍ରଫୁଲ୍ଲଙ୍କ ଠାରୁ ସେ ସବୁବେଳେ ଆନ୍ତରିକ ସହଯୋଗ ପାଇଛି । ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଇତିହାସ ବିଭାଗର ଆଲୋଚନାଚକ୍ରରେ ବକ୍ତା ଭାବେ ସେ ଯୋଗ ଦେଇଛି ପ୍ରଫୁଲ୍ଲଙ୍କ ନିମନ୍ତ୍ରଣରେ । ଛାତ୍ରଛାତ୍ରୀଙ୍କୁ ପ୍ରାଚୀନ ଭାରତର ମୁଦ୍ରା ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରି ସନ୍ତୋଷ ପାଇଛି । State Formation on ancient Odisha... ଉପରେ ଏକ ଉପାଦେୟ ଗ୍ରନ୍ଥ ରଚନା କରିଛନ୍ତି ପ୍ରଫୁଲ୍ଲ । ଓଡ଼ିଶା ଇତିହାସ କଂଗ୍ରେସ ଅଧିବେଶନରେ ସବୁବେଳେ ସକ୍ରିୟ ଅଂଶ ଗ୍ରହଣ କରନ୍ତି ସେ । ଉତ୍କଳ ବିଶ୍ୱବିଦ୍ୟାଳୟରେ ଇତିହାସ ବିଭାଗରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ପ୍ରଫୁଲ୍ଲ । ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି । ସବୁବେଳେ ବିନୟୀ, ସବୁବେଳେ ତତ୍ତ୍ୱାନ୍ୱେଷୀ ।

# ହସଖୁସିର ପରିବାର - ୪୧

ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୋତେ ୬୨ ବର୍ଷ ବୟସ । ମୁଁ ସରକାରୀ ଚାକିରିରୁ ଅବସର ନେଇଛି । ମୋର ଦୁଇପୁଅ ଓ ଗୋଟିଏ ଝିଅ । ଦୁଇପୁଅ ବିବାହିତ । ବଡପୁଅ ତାର ପରିବାର ନେଇ ଆମେରିକାରେ ରହୁଛି । ସାନପୁଅ ଭଲପାଠ ପଢି ସରକାରୀ ଚାକିରି କରୁଛି । ତେଣୁ ତାର ବିଭିନ୍ନ ସ୍ଥାନକୁ ବଦଳି ଚାକିରିରେ ସେ କେବେହେଲେ ଆମ ପାଖରେ ରହିପାରେ ନାହିଁ । ତାର ଯେଉଁଆଡେ ବଦଳି ହୁଏ ସେ ତାର ସ୍ତ୍ରୀ ଓ ପିଲାମାନଙ୍କୁ ନେଇ ସେଠାକୁ ଚାଲିଯାଏ । ସେ କେବେହେଲେ ଆମମାନଙ୍କୁ ତା ପାଖକୁ ଡାକେନାହିଁ କି ଆମେ ଗଲେ ମଧ୍ଧ ତାର ସ୍ତ୍ରୀ ସେସବୁକୁ ପସନ୍ଦ କରେ ନାହିଁ । ଘରେ ଆମେ କେବଳ ତିନିପ୍ରାଣୀ । ମୁଁ ମୋର ପତ୍ନୀ, ଓ ଝିଅ । ଝିଅ ବହୁତ ସାନ । ପାଠପଢା ସାରି ଏକ ବେସରକାରୀ ସଂସ୍ଥାରେ ଚାକିରି କରୁଥିଲା । କିନ୍ତୁ କିଛି ଦିନ ପରେ ସେଇଟା ଛାଡି ଏବେ ଘରେ ବସି ରହୁଛି । ବିବାହ କରିବା ପାଇଁ ମଧ୍ଧ ମନାକରୁଛି । କିନ୍ତୁ ଦୁଃଖର ବିଷୟ ଯେ ମୋର ପୁଅମାନେ ଏ ବିଷୟରେ କିଛି ବୁଝୁ ନ ଥିବାରୁ ମୁଁ ବହୁତ ବ୍ୟସ୍ତହେଇ ଅଶାନ୍ତିରେ ଦିନ କାଟୁଛି । ପତ୍ନୀ ସବୁବେଳେ ମୋର ଦୋଷ ଦେଉଛି ଯେ ତୁମର ଅତିଶୟ ଗେହ୍ଲା ପାଇଁ ଆଜି ଝିଅର ଏହି ଅବସ୍ଥା । ପତ୍ନୀ ଏଠାରୁ ଚାଲିଯାଇ ପୁଅମାନଙ୍କ ପାଖରେ ରହିବାକୁ ଚାହୁଁଛି । କିନ୍ତୁ ମୁଁ ଭାବିପାରୁନି ଝିଅକୁ ନେଇ ସେଠାକୁ ଗଲେ ଆମର ଭବିଷ୍ୟତ କଣ ହେବ । ଏହିପରି ଅନେକଗୁଡିଏ କଥାକୁ ନେଇ ମୁଁ ବହୁତ ମାନସିକ ଅଶାନ୍ତିରେ ରହୁଛି । ପୁଅମାନେ କେହିହେଲେ ଏ ବିଷୟରେ କିଛି ଭାବୁନାହାନ୍ତି । ଝିଅକୁ ଯେତେ ବୁଝାଇଲେ ବି ସେ ବୁଝୁନାହିଁ ।

▼ଶଶ୍ମିତା ନାୟକଙ୍କ ହସଖୁସିର ପରିବାର



ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ସେ କଣ କରିବାକୁ ଚାହୁଁଛି ତାହା ମଧ୍ୟ ମନଖୋଲି କହୁନାହିଁ । ଦୟାକରି ଏହାର ସମାଧାନର ବାଟ ବତାନ୍ତୁ ।

**◣ନିର୍ମଳ ଚନ୍ଦ୍ର ସାହୁ, କଟକ**

**ସମାଧାନର ସୂତ୍ର**

ଆପଣଙ୍କର ପରିବାରରେ ଏବେ ଯାହା କିଛି ଘଟୁଛି ବୋଲି ଲେଖିଛନ୍ତି ସେଥିରେ ଆଦୌ ବିଚଳିତ ହୁଅନ୍ତୁନାହିଁ । କାରଣ ଏଭଳି ଘଟଣା ଅଧିକାଂଶ ପରିବାରରେ ଦେଖାଯାଉଛି । ଏଣୁ ଚିନ୍ତାଗ୍ରସ୍ତ ନ ହେଇ ଥଣ୍ଡାମୁଣ୍ଡରେଏହାର ସମାଧାନର ବାଟ ବାହାର କରିବାକୁ ହେବ । ଆମେ ଯେପରି ଚାହିଁବା ସେପରି ଯେ ସବୁ କଥାର ସମାଧାନ ହେଇଯିବ ତାହା ଭାବିବା ଉଚିତନୁହେଁ । ପାରିବାରିକ ସମସ୍ୟା ସବୁବେଳେ ଲାଗିରହିବ । ଏଣୁ କୌଣସି ପରିସ୍ଥିତିରେ ବି ଆମେ ମାନସିକ ସ୍ତରରେ ଭାଙ୍ଗି ପଡିବା ଉଚିତ ନୁହେଁ । ଦେଖିବାକୁ ଗଲେ ଆପଣଙ୍କ ପାଖରେ ବର୍ତ୍ତମାନ ଚିନ୍ତାର ବିଷୟ ହେଉଛି ଝିଅର ବାହାଘର । ବାପାମାଆ ହିସାବରେ ତାହା ଆପଣଙ୍କର ଦାୟିତ୍ୱ ବୋଲି କହିଲେ ଠିକ୍ ହେବ । କିନ୍ତୁ ଆପଣଙ୍କ ଝିଅ ଯଦି ବାହା ହେବା ପାଇଁ ଚାହୁଁନି ତେବେ ଆପଣଙ୍କୁ ହିଁ ତାହାର ପ୍ରକୃତ କାରଣ ଖୋଜି ବାହାର କରିବାକୁହେବ । ଏଣୁ ଝିଅ ସହିତ କୌଣସି ଯୁକ୍ତି ନ କରି ମନଖୋଲି କଥାହେଲେ ହୁଏତ ଆପଣ ଜାଣିପାରିବେ । ଆପଣ ଚାକିରିରୁ ଅବସର ନେଇଛନ୍ତି । ପେନସନ ପାଉଥିବାରୁ ଘରେ ଚଳିବାରେ କିଛି ଅସୁବିଧା ହେଉ ନ ଥିବ । ଏଣୁ ଶାନ୍ତିମନରେ ଝିଅ ସହିତ ହସିଖୁସିରେ ଚଳିବାକୁ ଚେଷ୍ଟା କରନ୍ତୁ । ସିଏ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି ବୋଲି କାହା ଆଗରେ କହିବେ ନାହିଁ । ଦୁଇପୁଅଙ୍କୁ ଏ ବିଷୟରେ ଦୋଷ ଦେବାର ଆବଶ୍ୟକତା ନାହିଁ । ଆପଣଙ୍କର ବନ୍ଧୁବାନ୍ଧବରେ ଯାହା ସହିତ ଝିଅର ଭଲ ସଂପର୍କ ଥିବ ତାଙ୍କ ମାଧ୍ୟମରେ ଝିଅର ମନକଥା ଜାଣିବାକୁ ଚେଷ୍ଟା କରନ୍ତୁ । ମୋର ବିଶ୍ୱାସ ବାପାମାଆ ହିସାବରେ ଝିଅ ସହିତ ହସିଖୁସିରେ ମନଖୋଲା କଥା ହେଲେ ପ୍ରକୃତ କାରଣ ଜଣାପଡିବ । ଏ ସବୁ ପରିସ୍ଥିତି ପାଇଁ ଆପଣଙ୍କ ସ୍ତ୍ରୀ ଆପଣଙ୍କୁ ଦୋଷାରୋପ କରୁଥିଲେ ବି ଆପଣ ବିରକ୍ତ ହୁଅନ୍ତୁ ନାହିଁ । କମ୍ୱା ତାଙ୍କ ସହିତ ଯୁକ୍ତିତର୍କ କରନ୍ତୁ ନାହିଁ । ଘରର ମୁରବି ହିସାବରେ ଆପଣଙ୍କୁ ବହୁତ କିଛି ସହିବାକୁ ପଡିବ । ମାତ୍ର ତିନିଜଣଙ୍କୁ ନେଇ ଆପଣଙ୍କର ଛୋଟ ପରିବାର । ଏଣୁ ସୁଖଶାନ୍ତିରେ ରହିବାକୁ ଚେଷ୍ଟା କଲେ ସମାଧାନର ବାଟ ଆପେ ଆପେ ବାହାରିଯିବ । ପୁଅମାନଙ୍କର ମାନସିକତା ଜାଣିସାରିବା ପରେ ଆପଣ ସେମାନଙ୍କ ପାଖରୁ ଅଧିକ କିଛି ଆଶା କରିବା ଉଚିତ ନୁହେଁ । ମନରେ ଧୈର୍ଯ୍ୟ ରଖିବା ସହିତ ପ୍ରଭୁଙ୍କ ଉପରେ ବିଶ୍ୱାସ ରଖନ୍ତୁ । ଆମର କର୍ମ ଆମ ହାତରେ ଅଛି କିନ୍ତୁ ଫଳ ନୁହେଁ । ଏଣୁ ସକାରାତ୍ମକ ମନୋଭାବ ରଖି କର୍ମ କରିଚାଲନ୍ତୁ । ନିଶ୍ଚିତ ଭାବରେ ସମାଧାନର ବାଟ ବାହାରିବ । ଆମେ ଯେମିତି ଚାହୁଁଛୁ ଠିକ ସେହିପରି ନ ହେଲେ ବି ଯାହା ହେବ ତାହାକୁ ଖୁସି ମନରେ ଗ୍ରହଣ କରିଲେ ହିଁ ଆମେ ଶାନ୍ତିରେ ରହିପାରିବା ।

**ସମସ୍ୟା: ୨**

ଆମେ ତିନିଭାଇ । ସପରିବାରେ ଭୁବନେଶ୍ୱରରେ ଏକାଠି ରହୁଛୁ । ମାଆ ବହୁବର୍ଷ ତଳୁ ଆମକୁ ଛାଡି ଚାଲି ଯାଇଥିଲେ । ବାପା ଆମକୁ ମଣିଷ କରିଥିଲେ । ଏବେ ବାପା ମଧ୍ୟ ପ୍ରାୟ ଦେଢ ବର୍ଷ ହେବ ସଂସାର ଛାଡି ଚାଲି ଗଲେଣି । ମୁଁ ଘରେ ସବୁଠାରୁ ସାନପୁଅ । ଘରେ ତିନିଭାଇ ଏକାଠି ରହିଲେ ବି ମଝିଆ ଭାଇର ଆମ ସହିତ ପଡୁନାହିଁ । ସେ ତାର ସ୍ତ୍ରୀ କଥାରେ ପରିଚାଳିତ । ସେ ଗୋଟିଏ ପ୍ରାଇଭେଟ୍ ଚାକିରି କରୁଛି । କିନ୍ତୁ ତାର ସ୍ତ୍ରୀ ସରକାରୀ ସ୍କୁଲ୍‌ରେ ଚାକିରି କରୁଛି । ସେମାନେ ଘରେ ରହି ମଧ୍ୟ ସବୁବେଳେ ତାଙ୍କର ବ୍ୟବହାର ହୋଟେଲ୍‌ରେ ରହିବା ପରି । ସେ କେତେବେଳେ କୁଆଡେ ଯାଆନ୍ତି କାହାକୁ କୁହନ୍ତି ନାହିଁ । ବଡଭାଇ ଓ ଭାଉଜ ଦୁଇଜଣଙ୍କର ବେସରକାରୀ ସଂସ୍ଥାରେ ଚାକିରି । ସେତେ ଭଲ ରୋଜଗାର ନୁହେଁ । ମୁଁ ସରକାରୀ ଚାକିରି କରିଛି । ତେଣୁ ପ୍ରାୟତଃ ମୋର ରୋଜଗାରରେ ହିଁ ଘର ଚଳୁଛି । ଅନ୍ୟମାନେ ଇଚ୍ଛାନୁସାରେ ଅଳ୍ପ କିଛି ଯୋଗଦାନ କରନ୍ତି । କେବେ କେବେ କିଛି କରନ୍ତି

▼ହରିହର ଶୁକ୍ଳଙ୍କ ହସଖୁସିର ପରିବାର



ନାହିଁ । ତେଣୁ ଏ ସବୁକୁ ନେଇ ମୋର ସ୍ତ୍ରୀ ସବୁବେଳେ ଅଶାନ୍ତି । ସେ କହୁଛି ସମସ୍ତଙ୍କଠାରୁ ଅଲଗା ହେଇ ରହିବାକୁ । ଆମର ଗୋଟିଏ ପୁଅ ଓ ଗୋଟିଏ ଝିଅ । ସମସ୍ତେ ମିଶି ରହିଛୁ ବୋଲି ପିଲାମାନେ ଭଲ ସଂସ୍କାର ଶିଖୁଛନ୍ତି ବୋଲି ମୋର ବିଶ୍ୱାସ । କିନ୍ତୁ ସ୍ତ୍ରୀ ଏଥିରେ ଏକମତ ନୁହେଁ । ପ୍ରାୟ ସବୁବେଳେ ସେ ଏ ସବୁକୁ ନେଇ ମୋ ସହିତ ଝଗଡା କରିବା ସହିତ ଅନେକ ସମୟରେ ତାଙ୍କ ବାପାଙ୍କ ଘରକୁ ପଳାଇବ ବୋଲି ଧମକ ଦେଉଛି । ଏହା ପିଲାଙ୍କ ଉପରେ ଖରାପ ପ୍ରଭାବ ପକାଇବ ବୋଲି ମତେ ଲାଗୁଛି । କିନ୍ତୁ ଏହାର ସମାଧାନର ବାଟ ମୁଁ ଖୋଜି ପାଉନି । ମୁଁ ଚାହେଁ ଏପରି ଅଲଗା ନ ରହି ସମସ୍ତେ ଏକାଠି ରୁହନ୍ତୁ । ଫଳରେ ପିଲାମାନେ ଭବିଷ୍ୟତରେ ଭଲ ମଣିଷ ହେଇପାରିବେ । ଦୟାକରି ରାସ୍ତା ବତାନ୍ତୁ ।

**ପ୍ରବୀର ସେନାପତି, ଖୋର୍ଦ୍ଧା**

### ସମାଧାନର ସୂତ୍ର

ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣାପଡୁଛି ଯେ ଆପଣଙ୍କ ସ୍ତ୍ରୀ ହିଁ ଆପଣଙ୍କ ପାଇଁ ସବୁ ସମସ୍ୟା ସୃଷ୍ଟି କରୁଛନ୍ତି । ମଝିଆ ଭାଇ ତାଙ୍କ ସ୍ତ୍ରୀ କଥାରେ ପରିଚାଳିତ ହେଇ ଯେଉଳି ବ୍ୟବହାର କରୁଛନ୍ତି ତାହା ପରିବାରରେ ଅଶାନ୍ତି ସୃଷ୍ଟି କରୁଛି । ଏହାର ପ୍ରଭାବ ଆପଣଙ୍କ ସ୍ତ୍ରୀ ଉପରେ ପଡିବା ସ୍ୱାଭାବିକ । କିନ୍ତୁ ଏଥିରେ ଆଦୌ ବିଚଳିତ ହୁଅନ୍ତୁ ନାହିଁ କିମ୍ବା ସ୍ତ୍ରୀଙ୍କ ସହିତ କୌଣସି ପରିସ୍ଥିତିରେ ବି ଯୁକ୍ତିତର୍କ କରି ଅଶାନ୍ତ ପରିବେଶ ସୃଷ୍ଟି କରନ୍ତୁ ନାହିଁ । ଆପଣ ସରକାରୀ ଚାକିର କରିଛନ୍ତି । ଆପଣଙ୍କ ରୋଜଗାରରେ ଏତେବଡ ପରିବାର ଭଲରେ ଚାଲିଛି । ଘର ପ୍ରତି ଆପଣଙ୍କର ଅବଦାନର ତୁଳନା ନାହିଁ । ଆପଣଙ୍କର ସକାରାତ୍ମକ ଭାବନା ଓ ଭାଇମାନଙ୍କ ପ୍ରତି ଭଲପାଇବା ଯୋଗୁଁ ଏହା ସମ୍ଭବ ହେଇପାରିଛି । ଆପଣ ମଝିଆ ଭାଇଙ୍କ ପରି ସ୍ତ୍ରୀଙ୍କ କଥାରେ ପରିଚାଳିତ ହେବା ଆଦୌ ଠିକ ହେବନାହିଁ । ଆପଣ ଭଲମନରେ ସ୍ତ୍ରୀଙ୍କ ସହିତ ମନଖୋଲି କଥା ହୁଅନ୍ତୁ । ତାଙ୍କର ଅବଦାନ ଯୋଗୁଁ ଆଜି ଆପଣଙ୍କର ପରିବାର ମିଳିମିଶି ରହିପାରିଛନ୍ତି ବୋଲି ତାଙ୍କୁ କୃତଜ୍ଞତା ଜଣାନ୍ତୁ ଓ ତାଙ୍କର ପ୍ରଶଂସା କରନ୍ତୁ । ସେ ବାପଘରକୁ ଚାଲିଯିବା ପାଇଁ ଯେତେ ଧମକ ଦେଲେ ବି ଆପଣ ବିରକ୍ତିଭାବ ପ୍ରକାଶ କରନ୍ତୁ ନାହିଁ । ଆପଣ ତାଙ୍କ ଅଭିମାନକୁ ବୁଝିବାକୁ ଚେଷ୍ଟା କରନ୍ତୁ । ଜୀବନସାଥି ହିସାବରେ ତାଙ୍କୁ ଯଥେଷ୍ଟ ସମ୍ମାନ ଦିଅନ୍ତୁ । ଦୁଇଭାଇଙ୍କ ସହିତ ମିଳିମିଶି ଚଳିବାର ଗୁରୁଦାୟିତ୍ୱ ଆପଣଙ୍କ ଉପରେ । ଘର ଭାଙ୍ଗିବାକୁ ଚାହିଁଲେ ବେଶି ସମୟ ଲାଗିବନି । ଏଣୁ ଆପଣ ମନଦୃଢ କରି ଏହାର ସମାଧାନ ପାଇଁ ସମସ୍ତଙ୍କ ସହିତ ସମନ୍ୱୟ ରକ୍ଷା କରନ୍ତୁ । ଏଥିପାଇଁ ବିଶେଷକରି ଆପଣଙ୍କ ସ୍ତ୍ରୀଙ୍କର ସହଯୋଗ ନିହାତି ଦରକାର । ଏଣୁ ଏପରି ପରିବେଶ ସୃଷ୍ଟି କରନ୍ତୁ ଯେପରି ଆପଣଙ୍କ ସ୍ତ୍ରୀ ଆପଣଙ୍କୁ ସବୁ ପ୍ରକାରର ସହଯୋଗ କରିବେ । ମଝିଆଭାଇ ଓ ତାଙ୍କ ସ୍ତ୍ରୀଙ୍କ ବ୍ୟବହାରରେ ବିଚଳିତ ହୁଅନ୍ତୁ ନାହିଁ । କିମ୍ବା ତାଙ୍କ ବିଷୟରେ ଅନ୍ୟ କାହାକୁ କିଛି କୁହନ୍ତୁ ନାହିଁ । ଆପଣଙ୍କ ଘରକଥା ଘରେ ହିଁ ରହିବା ଦରକାର । ମଝିରେ ମଝିରେ ଆପଣ ତିନିଭାଇ ଏକାଠି ବସି ଘର ବିଷୟରେ ଆଲୋଚନା କରନ୍ତୁ । ସାନଭାଇ ହିସାବରେ ବଡଭାଇ ଦୁଇଜଣଙ୍କୁ ଭକ୍ତି ଓ ସମ୍ମାନ ଦେବାରେ କେବେ ବି ଅବହେଳା କରିବେ ନାହିଁ । କାହାର ଭୁଲ୍ ବାହାର କରିବା ଠିକ ହେବ ନାହିଁ । ଘରର ସୁଖଶାନ୍ତି ଆପଣ ଓ ଆପଣଙ୍କ ସ୍ତ୍ରୀଙ୍କ ଉପରେ ନିର୍ଭର କରେ । ଏଣୁ ସ୍ତ୍ରୀଙ୍କ ମନ ପରିବର୍ତ୍ତନ ପାଇଁ ଆପଣଙ୍କୁ ହିଁ ଚେଷ୍ଟା କରିବାକୁ ପଡିବ । ବିଭିନ୍ନ ପ୍ରକାର ଅସୁବିଧା ସତ୍ତ୍ୱେ ମଧ୍ୟ ଆପଣଙ୍କର ଉଦ୍ୟମ ଚାଲୁ ରହିବା ଦରକାର । କୌଣସି ପରିସ୍ଥିତରେ ଆପଣଙ୍କ ମନରେ ନକାରାତ୍ମକ ମନୋଭାବ ଆଣିବେ ନାହିଁ । ଧୀରେ ଧୀରେ ସବୁ ଠିକ୍ ହେଇଯିବ ।

ମଧୁସ୍ମିତା ମହାନ୍ତିଙ୍କ ହସଖୁସିର ପରିବାର



# ତ୍ୱଚା ଓ ଚର୍ମରେ କଳାଦାଗ ସମସ୍ୟା ପାଇଁ ବ୍ୟଥିତ କି

**ଡକ୍ଟର ପ୍ରୀତିପଦ୍ମା ପଣ୍ଡା**
ବରିଷ୍ଠ ପ୍ରସାଧନ ଗବେଷଣା ବିଶେଷଜ୍ଞା,
ଆସ୍ଥେଟିକ୍ ଇନ୍‌ସାଇଟ୍, ହାଇଦ୍ରାବାଦ
ଫୋନ:୯୪୩୯୮୯୪୧୧୫

**ଉଜ୍ଜ୍ୱଳ, କମନୀୟ ଓ କାନ୍ତିଯୁକ୍ତ ତ୍ୱଚା ଓ ଚର୍ମର ଅଧିକାରୀ ହେବାକୁ କିଏ ବା ନଚାହେଁ! ଯୁଗେ ଯୁଗେ ଉଜ୍ଜ୍ୱଳ ଓ ଆଭା ଯୁକ୍ତ ତ୍ୱଚାକୁ ସୌନ୍ଦର୍ଯ୍ୟର ପରିମାପକ ହିସାବରେ ଗଣନା କରାଯାଏ। ବିଶ୍ୱ ପ୍ରସାଧାନ ଓ ସୌନ୍ଦର୍ଯ୍ୟ ଜଗତରେ ଏସିଆ, ଆଫ୍ରିକା ଓ ମଧ୍ୟପ୍ରାଚ୍ୟ ଦେଶମାନଙ୍କର ବ୍ୟକ୍ତି ବିଶେଷଙ୍କ ଶରୀରର ରଙ୍ଗ ବହୁ ସମୟରେ ସମସ୍ୟା ବା ବିତର୍କ ଭାବରେ ଉଭା ହୋଇଛି।**



▶ ବିଶେଷଜ୍ଞା ପ୍ରୀତିପଦ୍ମା ପଣ୍ଡା



### ଉପକ୍ରମ:

ଉଜ୍ଜ୍ୱଳ, କମନୀୟ ଓ କାନ୍ତିଯୁକ୍ତ ତ୍ୱଚା ଓ ଚର୍ମର ଅଧିକାରୀ ହେବାକୁ କିଏ ବା ନଚାହେଁ। ଯୁଗେ ଯୁଗେ ଉଜ୍ଜ୍ୱଳ ଓ ଆଭା ଯୁକ୍ତ ତ୍ୱଚାକୁ ସୌନ୍ଦର୍ଯ୍ୟର ପରିମାପକ ହିସାବରେ ଗଣନା କରାଯାଏ। ବିଶ୍ୱ ପ୍ରସାଧାନ ଓ ସୌନ୍ଦର୍ଯ୍ୟ ଜଗତରେ ଏସିଆ, ଆଫ୍ରିକା ଓ ମଧ୍ୟପ୍ରାଚ୍ୟ ଦେଶମାନଙ୍କର ବ୍ୟକ୍ତି ବିଶେଷଙ୍କ ଶରୀରର ରଙ୍ଗ ବହୁ ସମୟରେ ସମସ୍ୟା ବା ବିତର୍କ ଭାବରେ ଉଭା ହୋଇଛି। ପୁରାତନ କାଳରେ ରଙ୍ଗ ଅନୁସାରେ ଏସିଆ ମହାଦେଶରେ ଉଚ୍ଚନୀଚ ଶ୍ରେଣୀ ବା ଜାତି ଭାବରେ ବିଭକ୍ତି କରଣ କରାଯାଉଥିଲା ଉତ୍ତର ଭାରତୀୟ ଆର୍ଯ୍ୟମାନେ ଦକ୍ଷିଣ ଭାରତୀୟ ଦ୍ରାବିଡ଼ମାନଙ୍କ ଠାରୁ ରଙ୍ଗ ଅନୁସାରେ ନିଜକୁ ପୃଥକୀକରଣ କରୁଥିଲେ। ରଙ୍ଗକୁ ନେଇ ଏହି ଭେଦଭାବ ଭାରତୀୟ ମୂଳ ଅଧିବାସୀମାନଙ୍କ ମନରେ ସୌନ୍ଦର୍ଯ୍ୟ ପ୍ରତି ସଜାଗ ହେବାର ମନୋଭାବ ଜାଗ୍ରତ କରିଥିଲା। ସେମାନେ ଭାରତୀୟ ଆୟୁର୍ବେଦ ଶାସ୍ତ୍ରାନୁମୋଦିତ ବିଭିନ୍ନ ପ୍ରକାର ବୃକ୍ଷଲତା, ଗୁଳ୍ମ ଓ ଶିଳା ଆଦିକୁ ସୌନ୍ଦର୍ଯ୍ୟ ନିମନ୍ତେ ଘରୋଇ ଉପଚାର ଭାବେ ବ୍ୟବହାର କରିବାକୁ ଲାଗିଲେ। ଧିରେ ଧିରେ ଏହି ଘରୋଇ ଉପଚାର ଆମ ଭାରତୀୟ ପରମ୍ପରା, ସଂସ୍କୃତି ଓ ଚାଲିଚଳଣ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହେବାକୁ ଲାଗିଲା। ଯେପରିକି ବିବାହ, ବ୍ରତରେ ହଳଦୀ ପାଣିରେ ଗାଧୁଆ ଅବା ଦକ୍ଷିଣ ଭରତୀୟ ପର୍ବ ପୋଙ୍ଗାଲାରେ ରାଶି, ହଳଦୀ, ମସୁର ଓ କିଛି ଗୁଳ୍ମଚୁର୍ଣ୍ଣର ମିଶ୍ରଣ (ଉବଟନ୍) ବ୍ୟବହୃତ ହବାକୁ ଲାଗିଲା। ଉଜ୍ଜ୍ୱଳ ତ୍ୱଚା ଯୁକ୍ତ ସନ୍ତାନର ପ୍ରସବ ପାଇଁ ଗର୍ଭବତୀ ମହିଳାମାନଙ୍କୁ କ୍ଷୀରରେ କେଶର ମିଶାଇ ପାନୀୟ ଭାବରେ ଦିଆଗଲା।



### ତ୍ୱଚା ବା ଚର୍ମ ଜନିତ ସମସ୍ୟା ଓ ଏହାର କାରଣ

ଚର୍ମ ଶରୀରର ସବୁଠାରୁ ବଡ଼ ଅଙ୍ଗ ଭାବରେ ବିବେଚନା କରାଯାଏ। ଚର୍ମ ଆମର ଶରୀରକୁ ବାହାରର ଧୂଳିଧୂଆଁ, ସୂର୍ଯ୍ୟ କିରଣ ଓ ଜୀବାଣୁ ମାନଙ୍କ ପ୍ରାଦୁର୍ଭାବରୁ ରକ୍ଷା କରିଥାଏ। ଚର୍ମର କାର୍ଯ୍ୟକ୍ଷମତା ଶକ୍ତିରେ ବ୍ୟାହତ ଘଟିଲେ ଆମ ଶରୀରରେ ବିଭିନ୍ନ ପ୍ରକାରର ଚର୍ମ ଜନିତ ସମସ୍ୟା ଯଥା-କ୍ଷତ ନ ଶୁଖିବା, ଅତ୍ୟଧିକ ଶୁଷ୍କ ହୋଇଯିବା, ଶରୀରର ପ୍ରକୃତ ରଙ୍ଗ ଠାରୁ ଅତ୍ୟଧିକ କଳା ବା ଧଳା ରଙ୍ଗର ଦାଗ ସୃଷ୍ଟି ହେବା, ବିଭିନ୍ନ ପ୍ରକାରର ସଂକ୍ରମଣ (infection) ଏବଂ ପ୍ରବାହ (inflammation) ହୋଇଥାଏ।

### ଦାଗ ଜନିତ ସମସ୍ୟା ଓ ଏହାର କାରଣ

ଯଦି ଶରୀରର / ତ୍ୱଚାର ଚର୍ମର ରଙ୍ଗ, ଶରୀରର ପ୍ରକୃତ ରଙ୍ଗଠାରୁ ଅପେକ୍ଷାକୃତ କଳା ହୋଇଯାଏ ଏହାକୁ ବୈଜ୍ଞାନିକ ଭାଷାରେ ହାଇପରପିଗ ମେଂଟେସନ୍ ବା କଳାଦାଗ କୁହାଯାଏ। ଯଦି ଚର୍ମର ରଙ୍ଗ ପ୍ରକୃତ ରଙ୍ଗ ଠାରୁ ଅପେକ୍ଷାକୃତ ଧଳା ହୋଇଯାଏ, ଏହାକୁ ବୈଜ୍ଞାନିକ ଭାଷାରେ ହାଇପୋପିଗମେଂଟେସନ୍

ବା ଧଳାଦାଗ କୁହାଯାଏ ।

## ହାଇପରପିଗ୍‌ମେଣ୍ଟେସନ୍ / କଳାଦାଗର ବୈଜ୍ଞାନିକ କାରଣ :

### ଆମ ଶରୀରର ଚର୍ମ ମୁଖ୍ୟତଃ ୪ଟି ଭାଗରେ ବିଭକ୍ତ :

୧) ଷ୍ଟାଟମ୍ କରନିୟମ - ଚର୍ମକୁ ବାହାର ପ୍ରଦୂଷଣରୁ ରକ୍ଷା କରେ ।

୨) ଷ୍ଟାଟମ୍ ଗ୍ରାନ୍ୟୁଲୋଜମ- ଚର୍ମର ଜଳସ୍ତର ନିୟନ୍ତ୍ରଣ କରେ ।

୩) ଷ୍ଟାଟମ ସ୍ପାଇନୋଜମ୍ ଏଠାରେ କେରାଟିନୋ ସାଇଟସ୍ ରୁହେ ।

୪) ଷ୍ଟାଟମ୍ ଜର୍ମିନାଟିଭମ୍ ଏଠାରେ କେରାଟି ନୋସାଇଟସ୍ ମେଲାନୋ ସାଇଟସ୍ ଓ ଲାଙ୍ଗେରହାନ୍ ସେଲସ୍ ଉତ୍ପନ୍ନ ହୁଏ ।

ଏହି ମେଲାନୋ ସାଇଟ୍‌ସ କଣିକା ଶରୀରରେ ରଙ୍ଗ ତିଆରିରେ ମୁଖ୍ୟ ଭୂମିକା ନିଭାଇଥାଏ । ମେଲାନୋସାଇଟସ ଆମ ଚର୍ମରେ ଟାଇରୋସିନେଜ୍ ଏନ୍‌ଜାଇମ୍ ଉପସ୍ଥିତିରେ ମେଲାନିନ୍ କଣିକା ତିଆରି କରରେ । ଏହି ମେଲାନିନ୍ ମୁଖ୍ୟତଃ ୨ ପ୍ରକାରର ଯଥା: ଇଉମେଲାନିନକ ଏବଂ ଫିଓମେଲାନିନ୍ ଏହି ଦୁଇ ମେଲାନିନ୍ କଣିକାର ସନ୍ତୁଳନରେ ବାଧାପ୍ରାପ୍ତ ହେଲେ ହାଇପର୍‌ପିଗମେଣ୍ଟସନ୍ ବା ହାଇପୋପିଗମେଣ୍ଟେସନ୍ ହୋଇଥାଏ ।

## ଭାରତରେ ମୁଖ୍ୟତଃ ଦେଖା ଯାଉଥିବା କଳାଦାଗର ପ୍ରକାରଭେଦ :

**୧. ମେଲାସ୍ମା:** ମେଲାସ୍ମାରେ ମୁଖ୍ୟତଃ ମହିଳାମାନଙ୍କ ମୁହଁରେ ଛୋଟ ଛୋଟ କଳାଦାଗ ଚକଡ଼ା ଭାବରେ ମାଡ଼ିଯାଏ । ଏହା ବିଶେଷତଃ ହରମୋନ୍‌ର ଅସନ୍ତୁଳନ, ଗର୍ଭାବସ୍ଥା, ଜିନ୍‌ଗତ ସମସ୍ୟା, କନ୍‌ଟ୍ରାସେପ୍ଟିଭ ପିଲ୍‌ର ବହୁଳ



ବ୍ୟବହାର ଓ କେମିକାଲ୍‌ଯୁକ୍ତ ପ୍ରସାଧନ ସାମଗ୍ରୀର ଅତ୍ୟଧିକ ବ୍ୟବହାର ଯୋଗୁଁ ହୋଇଥାଏ ।

**୨) ପ୍ରଦାହ ପରର କଳାଦାଗ:** ଦୁର୍ଘଘଟଣା ଜନିତ, ଆଲର୍ଜି ଜନିତ, ବ୍ରଣ ଜନିତ କିମ୍ବା ଅତ୍ୟଧିକ ସୂର୍ଯ୍ୟ କିରଣରେ ବୁଲାବୁଲି କରିବା ଦ୍ୱାରା ଶରୀରରେ ଏହି ପ୍ରକାରର କଳାଦାଗ ସୃଷ୍ଟି ହୋଇଥାଏ ।

**୩) ଲେଟିଗ୍ରସ:** ରୋଗପ୍ରତିରୋଧକ ଶକ୍ତି କମ୍ ଥିବା, ଇଉମେଲାନିନ୍ କମ୍ ଥିବା ଓ ବୟସ୍କ ବ୍ୟକ୍ତିମାନଙ୍କର ଚର୍ମରେ ଅତ୍ୟଧିକ ସୂର୍ଯ୍ୟକିରଣ ପ୍ରଭାବରୁ ହାଲ୍‌କା ଧୂସର ରଙ୍ଗର ଚକଡ଼ାମାନ ଦେଖାଯାଏ । ଏହାକୁ ଲେଟିଂରସ୍ କୁହାଯାଏ । ଏହି ସମସ୍ୟା ଅତ୍ୟଧିକ ଦିନଧରି ଲାଗି ରହିଲେ କର୍କଟ ରୋଗ ହେବାର ସମ୍ଭାବନା ଦେଖାଯାଏ ।

**୪) ପେରି ଅର୍ବିଟାଲ ହାଇପରପିଗ୍‌ମେଂଟେସନ୍:** ଆଖିତଳେ ଓ ଆଖିର ଚାରିକଡ଼ରେ କଳାଦାଗ ଦେଖାଗଲେ ଏହାକୁ ପେରି ଅର୍ବିଟାଲ



ହାଇପରପିଗ୍‌ମେଂଟେସନ୍ କୁହାଯାଏ । ଏହା ମୁଖ୍ୟତଃ ଅତ୍ୟଧିକ ଟେଲିଭିଜନ୍ ଓ ମୋବାଇଲ ଦେଖୁଥିବା, ରାତି ଅନିଦ୍ରା, ଚିନ୍ତାଗ୍ରସ୍ତ, ରକ୍ତହୀନତା, ହର୍ମୋନ୍‌ର ଅସନ୍ତୁଳନ ଏବଂ ଋତୁସ୍ରାବରେ ଅନିୟମିତତା ଯୋଗୁଁ ହୋଇଥାଏ ।

## ପ୍ରାଥମିକ ଚିକିତ୍ସା ପଦ୍ଧତି

ଏହି ଚିକିତ୍ସା ପଦ୍ଧତିରେ ମୁଖ୍ୟତଃ ଜିଙ୍କ୍ ସଲଫେଟ୍, ଆଜେଲେଇକ୍, କୋଜିକ୍ ଏସିଡ୍ ବା ହାଇଡ୍ରୋକୁଇନନ୍ ଯୁକ୍ତ କ୍ରିମ୍ ବା ସେରମ୍ ଚର୍ମ ରୋଗ ବିଶେଷଜ୍ଞ ମାନେ ପ୍ରେସ୍‌କ୍ରାଇବ୍ କରିଥାନ୍ତି । କଳାଦାଗର ତୀବ୍ରତା ଅଧିକ ଥିଲେ ଟ୍ରିପଲ କମ୍ବିନେସନ୍‌ର ପ୍ରୟୋଗ କରାଯାଏ ଯେଉଁଥିରେ ହାଇଡ୍ରାକୁଇନୋନ୍, ରେଟିନଏଡ୍ ଏବଂ ଷ୍ଟେରଏଡ୍‌ର ମିଶ୍ରଣକୁ ଚର୍ମରେ ବ୍ୟବହାର ପାଇଁ ଦିଆଯାଏ ।

## ଦ୍ୱିତିୟ ଚିକିତ୍ସା ପଦ୍ଧତି(ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି)

ଯଦି କଳାଦାଗ ଅତ୍ୟଧିକ ତୀବ୍ରତାର ରୂପ ଧାରଣ କରେ ତେବେ ସମୟ ସାପେକ୍ଷ ଓ ବ୍ୟୟବହୁଳ ଚିକିତ୍ସା ପଦ୍ଧତି ବ୍ୟବହାର କରାଯାଏ । ଏହା ମୁଖ୍ୟତଃ ୨ ପ୍ରକାରର ଏବଂ ସର୍ଜରୀ ଅନ୍ତର୍ଗତ ନୁହେଁ । (କ) କେମିକାଲ୍ ପିଲ୍‌ସ୍ ଥେରାପି ଉଦାହରଣ: ସାଲିସିଲିକ୍, ଗ୍ଲାଇକୋଲିକ୍,

(ଖ) ଲେଜର୍ ଥେରାପି : ଫ୍ୟାସନ୍ ଜଗତରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ମୁଖ୍ୟତଃ ଏହି ଚିକିତ୍ସା ପଦ୍ଧତି ବହୁଳ ଭାବରେ ବ୍ୟବହାର କରିଥାନ୍ତି । ଏଥିରେ Laser Technologyର ପ୍ରୟୋଗ କରାଯାଏ ।

## କଳାଦାଗ ପ୍ରତିରୋଧ କରିବାର ଘରୋଇ ଟିପ୍

- ଅତ୍ୟଧିକ ପଇଡ଼ ପାଣି ଓ ପାନୀୟ ଓ ଜଳ ନିୟମିତ ପିଇବା ଉଚିତ୍ ।
- ଆଟିଅକ୍ସିଡାଣ୍ଟ ଯୁକ୍ତ ଖାଦ୍ୟ ଖାଇବା ଉଚିତ୍ ।
- ମାନସିକ ଚାପ, ରାତି ଅନିଦ୍ରା, ମୋବାଇଲ ଏବଂ ଟେଲିଭିଜନର ବହୁଳ ବ୍ୟବହାରରୁ ରୋକିବା ଉଚିତ୍ ।
- ହର୍ମୋନ ଅସନ୍ତୁଳନ ଏବଂ ଋତୁସ୍ରାବ ଜନିତ ସମସ୍ୟାର ସମାଧାନ ଯଥାଶୀଘ୍ର କରେଇ ନେବା ଉଚିତ୍ ।
- ଅତ୍ୟଧିକ ସୂର୍ଯ୍ୟ କିରଣ ପ୍ରଭାବରୁ ନିଜକୁ ଯଥାସମ୍ଭବ ଦୂରେଇ ରଖିବା ଉଚିତ୍ ।
- ସଦାସର୍ବଦା ନିଜକୁ ପରିଷ୍କାର ଓ ପରିଚ୍ଛନ୍ନ ରଖି ସଂକ୍ରମଣ ଓ ପ୍ରଦାହ ଜନିତ ସମସ୍ୟାରୁ ନିଜକୁ ଦୂରେଇ ରଖିବା ପାଇଁ ଚେଷ୍ଟା କରିବା ଉଚିତ୍ ।
- ଅତ୍ୟଧିକ କେମିକାଲ ଯୁକ୍ତ ପ୍ରସାଧନ ସାମଗ୍ରୀକୁ ବ୍ୟବହାରରୁ ନିଜକୁ ଦୂରେଇ ରଖନ୍ତୁ ।
- ପ୍ରସାଧନ ସାମଗ୍ରୀ କିଣିଲା ବେଳେ ହର୍ବାଲ୍‌ଯୁକ୍ତ ଅବା ବ୍ରାଣ୍ଡେଡ୍ ଏବଂ ଏକ୍ସପାରୀ ତାରିଖ ଦେଖି କିଣିବା ଉଚିତ୍ ।
- ଯଦି ଆପଣ ଶରୀରରେ କିଛି କଳାଦାଗ ଆରମ୍ଭ ହେବାର ଦେଖୁଛନ୍ତି ତେବେ ତୁରନ୍ତ ଚର୍ମରୋଗ ବିଶେଷଜ୍ଞଙ୍କ ସାଥିରେ ପରାମର୍ଶ କରି ଉଚିତ୍ ଔଷଧ ଖାଇବା ଓ ଲଗାଇବା ଉଚିତ୍ । ନଚେତ୍ ଚର୍ମ କର୍କଟ ରୋଗ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।

# ସୁସ୍ମିତାଙ୍କ ରାନ୍ଧଣା

**ସୁସ୍ମିତା ମିଶ୍ର**
ଖାରବେଳ ଭବନ, କେଶରୀ ନଗର,
ଭୁବନେଶ୍ୱର-୭୫୧୦୦୧
ଫୋନ:୮୯୧୭୩୮୯୮୬୨

ଫଟୋ ସୌଜନ୍ୟ: ଲେଖିକା

ଲେଥା (ଶାକର ଓ ଆମ୍ବିଳ ନାମରେ ମଧ୍ୟ ଜଣାଶୁଣା) ଏକ ବା ଏକାଧିକ ପରିବା ରାନ୍ଧି ତିଆରି ହେଉଥିବା ଏକ ଓଡ଼ିଆ ଖାଦ୍ୟ । ଏହାର ସ୍ୱାଦ ସାଧାରଣତଃ ଖଟା-ମିଠା ହୋଇଥାଏ । ପୁରୀର ବିଭିନ୍ନ ଜଣାଶୁଣା ଖାଦ୍ୟ ଭିତରୁ ଆମ୍ବିଳ ଅନ୍ୟତମ ଓ ଏହା ଦ୍ୱିପହର ବା ରାତି ଭୋଜନର ଏକ ଅଂଶ । ଆମ୍ବିଳ ପୁରୀ ଜଗନ୍ନାଥ ମନ୍ଦିରରେ ଅବଢ଼ା ଭିତରୁ ଏକ ଓ ଶାକର ନାମରେ ଜଣା । ପଶ୍ଚିମ ଓଡ଼ିଶାରେ ଲେଥା ନାମରେ ଜଣା । ନୂଆଖାଇ ସମୟରେ ପଶ୍ଚିମ ଓଡ଼ିଶାରେ ରନ୍ଧା ଯାଉଥିବା ବିଭିନ୍ନ ମୁଖ୍ୟ ବ୍ୟଞ୍ଜନ ଭିତରୁ ଆମ୍ବିଳ ଏକ । ମୂଳା, ବାଇଗଣ, କଦଳୀ ଭଳି ଋତୁକାଳୀନ ପନିପରିବାକୁ ଦହିରେ ଫୁଟାଇ ଏକ ପ୍ରକାର ଆମ୍ବିଳ କରାଯାଏ ।



## ଲେଥା


**ଆବଶ୍ୟକ ସାମଗ୍ରୀ:** କଟା ଟମାଟୋ ୧ କପ୍, ବାଇଗଣ ୧ଟି, କଟା କଖାରୁ ୧ କପ୍, ମୂଳା ୧ଟି, ଭେଣ୍ଡି ୪ଟି, ସାରୁ ୪ଟି, କରଡ଼ି ଅଧ କପ, ବଡ଼ ଆମ୍ବୁଲ ୧ଟି, ହଳଦୀ , ଲୁଣ,ସୋରିଷ ତେଲ ୧ କପ୍, ରସୁଣ ୭ଟି, ଭୃସୁଙ୍ଗ ପତ୍ର ଅଧ କପ୍, କଞ୍ଚା ଲଙ୍କା ୨ଟି, ଶୁଖିଲା ଲଙ୍କା ୨ଟି, ପଞ୍ଚ ଫୁଟଣ ୨ ଚାମଚ୍, ଅରୁଆ ଚାଉଳ ଅଧ କପ୍ ।

**ପ୍ରସ୍ତୁତି ପ୍ରଣାଳୀ:** ଅରୁଆ ଚାଉଳକୁ ଅଧ ଘଂଟା ପାଇଁ ପାଣିରେ ଭିଜାଇ ୨ଟି କଞ୍ଚା ଲଙ୍କା ସହ ଭଲ ଭାବରେ ବାଟି ଦିଅନ୍ତୁ । ପରିବାଗୁଡ଼ିକୁ ଲମ୍ବା ଆକାରରେ କାଟି ନିଅନ୍ତୁ । କରେଇରେ ତେଲ ଗରମ କରି ଭେଣ୍ଡିକୁ ଭଲ ଭାବରେ ଭାଜି ନିଅନ୍ତୁ । ଅନ୍ୟ ଏକ ପାତ୍ରରେ ପାଣି ଗରମ କରନ୍ତୁ । ପାଣି ଫୁଟିବାକୁ ଆରମ୍ଭ କଲେ, ଟମାଟୋ, କରଡ଼ି ଓ ଅନ୍ୟାନ୍ୟ କଟା ପରିବା ପକେଇ ଦିଅନ୍ତୁ । ଆବଶ୍ୟକତା ଅନୁସାରେ ଲୁଣ ଓ ହଳଦୀ ପକାନ୍ତୁ । ଭଲ ଭାବରେ ଗୋଳେଇ ଦେଇ ଆଞ୍ଚକୁ ମଧ୍ୟମ କରିଦେଇ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । ୫ ମିନିଟ୍ ପରେ ଭଜା ଭେଣ୍ଡି ପକେଇ ଦିଅନ୍ତୁ । ଆଉ ୫ ମିନିଟ ପରେ ଆମ୍ବୁଲ୍ ପକେଇ ଦିଅନ୍ତୁ । ପରିବା ସିଝିଗଲା ପରେ ଚାଉଳ ବଟା ପକେଇ ଭଲ ଭାବରେ ଗୋଳେଇ ଦିଅନ୍ତୁ । ସାମାନ୍ୟ ବହଳିଆ ହେଇ ଆସିଲେ ଚୁଲି ବନ୍ଦ କରିଦେବେ । କରେଇରେ ତେଲ ଗରମ କରି ପଞ୍ଚ ଫୁଟଣ ପକାନ୍ତୁ । ତାପରେ ଚିମୁଟାଏ ହେଙ୍ଗୁ, ରସୁଣ, ଭୃଷୁଙ୍ଗ ପତ୍ର ଓ ଶୁଖିଲା ଲଙ୍କା ପକାଇ ଭଲ ଭାବରେ ଭାଜନ୍ତୁ । ଏହି ଫୁଟଣକୁ ପରିବା ସିଝା ଉପରେ ଢାଳି ଭଲ ଭାବରେ ଗୋଳାଇ ଦିଅନ୍ତୁ ଓ ଉପରୁ ପ୍ରସ୍ତୁତ ଲେଥାକୁ ଢାଙ୍କି ଦିଅନ୍ତୁ । ଶୀତ ଦିନେ ଗରମ ଭାତ ସହ ଲେଥା ବହୁତ ସୁସ୍ୱାଦୁ ଲାଗିଥାଏ ।

## କରଡ଼ି ପିଠଉ

**ଆବଶ୍ୟକ ସାମଗ୍ରୀ :** କରଡ଼ି ୧ କପ୍, ମଧ୍ୟମ ଆକାରର ସିଝା ଆଳୁ ୪ଟି, ଅରୁଆ ଚାଉଳ ଅଧ କପ୍, ଶୁଖିଲା ଲଙ୍କା ୧ଟି, କଞ୍ଚାଲଙ୍କା ୨ଟି, ଜୀରା ୧ଚାମଚ୍, ସୋରିଷ ୧ କପ୍, ବଡ଼ ପିଆଜ ୧ଟି ।

**ପ୍ରସ୍ତୁତି ପ୍ରଣାଳୀ:** ଅରୁଆ ଚାଉଳକୁ ପାଣିରେ ଅଧ ଘଣ୍ଟା ଭିଜେଇ ଜିରା ଓ ଲଙ୍କା ସହ ବାଟି ଦିଅନ୍ତୁ । କରଡିକୁ ଫୁଟା ପାଣିରେ ୫ ମିନିଟ ପକାଇ ଭଲ ଭାବରେ ଛାଣି ନିଅନ୍ତୁ । ସିଝା ଆଳୁକୁ କୋରଣାରେ ଭଲ ଭାବେ କୋରି ନିଅନ୍ତୁ । କଞ୍ଚା ଲଙ୍କା ଓ ପିଆଜକୁ ଚୁନି ଚୁନି କରି କାଟି ରଖନ୍ତୁ ।ଏକ ବଡପାତ୍ରରେ ଆଳୁ, କରଡ଼ି, ଲଙ୍କା, ପିଆଜ ଚାଉଳ ବଟା ନେଇ ଭଲ ଭାବରେ ଗୋଳାନ୍ତୁ । ତାଓଆ ଗରମ କରି ୩/୪ ଚାମଚ୍ ତେଲ ପକେଇ ଚାରିଆଡ଼େ ଖେଳେଇ ଦିଅନ୍ତୁ । ଗୋଳା ହେଇଥିବା ପିଠଉରୁ ଟିକେ ହାତକୁ ନେଇ ଗୋଲ ଗୋଲ ବରା ଗଢି ତାଓଆରେ ପକାନ୍ତୁ । ଆଞ୍ଚକୁ ମଧ୍ୟମ କରି ଉଭୟ ପଟ କଡା କରି ଭାଜି ନିଅନ୍ତୁ । ମୁସୁମୁସିଆ କରଡ଼ି ପିଠଉକୁ ଗରମ ଭାତ ସହ ଖାଇ ପାରିବେ ।



▶ ଲେଖିକା ସୁସ୍ମିତା ମିଶ୍ର



# ସ୍ୱାସ୍ଥ୍ୟପ୍ରଦ ସଜନା


## ରିଷିକା ରୁଚିରମ୍ୟା

ଶ୍ରୀ ସ୍ୱସ୍ତିକ ଆପାର୍ଟମେଣ୍ଟ, ଫ୍ଲାଟନଂ ୨୦୪,
ବୈଦ୍ୟନାଥ ନଗର, ସେଲସ ଟ୍ୟାକ୍ସ ଅଫିସ
ସ୍କୋୟାର, ବ୍ରହ୍ମପୁର-୭୬୦୦୧୦
ଫୋନ: ୯୦୭୮୪୪୧୭୧୧


**ଓଡ଼ିଆ ଘରର ପ୍ରତି ବାଡ଼ିରେ ସଜନା ଗଛଟିଏ ନିଶ୍ଚିତ ଭାବେ ଥାଏ । ଗରିବ ଘରର ପଖାଳ କଂସା ପାଖ ଠାରୁ ଆରମ୍ଭ କରି ସାଧାରଣ ବା ଧନୀ ଘରର ଠା ପିଢ଼ାରେ ସଜନା ଛୁଇଁ ଆଳୁ ବାଇଗଣ ବଡ଼ି ବେସର ରହିବା ତ ଅତି ସାଧାରଣ କଥା । ଦକ୍ଷିଣ ଓଡ଼ିଶାରେ ଲୋକପ୍ରିୟ ଜଳଖିଆ ଇଡ଼ିଲି/ ଦୋସା ସହ ସମ୍ବରରେ ସଜନା ଛୁଇଁର ବ୍ୟବହାର ସମସ୍ତେ ଜାଣନ୍ତି । କିନ୍ତୁ ସଜନାର ପୋଷକ ତତ୍ତ୍ୱ ଓ ଔଷଧୀୟ ଗୁଣ ବିଷୟରେ ହୁଏତ ସମସ୍ତେ ଜାଣନ୍ତି ନାହିଁ । ଘରେ ଘରେ ଏଇ ସଜନା ବର୍ତ୍ତମାନ ସୁପର୍ ଫୁଡ଼ ଭାବେ ପରିଚିତ ।**

ଫୋଟୋ ରିଷିକା ରୁଚିରମ୍ୟା





## ସୁପର୍ ଫୁଡ଼ : ସଜନା

ଓଡ଼ିଆ ଘରର ପ୍ରତି ବାଡ଼ିରେ ସଜନା ଗଛଟିଏ ନିଶ୍ଚିତ ଭାବେ ଥାଏ । ଗରୀବ ଘରର ପଖାଳ କଂସା ପାଖ ଠାରୁ ଆରମ୍ଭ କରି ସାଧାରଣ ବା ଧନୀ ଘରର ଠା ପିଢ଼ାରେ ସଜନା ଛୁଇଁ ଆଳୁ ବାଇଗଣ ବଡ଼ି ବେସର ରହିବା ତ ଅତି ସାଧାରଣ କଥା । ଦକ୍ଷିଣ ଓଡ଼ିଶାରେ ଲୋକପ୍ରିୟ ଜଳଖିଆ ଇଡ଼ିଲି/ ଦୋସା ସହ ସମ୍ବରର ସଜନା ଛୁଇଁର ବ୍ୟବହାର ସମସ୍ତେ ଜାଣନ୍ତି, କିନ୍ତୁ ସଜନାର ପୋଷକ ତତ୍ତ୍ୱ ଓ ଔଷଧୀୟ ଗୁଣ ବିଷୟରେ ହୁଏତ ସମସ୍ତେ ଜାଣନ୍ତି ନାହିଁ । ଘରେ ଘରେ ପରିଚିତ ଏଇ ସଜନା ବର୍ତ୍ତମାନ ସୁପର୍ ଫୁଡ଼ ଭାବେ ପରିଚିତ ହେବା ସହ ଏହାର ଖାଦ୍ୟମୂଲ୍ୟ ଓ ଔଷଧୀୟ ଗୁଣ ପାଇଁ ସ୍ୱାସ୍ଥ୍ୟ ସଚତନ ନାଗରିକମାନଙ୍କ ପାଖରେ ଏହାର ଚାହିଦା ବଢ଼ିବା ସହିତ ବିଦେଶକୁ ବହୁମୂଲ୍ୟରେ ରପ୍ତାନି କରାଯାଉଛି । ସଜନା ଗଛର ପତ୍ର / ଫୁଲ / ଫଳ / ଛାଲି / ଅଠା ସବୁରେ ଔଷଧୀୟ ଗୁଣ ଭରି ରହିଛି ।

ସଜନା ଓଡ଼ିଶା ବାହାରେ ମୋରିଙ୍ଗା ନାମରେ ପରିଚିତ । ଏହାMoringaceae (botanical name) ପରିବାରର ଅଟେ, ଏହାର ସମସ୍ତ ଅଂଶ ପୁଷ୍ଟିକାରକ ହୋଇଥିବାରୁ ପୁଷ୍ଟିହୀନତା ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ହୋଇଥାଏ । ଏହାର ପତ୍ର ଫଳ ମଞ୍ଜିରେ ବିଭିନ୍ନ Phytochemicals ଭରପୁର ହୋଇ ରହିଛି । ଜଣା ଯାଇଛି ଯେ ସଜନାରେ କମଳା ଠାରୁ ୭ ଗୁଣ ଅଧିକ vuta C / ଗାଜର ଠାରୁ ୧୦ଗୁଣ ଅଧିକ vita A / କ୍ଷୀର ଠାରୁ ୧୭ ଗୁଣ ଅଧିକ କ୍ୟାଲ୍‌ସିୟମ୍ / ଦହି ଠାରୁ ୯ଗୁଣ ଅଧିକ ପ୍ରୋଟିନ ଓ ପାଳଙ୍ଗ ଶାଗ ଠାରୁ ୨୫ ଗୁଣ ଅଧିକ ଲୌହସାର ରହିଛି । ଆଉ ଗୋଟେ କଥା ଯେ ସଜନାକୁ ଅତି ସହଜରେ ଚାଷ କରାଯାଇ ଉପଲବ୍ଧ କରାଯାଇ ପାରିବ ଓ ଲୋକମାନେ ତାର ସମସ୍ତ ଉପକାରିତା ପାଇ ପାରିବେ ।

## ସଜନାର ପୋଷକ ତତ୍ତ୍ୱ

ସଜନା ଗଛର ପ୍ରତିଟି ଅଂଶ ଗୁରୁତ୍ୱ ପୂର୍ଣ୍ଣ ପୋଷକ ତତ୍ତ୍ୱରେ ଭରପୁର । ଏହାର ପତ୍ର ବା ଶାଗରେ ବିଭିନ୍ନ ମିନେରାଲସ, ଯଥା- କ୍ୟାଲସିୟମ ପୋଟାସିୟମ ଜିଙ୍କ୍ ମ୍ୟାଗ୍ନେସିୟମ୍ ଆଇରନ ଓ କପର୍ ପ୍ରଚୁର ମାତ୍ରାରେ ମିଳିଥାଏ । ବିଭିନ୍ନ ଭିଟାମିନ୍ସ ଯଥା- ଭିଟାମିନ ଇର ବେଟାକାରୋଟିନ, ଭିଟାମିନ ଈରେ ଫଲିକ ଏସିଡ pyridoxine I nicotinic acid,ଭିଟାମିନ C,D,E ମଧ୍ୟବେଶ ପରିମାଣରେ ମିଳିଥାଏ । Phytochemicals ଯଥା:Tannius,Stesols,Tespenorids,Flavorids,Saponius, Anthraquinones,Alkaloids, Sugar reducing,Anti -cancers agents ଯଥା- Glukosinolates, Glycoside compounds I Glycerol 1-9,Octadecanaite ଇତ୍ୟାଦି ସେଥିରେ ଆବଶ୍ୟକୀୟ ମାତ୍ରାରେ ମିଳିଥାଏ । ଏହି ଶାଗ ପ୍ରଚୁର ଫାଇଭର୍ ଓ କମ୍ କ୍ୟାଲୋରୀ ଯୁକ୍ତ ହୋଇଥିବାରୁ ହଜମ ହୋଇ ଶରୀରରୁ ମଇଳା ବାହାର କରିବାରେ ସାହାଯ୍ୟ କରିଥାଏ, କୋଲନ Cancer ହେବାରୁ ରକ୍ଷା କରିଥାଏ, ସଜନାରେ ଅନେକ ମିନେରାଲସ୍ ଉପଲବ୍ଧ ଯେଉଁ ଗୁଡିକମାନବ ଶରୀର ବଢ଼ିବା ସହ ବିକଶିତ ହେବାରେ ସାହାଯ୍ୟ କରିଥାଏ, ସେସବୁ ଭିତରୁ କ୍ୟାଲସିୟମ ଗୋଟିଏ, ୮ ଆଉନ୍ସ କ୍ଷୀର ୩୦୦-୪୦୦mg କ୍ୟାଲସିୟମ ଯୋଗାଉଥିବା ବେଳେ ସଜନା ଶାଗ ୧୦୦୦mg ଓ ଶାଗର ଶୁଖିଲା ଗୁଣ୍ଡ ୪୦୦୦mg କ୍ୟାଲସିୟମ ଯୋଗାଇଥାଏ ।

## ୧୦୦ଗ୍ରାମ ସଜନା ପତ୍ରରୁ (ଯେକୌଣସି ଭାବେ, ଶୁଖିଲା ଗୁଣ୍ଡ /ଭଜା ଶାଗ ଇତ୍ୟାଦି) ମିଳୁଥିବା ଖାଦ୍ୟମୂଲ୍ୟ

- ଖାଦ୍ୟମୂଲ୍ୟ ପତ୍ର / ଶାଗ- ଗୁଣ୍ଡ, କ୍ୟାଲୋରୀ - ୯୨ - ୨୦୫, ପ୍ରୋଟିନ (ଶ ) - ୬.୫ - ୨୭.୧, କାର୍ବୋହାଇଡ୍ରେଡ଼ (g ) - ୧୨.୫ - ୩୮.୨ , ଫ୍ୟାଟ୍ (ଶ) - ୧.୭ - ୨.୩, ଫାଇଭେର (ଶ) - ୦.୯ - ୧୯.୨, Vita B1(mg) - ୦.୦୬ - ୨.୬୪, Vita B2(mg- ୦.୦୫ - ୨୦.୫, - Vita B3(mg) - ୦.୦୮ - ୮.୫, - Vita C (mg) - ୨୨୦ - ୧୭.୦, - Vita E(mg)–୪୪୮ - ୧୧୩, କ୍ୟାଲସିଅମ (mg) –୪୪୦ - ୨୦୦୩, ମ୍ୟାଗ୍ନେସିୟମ (mg ) - ୪୨ - ୩୬୮ , ଫସଫରସ (mg )–୭୦ - ୨୦୪, - ପୋଟାସିଅମ (mg)–୨୫୯ - ୧୩୨୪, କପର୍ (mg ) - ୦.୦୭ - ୦.୫୭ , ଆଇରନ(mg ) - ୦.୮୫ - ୨୮.୨, - ସଲ୍‌ଫର୍ (mg )- ୮୭୦



## ସଂରକ୍ଷଣ

ସଜନା ଶାଗ /ଛୁଇଁକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖାଯାଇ ପାରିବ । ଏହା ଦ୍ୱାରା ଏହାର ଖାଦ୍ୟମୂଲ୍ୟ ନଷ୍ଟ ହୁଏ ନାହିଁ

ଯେଉଁ ସମୟରେ ବା ଯେଉଁଠାରେ ଏହା ଉପଲବ୍ଧ ହୋଇ ନ ଥାଏ, ସେହି ସମୟରେ /ସେହିଠାରେ ଏହାକୁ ବ୍ୟବହାର କରାଯାଇ ପାରିବ । ଏହା ଛଡା ଅତ୍ୟଧିକ ଶାଗ ବା ତରକାରୀ ଭାବେ ସେବନ ଦ୍ୱାରା ଏଥିରେ ଥିବା ଆଇରନ Gastrointenstinaldistres ଓ Hemochoomatosis ସୃଷ୍ଟି କରିପାରେ, ଏଣୁ ପ୍ରତଦିନ ୭୦ mg ରନ୍ଧା ଶାଗ ବା ୧ ଟା ଚାମଚ ସଜନା ଗୁଣ୍ଡ ଗ୍ରହଣ କରିବା ଉଚିତ ।

ସଜନା ପତ୍ରକୁ ଧୋଇ ଶୁଖାଇ ଗୁଣ୍ଡ କରାଯାଇ ପାରେ, ଠିକ ସେହିପରି ସଜନା ଛୁଇଁକୁ ଧୋଇଛୋଟ ଛୋଟ କରି ୨ ଫାଳ କରି ଶୁଖାଇ ଗୁଣ୍ଡ କରି ଖଦଡ଼ା ଅଂଶକୁ ଛାଣି କାଚ ଜାରରେ ରଖା ଯାଇପାରେ । ଆବଶ୍ୟକ ସମୟରେ ଏହି ଗୁଣ୍ଡ ବ୍ୟବହାର କରି ସୁପ - ଅଟା ଚକଟିବା ପାଣିରେ ମିଶାଇ ପରଟା / କୌଣସି ଗ୍ରେଭି ଥିବା ତରକାରୀରେ ମିଶାଇ ତାର ଖାଦ୍ୟମୂଲ୍ୟ ବଢା ଯାଇ ପାରିବ । ପୁଣି ପତ୍ର ଗୁଣ୍ଡକୁ ବ୍ୟବହାର କରି ଚା /ଦହିରେ ପକାଇ ରାଇତା /ସାଲାଡ଼ ଇତ୍ୟାଦିରେ ଛିଞ୍ଚି ଖିଆ ଯାଇପାରିବ । ସ୍ୱାସ୍ଥ୍ୟକର ହେତୁ ସହଜରେ ବ୍ୟବହାର କରିବା ଓ ନେବା ଆଣିବାକୁ ସୁବିଧା ଦୃଷ୍ଟିରୁ ଏହି ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବର୍ତ୍ତମାନ ଏହି ଗୁଣ୍ଡ ବହୁ ପରିମାଣରେ ବିଦେଶକୁ ମଧ୍ୟ ରପ୍ତାନି କରାଯାଉଛି ।

## ଔଷଧୀୟ ମୂଲ୍ୟ

ସଜନା ପ୍ରାୟ ୩୦୦ଟି ରୋଗ ପାଇଁ ଔଷଧ ଭାବେ ବ୍ୟବହାର କରାଯାଇ ପାରେ । ଆୟୁର୍ବେଦ /ହର୍ବାଲ ମେଡ଼ିସିନ ଭାବେ ଭାରତ ଓ ଆଫ୍ରିକାରେ ବ୍ୟବହାର କରାଯାଏ । ଏହା ଡାଇବେଟିସ୍ ଓ କ୍ୟାନ୍ସର ପାଇଁ ଏକ ଚମତ୍କାର ପ୍ରତିରୋଧକ ତଥା ପ୍ରତିଷେଧକ ଅଟେ । ସଜନା ପତ୍ର/ଫୁଲ /ଛୁଇଁକୁ ବ୍ୟବହାର କରି ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତି ଘରେ ଘରେ ହୋଇଥାଏ, ତାହା ଊଣା ଅଧିକ ସମସ୍ତଙ୍କୁ ଜଣା । ତେଣୁ କେତୋଟି ନୂଆ ରୋଷେଇ ଏଥିରେ ଦିଆ ଯାଉଛି । ଯାହାକୁ କରି ପାଠକମାନେ ଅଧିକ ସହଜରେ ଲାଭ ପାଇପାରିବେ ।

## ସଜନା ଚା



**ଆବଶ୍ୟକୀୟ ଉପକରଣ:** ସଜନା ଛୁଇଁ - ୧ବଡ଼ସାନ ହେଲେ ୨(ମୋଟା ), ଟମାଟୋ - ୧ , ରସୁଣ - ୨କୋଳ, ଅଦା - ୧/୨ ଇଞ୍ଚ, ଗୋଲମରିଚ ଗୁଣ୍ଡ - ୧/୨ଚାମଚ ।



**ପ୍ରସ୍ତୁତି ପ୍ରଣାଳୀ:** ଗ୍ୟାସ୍‌ରେ ଜଳାଇ ସସ୍‌ପ୍ୟାନରେ ପାଣି ନିଅନ୍ତୁ, ଅଦା ଛେଚି ପକାଇ ଜିରା ଓ ମେଥିକୁ ପକାଇ ଫୁଟାନ୍ତୁ ଫୁଟିଗଲେ ସଜନା ପତ୍ର ବା ଗୁଣ୍ଡ ପକାଇ ୨ମିନିଟ୍ ଫୁଟାଇ ଓଲହାଇ ଦିଅନ୍ତୁ । ଚାହିଁଲେ ଲେମ୍ବୁ ଓ ଡାଇବେଟିସ୍ ନ ଥିଲେ ମହୁ ମିଶାଇ ପିଅନ୍ତୁ । ଏହା ଖାଲି ପେଟରେ ସକାଳେ ଓ ରାତିରେ ଖାଇ ସାରି ୧୫mg ପରେ ପିଅନ୍ତୁ । ଡାଇବେଟିସ୍ ରୋଗୀ ଏହିପରି ୧ମାସ ନିୟମିତ ପିଇ ୩ ମାସ ଗ୍ୟାପ୍ ଦେଇ ପୁଣି ୧ମାସ ପିଅନ୍ତୁ । ଏହିପରି ଗ୍ୟାପ୍ ନେଇ ନେଇ ନିୟମିତ ପିଇଲେ, ଔଷଧ ଖାଉଥିଲେ ବି କଂଟ୍ରୋଲ ହେଉ ନ ଥିବା ସୁଗାର ନିୟନ୍ତ୍ରଣକୁ ଆସିପାରିବ/ଅଧିକ କଲୋଷ୍ଟ୍ରୋଲ ଥିବା ବ୍ୟକ୍ତି ବି ଏହି ଭଳି ଅଭ୍ୟାସ କରି ପିଇଲେ କଲୋଷ୍ଟ୍ରୋଲ କମାଇ ପାରିବେ ।

## ସଜନା ଛୁଇଁ ସୁପ୍ (ଏକ ବାଉଲ)

**ଆବଶ୍ୟକୀୟ ଉପକରଣ :** ଗହମ ଅଟା - ୧କପ, ସଜନା ଛୁଇଁ ପଲ୍ପ - ୧/୨କପ, ସ୍ୱାଦ ପାଇଁ ଲୁଣ, ଘିଅ /ରିଫାଇନ ତେଲ ସେକିବା ପାଇଁ ।

**ଆଣ ପ୍ରସ୍ତୁତି:** ସଜନା ଛୁଇଁ ୨ଟିକୁ କାଟି ପ୍ରେସର କୁକରରେ ସିଝାଇ ଗ୍ରାଇଣ୍ଡ୍ କରି ଛାଣି ରଖ । ଅଟାରେ ଅଳ୍ପ ଲୁଣ ଦେଇ ଗ୍ରାଇଣ୍ଡ୍ କରି ରଖି ଥିବା ଛୁଇଁ ରସ ଆବଶ୍ୟକ ପରିମାଣରେ ଦେଇ ଅଟା ଚକଟି ରଖ (ଏଥିରେ ପାଣି ବଦଳରେ ଛୁଇଁ ରସରେ ଚକଟା ହେବ) । ଗୁଳା କରି ପରଟା ଆକାରରେ ଗଢି ଘିଅ ବା ତେଲରେ ଭାଜି ଖାଇବାକୁ ଦିଅନ୍ତୁ । ସଜନାପତ୍ର ଦେଇ ପାଳଙ୍ଗ /ମେଥି ପରଟା କଲା ପରି କରି ପାରିବେ, ମୋରିଙ୍ଗା ଛୁଇଁ ପରଟା ।

## ନଡ଼ିଆ ସଜନାମୁଗ

**ଆବଶ୍ୟକୀୟ ଉପକରଣ:** ମୁଗ ଡାଲି (ଚୋପାଛଡା ) - ୧କପ , ନଡ଼ିଆ କୋରା - ୧କପ୍, ସଜନା ଶାଗ - ୨ରୁ ୩ ମୁଠା , ସୋରିଷ ତେଲ - ୧ଚାମଚ, ଜିରା - ୧/୨ଚାମଚ, ସୋରିଷ - ୧/୨ଚାମଚ, ଶୁଖିଲା ଲଙ୍କା - ୨ଟି, ସ୍ୱାଦ ପାଇଁ ଲୁଣ, ରସୁଣ - ୬/୭କୋଳ ଛେଚା

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମୁଗ ଡାଲିକୁ ଗ୍ୟାସ୍‌ରେ କଡେଇ ବସାଇ ଭାଜି ନିଅନ୍ତୁ, ବାସ୍ନା ଆସିଲେ ଧୋଇ ପ୍ରେସରରେ ପାଣି ଦେଇ ୧ ବା ୨ ହୁଇସିଲରେ ବାହାର କରି ଦିଅନ୍ତୁ, ମୁଗ ଡାଲି ସିଝିଥିବ ଅଥଚ ଖୋଲି ଯାଇ ନ ଥିବ ଦୃଷ୍ଟି ଦେବେ । କଡେଇରେ ତେଲ ଦେଇ ଜିରା ସୋରିଷ ରସୁଣ ଲଙ୍କା ଦେଇ ଛୁଙ୍କ କରି ସେଥିରେ ଶାଗ ଓ ନଡ଼ିଆ କୋରା ପକାଇ ଓଲଟ ପାଲଟ କରନ୍ତୁ । ଶାଗ ସିଝି ଆସିଲେ ସିଝା ମୁଗ ଡାଲି ପକାଇ ଲୁଣ ପକାଇ ଫୁଟିବାକୁ ଦିଅନ୍ତୁ । ଫୁଟିଗଲା ପରେ ଓହ୍ଲାଇ ନଡ଼ିଆ କୋରା ଉପରେ ଅଳ୍ପ ଛିଞ୍ଚି ଖାଇବାକୁ ଦିଅନ୍ତୁ ।

## ସଜନା ପତ୍ର ଚଟଣୀ

**ଆବଶ୍ୟକ ଉପକରଣ:** ସଜନା ପତ୍ର - ୨ ମୁଠା, ବଡ଼ ଟମାଟୋ -୧ଟି , ପିଆଜ - ୧ ମଧ୍ୟମ, ରସୁଣ - ୪/୫କୋଳ, ଶୁଖିଲା ଲଙ୍କା- ୩/୪ଟି, ତେନ୍ତୁଳି ଗୁଳା ଛୋଟ ଲେମ୍ବୁ ଆକାରର, ସ୍ୱାଦ ପାଇଁ ଲୁଣ, ଗୁଡ଼ ଛୋଟ ଖଣ୍ଡେ, ଛୁଙ୍କ ପାଇଁ ତେଲ/ସୋରିଷ ୧ ଚାମଚ, ଧନିଆଁ ପତ୍ର ଅଧା ବିଡା, କଞ୍ଚା ଲଙ୍କା- ୩/୪ଟି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍ ଲଗାଇ ପ୍ୟାନ୍‌ରେ ଅଳ୍ପ ତେଲ ଦେଇ ସେଥିରେ କଞ୍ଚା ଲଙ୍କା, କଟା ପିଆଜ, ରସୁଣ, କଟା ଟମାଟୋ ପକାଇ ଭାଜନ୍ତୁ । ଟିକେ ନରମ ହୋଇଗଲେ ସଜନା ଶାଗ ଧନିଆଁ ପତ୍ର ପକାଇ ପୁଣି ଭାଜନ୍ତୁ । ଭାଜି ହୋଇଗଲେ ଥଣ୍ଡା କରି ଗ୍ରାଇଣ୍ଡର୍ ଜାର୍‌ରେ ସେଇ ଭଜାସବୁକୁ ଦେଇ ସେଥିରେ ତେନ୍ତୁଳି, ଲୁଣ, ଗୁଡ଼ ପକାଇ ଭଲ ଭାବେ ଗ୍ରାଇଣ୍ଡ୍ କରି ଦିଅନ୍ତୁ, ଗୋଟିଏ ପାତ୍ରରେ ରଖନ୍ତୁ । ଅନ୍ୟ ଗୋଟିଏପ୍ୟାନରେ ତେଲ ଦେଇ ଶୁଖିଲା ଲଙ୍କା, ସୋରିଷ ଫୁଟାଇ ଚଟଣୀରେ ପକାଇ, ଗୋଳାଇ ଖାଇବାକୁ ଦିଅନ୍ତୁ । ସଜନା ପତ୍ର ବ୍ୟବହାର କରି ଅଟା ବେସନ ଚିଲା, ରୋଟି, ଛୁଇଁରେ ବିଭିନ୍ନ ବ୍ୟଞ୍ଜନ, ଫୁଲରେ ପକୁଡ଼ି, ବରା, ଇତ୍ୟାଦି ବହୁ ସ୍ୱାଦିଷ୍ଟ ଖାଇବା ପ୍ରସ୍ତୁତ କରାଯାଇପାରେ । ତେବେ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କମ ତେଲ ମସଲା ଯୁକ୍ତ କରି ସଜନାରେ ପ୍ରସ୍ତୁତ ଖାଦ୍ୟରୁ ଅଧିକ ଲାଭ ପାଇବାକୁ ଚେଷ୍ଟା କରିବା ଉଚିତ ।



# ସୃଜନଶୀଳତାର ଉତ୍ତରଦାୟିତ୍ୱ

ଲେଖାଲେଖି କ୍ଷେତ୍ରରେ ଆମେ ଯେଉଁମାନେ ଚଳପ୍ରଚଳ କରୁଛେ ଏବଂ ଲେଖାଲେଖି ମାଧ୍ୟମରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛେ, କମ୍ ବେଶି ଯାହା ହେଉନା କାହିଁକି, ଆମେ ସମସ୍ତେ ଆମର ଉତ୍ତରଦାୟିତ୍ୱ ବା ଦାୟିତ୍ୱବୋଧ ପ୍ରତି ସଚେତନ ରହିବା ବିଧେୟ ବୋଲି ମୋର ମତ । ହୁଏତ କେହି କେହି ଦ୍ୱିମତ ହୋଇ ପାରନ୍ତି । ହୁଅନ୍ତୁ, କିନ୍ତୁ ପ୍ରତ୍ୟେକ କାର୍ଯ୍ୟରେ ମନୁଷ୍ୟ ମାତ୍ରକେ  ଦାୟିତ୍ୱବୋଧତାକୁ ଗ୍ରହଣ ନକଲେ ସେ ନା ସଫଳ ହୋଇପାରେ, ନା ଜୀବନର ଲକ୍ଷ୍ୟସ୍ଥଳକୁ ଛୁଇଁପାରେ । 'ସୃଜନଶୀଳତା' ତ ଏକ ସମ୍ବେଦନଶୀଳ ବିଷୟ । ଏଥିରେ ଆହୁରି ଅଧିକ ଦାୟିତ୍ୱବୋଧ ଆସିଯାଏ । ସର୍ଜନା ବା ସୃଷ୍ଟି ପ୍ରକ୍ରିୟା ହିଁ ଲେଖକର ସମ୍ପତ୍ତି ଏବଂ ସେତକ ପୁଞ୍ଜିକୁ ନେଇ ସେ ତା'ର ନିଜସ୍ୱ ପୃଥିବୀ ଗଢ଼େ ଆଉ ସେଇଠି ସେ ତା'ର ଉତ୍କର୍ଷତା ଦେଖାଏ । ସର୍ଜନା ପୁଣି ଏକ ସାଧନା ମଧ୍ୟ । ସାଧନା ବି ସାଧାରଣ ବିଦ୍ୟାଳୟର ପାଠଶାଠ ନୁହେଁ ଯେ, ଆଡ୍‌ମିସନ୍ ହୋଇଯାଅ ଓ ପଢ଼ାପଢ଼ି କରି ପରୀକ୍ଷା ଦିଅ, ଏବଂ ସାର୍ଟିଫିକେଟ୍ ହାସଲ କର । ନା, ଏପରି ହୁଏନା ଲେଖକର ଭାଗ୍ୟରେ । ସର୍ଜନାର ଯେଉଁ ଶକ୍ତି ବା କ୍ଷମତା ଟିକକ ଜଣେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିସତ୍ତା ଭିତରେ ରୋପଣ କରିଥାନ୍ତି ଈଶ୍ୱର, ତାହା କାହାର ପ୍ରରୋଚନା ବା କାରସାଦିରେ ନୁହଁ । ସ୍ୱତଃ ଜଣେ ପ୍ରାପ୍ତ ହୋଇଥାଏ ସୃଜନ ପ୍ରତିଭା । ଏହା ହିଁ ଲେଖକଟିକୁ ଅନ୍ୟ ସାଧାରଣ ମଣିଷ ଠୁ ଭିନ୍ନ ବା ଅସାଧାରଣ କରି ତୋଳେ । ନହେଲେ ଲେଖକର ଆଉ ଅନ୍ୟାନ୍ୟ ସାଧାରଣ ମଣିଷଙ୍କ ପରି ସବୁ କଥା ସମାନ ହିଁ ଥାଏ । କେବଳ  ସୃଜନଶୀଳତା ଭଳି ଏକ ବିଶେଷ ଗୁଣର ଅଧିକାରୀ କରି ଈଶ୍ୱର ସେମାନଙ୍କୁ ଅସାଧାରଣ କରି ଗଢ଼ିଥାନ୍ତି ।

ଆମେ ଲେଖକମାନେ ଆମର ଏହି ବିଶେଷ ଗୁଣର ତତ୍ତ୍ୱାବଧାରକ ଭାବେ ଯଥାସାଧ୍ୟ ଆମର ଉତ୍ତର-ଦାୟିତ୍ୱ ନିର୍ବାହ କରିବା ଉଚିତ । କିନ୍ତୁ ଆମେ କରୁ କମ୍, ଭାଷଣ ମାରୁ ବେଶି । ନିଜର ଲେଖକୀୟ ସତ୍ତା ବଳରେ ଆମର ଯେଉଁ କ୍ଷମତାଟି ଆମକୁ ଏକ ବିଶେଷ ପ୍ରସିଦ୍ଧି ବା ପରିଚୟ ଦେଇଥାଏ, ଆମର କ'ଣ କିଛି ବି ଦାୟିତ୍ୱବୋଧ ରହିବ ନାହିଁ ସମାଜ ପ୍ରତି, ସହ-ଲେଖକଙ୍କ ପ୍ରତି କିମ୍ବା ସମକାଳ ସାହିତ୍ୟ ପ୍ରତି ?

ବିଶେଷ ଭାବରେ ମୁଁ ଏଠାରେ କହିବାକୁ ଆଗ୍ରହ ରଖୁଛି ଯେ, ଆମର ଉତ୍ତରପିଢ଼ି, ଯେଉଁମାନେ ନୂଆକରି ସାହିତ୍ୟ ଜଗତକୁ ପ୍ରବେଶ କରୁଛନ୍ତି, ସେମାନଙ୍କ ଦାୟିତ୍ୱବୋଧ ବା ଉତ୍ତର-ଦାୟିତ୍ୱ କ'ଣ ସେ କଥା ସେମାନେ ଜାଣନ୍ତି କି ନାହିଁ ଜଣାନାହିଁ । କାରଣ ନବପ୍ରତିଭାଙ୍କୁ ଉତ୍ସାହିତ କରିବା ପାଇଁ ଆମ ସାହିତ୍ୟରେ ଅନେକ ପ୍ରକାର ପ୍ରୋତ୍ସାହନର ବ୍ୟବସ୍ଥା ରହିଛି । କିନ୍ତୁ ଯେଉଁ ପରିମାଣରେ ନବପ୍ରତିଭାଙ୍କୁ ଆମେ ଚିହ୍ନଟ କରି ସମସ୍ତ ସାହିତ୍ୟପ୍ରେମୀଙ୍କ ସାମ୍ନାରେ ରଖୁଛୁ, ସେଥିମଧ୍ୟରୁ ଗୋଟିଏ ବର୍ଷ ପରେ ଆପଣ ଯଦି ଖୋଜିବେ, ତେବେ ଆଶାଜନକ ପ୍ରତିଭାଙ୍କୁ ପାଇବେ ନାହିଁ ସାହିତ୍ୟ-ଜଗତରେ । ଅର୍ଥାତ୍ ସେ ନବପ୍ରତିଭା ଭାବେ ଚିହ୍ନଟ ହେବା ପର୍ଯ୍ୟନ୍ତ ତା'ର ଲକ୍ଷ୍ୟକୁ ସ୍ଥିର ରଖିଥିଲା ଏବଂ ତାହା ପହଞ୍ଚିଗଲା ପରେ ସେ ନିଷ୍କ୍ରାନ୍ତ ହେଇଗଲା । ମାନେ ଉଭାନ୍ । ଅଳ୍ପ ସଂଖ୍ୟକ ନବପ୍ରତିଭା ସାହିତ୍ୟର ମୁଖ୍ୟସ୍ରୋତରେ ସାମିଲ୍ ହେଉଥିବା ଅନେକ ସମୟରେ ଆମକୁ ଚିନ୍ତାରେ ପକାଉଛି ।

ଲେଖାଲେଖି ସହିତ ପଢ଼ାପଢ଼ି ଯେ ଏକ ଅବିଚ୍ଛେଦ୍ୟ ଅଙ୍ଗ ଏକଥା ବୋଧେ ଭୁଲି ଯାଉଛନ୍ତି ନବଲେଖକମାନେ । ହଁ ପଢ଼ାପଢ଼ି ମାନେ ଯେ କେବଳ ସେମାନେ  ଗୋଷ୍ଠୀଭୁକ୍ତ ହୋଇ ସେଇ ବୟସର ଲେଖକଙ୍କୁ ପଢ଼ିବେ, ତାହା ନୁହେଁ । ସମକାଳ ସାହିତ୍ୟକୁ ପଢ଼ିବେ, ସେମାନଙ୍କ ପରବର୍ତ୍ତୀ ପିଢ଼ିକୁ ପଢ଼ିବେ ଓ ଜାଣିବେ ।  ଏପରି କିନ୍ତୁ ଘଟୁ ନାହିଁ । ଅନେକେ ଅଛନ୍ତି ବହୁ ସିନିୟର ଲେଖକଙ୍କୁ ଚିହ୍ନନ୍ତି ନାହିଁ, ତାଙ୍କ ସାହିତ୍ୟ ପଢ଼ିବା ତ ଦୂରର କଥା । ତେଣୁ ଏଥିପ୍ରତି ମଧ୍ୟ ସଚେତନ ରହିବାର ଆବଶ୍ୟକତା ରହିଛି । ସାହିତ୍ୟ କୌଣସି ଗୋଷ୍ଠୀରେ ବିଶ୍ୱାସ ରଖେନା । ସାହିତ୍ୟ ହେଉଛି ସମୂହ । ପାଠକ ହେଉଛି ଏହାର ପ୍ରକୃତ ଭାଗ୍ୟ ନିୟନ୍ତା । ଜଣେ ଲେଖକକୁ ପାଠକ ମାନେ ହିଁ 'ବେଷ୍ଟ୍ ସେଲର୍' ବା 'ବହୁ ପ୍ରସିଦ୍ଧି' ଭଳି ଉପାଧି ଦେଇଥାନ୍ତି । ତେଣୁ ପାଠକଙ୍କ ପାଇଁ ଲେଖାଯାଉ, କୌଣସି ଗୋଷ୍ଠୀ ପାଇଁ ନୁହେଁ । ଏ କଥା ମୁଣ୍ଡରେ ପୂରେଇବାର ଆବଶ୍ୟକତା ରହିଛି ।

ନୂଆମାନଙ୍କ ପାଇଁ ଯେଉଁସବୁ ପ୍ଲାଟ୍‌ଫର୍ମ ଅଛି ସାହିତ୍ୟରେ, ସେସବୁକୁ ସଠିକ୍ ଭାବେ ଏକ୍ସପ୍ଲୋର୍ କରିବାର ସମୟ ଆସିଛି । ମୁଁ ଯଦି ଜଣେ ନୂଆ ପ୍ରତିଭାକୁ ପଢୁଛି ଓ ଜାଣୁଛି ଯେ ସେ ଲେଖୁଛି ବୋଲି । ଏବଂ ଭଲ ଲେଖୁଛି । ତାକୁ ମୁଁ ପ୍ରୋତ୍ସାହନ ଦେଉଛି । ସମାନ ଭାବରେ ସେଇ ନୂଆ ପ୍ରତିଭା ଜଣକ ମଧ୍ୟ ମୋତେ ପଢ଼ିବା ଦରକାର ଓ ମୋତେ ଜାଣିବା ଦରକାର । କିନ୍ତୁ ଏପରି ଘଟୁ ନାହିଁ । ଏହା ଘଟିଲେ ହିଁ ସାହିତ୍ୟର ବାତାବରଣ ନାତିଶୀତୋଷ୍ଣ ହୋଇ ପାରିବ । ନହେଲେ ଅଧିକ ଥଣ୍ଡାରେ ଥରହର ବା ଅତ୍ୟଧିକ ଗରମରେ ଶିଝିବା ସାର ହେବ ।

ଶ୍ରଦ୍ଧା ଓ ଆଦର ଏବେ ଯେଉଁ ପରିମାଣରେ ନବପ୍ରତିଭାଙ୍କୁ ମିଳୁଛି, ତତ୍‌ସହିତ ପ୍ରକାଶନର ଅବାଧ ସୁଯୋଗ, ତାହା ଆମ ବେଳକୁ ନଥିଲା । ଅର୍ଥାତ୍ ମୁଁ ଯେତେବେଳେ ନବପ୍ରତିଭାଟିଏ ଥିଲି, ସେତେବେଳେ ଆମକୁ କୋଉ ସମ୍ପାଦକ 'ଲେଖାଟିଏ ଦିଅ' ବୋଲି ମାଗୁନଥିଲେ କି ଆମ ହାତ ଧରି କେଉଁ ବରିଷ୍ଠ ଲେଖକ ବାଟ କଢାଇ ନଥିଲେ । ସେତେବେଳେ ମଧ୍ୟ ଅବାଧ ପ୍ରକାଶନର ମାଧ୍ୟମ ସବୁ ନଥିଲା କି ଚଟାପଟ ଟାଇପ୍ କରିବାର ସାଧନ ନଥିଲା । ଆମକୁ କଲମ ଧରି କାଗଜ ଉପରେ ଲେଖି ତାକୁ ପୁଣି ଉତାରି ଏକ୍ସଟ୍ରା କପି କରି ରଖିବାକୁ ପଡୁଥିଲା ।  ଡାକଘରକୁ ଯାଇ ପଠାଇବା ପରେ ଅନିଶ୍ଚିତତା ଭିତରେ କଟୁଥିଲା- ଛପାଯିବ କି ନାହିଁ ! ଆଜି ଭଳି ଫୋନ୍ କି ହ୍ୱାଟ୍‌ଆପ୍‌ରେ ପଚାରି ବୁଝିବାର ସୁଯୋଗ ବା ସାହସ ନଥିଲା ।

ସେପରି ଏକ ସମୟକୁ ସାମ୍ନା କରି ଏକାକୀ ସଂଘର୍ଷ କରି ସାହିତ୍ୟରେ ତିଷ୍ଠି ରହିବା ଛୋଟ କଥା ନୁହେଁ । ସେଇଥିପାଇଁ କହିବାକୁ ଚାହିଁବି, ଆଜିର ସମୟରେ ନୂଆପିଢ଼ିମାନେ ଆଗାମୀ ବର୍ଷ ବର୍ଷ ଧରି ତିଷ୍ଠି ରହିବାକୁ ଶପଥବଦ୍ଧ ହୁଅନ୍ତୁ- ଏହା ହିଁ ହେବ ସାହିତ୍ୟ ପ୍ରତି ଆମର ଉତ୍ତର-ଦାୟିତ୍ୱ ।



SMILE GOLD
JEWELLERS



Making
**Flat 50% OFF**
On Gold Ornaments

**Flat 25% OFF**
On Diamond Ornaments

Making
**Flat 50% OFF**
On Silver Ornaments

**Flat 20% OFF**
On Branded Watches

## Saheed Nagar, Bhubaneswar

Mob: 9438019696, 9438029797
Ph.: 0674-2969696, 2969797

The REBATI AMA MATIRA SWARA ● December 2023 Vol - 6 Issue - 02 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2023-2024 ● Rs. 50
Total Page : 108




Associate editor : **Krushna Kumar Mohanty** Editor : **Subasini Jena**